# ଉତ୍କଳ ପ୍ରସଙ୍ଗ





# ଓଡ଼ିଶାରେ ନେହେରୁ

# ଉତ୍କଳ ପ୍ରସଙ୍ଗ

କାର୍ତ୍ତିକ / ମାର୍ଗଶିର ୧୯୦୯ ଶକାବ୍ଦ ୪୪ ଖଣ୍ଡ ୪ର୍ଥ/୫ମ ସଂଖ୍ୟା ନଭେମ୍ବର/ଡିସେମ୍ବର ୧୯୮

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ : ଶ୍ରୀ ସୁବାସ ପାଣି

ସମ୍ପାଦକ : ସମର ବିଳାସ ପଟ୍ଟନାୟକ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ନୃସିଂହ ପ୍ରସାଦ ଦେବ

**ମୁଖ୍ୟ ସମ୍ପାଦକ**

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

**ପ୍ରଚ୍ଛଦପଟ**

ଶ୍ରୀ ଅନନ୍ତ କୁମାର ପାଣ୍ଡେ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

# ସୂଚୀପତ୍ର


| | | |
|---|---|---|
| ଜବାହରଲାଲ—ଏକ ବହୁମୁଖୀ ପ୍ରତିଭା | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ଜବାହରଲାଲ ନେହେରୁ : ସ୍ମୃତି ତୀର୍ଥ | ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେ | ୩ |
| ସ୍ୱାଧୀନତା ଆନ୍ଦୋଳନରେ ନେହେରୁ | ଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ | ୬ |
| ନେହେରୁଙ୍କ ଅର୍ଥନୈତିକ ବିଚାରଧାରା | ଡକ୍ଟର ବୈଦ୍ୟନାଥ ମିଶ୍ର | ୮ |
| ପଣ୍ଡିତ ନେହେରୁଙ୍କ ନୀତି ଓ ଚିନ୍ତାଧାରା | ଡକ୍ଟର ସତ୍ୟନାରାୟଣ ରାଜଗୁରୁ | ୧୧ |
| ଏକ ପରିପୂର୍ଣ୍ଣ ମାନବିକତା | ଶ୍ରୀ ଉଦୟ ନାଥ ଷଡ଼ଙ୍ଗୀ | ୧୪ |
| ଜବାହରଲାଲ ଓ ଅଣଗୋଷ୍ଠୀ ନୀତି | ଶ୍ରୀମତୀ ସ୍ମିତା ମିଶ୍ର | ୧୬ |
| ଯୁଗଜ୍ୟୋତି ଜବାହରଲାଲ | ପଣ୍ଡିତ ଶ୍ରୀ ଉପେନ୍ଦ୍ର ନାଥ ହୋତା | ୨୦ |
| ଉଜ୍ଜିଳି ଉଠି | ଶ୍ରୀ ରାମ ପ୍ରସାଦ ମହାନ୍ତି | ୨୪ |
| ଜବାହରଙ୍କ ବାହୁବନ୍ଧନରେ ଗୋଟିଏ ମୁହୂର୍ତ୍ତ | ଡକ୍ଟର ସୁଧାଂଶୁ କୁମାର ନାୟକ | ୨୫ |
| ଜବାହରଙ୍କ ବାଲ୍ୟ ଓ କୈଶୋର ଜୀବନ | ଡକ୍ଟର ଜଗନ୍ନାଥ ମହାନ୍ତି | ୨୭ |
| ଶିଶୁ ମନ କାଚ ଅଇନା | ଶ୍ରୀମତୀ କ୍ଷୀରମଣୀ ପ୍ରଧାନ | ୩୦ |
| ମହାମାନବର ଶିଶୁ ପ୍ରେମ | ଶ୍ରୀମତୀ ମନୋରମା ମିଶ୍ର | ୩୪ |
| ପାଷାଣର ପ୍ରତିମା ଓ ଫଳକରେ | ମୁଖ୍ୟମନ୍ତ୍ରୀ | ୩୬ |
| ଏ ମାଟିର ଶିଶୁ | ଡକଟର କୃଷ୍ଣ ନନ୍ଦ | ୩୮ |
| ନେହେରୁଙ୍କ କାରାବାସ ସାଥୀ | ଶ୍ରୀ ନୃସିଂହ ପ୍ରସାଦ ଦେବ | ୪୨ |
| ସାର୍ଥକ ସ୍ୱପ୍ନ | | ୪୬ |
| ସମ୍ବାଦ ପରିକ୍ରମା | | ୫୧ |
| ପିଲାଙ୍କ ପାଇଁ ଡାକ ଟିକଟ ସଂଗ୍ରହ | ଶ୍ରୀ ସହଦେବ ସାହୁ | ୬୧ |
| ଶିଶୁ ରୋଗ ହୁପିଙ୍ଗ କାଶ | ଡକ୍ଟର ଚତୁର୍ଭୁଜ ନାୟକ | ୬୪ |
| ଶିଶୁ ଶ୍ରମିକ ସୁରକ୍ଷା ଆଇନ | ଜେନାମଣି ଲକ୍ଷ୍ମୀକାନ୍ତ | ୬୬ |
| ଶିଶୁଙ୍କ ପାଇଁ ପୁଷ୍ଟି ଶିକ୍ଷା | ଶ୍ରୀମତୀ ଅନ୍ନପୂର୍ଣ୍ଣା ପ୍ରଧାନ | ୭୦ |
| ଭଦ୍ର ଦେଶର ବନ୍ଦର ଟେଲିଟାଏ | ଶ୍ରୀ ଆଶୁତୋଷ ପ୍ରସାଦ ପଟ୍ଟନାୟକ | ୭୨ |



# ମୋ ଦୃଷ୍ଟିରେ ....

୧୯୮୮ ବର୍ଷର ବିଦାୟ ବେଳାରେ କାର୍ତ୍ତିକ—ମାର୍ଗଶିର ଶୀତ ଦିନେ ଉତ୍କଳ ପ୍ରସଙ୍ଗ ତା'ର ଅଗଣିତ ପାଠକ ପାଠିକାଙ୍କୁ ହାର୍ଦ୍ଦିକ ସମ୍ବର୍ଦ୍ଧନା ଜଣାଇ ଆତ୍ମ ପ୍ରକାଶ କରୁଅଛି ।

ଏହି ନଭେମ୍ବର ମାସ ୧୪ ତାରିଖ ଦିନ ଶହେ ବର୍ଷ ପୂର୍ବେ ଭାରତର ପୁଣ୍ୟତମ ପ୍ରୟାଗ ସହରରେ ପଣ୍ଡିତ ମୋତିଲାଲଙ୍କ ଗୃହରେ ଯେଉଁ ଦୀପଶିଖା ପ୍ରଜ୍ୱଳିତ ହୋଇଥିଲା, ସେହି ଜବାହରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ସ୍ମରଣିକା ସଂଖ୍ୟାଟି ଉତ୍ସର୍ଗୀକୃତ ଏବଂ ଜବାହରଲାଲ ନେହେରୁଙ୍କର ପ୍ରିୟତମ ଶିଶୁମାନଙ୍କୁ ଏହି ସଂଖ୍ୟାରେ ପ୍ରାଧାନ୍ୟ ଦିଆଯାଇଅଛି ।

ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏ ସଂଖ୍ୟାରେ ପଣ୍ଡିତ ନେହେରୁଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ପାଠକମାନଙ୍କୁ ଅବଗତ କରାଇ ଦେଇଛନ୍ତି, ତାଙ୍କର ସ୍ୱଭାବ ସୁଲଭ ମାଧୁର୍ଯ୍ୟପୂର୍ଣ୍ଣ ଭାବାବେଗ ଭାଷାରେ ''ଜବାହର—ଏକ ବହୁମୁଖୀ ପ୍ରତିଭା'' ସନ୍ଦର୍ଭରେ ।

ଓଡ଼ିଶାର ଭୂତପୂର୍ବ ରାଜ୍ୟପାଳ ପଣ୍ଡିତଜୀଙ୍କର ଜଣେ ବିଶିଷ୍ଟ ବନ୍ଧୁ ଥିଲେ । ତାଙ୍କର ନେହେରୁଜୀଙ୍କ ସମ୍ପର୍କରେ ସ୍ମୃତିସ୍ମରଣ ନିଶ୍ଚୟ ଲୋଭନୀୟ ଏବଂ ସେହି ପ୍ରବନ୍ଧ ପ୍ରତି ଆମେ ଆମର ପାଠକଙ୍କର ଦୃଷ୍ଟି ଆକର୍ଷଣ କରିବୁ ।

ସ୍ୱାଧୀନତା ଆନ୍ଦୋଳନର ଚିର ବିପ୍ଳବୀ ଶ୍ରୀ ସୁରେନ୍ଦ୍ରନାଥ ଦ୍ୱିବେଦୀ, ଡକ୍ଟର ସତ୍ୟନାରାୟଣ ରାଜଗୁରୁ, ଡକ୍ଟର ବୈଦ୍ୟନାଥ ମିଶ୍ର ଏବଂ ଅଧ୍ୟାପିକା ସ୍ମିତା ମିଶ୍ର ପଣ୍ଡିତ ନେହେରୁଙ୍କର ଅର୍ଥନୈତିକ ଓ ବୈଦେଶିକ ଚିନ୍ତାଧାରା ସମ୍ପର୍କରେ ଯେଉଁ ଆଲୋକପାତ କରିଛନ୍ତି, ସେଥିରେ ଯେଉଁ ନୂତନତ୍ୱ ରହିଛି, ସେଥିପ୍ରତି ଆମେ ପାଠକଙ୍କର ଦୃଷ୍ଟି ଆକର୍ଷଣ କରୁଛୁ ।

ଏ ସଂଖ୍ୟାରେ ଶିଶୁମାନଙ୍କୁ ପ୍ରାଧାନ୍ୟ ଦିଆଯାଇଛି, ଏ ସମ୍ପର୍କରେ ଡକ୍ଟର ଜଗନ୍ନାଥ ମହାନ୍ତି, ଡକ୍ଟର କୃଷ୍ଣ ନନ୍ଦ, ଶ୍ରୀମତୀ କ୍ଷୀରମଣି ପ୍ରଧାନ ଓ ଡକ୍ଟର ସୁଧାଂଶୁ କୁମାର ନାୟକଙ୍କର ଲେଖାଗୁଡ଼ିକରେ ଗଳ୍ପର ସ୍ୱାଦ ରହିଛି ।

ବିଲରୁ ଏ ବର୍ଷ କୃଷୀ ଭାଇ ଯେଉଁ ଧାନ ଆଦାୟ କରୁଅଛି ତାହାରି ଆନନ୍ଦ ସାଥିରେ ଉତ୍କଳ ପ୍ରସଙ୍ଗ ଆନନ୍ଦ ଲାଭ କରି ସମଗ୍ର ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଉଅଛି ଯେ ସମୟର ସ୍ରୋତରେ ଆଉ ଗୋଟିଏ ବର୍ଷ ଆଡ଼ି ଅତିକ୍ରାନ୍ତ ପ୍ରାୟ ଏବଂ ଏହି ବର୍ଷଟି ଆମ ପ୍ରତି ଋତୁ ଅନୁଯାୟୀ ଯଥେଷ୍ଟ ଗ୍ରୀଷ୍ମ, ବର୍ଷା ଏବଂ ଶୀତ ଯୋଗାଇ ଦେଇ ଆମକୁ ଋଣୀ କରି ରଖିଛି ଜଗନ୍ନାଥଙ୍କ ପାଖରେ ।




# ଜବାହରଲାଲ-ଏକ ବହୁମୁଖୀ ପ୍ରତିଭା

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ପଣ୍ଡିତ ଜବାହରଲାଲ୍ ନେହେରୁ ବିଶ୍ୱରେ ଏ ଯୁଗର ଶ୍ରେଷ୍ଠ ପୁରୁଷମାନଙ୍କ ମଧ୍ୟରେ ଅନ୍ୟତମ । ସେ କେବଳ ଭାରତୀୟ ମୁକ୍ତି ସଂଗ୍ରାମର ନେତା ନ ଥିଲେ, ସେ ଥିଲେ ବିଶ୍ୱର ଦଳିତ ଜନଗଣଙ୍କର ମୁକ୍ତିର ନେତା । ଉପନିବେଶବାଦ ଓ ସାମ୍ରାଜ୍ୟବାଦରୁ ମୁକ୍ତିଲାଭ କରିଥିବା ପୃଥିବୀର ଶହଶହ ଦେଶ ଯେଉଁ ଆଦର୍ଶବାଦକୁ ଗ୍ରହଣ କରିଥିଲେ, ପଣ୍ଡିତ ନେହେରୁ ଥିଲେ ତାହାର ଅଗ୍ରଦୂତ । ତେଣୁ, ସେ ବିଶ୍ୱ ଶାନ୍ତି ପାଇଁ ଆହ୍ୱାନ ଦେଇଥିଲେ । ଗୌତମ ବୁଦ୍ଧଙ୍କର ଅହିଂସା ମାର୍ଗକୁ ସମ୍ରାଟ ଅଶୋକ ଯେପରି ଗ୍ରହଣ କରିଥିଲେ, ସେହିପରି ମହାତ୍ମା ଗାନ୍ଧୀଙ୍କ ପ୍ରଦର୍ଶିତ ଅହିଂସା ଓ ଶାନ୍ତିର ମାର୍ଗକୁ ସାରା ବିଶ୍ୱରେ ଅନୁସରଣ କରାଇବା ପାଇଁ ପଣ୍ଡିତ ନେହେରୁ ଦୃଢ଼ ସଙ୍କଳ୍ପ ନେଇଥିଲେ ।

ଭାରତବର୍ଷ କେଉଁ ପଥ ଅନୁସରଣ କରି ଆଗେଇ ଚାଲିବ, ତାହା ପଣ୍ଡିତ ନେହେରୁ ପାର୍ଲିଆମେଣ୍ଟରେ ଏବଂ ସାରା ଦେଶରେ ବିଭିନ୍ନ ଭାଷଣରେ ଦର୍ଶାଇ ଥିଲେ । ସେ କହିଥିଲେ ଯେ ଭାରତବର୍ଷ ଜାତୀୟତାବାଦ ଓ ଧର୍ମ ନିରପେକ୍ଷତା ଗ୍ରହଣ କରିବ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତବାସୀ ସମାନ । ଦେଶର ସମସ୍ତ ନାଗରିକଙ୍କର ସମାନ ଅଧିକାର ରହିଛି । ଏହାକୁ ସାବ୍ୟସ୍ତ ନ କଲେ ଭାରତବର୍ଷର ଏକତା ଓ ଅଖଣ୍ଡତା କଦାପି ସମ୍ଭବପର ହେବ ନାହିଁ । ସେ ପୁଣି କହିଥିଲେ ଯେ ଆମକୁ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଗ୍ରହଣ କରିବାକୁ ପଡ଼ିବ । ଜନସାଧାରଣଙ୍କ ସାବାଳକ ଭୋଟ ଜରିଆରେ ନିର୍ବାଚିତ ସରକାର ଦ୍ୱାରା ଦେଶ ତଥା ରାଜ୍ୟରେ ଶାସନ ବ୍ୟବସ୍ଥା ପ୍ରବର୍ତ୍ତିତ କରିବାକୁ ହେବ । ଏପରିକି ପଞ୍ଚାୟତ ସ୍ତରରେ ମଧ୍ୟ ଏହି ପ୍ରଥା ଅନୁଯାୟୀ ଗଣତନ୍ତ୍ର ଶାସନ ପ୍ରତିଷ୍ଠା କରିବାକୁ ହେବ । କେବଳ କେନ୍ଦ୍ରରେ ବା ରାଜ୍ୟମାନଙ୍କରେ କ୍ଷମତା କେନ୍ଦ୍ରୀଭୂତ ହୋଇ ରହିବା ଠିକ୍ ନୁହେଁ । ତେଣୁ ପଞ୍ଚାୟତ ଶାସନ ପଦ୍ଧତି ପ୍ରବର୍ତ୍ତନ ଦ୍ୱାରା ଜନସାଧାରଣଙ୍କ ନିକଟରେ କ୍ଷମତା ପହଞ୍ଚାଇବାକୁ ପଡ଼ିବ ।

ନେହେରୁଜୀ ଭାରତର ଅର୍ଥନୈତିକ ବିକାଶ ପାଇଁ ସମାଜବାଦର ଆହ୍ୱାନ ଦେଇଥିଲେ । ସମାଜବାଦ ନୀତି ପ୍ରଚଳନ ଦ୍ୱାରା ସେ ଘୋଷଣା କରିଥିଲେ ଯେ ଭାରତର ଜନସାଧାରଣଙ୍କ ମଧ୍ୟରେ ଥିବା ଅର୍ଥନୈତିକ ପାର୍ଥକ୍ୟକୁ ଦୂର କରିବାକୁ ହେବ । ଆଞ୍ଚଳିକ ତଥା ବ୍ୟକ୍ତିଗତ ବୈଷମ୍ୟ ଲୋପ କରିବା ଦ୍ୱାରା ସମାଜବାଦ ପ୍ରତିଷ୍ଠା ସମ୍ଭବ ହେବ । ସେଥିପାଇଁ ତାଙ୍କରି ସମୟରେ ଜମିଦାରୀ ଉଚ୍ଛେଦ ଆଇନ୍ ଓ ଭୂ-ସଂସ୍କାର ଆଇନ୍ ସାରା ଭାରତବର୍ଷରେ ବ୍ୟାପକ ଭାବରେ ପ୍ରଯୁକ୍ତ ହୋଇଥିଲା ।

ଶିଳ୍ପ ସମ୍ପର୍କରେ ନେହେରୁଜୀ କହିଥିଲେ ଯେ ବ୍ୟକ୍ତିଗତ ପ୍ରଚେଷ୍ଟାରେ ପ୍ରତିଷ୍ଠିତ ପୁଞ୍ଜିବାଦର ପ୍ରାଧାନ୍ୟ ଲୋପ କରିବା ପାଇଁ ଭାରତବର୍ଷରେ ଶିଳ୍ପାୟନକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ହେବ । ସମସ୍ତ ବଡ଼ବଡ଼ ଶିଳ୍ପ କାରଖାନା ରାଷ୍ଟ୍ର ପକ୍ଷରୁ ପ୍ରତିଷ୍ଠା କରିବାକୁ ପଡ଼ିବ । ଶିଳ୍ପ କ୍ଷେତ୍ରରେ ରାଷ୍ଟ୍ର ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ, ଯଦ୍ୱାରାକି ପୁଞ୍ଜିବାଦକୁ ନିୟନ୍ତ୍ରିତ

କରାଯାଇ ପାରିବ ଏବଂ ଜନସାଧାରଣଙ୍କ ଅର୍ଥରେ ଦେଶର ବହୁ କ୍ଷୁଦ୍ର ଓ କୁଟୀର ଶିଳ୍ପର ପ୍ରସାର ଘଟି ପାରିବ ।

ଆଜି ଯେଉଁ ଗୋଷ୍ଠୀ ନିରପେକ୍ଷତା ପୃଥିବୀରେ ଏକ ପ୍ରଧାନ ଶକ୍ତି ରୂପେ ଗଢ଼ି ଉଠିଛି, ତା' ପଛରେ ରହିଛି ପଣ୍ଡିତ ନେହେରୁଙ୍କର ବରିଷ୍ଠ ଅବଦାନ । ସେ କହିଥିଲେ, ପୃଥିବୀରେ ଭାରତବର୍ଷର ଏକ ସ୍ୱତନ୍ତ୍ର ଭୂମିକା ରହିଛି । ଗୋଷ୍ଠୀ ବିବାଦରୁ ବାରମ୍ବାର ଜନ୍ମ ନେଉଥିବା ବିଶ୍ୱ ଯୁଦ୍ଧକୁ ଏଡ଼ାଇବା ପାଇଁ ଭାରତ ସମସ୍ତ ଗୋଷ୍ଠୀର ଉର୍ଦ୍ଧ୍ୱରେ ରହି ଗୋଷ୍ଠୀ ନିରପେକ୍ଷ ଭୂମିକା ଗ୍ରହଣ କରିବ । ଏହା ସାମ୍ରାଜ୍ୟବାଦ ତଥା ଉପନିବେଶବାଦରୁ ମୁକ୍ତ ହୋଇଥିବା ସମସ୍ତ ରାଷ୍ଟ୍ରର ଏକ ପ୍ରଧାନ ନୀତି ହୋଇ ରହିବ । ପୃଥିବୀରେ ବିଶ୍ୱଯୁଦ୍ଧ ହେବ ନାହିଁ ଏବଂ ଶାନ୍ତିର ବାର୍ତ୍ତା ପ୍ରସ୍ତୁତ ହୋଇ ପାରିବ । ଏହା ନକାରାତ୍ମକ ନୁହେଁ, ସକାରାତ୍ମକ । ଏହାଦ୍ୱାରା ବିଶ୍ୱଶାନ୍ତି ପ୍ରତିଷ୍ଠା, ସାମ୍ରାଜ୍ୟବାଦ, ବର୍ଣ୍ଣ ବୈଷମ୍ୟ ଓ ଉପନିବେଶବାଦର ଲୋପ ହେବା ସମ୍ଭବ ହେବ । ଏଥିପାଇଁ ନେହେରୁଜୀ ଭାରତର ମୁକ୍ତି ସଂଗ୍ରାମର ନେତା ତଥା ପ୍ରଧାନମନ୍ତ୍ରୀ ଭାବରେ ଆଜୀବନ ସଂଗ୍ରାମ କରି ଆସିଥିଲେ ।

ଅର୍ଥନୈତିକ କ୍ଷେତ୍ରରେ ପଣ୍ଡିତ ଜବାହରଲାଲ୍ ସମାଜବାଦ ନୀତିକୁ ଯେପରି ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ କରିଥିଲେ, ସେହିପରି ଗ୍ରାମାଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ଲାଗି ଗ୍ରାମଗୋଷ୍ଠୀ ଉନ୍ନୟନ ପ୍ରଥା ଦେଶରେ ପ୍ରଚଳନ କରିଥିଲେ । ପଞ୍ଚାୟତ ହେଉଛି ରାଜନୈତିକ କ୍ଷମତା ଏବଂ ଗ୍ରାମଗୋଷ୍ଠୀ ଉନ୍ନୟନ ହେଉଛି ଅର୍ଥନୈତିକ କ୍ଷମତା । ପଞ୍ଚାୟତ ସ୍ତରରେ ଏ ଉଭୟ କ୍ଷମତା ଜନସାଧାରଣଙ୍କ ହାତକୁ ଆସିବା ପାଇଁ ସେ ସର୍ବବିଧ ଉଦ୍ୟମ କରିଥିଲେ । କୃଷକ ତଥା ଶ୍ରମିକମାନଙ୍କୁ ଶୋଷଣରୁ ମୁକ୍ତ କରିବା ପାଇଁ ସେ ବହୁ କାର୍ଯ୍ୟକ୍ରମ ପ୍ରଚଳନ କରିଥିଲେ । ସେହିପରି, ମହିଳାମାନଙ୍କୁ ସମାଜରେ ସମାନ ଅଧିକାର ଦେବା ପାଇଁ ଏବଂ ଯୁବଶକ୍ତିର ଜାଗରଣ ପାଇଁ ସେ ବହୁ ପଦକ୍ଷେପ ଗ୍ରହଣ କରିଥିଲେ ।

ଆଜି ଆମର ଯେଉଁ ଭୁବନେଶ୍ୱର ସହରରେ ପଣ୍ଡିତ ନେହେରୁଙ୍କ ଜନ୍ମ ଶତବାର୍ଷିକୀ ଉତ୍ସବ ପାଳନ କରାଯାଉଛି, ସେ ନିଜେ ସେହି ସହରର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ଅଳ୍ପ ଦିନ ମଧ୍ୟରେ ଜବାହରଲାଲ୍‌ଙ୍କର ଏକ ପ୍ରତିମୂର୍ତ୍ତି ଭୁବନେଶ୍ୱରର ଏକ ସୁଯୋଗ୍ୟ ସ୍ଥାନରେ ଉନ୍ମୋଚନ କରାଇବା ପାଇଁ ଆମର କାର୍ଯ୍ୟକ୍ରମ ରହିଛି ।

ପଣ୍ଡିତ ଜବାହରଲାଲ୍ ଓଡ଼ିଶାରେ ହୀରାକୁଦ ବନ୍ଧ ଯୋଜନାର ଶୁଭ ଦେଇଥିଲେ । ହୀରାକୁଦ ବନ୍ଧ ନିର୍ମାଣ ସମ୍ପୂର୍ଣ୍ଣ ନ ହେବା ପୂର୍ବରୁ ୧୯୫୫ ମସିହାରେ ଓଡ଼ିଶାରେ ଏକ ବଡ଼ ଧରଣର ବନ୍ୟା ହୋଇଥିଲା । ଏଥିରେ ଓଡ଼ିଶାର ଧନ ଜୀବନ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିଲା । ସେତେବେଳେ କଟକ କିଲାପଡ଼ିଆରେ ଏକ ସାଧାରଣ ସଭା ଅନୁଷ୍ଠିତ ହେଲା । ସେହି ସଭାରେ ପଣ୍ଡିତ ଜବାହରଲାଲ୍ ଉଦ୍‌ବୋଧନ ଦେଇଥିଲେ । ସାଧାରଣତଃ ଦୁର୍ବିପାକ ଘଟିଥିବା ସମୟରେ ଲୋକମାନଙ୍କୁ ସାନ୍ତ୍ୱନା ଦେବାପାଇଁ ପ୍ରଥମେ କୁହା ଯାଇଥାଏ– ଜନସାଧାରଣଙ୍କୁ ମୁଁ ସାନ୍ତ୍ୱନା ଦେଉଛି କିମ୍ବା ସହାନୁଭୂତି ଜଣାଉଛି । କିନ୍ତୁ ଏହି ସଭାରେ ପଣ୍ଡିତ ନେହେରୁ ତାଙ୍କ ଭାଷଣ ଆରମ୍ଭରେ କହିଲେ– ଆପଣମାନେ ସମସ୍ତେ ଅତିଶୟ ଶୋକାଭିଭୂତ । ଆଶ୍ଚର୍ଯ୍ୟର କଥା ଯେ ଆ ଲୋକମାନେ ଯେପରି କାନ୍ଦନ୍ତି, ଆପଣମାନେ ସେମିତି କାନ୍ଦୁଛନ୍ତି । ଏ ମହାନଦୀ ହେଉଛି ଆପଣମାନଙ୍କର । ମହାନଦୀର ବନ୍ୟାରେ ଯେଉଁ ମୃତ୍ତିକା ଆସେ, ସେଥିରେ ଓଡ଼ିଶା ଗଢ଼ା ହୋଇଛି । ତେଣୁ, ଆପଣମାନେ ସେଥିରେ ଆଦୌ ବିବ୍ରତ ହେବାର କାରଣ ନାହିଁ, ଶୋକାଭିଭୂତ ହେବାର ପ୍ରଶ୍ନ ଉଠୁ ନାହିଁ । ଆପଣମାନେ ସମସ୍ତେ ମହାନଦୀର ସନ୍ତାନ । ଏହିପରି ବୀରତ୍ୱ ବ୍ୟଞ୍ଜକ ଭାଷାରେ ନେହେରୁଜୀ ସଭାମଞ୍ଚରୁ ଉଦ୍‌ବୋଧନ ଦେଇଥିଲେ । କାରଣ ସେ ଥିଲେ ବୀରତ୍ୱର ପ୍ରତୀକ । ଜନସାଧାରଣଙ୍କର ମନୋବଳ ଯେପରି ଭାଙ୍ଗି ନ ଯିବ, ସେଥିପାଇଁ ବିପଦ ଆପଦ ସମୟରେ ସେ ଲୋକଙ୍କ ନିକଟରେ ପହଞ୍ଚି ଉତ୍ସାହ ଦେଉଥିଲେ । ଜନସାଧାରଣଙ୍କ ପାଇଁ ସେ ଅବିରତ ପରିଶ୍ରମ କରୁଥିଲେ, ସଂଗ୍ରାମ କରୁଥିଲେ ।

ପଣ୍ଡିତ ଜବାହରଲାଲ୍ ତାଙ୍କର ଦେହାବସାନ ପୂର୍ବରୁ ଇଂରାଜୀରେ ଯେଉଁ କେତୋଟି ଧାଡ଼ି ଲେଖି ନିଜ ଟେବୁଲ୍ ଉପରେ ରଖିଦେଇ ଯାଇଥିଲେ, ତାହା ହେଉଛି, ପ୍ରସିଦ୍ଧ ଆମେରିକୀୟ କବି ରବର୍ଟ ଫ୍ରଷ୍ଟଙ୍କର ରଚନା । ତାହାର ଓଡ଼ିଆ ଅନୁବାଦ ଏହିପରି–


ସୁନ୍ଦର ଯେତିକି ଅନ୍ଧାର ସେତିକି
ଏହି ଯେ ଗହନ ବନ
ତେଣୁ ତୁ ଆପଣା ସଙ୍କଳ୍ପେ ଅଟଳ
ଅଚଳ ରହରେ ମନ ।
ଆଗରେ ପଡ଼ିଛି ପଥ ବହୁ ଦୂର
ଆହୁରି କେତେ ଯେ ବାକି
ଚାଲିବି ଚାଲିବି ନ ପଡ଼ିବି ଥକି
ମୁଦିବା ଆଗରୁ ଆଖି ॥

ପଣ୍ଡିତ ଜବାହରଲାଲ୍ ନେହେରୁ ଜୀବନରେ ବହୁ ପଥ ଅତିକ୍ରମ କରିଛନ୍ତି । ତଥାପି, ଆହୁରି ଅନେକ ପଥ ରହି ଯାଇଛି । ଆଜି ସେହି ବଳକା ପଥ ଅତିକ୍ରମ କରିବା ପାଇଁ ଭାରତବାସୀ ପଣ୍ଡିତ ନେହେରୁଙ୍କ ଆଦର୍ଶ ତଥା ସ୍ମୃତିରେ ଜାଗରିତ ହେବା ଦରକାର । ଏହାହିଁ ହେବ ସେହି ପୁଣ୍ୟ ପୁରୁଷଙ୍କ ପ୍ରତି ଆମର ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

[ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣରୁ ସଂଗୃହୀତ]



ଓଡ଼ିଶାର ଆଦିବାସୀଙ୍କ ଗହଣରେ...



# ଜବାହରଲାଲ୍ ନେହେରୁ : ସ୍ମୃତିତୀର୍ଥ

ଶ୍ରୀ ବିଶ୍ୱମ୍ଭର ନାଥ ପାଣ୍ଡେ

ନାଗପୁରର ଅଜାଣି କେନ୍ଦ୍ରୀୟ କାରାଗାରରେ ୧୯୨୩ରେ ମୁଁ ବନ୍ଦୀ ଜୀବନ ଯାପନ କରୁଥାଏ । ମୋ ସହିତ ସହ ବନ୍ଦୀ ରୂପେ ଥାଆନ୍ତି ବିନୋବା ଭାବେ, ସତ୍ୟଦେବ ବିଦ୍ୟାଳଙ୍କାର ଏବଂ ଡ଼ଃ ଘିଆ, ଡ଼ଃ ଦେଶାଇ ଓ ଡ଼ଃ ହରଡ଼ିକାରଙ୍କ ଭଳି ଚିକିତ୍ସକମାନେ । କାରାଗାରରେ ଥିବା କୁଇନାଇନ୍‌ଫ୍ୟାକ୍ଟ୍ରିରେ ଆମମାନଙ୍କ ମଧ୍ୟରୁ ଅନେକଙ୍କୁ କୁଇନାଇନ୍ ଟାବ୍‌ଲେଟ୍ ତିଆରି କରିବାର ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା । ସ୍ୱାଭାବିକ ଭାବରେ ଆମେ ସର୍ବଦା ରାଜନୀତି ଚର୍ଚ୍ଚା କରୁଥିଲୁ । ହାର୍ଡ଼ିକାର କେବଳ ଗୋଟିଏ ବିଷୟ ଆଲୋଚନା କରୁଥିଲେ—କଂଗ୍ରେସର ଶୃଙ୍ଖଳାବଦ୍ଧ ଶକ୍ତି ରୂପେ ସତ୍ୟାଗ୍ରହୀମାନଙ୍କୁ କିପରି ସଂଗଠିତ କରାଯିବ, କିପରି ତାଲିମ୍ ଦିଆଯିବ । ସେ ଅନୁଭବ କରୁଥିଲେ ପ୍ରତି କଂଗ୍ରେସ ଅଧିବେଶନରେ ସ୍ୱେଚ୍ଛାସେବୀ ଗ୍ରହଣ କରାଯାଉଛି, ସେମାନଙ୍କ ପୋଷାକପତ୍ର ବାବଦ ପ୍ରଚୁର ଅର୍ଥବ୍ୟୟ କରାଯାଉଛି, ଏବଂ ସେମାନଙ୍କୁ ସ୍ୱଳ୍ପକାଳ ତାଲିମ୍ ଦିଆଯାଉଛି ମାତ୍ର ଅଧିବେଶନ ପରେ ସେମାନେ କୁଆଡ଼େ ଅନ୍ତର୍ଦ୍ଧାନ ହୋଇ ଯାଉଛନ୍ତି । ତେଣୁ ଗୋଟିଏ ସ୍ଥାୟୀ ସଂଗଠନ ସୃଷ୍ଟି କରାଯିବା ଉଚିତ ନୁହେଁକି ?

କୁଇନାଇନ୍ କାରଖାନା ଆଲୋଚନାକୁ ଭିତ୍ତିକରି ସେବାଦଳ ପ୍ରକଳ୍ପ ରୂପାୟିତ ହେଲା । ଏଥି ନିମନ୍ତେ ହାର୍ଡ଼ିକରଙ୍କୁ ସମ୍ବିଧାନ ପ୍ରଣୟନର ଦାୟିତ୍ୱ ଦିଆଗଲା । ପରବର୍ତ୍ତୀ କଂଗ୍ରେସ ଅଧିବେଶନର ଆବାହକ ରୂପେ ତାଙ୍କୁ ମନୋନୀତ କରାଗଲା । ସେବାଦଳର ପ୍ରଥମ ସମ୍ମେଳନ ୧୯୨୩ ମସିହା ଡ଼ିସେମ୍ବରରେ ଜବାହରଲାଲ୍ ନେହେରୁଙ୍କ ସଭାପତିତ୍ୱରେ ଆନ୍ଧ୍ରପ୍ରଦେଶର କାକିନାଡ଼ାରେ ଅନୁଷ୍ଠିତ ହେଲା । ପ୍ରଥମ ଥର ପାଇଁ ସେଠାରେ ମୁଁ ତାଙ୍କର ବ୍ୟକ୍ତିଗତ ସମ୍ପର୍କରେ ଆସିଲି ।

କାକିନାଡ଼ା କଂଗ୍ରେସ ଗୋଟିଏ ସ୍ୱେଚ୍ଛାସେବୀ ପରିଷଦ ମନୋନୀତ କଲା । ସମୟକ୍ରମେ ହିନ୍ଦୁସ୍ଥାନୀ ସେବାଦଳର ଭିତ୍ତି ସୁଦୃଢ଼ ହେଲା । ଦଳର ପୋଷାକ ପରିହିତ ସ୍ୱେଚ୍ଛାସେବୀମାନେ କଂଗ୍ରେସ କାର୍ଯ୍ୟାବଳୀ ସୁଶୃଙ୍ଖଳରୂପେ ପରିଚାଳିତ କରିବା, ରାସ୍ତାଘାଟରେ ଜନନିୟନ୍ତ୍ରଣ କରିବା ଏବଂ ନିୟୁତ ନିୟୁତ ଲୋକ ସମବେତ ହୋଇଥିବା କଂଗ୍ରେସ ନଗରରେ ଶୃଙ୍ଖଳାରକ୍ଷା କରିବାର ଦୃଶ୍ୟମାନ ସାଧାରଣ ମନେ ହେଲା । ତାଲିମ୍‌ପ୍ରାପ୍ତ ସ୍ୱେଚ୍ଛାସେବୀମାନଙ୍କର ଉପସ୍ଥିତି ପତାକା ଉତ୍ତୋଳନ, କଂଗ୍ରେସ ସଭାପତିମାନଙ୍କୁ "ଗାର୍ଡ଼ ଅଫ୍ ଅନର୍" ପ୍ରଦାନ ଭଳି ଉତ୍ସବଗୁଡ଼ିକର ମର୍ଯ୍ୟାଦା ବୃଦ୍ଧି କଲା । ଜବାହରଲାଲ୍ ନେହେରୁ ସେବାଦଳକୁ ଏତେ ସମ୍ମାନ ପ୍ରଦାନ କରୁଥିଲେ ଯେ ୧୯୨୮ ମସିହାରେ କଲିକତାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ ସ୍ୱେଚ୍ଛାସେବୀମାନଙ୍କର ଅଧିନାୟକ ହେଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ।

୧୯୩୦ ମସିହାରେ କଂଗ୍ରେସ ଯେତେବେଳେ ଲବଣ ସତ୍ୟାଗ୍ରହ ଆରମ୍ଭ କଲା ସର୍ବସାଧାରଣ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀରୂପେ ଯୋଗ ଦେଲେ । ସେହି ମସିହାର ଫେବ୍ରୁୟାରୀ ମାସରେ ଏଲାହାବାଦ୍‌ରେ ଏକ ସ୍ୱେଚ୍ଛାସେବୀ ତାଲିମ୍ ଶିବିର ଅନୁଷ୍ଠିତ ହେଲା । ଜବାହରଲାଲ୍ ନେହେରୁ କଂଗ୍ରେସ୍ ସଭାପତି ଥିଲେ ମଧ୍ୟ ସେବାଦଳ ପୋଷାକ ପିନ୍ଧି ସେ ଦୈନିକ ଡ୍ରିଲ୍ ଓ ପରେଡ଼୍‌ରେ ଏବଂ ନେତାମାନଙ୍କ ମଧ୍ୟରେ ଥିବା ପ୍ରତିବନ୍ଧକ ଦୂର କରିଥିଲେ । ଶ୍ରୀ ପ୍ରକାଶ, ଏସ୍.କେ.ଡି.ପଲିୱାଲ୍, ସମ୍ପୂର୍ଣ୍ଣାନନ୍ଦ ଓ ଉତ୍ତରପ୍ରଦେଶର ଅନ୍ୟାନ୍ୟ ନେତାମାନେ ପରେଡ଼୍‌ରେ ମଧ୍ୟ ଅଂଶ ଗ୍ରହଣ କରିଥିଲେ ।

ପରେଡ଼୍ ଓ ଶିବିର ଉଦ୍‌ଯାପନୀ ମନୋରଞ୍ଜନ ଉତ୍ସବରେ ଜବାହରଲାଲ୍ ନେହେରୁ ଅଧିନାୟକଙ୍କର ଆଦେଶ ପାଳନ କରୁଥିଲେ । ମୋର ସ୍ମରଣ ଅଛି ଗୋଟିଏ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଧିନାୟକ ତାଙ୍କୁ ସଙ୍ଗୀତଟିଏ ଗାନ କରିବା ପାଇଁ ନିର୍ଦ୍ଦେଶ ଦେଲେ । ଆମେ ସମସ୍ତେ

ଜାଣିଥିଲୁ ଯେ ସଙ୍ଗୀତରେ ତାଙ୍କର ପାରଦର୍ଶୀତା ନଥିଲା । ମାତ୍ର ତାଙ୍କର ସହିଷ୍ଣୁତାର ପରିଚୟ ଦେବା ପାଇଁ ସେ ଆପ୍ରାଣ ଚେଷ୍ଟା କଲେ । ଏଭଳି ସାମ୍ୟଚେତନା ସ୍ୱେଚ୍ଛାସେବୀମାନଙ୍କୁ ଲାଠି ଓ ବୁଲେଟ୍‌ର ସାମ୍ନା ହେବା ପାଇଁ ଅନୁପ୍ରାଣିତ କରିଥିଲା ।

ଉଦ୍‌ଯାପନ ଉତ୍ସବରେ ତାଲିମ୍ ପାଉଥିବା ଶିକ୍ଷାର୍ଥୀମାନଙ୍କୁ ଉଦ୍‌ବୋଧନ ଦେବା ପାଇଁ ନେହେରୁଙ୍କୁ ଅନୁରୋଧ କରାଯିବାରୁ ସେ ତାଙ୍କର ସ୍ମରଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ—''ଯେତେଦିନ ପର୍ଯ୍ୟନ୍ତ ଜଣେ ନେତା ନିଜକୁ ସ୍ୱେଚ୍ଛାସେବୀ ବୋଲି ମନେ କରୁଥିବ ସେତେଦିନ ପର୍ଯ୍ୟନ୍ତ ସେ ଜନସାଧାରଣଙ୍କୁ ଯଥେଷ୍ଟ ତ୍ୟାଗ ସ୍ୱୀକାର କରିବା ପାଇଁ ଉଦ୍‌ବୁଦ୍ଧ କରିପାରିବ । ଯେତେବେଳେ ତା'ମନରୁ ସ୍ୱେଚ୍ଛାସେବୀ ଭାବ ଅନ୍ତର୍ହିତ ହେବ ସେହି ମୁହୂର୍ତ୍ତରୁ ସେ ଆଉ କର୍ମୀ ପଦବାଚ୍ୟ ହେବ ନାହିଁ ଏବଂ ଯେଉଁ ମୁହୂର୍ତ୍ତରୁ ସେ କର୍ମୀ ପଦବାଚ୍ୟ ହେବ ନାହିଁ ସେହି ମୁହୂର୍ତ୍ତରୁ ତା'ର ନେତୃତ୍ୱର ମୃତ୍ୟୁ ଘଟିବ ।''

**କୃଷକମାନଙ୍କ ଗହଣରେ ଯାତ୍ରା**—ଅସହଯୋଗ ଆନ୍ଦୋଳନର ପ୍ରଥମ ପର୍ଯ୍ୟାୟରେ ଗୋଟିଏ ତହସିଲ୍‌ରେ ଗଣ ଅସହଯୋଗ ଆନ୍ଦୋଳନ ପରିଚାଳିତ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟିମାନଙ୍କୁ କଂଗ୍ରେସ କାର୍ଯ୍ୟକାରୀ କମିଟି ନିର୍ଦ୍ଦେଶ ଦେଲେ । ଗୁଜୁରାଟ ଓ ଉତ୍ତରପ୍ରଦେଶ କଂଗ୍ରେସ ଏଥି ନିମନ୍ତେ ଯଥାକ୍ରମେ ବାରଦୋଲି ଓ ହାଣ୍ଡିଆ ତହସିଲ୍ ଦୁଇଟି ପସନ୍ଦ କଲେ ।

୧୯୨୮ର ପ୍ରାରମ୍ଭ କାଳରେ ଗଣ ଖଜଣା ବିରୋଧୀ ସତ୍ୟାଗ୍ରହର ପ୍ରସ୍ତୁତି ସ୍ୱରୂପ ହାଣ୍ଡିଆରେ ଗଣ ଯୋଗାଯୋଗ କାର୍ଯ୍ୟକ୍ରମ ଧାର୍ଯ୍ୟ କରାଯାଇଥିଲା । ଖଦୀ ଉତ୍ପାଦନ କେନ୍ଦ୍ର ପ୍ରତିଷ୍ଠା, ଅସ୍ପୃଶ୍ୟତା ନିରାକରଣ, ହିନ୍ଦୁ ମୁସଲମାନ ଐକ୍ୟ ଦୃଢ଼ୀକରଣ, ନିଶାନିବାରଣ ଆନ୍ଦୋଳନକୁ ମଜଭୁତ କରି ଗଢ଼ିବା, ବିଦେଶୀ ବସ୍ତ୍ର ସଂପୂର୍ଣ୍ଣ ରୂପେ ବାସନ୍ଦ କରିବା, ସ୍ୱେଚ୍ଛାସେବୀ ଗ୍ରହଣ କରିବା ଓ ସତ୍ୟାଗ୍ରହ ସମୟରେ ଆବଶ୍ୟକ ହେଲେ ନିଜର ଜମି ହରାଇବା ପାଇଁ କୃଷକମାନଙ୍କ ଠାରୁ ଅଙ୍ଗୀକାର ନେବା ନିମନ୍ତେ କାର୍ଯ୍ୟକ୍ରମରେ ବ୍ୟବସ୍ଥା ଥିଲା ।

ଜବାହରଲାଲ୍ ନେହେରୁ ଏବଂ ପୁରୁଷୋତ୍ତମ ଦାସ ଟଣ୍ଡନ୍ ଅପରାହ୍ଣରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଗ୍ରାମ ସଭାରେ ଭାଷଣ ଦେଉଥିଲେ । ଲୋକମାନଙ୍କ ସହିତ ଯୋଗାଯୋଗ ପ୍ରତିଷ୍ଠା କରୁଥିଲେ ଏବଂ ସଂଧ୍ୟା ସମୟରେ ଏଲ୍ଲାବାଦ୍‌କୁ ଫେରି ଯାଉଥିଲେ । କେତେକ ସପ୍ତାହ ପରେ ଜବାହରଲାଲ୍ ନେହେରୁ ତହସିଲ୍‌ରେ ବୁଲିବୁଲି ଭ୍ରମଣ କରିବା ପାଇଁ ସ୍ଥିର କଲେ । କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଉଦ୍ଦୀପନା ଜାଗିଗଲା । ଗ୍ରାମବାସୀଙ୍କୁ ଜଣାଇ ଦିଆଗଲା ଯେ ନେହେରୁ ସପ୍ତାହଯାକ ତହସିଲ୍‌ରେ ଅତିବାହିତ କରିବେ ଏବଂ ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏ ପଦବ୍ରଜରେ ଯାତ୍ରା କରିବେ । କେତେ ବର୍ଷ ପୂର୍ବରୁ ସେ ପ୍ରତାପଗଡ଼ ଓ ରାଏବରେଲୀ ଜିଲ୍ଲାରେ ଏଭଳି କରିଥିଲେ ।

ଜବାହରଲାଲ୍ ନେହେରୁ ହାଣ୍ଡିଆରେ ଟ୍ରେନ୍‌ରୁ ଅବତରଣ କରି ସହସା ରକ୍ଷିପୁରକୁ ବୁଲିବୁଲି ଯାତ୍ରା ଆରମ୍ଭ କଲେ । କେତେକ ସ୍କୁଲ ଛାତ୍ରଙ୍କ ସମେତ ସହସ୍ର ସହସ୍ର ଲୋକ ତାଙ୍କ ପଛରେ ଚାଲିଲେ । ସେ ରାସ୍ତାରେ ଅଟକିଲେ ଏବଂ କ୍ଷେତରେ କାମ କରୁଥିବା କୃଷକମାନଙ୍କ ସହିତ କଥା ହେଲେ । ସେମାନେ ଯେଉଁ ଯନ୍ତ୍ରପାତି ବ୍ୟବହାର କରୁଥିଲେ ସେଗୁଡ଼ିକୁ ପରୀକ୍ଷା କଲେ । ସେ ସାର, ଶସ୍ୟ ଉତ୍ପାଦନ, ଋଣ ସମସ୍ୟା, ଜମିଦାରଙ୍କ ମନୋଭାବ ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ଓ ସେମାନଙ୍କର ଅଭ୍ୟାସ ସମ୍ପର୍କରେ ଆଲୋଚନା କଲେ । କୃଷକମାନେ ଆନନ୍ଦର ସହିତ ତାଙ୍କ ପ୍ରଶ୍ନର ଉତ୍ତର ଦେଲେ । ପୂର୍ବରୁ ଆଉ କେହି ଏତେ ସହାନୁଭୂତିର ସହିତ ସେମାନଙ୍କ ଅବସ୍ଥା ବୁଝି ନଥିଲେ । ଅନେକ ସ୍ଥାନରେ ନିଜର ଦୁରବସ୍ଥା ବର୍ଣ୍ଣନା କରୁକରୁ ଲୋକମାନେ ଭାଙ୍ଗି ପଡ଼ିଥିଲେ । ନେହେରୁ ସେମାନଙ୍କୁ ଦୁର୍ଦ୍ଦଶାର ମୁକାବିଲା କରିବା ପାଇଁ ପ୍ରୋତ୍ସାହିତ କରିଥିଲେ ।

ଅପରାହ୍ଣରେ କେନ୍ଦ୍ରସ୍ଥଳରେ ଅବସ୍ଥିତ ଗୋଟିଏ ଗ୍ରାମରେ ସଭା ଅନୁଷ୍ଠିତ ହୋଇଥିଲା । ଜବାହରଲାଲ୍ ଦଳାଦଳ କରି ଲୋକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ସେମାନଙ୍କ ଦୁଃଖ ଦୁର୍ଦ୍ଦଶାର କାରଣ ବିଶ୍ଳେଷଣ କରିଥିଲେ । ଖଦୀ ପରିଧାନ ତଥା ନିଶାପାନ ଓ ଅସ୍ପୃଶ୍ୟତା ଦୂରୀକରଣ ଦ୍ୱାରା ମଣିଷ ଆତ୍ମନିର୍ଭରଶୀଳ ହୋଇପାରିବ ବୋଲି ଗାନ୍ଧୀଜୀଙ୍କ ବାର୍ତ୍ତା ସେମାନଙ୍କୁ ସେ ଶୁଣାଇଥିଲେ । ତା'ପରେ ସେ ଆସନ୍ନପ୍ରାୟ ଖଜଣା ବିରୋଧୀ ସତ୍ୟାଗ୍ରହରେ ଅଂଶ ଗ୍ରହଣ କଲେ । ସେମାନଙ୍କୁ ତ୍ୟାଗପୂତ ଜୀବନ ଯାପନ ପାଇଁ ଉଦ୍‌ବୋଧନ ଦେଇଥିଲେ । ସେମାନେ ଯେ ବର୍ବର ଦମନଲୀଳାର ଶିକାର ନ ହେବେ ଏ ସମ୍ପର୍କରେ ନେହେରୁ ସତର୍କ କରାଇଥିଲେ ।

ହାଣ୍ଡିଆ ତହସିଲ୍‌ର ଅଧିକାଂଶ ଗ୍ରାମ ଏବଂ ଫୁଲପୁର ଓ ସୋରାମ ତହସିଲ୍‌ର କେତେକାଂଶରେ ସେ ପଦଯାତ୍ରା କରିଥିଲେ । ଏହା କୃଷକମାନଙ୍କ ମନରେ ଗଭୀର ରେଖାପାତ କରିଥିଲା । ୧୯୩୨ରେ ଖଜଣା ନ ଦେବା ପାଇଁ ଯେତେବେଳେ ଆହ୍ୱାନ ଦିଆଗଲା ସେତିକିବେଳେ ଏହାର ଫଳାଫଳ ଜଣାପଡ଼ିଲା । ସହସ୍ର ସହସ୍ର କୃଷକ ସେମାନଙ୍କ ଜମି ହରାଇଥିଲେ । ମେସିନ୍‌ଗନ୍ ଧରି ସୈନ୍ୟବାହିନୀ ସୋରମ, ଫୁଲପୁର ଓ ହାଣ୍ଡିଆ ରାସ୍ତାରେ ମାର୍ଚ୍ଚ କରିଥିଲେ । ଖଜଣା ଦେବା ପାଇଁ ସେ କୃଷକମାନଙ୍କୁ ଭୟଭୀତ କରିଥିଲେ ମଧ୍ୟ ଏଥିରେ ସେମାନେ ତ୍ରସ୍ତ ହୋଇ ନଥିଲେ । ସୈନ୍ୟବାହିନୀର ଅଗ୍ରଭାଗରେ ଇଂରେଜ ସୈନ୍ୟମାନେ ଥିଲେ । ଗ୍ରାମବାସୀଙ୍କ ଆଡକୁ ମେସିନ୍‌ଗନ୍ ଦେଖାଇ ସେମାନେ ଶଙ୍କିତ କରିଥିଲେ । ମାତ୍ର ସୈନ୍ୟବାହିନୀର ପଶ୍ଚାତ୍ ଭାଗରେ ଥିବା ଜାଠବାହିନୀ କୃଷକମାନଙ୍କୁ ବୁଝାଇଥିଲେ ଯେ ସେମାନଙ୍କୁ ଶଙ୍କିତ କରିବା ପାଇଁ ଏଇ ତାମସା ଆୟୋଜିତ ହୋଇଛି । ଜୱାନ୍‌ମାନେ ଗ୍ରାମବାସୀଙ୍କୁ କହିଥିଲେ ଯେ କୃଷକମାନଙ୍କ ପ୍ରତି ସେମାନଙ୍କର ସହାନୁଭୂତି ରହିଛି । ସେମାନେ ମଧ୍ୟ କୃଷକ ବଂଶର ।

**ତାଙ୍କ ଘର ସହରରେ**—୧୯୬୦ରେ ଜବାହରଲାଲ୍ ନେହେରୁ ଯେତେବେଳେ ଏହ୍ଲାବାଦ୍ ଭ୍ରମଣରେ ଆସିଲେ, ସେତେବେଳେ ମୁଁ ତାଙ୍କ ସହରର ମେୟର ଥିଲି । ୨୫ ବର୍ଷ ପୂର୍ବରୁ ସେ ଏହ୍ଲାବାଦ୍ ମ୍ୟୁନିସିପାଲ୍ ବୋର୍ଡର ଚେୟାରମ୍ୟାନ ଥିଲେ । ସହରର ଅଭିବୃଦ୍ଧି ନିମନ୍ତେ ସେ ଉତ୍ସାହର ସହିତ ଯୋଜନା ପ୍ରସ୍ତୁତ କରିଥିଲେ । ତାଙ୍କ ସମୟରେ ନାନାବିଧ ଉନ୍ନୟନ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ମ୍ୟୁନିସିପାଲିଟି ଫାଇଲରେ ସେ ନାଗରିକ ଶାସନ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ପ୍ରଦାନ କରିଥିଲେ । ଆଗ୍ରହର ସହିତ ମୁଁ ସେ ସବୁ ଅଧ୍ୟୟନ କଲି । ଗୋଟିଏ ମନ୍ତବ୍ୟରେ ଲେଖାଯାଇଥିଲା:

''ପ୍ରକୃତ ନାଗରିକ ଆଦର୍ଶର ଲକ୍ଷ୍ୟ ହେଉଛି ନଗର ପାଳିକାର ସୁବିଧାଗୁଡ଼ିକ ସାମୂହିକ ଭାବେ ସୁରକ୍ଷା କରିବା ଓ ଉପଭୋଗ କରିବା । ସେଥି ପାଇଁ ଜଣେ ନାଗରିକର ସବୁ କିଛି ସୁବିଧା ପୂରଣ କରିବା ପର୍ଯ୍ୟନ୍ତ ଏଇ ସୁବିଧା ସୁଯୋଗ ବୃଦ୍ଧି ପାଉଥାଏ । ଗୋଟିଏ ଆଧୁନିକ ନଗର ପାଳିକା ରାସ୍ତାଘାଟ, ସେତୁ, ଆଲୋକ ବିନ୍ୟାସ, ଜଳଯୋଗାଣ, ନାଳନର୍ଦ୍ଦମାଦି ପରିଷ୍କରଣ, ଚିକିତ୍ସାଳୟ ଓ ଚିକିତ୍ସା ପାଇଁ ସାହାଯ୍ୟ, ଶିକ୍ଷା, ପାର୍କ, ମନୋରଞ୍ଜନ ପ୍ରାନ୍ତର, କ୍ରୀଡ଼ା, ଯଥା ସ୍ଥାନରେ ଯାଦୁଘର, ଆର୍ଟ ଗ୍ୟାଲେରୀ, ପ୍ରେକ୍ଷାଗୃହ, ସଙ୍ଗୀତାଦି ବ୍ୟବସ୍ଥାରେ ମନୋନିବେଶ କରିବା ଉଚିତ । ସବୁ ନାଗରିକମାନଙ୍କୁ ବିନାମୂଲ୍ୟରେ ଏଇ ସବୁ ସୁବିଧା ସୁଯୋଗ ପ୍ରଦାନ କରାଯିବା ବାଞ୍ଛନୀୟ ।

କେତୋଟି ସପ୍ତାହ ପୂର୍ବରୁ ମୁଁ ତାଙ୍କୁ ଜଣାଇଥିଲି ଯେ ଏହ୍ଲାବାଦ୍ ମ୍ୟୁନିସିପାଲିଟି ବୋର୍ଡ ମ୍ୟୁନିସିପାଲ୍ କର୍ପୋରେସନ୍ ବା ନଗର ନିଗମ ସ୍ତରକୁ ଉନ୍ନୀତ ହୋଇଛି ଏବଂ ମୁଁ ଏହାର ମେୟର ବା ନଗରପାଳ ରୂପେ ନିର୍ବାଚିତ ହୋଇଛି । ମୋ ଚିଠିର ଉତ୍ତରରେ ସେ ଲେଖିଥିଲେ:



ପ୍ରିୟ ବିଶ୍ୱମ୍ଭରନାଥ,

ତୁମକୁ ଏବଂ ଏହ୍ଲାବାଦ୍ ନଗର ନିଗମର ଅନ୍ୟ ନବନିର୍ବାଚିତ ସଦସ୍ୟମାନଙ୍କୁ ମୋର ଅଭିନନ୍ଦନ ।

ଏହ୍ଲାବାଦ୍ ନଗର ପାଳିକା ସହିତ ସଂପୃକ୍ତ ହେବା ଦିନରୁ ମୁଁ ନଗର ନିଗମ ଓ ନଗର ପାଳିକା ତଥା ଅନୁରୂପ ଅନୁଷ୍ଠାନଗୁଡ଼ିକ ସଂପର୍କରେ ଗଭୀର ଅନୁରାଗ ପୋଷଣ କରିଛି । ରାଜ୍ୟ ଓ ରାଷ୍ଟ୍ରର କାର୍ଯ୍ୟକଳାପ ନିୟନ୍ତ୍ରଣ କରୁଥିବା ବିଧାନ ପ୍ରଣୟନକାରୀ ସଂସଦ ବା ଅନୁରୂପ ସଂସ୍ଥାଗୁଡ଼ିକ ଅପେକ୍ଷା ଏଇ ସବୁ ସଂଗଠନ ଜନଜୀବନ ସହିତ ମଣିଷକୁ ଘନିଷ୍ଠ ଭାବେ ସଂପୃକ୍ତ କରିବା ଭଳି ପ୍ରତୀତ ହୁଏ । ତୁମେ ଦିଲ୍ଲୀରେ ରହିଲେ ସାଧାରଣ ମଣିଷ ଠାରୁ ଯଥେଷ୍ଟ ଦୂରକୁ ଚାଲିଯାଅ । ସତେ ଯେମିତି କେଉଁ ବିଧାନ ପର୍ବତର ଶୃଙ୍ଗ ଉପରେ ବସି କେବେ କେବେ ତୁମେ ସାଧାରଣ ମଣିଷକୁ ଦୂରବୀକ୍ଷଣରେ ଲକ୍ଷ୍ୟ କରୁଥାଅ । କିନ୍ତୁ ନଗର ପାଳକମାନେ ସହରବାସୀ ଓ ସେମାନଙ୍କ ସମସ୍ୟା ସହିତ ଘନିଷ୍ଠ ଭାବେ ସଂପୃକ୍ତ ହେବା ଭଳି ଅଧିକ ଅନୁରାଗ ଓ ଚିତ୍ତାକର୍ଷକ ବିଷୟ ଆଉ ନାହିଁ । କେବେ କେବେ ବୋଧହୁଏ ମୁଁ ଏଭଳି ବ୍ୟକ୍ତିଙ୍କୁ ଈର୍ଷା କରେ ।

ତୁମର ଶ୍ରଦ୍ଧାଧନ୍ୟ
ଜବାହରଲାଲ୍ ନେହେରୁ

ବର୍ଷକୁ ଦୁଇ ତିନିଥର ଲୋକସଭା ମଣ୍ଡଳୀ ଗସ୍ତ କରିବା ନେହେରୁଙ୍କ ଅଭ୍ୟାସ ଥିଲା । ୧୯୬୦ ଗସ୍ତ କାଳରେ ସେ ଦୁଇ ଦିନ ଏହ୍ଲାବାଦ୍‌ରେ ରହିଥିଲେ ଏବଂ ନିର୍ବାଚନ ମଣ୍ଡଳୀର କେତୋଟି ସଭାରେ ଉଦ୍‌ବୋଧନ ଦେଇଥିଲେ । ସହରରେ ମଧ୍ୟ ସେ ଗୋଟିଏ ସଭାରେ ଉଦ୍‌ବୋଧନ ଦେଇଥିଲେ । ମୁଁ ତାଙ୍କୁ ଟଣ୍ଡନ୍‌ଙ୍କ ଉଦ୍‌ବେଗଜନକ ଅସୁସ୍ଥତା ସମ୍ପର୍କରେ ଜଣାଇଥିଲି । ନେହେରୁ ଅପରାହ୍ନରେ ତାଙ୍କୁ ସାକ୍ଷାତ କରିବା ପାଇଁ ସ୍ଥିର କଲେ ଏବଂ ମୋତେ ତାଙ୍କ ସହିତ ଯିବାକୁ କହିଲେ । ରାସ୍ତାରେ ଯିବା ସମୟରେ ସେ ମୋତେ ବସ୍ତି ସଫେଇ ସମ୍ପର୍କରେ ପ୍ରଶ୍ନ କଲେ । ନିଗମର ଗୃହ ନିର୍ମାଣ ଓ ଅନ୍ୟାନ୍ୟ କାର୍ଯ୍ୟାବଳୀ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ । ଆମେ ଯେତେବେଳେ ନବନିର୍ମିତ ସଂକୀର୍ଣ୍ଣ ରାସ୍ତାରେ ଯାଉଥିଲୁ ସେ ଆମ ନଗର ଯୋଜନାକାରୀଙ୍କୁ କଠୋର ସମାଲୋଚନା କରିଥିଲେ ।

"ଏଇ ଲୋକମାନଙ୍କର ଅଭିଦୃଷ୍ଟି ନାହିଁ । ସେମାନେ ମାତ୍ର ପାଞ୍ଚ ବା ଦଶ ବର୍ଷ ଆଗକୁ ଦେଖୁଛନ୍ତି । ଅନ୍ତତଃ ଶହେ ବର୍ଷ ଆଗକୁ ସେମାନେ ଦେଖିବା ଉଚିତ୍ । ଏଇ ରାସ୍ତାଗୁଡ଼ିକ କେବେ ପରିକଳ୍ପିତ ହୋଇଥିଲା" ।

—"ଦ୍ୱିତୀୟ ବିଶ୍ୱଯୁଦ୍ଧର ଅବ୍ୟବହିତ ପରେ" ।

—"ସେଗୁଡ଼ିକର ପ୍ରସ୍ଥ ଅତି ବେଶୀରେ ୪୦ ଫୁଟ ଭିତରେ" ।

—"ପାର୍ଶ୍ୱ ରାସ୍ତାଗୁଡ଼ିକର ପ୍ରସ୍ଥ ୪୦ ଫୁଟ ଏବଂ ପ୍ରଧାନ ରାସ୍ତାଗୁଡ଼ିକର ପ୍ରସ୍ଥ ୬୦ ଫୁଟ" । ମୁଁ ଉତ୍ତର ଦେଲି ।

—"ଏହା ଗମନାଗମନ ସମସ୍ୟା ସୃଷ୍ଟି କରିବ", ପଣ୍ଡିତ୍‌ଜୀ କହିଲେ ଏବଂ ତାଙ୍କ ଯୁକ୍ତିକୁ ପ୍ରତିଷ୍ଠିତ କଲେ । "ମହାସମର ପରେ ଋଷ ନଗର ଯୋଜନାକାରୀମାନେ ମସ୍କୋରେ ୩,୦୦ ଫୁଟ ପ୍ରସ୍ଥ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କଲେ । କେବଳ ଇଂରେଜ ଓ ଫରାସୀ ନଗର ଯୋଜନାକାରୀମାନେ ସେମାନଙ୍କୁ ବିଦ୍ରୂପ କଲେ । ମାତ୍ର ୧୦ ବର୍ଷ ପରେ ଲଣ୍ଡନ୍ ଓ ପ୍ୟାରିସ୍‌ର ରାସ୍ତା ଜନାକୀର୍ଣ୍ଣ ହେଲା । ମସ୍କୋରେ କୌଣସି ସମସ୍ୟା ଦେଖାଦେଲା ନାହିଁ । କେବେ ମସ୍କୋ ଗଲେ ତୁମେ ନିଜେ ଏହା ଦେଖିପାରିବ" ।

ସେ କହିଲେ, ନଗରପାଳ ଥିବା ସମୟରେ ସେ ପ୍ରସିଦ୍ଧ ନଗର ଯୋଜନାକାରୀ ଏଚ୍: ଭି: ଲାଙ୍କେଷ୍ଟର୍‌ଙ୍କ ଉପରେ ଏହ୍ଲାବାଦ୍ ସର୍ବେକ୍ଷଣ କରି ନଗର ପରିକଳ୍ପନାର ପ୍ରଶସ୍ତ ରୂପରେଖ ପ୍ରସ୍ତୁତ କରିବାର ଦାୟିତ୍ୱ ନ୍ୟସ୍ତ କରିଥିଲେ । ଲାଙ୍କେଷ୍ଟର୍ ଅନେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ ମଧ୍ୟ ନଗର ଯୋଜନାକାରୀମାନେ ସେ ସବୁ କାର୍ଯ୍ୟକାରୀ କରିନଥିଲେ ।

ମୁଁ କହିଲି: 'ପଣ୍ଡିତ୍‌ଜୀ, ଏହ୍ଲାବାଦ୍‌ରେ ଆମର ଆଖିଦୃଶିଆ କୋଠାବାଡ଼ି ନାହିଁ । ସେଥି ପାଇଁ ବଡ ସହର ରୂପେ ଏହାର ଗୁରୁତ୍ୱ ଉପଲବ୍ଧ ହେଉ ନାହିଁ । କେନ୍ଦ୍ର ସରକାରଙ୍କର କେତୋଟି କାର୍ଯ୍ୟାଳୟ କ'ଣ ଏଠାରେ ସ୍ଥାପିତ ହୋଇ ପାରିବ ନାହିଁ"?

ସେ ଉତ୍ତର ଦେଲେ, "କେତେକ ବ୍ୟକ୍ତିଙ୍କର ଧାରଣା ସହରକୁ ସୁରମ୍ୟ କରିବା ପାଇଁ ବିଶାଳ ସୌଧର ଆବଶ୍ୟକତା ରହିଛି । ସହରକୁ ସୁରମ୍ୟ କରିବାହିଁ ଗୁରୁତ୍ୱପୂର୍ଣ୍ଣ ମାତ୍ର ସୁରମ୍ୟ କରିବାର ଅର୍ଥ ନୁହେଁ ଯେ ବଡ ବଡ ସୌଧନିର୍ମାଣ କରିବା" ।

କିଛି ସମୟ ନୀରବ ରହି ସେ କହିଲେ, "ଏହ୍ଲାବାଦ୍ ଗଙ୍ଗା, ଯମୁନା ଭଳି ଦୁଇଟି ପବିତ୍ର ନଦୀ ସୁରମ୍ୟ ସଙ୍ଗମ ପୀଠ, ଏହା କ'ଣ ତୁମ ମନରେ ପରିତୃପ୍ତି ଆଣୁ ନାହିଁ"?





# ସ୍ୱାଧୀନତା ଆନ୍ଦୋଳନରେ ନେହେରୁ

ଶ୍ରୀ ସୁରେନ୍ଦ୍ରନାଥ ଦ୍ୱିବେଦୀ

ଭାରତରେ ସ୍ୱାଧୀନତା ଆନ୍ଦୋଳନରେ ତିନି ଜଣ ମହାରଥୀ ଥିଲେ । ମହାତ୍ମା ଗାନ୍ଧୀ, ଜବାହରଲାଲ୍ ନେହେରୁ ଓ ନେତାଜୀ ସୁବାସଚନ୍ଦ୍ର ବୋଷ । ସ୍ୱାଧୀନତାର ମୂଳ ଲକ୍ଷ୍ୟ ଥିଲା ଏ ଦେଶରୁ ବ୍ରିଟିଶ୍ ଶାସନ ଲୋପ କରିବା ଏବଂ ପୂର୍ଣ୍ଣ ସ୍ୱରାଜ୍ୟ ସ୍ଥାପନ କରିବା । ଏହା ଥିଲା ସମଗ୍ର ଦେଶବାସୀଙ୍କର ଆନ୍ଦୋଳନ । ଏଥିରେ ଶ୍ରେଣୀ, ଜାତି ଓ ସମ୍ପ୍ରଦାୟ ଭେଦ ନରଖି ସମଗ୍ର ଭାରତବାସୀ ଯୋଗ ଦେଇଥିଲେ ।

ସମଗ୍ର ଭାରତବାସୀଙ୍କର ନେତୃତ୍ୱ ନେଇଥିଲେ ଏହି ତିନି ଜଣ । ଆହୁରି ଅନେକ ରଥୀ ତ ଥିଲେ, ମାତ୍ର ଏହି ତିନି ଜଣଙ୍କର ବୈପ୍ଳବିକ ଚିନ୍ତାଧାରା ସମନ୍ୱୟରେ ଭାରତବାସୀ ସ୍ୱାଧୀନତା ହାସଲ କରିପାରିଲେ । ମହାତ୍ମ ଗାନ୍ଧୀଙ୍କୁ ଜାତିର ଜନକ ବୋଲି କୁହାଯାଏ । କାରଣ ସେ ଏକ ଅଭିନବ ଅହିଂସ ଉପାୟରେ ବିପ୍ଳବ କରିବା ପନ୍ଥା ବାହାର କରିଥିଲେ । ପୂର୍ବରୁ ଦକ୍ଷିଣ ଆଫ୍ରିକାରେ ଗୋରାମାନଙ୍କ ଦୌରାତ୍ମ୍ୟ ବିରୁଦ୍ଧରେ ସେ ସତ୍ୟାଗ୍ରହ ଆନ୍ଦୋଳନ କରି ଯଶସ୍ୱୀ ହୋଇଥିଲେ । ମହାତ୍ମା ଗାନ୍ଧୀ ବିଗ୍ଭରିଲେ ଭାରତର ୩୦ କୋଟି (ସେତେବେଳର ଲୋକସଂଖ୍ୟା) ଅଧିବାସୀଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ଆଗ୍ରହୀ କରିବାର ଏକମାତ୍ର ପନ୍ଥା ହେଉଛି ଅହିଂସା ଓ ଶାନ୍ତିପୂର୍ଣ୍ଣ ଉପାୟ । ନିରସ୍ତ୍ର ଜନତା ହାତରେ ଅସ୍ତ୍ର ଶସ୍ତ୍ର ନଥିବା ବେଳେ ତାର ମନର ଦୃଢ଼ତା ଓ ଶତ୍ରୁର ଦମନର ସମ୍ମୁଖୀନ ହୋଇ ଆତ୍ମବଳୀ ଦେବା ହେଉଛି ପ୍ରଧାନ ଅସ୍ତ୍ର । ମୂଳମନ୍ତ୍ର ହେଲା ଲୋକଙ୍କ ସହଯୋଗରେ ହିଁ ସରକାର ଟିକିଛି । ଲୋକେ ଯଦି ସରକାର ସହିତ ଅସହଯୋଗ କରିବେ, ସରକାରୀ ଆଇନ୍‌କୁ ମାନିବେ ନାହିଁ ଏବଂ ଇଂରେଜଙ୍କର ବେପାର ବଣିଜକୁ ବୟକଟ୍ କରିବେ ତେବେ ସରକାରର ମୁଖୋଦ୍‌ଘାଟନ ନିଶ୍ଚିତ । ଏଥିଲାଗି ଦୀର୍ଘକାଳ ଲାଗିପାରେ । ବହୁ କଷ୍ଟ ଓ ନିର୍ଯ୍ୟାତନା ସହିବାକୁ ପଡ଼ିପାରେ । ମାତ୍ର ବିଜୟ ସୁନିଶ୍ଚିତ । ମହାତ୍ମା ଗାନ୍ଧୀଙ୍କର ସଫଳତା ଓ ଅଭିଜ୍ଞତା ଭାରତର ସତ୍ୟାଗ୍ରହ ଆନ୍ଦୋଳନକୁ ପରିଗ୍ଭଳନା କରିବାରେ ବହୁ ସାହାଯ୍ୟ କରିଥିଲା । ୧୯୨୦ରୁ ଅସହଯୋଗ ଆନ୍ଦୋଳନର ସୂତ୍ରପାତ ହେଲା ଏବଂ ୧୯୪୭ ବେଳକୁ ଇଂରେଜ ସରକାର ହଟିଯାଇ ଭାରତୀୟଙ୍କ ହାତରେ ଶାସନ କ୍ଷମତା ହସ୍ତାନ୍ତର କରିଗଲେ । ଏତେ ବଡ଼ ବିରାଟ ଦେଶର ସ୍ୱାଧୀନତା ମାତ୍ର ୨୭ ବର୍ଷର ଅସହଯୋଗ ଓ ସତ୍ୟାଗ୍ରହ ଆନ୍ଦୋଳନରେ ଯେ ସଫଳ ହୋଇ ପାରିଲା ଏହା ପୃଥିବୀ ଇତିହାସରେ ବିରଳ ।

ଏଇ ସ୍ୱାଧୀନତା ଆନ୍ଦୋଳନର ମୂଳମନ୍ତ୍ର ହେଲା ଅହିଂସ ଅସହଯୋଗ । ମହାତ୍ମା ଗାନ୍ଧୀ ଅହିଂସ ପନ୍ଥାର ଅଗ୍ରଦୂତ ଥିଲେ । କିନ୍ତୁ ନେତାଜୀ ସୁବାସଚନ୍ଦ୍ର ବୋଷ ଓ ଜବାହରଲାଲ୍ ନେହେରୁ ପୂର୍ଣ୍ଣଭାବରେ ଅହିଂସା ଗ୍ରହଣ ନକରିଥିଲେ ସୁଦ୍ଧା ଶାନ୍ତିପୂର୍ଣ୍ଣ ଉପାୟରେ ସଂଗ୍ରାମ କରିବାର ଆବଶ୍ୟକତା ବୁଝିଥିଲେ । ସେଇଥି ଲାଗି ସେମାନେ ଗାନ୍ଧିଜୀଙ୍କ ନେତୃତ୍ୱକୁ ସ୍ୱୀକାର କଲେ । ସୁବାସବାବୁ ଆଇ.ସି.ଏସ୍. ପଦବୀ ଛାଡ଼ି ସିଧା ସଳଖ ଗାନ୍ଧିଜୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗଦେଲେ । ତାଙ୍କର ନେତୃତ୍ୱ କଂଗ୍ରେସ ଭିତରେ ଓ ବାହାରେ ବହୁ ସମର୍ଥନ ଲାଭ କରିଥିଲା । ଏପରିକି ଗାନ୍ଧିଜୀଙ୍କ ବିରୋଧରେ ଅଧିକ ସଂଖ୍ୟକ ଭୋଟ୍ ପାଇଁ ଡ଼ଃ ପଟ୍ଟାଭି ସୀତାରାମାୟାଙ୍କୁ ପରାସ୍ତ କରି ସେ ଦ୍ୱିତୀୟ ଥର ଲାଗି କଂଗ୍ରେସର ସଭାପତି ହୋଇ ପାରିଥିଲେ ।ଏଇଠାରୁ ସେ ଗାନ୍ଧିଜୀଙ୍କର ନେତୃତ୍ୱର ବିରୋଧିତା କଲେ । ଶେଷରେ ସେ ବ୍ରିଟିଶ୍ ସରକାର ଆଖିରେ ଧୂଳି ଦେଇ ଏ ଦେଶ ତ୍ୟାଗ କରି ବିଦେଶରେ ଆଜାଦ୍ ହିନ୍ଦ୍ ଫୌଜ୍ ଗଠନ କଲେ ଏବଂ ବ୍ରିଟିଶ୍ ସରକାର ବିରୋଧରେ ବିଦ୍ରୋହ ଛିଡ଼ା କରାଇଲେ । ଏହି ଆଜାଦ୍ ହିନ୍ଦ୍ ଫୌଜ୍ ପରାଧୀନତା ଶୃଙ୍ଖଳରୁ ଦେଶକୁ ମୁକ୍ତ କରିବା ନିମନ୍ତେ ଅଲୌକିକ ବୀରତ୍ୱ ଦେଖାଇଥିଲେ ଓ ସଶସ୍ତ୍ର ବିରୋଧ କରିଥିଲେ ।

ସେହିପରି ଜବାହରଲାଲ୍ ନେହେରୁ ମଧ୍ୟ ବିଲାତରେ ବହୁକାଳ ରହି ଅଧ୍ୟୟନ କରୁଥିଲେ ଏବଂ ବାରିଷ୍ଟରି ପାଶ୍ କରି ଦେଶକୁ ଆସିଲେ । ଏ ଦେଶରେ ସେତେବେଳେ ଅସହଯୋଗର ହାଉଆ ଉଠୁଥାଏ । ଜବାହରଲାଲ୍ ନାମ୍‌କେ ବାସ୍ତେ ତାଙ୍କ ପିତା ପଣ୍ଡିତ ମୋତିଲାଲ୍‌ଙ୍କ ସହିତ ଆଇନ୍ ବ୍ୟବସାୟ ଆରମ୍ଭ କରିଥିଲେ କିନ୍ତୁ ଗାନ୍ଧୀଜୀ ଓ ପଣ୍ଡିତ ମୋତିଲାଲ୍‌ଙ୍କର ସରକାରୀ ବିରୋଧୀ କାର୍ଯ୍ୟ ତାଙ୍କ ମନକୁ ଆନ୍ଦୋଳିତ କଲା । ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦେଖି ଓ ବ୍ରିଟିଶ୍ ସରକାରର ଦମନ ଲୀଳା ତାଙ୍କ ମନକୁ ଅସ୍ଥିର କରି ପକାଇଲା ।ତେଣୁ ସେ ସ୍ୱରାଜ୍ୟ ସଂଗ୍ରାମରେ ଜଣେ ସାହସୀ ସୈନିକ ଭାବରେ ଯୋଗ ଦେଲେ ।

ମୋତିଲାଲ୍ ନେହେରୁ ଜଣେ ଧନାଢ୍ୟ ବ୍ୟକ୍ତି ଥିଲେ । ତାଙ୍କର ଏକମାତ୍ର ପୁତ୍ର ଥିଲେ ଜବାହରଲାଲ୍ । ତେଣୁ ବିଳାସ ବ୍ୟସନରେ ସେ ଲାଳିତ ପାଳିତ ହୋଇଥିଲେ ଓ ବିଶେଷତଃ ଲଣ୍ଡନ୍‌ରେ ବହୁବର୍ଷ ରହି ଥିବାରୁ ତାଙ୍କର ଭାରତର ଜନସାଧାରଣଙ୍କ ସହିତ କୌଣସି ସମ୍ପର୍କ ରହି ନଥିଲା । ଗାନ୍ଧୀଜୀଙ୍କର ନେତୃତ୍ୱ ସ୍ୱୀକାର କରିବାରୁ ତାଙ୍କୁ ଭୋଗ ବିଳାସ ତ୍ୟାଗ କରିବାକୁ ପଡ଼ିଲା । ସେ ନିଜେ ନୁହନ୍ତି,ତାଙ୍କ ପରିବାରର ସମସ୍ତେ ପଣ୍ଡିତ ମୋତିଲାଲ୍ ନେହେରୁଙ୍କ ସମେତ ଧନ, ଜନ, ଶକ୍ତି ସ୍ୱରାଜ୍ୟ ଯୁଦ୍ଧରେ ହିଁ ବିତାଇ ଦେଲେ । ସାରା ପରିବାର ବହୁବାର କାରାବରଣ କଲେ । ସ୍ୱାଧୀନତା ଇତିହାସରେ ଏହି ପରିବାରର ତ୍ୟାଗ ଓ କାର୍ଯ୍ୟ ଦେଶରେ ବହୁଜନଙ୍କୁ ପ୍ରଭାବିତ କରିପାରିଥିଲା । ୧୯୨୦

ମସିହାରୁ ୧୯୪୭ ମସିହା ପର୍ଯ୍ୟନ୍ତ ସ୍ୱାଧୀନତା ସଂଗ୍ରାମର ପୁରୋଭାଗରେ ଜବାହରଲାଲ୍ ନେହେରୁ ବରାବର ରହିଥିଲେ ।

ସ୍ୱାଧୀନ ସଂଗ୍ରାମର ସୈନିକ ଶ୍ରେଣୀଭୁକ୍ତ ହେଲେ ସିନା ମାତ୍ର ଦରିଦ୍ର ଜନସାଧାରଣଙ୍କ ସହିତ ମିଶି ଓ ତାଙ୍କ ଭାଷାରେ କଥା କହିବା ଏବଂ ସେହିପରି ସାଧା ସରଳ ଭାବରେ ରହିବା ତାଙ୍କ ପକ୍ଷରେ କାଠିକର ପାଠ ଥିଲା । କିନ୍ତୁ ଦୃଢ଼ ମନୋବଳ ଯୋଗୁଁ ସେ ସବୁ ତ୍ୟାଗ କରି ପ୍ରଥମେ ଉତ୍ତରପ୍ରଦେଶରେ କୃଷକମାନଙ୍କ ଭିତରେ କାର୍ଯ୍ୟ ଆରମ୍ଭ କରିଦେଲେ । ଉତ୍ତରପ୍ରଦେଶ ଜାଗିରିଦାର ଓ ତାଲୁକଦାରଙ୍କ କ୍ରୀଡ଼ାଭୂମି ଥିଲା । କୃଷକ ଓ ଜନସାଧାରଣ ଉତ୍ପୀଡ଼ିତ ଓ ଭୟଭୀତ ହୋଇ ରହିଥିଲେ । ଜବାହରଲାଲ୍ ନେହେରୁ ପ୍ରଥମେ ସେଇମାନଙ୍କ ଭିତରେ ପଶି କାର୍ଯ୍ୟ କରି ଏକ ଜବରଦସ୍ତ କୃଷକ ଆନ୍ଦୋଳନ ଛିଡ଼ା କରାଇଦେଲେ । ଜମିଦାର ଓ ତାଲୁକଦାରଙ୍କର ସମର୍ଥକ ଆଥାନ୍ତି ସରକାରୀ କର୍ତ୍ତୃପକ୍ଷ । ଉଭୟ ଶକ୍ତି ମିଳି ଜବାହରଲାଲ୍ ଓ କୃଷକ ଆନ୍ଦୋଳନକୁ ଦବାଇବା ନିମନ୍ତେ ବହୁ ଚେଷ୍ଟା କରିଥିଲେ । ଏଇ ଆନ୍ଦୋଳନରେ ଜବାହରଲାଲ୍ ମାଡ଼ ଖାଇଛନ୍ତି, ନାନା ନିର୍ଯ୍ୟାତନା ସହ୍ୟ କରିଛନ୍ତି ଏବଂ ଏହି ସଂକ୍ରାନ୍ତରେ କାରାବରଣ କରିଛନ୍ତି ମଧ୍ୟ । ଏହା ଫଳରେ କୃଷକମାନଙ୍କ ଭିତରେ ଅଦ୍ଭୁତ ସରକାର ବିରୋଧୀ ଚେତନା ଜାତ ହେଲା ।

ଏହି ପ୍ରସଙ୍ଗ ବର୍ଣ୍ଣନା କରି ଜବାହରଲାଲ୍ ୧୯୨୧ ମସିହା ଜାନୁୟାରୀ ୨୨ ତାରିଖରେ ଇଣ୍ଡିପେଣ୍ଡେଣ୍ଟ ନାମକ ଏକ ଦୈନିକ ଇଂରେଜୀ ପତ୍ରିକାରେ ଲେଖିଥିଲେ ଯେ କୃଷକମାନଙ୍କ ଭିତରେ କାର୍ଯ୍ୟ କରିବାର ସୁଯୋଗ ମୁଁ ପାଇଛି । ମୁଁ ତାଙ୍କ ସାଙ୍ଗରେ ମିଶିଛି । ତାଙ୍କ କଚ୍ଚା କୁଡ଼ିଆରେ ତାଙ୍କ ସହିତ ବାସ କରିଛି । ଏକ ସାଙ୍ଗରେ ମିଶି ଖାଇଛୁ ଓ ପିଇଛୁ । ସେ ଜୀବନ ଭୁଲିବାର ନୁହେଁ । ସେଇ ଜୀବନରୁହିଁ ମୁଁ ପ୍ରକୃତ ଭାରତର ଅନ୍ତରର ଚିତ୍ର ଜାଣି ପାରିଲି । ମୁଁ ହିଂସା ଓ ତରବାରୀ ପନ୍ଥାରେ ବିଶ୍ୱାସ କରୁଥିଲି, କିନ୍ତୁ ଏହି କୃଷକଙ୍କ ଭିତରେ ରହି ସେମାନଙ୍କ ଦ୍ୱାରା ମୁଁ ଏତେ ପ୍ରଭାବିତ ହେଲି ଯେ ହିଂସା ପଥ ଛାଡ଼ିଲି ଏବଂ ଅହିଂସାରେ ବିଶ୍ୱାସ କରିବାକୁ ଲାଗିଲି । ମୁଁ ବୁଝି ପାରିଲି ଯେ କୃଷକମାନଙ୍କ ଭିତରେ ଅହିଂସା ଘର କରି ରହିଛି ଏବଂ ଏହା ସେମାନଙ୍କ ପ୍ରକୃତି ସହିତ ମିଶି ଯାଇଛି । ଏହି ଲେଖାରୁ ବୁଝାଯିବ ଜବାହରଲାଲ୍ ନେହେରୁ ଯାହାଙ୍କର ଗାନ୍ଧୀଜୀଙ୍କର ଅହିଂସା ପଥରେ ପୂର୍ଣ୍ଣ ବିଶ୍ୱାସ ନଥିଲା ସେ କିପରି ଅହିଂସାକୁ ଏକ ଶ୍ରେଷ୍ଠ ନୀତି ଭାବରେ ଆଦରି ନେଲେ । ଭାରତର ଜନସାଧାରଣଙ୍କୁ ରାଜନୀତିକ ଓ ଆର୍ଥିକ ଶୋଷଣରୁ ରକ୍ଷା କରିବା ଏବଂ ସେଥିଲାଗି ସକଳ କଷ୍ଟ ବରଣ କରିବା ତାଙ୍କ ର ମୁଖ୍ୟ କାର୍ଯ୍ୟ ହେଲା ।

ସୁଭାସ ବାବୁ ଗାନ୍ଧୀଜୀଙ୍କ ସହିତ ଭିନ୍ନମତ ପୋଷଣ କରୁଥିବାରୁ କଂଗ୍ରେସକୁ ଛାଡ଼ି ଦେଲେ ଏବଂ ଶତ୍ରୁକୁ ବିନାଶ କରିବା ନିମନ୍ତେ ଶତ୍ରୁର ଶତ୍ରୁକୁ ବନ୍ଧୁ ଭାବରେ ସ୍ୱୀକାର କରି ତାଙ୍କ ସହିତ ମିଶି ଏ ଦେଶକୁ ଇଂରେଜ ସାମ୍ରାଜ୍ୟବାଦରୁ ମୁକ୍ତ କରିବା ନିମନ୍ତେ ଏକ ପ୍ରବଳ ସଂଗଠନ ଠିଆ କରି ପାରିଥିଲେ । ସେ ସବୁ ଅପୂର୍ବ ବୀରତ୍ୱର କାହାଣୀ । କିନ୍ତୁ ଜବାହରଲାଲ୍ ନେହେରୁ ଗାନ୍ଧୀଜୀଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ଅହିଂସ ନୀତିରେ ତାଙ୍କର ପ୍ରଥମ ପୂର୍ଣ୍ଣ ବିଶ୍ୱାସ ନଥିଲା । ମାତ୍ର କୃଷକମାନଙ୍କ ସହିତ ମିଶି ଏବଂ ଏ ଦେଶର ବିରାଟ ଜନ ସଂଗଠନ ଠିଆ କରିବାକୁ ହେଲେ ଅହିଂସ ହିଁ ଏକମାତ୍ର ପନ୍ଥା ଏହା ତାଙ୍କର ହୃଦବୋଧ ହୋଇଥିଲା । ସେଇଥି ଲାଗି ସେ ଶେଷ ପର୍ଯ୍ୟନ୍ତ ଗାନ୍ଧୀଜୀଙ୍କ ନେତୃତ୍ୱକୁ ପୂର୍ଣ୍ଣ ଭାବରେ ଗ୍ରହଣ କରି ନେଇଥିଲେ ।

ନେହେରୁ ଓ ନେହେରୁ ପରିବାରଙ୍କର ଦେଶ ଲାଗି ଅବଦାନ ଅତୁଳନୀୟ । ସ୍ୱାଧୀନତା ସଂଗ୍ରାମର ଇତିହାସ ସହିତ ନେହେରୁଙ୍କର କାର୍ଯ୍ୟାବଳୀ ଓ ଜୀବନ ପୂର୍ଣ୍ଣ ଭାବରେ ଜଡ଼ିତ ହୋଇ ରହିଥିଲା । ଗାନ୍ଧୀଜୀଙ୍କର ସେ ରାଜନୀତିକ ଉତ୍ତରାଧିକାରୀ ବୋଲି ଘୋଷଣା କରାଯାଇଥିଲା । ଗାନ୍ଧୀଜୀଙ୍କର ମୃତ୍ୟୁରେ ନେହେରୁ ଘୋଷଣା କଲେ ଆମ ଆଗରୁ ଆଲୋକ ଦୀପ ଲିଭିଗଲା । ମାତ୍ର ସେହି ଆଲୋକକୁ ଗ୍ରାମେଗ୍ରାମେ ଘରେଘରେ ଜଳାଇ ରଖିବା ଆମର କର୍ତ୍ତବ୍ୟ । ସ୍ୱାଧୀନ ଭାରତରେ ସେଥି ସକାଶେ ଜବାହରଲାଲ୍ ନେହେରୁଙ୍କୁ ନିର୍ବିବାଦରେ ଶ୍ରେଷ୍ଠ ନାୟକ ରୂପେ ତାଙ୍କର ସାଥୀ ଓ ଦେଶବାସୀ ଗ୍ରହଣ କରିନେଲେ । ଜବାହରଲାଲ ସ୍ୱାଧୀନତା ପରେ ମଧ୍ୟ ଏ ଦେଶକୁ ନେତୃତ୍ୱ ଦେଇଥିଲେ ଏବଂ ତାଙ୍କରି ନେତୃତ୍ୱ ଫଳରେ ବ୍ରିଟିଶ ସରକାର ଅନ୍ତର ହୋଇଗଲା ପରେବି କୌଣସି ପ୍ରକାର ବିଭ୍ରାଟ ନ ହୋଇ ଦେଶରେ ସ୍ଥିର ଶାସନ ଚଳିଲା । ଅବଶ୍ୟ ଭାରତ ବିଭାଜନ ଓ ପାକିସ୍ତାନ ଭାରତ ଗଠନ ଏକ ଦୁର୍ଭାଗ୍ୟଜନକ ପରିସ୍ଥିତି । ଗାନ୍ଧୀଜୀ ଦେଶ ବିଭାଜନର ବିରୋଧୀ ଥିଲେ । ମାତ୍ର ଜବାହରଲାଲ, ସର୍ଦ୍ଦାର ପଟେଲ ଓ ମୌଲାନା ଆଜାଦ୍ ପ୍ରମୁଖ ଯେତେବେଳେ ଅନୁଭବ କଲେ ଭାରତର ବିଭାଜନ ଘଟିଲେ ହିଁ ବ୍ରିଟିଶ ସରକାର ଭାରତ ହାତରେ କ୍ଷମତା ସମର୍ପି ଦେବ ସେତେବେଳେ ସେମାନେ କର୍ତ୍ତବ୍ୟ ବୋଧରେ ବାଧ୍ୟ ହୋଇ ଏହା ସ୍ୱୀକାର କଲେ ।

ସ୍ୱାଧୀନତା ପ୍ରାପ୍ତିର ମାତ୍ର ଛଅ ସାତ ମାସ ପରେ ଗାନ୍ଧୀଜୀଙ୍କୁ ହତ୍ୟା କରାଗଲା । ଗାନ୍ଧୀଜୀଙ୍କର ମୃତ୍ୟୁରେ ଦେଶରେ କିଛି ଅସ୍ଥିରତା ବା ଅରାଜକତା ସୃଷ୍ଟି ହୋଇ ପାରିଲା ନାହିଁ । ଜବାହରଲାଲ ନେହେରୁଙ୍କ ନେତୃତ୍ୱରେ ଯେଉଁ ଖଣ୍ଡିତ ଭାରତ ଆମ ହାତକୁ ଆସିଲା ତାକୁ ସମୃଦ୍ଧିଶାଳୀ ଓ ଐକ୍ୟବଦ୍ଧ କରିବା ନିମନ୍ତେ ଅକୁଣ୍ଠିତ ହୃଦୟରେ କାର୍ଯ୍ୟ କରିଗଲେ । ଆମରି ଆଖି ଆଗରେ ଆମରି ସମୟରେ ପାଖ ପଡ଼ୋଶୀ ଦେଶରେ କେତେ ଲଣ୍ଡ ଭଣ୍ଡ ହୋଇ ଯାଇ ନାହାନ୍ତି । କିନ୍ତୁ ଆମ ଦେଶରେ ଗଣତନ୍ତ୍ର ଶାସନ ଦୃଢ଼ ହୋଇ ରହିଛି । ଗଣତାନ୍ତ୍ରିକ ଓ ପାର୍ଲିଆମେଣ୍ଟାରୀ ପଦ୍ଧତିରେ ଅଟଳ ବିଶ୍ୱାସ ଯୋଗୁଁ ଆମ ଦେଶର ମୂଳଦୁଆ ଦୃଢ଼ ହୋଇ ରହିଛି । ଜବାହରଲାଲ ଯେତେ ଲୋକପ୍ରିୟ ହୋଇଥିଲେ ସେ ଇଚ୍ଛା କରିଥିଲେ ଏ ଦେଶକୁ ଏକ ପୁଞ୍ଜିବାଦୀ ଓ କର୍ତ୍ତୃତ୍ୱଭିଳାଷୀ ରାଷ୍ଟ୍ରରେ ପରିଣତ କରି ପାରିଥାନ୍ତେ । କିନ୍ତୁ ଲୋକଙ୍କ ପ୍ରତି ଓ ଦେଶ ପ୍ରତି ଜବାହରଲାଲ ନେହେରୁଙ୍କ ପୂର୍ଣ୍ଣ ବିଶ୍ୱାସ ରହିଥିବାରୁ ସେ ଭାରତର ଗଣତନ୍ତ୍ରକୁ ମଜଭୁତ ରଖିବା ନିମନ୍ତେ ପ୍ରାରମ୍ଭିକ ବ୍ୟବସ୍ଥା କରି ଯାଇଛନ୍ତି । ଏହି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଓ ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ ।

ସେକ୍ଟର-୬,
ରାଉରକେଲା-୨

ଆମର ସବୁଠାରୁ ବଡ଼ ବଡ଼ ସଂପଦ ହେଲ ଜନଶକ୍ତି । ବ୍ୟକ୍ତି ଓ ପରିବାର ଯେପରି ସେମାନଙ୍କର ଅନ୍ତର୍ନିହିତ ଶକ୍ତିର ପୂର୍ଣ୍ଣ ଉପଲବ୍ଧି କରି ପାରିବେ ସେଥିପାଇଁ ଆମକୁ କାର୍ଯ୍ୟକରିବାକୁ ହେବ । ଏଥିଲାଗି ପରିବାର ନିୟୋଜନ, ପୁଷ୍ଟି କାର୍ଯ୍ୟକ୍ରମ, ମହିଳା ଓ ଶିଶୁ କଲ୍ୟାଣ, ରୋଗ ନିୟନ୍ତ୍ରଣ, ପ୍ରାଥମିକ ଓ ପ୍ରୌଢ଼ ଶିକ୍ଷାର ପ୍ରସାର, କ୍ରୀଡ଼ା ଓ ଉନ୍ନତ ଯୋଗାଯୋଗ କାର୍ଯ୍ୟକ୍ରମ ଉପରେ ଆମେ ଗୁରୁତ୍ୱ ଦେବୁ ।



# ନେହେରୁଙ୍କ ଅର୍ଥନୈତିକ ବିଚାରଧାରା

ଡ଼କ୍ଟର ବୈଦ୍ୟନାଥ ମିଶ୍ର

ପଣ୍ଡିତ ଜବାହରଲାଲ୍ ନେହେରୁଙ୍କୁ କେହି ଜଣେ ଅର୍ଥନୀତିଜ୍ଞ ବୋଲି କହିବେ ନାହିଁ । ସେ ହେଉଛନ୍ତି ଜଣେ ରାଷ୍ଟ୍ରନୀତିଜ୍ଞ, କିନ୍ତୁ ଅର୍ଥନୀତି ବିଷୟରେ ତାଙ୍କର ଯେ ଏକ ସ୍ୱତନ୍ତ୍ର ବିଚାରଧାରା ଥିଲା, ଏଥିରେ କୌଣସି ସନ୍ଦେହ ନାହିଁ । ପ୍ରଧାନମନ୍ତ୍ରୀ ହେବାର ବହୁ ପୂର୍ବରୁ ସେ ଏହି ବିଚାରଧାରାକୁ ଭିନ୍ନଭିନ୍ନ କ୍ଷେତ୍ରରେ ଓ ଭିନ୍ନଭିନ୍ନ ରୂପରେ ପ୍ରକାଶ କରିଥିଲେ । କଂଗ୍ରେସ ସଭାପତି ହିସାବରେ ସେ ଯେଉଁ ଭାଷଣ ଦେଇଥିଲେ, ସେଥିରେ ମଧ୍ୟ ଏହି ମତ ଦୃଢ଼ ଭାବରେ ପ୍ରକାଶ ପାଇଥିଲା । ପୁଣି ସ୍ୱାଧୀନତାର ବହୁ ପୂର୍ବରୁ କଂଗ୍ରେସ ତରଫରୁ ଯେଉଁ ଜାତୀୟ ଯୋଜନା କମିଟି ସ୍ଥାପିତ ହୋଇଥିଲା ତାର ଚେୟାରମ୍ୟାନ୍ ହିସାବରେ ସେ ସ୍ୱାଧୀନ ଭାରତର ଅର୍ଥନୈତିକ ଦିଗ ସ୍ଥିରୀକୃତ କରିଥିଲେ । ସେ ଯେତେବେଳେ ପ୍ରଧାନମନ୍ତ୍ରୀ ହେଲେ, ସେହି ମତକୁ କାର୍ଯ୍ୟକାରୀ କରିବାକୁ ଅନେକ ସୁଯୋଗ ପାଇଲେ । ଅବଶ୍ୟ ବାସ୍ତବ କ୍ଷେତ୍ରରେ କୌଣସି ଏକ ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରିବାକୁ ହେଲେ କିଛିକିଛି କମ୍ପ୍ରୋମାଇଜ୍ କରିବାକୁ ପଡେ । କୌଣସି ସିଦ୍ଧାନ୍ତ ଶହେ ଭାଗ କାର୍ଯ୍ୟକାରୀ ହୋଇ ପାରେ ନାହିଁ । କିନ୍ତୁ ମୋଟାମୋଟି ଭାବରେ ପଣ୍ଡିତ ନେହେରୁ ସ୍ୱାଧୀନତା ପୂର୍ବରୁ ଯେଉଁ ଅର୍ଥନୈତିକ ଚିନ୍ତା ପ୍ରସ୍ତାବ ଆକାରରେ ରଖିଥିଲେ, ତାହା ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଚିଠାରେ ପ୍ରତିଫଳିତ ହୋଇଥିଲା । ନେହେରୁଙ୍କ ଅର୍ଥନୈତିକ ବିଚାରଧାରାକୁ ଯେ ସମସ୍ତେ ସମର୍ଥନ କରିଥିଲେ, ତାହା ନୁହେଁ ଏପରିକି କଂଗ୍ରେସ ଭିତରେ ଅନେକ ଲୋକ ମଧ୍ୟ ଏହି ମତର ବିରୋଧୀ ଥିଲେ । ଅଣକଂଗ୍ରେସର ଅନେକ ଲୋକ ଏହି ମତକୁ ସମର୍ଥନ କରିଥିଲେ, ଅନେକ ଲୋକ ମଧ୍ୟ ସମାଲୋଚନା କରିଥିଲେ । ଏବେ ମଧ୍ୟ ସେହି ମତ ଉପରେ ଯୁକ୍ତିତର୍କ ହେଉଛି, କେତେକ ଲୋକ ସମର୍ଥନ କରୁଛନ୍ତି, କେତେକ ଲୋକ ବିରୋଧ କରୁଛନ୍ତି । କେତେକ ଲୋକ ଏକଥା ମଧ୍ୟ କହୁଛନ୍ତି ଯେ ନେହେରୁଙ୍କ ଅର୍ଥନୈତିକ କାର୍ଯ୍ୟକ୍ରମ ଯୋଗୁଁ ଭାରତର ସାମୂହିକ ଉନ୍ନତି ହୋଇ ପାରିଲା ନାହିଁ, ବେକାରୀ ବଢ଼ିଲା ଦାରିଦ୍ର୍ୟ ବଢ଼ିଲା ଏବଂ ସାମାଜିକ ନ୍ୟାୟ ପ୍ରତିଷ୍ଠିତ ହୋଇ ପାରିଲା ନାହିଁ । ନେହେରୁଙ୍କ ଅର୍ଥନୈତିକ କାର୍ଯ୍ୟକ୍ରମ ବିଷୟରେ ଏହି ସବୁ ଯେଉଁ ଯୁକ୍ତି ହେଉଛି, ତାର ଯଥାଯଥ ଆଲୋଚନା କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ । ନେହେରୁଙ୍କ ଅର୍ଥନୈତିକ କାର୍ଯ୍ୟକ୍ରମକୁ ଆମ ଏଠାରେ ଚାରି ଭାଗରେ ବିଭକ୍ତ କରିଛୁ ।

ଅର୍ଥନୈତିକ କ୍ଷେତ୍ରରେ ନେହେରୁଙ୍କ ପ୍ରଥମ ଅବଦାନ ହେଉଛି ଯୋଜନା । ଏ କଥା ବର୍ତ୍ତମାନ ସମସ୍ତେ ସ୍ୱୀକାର କରୁଛନ୍ତି ଯେ ବିନା ଅର୍ଥନୈତିକ ଯୋଜନାରେ ଭାରତର ଅର୍ଥନୈତିକ ପ୍ରଗତି ସମ୍ଭବ ନୁହେଁ । ଯେଉଁମାନଙ୍କୁ ସାଧାରଣତଃ ରକ୍ଷଣଶୀଳ ବୋଲି କୁହାଯାଏ ଏବଂ ଯେଉଁମାନେ ସାମ୍ୟବାଦ ଓ ସମାଜବାଦର ବିରୋଧ କରନ୍ତି, ସେମାନେ ମଧ୍ୟ ଏବେ ଅର୍ଥନୈତିକ ଯୋଜନାକୁ ଗ୍ରହଣ କରୁଛନ୍ତି ଏବଂ ଏକ ଅନୁନ୍ନତ ଦେଶ ପକ୍ଷରେ ଯୋଜନା ଅପରିହାର୍ଯ୍ୟ ବୋଲି ବିଶ୍ୱାସ କରୁଛନ୍ତି । ମୋଟ ଉପରେ ଆମେ ସମସ୍ତେ ଏବେ ଯୋଜନାକୁ ଗ୍ରହଣ କରି ନେଇଛୁ । ଏପରିକି ପୁଞ୍ଜିବାଦୀ ଦେଶରେ ମଧ୍ୟ କେତେକାଂଶରେ ଯୋଜନାକୁ ଅର୍ଥନୈତିକ ସଂଗଠନର ଏକ ମୌଳିକ ବିଭାଗ ବୋଲି ଗ୍ରହଣ କରାଯାଇଛି । ଏଥିରୁ ଦେଖାଯିବ ଯେ ଯୋଜନା ବିରୁଦ୍ଧରେ ବେଶୀ କିଛି ମତଭେଦ ନାହିଁ । ଅବଶ୍ୟ ଯୋଜନା କିପରି କାର୍ଯ୍ୟକାରୀ ହେବ, ଏହା କେନ୍ଦ୍ରୀୟ ଯୋଜନା ହେବ ନା ବିକେନ୍ଦ୍ରୀତ ଯୋଜନା ହେବ ଏବଂ ଯୋଜନାରେ କେଉଁ କେଉଁ ବିଭାଗ ଉପରେ କେତେ କେତେ ଗୁରୁତ୍ୱ ଦିଆଯିବ, ସେ ସବୁ ବିଷୟରେ ମତଭେଦ ଅଛି । କିନ୍ତୁ ଯୋଜନାକୁ କେହି ବାଦ୍ ଦେଇ ପାରିନାହାନ୍ତି । ଯେଉଁମାନେ କହୁଛନ୍ତି ଯେ ଯୋଜନା ଯୋଗୁଁ ଦେଶରେ କଳା ମୁଦ୍ରା (ବ୍ଲାକ୍‌ମନି)ର ପ୍ରସାର ହୋଇଛି, ଅନ୍ୟାୟ ଓ ଅନୀତି ବୃଦ୍ଧି ପାଇଛି, ସେମାନେ ଅର୍ଥନୈତିକ କାର୍ଯ୍ୟକ୍ରମ ବିଷୟରେ ଯଥେଷ୍ଟ ଖବର ରଖିନାହାନ୍ତି । ଯେଉଁ ଦେଶରେ ଯୋଜନା ନାହିଁ, ସେ ଦେଶରେ ମଧ୍ୟ କଳାମୁଦ୍ରା ଅଛି ଏବଂ ଅର୍ଥନୈତିକ ପ୍ରଗତି ପାଇଁ କାର୍ଯ୍ୟ କଲେ କିଛି ନା କିଛି ଅନ୍ୟାୟ ଓ ଅନୀତି ହେବ । ଏଥିପାଇଁ ଯୋଜନାକୁ ଦାୟୀ କରିବାର କୌଣସି ଅର୍ଥ ନାହିଁ । ଯଦି ଆମେ କହିବୁ ଯେ ଆମର ଅର୍ଥନୈତିକ ପ୍ରଗତି ଦରକାର ନାହିଁ, ସେ ସ୍ୱତନ୍ତ୍ର କଥା । ତାହା ଯଦି ଆମର ମତ ହୁଏ ତାହା ହେଲେ ଦାରିଦ୍ର୍ୟ, ବେକାରୀ ଓ ଅର୍ଥନୈତିକ ଅସମାନତା ବିରୁଦ୍ଧରେ ଅଭିଯୋଗ କରିବାର କୌଣସି କାରଣ ନାହିଁ । ସେ ସବୁ ଚିରଦିନ ଆମ ଦେଶରେ ବସା ବାନ୍ଧି ରହିବେ ।

ନେହେରୁଙ୍କ ଦ୍ୱିତୀୟ ଅବଦାନ ହେଉଛି ଉଦ୍ୟୋଗୀକରଣ । ନେହେରୁ ଶିଳ୍ପ ଉଦ୍ୟୋଗର ବିକାଶ କରି ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିବାକୁ ଚାହିଁଥିଲେ । ସେହି ଅନୁସାରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ବୃହତ୍ ଓ ଓଜନଦାର ଶିଳ୍ପ ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥିଲା । ଆଜି ଉଦ୍ୟୋଗୀକରଣକୁ ବେଶୀ ସମାଲୋଚନା କରାଯାଉଛି । ଯେଉଁମାନେ ଏହି ସମାଲୋଚନାର ନେତୃତ୍ୱ ନେଇଛନ୍ତି, ସେମାନେ କହୁଛନ୍ତି ନେହେରୁ କୃଷି, କ୍ଷୁଦ୍ର ଓ କୁଟୀର ଶିଳ୍ପ ଉପରେ ଗୁରୁତ୍ୱ ନଦେଇ ବୃହତ୍ ଓ ଓଜନଦାର ଶିଳ୍ପ ଉପରେ ଗୁରୁତ୍ୱ ଦେବାଯୋଗୁଁ ଭାରତର ଦାରିଦ୍ର୍ୟ ଓ ବେକାରୀ ବୃଦ୍ଧି ପାଇଛି ଓ ବିଶେଷ କରି ମଫସଲ ଅବସ୍ଥା ଅତ୍ୟନ୍ତ ଖରାପ



ହୋଇଛି । ଆମର ଧାରଣା ଏହି ସମାଲୋଚନାରେ ଅନେକଗୁଡ଼ିଏ ଭ୍ରମ ଧାରଣା ରହିଛି । ପ୍ରଥମ ହେଉଛି ବୃହତ୍ ଓ ଓଜନଦାର ଶିଳ୍ପର ବିକାଶ ନହେଲେ କୌଣସି ଦେଶର ଅର୍ଥନୈତିକ ସ୍ଥିତି ଦୃଢ଼ ହୋଇ ପାରିବ ନାହିଁ । ଏ କଥା ସମସ୍ତେ ସ୍ୱୀକାର କରିବେ ଯେ ଆମର ଲୁହା ଦରକାର, ଇସ୍ପାତ ଦରକାର, ରେଳ ଇଞ୍ଜିନ୍ ଦରକାର, ମଟରକାର୍ ଦରକାର, ଜାହାଜ ଦରକାର । ଏ ସବୁ କ୍ଷୁଦ୍ର ଶିଳ୍ପ ଦ୍ୱାରା ଉତ୍ପାଦିତ ହୋଇ ପାରିବ ନାହିଁ । ହେଲେବି ଏକକ ଅନୁପାତରେ ଖର୍ଚ୍ଚ ବହୁତ ଅଧିକ ହେବ । ଭାରତରେ ଯେତେବେଳେ ପୁଞ୍ଜିର ଅଭାବ, ସେତେବେଳେ ଅଯଥା ପୁଞ୍ଜି ବ୍ୟୟ କରି ଏହି ସବୁ ଦ୍ରବ୍ୟ କ୍ଷୁଦ୍ର ଶିଳ୍ପ ଦ୍ୱାରା ଉତ୍ପାଦନ କରିବା ଅର୍ଥନୈତିକ ବିଜ୍ଞତା ହେବ ନାହିଁ ।

ଦ୍ୱିତୀୟରେ କୃଷିର ଉନ୍ନତି ପାଇଁ ମଧ୍ୟ ବୃହତ୍ ଶିଳ୍ପ ଦରକାର । ରାସାୟନିକ ସାର, ଟ୍ରାକ୍ଟର୍, ପାୱାର୍ ଟିଲର୍, ପମ୍ପ, ବିଦ୍ୟୁତ୍ ଶକ୍ତି ଓ ପୋକମରା ଔଷଧ ପ୍ରଭୃତି ଦ୍ରବ୍ୟ କୃଷିର ଉନ୍ନତି ପାଇଁ ନିତାନ୍ତ ଆବଶ୍ୟକ । ଏସବୁ କ୍ଷୁଦ୍ର ଶିଳ୍ପ ଦ୍ୱାରା ଉତ୍ପାଦିତ ହୋଇ ପାରିବ ନାହିଁ । ପ୍ରକୃତରେ ଶିଳ୍ପର ପ୍ରସାର ହୋଇ ଏସବୁ ଜିନିଷ ଉତ୍ପାଦନ କରିବା ପାଇଁ ପୂର୍ବରୁ ଉଦ୍ୟମ ହୋଇ ନଥିଲେ, ଆଜି କୃଷିକୁ ବୈଜ୍ଞାନିକ ଭିତ୍ତିରେ ଉନ୍ନତି କରିବା ପାଇଁ ଯୋଜନା କରିବା ସମ୍ଭବ ହୁଅନ୍ତା ନାହିଁ । କୃଷି ଓ ଶିଳ୍ପ ପରସ୍ପର ବିରୋଧାତ୍ମକ ନୁହନ୍ତି, ବରଂ ପରିପୂରକ । କୃଷି ଶିଳ୍ପକୁ ସାହାଯ୍ୟ କରେ ଓ ଶିଳ୍ପ କୃଷିକୁ ସାହାଯ୍ୟ କରେ । ଆମେ ଯଦି କୃଷିକୁ ପୁରୁଣା ଢଙ୍ଗରେ ପରିଚାଳନା କରିବା, ହୁଏତ ଶିଳ୍ପର ବିଶେଷ ଆବଶ୍ୟକ ପଡ଼ି ନପାରେ । କିନ୍ତୁ ଉନ୍ନତ ଧରଣର ଯନ୍ତ୍ର ସାହାଯ୍ୟରେ କୃଷିର ଉତ୍ପାଦିକା ଶକ୍ତି ଯଦି ବୃଦ୍ଧି କରିବାକୁ ଚାହିଁବା, ତାହାହେଲେ ବୃହତ୍ ଶିଳ୍ପକୁ ବାଦ୍ ଦେଇ ପାରିବା ନାହିଁ ।

ଏହା ବ୍ୟତୀତ ଏ କଥା ମଧ୍ୟ ଭୁଲ୍ ଯେ ନେହେରୁଙ୍କ ଅମଳରେ କୃଷି ଉପରେ କମ୍ ଗୁରୁତ୍ୱ ଦିଆଯାଇଥିଲା । ପ୍ରଥମ ଓ ଦ୍ୱିତୀୟ ଯୋଜନାରେ କୃଷି, ଗ୍ରାମଗୋଷ୍ଠୀ ଯୋଜନା ଓ ଜଳସେଚନ (ବୃହତ୍ ଓ ମଧ୍ୟମ) ବାବଦରେ ଶତକଡ଼ା ଯଥାକ୍ରମେ ୩୧ ଓ ୨୦ ଭାଗ ଯୋଜନା ଖର୍ଚ୍ଚ ବ୍ୟୟିତ ହୋଇଥିଲା । ଏହା ବ୍ୟତୀତ ବିଦ୍ୟୁତ ଶକ୍ତି ଏବଂ ଯାନବାହାନ ଓ ରାସ୍ତାଘାଟ ବାବଦରେ ଶତକଡ଼ା ଯଥାକ୍ରମେ ୪୦ ଓ ୩୮ ଭାଗ ଯୋଜନା ଖର୍ଚ୍ଚ ବ୍ୟୟିତ ହୋଇଥିଲା । ବିଦ୍ୟୁତ ଶକ୍ତି, ଯାନବାହାନ ଓ ରାସ୍ତାଘାଟର ଉନ୍ନତି ଉଭୟ କୃଷି ଓ ଶିଳ୍ପକୁ ସାହାଯ୍ୟ କରେ । ଏହାକୁ ଶିଳ୍ପ ଉନ୍ନତି ବାବଦ ଖର୍ଚ୍ଚ ବୋଲି କହିବା ଭୁଲ୍ ହେବ । ତୃତୀୟ ଯୋଜନାରେ କୃଷି ଓ ଗ୍ରାମଗୋଷ୍ଠୀ ଯୋଜନା ବାବଦରେ ଶତକଡ଼ା ୧୨.୭, ବୃହତ୍ ଓ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାରେ ଶତକଡ଼ା ୭.୭, ବିଦ୍ୟୁତ ଶକ୍ତିରେ ଶତକଡ଼ା ୧୪.୬ ଓ ଯାନବାହନ ଓ ରାସ୍ତାଘାଟ ବାବଦରେ ଶତକଡ଼ା ୨୪.୭ ଖର୍ଚ୍ଚ ବ୍ୟୟିତ ହୋଇଥିଲା । ଏଥିରୁ ଦେଖାଯିବ ଯେ ପ୍ରଥମ ତିନୋଟି ଯୋଜନାରେ କୃଷିକୁ ଉପେକ୍ଷା କରାଯାଇ ନାହିଁ । ତେଣୁ ନେହେରୁ କୃଷିକୁ ଅବହେଳା କରିଥିଲେ ବୋଲି କହିବାର କୌଣସି ଯଥାର୍ଥତା ନାହିଁ ।

ଅର୍ଥନୈତିକ କ୍ଷେତ୍ରରେ ନେହେରୁଙ୍କର ତୃତୀୟ ଅବଦାନ ହେଉଛି ବିଜ୍ଞାନ ଓ ଯାନ୍ତ୍ରିକ ବ୍ୟବସ୍ଥାର ବିକାଶ । ନେହେରୁ ଭାରତୀୟ ସଂସ୍କୃତି ଓ ଧର୍ମ ଉପରେ ଗୁରୁତ୍ୱ ନଦେଇ ବିଜ୍ଞାନ ଓ ଯାନ୍ତ୍ରିକ ବ୍ୟବସ୍ଥାର ଉନ୍ନତି ପାଇଁ ଗୁରୁତ୍ୱ ଦେଇଥିଲେ ବୋଲି ଅନେକେ ତାଙ୍କୁ ସମାଲୋଚନା କରିବାର ଦେଖାଯାଏ । ଏ କଥା ସତ ଯେ, ନେହେରୁ ଅଣଧର୍ମୀ (ଅନ୍‌ରିଲିଜିଅସ୍) ଥିଲେ, କିନ୍ତୁ ବିଧର୍ମୀ (ଇରିଲିଜିଅସ୍) ନଥିଲେ । ଧର୍ମ ନାମରେ ଭାରତରେ ଯେତେ କଳହ, ଦ୍ୱନ୍ଦ୍ୱ ଓ କୁସଂସ୍କାର ରହିଛି, ତାକୁ ଦୂର କରିବାକୁ ହେଲେ ଅଣଧର୍ମ ଏକମାତ୍ର ପନ୍ଥା । ଦୁଃଖର କଥା ଯେ ନେହେରୁଙ୍କର ବିରାଟ ବ୍ୟକ୍ତିତ୍ୱ ଓ ନେତୃତ୍ୱ ସତ୍ତ୍ୱେ ଏହି ଦ୍ୱନ୍ଦ୍ୱ ଓ କୁସଂସ୍କାର ଦୂର ହୋଇ ପାରିଲା ନାହିଁ । ତେବେ ନେହେରୁ ଯେ କେତେକ ବୁଦ୍ଧିଜୀବୀଙ୍କୁ ଏଥିରେ ଉଦ୍‌ବୁଦ୍ଧ କରି ପାରିଲେ ତାହାହିଁ ତାଙ୍କର ବଡ କୃତିତ୍ୱ । ଅଣଧର୍ମୀ ବୋଲି ନେହେରୁଙ୍କୁ ଯଦି କେହି ସମାଲୋଚନା କରେ, ସେଥିରେ କାହାର ଦୁଃଖ କରିବାର ନାହିଁ । କିନ୍ତୁ ନେହେରୁ ଭାରତୀୟ ସଂସ୍କୃତିର ବିରୋଧ କରୁଥିଲେ ବୋଲି କହିବା ମସ୍ତବଡ ଭୁଲ୍ । ସଂସ୍କୃତିକୁ ଅନନ୍ୟ ବୋଲି କହିବା ଉଚିତ ନୁହେଁ । ଏପରିକି ଗାନ୍ଧିଜୀ ମଧ୍ୟ କହିଥିଲେ ଯେ ଭାରତୀୟ ସଂସ୍କୃତିକୁ ସ୍ୱତନ୍ତ୍ର ରଖି ଏହାକୁ ସଂକୀର୍ଣ୍ଣ କରିବା ଉଚିତ ନୁହେଁ । ବିଦେଶର ଯାହା ଭଲ, ତାକୁ ଗ୍ରହଣ କରି ଭାରତୀୟ ସଂସ୍କୃତିକୁ ପୁଷ୍ଟ କରିବା ଉଚିତ । ଭାରତୀୟ ସଂସ୍କୃତିର ବିଶେଷତ୍ୱ ହେଉଛି ମାନବିକତା । ନେହେରୁଙ୍କର ଆଦର୍ଶ ଓ କାର୍ଯ୍ୟରେ ଏହି ମାନବିକତା ଯେପରି ଭାବରେ ପ୍ରତିଫଳିତ ହୋଇଛି, ତାହା ଖୁବ୍ କମ୍ ରାଜନୀତିକ ନେତାଙ୍କ ପାଖରେ ଦେଖାଦେଇଛି ।

ଏହା ବ୍ୟତୀତ ନେହେରୁ ବିଜ୍ଞାନ ଓ ଯାନ୍ତ୍ରିକ ବ୍ୟବସ୍ଥାର ଉନ୍ନତି ପାଇଁ ଯେଉଁ ଉଦ୍ୟମ କରିଥିଲେ, ତାହା ଭାରତୀୟ ଅର୍ଥନୈତିକ ପ୍ରଗତି ପାଇଁ ଏକାନ୍ତ ଆବଶ୍ୟକ । ଭାରତ ଚିରଦିନ ଏକ ଦରିଦ୍ର ଦେଶ ହୋଇ ରହିବାକୁ କେହି ପସନ୍ଦ କରିବେ ନାହିଁ । ଧର୍ମ ଓ ସଂସ୍କୃତି ନାମରେ ଦାରିଦ୍ର୍ୟକୁ ପସନ୍ଦ କରିବା ଏକ ପ୍ରତାରଣା ଛଡା ଅନ୍ୟ କିଛି ନୁହେଁ । ଯେଉଁମାନେ ଏବେ ଧର୍ମର ବଡପଣ୍ଡା ହୋଇଛନ୍ତି, ସେମାନଙ୍କ ଜୀବନର ସମୀକ୍ଷା କଲେ ଅନେକ ରହସ୍ୟ ପ୍ରକାଶିତ ହେବ । ସେ ଯାହା ହେଉ, ଏ କଥା ସତ ଯେ, ଆମେ ଯଦି ବିଜ୍ଞାନ ବା ଯାନ୍ତ୍ରିକ ବ୍ୟବସ୍ଥାର ଉନ୍ନତି ନକରିବୁ, ତାହାହେଲେ ଜନସାଧାରଣଙ୍କର ଆର୍ଥିକ ଅବସ୍ଥାର ଉନ୍ନତି କରିପାରିବୁ ନାହିଁ କି ଅନ୍ୟ ଦେଶ ସହିତ ସମକକ୍ଷ ହୋଇପାରିବୁ ନାହିଁ । ନେହେରୁ ପାଗଳ ପରି ବିଜ୍ଞାନ ଓ ଯାନ୍ତ୍ରିକ ସଭ୍ୟତାର ପଛରେ ଗୋଡେଇ ନଥିଲେ । ସେ ଜୀବନ ଧାରଣର ମାନ ଉନ୍ନତି କରିବା ପାଇଁ ଏହାକୁ ଏକ ବାହନ ହିସାବରେ ଗ୍ରହଣ କରିଥିଲେ । ସେ ଯଦି ତାଙ୍କ ସମୟରେ ବିଜ୍ଞାନ ଓ ଯାନ୍ତ୍ରିକ ବ୍ୟବସ୍ଥାର ଉନ୍ନତି କରିବା ପାଇଁ କିଛି ଉଦ୍ୟମ କରି ନଥାନ୍ତେ, ଭାରତ ଆଜି ସାରା ପୃଥିବୀରେ ମୁଣ୍ଡ ଟେକି ଠିଆ ହୋଇ ପାରିନଥାନ୍ତା । ନେହେରୁଙ୍କୁ ଧନ୍ୟବାଦ ଦେବାର କଥା ଯେ, ତାଙ୍କର ଅନେକ ଦୂରଦୃଷ୍ଟି ଥିଲା ଏବଂ ସେଥିପାଇଁ ସେ ଅନେକ ବିଜ୍ଞାନାଗାର ପ୍ରତିଷ୍ଠା କରିଥିଲେ ଓ ଯାନ୍ତ୍ରିକ ଉନ୍ନତି ପାଇଁ ଅନେକ ପୁଞ୍ଜି ବିନିଯୋଗ କରିଥିଲେ । ତାର ସୁବିଧା ଭାରତ ଏବେ ଉପଭୋଗ କରି ପାରିଛି ।

ଅର୍ଥନୈତିକ କ୍ଷେତ୍ରରେ ନେହେରୁଙ୍କ ଚତୁର୍ଥ ଅବଦାନ ହେଉଛି ସମାଜବାଦ । ଏହି ସମାଜବାଦ ମାର୍କସବାଦ ନୁହେଁ । ଏଥିରେ ହିଂସା ନାହିଁ, ଶ୍ରେଣୀ ସଂଘର୍ଷ ନାହିଁ । ମାର୍କସ ଶିଳ୍ପ ଶ୍ରମିକମାନଙ୍କର ଆର୍ଥିକ ଓ ସାମାଜିକ ସ୍ଥିତି ଦୃଢ଼ କରିବା ପାଇଁ ପୁଞ୍ଜିପତି ଓ ପୁଞ୍ଜିପତି ପରିଚାଳିତ ସରକାରର ଶୋଷଣ ଓ ଅତ୍ୟାଚାରର ଦୂର କରିବା ପାଇଁ ସାମ୍ୟବାଦ ବା କମ୍ୟୁନିଜିମ୍ ନାମକ ଏକ ବିକଳ୍ପ ବ୍ୟବସ୍ଥା ଉପସ୍ଥାପିତ କରିଥିଲେ । ସମାଜର ଶୋଷଣ, ଅନ୍ୟାୟ ଓ ଅତ୍ୟାଚାରର ବିରୁଦ୍ଧରେ ମାର୍କସଙ୍କ ମନରେ ଯେଉଁ କ୍ରୋଧ ଜାତ ହୋଇଥିଲା, ସେଥିରୁ ଜନ୍ମ ହୋଇଥିଲା କମ୍ୟୁନିଜିମ୍ । ନେହେରୁଙ୍କ ପ୍ରାଣରେ ମାନବିକତାର ଯେଉଁ ଆବେଗ ଥିଲା, ସେଥିରୁ ଜନ୍ମ ହୋଇଥିଲା ସମାଜବାଦ । ହୁଏତ ଭାରତରେ ଗାନ୍ଧୀଜୀଙ୍କର ନେତୃତ୍ୱର ପ୍ରଭାବ ନଥିଲେ ଏବଂ ନେହେରୁ ସେଥିରେ ପ୍ରଭାବିତ ନହୋଇଥିଲେ, ସେ କମ୍ୟୁନିଜିମ୍‌କୁ ନିଜର ଆଦର୍ଶ ବୋଲି ଗ୍ରହଣ କରି ନେଇଥାନ୍ତେ । କିନ୍ତୁ ଗାନ୍ଧୀଜୀ ତାଙ୍କୁ କମ୍ୟୁନିଜିମ୍‌ରୁ ଆଣି ସମାଜବାଦରେ ରଖିଲେ । ନେହେରୁ ସେଥିପାଇଁ ଗଣତାନ୍ତ୍ରିକ ସମାଜବାଦର ଭିତ୍ତି ସ୍ଥାପନ କଲେ । ନେହେରୁଙ୍କର ଭାରତରେ ସ୍ୱାଧୀନତାର ପ୍ରଥମ ଅବସ୍ଥାରେ ଯେଉଁ ଅଖଣ୍ଡ ପ୍ରଭାବ ଥିଲା, ସେ ଚାହିଁଥିଲେ ଏକ ଏକଛତ୍ର ଶାସନ ପ୍ରତିଷ୍ଠା କରି ପାରିଥାନ୍ତେ । କିନ୍ତୁ ସେ ତାହା ଚାହିଁ ନାହାନ୍ତି । ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସମ୍ମାନ ଦେଖାଇଛନ୍ତି । ପାର୍ଲିଆମେଣ୍ଟର ନିର୍ଦ୍ଦେଶକୁ ମାନିଛନ୍ତି । ବିରୋଧୀ ଦଳର ସମାଲୋଚନାକୁ ଖାତିର କରିଛନ୍ତି ଏବଂ ତାରି ଭାବରେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିବା ପାଇଁ ଅନେକ ବ୍ୟବସ୍ଥା ଗ୍ରହଣ କରିଛନ୍ତି । କିନ୍ତୁ ଏଥିରେ ସଫଳ ହୋଇ ପାରି ନାହାନ୍ତି । କାରଣ ଗଣତନ୍ତ୍ରକୁ ଖାତିର କରିବା ଫଳରେ ତାଙ୍କୁ ଅନେକ କ୍ଷେତ୍ରରେ କମ୍ପ୍ରମାଇଜ୍ କରିବା

ଦରକାର ପଡ଼ିଛି । କିନ୍ତୁ ଏହି କମ୍‌ପ୍ରୋମାଇଜ୍ ଯୋଗୁଁ ସାମାଜିକ ସଂହତି ଓ ରାଜନୈତିକ ସହନଶୀଳତାରେ ବାଧା ସୃଷ୍ଟି ହୋଇନାହିଁ । ଗଣତାନ୍ତ୍ରିକ ଭିତ୍ତିରେ ସମାଜବାଦ ପ୍ରତିଷ୍ଠା କରିବାକୁ ହେଲେ କେତେକ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ । ନେହେରୁ ସେ ତ୍ୟାଗ ସ୍ୱୀକାର କରିଛନ୍ତି ।

ଏ କଥା ମଧ୍ୟ କୁହାଯାଏ ଯେ ସମାଜବାଦ ଯୋଗୁଁ ଭାରତରେ ସରକାରୀ କ୍ଷମତା ବୃଦ୍ଧି ପାଇଛି ଏବଂ ସେଥି ଯୋଗୁଁ ନାନା ପ୍ରକାର ଅର୍ଥନୈତିକ ଓ ରାଜନୈତିକ କଳଙ୍କ ସୃଷ୍ଟି ହୋଇଛି । ସମାଜବାଦ ଗ୍ରହଣ କଲେ ସରକାରୀ କ୍ଷମତା ବୃଦ୍ଧି ହେବା ସ୍ୱାଭାବିକ । କୌଣସି ଦେଶରେ ଏବେ ଅବାଧ ସରକାରୀଂ ନୀତି ନାହିଁ । ଏପରିକି ଆମେରିକା ପରି ପୁଞ୍ଜିବାଦୀ ଦେଶରେ ମଧ୍ୟ ସରକାରୀ କ୍ଷମତା ଅନେକ ପରିମାଣରେ ବୃଦ୍ଧି ପାଇଛି । ସମାଜବାଦ ଗ୍ରହଣ କରିନଥିଲେ ମଧ୍ୟ ଭାରତରେ ସରକାରୀ କ୍ଷମତା ବୃଦ୍ଧି ପାଇଥାନ୍ତା । କାରଣ ଏକ ଅନୁନ୍ନତ ଅର୍ଥନୀତିକୁ ଉନ୍ନତ କରିବାକୁ ହେଲେ ସରକାରୀ ହସ୍ତକ୍ଷେପ ଦରକାର । ତେବେ ସରକାରୀ ସ୍ତରରେ ଯେଉଁ ଅସାଧୁତା ପ୍ରବେଶ କରିଛି, ସେଥିପାଇଁ ନେହେରୁଙ୍କୁ କାହିଁକି ଦୋଷ ଦିଆଯାଉଛି, ଆମେ ଜାଣି ପାରୁ ନାହୁଁ । ନେହେରୁଙ୍କ ସମୟରେ ରାଜନୀତିର ଯେଉଁ ଆଦର୍ଶ ଥିଲା, ତାହା ଏବେ ନାହିଁ । ଅନେକ ଲୋକ ଏବେ ରାଜନୀତିକୁ ଏକ ବ୍ୟବସାୟ ବୋଲି ଗ୍ରହଣ କରି ନେଇଛନ୍ତି । ଏହା ବ୍ୟତୀତ ନିର୍ବାଚନର ଖର୍ଚ୍ଚ ବୃଦ୍ଧି ଏହି ଅନ୍ୟାୟ ଓ ଅନୀତିକୁ ମଧ୍ୟ ପ୍ରଶ୍ରୟ ଦେଇଛି । ଉପର ସ୍ତରରେ ଅନ୍ୟାୟକୁ ପ୍ରଶ୍ରୟ ଦେବା ଫଳରେ, ତଳ ସ୍ତରରେ ତାହାର ଚେର ବ୍ୟାପିବାରେ ଲାଗିଛି ।

ନେହେରୁ ଦେବତା ନଥିଲେ । ସେ ଥିଲେ ଜଣେ ମଣିଷ । ଅବଶ୍ୟ ଆଦର୍ଶବାଦୀ ମଣିଷ । ତାଙ୍କର କାର୍ଯ୍ୟରେ ଅନେକ ଭୁଲ୍ ରହିଛି, ସେ ନିଜେ ବି ତାହା ସ୍ୱୀକାର କରିଛନ୍ତି । ଏପରିକି ଗାନ୍ଧୀଜୀ ମଧ୍ୟ ହିମାଳୟ ପର୍ବତ ପରି ଭୁଲ୍ କରିଛନ୍ତି ବୋଲି ତାର ପ୍ରାୟଶ୍ଚିତ କରିଛନ୍ତି । ତେଣୁ ଗାନ୍ଧୀଜୀଙ୍କ ନାମ ଧରି ନେହେରୁଙ୍କ ଭୁଲ୍ ଓ ତ୍ରୁଟିକୁ ଯେଉଁମାନେ ପ୍ରଚାର କରିଛନ୍ତି, ସେମାନେ ନିଜର ହୀନମନ୍ୟତା ପ୍ରକାଶ କରୁଛନ୍ତି । ନେହେରୁ ଭାରତର ଅର୍ଥନୈତିକ କ୍ଷେତ୍ରରେ ଯେଉଁ ଭିତ୍ତି ସ୍ଥାପନ କରିଛନ୍ତି, ତାହା ସାରା ବିଶ୍ୱରେ ପ୍ରଶଂସିତ ହୋଇଛି । ସେହି ଭିତ୍ତିକୁ ଆମେ ଯଦି ସୁଦୃଢ଼ କରି ପାରିବା, ଆମର ଧାରଣା ଭାରତର ଅର୍ଥନୈତିକ ଦୁରବସ୍ଥା ମଧ୍ୟ ଦୂର ହୋଇ ପାରିବ । କିନ୍ତୁ ଏଥିପାଇଁ ଦରକାର ନିର୍ମଳ ଓ ସୁଦୃଢ଼ ନେତୃତ୍ୱ । ଆମର ଦୋଷ ଓ ଦୁର୍ବଳତାକୁ ଦୂର କରିବାକୁ ଚେଷ୍ଟା ନକରି, ନେହେରୁଙ୍କ ଦୋଷ ଖୋଜିଲେ ଭାରତର ଅର୍ଥନୈତିକ ଅବସ୍ଥା ଦୃଢ଼ ହେବ ନାହିଁ ।

ଉପାଧ୍ୟକ୍ଷ,
ରାଜ୍ୟ ଯୋଜନା ବୋର୍ଡ,
ଭୁବନେଶ୍ୱର ।





# ପଣ୍ଡିତ ନେହେରୁଙ୍କ ନୀତି ଓ ଚିନ୍ତାଧାରା

ଡକ୍ଟର ସତ୍ୟନାରାୟଣ ରାଜଗୁରୁ

ଭାରତରେ ସ୍ୱାଧୀନତା ପାଇଁ ଯେଉଁ ଆନ୍ଦୋଳନ ବିଂଶ ଶତାବ୍ଦୀର ଆରମ୍ଭରୁ ଆରମ୍ଭ ହୋଇଥିଲା, ସେଥିରେ ମହାତ୍ମା ଗାନ୍ଧୀ ଓ ତାଙ୍କର ପ୍ରଧାନଶିଷ୍ୟ ପ୍ରତିମ ଜବାହରଲାଲଙ୍କ ନୀତି ଯଥାକ୍ରମେ ଧର୍ମାତ୍ମକ ଓ ବିଜ୍ଞାନାତ୍ମକ ଭାବଧାରା ଉପରେ ନିର୍ଭର କରିଥିଲା । ଭଗବତ୍ ଗୀତାରେ ଶ୍ରୀକୃଷ୍ଣଙ୍କ ଉପଦେଶକୁ ଭିତ୍ତିକରି 'ଧର୍ମକ୍ଷେତ୍ର କୁରୁକ୍ଷେତ୍ର'ରେ ମହାବୀର ଅର୍ଜ୍ଜୁନ ଯେପରି ଧର୍ମ-ଯୁଦ୍ଧ ଚଳାଇଥିଲେ, ସେହିପରି ମହାତ୍ମା ଗାନ୍ଧୀ ପ୍ରବଳ ପରାକ୍ରାନ୍ତ ବ୍ରିଟିଶ ଶାସନ ବିରୁଦ୍ଧରେ ଅହିଂସା-ସମର ଆରମ୍ଭ କରିଥିଲେ । ଭାରତୀୟ ଜନତା ଧର୍ମ, ଜାତି, ଭାଷା, ସାମାଜିକ ଆଚାର ବ୍ୟବହାର ପ୍ରଭୃତିରେ ଭିନ୍ନଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇଥିଲେ ସୁଦ୍ଧା ମହାତ୍ମାଙ୍କ ସେହି ଅହିଂସା-ଯୁଦ୍ଧରେ ଏକତ୍ର ମିଳିମିଶି ମହାଭାରତୀୟ ସଂସ୍କୃତିର ସୁରକ୍ଷା ଓ ସ୍ୱାଧୀନତା ଲାଭ କରିବା ପାଇଁ ସମସ୍ତ ପ୍ରାଦେଶିକତା ଓ ଜାତିଗତ ବିଭେଦକୁ ଭୁଲିଯାଇ ସମ୍ମିଳିତ ଭାବେ ସେହି ଅହିଂସା-ଯୁଦ୍ଧରେ ଭାଗ ନେଇଥିଲେ ।

୧୯୪୫ ମସିହାର ଦ୍ୱିତୀୟ ବିଶ୍ୱଯୁଦ୍ଧର ଅବସାନ ପରେ ବ୍ରିଟିଶ ସରକାର ବୁଝିପାରିଲେ ଯେ, ଭାରତକୁ ଅଧିକ କାଳ ସ୍ୱାଧୀନତା ନ ଦେଇ ସେ ଶାସନ ଚଳାଇ ପାରିବେ ନାହିଁ । ତେଣୁ ସେ ଭାରତରେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରାଇ ଧର୍ମ ଭିତ୍ତିରେ ଏକ ସ୍ୱତନ୍ତ୍ର ମୁସଲମାନ ରାଷ୍ଟ୍ର ଗଠନ କରିବା ସକାଶେ ପ୍ରବଳ କୁଟନୀତି ପ୍ରୟୋଗ କଲେ । ମୁସଲମାନମାନଙ୍କୁ ମତାଇ ହିନ୍ଦୁମାନଙ୍କୁ ହତ୍ୟା କରିବା ଓ ଫଳରେ ଉଭୟ ଧର୍ମାବଲମ୍ବୀଙ୍କୁ ଚିରଦିନ ଶତ୍ରୁ କରାଇବା କୁଟନୀତି ପ୍ରଚୁର ବ୍ରିଟିଶ ଜାତି ପକ୍ଷରେ ସମ୍ଭବ ହେଲା । ମହାତ୍ମାଙ୍କ ଉଦାର ଅହିଂସା ନୀତିର ପରିପନ୍ଥୀ ହୋଇ ମୁସଲମାନ ଓ ହିନ୍ଦୁମାନଙ୍କ ମଧ୍ୟରେ ଅନିଶ୍ଚିତ ଉତ୍ତେଜନା ସୃଷ୍ଟି ହେଲା, ଫଳରେ ଭାରତ ଅଲଗା ଅଲଗା ଦୁଇଟି ସ୍ୱାଧୀନ ରାଷ୍ଟ୍ରରେ ବିଭକ୍ତ ହେଲା । ହିନ୍ଦୁସ୍ଥାନ ଓ ପାକିସ୍ଥାନ ରୂପେ ସେହି ଦୁଇଟି ସ୍ୱାଧୀନ ରାଷ୍ଟ୍ର ରୂପେ ଦେଖା ଦେଇଥିଲେ ସୁଦ୍ଧା ଭାରତର ହିନ୍ଦୁମାନଙ୍କୁ ଅଧିକ ଉତ୍ତେଜିତ କରିବା ସକାଶେ ମୁସଲମାନମାନେ, ହିନ୍ଦୁମାନଙ୍କୁ ହତ୍ୟାକରି ସମଗ୍ର ପଞ୍ଜାବ ଆକ୍ରମଣ କରିବାକୁ ପାକିସ୍ଥାନ ପକ୍ଷରୁ ଉଦ୍ୟମ ହେଲା । ବାସ୍ତବରେ ପଞ୍ଜାବର ଲକ୍ଷଲକ୍ଷ ହିନ୍ଦୁଙ୍କୁ ହତ୍ୟାକରିବା ଦେଖି ତତ୍କାଳୀନ ଭାରତର ପ୍ରଧାନମନ୍ତ୍ରୀ ଜବାହରଲାଲ୍ ପଞ୍ଜାବକୁ ସୁରକ୍ଷିତ କରିବା କାର୍ଯ୍ୟରେ କିଂକର୍ତ୍ତବ୍ୟ ବିମୂଢ଼ ହୋଇଥିଲେ । କିନ୍ତୁ ତାଙ୍କର ସହଯୋଗୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏଥିରେ ନୀରବ ଦ୍ରଷ୍ଟା ହୋଇ ରହି ପାରିଲେ ନାହିଁ । ସେ ସାମରିକ ବିଭାଗର ମନ୍ତ୍ରୀ ହୋଇଥିବାରୁ ଅବିଳମ୍ବେ ଭାରତର ସାମରିକ ଶକ୍ତି ପ୍ରୟୋଗ କରି ପଞ୍ଜାବର ବିପଦଗ୍ରସ୍ତ ହିନ୍ଦୁ ଓ ଶିଖମାନଙ୍କୁ ସୁରକ୍ଷିତ କଲେ । ତଥାପି ଉଭୟ ପକ୍ଷର ସାମରିକ ଶକ୍ତିର ସଂଘର୍ଷ ହେତୁ ପଞ୍ଜାବ ଦୁଇ ଭାଗରେ ବିଭକ୍ତ ହେଲା । କେବଳ ସର୍ଦ୍ଦାର ପଟେଲଙ୍କ ସୁଦୃଢ଼ ଉଦ୍ୟମ ହେତୁ ଜାମ୍ମୁ ଓ କାଶ୍ମୀର ଭାରତରୁ ଛିନ୍ନ ହେଲା ନାହିଁ ।

୧୯୪୭ ମସିହା ଅଗଷ୍ଟ ୧୫ ତାରିଖ ଦିନ ଭାରତରେ ସର୍ବତ୍ର ସ୍ୱାଧୀନତା ଉତ୍ସବ ପାଳିତ ହୋଇଥିଲା । ଭାରତର ସବୁ ଲୋକଙ୍କ ହୃଦୟ ଆନନ୍ଦରେ ଉଚ୍ଛଳିତ ହୋଇ ଉଠିଥିଲା କିନ୍ତୁ ଜଣେ ମାତ୍ର ସେଥିରୁ ବଞ୍ଚିତ ଥିଲେ । ସେ ହେଉଛନ୍ତି ଭାରତର ଭାଗ୍ୟ ନିୟନ୍ତା ମହାତ୍ମା ଗାନ୍ଧୀ । ସେ ଦିନ ସେ କଲିକତା ସହରର ଏକ ନିଭୃତ କକ୍ଷରେ ବସି ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ରକ୍ତପାତ ଓ ଭାରତ ଭାଗଭାଗ ହେବା ଚିନ୍ତାରେ ଚକ୍ଷୁରୁ ଅଜସ୍ର ଅଶ୍ରୁପାତ କରୁଥିଲେ । କିନ୍ତୁ ସେ ଦିନ ଯେଉଁ ନିସ୍ପୃହ ବୀରଙ୍କ ମସ୍ତକରେ ଭାରତର ସାମ୍ରାଜ୍ୟ ଭାର ଅର୍ପିତ ହେଲା, ସେ ହେଉଛନ୍ତି କର୍ମବୀର ଜବାହରଲାଲ୍ ନେହେରୁ । ତାଙ୍କ ମନରେ ବୋଧ ହୁଏ ଯେଉଁ ନୀତି ଖେଳା କରୁଥିଲା, ତାହା ଗୀତାର ମହାବାକ୍ୟ– "ହତୋବା ପ୍ରାପ୍ୟସେ ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷସେ ମହୀମ୍" । ଜୀବନର ସମସ୍ତ ଜଞ୍ଜାଳ ଓ ମାୟା ମମତାକୁ ଏଡ଼ାଇ ଦେଇ ସ୍ୱାଧୀନତା ସଂଗ୍ରାମର ସେନାପତି ସ୍ୱରୂପ ସର୍ବ ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ଏ ଜାତିର ପ୍ରାଣରେ ଆତ୍ମଗୌରବ ଓ ସାମାଜିକ ଶୃଙ୍ଖଳା ସୃଷ୍ଟି କରିବାକୁ ଯାଇ ବୈଜ୍ଞାନିକ ପଦ୍ଧତିରେ ଭାରତକୁ ଅନ୍ୟାନ୍ୟ ଉନ୍ନତ ଦେଶମାନଙ୍କ ସମକକ୍ଷ କରି ଗଢ଼ି ତୋଳିବାକୁ ଉଦ୍ୟମ ଚଳାଇଲେ । ତାଙ୍କ ସଙ୍ଗେ ସମଭାବାପନ୍ନ ସର୍ଦ୍ଦାର ପଟେଲ ଭାରତର ସାମରିକ ଶକ୍ତିକୁ ଉନ୍ନତ କରିବା ଓ ଭାରତର ସୀମାନ୍ତ ରାଜ୍ୟଗୁଡ଼ିକୁ ଦୃଢ଼ ଭାବରେ ଶତ୍ରୁ ଆକ୍ରମଣରୁ ରକ୍ଷା କରି ଆଭ୍ୟନ୍ତରିଣ ଶାନ୍ତି ଶୃଙ୍ଖଳା ଯେପରି କୌଣସି ପ୍ରକାରେ ବିପର୍ଯ୍ୟସ୍ତ ନହୁଏ, ସେଥିର ସୁଦୃଢ଼ ବ୍ୟବସ୍ଥା କରିଥିଲେ । ତେଣୁ ତାଙ୍କୁ 'ଲୌହମାନବ' ବୋଲି କୁହାଯାଉଥିଲା ।

ଯେଉଁ ସମୟରେ ବ୍ରିଟିଶ ଜାତି ଭାରତକୁ ପଙ୍ଗୁ ଓ ସଂକୀର୍ଣ୍ଣ କରି ସ୍ୱାଧୀନତା ଅର୍ପଣ କଲେ, ସେତେବେଳେ ଭାରତରେ ବହୁ ଭାଷା, ଧର୍ମ ଓ କ୍ଷମତାର ବିପର୍ଯ୍ୟୟ ଏପରି ଜଟିଳତା ମଧ୍ୟରେ ଗତି କରୁଥିଲା ଯେ, ଗଣତନ୍ତ୍ର-ଶାସନ ଓ ଦେଶରେ କାର୍ଯ୍ୟକାରୀ ହେବା ସମ୍ଭବ ନୁହେଁ ବୋଲି ସନ୍ଦେହ କରାଯାଉଥିଲା । କିନ୍ତୁ ନେହେରୁଙ୍କ ରାଜନୈତିକ କୌଶଳ ଓ ବୁଦ୍ଧି ସଙ୍ଗେ ସର୍ଦ୍ଦାର ପଟେଲଙ୍କ କଠୋର ଶକ୍ତିସମ୍ପନ୍ନ ମନୋବଳ ସମସ୍ତ ବିପର୍ଯ୍ୟୟକୁ ଏଡ଼ାଇ ଦେଇ ଭାରତରେ ଏକତାବଦ୍ଧ ଜାତୀୟ ସଂହତି

ଗଢ଼ିବା ସମ୍ଭବ ହୋଇଥିଲା । ବ୍ରିଟିଶ ଶାସନରେ ଯେଉଁ ଅର୍ଦ୍ଧସ୍ୱାଧୀନତା ପ୍ରାପ୍ତ ରାଜନ୍ୟବର୍ଗ ପ୍ରଜାମାନଙ୍କ ଉପରେ ଦୁର ପନେୟ ଅତ୍ୟାଚାର କରିବା କ୍ଷମତା ପାଇଥିଲେ, ସେମାନଙ୍କଠାରୁ ତାହା ଉଚ୍ଛେଦ କରି ସାଧାରଣ ଜନତା ସଙ୍ଗେ ଜମିଦାରମାନଙ୍କୁ ମିଶାଇ ଦିଆଗଲା ।

ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱାଧୀନତା ପ୍ରାପ୍ତିର ଏଗାର ବର୍ଷ ଆଗରୁ ଗଠିତ ହୋଇଥିଲେ ସୁଦ୍ଧା ତାହା ଭାରତରେ ସେତେବେଳେ ଏକ ଦରିଦ୍ରତମ ରାଜ୍ୟ ରୂପେ ରହିଥିଲା । ଯେଉଁ ରାଜ୍ୟ ପ୍ରାଚୀନ ଓ ମଧ୍ୟ ଯୁଗରେ ସମଗ୍ର ଭାରତରେ ଏକ ବଳିଷ୍ଠ ଓ ବିଭବଶାଳ ସାମ୍ରାଜ୍ୟ ରୂପେ ରହିଥିଲା, ତାହା ବ୍ରିଟିଶ କାଳରେ ଏକ ଘୋର ଅଭାବଗ୍ରସ୍ତ ରୁଗ୍ଣ ରାଜ୍ୟରେ ପରିଣତ ହୋଇଥିଲା ।

ପଣ୍ଡିତ ଜବାହରଲାଲ୍ ନେହେରୁ ୧୯୪୪ ମସିହାରେ ଯେତେବେଳେ ଦୀର୍ଘ ତିନିବର୍ଷ ଅହମଦାବାଦ ଫୋର୍ଟ୍ ଜେଲ୍‌ରେ ଆବଦ୍ଧ ଥିଲେ ସେତେବେଳେ ସେ ତାଙ୍କର "ଡିସ୍କଭରି ଅଫ୍ ଇଣ୍ଡିଆ" ନାମକ ପୁସ୍ତକଟି ଲେଖିଥାନ୍ତି । ସେଠାରେ ବନ୍ଦୀ ହୋଇଥିବା ମୌଲାନା ଆଜାଦ୍, ଗୋବିନ୍ଦ ବଲ୍ଲଭ ପନ୍ତ, ନରେନ୍ଦ୍ର ଦେବ ଓ ଏମ୍.ଅସଫ୍ ଅଲ୍ଲୀଙ୍କ ପରି ବିଦ୍ୱାନମାନଙ୍କ ସଙ୍ଗେ ଆଲୋଚନା କରି ସେହି ଗ୍ରନ୍ଥଟି ଛ'ମାସ ମଧ୍ୟରେ ପୂର୍ଣ୍ଣ କରିଥିଲେ । ଭାରତର ବିଭିନ୍ନ ଅଞ୍ଚଳର ଭାଷା, ଇତିହାସ, ସଂସ୍କୃତି, ଶିକ୍ଷା, ଧର୍ମ ଓ ଅର୍ଥନୈତିକ ପରିସ୍ଥିତି ବିଷୟ ଉତ୍ତମରୂପେ ପର୍ଯ୍ୟାଲୋଚନା କରି ପଣ୍ଡିତ ନେହେରୁ ଯେତେବେଳେ ବୁଝିପାରିଲେ ଯେ, ଭାରତ-ସ୍ୱାଧୀନତାର ମାତ୍ର ଦଶବର୍ଷ ଆଗରୁ ଯେଉଁ ବିଖଣ୍ଡିତ ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା,ତାହା ୪ଟି ପ୍ରଦେଶରେ ବାଣ୍ଟି ହୋଇ ପୂର୍ବରୁ ରହିଥିବା ଯୋଗୁଁ ଶିକ୍ଷା ଓ ଆର୍ଥିକ ବିକାଶ କ୍ଷେତ୍ରରେ ଯଥେଷ୍ଟ ଅବନତି ସ୍ତରକୁ ଖସିଗଲା ଏବଂ ପ୍ରତିବର୍ଷ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ସେହି କୃଷି ପ୍ରାଧାନ୍ୟ ରାଜ୍ୟରେ ଯଥେଷ୍ଟ ଅବନତି ଘଟିଗଲା । ଏହି ସିଦ୍ଧାନ୍ତରେ ଉପନୀତ ହୋଇ ପଣ୍ଡିତ ନେହେରୁ ଭାରତର ପ୍ରଧାନମନ୍ତ୍ରୀ ରୂପେ ଶାସନ ଭାର ବହିବା ମୁହୂର୍ତ୍ତ ଅବଧି ଉତ୍କଳର ଅର୍ଥନୈତିକ ଉନ୍ନତି ତଥା ଆର୍ଥିକ ବିକାଶର ପୁନରୁଦ୍ଧାର ପାଇଁ ଚିନ୍ତା କରିବାକୁ ଲାଗିଲେ । କିନ୍ତୁ ଭାରତର ବିଭିନ୍ନ ଜଟିଳ ସମସ୍ୟାଗୁଡ଼ିକ ତାଙ୍କୁ ଏପରି ଛନ୍ଦି ଦେଇଥିଲା ଯେ, ଓଡ଼ିଶା ସମସ୍ୟାର ସମାଧାନ ବିଷୟକ କାର୍ଯ୍ୟକୁ ଅଗ୍ରଭିତ୍ତିରେ ସମାହିତ କରିବାକୁ ସେ ସମୟ ପାଇ ନଥିଲେ ।

୧୯୫୫ ମସିହା ସେପ୍ଟେମ୍ବର ୫ ତାରିଖ ରାତିରେ ମହାନଦୀରେ ଯେଉଁ ବନ୍ୟା ଅପ୍ରତ୍ୟାଶିତ ଭାବେ ସୃଷ୍ଟି ହୋଇ ଓଡ଼ିଶାର ହଜାର ହଜାର ଲୋକଙ୍କୁ ଭସାଇ ଦେଲା ତାହା ପଣ୍ଡିତ ନେହେରୁଙ୍କୁ ବିଚଳିତ କରିଥିଲା । ସେଦିନ ମହାନଦୀରେ ପ୍ରବଳ ବନ୍ୟା ସମସ୍ତଙ୍କ ମନରେ ଉଦ୍‌ବେଗ ସୃଷ୍ଟି କରିଥିଲା । ମହାନଦୀ ଓ ଶାଖାନଦୀଗୁଡ଼ିକରେ ସେପରି ବନ୍ୟା ଗତ ଶହେ ବର୍ଷ ମଧ୍ୟରେ ମଧ୍ୟ ଦେଖା ଦେଇ ନଥିଲା । କଟକ ସହର ଜଳମଗ୍ନ ହେବା ଭୟରେ ସମସ୍ତେ ବ୍ୟସ୍ତ ହୋଇ ପଡ଼ିଲେଣି, ମହାନଦୀର ବନ୍ୟାଜଳ ୭୬.୨ ଫୁଟ ଟପିଲାଣି । ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ କଟକ ସହର ରହିବ କି ଭାସିବ ? ସେହିଦିନ ରାଜଧାନୀରେ ରାଜସ୍ୱ ବିଭାଗ ମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ବ୍ୟତୀତ ଅନ୍ୟ କେହି ମନ୍ତ୍ରୀ ନଥିଲେ । ତେଣୁ ବନ୍ୟା ନିୟନ୍ତ୍ରଣ ଭାର ତାଙ୍କ ଉପରେ ପଡ଼ିଥାଏ । ମୋର ମନେ ପଡୁଛି ଶ୍ରୀ ତ୍ରିପାଠୀ ମୋର ଜଣେ ପୂର୍ବ ପରିଚିତ ବନ୍ଧୁ । ତାଙ୍କରି ବସାରେ ଅସ୍କନକ ଭାଗୀରଥି ପାଢ଼ୀଙ୍କ ସଙ୍ଗେ ମୁଁ ପହଞ୍ଚିବା ଦେଖି ସେ କହିଲେ, ରାଜଗୁରୁବାବୁ, ଆପଣ ଶୁଣିଥିବେ ମହାନଦୀ ଓ କାଠଯୋଡ଼ିରେ ପ୍ରବଳ ବନ୍ୟା ମାଡ଼ି ଆସୁଛି । କଟକ ରହିବ କି ଭାସିବ ଜଣା ଯାଉନି.... । ତାଙ୍କରି ମୁହଁରୁ କଥା ସରି ନଥିଲା କଟକରୁ ଫୋନ୍‌କଲ୍ ଆସିଲା । ଆମେ କାନ ଡେରି ବସିଥାଉଁ ଖବର ଶୁଣିବା ପାଇଁ । ମହାନଦୀ ପ୍ରତି ଅଧ ଘଣ୍ଟାରେ ଅଧିକରୁ ଅଧିକ ବଢ଼ିବାରେ ଲାଗିଛି, ଏକଥା କଟକର ମୁଖ୍ୟ ଇଞ୍ଜିନିଅର ସଦାନନ୍ଦ ତ୍ରିପାଠୀ ଫୋନ୍‌ରେ ଜଣାଇ ଦେଲେ । ସେତେବେଳକୁ ରାତି ପ୍ରାୟ ୯ଟା ବାଜିଗଲାଣି । କିଛି ସମୟ ପରେ ମୁଁ ଫୋନ୍ ଉଠାଇ ସଦାନନ୍ଦବାବୁଙ୍କୁ ଡାକି କଟକର ଇଞ୍ଜିନିୟରିଂ ସ୍କୁଲ ଓ ଅନ୍ୟାନ୍ୟ ଅଞ୍ଚଳର ଅବସ୍ଥା ବୁଝିଲି । ପାଢ଼ୀବାବୁଙ୍କ ଘର ପାରଳାଖେମୁଣ୍ଡି । ସେ ମୋର ଜଣେ ପରମ ସୁହୃଦ ଓ ଭାଗୀରଥି ପାଢ଼ୀଙ୍କ ସାନ ଭାଇ, ସେ କହିଲେ ଆଉ ମାତ୍ର ୪ ଫୁଟ ପାଣି ବଢ଼ିଲେ କଟକରେ ପାଣି ପଶିଯିବ କିନ୍ତୁ ଡିପ ଜାଗାଗୁଡ଼ିକରେ ଥିବା ଘରଗୁଡ଼ିକ ହୁଏତ ନଷ୍ଟ ହେବ ନାହିଁ । ତାପରେ ମୁଁ ଓ ପାଢ଼ୀବାବୁ ସଦାଶିବ ତ୍ରିପାଠୀଙ୍କଠାରୁ ବିଦାୟ ନେଇ ଫେରି ଆସିଲୁ । ପରଦିନ ରେଡ଼ିଓରୁ ଶୁଣାଗଲା 'ଦଳେଇଘାଇ' ଭାଙ୍ଗି ମହାନଦୀର ତଳ ଅଞ୍ଚଳରେ ଥିବା ବହୁତଗୁଡ଼ିଏ ଗ୍ରାମ ନିଶ୍ଚିହ୍ନ ହୋଇ ଯାଇଛି । ନିଶାର୍ଦ୍ଧ ବେଳେ ଘୋର ଗର୍ଜନ କରି ଯେତେବେଳ ପ୍ରବଳ ବେଗରେ ବନ୍ୟାଜଳ ମାଡ଼ି ଆସିଲା, ସେତେବେଳେ ଗ୍ରାମାଞ୍ଚଳର ଲୋକେ ପ୍ରାଣରକ୍ଷା କରିବାକୁ ଆଦୌ ପ୍ରସ୍ତୁତ ନଥିଲେ । ସମଗ୍ର ଭାରତରେ ଓଡ଼ିଶାର ସେହି ପ୍ରଳୟଙ୍କରୀ ବନ୍ୟା ଓ ସେଥିର ଦୁଃଖଦାୟକ ପରିଣାମ ପ୍ରସଙ୍ଗ ପତ୍ର ପତ୍ରିକାରେ ଆଲୋଚିତ ହେଲା । ଓଡ଼ିଶାରେ ପ୍ରାୟ ସର୍ବତ୍ର ଲୋକଙ୍କ ମୁଖରେ ବନ୍ୟା ପ୍ରସଙ୍ଗ ଓ ସେଥିର କରାଳ ଦୃଶ୍ୟ ଓ ନିର୍ମମ କାହାଣୀ ଏକ ଗୁଞ୍ଜରଣ ସୃଷ୍ଟି କରିଥିଲା । କେହିକେହି କହୁଥିଲେ ଯେ, ସରକାର କଟକ ସହରକୁ ବନ୍ୟା କବଳରୁ ରକ୍ଷା କରିବା ପାଇଁ ଜାଣିଶୁଣି ଦଳେଇ ଘାଇକୁ ଭାଙ୍ଗିଦେଲେ, ଯାହା ଫଳରେ ଶତାଧିକ ଗ୍ରାମର ନିରୀହ ଅଧିବାସୀମାନେ ବଳି ହୋଇ ପଡ଼ିଥିଲେ ।

କେନ୍ଦ୍ରରୁ କେତେ ଜଣ ମନ୍ତ୍ରୀ କଟକ ଜିଲ୍ଲାର ସେହି ବନ୍ୟାର ବିୟୋଗାନ୍ତକ ଦୁଃଖ କାହାଣୀ ପଣ୍ଡିତ ନେହେରୁଙ୍କୁ ଜଣାଇଲେ । ଉଚ୍ଚ ଜାଗା ଦେଖି ଯେଉଁ ଯେଉଁ ଲୋକେ ଆଶ୍ରୟ ନେଇଥାନ୍ତି ପିଲାପିଲିଙ୍କ ସହ କ୍ଷୁଧା ତୃଷ୍ଣାରେ ସେମାନଙ୍କୁ ବଞ୍ଚାଇବାକୁ ଯାଇ ଆକାଶ ମାର୍ଗରୁ ବିମାନ ଯୋଗେ ଖାଦ୍ୟ ସାମଗ୍ରୀ ବିତରଣ କରାଗଲା । ଓଡ଼ିଶାର ଲୋକଙ୍କୁ ସାନ୍ତ୍ୱନା ଦେବା ପାଇଁ ନେହେରୁ ସେପ୍ଟେମ୍ବର ୨୨ ତାରିଖ ଦିନ ବନ୍ୟାଞ୍ଚଳ ପରିଦର୍ଶନ କରି ଭବିଷ୍ୟତରେ ମହାନଦୀ ଓ ତଦୀୟ ଶାଖା ନଦୀଗୁଡ଼ିକର ବନ୍ୟା ନିୟନ୍ତ୍ରଣ ସକାଶେ ବୈଜ୍ଞାନିକ ପଦ୍ଧତି ଅବଲମ୍ବନର ଆବଶ୍ୟକତା ଅନୁଭବ କଲେ । ୨୩ ତାରିଖ ଦିନ ଏକ ବିରାଟ ସାଧାରଣ ସଭା କଟକରେ ହୋଇଥିଲା । ସେ ଦିନ ପଣ୍ଡିତ ନେହେରୁ ତାଙ୍କ ଭାଷଣରେ କହିଥିଲେ— "ମହାନଦୀରେ ବନ୍ୟା ହେବା ନୂଆ ନୁହେଁ । ପ୍ରାୟ ପ୍ରତି ୩/୪ ବର୍ଷରେ ଥରେ ଲୋକେ ମହାନଦୀର ବନ୍ୟା ପ୍ରକୋପରେ ଅପାର ଦୁଃଖ ଭୋଗିଥାନ୍ତି । ତଥାପି ବନ୍ୟା ଛାଡ଼ିଗଲା ପରେ ଜମିରେ ଯେଉଁ ପଟୁ ମାଡ଼ି ଯାଏ, ତାହା ପଲ୍ଲୀବାସୀ କୃଷକଙ୍କ ପାଇଁ ପ୍ରଚୁର ଶସ୍ୟ ସମ୍ପଦ ଆଣିଦିଏ" ।

ନେହେରୁଙ୍କ ମୁହଁରୁ ଏକଥା ଶୁଣି ଜନତା ପ୍ରଥମେ ହତୋତ୍ସାହିତ ହୋଇଥିଲେ, କିନ୍ତୁ ସେ ଯେତେବେଳେ ଗୁରୁଗମ୍ଭୀର କଣ୍ଠରେ ପ୍ରତିଶ୍ରୁତି ଦେଲେ, "ବନ୍ୟା କବଳରୁ ଲୋକଙ୍କୁ ବଞ୍ଚାଇ ଓଡ଼ିଶାର ଉତ୍ତରୋତ୍ତର ଅର୍ଥନୈତିକ ଉନ୍ନତି ପାଇଁ ବୈଜ୍ଞାନିକ ପଦ୍ଧତି ନିଶ୍ଚିତ ଭାବେ ଅବଲମ୍ବନ କରାଯିବ" । ଏହା ବର୍ତ୍ତମାନ କେନ୍ଦ୍ର ପକ୍ଷରୁ କଂଗ୍ରେସ ସରକାର ହାତକୁ ନେଇଛନ୍ତି । ବ୍ରିଟିଶ୍ ରାଜତ୍ୱ ବେଳେ ଏ ରାଜ୍ୟଟି ଯଥେଷ୍ଟ ଅବନତି ଆଡ଼କୁ ଗତି କରୁଥିଲା । ଗରିବ ଲୋକଙ୍କୁ ୧୯୦୭ ମସିହା କରାଳ ବନ୍ୟାରୁ ବଞ୍ଚାଇବାକୁ ଇଂରେଜୀ ସରକାରଙ୍କ ପକ୍ଷରୁ କିଛି ବ୍ୟବସ୍ଥା କରାଯାଇନଥିଲା । ତଥାପି ଓଡ଼ିଆମାନେ ହତାଶ ନହୋଇ ନିଜେ ନିଜେ ପାଣ୍ଠି ସଞ୍ଚୟ କରି ଲୋକଙ୍କୁ ଦମ୍ଭ ଦେଇଥିଲେ । ପଣ୍ଡିତ ଗୋପବନ୍ଧୁ ବନ୍ୟାଞ୍ଚଳ ବୁଲି ଲୋକଙ୍କୁ କିଛି କିଛି ଆହାର ଯୋଗାଇଥିଲେ ।

ନେହେରୁଙ୍କ ମୁଖରୁ "ଓଡ଼ିଶାକୁ ବନ୍ୟା ବିପତ୍ତିରୁ ରକ୍ଷାକରି ଏ ରାଜ୍ୟରେ ଜଳଯୋଗାଣ ଓ ଶକ୍ତି ଉତ୍ପାଦନ ପାଇଁ ବୈଜ୍ଞାନିକ ପଦ୍ଧତିର ଆଶ୍ରୟ ନିଆଯିବ" ଶୁଣି ଜନତାଙ୍କ ଉଲ୍ଲାସ, କୋଳାହଳ ଓ କରତାଳିରେ ସଭାସ୍ଥଳ ମୁଖରିତ ହୋଇ ଉଠିଥିଲା । ପଣ୍ଡିତ ନେହେରୁ ସେହି ସଭାରେ ତାଙ୍କର ପରିକଳ୍ପିତ ପଞ୍ଚବାର୍ଷିକ ଯୋଜନା ପ୍ରସଙ୍ଗ ଘୋଷଣା କରି, ସେଥିରେ ମହାନଦୀ ବନ୍ୟା ନିୟନ୍ତ୍ରଣ ପ୍ରକଳ୍ପଟି ପ୍ରଥମେ 'ହୀରାକୁଦ ବନ୍ଧ'

ନିର୍ମାଣ କାର୍ଯ୍ୟରେ ଅନ୍ତର୍ଭୁକ୍ତ ହେବା ପ୍ରସଙ୍ଗ ବ୍ୟାଖ୍ୟାନ କଲାବେଳେ ସମର୍ଥନ ସୂଚକ କରତାଳିରେ ସଭାସ୍ଥଳୀ ମୁଖରିତ ହୋଇ ଉଠିଥିଲା ।

ପଣ୍ଡିତ ନେହେରୁ ଲୋକମାନଙ୍କୁ ଯାହା ପ୍ରତିଶ୍ରୁତି ଦେଇଥାନ୍ତି, ତାହା କଦାପି କାର୍ଯ୍ୟକାରୀ ନହୋଇ ରହେ ନାହିଁ । ତାଙ୍କର ଦୃଢ଼ ମନୋସ୍ଥିତା ଓ ସୁକ୍ଷ୍ମ ବିଚାର ହେତୁ ଭାରତର ଜଟିଳ ରାଜନୈତିକ ଅସ୍ଥିରତା କ୍ରମେ ଦୃଢ଼ ଶୃଙ୍ଖଳାବଦ୍ଧ ଶାସନରେ ପରିଣତ ହେଲା । ତା'ପରେ ଭାରତର ସମ୍ବିଧାନ ପାର୍ଲିଆମେଣ୍ଟରେ ଅନୁମୋଦିତ ହୋଇ ସାମାଜିକ ସମତା ସଙ୍ଗେ ଧର୍ମନିରପେକ୍ଷ ଗଣତାନ୍ତ୍ରିକ ଶାସନ ସମଗ୍ର ଭାରତରେ ପ୍ରବର୍ତ୍ତିତ ହୋଇଥିଲା ।

ପଣ୍ଡିତ ନେହେରୁଙ୍କ ରାଜନୈତିକ ଦୃଷ୍ଟିକୋଣର ସୂତୀକ୍ଷ୍ଣତା ପ୍ରମାଣିତ ହେଲା ଯେତେବେଳେ ସେ ନିଜ ଉଦ୍ୟମରେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ବିଶ୍ୱ ରାଜନୀତିର ଏକ ଅଙ୍ଗ ରୂପେ କେତେକ ଅନୁନ୍ନତ ଓ ଅର୍ଦ୍ଧଉନ୍ନତ ଦେଶକୁ ମିଶାଇ ସ୍ୱତନ୍ତ୍ର ତୃତୀୟ ଗୋଷ୍ଠୀ ଗଢ଼ିଥିଲେ । ଏହା କରିବାର ମୂଳ ଉଦ୍ଦେଶ୍ୟ ହେଲା ପୃଥିବୀରୁ ଯୁଦ୍ଧ ଭୟ ଦୂର କରିବା । କାରଣ ଆମେରିକା ଓ ପାଶ୍ଚାତ୍ୟ ଦେଶମାନଙ୍କର ସମ୍ମିଳିତ ସାମରିକ ଗୋଷ୍ଠୀ ଓ ଋଷିଆ ଏବଂ ତାଙ୍କ ମିତ୍ର ରାଜ୍ୟମାନଙ୍କ ମଧ୍ୟରେ ସଂଗଠିତ ସାମରିକଗୋଷ୍ଠୀ ମଧ୍ୟରେ ସାମୟିକ ଭାବେ କେତେକ ରାଷ୍ଟ୍ରରେ ସଂଘର୍ଷ ଦେଖା ଦେଉଥିଲା । ଏପରି ସଂଘର୍ଷ ଦିନେ ପୃଥିବୀର ତୃତୀୟ ବିଶ୍ୱଯୁଦ୍ଧରେ ପରିଣତ ହେବା ଆଶଙ୍କା ପଣ୍ଡିତ ନେହେରୁ ଓ ତାଙ୍କ ପରି ସମଭାବାପନ୍ନ ପୃଥିବୀର କେତେକ ନେତାଙ୍କୁ ବ୍ୟାକୁଳ କରୁଥିଲା । କୂଟନୈତିକ ସ୍ତରରେ ତଥା ଶୀତଳ ଯୁଦ୍ଧର ଲକ୍ଷ୍ୟ ଓ ଆଭିମୁଖ୍ୟ ଆତ୍ମପ୍ରକାଶ କରିଥିବା ଲକ୍ଷ୍ୟକରି ନେହେରୁ କେତେକ ଦେଶର ନେତୃସ୍ଥାନୀୟ ବ୍ୟକ୍ତିଙ୍କ ସଙ୍ଗେ ପରାମର୍ଶ କରି ସେହି 'ନିରପେକ୍ଷ ଗୋଷ୍ଠୀ' ଗଠନ କରିଥିଲେ । ସେ ବିଶ୍ୱ ରାଜନୀତିରେ କେବଳ ଜଡ଼ିତ ହୋଇନଥିଲେ । ବରଂ ମାନବ ଜାତିର ସମୂହ କଲ୍ୟାଣ ନିମନ୍ତେ ତାଙ୍କର ଏ ଉଦ୍ୟମ ହୋଇଥିଲା । କେହି କେହି ଭାରତୀୟ ନେତା ଏଥିରେ ଅସନ୍ତୁଷ୍ଟ ହୋଇ କହିଥିଲେ– "ନିଜ ଦେଶର ଭଲ ମନ୍ଦ ପାଇଁ ସମସ୍ତ ଶକ୍ତି ଓ ସମୟ ବ୍ୟୟ ନକରି ଜବାହରଲାଲ୍ ବିଶ୍ୱ ରାଜନୀତିରେ ଯୋଗ ଦେବା ଆଦୌ ଉଚିତ ନୁହେଁ" । ଏହା ଫଳରେ ତାଙ୍କୁ ଭାରତ ପ୍ରତି କେତେକ ରାଷ୍ଟ୍ରର ବିଦ୍ବେଷ ଓ ଶତ୍ରୁତା ଉପାର୍ଜନ କରିବାକୁ ପଡ଼ିଥିଲା । ଏକଦା ଲାହୋର କଂଗ୍ରେସରେ ସେ ଦୃଢ଼ ଭାବେ କହିଥିଲେ–

"Success after comes to those who dare and act, it seldom goes to the timid who are ever afraid of the consiquences......."

ପୃଥିବୀରେ ଭାରତକୁ ଓ ଭାରତୀୟ ସଂସ୍କୃତି ଏବଂ ସ୍ଥାନର ପରିଚୟ ଦୃଢ଼ ଭିତ୍ତିରେ ଉପସ୍ଥାପନ କରିବାକୁ ପଣ୍ଡିତ ନେହେରୁଙ୍କ ଯେଉଁ ପ୍ରବଳ ଉଦ୍ୟମ ହୋଇଥିଲା, ତାରି ଫଳ ସ୍ୱରୂପ ଭାରତ ଆଜି ଏକ ବଳିଷ୍ଠ ବିଜ୍ଞାନ ଓ ଶକ୍ତି ସମ୍ପନ୍ନ ରାଷ୍ଟ୍ରରେ ପରିଣତ ହୋଇ ପାରିଛି ।

ଚିତ୍ରକର ଲେନ୍
ପାରଳାଖେମୁଣ୍ଡି, ଗଞ୍ଜାମ ।



ଦେଶ ପାଇଁ ଆମେ ଅଧିକ ଗର୍ବ କରିବା ଆବଶ୍ୟକ । ଗର୍ବୀ ହେବା ଅନୁଚିତ – କିନ୍ତୁ ନିଜ ଦେଶ ପାଇଁ ବିଶେଷ ଗର୍ବବୋଧ କରିବା ଉଚିତ । ଆମେରିକା ହେଉ ବା କୌଣସି କମ୍ୟୁନିଷ୍ଟ ରାଷ୍ଟ୍ର ହେଉ, ସେମାନେ ଦେଶର ଅଗ୍ରଗତି ପାଇଁ ଦେଶବାସୀଙ୍କ ମନରେ ଗର୍ବବୋଧ ଜାଗ୍ରତ କରାଉଛନ୍ତି । ଫଳରେ ଦେଶରେ ଐକ୍ୟବୋଧ ସୁଦୃଢ଼ ହେଉଛି । ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ମନରେ ଏହା ବିଶ୍ୱାସ ଓ ଆଶା ଜନ୍ମାଉଛି ।

ଆମ ଦେଶରେ ଘଟୁଥିବା ଯେ କୌଣସି କଥାକୁ ହୀନ ଦୃଷ୍ଟିରେ ଦେଖିବା ଆମମାନଙ୍କର ଅଭ୍ୟାସଗତ ହୋଇଯାଇଛି । ଭାରତରେ ଏ ପ୍ରକାର ଅନେକ ଖରାପ ଜିନିଷ ଅଛି । ଏଗୁଡିକ ଦୂର କରାଯିବା ନିତାନ୍ତ ଦରକାର । ଆପଣଙ୍କର ଘର ଅପରିଷ୍କାର ହେଲେ ଆପଣ ତାକୁ ପରିଷ୍କାର କରନ୍ତି । କିନ୍ତୁ କେବେହେଲେ କହନ୍ତି ନାହିଁ ଯେ ଘରଟିକୁ ଭାଙ୍ଗି ଦେବା । ବରଂ ଆପଣ ଝାଡୁ ମଠାଏ ଧରି ଘରକୁ ପରିଷ୍କାର କରନ୍ତି । ସେହିପରି ଆମର ସମାଜରେ ଓ କାର୍ଯ୍ୟକଳାପରେ ଥିବା ସମସ୍ତ ଦୋଷ ଦୁର୍ବଳତାକୁ ଦୂର କରାଯିବା ଦରକାର । ଦେଶକୁ ଧ୍ୱଂସ କରାଯିବା ଉଚିତ ନୁହେଁ ।



# ଏକ ପରିପୂର୍ଣ୍ଣ ମାନବିକତା

ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

''ଏ ପୃଥିବୀ କେଡ଼େ ସୁନ୍ଦର ! ଆମ ଚଉକତି ଘେରି ରହିଥିବା ପ୍ରକୃତି କି ମନୋହର !! ମୁଣ୍ଡ ଉପରର ଆକାଶ ପାଦ ତଳର ମାଟି କେତେ ରହସ୍ୟଭରା !!! ଯେବେ ସୁଯୋଗ ମିଳନ୍ତା ତୁମ ଗହଣରେ ମିଶିବାକୁ, ତେବେ ସେ ସବୁ କାହାଣୀ କହି ମୁଁ ଆନନ୍ଦ ପାଆନ୍ତି । ତୁମମାନଙ୍କୁ ବି ଆନନ୍ଦ ଦିଅନ୍ତି । ଶୈଶବରୁ କେତେ କାହାଣୀ ଶୁଣି ଆସିଛ ତୁମେ— ପୌରାଣିକ, କାଳ୍ପନିକ ଗପ—ପକ୍ଷୀରାଜ ଘୋଡ଼ା, ବୁଢ଼ୀ ଅସୁରୁଣୀର ଜୀବନ ନାଟିକା । ଏ ସବୁ କାହାଣୀଠାରୁ ମୋର ସେ କାହାଣୀ ସମସ୍ତ ଭାରି ଭଲ ହୁଅନ୍ତା ।''

ଏ କଥା ଲେଖା ଯାଇଥିଲା ପିଲାମାନଙ୍କ ଉଦ୍ଦେଶ୍ୟରେ । ଲେଖିଥିଲେ ପୃଥିବୀର ଅନ୍ୟତମ ଶ୍ରେଷ୍ଠ ଜନନାୟକ, ଭାରତୀୟ ସ୍ୱାଧୀନତା ସଂଗ୍ରାମର ଦକ୍ଷ ସେନାପତି, ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁ ।

ଦୁଃଖ ଯନ୍ତ୍ରଣାରେ ପୀଡ଼ିତ ଜନ୍ମମାତୃକା ଭାରତର ମୁକ୍ତି ଭାବନାରେ ଭାରାକ୍ରାନ୍ତ, ସମଗ୍ର ମାନବ ସମାଜରେ ଲାଗି ରହିଥିବା ଶୋଷଣ-ପେଷଣ, ଅଶାନ୍ତି-ଅସନ୍ତୋଷ, ଯୁଦ୍ଧ ବିଗ୍ରହର ବିଲୋପ ସାଧନରେ ଶତତ ଚିନ୍ତିତ, ଜଟିଳ ସମସ୍ୟା ସବୁର ସମାଧାନ ପାଇଁ ବ୍ୟାକୁଳତା ଭରା ମନରେ ଛୋଟ ଛୋଟ ପିଲାଙ୍କ ପାଇଁ କେତେ ଯେ ଦରାଦ ଥିଲା, ଶିଶୁମାନଙ୍କ ମଙ୍ଗଳ ପାଇଁ ସେ କେତେ ଦୂର ଚିନ୍ତା କରୁଥିଲେ, ତାହାର ପରିଚୟ ଏହି ପରି ତାଙ୍କର ବହୁ ଲେଖା, ପତ୍ର, ପ୍ରବନ୍ଧ ଓ ଭାଷଣରୁ ମିଳିଥାଏ ।

ସ୍ୱାଧୀନତା ଲାଭର ଅବ୍ୟବହିତ ପୂର୍ବରୁ ଭାରତବାସୀ ନବ ଆଶାରେ ଉତ୍‌ଫୁଲ୍ଲ ହୋଇ ଉଠିଥାଆନ୍ତି । ଯୁଦ୍ଧରେ ଜୟ ଲାଭ କରିଥିବାରୁ ସ୍ୱାଧୀନତା ସଂଗ୍ରାମର ସେନାପତି, ସୈନ୍ୟ ଏବଂ ଦେଶବାସୀଙ୍କ ଅପୂର୍ବ ଉଲ୍ଲାସରେ ଉଦ୍‌ବେଳିତ । ସେତିକିବେଳେ ବିଜୟୀ ବୀର ସେନାପତି ପଣ୍ଡିତ ନେହେରୁ ଗୋଟିଏ ଶିଶୁ ପତ୍ରିକାର ସମ୍ପାଦକଙ୍କ ଅନୁରୋଧରେ ପିଲାମାନଙ୍କୁ ଉତ୍ସାହିତ କରିବା ପାଇଁ ଲେଖିଥିଲେ:

''ଆମେ ଯେଉଁ ପାଖକୁ ଚାହିଁବା, ସେ ପାଖରେ ବଣ ଜଙ୍ଗଲ, ପାହାଡ଼ ପର୍ବତ, ନିର୍ଝର ନଦୀ ଓ ହ୍ରଦ ସାଗର ଦେଖିବାକୁ ପାଉଛେ । ସମସ୍ତ ଅପୂର୍ବ ଶୋଭା ଧାରଣ କରି ଆମକୁ ଯେପରି ହାତ ଠାରି ଆହ୍ୱାନ ଦେଉଛି; ଆସ, ଆମ ସହିତ ମିଳିତ ହୁଅ । ଆମ ସଂସ୍ପର୍ଶରେ ଆସି ତୁମେମାନେ ଯେପରି ଜ୍ଞାନର ଅଧିକାରୀ ହେବ, ଆମେ ମଧ୍ୟ ସେହିପରି ଜୀବନକୁ ସାର୍ଥକ କରିବୁ ।''

ବଣ ଜଙ୍ଗଲ ହିଂସ୍ର ଜନ୍ତୁରେ ପରିପୂର୍ଣ୍ଣ । ବାଘ, ସିଂହ, ଅଜଗର, ଅହିରାଜ ଯେପରି ନିଷ୍ଠୁର, ସେହିପରି ଅବିବେକ । ପ୍ରତି ମୁହୂର୍ତ୍ତରେ ପ୍ରାଣ ନାଶର ଆଶଙ୍କା । ସେଇଥି ପାଇଁ ବଣ ଜଙ୍ଗଲକୁ ଯିବା ପାଇଁ ସମସ୍ତଙ୍କ ଭୟ ।

ମାତ୍ର ପଣ୍ଡିତ ନେହେରୁଙ୍କ ବିଶ୍ୱାସ, ଦୃଢ଼ ବିଶ୍ୱାସ ଥିଲା ଏବଂ ସେଇଥି ପାଇଁ ଦେଶର ନବ ନାଗରିକମାନଙ୍କୁ ସେ ଆହ୍ୱାନ ଦେଇଥିଲେ—

''ବଣର ବାଘ ଭାଲୁ କେହି ହିଂସ୍ର ନୁହନ୍ତି, ଅବିବେକୀ ନୁହନ୍ତି । ଆମର ଶତ୍ରୁ ନୁହନ୍ତି । ଆମେ ଠେଙ୍ଗା ବାଡ଼ି, ବନ୍ଧୁକ, ତୋପ ହାତରେ ଧରି ଭୟଭୀତ ମନରେ ସେମାନଙ୍କ ପାଖକୁ ଯାଉ; ସେମାନେ ଜୀବନର ଆଶଙ୍କା କରନ୍ତି, ନିଜର ପ୍ରାଣରକ୍ଷା ଲାଗି ହିଂସ୍ର ହୋଇ ଉଠନ୍ତି । ସେମାନଙ୍କ ମନରେ ଯଦି ପୂର୍ଣ୍ଣ ଆସ୍ଥା ଆସିଯାଏ, ଆମେ ସେମାନଙ୍କର କୌଣସି ପ୍ରକାର କ୍ଷତି କରିବାକୁ ଯାଉ ନାହୁଁ, ତେବେ ସେମାନେ ବେଶ ଭଦ୍ର ଓ ମିତ୍ର ହୋଇଯିବେ । ତାଙ୍କ ମନରେ କୌଣସି ଆଶଙ୍କା ନ ଆସିବା ପର୍ଯ୍ୟନ୍ତ ସେମାନେ ଅନ୍ୟର କଦାପି ଆଶଙ୍କାର କାରଣ ହେବେ ନାହିଁ । ସ୍ନେହ ଓ ପ୍ରୀତି ବଦଳରେ ନିଶ୍ଚୟ ସ୍ନେହ ଓ ପ୍ରୀତି ମିଳିବ'' । 'ନିଜେ ଭଲ ତ ଦୁନିଆ ଭଲ ।'

ବାସ୍ତବିକ ପୃଥିବୀର ସବୁ ପ୍ରକାର ଅନିଷ୍ଟର ମୂଳ କାରଣ ସନ୍ଦେହ । ମନ ସନ୍ଦେହ ମୁକ୍ତ ହୋଇଗଲେ ପୃଥିବୀର ଅଶାନ୍ତି ଅସନ୍ତୋଷ, ହିଂସା-ପ୍ରତିହିଂସା, ରକ୍ତ-ଲୋଲୁପତା ଲୋପ ପାଇଯିବ । କି ମନୁଷ୍ୟ, କି ଜିବଜନ୍ତୁଙ୍କ ପ୍ରତି ଏହା ପ୍ରଯୁଜ୍ୟ । ବାଘ ସିଂହ ପ୍ରଭୃତି ହିଂସ୍ର ପଶୁ ଏ ଯୁଗର 'ଖଇରୀ' ନ ହେବା ଅସମ୍ଭବ ନୁହେଁ ।

ସତ୍ୟଦ୍ରଷ୍ଟା ନେହେରୁଙ୍କର ଏହି ବିଶ୍ୱାସ ଯେ କେତେ ଦୃଢ଼, ତାହା ଭାରତର ପୁରାଣ, ଇତିହାସରୁ ଉପଲବ୍ଧି କରାଯାଏ । ଆର୍ଯ୍ୟ ସଂସ୍କୃତି ହେଉଛି ବଣ ଜଙ୍ଗଲର ସଂସ୍କୃତି । ମୁନି ଋଷିମାନେ ଜଙ୍ଗଲର ଅଧିବାସୀ ଥିଲେ । ଏହି ଜଙ୍ଗଲ ଆଶ୍ରମରେ ବେଦ ଉପନିଷଦର ଉଦ୍ଭବ । ଆମର କାବ୍ୟ ରାମାୟଣ, ମହାଭାରତରେ ଜଙ୍ଗଲ କାହାଣୀ ଲିପିବଦ୍ଧ । ସେତେବେଳେ ମଧ୍ୟ ବଣ ଜଙ୍ଗଲ ଏହି ବାଘଭାଲୁ ଅଧ୍ୟୁଷିତ ଅଞ୍ଚଳ ଥିଲା । ଆଶ୍ରମ କୁଟୀରରେ ମୁନି ଋଷିମାନେ ନିର୍ଭୟରେ, ନିଶ୍ଚିନ୍ତରେ ବସବାସ କରୁଥିଲେ, ଯୋଗ ସାଧନା କରୁଥିଲେ, ଜ୍ଞାନ ଅନ୍ୱେଷଣରେ ନିଜକୁ ମଜାଇ ଦେଉଥିଲେ । [illegible] ତ କେହି ଅନ୍ୟକୁ ଭୟ

ଭଲ୍ଲୁ ନଥିଲେ; ହିଂସା ପ୍ରତି ହିଂସାର କୌଣସି କାରଣ ନଥିଲା । ଖାଦ୍ୟ ଖାଦକର ନିଷ୍ଠୁରତା ନଥିଲା ।

ପଣ୍ଡିତ ନେହେରୁଙ୍କ ଅନ୍ତର ଥିଲା ଶିଶୁ ମନ ପରି କୋମଳ, ସରଳ ଓ ତରଳ । ସେଇଥିପାଇଁ ସେ ଶିଶୁମାନଙ୍କୁ ସମସ୍ତଙ୍କଠାରୁ ବଳି ବେଶୀ ସ୍ନେହ ଶ୍ରଦ୍ଧା କରୁଥିଲେ । ପ୍ରତି ବଦଳରେ ପିଲାମାନଙ୍କର ଅତି ଆଦରଣୀୟ 'ଚାଚା' ହୋଇଥିଲେ ।

ଏହି ଜ୍ଞାନ ବୃଦ୍ଧ, ଚିର କର୍ମଠ, ସତୁରୀ ବର୍ଷ ବୟସ୍କ ଶିଶୁ ଏକା ଭାରତରେ ନୁହଁ, ସବୁ ଦେଶର ସବୁ ଅଞ୍ଚଳର ଶିଶୁ ସମାଜର ଅତି ଆପଣାର ପ୍ରିୟପାତ୍ର ହୋଇଥିଲେ । ସମସ୍ତଙ୍କଠାରୁ ଆକୁଣ୍ଠିତ ଭକ୍ତି ଶ୍ରଦ୍ଧା ଆକର୍ଷଣ କରି ନେଉଥିଲେ । ସେ ଥିଲେ ଚିର ସବୁଜ । ପୃଥିବୀକୁ ଆସିଲା ବେଳେ ନିଜ ପିତାମାତା ପରିବାରକୁ କେବଳ ହସାଇ ଥିଲେ ସିନା, କିନ୍ତୁ ବିଦାୟ ନେବା ବେଳେ ସାରା ଦୁନିଆକୁ ଶୋକରେ ମୁହ୍ୟମାନ କରି ଦେଇଥିଲେ ।

ବନ୍ଦୀଶାଳାର ସୃଷ୍ଟି ଅସହ୍ୟ ଦୁଃଖ କଷ୍ଟ ପାଇ ଅନୁତାପରେ ଦଗ୍ଧ ହେବା ପାଇଁ । ପଣ୍ଡିତ ଜବାହରଲାଲଙ୍କ ଜୀବନର ଅଧିକାଂଶ ସମୟ ବନ୍ଦୀଶାଳାରେ ହିଁ କଟିଛି । ଏହି ଜେଲ ଜୀବନ ତାଙ୍କୁ କୌଣସି ଅନୁତାପର କାରଣ ହୋଇ ନାହିଁ, ବରଂ ଆନନ୍ଦ ଦେଇଛି । ତାଙ୍କ ପ୍ରତିଭାର ପରିପ୍ରକାଶ ଘଟିଛି ଏହି ଜେଲ୍ ଜୀବନରେ । 'ବିଶ୍ୱ ଇତିହାସ', 'ଭାରତ ଦର୍ଶନ', 'ଆତ୍ମଚରିତ' ଏପରିକି ଶିଶୁ କନ୍ୟାକୁ ଲିଖିତ ଇତିହାସ ସଂକ୍ରାନ୍ତ ପତ୍ରଗୁଚ୍ଛ, ଯାହାକି ପୃଥିବୀବ୍ୟାପୀ ଆଦୃତ, ସେ ସମସ୍ତ ଏହି ଜେଲ୍ ଜୀବନର ଫଳ । ବନ୍ଦୀ ଘରେ ପ୍ରତିଦିନ ପ୍ରତି ମୁହୂର୍ତ୍ତ ହିଁ ତାଙ୍କର କଟୁଥିଲା, ନାନା ଗବେଷଣା, ନିରୀକ୍ଷଣ ଓ ଭାବନା ଚିନ୍ତାରେ । ଜେଲ୍ ଘର ଭିତରକୁ ସାମୟିକ ଆସୁଥିବା ଓଧ, ମୁଷା ଯେପରି ତାଙ୍କୁ ଆକୃଷ୍ଟ କରୁଥିଲେ, ମେଘନାଦ ପାଚେରୀ ଆର ପାଖରେ ଠିଆ ହୋଇଥିବା ଗଛର ସର୍ବୋଚ୍ଚ ଡାଳରେ ପକ୍ଷୀ ଦମ୍ପତିଙ୍କ କାକଳୀ ସେହିପରି ଭାବନାର ଖୋରାକ ଯୋଗାଉଥିଲା ।

ଆହମଦ୍‌ନଗର ଜେଲରେ ବନ୍ଦୀଥିବା ବେଳେ ସହବନ୍ଦୀ ଡକ୍ଟର ପଟ୍ଟାଭି ସୀତାରାମେୟା ତାଙ୍କ ସଂପର୍କରେ ଲେଖିଛନ୍ତି, "ପ୍ରତ୍ୟହ ସକାଳେ ଚିହ୍ନ ରାଙ୍ଗିଲା ବେଳକୁ ଦେଖାଯାଏ, ନେହେରୁ ସମସ୍ତ ସହବନ୍ଦୀଙ୍କ ପାଇଁ ସ୍ୱ ହସ୍ତରେ ଚା ପ୍ରସ୍ତୁତ କରୁଛନ୍ତି, ଖାଇବା ଟେବୁଲ୍ ସଜାଡୁଛନ୍ତି, ପ୍ଲେଟ୍ ପ୍ରଭୃତି ପରିଷ୍କାର କରୁଛନ୍ତି । ସମୟ ସମୟରେ ଆମମାନଙ୍କର ଗହଣରେ ବସି ଜୀବନର ଅନୁଭୂତି ସରଳ ରସପୂର୍ଣ୍ଣ ଭାଷାରେ ବର୍ଣ୍ଣନା କରନ୍ତି । ସେଥିରେ ଜିନ୍‌ଜାର ଡାକ୍ତର ବା ନିଜ ପ୍ରଦେଶର ମାଜିଷ୍ଟ୍ରେଟ୍, ଲେଡ଼ିଆଷ୍ଟରଙ୍କ ଠାରୁ ମାଡାମ୍ ଚ୍ୟାଙ୍ଗ୍ କାଇସେକ୍, କମ୍ୟୁନିଷ୍ଟ ଦର୍ଶନ ବା ବିଲାତରେ ମାଷ୍ଟ୍ରାସ୍ୱର୍ଟୀ, ଇତିହାସର ପ୍ରସ୍ତର ଯୁଗଠାରୁ ଏପର୍ଯ୍ୟନ୍ତ ଅଗ୍ରଗତି, ହ୍ୟାରୋ କେମ୍ବ୍ରିଜ୍ ସ୍କୁଲଠାରୁ ଆନନ୍ଦ ଭବନ—କିଛି ହେଲେ ବାଦ ପଡେ ନାହିଁ । ତାଙ୍କର ଜ୍ଞାନର ଗଭୀରତା ଦେଖି ଆମେ ବିସ୍ମିତ ଓ ମୁଗ୍ଧ । ପୃଥିବୀର ଆଉ କୌଣସି ରାଜନୈତିକ ନେତାଙ୍କ ଜୀବନରେ ଏତେ ବେଶୀ ବୈଚିତ୍ର୍ୟ କଦାପି ମିଳିବ ନାହିଁ । ଶିଳ୍ପ, ସାହିତ୍ୟ, ବିଜ୍ଞାନ, ଖେଳ କସରତ୍, ଦୁଃସାହସିକ କାର୍ଯ୍ୟ, ପର୍ବତ ଆରୋହଣ, ଗଭୀର ଜଳରେ ସନ୍ତରଣ ସମସ୍ତ ହିଁ ତାଙ୍କର ଅତି ପ୍ରିୟ । ସବୁ ବିଷୟରେ ତାଙ୍କର ଗଭୀର ଅଭିଜ୍ଞତା । ପୂର୍ଣ୍ଣ ମାନବ କହିଲେ ସାଧାରଣତଃ ଯାହା ବୁଝାଯାଏ, ପଣ୍ଡିତ ଜବାହାଲାଲ୍ ହିଁ ତା'ର ପ୍ରକୃଷ୍ଟ ନମୁନା ।

"ଯାହା ସାମାନ୍ୟତମ ଅଶୋଭନ, ଯାହା ଅନ୍ୟାୟ ବୋଲି ବିବେଚିତ, ତାହା କଦାପି ସେ ବରଦାସ୍ତ କରିପାରନ୍ତି ନାହିଁ । ଅଳ୍ପକେ ରାଗି ଲାଲ ହୋଇ ଯାଆନ୍ତି, ପୁଣି ପର ମୁହୂର୍ତ୍ତରେ ମଧୁର ମନ ଭୁଲାଣିଆ ହାସ୍ୟରେଖା ତାଙ୍କ ମୁହଁରେ ଫୁଟି ଉଠେ" ।

ଏଭଳି ଧୀଶକ୍ତି ସଂପନ୍ନ ଶୀର୍ଷ ସ୍ଥାନୀୟ ଜନ ନାୟକଙ୍କ ବାଳ ଚପଳତା ମଧ୍ୟ କିଛି କମ୍ ନଥିଲା । ଦଳେ ଅଳ୍ପ ବୟସ୍କ ବାଳକ ବାଳିକାଙ୍କୁ ପାଇଲେ, ସମସ୍ତ ଗାମ୍ଭୀର୍ଯ୍ୟ ଭୁଲିଯାଇ ସେମାନଙ୍କ ସହିତ ଖେଳରେ ମାତି ଯାଆନ୍ତି । ଦୋଳିରେ ବସି ଝୁଲନ୍ତି, ନହେଲେ ଶୀର୍ଷାସନ କରି ଆନନ୍ଦ ପାଆନ୍ତି । ବାଘ ଛୁଆ, ଛୋଟ ହାତୀ ଏପରିକି ଯେ କୌଣସି ଜୀବଜନ୍ତୁ ହାତ ପାଖରେ ଥିଲେ, ତା ସହିତ ଖେଳରେ ମାତି ଯାଆନ୍ତି ।

ଜୀବନର ପ୍ରତି ମୁହୂର୍ତ୍ତରେ ତାଙ୍କର କେବଳ ଚିନ୍ତାଥିଲା ଦେଶ ଓ ଦେଶବାସୀଙ୍କ ମଙ୍ଗଳ ସାଧନ । ଗୁରୁ ଗାନ୍ଧିଜୀଙ୍କ ମନ୍ତ୍ର ହିଁ ତାଙ୍କର ଏକ ମାତ୍ର ଧ୍ୟାନ ।

"ଦେଶର ପ୍ରତ୍ୟେକ ଲୋକ ଆଖିରୁ ପ୍ରତି ଲୁହ ବିନ୍ଦୁକୁ ପୋଛି ଦେବାକୁ ହେବ, ଗାନ୍ଧିଜୀ ଏହି ଦୀକ୍ଷା ଆମକୁ ଦେଇ ଯାଇଛନ୍ତି । ତାଙ୍କର ଉପଯୁକ୍ତ ଦାୟାଦ ହେବାକୁ ହେଲେ, ପ୍ରତି ମୁହୂର୍ତ୍ତରେ ଆମକୁ ଏହି ଦିଗରେ କାର୍ଯ୍ୟ କରିବାକୁ ପଡ଼ିବ । ମନୁଷ୍ୟର ଜନ୍ମ କର୍ମ କରିବାକୁ । ଆରାମ୍ ହାରାମ୍ ହେଁ" । ଅନ୍ତିମ କାଳରେ ମଧ୍ୟ ସମ୍ମୁଖ ଟେବୁଲ୍ ଉପରେ ଆଖି ଆଗରେ ରଖିଥିଲେ କବି ରବର୍ଟ୍ ଫ୍ରଷ୍ଟଙ୍କ ଅମର କବିତା

"The woods are lovely,dark and deep
But I have promises to keep.
And miles to go before I sleep,
And miles to go before I sleep."

ଶେଷ ନିର୍ଦ୍ଦେଶ ଥିଲା—"ଦେଶବାସୀଙ୍କୁ ଅନୁରୋଧ, ମୋର ଚିତା ଭସ୍ମରୁ ମୁଠାଏ ଗଙ୍ଗାନଦୀରେ ପକାଇ ଦେବାକୁ ହେବ, ଯେପରି କି ଦେଶର ଦୁଃଖ ଦୁର୍ଦ୍ଦଶା ସହ ତାହା ଭାସିଯାଇ ସମୁଦ୍ରରେ ଲୀନ ହୋଇଯିବ । ବାକୀ ସମସ୍ତ ଭସ୍ମ ଦେଶର ପ୍ରତ୍ୟେକ ଅଞ୍ଚଳର କୃଷି ଜମିରେ ବିଞ୍ଚି ଦେଲେ ଫସଲ ଲାଭବାନ ହେବ, ଦେଶବାସୀ ସମୃଦ୍ଧ ହେବେ" ।

ଏହାର ପଚିଶ ବର୍ଷ ଆଗରୁ ଆମ ରାଜ୍ୟର ସର୍ବ ପୂଜ୍ୟ ନେତା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଘୋଷିତ ବାଣୀ ମନରେ ଖେଳିଯାଏ—

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ସ୍ୱାଧୀନତା ପଥେ ଯେତେ ଅଛି ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ ।
ସ୍ୱାଧୀନତା ପଥେ ଚିକେ ହେଲେ ନର
ମୋ ଜୀବନ ଦାନେ ହେଉ ଅଗ୍ରସର" ।

ମହତ୍ ଜନମାନଙ୍କ ମହତ୍ ଭାବନାର ସାମଞ୍ଜସ୍ୟ ସବୁ କାଳରେ ଦେଖାଯାଏ ।

---

ନାରାୟଣ ମିଶ୍ର ଲେନ୍,
ଅରୁଣୋଦୟ ମାର୍କେଟ୍, କଟକ ।

"I like being with children and talking to them and, even more, playing with them. For a moment I forget that I am terribly old and that it is a very long time ago since I was a child."

# ଜବାହରଲାଲ ଓ ଅଣଗୋଷ୍ଠୀ ଚୁକ୍ତି

ଶ୍ରୀମତୀ ସ୍ମିତା ମିଶ୍ର

ବାସନ୍ତୀ ପ୍ରଭାତର କୋମଳ ରବି କିରଣ ପରଶରେ ସୁଷୁପ୍ତି ଭଙ୍ଗ ବନର କାକଳୀ କୂଜନ ଶୁଣିବା ଲାଗି ଜାଗି ଉଠିବା ପରି ୧୯୪୭ ଅଗଷ୍ଟ ୧୫ ତାରିଖ ମଧ୍ୟ ରାତ୍ରିରେ ସମଗ୍ର ବିଶ୍ୱ ତନ୍ଦ୍ରାଚ୍ଛନ୍ନ ଥିବାବେଳେ ସ୍ୱାଧୀନତାର କାଉଁରୀ ପରଶରେ ଦୀର୍ଘ ଶତାବ୍ଦୀମାନଙ୍କର ମୋହ ଓ ଜଡ଼ତା ଭଙ୍ଗ କରି ଭାରତ ଜାଗି ଉଠିଥିଲା ତାର. ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ଆବେଗମୟ ଆହ୍ୱାନ ଶୁଣିବା ନିମନ୍ତେ ।

ଦ୍ୱିତୀୟ ବିଶ୍ୱ ସମର ଶେଷରେ ପୃଥିବୀର ରାଜନୈତିକ ଓ ସାମାଜିକ ଶକ୍ତିମାନଙ୍କ ସମ୍ବନ୍ଧରେ ମୌଳିକ ପରିବର୍ତ୍ତନ ଦେଖାଗଲା । ସେହି ପରିବର୍ତ୍ତନ ବିଶ୍ୱକୁ ସାମ୍ରାଜ୍ୟବାଦୀ ଓ ସାମ୍ୟବାଦୀ—ଏହି ଦୁଇ ବିଭାଗରେ ବିଭକ୍ତ କରିଦେଲା । ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନଙ୍କର ନେତା ଯୁକ୍ତରାଷ୍ଟ୍ର ଆମେରିକା ହେବାବେଳେ ସାମ୍ୟବାଦୀ ରାଷ୍ଟ୍ରମାନଙ୍କର ନେତା ହେଲା ସୋଭିଏତ୍ ରୁଷିଆ । ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନେ ସାଧାରଣତଃ ବହୁଦଳୀୟ ଗଣତନ୍ତ୍ର ଓ ଅବାଧ ନିର୍ବାଚନରେ ଆସ୍ଥା ସ୍ଥାପନ କରିବା ବେଳେ, ସାମ୍ୟବାଦୀ ରାଷ୍ଟ୍ରମାନେ ଏକ ଦଳୀୟ କେନ୍ଦ୍ରୀକ ଶାସନରେ ବିଶ୍ୱାସ କରିଥିଲେ । ଉଭୟ ସାମ୍ରାଜ୍ୟବାଦୀ ଓ ସାମ୍ୟବାଦୀ ରାଷ୍ଟ୍ର ନିଜନିଜ ମଧ୍ୟରେ ସାମରିକ ମେଣ୍ଟ ଗଠନ କରି ଆତ୍ମରକ୍ଷା ଏବଂ ଅପର ପକ୍ଷକୁ ନିଜ ଅକ୍ତିଆରରେ ଆଣିବାକୁ ଚେଷ୍ଟା କରୁଥିଲେ । ଏହି ଉଭୟ ଗୋଷ୍ଠୀ ମଧ୍ୟରେ ଆଦର୍ଶ ଓ ନୀତି ଭିତରେ ଥିବା ଅନ୍ତର୍ନିହିତ ସଙ୍ଘର୍ଷ ସମଗ୍ର ବିଶ୍ୱରେ ଶୀତଳ ସମରର ତରଙ୍ଗ ସଞ୍ଚାରିତ କରି ଦେଇଥିଲା ।

ସେହି ଶୀତଳ ସମରର ବାତାବରଣ ମଧ୍ୟରେ ଉପନିବେଶବାଦର ଅବକ୍ଷୟ ପ୍ରକ୍ରିୟାର ପ୍ରଥମ ସୋପାନ ହେଉଛି ଭାରତର ସ୍ୱାଧୀନତା ଲାଭ । ସ୍ୱାଧୀନ ଭାରତ ବହୁଦଳୀୟ ଗଣତନ୍ତ୍ର ଏବଂ ଅବାଧ ନିର୍ବାଚନ ଦ୍ୱାରା ନିର୍ବାଚିତ ପାର୍ଲିଆମେଣ୍ଟର ଶାସନକୁ ଗ୍ରହଣ କରିଥିବା ହେତୁ ଆଦର୍ଶଗତ ସାମ୍ୟ ଦୃଷ୍ଟିରୁ ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନଙ୍କର ନିକଟତର ଥିଲା । ୧୯୪୯ରେ ଭାରତ ରାଜ୍ୟଗୋଷ୍ଠୀର ସଭ୍ୟ ହୋଇ ରହିବାକୁ ସ୍ଥିର କରିବା ପରେ ଆଦର୍ଶ ଦୃଷ୍ଟିରୁ ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନେ ଭାରତକୁ ନିଜ ଗୋଷ୍ଠୀର ଏକ ପ୍ରଭାବଶାଳୀ ରାଷ୍ଟ୍ର ରୂପେ ଗ୍ରହଣ କରିନେଲେ । ଇତିହାସ ତଥା ପରମ୍ପରା ଦୃଷ୍ଟିରୁ ସ୍ୱାଭାବିକ ଭାବରେ ଆଶା କରାଯାଉଥିଲା ଯେ, ଭାରତ ବହୁଦଳୀୟ ଗଣତାନ୍ତ୍ରିକ ଶାସନ ପନ୍ଥା ବାଛି ନେଇଥିବାରୁ ଓ ରାଜ୍ୟଗୋଷ୍ଠୀ ସହ ସୁସମ୍ପର୍କ ରଖିଥିବାରୁ, ସାମ୍ରାଜ୍ୟବାଦୀ ଗୋଷ୍ଠୀର ଏକ ପ୍ରଧାନ ରାଷ୍ଟ୍ର ହୋଇ ରହିବ । ସେତେବେଳେ ଆମେରିକାର ଏସୀୟ ରାଜନୀତି କୌଶଳର ମୁଖ୍ୟ ଉଦ୍ଦେଶ୍ୟ ଏସିଆ ମହାଦେଶରେ ଆମେରିକୀୟ ସ୍ୱାର୍ଥ ସାଧନ ନିମନ୍ତେ ଭାରତକୁ ବ୍ୟବହାର କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା । ଭାରତର ସ୍ୱାଧୀନତାର ଅବ୍ୟବହିତ ପରେ ଆମେରିକାର ରାଷ୍ଟ୍ରପତି ଶ୍ରୀ ଟ୍ରୁମ୍ୟାନ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଆମେରିକା ନିମନ୍ତ୍ରଣ କରିଥିଲେ । ସେହି ଯାତ୍ରା ସମୟରେ ପଣ୍ଡିତ ନେହେରୁଙ୍କୁ ଯୁକ୍ତରାଷ୍ଟ୍ର ଆମେରିକାରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଥିଲା ଏବଂ ଭାରତ ସହ ଏକ ସ୍ୱତନ୍ତ୍ର ସମ୍ପର୍କ ସ୍ଥାପନ କରିବାକୁ ଆମେରିକାର ଏକାନ୍ତ ଆଗ୍ରହ ତାଙ୍କୁ ଜଣାଇ ଦିଆଯାଇଥିଲା । ବିଶ୍ୱରେ କମ୍ୟୁନିଜିମ୍‌ର ପ୍ରସାରକୁ ପ୍ରତିହତ କରିବା ନିମନ୍ତେ ସାମ୍ରାଜ୍ୟବାଦୀ ଗୋଷ୍ଠୀର ପ୍ରତିରକ୍ଷା ବ୍ୟବସ୍ଥାରେ ନୂତନ ଦିଗନ୍ତ ଉନ୍ମୁକ୍ତ କରିବା ନିମନ୍ତେ ଭାରତର ଐତିହାସିକ ଦାୟିତ୍ୱ ରହିଥିବା କଥା ଆମେରିକୀୟ କଂଗ୍ରେସ ପଣ୍ଡିତ ନେହେରୁଙ୍କୁ ସ୍ମରଣ କରାଇ ଦେଇଥିଲା । ତାର ଉତ୍ତରରେ ପଣ୍ଡିତ ନେହେରୁ କହିଥିଲେ ଯେ, ନ୍ୟାୟ ଏବଂ ମୁକ୍ତି ନିମନ୍ତେ କୌଣସି ସମରରେ ଭାରତ କେବଳ ନିରପେକ୍ଷ ଦ୍ରଷ୍ଟା ହୋଇ ରହି ପାରିବ ନାହିଁ । ଆମେରିକାର ଯୁକ୍ତରାଷ୍ଟ୍ର ଏସିଆରେ ଗଣତାନ୍ତ୍ରିକ ମୂଲ୍ୟ ନିମନ୍ତେ ଭାରତ ଉପରେ ଅନେକ ଆଶା ରଖିଥିଲା ଏବଂ ଭାରତର ରାଷ୍ଟ୍ରନାୟକ ପଣ୍ଡିତ ନେହେରୁଙ୍କୁ କମ୍ୟୁନିଷ୍ଟ ଚୀନର ମାଓ ସେ ତୁଙ୍ଗଙ୍କ ଉପଯୁକ୍ତ ପ୍ରତିଦ୍ୱନ୍ଦ୍ୱୀ ବୋଲି ଗ୍ରହଣ କରିଥିଲା ।

କିନ୍ତୁ ପଣ୍ଡିତ ନେହେରୁଙ୍କ ଅସାଧାରଣ ବ୍ୟକ୍ତିତ୍ୱ ଆମେରିକାର ସ୍ତୁତିବାକ୍ୟ ଏବଂ ଭାରତକୁ ପ୍ରଚୁର ସାହାଯ୍ୟ ଦେବା ନିମନ୍ତେ ପ୍ରତିଶ୍ରୁତିରେ ବିଭ୍ରାନ୍ତ ହୋଇ ନ ଥିଲା । ନବଜାତ ଭାରତ ନିମନ୍ତେ ଯେଉଁ ପଥ ଓ ନୀତି ସର୍ବୋତ୍କୃଷ୍ଟ ସେହି ବୈଦେଶିକ ନୀତିକୁ ଆଚରଣ କରିବା ନିମନ୍ତେ ପଣ୍ଡିତ ଜବାହରଲାଲ୍ ଦୃଢ଼ ସଙ୍କଳ୍ପ ଥିଲେ ।

ଯେ କୌଣସି ଦେଶର ବୈଦେଶିକ ନୀତି ସେହି ଦେଶର ଆଦର୍ଶ, ଭୌଗଳିକ ପରିସ୍ଥିତି, ଅର୍ଥନୈତିକ ସ୍ଥିତି ତଥା ଆଭ୍ୟନ୍ତରୀଣ ଅବସ୍ଥା ଉପରେ ନିର୍ଭର କରେ ।

### ଆଦର୍ଶ :

ଆଦର୍ଶଗତ ଦୃଷ୍ଟିରେ ଭାରତ ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନଙ୍କର ଗଣତନ୍ତ୍ରରେ ବିଶ୍ୱାସକୁ ସମ୍ମାନ ଦେଉଥିଲେ ସୁଦ୍ଧା ସେମାନଙ୍କର ଉପନିବେଶବାଦ ତଥା ବର୍ଣ୍ଣଭେଦ ପ୍ରତି ସହାନୁଭୂତି ପରି ନୀତିମାନଙ୍କର ସମର୍ଥନ କରିପାରୁ ନ ଥିଲା । ବରଂ ସାମ୍ୟବାଦୀ ରାଷ୍ଟ୍ରମାନଙ୍କର ନବ୍ୟ ଉପନିବେଶବାଦ—ବିରୋଧୀନୀତି ଏବଂ ଦକ୍ଷିଣ ଆଫ୍ରିକାର ପ୍ରିଟୋରିଆ ସରକାରଙ୍କ ବିରୋଧ ଭାରତକୁ ସାମ୍ୟବାଦୀ ରାଷ୍ଟ୍ରମାନଙ୍କର ନିକଟତର କରି ଦେଇଥିଲା । ଭାରତର ସମ୍ବିଧାନ ଓ ଶାସନ ପଦ୍ଧତି ଭାରତକୁ



ଆମେରିକା, ଇଂଲଣ୍ଡ ଓ ଫ୍ରାନ୍ସର ନିକଟତର କରିଥିଲେ ମଧ୍ୟ ସେମାନଙ୍କର ପୁରାତନ ଉପନିବେଶରେ ସାମ୍ରାଜ୍ୟବାଦ ତଥା ଅର୍ଥନୈତିକ ନବ୍ୟ ଉପନିବେଶବାଦର ନୂତନ ପକ୍ଷ ବିସ୍ତାର ଭାରତକୁ ତାଙ୍କଠାରୁ ଦୂରେଇ ନେଇଥିଲା ।

**ଭୌଗଳିକ ପରିସ୍ଥିତି :**

ଭୂଗୋଳ ଭାରତକୁ ଉଭୟ ସୋଭିଏତ୍ ରୁଷ୍ ଏବଂ ଚୀନ୍‌ର ପ୍ରତିବେଶୀ କରିଦେଇଛି ।ସୋଭିଏତ୍ ରୁଷ୍ ଏବଂ ଚୀନ୍ ଦୁଇଟି ପରାକ୍ରମଶାଳୀ କମ୍ୟୁନିଷ୍ଟ୍ ରାଷ୍ଟ୍ର ଏବଂ ସେମାନଙ୍କର ଆଦର୍ଶ ତଥା ଶାସନ ପଦ୍ଧତି ଭାରତଠାରୁ ପୃଥକ୍ ବୋଲି ସମସ୍ତେ ଭଲ ଭାବରେ ଜାଣନ୍ତି । ବିଶେଷତଃ ୧୯୪୯ ରେ ଗୃହଯୁଦ୍ଧରେ ବିଜୟୀ ହୋଇ ମାଓ-ସେ-ତୁଙ୍ଗଙ୍କର ଆତ୍ମବିଶ୍ୱାସ ଗଭୀର ଭାବରେ ବୃଦ୍ଧି ପାଇଥିବାରୁ, ପଣ୍ଡିତ ଜବାହରଲାଲ୍ ତାଙ୍କ ବୈଦେଶିକ ନୀତି ସ୍ଥିର କରିବା ବେଳେ ଏଇ ପରିସ୍ଥିତି ପ୍ରତି ଆଖିବୁଜି ଦେଇ ପାରୁ ନ ଥିଲେ । ଚୀନ୍‌ର ସୀମାରୁ ୩,୦୦୦ କି:ମି: ଭାରତ ସହ ରହିଛି । ଅବଶ୍ୟ ଭାଗ୍ୟବଶତଃ ନଗାଧିରାଜ ଉତ୍ତୁଙ୍ଗ ଦୁର୍ଗମ ହିମାଳୟ ଏହି ଦୀର୍ଘ ସୀମାରେଖା ନିମନ୍ତେ ଜାଗ୍ରତ ପ୍ରହରୀ ରୂପେ ଦଣ୍ଡାୟମାନ ରହିଥିବାରୁ ଭାରତ ଅପେକ୍ଷାକୃତ ଆଶ୍ୱସ୍ତ ହୋଇପାରିଛି । କିନ୍ତୁ ଆଧୁନିକ ଯୁଦ୍ଧ ଉପକରଣ ଏହି ପ୍ରହରୀକୁ କେତେ ଦିନ ଅପେକ୍ଷା କରିବ ?

ଅବଶ୍ୟ ଦ୍ୱିତୀୟ ମହାଯୁଦ୍ଧ ପରି ଗୋଟିଏ ଯୁଗାନ୍ତକାରୀ ଘଟଣା ପରେ ବିଶ୍ୱ ଇତିହାସରେ ସମର ତଥା ଅନ୍ୟ ଦେଶକୁ ସେନା ଦ୍ୱାରା ଆକ୍ରମଣ କରିବା ଘଟଣାର ଦ୍ରୁତ ପରିବର୍ତ୍ତନ ହୋଇ ଯାଇଅଛି । ଏହାର କାରଣ ଆଣବିକ ଅସ୍ତ୍ରର ଉଦ୍ଭାବନ । ଏହି ଆଣବିକ ବୋମାର ଭୟାବହତା ତଥା ଏହି ଆଣବିକ ବୋମାକୁ ୩,୦୦୦ କି:ମି: ଦୂରରେ ଥିବା ଲକ୍ଷ୍ୟସ୍ଥଳକୁ ନିର୍ଭୁଲ୍ ଭାବରେ ପଠାଇ ପାରିବା ବ୍ୟବସ୍ଥା ଏବେ ଯୁଦ୍ଧକୁ ଏକ ନୂତନ ମୋଡ଼ ଦେଇ ପାରିଛି । ତେଣୁ ଯୁଦ୍ଧ ଏବେ ଅର୍ଥନୈତିକ ସ୍ତରରେ ହେଉଛି ଏବଂ ଉପନିବେଶବାଦ ଏବେ ଅର୍ଥନୈତିକ ଭାବରେ ଓ ରାଜନୈତିକ ଭାବରେ ପ୍ରସାର କରୁଛି ।

ତେଣୁ ଭାରତ ଯଦି କାହା ଦ୍ୱାରା ଆକ୍ରାନ୍ତ ହେବ, ତାହା ହେଲେ ତାହା ତାର ପଡ଼ୋଶୀ ରାଷ୍ଟ୍ରମାନଙ୍କ ଦ୍ୱାରା ହିଁ ହୋଇ ପାରିବ । ସୁଦୂର ଆମେରିକା ବା ଇଂଲଣ୍ଡ ଆଉ ଭାରତ ଉପରେ ଆକ୍ରମଣ କରିପାରିବେ ନାହିଁ । ଆମେରିକା ଯୁକ୍ତରାଷ୍ଟ୍ର କ୍ଷୁଦ୍ର ଭିଏତ୍‌ନାମ୍ ଉପରେ ଆକ୍ରମଣ କରି ଶେଷରେ ପରାସ୍ତ ହୋଇ ଯାଇଥିଲା । କିନ୍ତୁ ଭାରତକୁ ୧୯୬୨ ରେ ଚୀନ୍ ଆକ୍ରମଣ କରିଥିଲା ଏବଂ ଏବେ ବି ଭାରତର କିୟଦ୍ ଭୂଖଣ୍ଡ ଚୀନ୍ ଅଧୀନରେ ରହିଛି । ସେହିପରି ୧୯୭୮ ରେ ସୋଭିଏତ୍ ରୁଷ୍ ଆଫଗାନିସ୍ତାନକୁ ସୈନ୍ୟବାହିନୀ ପଠାଇ ସେଠାରେ ନିଜ ମନୋନୀତ ଏକ ସରକାରକୁ କ୍ଷମତାରେ ବସାଇଅଛି । ତେଣୁ ଭାରତକୁ ଚୀନ୍ ଏବଂ ରୁଷ ପ୍ରତି ସାବଧାନ ରହିବାକୁ ପଡ଼ିବ ବୋଲି ପଣ୍ଡିତ ନେହେରୁ ଭଲଭାବରେ ବୁଝିଥିଲେ ।

ଏହି ସମ୍ଭାବିତ ଆକ୍ରମଣର ସରଳ ପ୍ରତିଷେଧକ ହେଲା ଭାରତୀୟ ସେନାବାହିନୀକୁ ଶକ୍ତିଶାଳୀ ଓ ବ୍ୟାପକ କରି ଗଢ଼ି ତୋଳିବା । କିନ୍ତୁ ଭାରତର ଆୟତନ, ତଥା ଲୋକ ସଂଖ୍ୟା ଏବଂ ସୀମାନ୍ତର ଦୈର୍ଘ୍ୟ ଦୃଷ୍ଟିରୁ ଏହି ଚେଷ୍ଟାର ସଫଳ ରୂପାୟନ କରିବା ବେଳେ ଭାରତୀୟ ସେନାବାହିନୀ ଏକ ଅତିକାୟ ବାହିନୀ ହୋଇ ଯାଇଥାଆନ୍ତା । ଏତେ ବିରାଟ ସେନାବାହିନୀର ରକ୍ଷଣାବେକ୍ଷଣ ନିମନ୍ତେ ଯେଉଁ ବିରାଟ ବ୍ୟୟ ହୁଅନ୍ତା, ତା'ର ଫଳରେ ଭାରତର ଅର୍ଥନୈତିକ ଅଗ୍ରଗତି ବିପନ୍ନ ହୋଇଥାଆନ୍ତା । ସେନାବାହିନୀ ନିମନ୍ତେ ଖର୍ଚ୍ଚ ବଢ଼ିଯାଇ ଭାରତର ସାମାଜିକ ଅଗ୍ରଗତି କ୍ଷୁର୍ଣ୍ଣ ହୋଇଥାଆନ୍ତା ଏବଂ ତା'ଫଳରେ ଭାରତରେ ଶ୍ରେଣୀ ବିଭେଦ ତୀବ୍ରରୁ ତୀବ୍ରତର ହୋଇ ଯାଉଥାଆନ୍ତା । ଦରିଦ୍ର ଲୋକସଂଖ୍ୟାର କ୍ରମବୃଦ୍ଧି ଅବଶେଷରେ ଭାରତର ନିରାପତ୍ତା ସମ୍ପୂର୍ଣ୍ଣ ଭାବରେ ବିପନ୍ନ କରି ଦେଇଥାଆନ୍ତା ଏବଂ ଯେଉଁ କମ୍ୟୁନିଜମ୍‌କୁ ପ୍ରତିହତ କରିବାକୁ ସେନାବାହିନୀର ଆଶ୍ରୟ ନେବାକୁ ପଡ଼ିଥାଆନ୍ତା, ସେହି କମ୍ୟୁନିଜମ୍ ବିନା ଯୁଦ୍ଧରେ ଘରର ବାଡ଼ିପଟୁ ଭାରତ ଭିତରେ ପ୍ରବେଶ କରିଥାଆନ୍ତା ।

ଅପର ପକ୍ଷରେ ଅତିକାୟ ଶକ୍ତିଶାଳୀ ସେନାବାହିନୀ ଭାରତର ଗଣତନ୍ତ୍ର ପ୍ରତି ବିପଦ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରନ୍ତା ନାହିଁ । ଏହାର ଉଦାହରଣ ନିମନ୍ତେ ଆମକୁ ଆମର ପଡ଼ୋଶୀ ରାଷ୍ଟ୍ରମାନଙ୍କୁ ଦେଖିଲେ ଯଥେଷ୍ଟ ହେବ । ଏବେ ପାକିସ୍ଥାନ, ବଙ୍ଗଳାଦେଶ ତଥା ବର୍ମାରେ ସାମରିକ ଶାସନ ଚାଲିଛି, କାରଣ ସେହି ଦେଶର ଶାସକମାନେ ଦେଶକୁ ପଡ଼ୋଶୀ ରାଷ୍ଟ୍ରମାନଙ୍କର କଳ୍ପନା-ପ୍ରସୂତ ଆକ୍ରମଣରୁ ରକ୍ଷା କରିବା ନିମନ୍ତେ ସେନାବାହିନୀକୁ ନିଜର ତଥା ବିଦେଶୀ ରାଷ୍ଟ୍ରର ସମ୍ବଳ ଦ୍ୱାରା ଶକ୍ତିଶାଳୀ କରିଥିଲେ ।

ଏହି ପରିସ୍ଥିତିକୁ ବିଚାର କରି ପଣ୍ଡିତ୍ ନେହେରୁ କମ୍ୟୁନିଷ୍ଟ୍ ଦେଶମାନଙ୍କର ସମ୍ଭାବ୍ୟ ଆକ୍ରମଣର ପ୍ରତିକାର କରିବାକୁ ସାମରିକ ନୁହେଁ, କୂଟନୈତିକ ସ୍ତରରେ କରିବାକୁ ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତି ଫଳରେ ଭାରତକୁ ପଶ୍ଚିମ ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନଙ୍କର ସାମରିକ ତଥା ଅର୍ଥନୈତିକ ସହଯୋଗରୁ ବଞ୍ଚିତ ହେବାକୁ ପଡ଼ିଥିଲା । ସେହି ପଞ୍ଚାଶ ଦଶକରେ ସୋଭିଏତ୍ ଗୋଷ୍ଠୀ ଭାରତକୁ ସନ୍ଦେହ ଦୃଷ୍ଟିରେ ଦେଖୁଥିଲେ । ଭାରତ ବିଶ୍ୱର ସମସ୍ତ ରାଷ୍ଟ୍ରମାନଙ୍କର ଗଡ଼୍ଡାଳିକା ପ୍ରବାହକୁ ତ୍ୟାଗକରି ନିଜର ଏକ ସ୍ୱତନ୍ତ୍ର ପନ୍ଥା ନିର୍ବାଚନ କରି ନେଇଥିଲା, ଯେଉଁ ପନ୍ଥାରେ ନଥିଲା ପ୍ରାଚୁର୍ଯ୍ୟ କିନ୍ତୁ ରହିଥିଲା ଆତ୍ମସମ୍ମାନ ।

ପଣ୍ଡିତ ନେହେରୁଙ୍କର ଏହି ଦୂରଦୃଷ୍ଟି ସମ୍ପନ୍ନ ବୈଦେଶିକ ନୀତି ଆଜି ଭାରତରେ ଗଣତନ୍ତ୍ରକୁ ସୁଦୃଢ଼ କରିପାରିଛି ଏବଂ ସାବାଳକ ନିର୍ବାଚନ ପ୍ରଥାରେ ବହୁଦଳୀୟ ଗଣତନ୍ତ୍ର ବ୍ୟବସ୍ଥାରେ ଦୀର୍ଘ ଚାଳିଶି ବର୍ଷ ହେଲା ଭାରତର ଶାସନ ଚାଲିଆସିଛି । ଚାରିଆଡ଼େ ସାମରିକ ଶାସନର ଅମାରାତ୍ରି ଭିତରେ ଭାରତ ହେଉଛି ଏକମାତ୍ର ଉଜ୍ଜ୍ୱଳ ଆଲୋକ ଦୀପିକା ଏବଂ ଏହି ଦୀପିକାର ସ୍ଥିର ନିଶ୍ଚଳ ଆଲୋକ ନିମନ୍ତେ ପଣ୍ଡିତ ନେହେରୁଙ୍କର କଳ୍ପନା-ପ୍ରସୂତ ବୈଦେଶିକ ନୀତି ହିଁ ଦାୟୀ । ନୂତନ ଭାରତରେ ସ୍ୱାଧୀନତାର ଆସ୍ୱାଦନ ଲାଭ କରିଥିବା ଭାରତବର୍ଷରେ ଗଣତନ୍ତ୍ରକୁ ଦୀର୍ଘକାଳ ସ୍ଥାୟୀ କରିବାକୁ ପଣ୍ଡିତ ନେହେରୁ ଭାରତକୁ ପ୍ରଥମେ ଏକ ନିରପେକ୍ଷ ରାଷ୍ଟ୍ର ଓ ପରେ ଏକ ଅଣଗୋଷ୍ଠୀଭୁକ୍ତ ରାଷ୍ଟ୍ର ରୂପରେ ନୂତନ ଦିଗ୍‌ଦର୍ଶନ ଦେଇଥିଲେ ଓ ଏହି ଅମଡ଼ାବାଟ ହିଁ ଆଜି ଭାରତକୁ ପୃଥିବୀର ବୃହତ୍ତମ ଗଣତନ୍ତ୍ର ରାଷ୍ଟ୍ରର ସମ୍ମାନ ଦେଇଛି ।

**ଅର୍ଥନୈତିକ ସ୍ଥିତି :**

ସ୍ୱାଧୀନତା ଲାଭ କରିବା ବେଳକୁ ଭାରତର ଅର୍ଥନୈତିକ ଅବସ୍ଥା ଶୋଚନୀୟ ଥିଲା । ଦୀର୍ଘ ଶତାବ୍ଦୀମାନଙ୍କର ବିଦେଶୀ ଶୋଷଣ ତଥା ଦ୍ୱିତୀୟ ମହାଯୁଦ୍ଧର ଫଳଶ୍ରୁତି ହିସାବରେ ଭାରତୀୟ ଅର୍ଥନୀତି ରୁଗ୍ଣ ଓ ମ୍ରିୟମାଣ ଅବସ୍ଥାରେ ରହିଥିଲା । ଭାରତୀୟ ଜନସାଧାରଣ ସେତେବେଳେ ଦାନାକନା ନିମନ୍ତେ ଜୀବନ ସଂଗ୍ରାମ କରିବା ଆବଶ୍ୟକ ଥିଲା । ଦେଶରେ ଶିଳ୍ପ ସଂଖ୍ୟା ନଗଣ୍ୟ ଥିଲା ଏବଂ କୃଷିର ଉତ୍ପାଦନ ନିମ୍ନସ୍ତରରେ ଥିଲା । ସେ ସମୟରେ ଭାରତର ଅର୍ଥନୀତି ଦରକାର କରୁଥିଲା ଅନେକ ପୁଞ୍ଜି, ବହୁ ଅର୍ଥର ବିନିଯୋଗ । ଏହି ଅର୍ଥ ଯୋଗାଇଦେବା ଶକ୍ତି ସେତେବେଳେ କେବଳ ଯୁକ୍ତରାଷ୍ଟ୍ର ଆମେରିକା ବ୍ୟତୀତ ଅନ୍ୟ କୌଣସି ରାଷ୍ଟ୍ରର ନ ଥିଲା । ଶିଳ୍ପରେ ଉନ୍ନତି ବା କୃଷି କ୍ଷେତ୍ରରେ ଉତ୍ପାଦିକା ଶକ୍ତିର ବୃଦ୍ଧି ନିମନ୍ତେ ବୈଷୟିକ ଜ୍ଞାନ ସେତେବେଳେ କେବଳ ଆମେରିକାରେ ହିଁ ଥିଲା । ତେଣୁ ଆମର ବୈଦେଶିକ ନୀତି ଏପରି ହେବା ଦରକାର ଥିଲା ଯାହା ଆମେରିକାକୁ ଆମଠାରୁ ବହୁ ଦୂରକୁ ନେଇ ଯିବ ନାହିଁ । ଭାରତ ପରି ଗୋଟିଏ ବିରାଟ ରାଷ୍ଟ୍ରକୁ ସାହାଯ୍ୟ କରି, ତା'ର ଜନଜୀବନ ମାନର ଯଥାସାଧ୍ୟ ଉନ୍ନତି କରିବା ଅତ୍ୟନ୍ତ ଦୁଃସାଧ୍ୟ ଥିଲେ ମଧ୍ୟ କେବଳ ଯୁକ୍ତରାଷ୍ଟ୍ର ଆମେରିକା

ବ୍ୟତୀତ ଅନ୍ୟ କୌଣସି ରାଷ୍ଟ୍ର ଏହି କାର୍ଯ୍ୟ କରିବା ଅସମ୍ଭବ ଥିଲା । ଭାରତ ରାଷ୍ଟ୍ର ଗଠନ ନିମନ୍ତେ ବୈଦେଶିକ ସାହାଯ୍ୟ ନିମନ୍ତେ ଯୁକ୍ତରାଷ୍ଟ୍ର ଉପରେ ହିଁ ଅଧିକାଂଶତଃ ନିର୍ଭର କରିବାକୁ ପଡୁଥିବା ହେତୁ, ତା'ର ବୈଦେଶିକ ନୀତିରେ ସେହିପରି ପରିବର୍ତ୍ତିତ କୌଶଳ ଅବଲମ୍ବନ କରିବାକୁ ହୋଇଥିଲା ।

**ଆଭ୍ୟନ୍ତରୀଣ ଅବସ୍ଥା :**

ସ୍ୱାଧୀନତା ପ୍ରାପ୍ତି ପରେପରେ ଭାରତର ଆଭ୍ୟନ୍ତରୀଣ ପରିସ୍ଥିତି ହିନ୍ଦୁ-ମୁସଲମାନ୍ ବିବାଦ ଯୋଗୁଁ ବିପର୍ଯ୍ୟସ୍ତ ହୋଇ ଯାଇଥିଲା । ଲକ୍ଷଲକ୍ଷ ଶରଣାର୍ଥୀଙ୍କର ଆଗମନ ଫଳରେ ଧର୍ମ ଓ ଜାତି ନାମରେ ଭାରତୀୟ ଶାସନର ମୂଳଦୁଆ ଦୋହଲି ଉଠିଥିଲା । କେବଳ ଧର୍ମ ନୁହେଁ, ଭାଷାଗତ ବିବାଦର ତୀବ୍ରତା ସେତେବେଳର ଭାରତର ଏକତା ତଥା ଅଖଣ୍ଡତାକୁ ବିପନ୍ନ କରିଦେବ ବୋଲି ଆଶଙ୍କା କରାଯାଉଥିଲା । ସେତିକିବେଳେ କମ୍ୟୁନିଷ୍ଟମାନଙ୍କର ତେଲେଙ୍ଗାନାରେ ସଶସ୍ତ୍ର ବିଦ୍ରୋହ କ୍ରମେ ତୀବ୍ର ହୋଇ ଉଠିଥିଲା । ସେହି କମ୍ୟୁନିଷ୍ଟ ବିଦ୍ରୋହୀମାନେ ରୁଷ୍ ଓ ଚୀନ୍‌ଠାରୁ ପ୍ରତ୍ୟକ୍ଷ ଓ ପରୋକ୍ଷ ସାହାଯ୍ୟ ଓ ପ୍ରରୋଚନା ଲାଭ କରୁଥିବାରୁ ଅବସ୍ଥା ଆହୁରି ସଙ୍କଟମୟ ହୋଇ ଯାଇଥିଲା । ଥରେ ଲେନିନ୍ କମ୍ୟୁନିଜମ୍‌ର ସମ୍ପ୍ରସାରଣ ପଥ ଚୀନ୍ ହୋଇ ଭାରତ ଓ ତା'ପରେ ମଧ୍ୟ ପ୍ରାଚ୍ୟ ଦେଶକୁ ଲମ୍ବିଯିବ ବୋଲି କହିଥିଲେ ଏବଂ ସେହି ଭବିଷ୍ୟତ ବାଣୀ ସତ୍ୟ ହୋଇଯିବ ବୋଲି ଅନେକେ ଆଶଙ୍କା କରୁଥିଲେ ।

କମ୍ୟୁନିଷ୍ଟମାନେ ସାଧାରଣତଃ ଅର୍ଥନୈତିକ ଦୁର୍ବଳତାର ସୁଯୋଗ ନେଇ ସାମାଜିକ ଦୁର୍ବଳତର ଶ୍ରେଣୀମାନଙ୍କ ଦ୍ୱାରା ସଶସ୍ତ୍ର ବିଦ୍ରୋହ କରୁଥିଲେ ଏବଂ ସେହି ପନ୍ଥାରେ କମ୍ୟୁନିଜମ୍‌ର ପ୍ରସାର ହେଉଥିଲା । ୟୁରୋପରେ ହଙ୍ଗେରୀ, ରୁମାନିଆ ତଥା ଦକ୍ଷିଣ ଆମେରିକାର କ୍ୟୁବା ପ୍ରଭୃତି ରାଷ୍ଟ୍ରମାନଙ୍କରେ ସଶସ୍ତ୍ର ବିଦ୍ରୋହ ନିମନ୍ତେ ଷ୍ଟାଲିନ୍‌ଙ୍କର ଏହି କୌଶଳ ସେତେବେଳେ ସୋଭିଏତ୍ ବୈଦେଶିକ ନୀତିର ପ୍ରମୁଖ ଅଙ୍ଗ ଥିଲା । ତେଣୁ ଲେଲିନ୍‌ଙ୍କ ସ୍ୱପ୍ନ ଷ୍ଟାଲିନ୍‌ଙ୍କ କୂଟନୀତି କୌଶଳ ଦ୍ୱାରା ବାସ୍ତବତାରେ ପରିଣତ ହେବା ସମ୍ଭାବନାକୁ ଏଡ଼ାଇ ଦେବାକୁ ପଣ୍ଡିତ ଜବାହରଲାଲ୍‌ଙ୍କୁ ଭାରତର ବୈଦେଶିକ ନୀତିକୁ ଏପରି ବିପଦସଙ୍କୁଳ ପରିସ୍ଥିତିରେ ଏତେ ଅସୀମ ବୁଦ୍ଧିମତା ଏବଂ ଧୈର୍ଯ୍ୟର ସହ ଚଳାଇବାକୁ ପଡ଼ିଥିଲା ଯେ, ଆଜି ଆମେ ସେହି କଥା ଭାବି ଆଶ୍ଚର୍ଯ୍ୟ ଚକିତ ହେବାକୁ ପଡୁଛି । ପଣ୍ଡିତ ନେହେରୁ ସେହି ଘନାନ୍ଧକାର ଦିବସମାନଙ୍କରେ ଭାରତର ବୈଦେଶିକ ମନ୍ତ୍ରୀ ହୋଇ ଭାରତ ତଥା ପୃଥିବୀକୁ ଗଣତନ୍ତ୍ରର ସୁରକ୍ଷା ନିମନ୍ତେ ଯେଉଁ ଦାନ ଦେଇ ଯାଇଛନ୍ତି, ତା'ର ପଟାନ୍ତର ପୃଥିବୀ ଇତିହାସରେ ଅନ୍ୟତ୍ର ନାହିଁ । କମ୍ୟୁନିଜମ୍‌ର ପ୍ରସାର ବିରୋଧରେ କୂଟନୈତିକ ସ୍ତରରେ ପଣ୍ଡିତ ନେହେରୁଙ୍କର ଏହି ସଂଗ୍ରାମ ପୃଥିବୀର ଅନ୍ୟ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରମାନେ ବୁଝିବାକୁ ସମର୍ଥ ହୋଇ ନ ଥିବା ଘୋର ପରିତାପର ବିଷୟ ହୋଇ ରହିବ ।

ଏହି ପରିସ୍ଥିତିରେ ପଣ୍ଡିତ ନେହେରୁଙ୍କୁ ତାଙ୍କ ବନ୍ଧୁ ଶ୍ରୀ ଆଇଜେନ୍‌ହୋର୍ ଏବଂ ଶ୍ରୀ ହାରଲ୍ଡ ମ୍ୟାକ୍‌ମିଲାନ୍ ମଧ୍ୟ ଭୁଲ ବୁଝି, ତାଙ୍କୁ ଅହଙ୍କାରୀ ତଥା ସ୍ୱପ୍ନବିଳାସୀ ବୋଲି ଆକ୍ଷେପ କରିଥିଲେ । କିନ୍ତୁ ପଣ୍ଡିତ ନେହେରୁ ଭାରତ ଏବଂ ଗଣତନ୍ତ୍ରକୁ ନିଜର ପ୍ରତି ପ୍ରଶଂସା ଅପେକ୍ଷା ଉଚ୍ଚ ସ୍ଥାନ ଦେଇ, ଅଣଗୋଷ୍ଠୀଭୁକ୍ତି ନୀତିରେ ଅଟଳ ରହିଥିଲେ ।

ଦ୍ୱିତୀୟ ମହାଯୁଦ୍ଧ ପରେ ସାମ୍ରାଜ୍ୟବାଦୀ ରାଷ୍ଟ୍ରମାନେ ବିଶେଷତଃ ଆମେରିକୀୟ ଯୁକ୍ତରାଷ୍ଟ୍ର ସାମରିକ ମେଣ୍ଟ ଗଠନ କରିବାକୁ ଆଗ୍ରହ ପ୍ରକାଶ କରିଥିଲା । ଏହିସବୁ ସାମରିକ ମେଣ୍ଟ ସୋଭିଏତ୍ ରୁଷ୍ ଓ ଅନ୍ୟ ସାମ୍ୟବାଦୀ ରାଷ୍ଟ୍ରମାନଙ୍କ ବିରୁଦ୍ଧରେ ଉଦ୍ଦିଷ୍ଟ ଥିଲା । ଶୀତଳ ଯୁଦ୍ଧର ଏକ ମୁଖ୍ୟ ସାକ୍ଷ୍ୟ ଏହି ସାମରିକ ମେଣ୍ଟମାନେ ଥିଲେ । ପ୍ରତିବଦଳରେ ସୋଭିଏତ୍ ରୁଷ୍ ମଧ୍ୟ କେତେକ ସାମରିକ ମେଣ୍ଟ କରିବାରେ ଆଗ୍ରହୀ ହୋଇଥିଲା । ସାମ୍ରାଜ୍ୟବାଦୀ ଶକ୍ତି ସାହାଯ୍ୟରେ ଏପ୍ରିଲ୍ ୧୯୪୯ରେ ନାଟୋ, ସେପ୍ଟେମ୍ବର୍ ୧୯୫୧ରେ ଏନ୍‌ଜୁସ୍, ସେପ୍ଟେମ୍ବର୍ ୧୯୫୪ରେ ସିଏଟୋ ଓ ଫେବୃୟାରୀ ୧୯୫୫ରେ ବାଗ୍‌ଦାଦ୍ ସନ୍ଧି- ଏହିପରି ସାମରିକ ମେଣ୍ଟମାନେ କ୍ରମେ ସୋଭିଏତ୍ ରୁଷ୍‌କୁ ଚାରିପଟୁ ଘେରିଯିବାକୁ ବସିଲେ । ମେ ୧୯୫୫ରେ ସୋଭିଏତ୍ ରୁଷ୍ ମଧ୍ୟ ୱାରସା ସନ୍ଧି ସଂଗଠନ କରିଥିଲା । ତା ଫଳରେ ପୃଥିବୀ ଦୁଇ ପୃଥକ ସାମରିକ ଗୋଷ୍ଠୀରେ ବିଭକ୍ତ ହୋଇ ଯାଇଥିଲା ।

ଉପନିବେଶବାଦୀ ରାଷ୍ଟ୍ରମାନଙ୍କର କବଳରୁ ସ୍ୱାଧୀନତା ଲାଭ କରିବା ପରେ ତରୁଣ ରାଷ୍ଟ୍ରଗୁଡ଼ିକ ଏକ ଅଭାବନୀୟ ଆନ୍ତର୍ଜାତୀୟ ପରିସ୍ଥିତିର ସମ୍ମୁଖୀନ ହେଲେ । ତାଙ୍କ ସମ୍ମୁଖରେ ପରସ୍ପର ବିରୋଧୀ ଦୁଇଟି ଗୋଷ୍ଠୀ ରହିଥିଲା ଏବଂ ତାର ବିକଳ୍ପ ଅନ୍ୟ କୌଣସି ପନ୍ଥା ନ ଥିଲା ।

ଏହି ପରିସ୍ଥିତିରେ ପଣ୍ଡିତ ଜବାହାରଲାଲ୍ ଏବଂ ତାଙ୍କ ପ୍ରବର୍ତ୍ତିତ ଅଣଗୋଷ୍ଠୀଭୁକ୍ତି ଆନ୍ଦୋଳନ ଦୁନିଆର ତରୁଣ ରାଷ୍ଟ୍ରମାନଙ୍କୁ ଏକ ନୂତନ ପନ୍ଥା ଏକ ନବ ଦିଗନ୍ତର ସୂଚନା ତଥା ଆହ୍ୱାନ ଦେଇଥିଲା । ନୂତନ ଭାବରେ ସ୍ୱାଧୀନତା ଲାଭ କରିଥିବା ଏସିଆ ଓ ଆଫ୍ରିକା ମହାଦେଶର ଅନେକ କ୍ଷୁଦ୍ର ତଥା ମଧ୍ୟମ ଶ୍ରେଣୀର ରାଷ୍ଟ୍ର ଏହି ଅଣଗୋଷ୍ଠୀଭୁକ୍ତି ଆନ୍ଦୋଳନରେ ଯୋଗ ଦେଇଥିଲେ ।

ଦୁଇ ବିବଦମାନ ଗୋଷ୍ଠୀ ବାହାରେ ରହି, ସ୍ୱାଧୀନ ଭାବରେ ପ୍ରତ୍ୟେକ ଆନ୍ତର୍ଜାତୀୟ ଘଟଣାକୁ ନିଜନିଜ ସ୍ୱାର୍ଥ ଦୃଷ୍ଟିରୁ ବିଚାର କରି ମତ ବ୍ୟକ୍ତ କରିବା ଓ ଆନ୍ତର୍ଜାତୀୟ ସ୍ତରରେ ନିଜନିଜ କର୍ମ ପନ୍ଥା ନିର୍ଦ୍ଧାରଣ କରିବା ହେଉଛି ଅଣଗୋଷ୍ଠୀଭୁକ୍ତ ରାଷ୍ଟ୍ରମାନଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ଏହି ଚିନ୍ତାଧାରା ପ୍ରଥମେ ଭାରତର ପ୍ରଥମ ଉପପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ୍ ନେହେରୁ ଉପସ୍ଥାପନା କରିଥିଲେ ୧୯୪୬ ସେପ୍ଟେମ୍ବର ୭ ତାରିଖ ରାତିରେ ଅଲ୍ ଇଣ୍ଡିଆ ରେଡ଼ିଓରୁ (ସେତେବେଳେ ଆକାଶବାଣୀ ଜନ୍ମ ହୋଇ ନଥିଲା) ଦେଇଥିବା ଏକ ଭାଷଣ ମାଧ୍ୟମରେ ଏବଂ ସେତେବେଳେ ସେ କହିଥିଲେ ଯେ ଭାରତ ତାର ବୈଦେଶିକ ନୀତି ଅବଲମ୍ବନ କରିବା ସମୟରେ ବିଭିନ୍ନ ଦଳ ତଥା ସାମରିକ ଓ ରାଜନୈତିକ ଗୋଷ୍ଠୀମାନଙ୍କଠାରୁ ନିଜକୁ ଦୂରରେ ରଖି ଦେବ, କିନ୍ତୁ ସବୁବେଳେ ସବୁ ରାଷ୍ଟ୍ରମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ତଥା ଗଠନମୂଳକ ସଂପର୍କ ରଖିବାକୁ ଆପ୍ରାଣ ଉଦ୍ୟମ କରିବ । ୧୯୪୭ ଡ଼ିସେମ୍ବର ମାସରେ ସ୍ୱାଧୀନ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ ଭାରତୀୟ ସମ୍ବିଧାନ ସଂସଦ ସମ୍ମୁଖରେ ଭାରତର ବୈଦେଶିକ ନୀତି ବର୍ଣ୍ଣନା କଲାବେଳେ ଏହି ଚିନ୍ତାଧାରାର ପରିପୁଷ୍ଟି କରିଥିଲେ । ଏହି ନୀତି ପ୍ରଧାନତଃ ଭାରତର ଜାତୀୟ ସ୍ୱାର୍ଥକୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ ହୋଇଥିଲେ ମଧ୍ୟ, ପରବର୍ତ୍ତୀ କାଳରେ ପରିବର୍ତ୍ତିତ ହୋଇ ଆଫ୍ରୋ-ଏସୀୟ ରାଷ୍ଟ୍ରମାନଙ୍କ ଦ୍ୱାରା ଗ୍ରହଣ ଯୋଗ୍ୟ ଏକ ଉତ୍ତମ ବୈଦେଶିକ ନୀତି ରୂପେ ପରିଗଣିତ ହୋଇଥିଲା ।

ଅଣଗୋଷ୍ଠୀଭୁକ୍ତ ନୀତିମାନଙ୍କର କ୍ରମବିବର୍ତ୍ତମାନର ପ୍ରଥମ ରେଖାପାତ ଏପ୍ରିଲ ୧୯୫୪ରେ ଭାରତ-ଚୀନ ରାଜିନାମା ବେଳେ ହୋଇଥିଲା ଏବଂ ତାହାକୁ ପଞ୍ଚଶୀଳ ନାମ ଦିଆ ଯାଇଥିଲା । ପଞ୍ଚଶୀଳର ପାଞ୍ଚଗୋଟି ସର୍ତ୍ତ ହେଲା :

(୧) ଉଭୟ ରାଷ୍ଟ୍ରର ଆଞ୍ଚଳିକ ଅଖଣ୍ଡତା ତଥା ସାର୍ବଭୌମତ୍ୱ ପ୍ରତି ପାରସ୍ପରିକ ସମ୍ମାନ ପ୍ରଦର୍ଶନ ।

(୨) ପରସ୍ପର ମଧ୍ୟରେ ଅନାକ୍ରମଣ ନିମନ୍ତେ ସମ୍ମତି ।

(୩) ଉଭୟ ରାଷ୍ଟ୍ରର ଆଭ୍ୟନ୍ତରୀଣ ବ୍ୟବସ୍ଥାରେ ହସ୍ତକ୍ଷେପ ନ କରିବାକୁ ପ୍ରତିଶ୍ରୁତି ।

(୪) ଉଭୟ ରାଷ୍ଟ୍ର ସମାନତା ଏବଂ ପାରସ୍ପରିକ ଲାଭ ବିଷୟରେ ବୁଝାମଣା ।

(୫) ଶାନ୍ତିପୂର୍ଣ୍ଣ ସହାବସ୍ଥିତି ।

ଏହି ପାଞ୍ଚୋଟି ନୀତି କ୍ରମେ ଅଣଗୋଷ୍ଠୀଭୁକ୍ତିର ମୌଳିକ ରାଜନୈତିକ ଏବଂ ଆନ୍ତର୍ଜାତିକ ଆଇନଗତ ମୂଳଦୂଆ ଭାବେ ଗ୍ରହଣ କରି ନିଆଗଲା । ଏହି ପଞ୍ଚଶୀଳ ମଧ୍ୟ ବିଶ୍ୱ ରାଜନୀତିକୁ ଭାରତର ଅବଦାନ ।

ଅଣଗୋଷ୍ଠୀଭୁକ୍ତି ଆନ୍ଦୋଳନର ଦ୍ୱିତୀୟ ଉଲ୍ଲେଖନୀୟ ଘଟଣା ଏପ୍ରିଲ୍ ୧୯୫୫ରେ ବାନ୍ଦୁଂ ସମ୍ମିଳନୀ ବେଳେ ଘଟିଥିଲା । ଇଣ୍ଡୋନେସିଆର ବାନ୍ଦୁଂଠାରେ ଏପ୍ରିଲ ୧୮ରୁ ୨୪ ପର୍ଯ୍ୟନ୍ତ ବସିଥିବା ଏହି ସମ୍ମିଳନୀରେ ଏସିଆ ଓ ଆଫ୍ରିକା ମହାଦେଶର ୨୯ଟି ଦେଶ ଯୋଗ ଦେଇ ପରସ୍ପର ମଧ୍ୟରେ ଅର୍ଥନୈତିକ, ସାଂସ୍କୃତିକ ତଥା ରାଜନୈତିକ ସହଯୋଗ ନିମନ୍ତେ ବିଗ୍ଭର କରିଥିଲା । ଏହି ସମ୍ମିଳନୀରେ ଜାତିବାଦ, ସାମ୍ରାଜ୍ୟବାଦ ତଥା ଉପନିବେଶବାଦ ବିରୁଦ୍ଧରେ ପ୍ରବଳ ସ୍ୱର ଉତ୍ତୋଳିତ ହୋଇଥିଲା । ପୃଥିବୀରେ ଶାନ୍ତି ଓ ସହଯୋଗ ବୃଦ୍ଧି କରିବା ନିମନ୍ତେ ଏହି ସମ୍ମିଳନୀ ଆହ୍ୱାନ ଦେଇଥିଲା । ଏହି ବାନ୍ଦୁଂ ସମ୍ମିଳନୀରେ ପଣ୍ଡିତ ନେହେରୁଙ୍କ ନେତୃତ୍ୱ ବିଶ୍ୱର ବହୁ ନୂତନ ରାଷ୍ଟ୍ରନାୟକଙ୍କୁ ପ୍ରଭାବିତ କରିଥିଲା ।

ପଣ୍ଡିତ ନେହେରୁ ଅଣଗୋଷ୍ଠୀଭୁକ୍ତି ଆନ୍ଦୋଳନର ପୁରୋଧା ଥିଲେ । ପଞ୍ଚଶୀଳ ନୀତିରେ ସେ ଏହି ଅଣଗୋଷ୍ଠୀଭୁକ୍ତି ଆନ୍ଦୋଳନକୁ ରାଜନୈତିକ ଓ ଆଇନଗତ ଛାଞ୍ଚରେ ପକାଇ ପାରିଥିଲେ । ବାନ୍ଦୁଂ ସମ୍ମିଳନୀରେ ଏକ ମୁଖ୍ୟ ନାୟକ ଭୂମିକାରେ ପଣ୍ଡିତ ନେହେରୁ ଅବତୀର୍ଣ୍ଣ ହୋଇ ଅଣଗୋଷ୍ଠୀଭୁକ୍ତି ଆନ୍ଦୋଳନକୁ ଶୈଶବରୁ କୈଶୋର ଅବସ୍ଥାକୁ ଆଣି ପାରିଥିଲେ ।

ବେଲ୍‌ଗ୍ରେଡ୍ ଠାରେ ୧ ସେପ୍ଟେମ୍ବର ୧୯୬୧ ଦିନ ୨୫ ଗୋଟି ରାଷ୍ଟ୍ର ମୁଖ୍ୟଙ୍କର ଯେଉଁ ଶିଖର ସମ୍ମିଳନୀ ବସିଥିଲା, ତାହାକୁ ପ୍ରଥମ ଅଣଗୋଷ୍ଠୀଭୁକ୍ତ ରାଷ୍ଟ୍ର ଶିଖର ସମ୍ମିଳନୀ ବୋଲି କୁହାଯାଏ । ଏହି ସମ୍ମିଳନୀର ମୁଖ୍ୟ ଉଦ୍ୟୋକ୍ତା ଥିଲେ ଯୋସେଫ୍ ଟିଟୋ, ଅବ୍‌ଦୁଲ୍ ନାସେର୍ ଏବଂ ଜବାହରଲାଲ୍ । ଏହି ଶିଖର ସମ୍ମିଳନୀର ଐତିହାସିକ ନିଷ୍ପତ୍ତି ଏବଂ ସଫଳତାର ପଦେପଦେ ରହିଥିଲା ଭାରତର ଐକାନ୍ତିକ ନିଷ୍ଠା ଓ ପ୍ରଚେଷ୍ଟା ଏବଂ ସର୍ବୋପରି ପଣ୍ଡିତ ଜବାହରଲାଲ୍‌ଙ୍କ ବିଚକ୍ଷଣ ସୃଜନାତ୍ମକ ଶକ୍ତିର ପ୍ରତିଛବି ।

ଆଜି ଅଣଗୋଷ୍ଠୀଭୁକ୍ତି ଆନ୍ଦୋଳନ ପୃଥିବୀର ଏକ ବିରାଟ ଶକ୍ତି ତଥା ତୃତୀୟ ଗୋଷ୍ଠୀ ହୋଇ ପରିଚିତ । ଏହି ଆନ୍ଦୋଳନ ଗୋଷ୍ଠୀ ବିବାଦକୁ କ୍ରମେ ସମାଧାନ କରାଇ ନେବାର ପ୍ରକୃଷ୍ଟ ପ୍ରମାଣ ହେଲା ଯେ ଆଜି ସାମ୍ରାଜ୍ୟବାଦୀ ଓ ସାମ୍ୟବାଦୀ ଦୁଇ ଗୋଷ୍ଠୀ କ୍ରମ ସହୃଦୟ ପରିସ୍ଥିତିରେ ପହଞ୍ଚି ଯାଇଛନ୍ତି ଏବଂ ୧୯୮୭ର ଶେଷ ଭାଗରେ ଏହି ଦୁଇ ଗୋଷ୍ଠୀର ମୁଖ୍ୟ ନାୟକମାନେ ଆଣବିକ ଶକ୍ତିର ଆଂଶିକ ପ୍ରତ୍ୟାହାର ନିମନ୍ତେ ୱାଶିଂଟନ୍ ଠାରେ ଏକ ଐତିହାସିକ ରାଜିନାମା ସ୍ୱାକ୍ଷର କରିଛନ୍ତି ।

୧୯୪୭ରେ ଯେଉଁ ଶିଶୁଟି ଜନ୍ମ ହୋଇଥିଲା ତାହା ଆଜି ଦୀପ୍ତ ଯୁବକ ଏବଂ ଏହି ଯୁବକର ନାମ ରଖାଯାଇଛି ଅଣଗୋଷ୍ଠୀଭୁକ୍ତି ଆନ୍ଦୋଳନ । ଏହି ଶକ୍ତିର ଲାଳନପାଳନ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଯେ କରିଥାନ୍ତୁ ନା କାହିଁକି, ଏହାର ମାନସ-ପିତା ରୂପେ ପଣ୍ଡିତ ଜବାହରଲାଲ୍ ନେହେରୁ ସର୍ବଦା ସର୍ବତ୍ର ସ୍ମରଣୀୟ ହୋଇ ରହିବେ ।

ଅଧ୍ୟାପିକା,
ରାଜନୀତି ବିଜ୍ଞାନ ବିଭାଗ,
ଶୈଳବାଳା ମହିଳା ମହାବିଦ୍ୟାଳୟ, କଟକ ।



କଳିଙ୍ଗ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ସାଧାରଣ ସଭାରେ ...





# ଯୁଗଜ୍ୟୋତି ଜବାହରଲାଲ

ପଣ୍ଡିତ ଶ୍ରୀ ଉପେନ୍ଦ୍ରନାଥ ହୋତା

ଭାରତର ରାଜନୈତିକ ଦିଗ୍‌ବଳୟରେ ବିଦେଶୀ ଶାସନ ରୂପକ ଅନ୍ଧକାରର ଘନକାଳିମା ଭେଦକରି ସ୍ୱଦେଶୀ ବାଳାରୁଣ ଆତ୍ମପ୍ରକାଶ ନିମିତ୍ତ ଉଦ୍ୟତ ହେଉଥିଲା ବେଳେ କୋଟିକୋଟି ଦଳିତ ନିଷ୍ପେଷିତ ଜନତାଗୁଡ଼ିକର ମହାମନ୍ତ୍ର ନେଇ ପୁଣ୍ୟଭୂମି ଆମ ମାତୃଭୂମି ଏହି ଭାରତରେ ଜନ୍ମଲାଭ କରିଥିଲେ ଯୋଗଜନ୍ମା ଯୁଗଜ୍ୟୋତି ଜବାହରଲାଲ । ଏପରି ଏକ ରାଜନୈତିକ ସଙ୍କଟର ଘଡ଼ିସନ୍ଧିକ୍ଷଣରେ ଜାତି ନନ୍ଦିଘୋଷକୁ ମହାଭାରତ ଚକ୍ରବ୍ୟୂହର ନିର୍ଦ୍ଦିଷ୍ଟ ମାର୍ଗରେ ପରିଚାଳନା କରି ଏ ଦେଶକୁ ଏକ ସମୁନ୍ନତ, ସମୃଦ୍ଧ ତଥା ଶକ୍ତିଶାଳୀ ରାଷ୍ଟ୍ରରୂପେ ଗଢ଼ି ତୋଳିବାରେ ସେ ଯେଉଁ ପରାକାଷ୍ଠା ଓ ସାହସିକତା ଦେଖାଇ ଯାଇଛନ୍ତି, ତାହା ଚିରଦିନ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଜାଜ୍ୱଲ୍ୟମାନ ରହିଥିବ ଓ ଏ ଜାତି ତାଙ୍କୁ ଯୁଗେ ଯୁଗେ ମନେ ରଖିଥିବ । ତାଙ୍କର ଦୂରଦର୍ଶିତା, ଗଭୀର ଆତ୍ମପ୍ରତ୍ୟୟ ଏବଂ ଏକନିଷ୍ଠ କର୍ମ ତତ୍ପରତା ଯେ ଏ ଦେଶକୁ ଏକ ସମୃଦ୍ଧ ତଥା ଉନ୍ନତ ଦେଶରୂପେ ଗଢ଼ି ତୋଳିଅଛି, ଏଥିରେ ତିଳେ ହେଲେ ସନ୍ଦେହ ନାହିଁ ।

ଏ ଦେଶ ଧର୍ମନିରପେକ୍ଷ ଅଧ୍ୟାତ୍ମ୍ୟବାଦର ଦେଶ । ଏ ଦେଶରେ କେତେ ଯେ ମହାତ୍ମାଙ୍କର ଆବିର୍ଭାବ ଓ ତିରୋଧାନ ଘଟିଛି, ତାହା ସଂଖ୍ୟାକରି କହିବା ସହଜ ନୁହେଁ । ପଣ୍ଡିତ ନେହେରୁ ଆଜି ଆମ୍ଭମାନଙ୍କ ମଧ୍ୟରେ ନାହାନ୍ତି ସତ, ମାତ୍ର ତାଙ୍କର ଆଦର୍ଶ ଆମ୍ଭମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରେରଣା ଦେଇ ଆସୁଛି । ତାଙ୍କର ଦେଶପ୍ରୀତି, ଜାତିପାଇଁ ଅତୁଳନୀୟ ଦାନ ଏବଂ ତ୍ୟାଗ ସମ୍ବନ୍ଧରେ ଏ କ୍ଷୁଦ୍ର ପ୍ରବନ୍ଧରେ ବର୍ଣ୍ଣନା କରିବା ସମ୍ଭବପର ନୁହେଁ । ତାଙ୍କ ଜନ୍ମ ସମ୍ବନ୍ଧରେ ଯେ କୌଣସି ଚିନ୍ତାଶୀଳ ବ୍ୟକ୍ତି ଅନୁଧ୍ୟାନ କଲେ ଜାଣି ପାରିବେ ଯେ ସେ ଏକ ତପସ୍ୟାର ଫଳନେଇ ଜନ୍ମଗ୍ରହଣ କରିଥିଲେ ।

ପଣ୍ଡିତ ନେହେରୁ ୧୮୮୯ ଖ୍ରୀଷ୍ଟାବ୍ଦ ନଭେମ୍ବର ୧୪ ତାରିଖ ରାତ୍ର ଏକଘଣ୍ଟା ପାଞ୍ଚମିନିଟ ସମୟରେ ଏଲାହାବାଦ ସହରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ପଣ୍ଡିତ ମୋତିଲାଲ ନେହେରୁ ଜଣେ ବିଶିଷ୍ଟ ଆଇନ୍‌ଜୀବୀ ଓ ଧର୍ମପ୍ରାଣ ବ୍ୟକ୍ତି ଥିଲେ । ସେ ଥିଲେ ବିଶାଳ ଐଶ୍ୱର୍ଯ୍ୟର ଅଧିକାରୀ । ପ୍ରଚୁର ବିଭବ ମଧ୍ୟରେ ଜବାହରଲାଲଙ୍କର ବାଲ୍ୟକାଳ ଅତିବାହିତ ହୋଇଥିଲା । ଦୁଃଖ କଷ୍ଟ କଣ ସେ ଜାଣି ନ ଥିଲେ । ପଣ୍ଡିତ ମୋତିଲାଲ ଓ ତାଙ୍କର ପତ୍ନୀ ଦେବୀ ସ୍ୱରୂପିଣୀଙ୍କର ନୟନ ପିତୁଳା ଜବାହରଲାଲ ଅତ୍ୟନ୍ତ ଯତ୍ନ ସହକାରେ ଲାଳିତ ପାଳିତ ହୋଇ ତାଙ୍କର ବାଲ୍ୟ ଜୀବନ ଅତିବାହିତ କରିଥିଲେ । ତାଙ୍କୁ ଶିକ୍ଷାଦାନ ଓ ଲାଳନପାଳନ କରିବା ପାଇଁ ମୋତିଲାଲ ଜଣେ ଇଂରେଜ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତ କରିଥିଲେ । ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଜବାହରଲାଲଙ୍କୁ ବିଲାତି ଧରଣର ଶିକ୍ଷା ଦେଇ ଭବିଷ୍ୟତରେ ଜଣେ ଉଚ୍ଚଶିକ୍ଷିତ କରିବା । ବାଲ୍ୟକାଳରେ ଶୁଣ୍ଢ଼ୁଳ ବୃଦ୍ଧ ମୁନ୍‌ସୀଜୀଙ୍କ କୋଳରେ ବସି ତାଙ୍କର ଶୁଶ୍ରୁ କୌତୂହଳରେ ହାତ ମାରୁ ମାରୁ ତାଙ୍କଠାରୁ ବିଭିନ୍ନ ଗଳ୍ପଶୁଣି ସେ ତନ୍ମୟ ହୋଇ ଯାଉଥିଲେ । ଏହାର ପ୍ରଭାବ ତାଙ୍କ ପରବର୍ତ୍ତୀ ଜୀବନରେ ମଧ୍ୟ ପଡ଼ିଥିଲା । ପିତାମାତାଙ୍କ ଆଗ୍ରହ ବ୍ୟବହାର, ରୁଚିଚଳନ ଓ ଆଦର୍ଶ ଜୀବନ ଆଦି ଲକ୍ଷ୍ୟକରି ଜବହାରଲାଲ ଭାବୁଥିଲେ ଯେ, "ମୋ ପିତା ମାତାଙ୍କ ପରି ଭଲ ମଣିଷ ଆଉ କେଉଁଠାରେ ନାହାନ୍ତି" । ପିତାଙ୍କୁ ସେ ଅତ୍ୟନ୍ତ ଭୟ ଓ ଭକ୍ତି କରୁଥିଲେ । ସେ ମା'ଙ୍କୁ ଆଦୌ ଡରୁ ନ ଥିଲେ । ପାଠପଢ଼ା ସମୟ ବ୍ୟତୀତ ସେ ମା'ଙ୍କ ନିକଟରେ ବସି ତାଙ୍କଠାରୁ ରାମାୟଣ ଓ ମହାଭାରତର ଗଳ୍ପମାନ ଶୁଣୁଥିଲେ । ପୁରାଣ କାହାଣୀ ଶୁଣିବାରେ ସେ ଏତେ ମଜ୍ଜି ଯାଉଥିଲେ ଯେ, ତାଙ୍କୁ ଭୋକ ଶୋଷ ବି ହେଉ ନ ଥିଲା । ସେ ପୁରାଣ ଗଳ୍ପ ଶୁଣିବାକୁ ଭଲ ପାଉଥିଲେ ସତ, ମାତ୍ର ତାଙ୍କର ପିଲାଦିନେ ଗୋଟିଏ ସ୍ୱଭାବ ଥିଲା ଯେ ସେ କିଛି ଦେବତା ଦର୍ଶନ କରିବା ପାଇଁ ମନ୍ଦିରକୁ ଯିବାକୁ ଆଦୌ ପସନ୍ଦ କରୁନଥିଲେ । ସେ ରାମକୃଷ୍ଣ

ପରମହଂସ ଦେବ ଓ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ ରଚନା ଆଦିକୁ ଅତ୍ୟନ୍ତ ଆଗ୍ରହର ସହିତ ପଢୁଥିଲେ ।

ପ୍ରତିବର୍ଷ ତାଙ୍କର ଜନ୍ମଦିନ ଉତ୍ସବ ପାଳିତ ହେଉଥିବାରୁ ତାଙ୍କ ଘରେ ଆନନ୍ଦ ଉତ୍ସବ ହେଉଥିଲା । ବନ୍ଧୁ ଚର୍ଚ୍ଚା ଓ ଭୋଜି ହେଉଥିବାର ଦେଖି ସେ ଆନନ୍ଦିତ ହେଉଥିଲେ । ସେ ଦିନ ସେ ନୂତନ ପୋଷାକ ପରିଧାନ କରି ବିଧି ଅନୁସାରେ ଗହମ ଓ ଅନ୍ୟାନ୍ୟ ପଦାର୍ଥମାନଙ୍କ ସହିତ ଓଜନ ହେଉଥିଲେ । ସେହି ଦ୍ରବ୍ୟଗୁଡ଼ିକ ସହିତ ମିଷ୍ଟାନ୍ନ ଓ ଅନେକ ଟଙ୍କା ପଇସା ଦରିଦ୍ର ଲୋକମାନଙ୍କ ମଧ୍ୟରେ ସେଦିନ ବିତରଣ କରାଯାଉଥିଲା । ଏଥିରେ ଜବାହରଲାଲ ଯେତିକି ଖୁସି ହେଉଥିଲେ, ବର୍ଷକରେ ଥରେ ମାତ୍ର ତାଙ୍କର ଜନ୍ମଦିନ ପାଳିତ ହେଉଛି ବୋଲି ସେ ତଦପେକ୍ଷା ଅଧିକ ଦୁଃଖ ପ୍ରକାଶ କରୁଥିଲେ ।

ଜବାହରଲାଲଙ୍କ ଜନ୍ମବୃତ୍ତାନ୍ତ ଅତି ରହସ୍ୟମୟ । ପୂର୍ବ ଜନ୍ମରେ ସେ ଥିଲେ ଗୋରଖ ନାଥ ସଂପ୍ରଦାୟର ଏକ ସାଧୁ ମହାତ୍ମା । ଗୁରୁ ଆଶ୍ରମରେ ରହି ସେ ସର୍ବଦା ଯୋଗାଭ୍ୟାସ କରୁଥିଲେ । ଏହି ସମୟରେ ଦୁଇଟି ବିଶେଷ ଘଟଣା ଘଟିଥିଲା । ପ୍ରଥମ ଘଟଣାଟିରେ ସେ ବୌଦ୍ଧଧର୍ମ ଗ୍ରହଣ କରିବା ପାଇଁ ଯୋଗାଭ୍ୟାସ ଛାଡ଼ି ଦେଇଥିଲେ ଓ ଦ୍ୱିତୀୟ ଘଟଣାରେ ତାଙ୍କୁ ଜଣେ ସ୍ତ୍ରୀଲୋକର ଅଧିନରେ ରହିବାକୁ ପଡ଼ିଥିଲା । ଏହି ସ୍ତ୍ରୀଲୋକ ଜଣକ ଅତି ଭାଗ୍ୟବତୀ ଥିଲେ, ଯେ କି ପରବର୍ତ୍ତୀ ଜନ୍ମରେ ତାଙ୍କର ପତ୍ନୀ କମଳା ଦେବୀରୂପେ ପରିଚିତା ହୋଇଥିଲେ । ସେହି ପୂର୍ବ ଜନ୍ମର ଶେଷ କାଳରୁ ସେହି ସାଧୁଙ୍କ ମନରେ ରାଜନୈତିକ ବାସନା ଜାଗ୍ରତ ହେବାରୁ ସେ ପରବର୍ତ୍ତୀ ଜୀବନରେ ଜଣେ ଶ୍ରେଷ୍ଠ ରାଜନୀତିଜ୍ଞ ହୋଇ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀରୂପେ ଦେଶ ସେବା କରିଥିଲେ । ଇହ ଜନ୍ମରେ ତାଙ୍କ ଜନ୍ମ ରହସ୍ୟ ଅତି ଅଲୌକିକ ଥିଲା । ପଣ୍ଡିତ ମୋତିଲାଲ ନେହେରୁ ବହୁଦିନ ପର୍ଯ୍ୟନ୍ତ କୌଣସି ପୁତ୍ର କନ୍ୟାର ଜନକ ହେବା ସୌଭାଗ୍ୟ ଲାଭ ନ କରିବାରୁ ତାଙ୍କ ମନରେ କେତେବେଳେ ହେଲେ ସୁଖ ନ ଥିଲା । ପତିପତ୍ନୀ ଉଭୟେ ଏଥିପାଇଁ ବହୁ ଦେବ ଦେବୀଙ୍କର ପୂଜା ଉପାସନା କରୁଥିଲେ । ମାତ୍ର କିଛି ଫଳ ହେଉ ନ ଥିଲା । ସେ ଯୁଗରେ ଗୋଟିଏ ସନ୍ତାନ ଲାଭ କରିବା ପାଇଁ ପିତାମାତାଙ୍କୁ ଏହିପରି ବହୁ ଦେବଦେବୀ ଆରାଧନା ଓ ଓଷାବ୍ରତ କରିବାକୁ ପଡୁଥିଲା । ଆଦର୍ଶହୀନ ଶତ ସନ୍ତାନ ଲାଭ ପରିବର୍ତ୍ତେ ଏକମାତ୍ର କୁଳପାବନ ପୁତ୍ର ହିଁ କୁଳ ଉଜ୍ଜ୍ୱଳ କରିଥାଏ । କଥାରେ ଅଛି ;—

"ଏକ ଗୁଣୀପୁତ୍ର ଯାର କୁଳର ମଣ୍ଡନ,
ଶତ ମୂର୍ଖପୁତ୍ରେ ତା'ର କିବା ପ୍ରୟୋଜନ ?"

ଏହିପରି ଦୁଃଖିତ ମନରେ କାଳଯାପନ କରୁଥିବା ସମୟରେ ଥରେ ମୋତିଲାଲ ନେହେରୁ ତାଙ୍କର ବନ୍ଧୁ ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ସହିତ ବନାରସ ନିକଟସ୍ଥ ଗଙ୍ଗାତୀରରେ ତାଙ୍କର ସନ୍ତାନ ସନ୍ତତି ଲାଭ ନ ହେଉଥିବା ସମ୍ବନ୍ଧରେ କଥାବାର୍ତ୍ତା ହୋଇ ଯାଉଥାଆନ୍ତି । ହଠାତ୍ ଏକ ବଟବୃକ୍ଷ ତଳେ ଧ୍ୟାନରେ ବସିଥିବା ଜଣେ ସାଧୁଙ୍କ ଉପରେ ତାଙ୍କର ଦୃଷ୍ଟି ପଡ଼ିଲା । ତାଙ୍କ ସମ୍ମୁଖରେ ବିଦ୍ୟୁତ ରେଖା ସମ ଏକ ଆଲୋକ ରେଖା ଝଲକି ଉଠିଲା । ଦୁଇବନ୍ଧୁ ଏ ଅଲୌକିକ ଦୃଶ୍ୟ ଦେଖି ବିସ୍ମିତ ହୋଇ ସେହି ସାଧୁଙ୍କ ନିକଟକୁ ଗଲେ । ସାଧୁ ଧ୍ୟାନରେ ବସିଥିବାରୁ ସେ ଦୁହେଁ କିଛି ସମୟ ସେଠାରେ ପ୍ରତୀକ୍ଷା କଲେ । ସାଧୁଙ୍କର ଧ୍ୟାନ ଭାଙ୍ଗିବାରୁ ସାଧୁ ସେ ଦୁହିଁଙ୍କୁ କୃପା ଦୃଷ୍ଟିରେ ଚାହିଁଲେ । ଦୁହେଁ ସାଷ୍ଟାଙ୍ଗ ପ୍ରଣାମ କରି ସାଧୁଙ୍କ ପଦଦେଶରେ ବସିଲେ । ସାଧୁ ସେ ଦୁହିଁଙ୍କୁ ଆଗମନର କାରଣ ପଚାରିବାରୁ ମୋତିଲାଲ ନିଜର ଦୁଃଖ ତାଙ୍କୁ ଜଣାଇଲେ । ସାଧୁ କିଛି ସମୟ ଧ୍ୟାନସ୍ଥ ହୋଇ କହିଲେ— "ଆପଣଙ୍କ ଭାଗ୍ୟରେ ପୁତ୍ରମୁଖ—ଦର୍ଶନ ଯୋଗ ନାହିଁ ।" ଏଥିରେ ମୋତିଲାଲ ଅତ୍ୟନ୍ତ ମର୍ମାହତ ହେଲେ । ପଣ୍ଡିତ ମାଲବ୍ୟ ବନ୍ଧୁଙ୍କର ଏ ଅବସ୍ଥା ଦେଖି ସେହି ସାଧୁଙ୍କୁ ବାରମ୍ବାର ପ୍ରାର୍ଥନା କରି ତାଙ୍କଠାରୁ ଆଶୀର୍ବାଦ ଭିକ୍ଷା କଲେ, ଯେପରିକି ମୋତିଲାଲଙ୍କର ଏକ ପୁତ୍ର ସନ୍ତାନ ଲାଭ ହେବ । ସାଧୁ ଏଥର ମୋତିଲାଲଙ୍କ ଆଡ଼କୁ ଥରେ ଅପଲକ ନୟନରେ ଚାହିଁ ହସ୍ତ ପ୍ରସାରଣ ପୂର୍ବକ ତାଙ୍କୁ ଆଶୀର୍ବାଦ କଲେ ଓ ବିଦାୟ ସଙ୍କେତ ଦେଇ ସଙ୍ଗେସଙ୍ଗେ ଦେହ ତ୍ୟାଗ କଲେ । ହଠାତ୍ ଏକ ଜ୍ୟୋତି ତାଙ୍କ ଶରୀରରୁ ବାହାରି ଶୂନ୍ୟରେ ଅଦୃଶ୍ୟ ହୋଇଗଲା । ଦୁଇ ବନ୍ଧୁ ଏହା ଦେଖି ଅତ୍ୟନ୍ତ ବିସ୍ମିତ ହେଲେ ଓ ସାଧୁଙ୍କର ଶବ ସତ୍କାରାଦି କରାଇ ନିଜନିଜ ଗନ୍ତବ୍ୟ ପଥରେ ଚାଲି ଗଲେ । ଏହି ଘଟଣାର କେତେକ ଦିନ ପରେ ଦେବୀ ସ୍ୱରୂପରାଣୀଙ୍କର ଗର୍ଭୋଦୟ ହେଲା । ଯଥା ସମୟରେ ସିଂହ ରାଶିରେ ପୂର୍ବୋକ୍ତ ଦିବସରେ ଜବାହର ଜନ୍ମଗ୍ରହଣ କଲେ । ଯୋଗର ଫଳ ସ୍ୱରୂପ ସେ ଏହି ଭଲ ବଂଶରେ ଜନ୍ମ ଗ୍ରହଣ କରିଥିଲେ (ଆଧ୍ୟାତ୍ମ ଜ୍ୟୋତିଷ ବିଚାର ଦ୍ରଷ୍ଟବ୍ୟ) । ଜବାହରଲାଲ ନେହରୁଙ୍କ ଶରୀରରେ କେତେକ ଦେବ ଲକ୍ଷଣ ରହିଥିବାରୁ ସେ ମହାତ୍ମାଗାନ୍ଧୀଙ୍କ ସାନିଧ୍ୟ ଲାଭ କରି ପାରିଥିଲେ । ତୁଳସୀ ଦୁଇପତ୍ରରୁ ବାସିଲାପରି ପିଲାଦିନରୁ ତାଙ୍କର ଅନେକ ସଦ୍‌ଗୁଣ ଜଣା ପଡ଼ିଥିଲା । ସେ ପିତୃଭକ୍ତ, ମେଧାବୀ, ସହିଷ୍ଣୁ, କର୍ମତତ୍ପର, ନିର୍ମଳ ନିଷ୍କପଟ ହୃଦୟ, ସଦାଚାରୀ, ସତ୍‌ସଙ୍ଗୀ, ଦେଶପ୍ରେମୀ ଓ ସୁଶାସକ ତଥା ରାଜନୀତିଜ୍ଞ ଥିଲେ । ପିଲାଦିନେ ଶୀକାର କରିବାକୁ ସେ ଭାରିଭଲ ପାଉଥିଲେ । କିନ୍ତୁ ଥରେ ତାଙ୍କ ଗୁଳିଗୋଟରେ ଗୋଟିଏ ହରିଣୀର କରୁଣ ମୃତ୍ୟୁଚିତ୍ର ଦର୍ଶନକରି ସେ ମର୍ମାହତ ହୋଇ ସେହି ଦିନଠାରୁ ଆଉ ଶିକାର ନ କରିବା ପାଇଁ ଶପଥ ନେଇଥିଲେ ।

ମୋତିଲାଲ୍ ଅତ୍ୟନ୍ତ ରାଗିଲୋକ ଥିଲେ । ଜବାହର ଲାଲ୍‌ଙ୍କୁ ଯେତେବେଳେ ମାତ୍ର ପାଞ୍ଚ ବର୍ଷ ବୟସ, ସେତେବେଳେ ସେ ବାପାଙ୍କ ଟେବୁଲ ଉପରୁ ଗୋଟିଏ ଫାଉଣ୍ଟେନ୍ ପେନ ନ କହି ନେଇଯାଇଥିଲେ । ସେଦିନ ଘରେ ଭାରି ଖୋଜା ଖୋଜି ଚାଲିଲା । ଶେଷକୁ ଜଣା ପଡ଼ିଲା ଯେ, ତାହା ଜବାହରଲାଲ ନେଇଛନ୍ତି । ମୋତିଲାଲ୍ ଏ ଘଟଣାରେ ଭୀଷଣ

# ଯୁଗଜ୍ୟୋତି ଜବାହରଲାଲ

ପଣ୍ଡିତ ଶ୍ରୀ ଉପେନ୍ଦ୍ରନାଥ ହୋତା

ଭାରତର ରାଜନୈତିକ ଦିଗ୍‌ବଳୟରେ ବିଦେଶୀ ଶାସନ ରୂପକ ଅନ୍ଧକାରର ଘନକାଳିମା ଭେଦକରି ସ୍ୱଦେଶୀ ବାଳାରୁଣ ଆତ୍ମପ୍ରକାଶ ନିମିତ୍ତ ଉଦ୍ୟତ ହେଉଥିଲା ବେଳେ କୋଟିକୋଟି ଦଳିତ ନିଷ୍ପେଷିତ ଜନଜାଗୃତିର ମହାମନ୍ତ୍ର ନେଇ ପୁଣ୍ୟଭୂମି ଆମ ମାତୃଭୂମି ଏହି ଭାରତରେ ଜନ୍ମଲାଭ କରିଥିଲେ ଯୋଗଜନ୍ମା ଯୁଗଜ୍ୟୋତି ଜବାହରଲାଲ । ଏପରି ଏକ ରାଜନୈତିକ ସଙ୍କଟର ଘଡ଼ିସନ୍ଧିକ୍ଷଣରେ ଜାତି ଜନନିଘୋଷକୁ ମହାଭାରତ ଚକ୍ରବ୍ୟୂହର ନିର୍ଦ୍ଦିଷ୍ଟ ମାର୍ଗରେ ପରିଚାଳନା କରି ଏ ଦେଶକୁ ଏକ ସମୁନ୍ନତ, ସମୃଦ୍ଧ ତଥା ଶକ୍ତିଶାଳୀ ରାଷ୍ଟ୍ରରୂପେ ଗଢ଼ି ତୋଳିବାରେ ସେ ଯେଉଁ ପରାକାଷ୍ଠା ଓ ସାହସିକତା ଦେଖାଇ ଯାଇଛନ୍ତି, ତାହା ଚିରଦିନ ଇତିହାସ ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରରେ ଜାଜ୍ୱଲ୍ୟମାନ ରହିଥିବ ଓ ଏ ଜାତି ତାଙ୍କୁ ଯୁଗେ ଯୁଗେ ମନେ ରଖିଥିବ । ତାଙ୍କର ଦୂରଦର୍ଶିତା, ଗଭୀର ଆତ୍ମପ୍ରତ୍ୟୟ ଏବଂ ଏକନିଷ୍ଠା କର୍ମ ତତ୍ପରତା ଯେ ଏ ଦେଶକୁ ଏକ ସମୃଦ୍ଧ ତଥା ଉନ୍ନତ ଦେଶରୂପେ ଗଢ଼ି ତୋଳିଅଛି, ଏଥିରେ ତିଳେ ହେଲେ ସନ୍ଦେହ ନାହିଁ ।

ଏ ଦେଶ ଧର୍ମନିରପେକ୍ଷ ଅଧ୍ୟାତ୍ମ୍ୟବାଦର ଦେଶ । ଏ ଦେଶରେ କେତେ ଯେ ମହାତ୍ମାଙ୍କର ଆବିର୍ଭାବ ଓ ତିରୋଧାନ ଘଟିଛି, ତାହା ସଂଖ୍ୟାକରି କହିବା ସହଜ ନୁହେଁ । ପଣ୍ଡିତ ନେହେରୁ ଆଜି ଆମମାନଙ୍କ ମଧ୍ୟରେ ନାହାନ୍ତି ସତ, ମାତ୍ର ତାଙ୍କର ଆଦର୍ଶ ଆମମାନଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରେରଣା ଦେଇ ଆସୁଛି । ତାଙ୍କର ଦେଶପ୍ରୀତି, ଜାତିପାଇଁ ଅତୁଳନୀୟ ଦାନ ଏବଂ ତ୍ୟାଗ ସମ୍ବନ୍ଧରେ ଏ କ୍ଷୁଦ୍ର ପ୍ରବନ୍ଧରେ ବର୍ଣ୍ଣନା କରିବା ସମ୍ଭବପର ନୁହେଁ । ତାଙ୍କ ଜନ୍ମ ସମ୍ବନ୍ଧରେ ଯେ କୌଣସି ଚିନ୍ତାଶୀଳ ବ୍ୟକ୍ତି ଅନୁଧ୍ୟାନ କଲେ ଜାଣି ପାରିବେ ଯେ ସେ ଏକ ତପସ୍ୟାର ଫଳନେଇ ଜନ୍ମଗ୍ରହଣ କରିଥିଲେ ।

ପଣ୍ଡିତ ନେହେରୁ ୧୮୮୯ ଖ୍ରୀଷ୍ଟାବ୍ଦ ନଭେମ୍ବର ୧୪ ତାରିଖ ରାତ୍ର ଏକଘଣ୍ଟା ପାଞ୍ଚମିନିଟ ସମୟରେ ଏଲାହାବାଦ ସହରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ପଣ୍ଡିତ ମୋତିଲାଲ ନେହେରୁ ଜଣେ ବିଶିଷ୍ଟ ଆଇନ୍‌ଜୀବୀ ଓ ଧର୍ମପ୍ରାଣ ବ୍ୟକ୍ତି ଥିଲେ । ସେ ଥିଲେ ବିଶାଳ ଏୈଶ୍ୱର୍ଯ୍ୟର ଅଧିକାରୀ । ଅତୁଳ ବିଭବ ମଧ୍ୟରେ ଜବାହରଲାଲଙ୍କର ବାଲ୍ୟକାଳ ଅତିବାହିତ ହୋଇଥିଲା । ଦୁଃଖ କଷ୍ଟ କଣ ସେ ଜାଣି ନ ଥିଲେ । ପଣ୍ଡିତ ମୋତିଲାଲ ଓ ତାଙ୍କର ପତ୍ନୀ ଦେବୀ ସ୍ୱରୂପିଣୀଙ୍କର ନୟନ ପିତୁଳା ଜବାହରଲାଲ ଅତ୍ୟନ୍ତ ଯତ୍ନ ସହକାରେ ଲାଳିତ ପାଳିତ ହୋଇ ତାଙ୍କର ବାଲ୍ୟ ଜୀବନ ଅତିବାହିତ କରିଥିଲେ । ତାଙ୍କୁ ଶିକ୍ଷାଦାନ ଓ ଲାଳନପାଳନ କରିବା ପାଇଁ ମୋତିଲାଲ ଜଣେ ଇଂରେଜ ଶିକ୍ଷୟିତ୍ରୀଙ୍କୁ ନିଯୁକ୍ତ କରିଥିଲେ । ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଜବାହରଲାଲଙ୍କୁ ବିଲାତି ଧରଣର ଶିକ୍ଷା ଦେଇ ଭବିଷ୍ୟତରେ ଜଣେ ଉଚ୍ଚ ଶିକ୍ଷିତ କରିବା । ବାଲ୍ୟକାଳରେ ଶୁଭ୍ରକେଶ ବୃଦ୍ଧ ମୁନ୍‌ସୀଜୀଙ୍କ କୋଳରେ ବସି ତାଙ୍କର ଶୁଭ୍ର କୌତୂହଳରେ ହାତ ମାରୁମାରୁ ତାଙ୍କଠାରୁ ବିଭିନ୍ନ ଗଳ୍ପଶୁଣି ସେ ତନ୍ମୟ ହୋଇ ଯାଉଥିଲେ । ଏହାର ପ୍ରଭାବ ତାଙ୍କ ପରବର୍ତ୍ତୀ ଜୀବନରେ ମଧ୍ୟ ପଡ଼ିଥିଲା । ପିତାମାତାଙ୍କ ଆଗ୍ରହ ବ୍ୟବହାର, ଚାଲିଚଳନ ଓ ଆଦର୍ଶ ଜୀବନ ଆଦି ଲକ୍ଷ୍ୟକରି ଜବହାରଲାଲ ଭାବୁଥିଲେ ଯେ, "ମୋ ପିତା ମାତାଙ୍କ ପରି ଭଲ ମଣିଷ ଆଉ କେଉଁଠାରେ ନାହାନ୍ତି" । ପିତାଙ୍କୁ ସେ ଅତ୍ୟନ୍ତ ଭୟ ଓ ଭକ୍ତି କରୁଥିଲେ । ସେ ମା'ଙ୍କୁ ଆଦୌ ଡରୁ ନ ଥିଲେ । ପାଠପଢ଼ା ସମୟ ବ୍ୟତୀତ ସେ ମା'ଙ୍କ ନିକଟରେ ବସି ତାଙ୍କଠାରୁ ରାମାୟଣ ଓ ମହାଭାରତର ଗଳ୍ପମାନ ଶୁଣୁଥିଲେ । ପୁରାଣ କାହାଣୀ ଶୁଣିବାରେ ସେ ଏତେ ମଜ୍ଜି ଯାଉଥିଲେ ଯେ, ତାଙ୍କୁ ଭୋକ ଶୋଷ ବ ହେଉ ନ ଥିଲା । ସେ ପୁରାଣ ଗଳ୍ପ ଶୁଣିବାକୁ ଭଲ ପାଉଥିଲେ ସତ, ମାତ୍ର ତାଙ୍କର ପିଲଦିନେ ଗୋଟିଏ ସ୍ୱଭାବ ଥିଲା ଯେ ସେ ଦିନ୍ଥି ଦେବତା ଦର୍ଶନ କରିବା ପାଇଁ ମନ୍ଦିରକୁ ଯିବାକୁ ଆଦୌ ପସନ୍ଦ କରୁନଥିଲେ । ସେ ରାମକୃଷ୍ଣ

ପରମହଂସ ଦେବ ଓ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଓ ରଚନା ଆଦିକୁ ଅତ୍ୟନ୍ତ ଆଗ୍ରହର ସହିତ ପଢୁଥିଲେ ।

ପ୍ରତିବର୍ଷ ତାଙ୍କର ଜନ୍ମଦିନ ଉତ୍ସବ ପାଳିତ ହେଉଥିବାରୁ ତାଙ୍କ ଘରେ ଆନନ୍ଦ ଉତ୍ସବ ହେଉଥିଲା । ବନ୍ଧୁ ଚର୍ଚ୍ଚା ଓ ଭୋଜି ହେଉଥିବାର ଦେଖି ସେ ଆନନ୍ଦିତ ହେଉଥିଲେ । ସେ ଦିନ ସେ ନୂତନ ପୋଷାକ ପରିଧାନ କରି ବିଧି ଅନୁସାରେ ଗହମ ଓ ଅନ୍ୟାନ୍ୟ ପଦାର୍ଥମାନଙ୍କ ସହିତ ଓଜନ ହେଉଥିଲେ । ସେହି ଦ୍ରବ୍ୟଗୁଡ଼ିକ ସହିତ ମିଷ୍ଟାନ୍ନ ଓ ଅନେକ ଟଙ୍କା ପଇସା ଦରିଦ୍ର ଲୋକମାନଙ୍କ ମଧ୍ୟରେ ସେଦିନ ବିତରଣ କରାଯାଉଥିଲା । ଏଥିରେ ଜବାହରଲାଲ ଯେତିକି ଖୁସି ହେଉଥିଲେ, ବର୍ଷକରେ ଥରେ ମାତ୍ର ତାଙ୍କର ଜନ୍ମଦିନ ପାଳିତ ହେଉଛି ବୋଲି ସେ ତଦପେକ୍ଷା ଅଧିକ ଦୁଃଖ ପ୍ରକାଶ କରୁଥିଲେ ।

ଜବାହରଲାଲଙ୍କ ଜନ୍ମବୃତ୍ତାନ୍ତ ଅତି ରହସ୍ୟମୟ । ପୂର୍ବ ଜନ୍ମରେ ସେ ଥିଲେ ଗୋରଖ ନାଥ ସଂପ୍ରଦାୟର ଏକ ସାଧୁ ମହାତ୍ମା । ଗୁରୁ ଆଶ୍ରମରେ ରହି ସେ ସର୍ବଦା ଯୋଗାଭ୍ୟାସ କରୁଥିଲେ । ଏହି ସମୟରେ ଦୁଇଟି ବିଶେଷ ଘଟଣା ଘଟିଥିଲା । ପ୍ରଥମ ଘଟଣାଟିରେ ସେ ବୌଦ୍ଧଧର୍ମ ଗ୍ରହଣ କରିବା ପାଇଁ ଯୋଗାଭ୍ୟାସ ଛାଡ଼ି ଦେଇଥିଲେ ଓ ଦ୍ୱିତୀୟ ଘଟଣାରେ ତାଙ୍କୁ ଜଣେ ସ୍ତ୍ରୀଲୋକର ଅଧିନରେ ରହିବାକୁ ପଡ଼ିଥିଲା । ଏହି ସ୍ତ୍ରୀଲୋକ ଜଣକ ଅତି ଭାଗ୍ୟବତୀ ଥିଲେ, ଯେ କି ପରବର୍ତ୍ତୀ ଜନ୍ମରେ ତାଙ୍କର ପତ୍ନୀ କମଳା ଦେବୀରୂପେ ପରିଚିତା ହୋଇଥିଲେ । ସେହି ପୂର୍ବ ଜନ୍ମର ଶେଷ କାଳକୁ ସେହି ସାଧୁଙ୍କ ମନରେ ରାଜନୈତିକ ବାସନା ଜାଗ୍ରତ ହେବାରୁ ସେ ପରବର୍ତ୍ତୀ ଜୀବନରେ ଜଣେ ଶ୍ରେଷ୍ଠ ରାଜନୀତିଜ୍ଞ ହୋଇ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀରୂପେ ଦେଶ ସେବା କରିଥିଲେ । ଇହ ଜନ୍ମରେ ତାଙ୍କ ଜନ୍ମ ରହସ୍ୟ ଅତି ଅଲୌକିକ ଥିଲା । ପଣ୍ଡିତ ମୋତିଲାଲ ନେହେରୁ ବହୁଦିନ ପର୍ଯ୍ୟନ୍ତ କୌଣସି ପୁତ୍ର କନ୍ୟାର ଜନକ ହେବା ସୌଭାଗ୍ୟ ଲାଭ ନ କରିବାରୁ ତାଙ୍କ ମନରେ କେତେବେଳେ ହେଲେ ସୁଖ ନ ଥିଲା । ପତିପତ୍ନୀ ଉଭୟେ ଏଥିପାଇଁ ବହୁ ଦେବ ଦେବୀଙ୍କର ପୂଜା ଉପାସନା କରୁଥିଲେ । ମାତ୍ର କିଛି ଫଳ ହେଉ ନ ଥିଲା । ସେ ଯୁଗରେ ଗୋଟିଏ ସନ୍ତାନ ଲାଭ କରିବା ପାଇଁ ପିତାମାତାଙ୍କୁ ଏହିପରି ବହୁ ଦେବଦେବୀ ଆରାଧନା ଓ ଉପବ୍ରତ କରିବାକୁ ପଡୁଥିଲା । ଆଦର୍ଶହୀନ ଶତ ସନ୍ତାନ ଲାଭ ପରିବର୍ତ୍ତେ ଏକମାତ୍ର କୁଳପାବନ ପୁତ୍ର ହିଁ କୁଳ ଉଜ୍ଜ୍ୱଳ କରିଥାଏ । କଥାରେ ଅଛି ;—

"ଏକ ଗୁଣୀପୁତ୍ର ଯାର କୁଳର ମଣ୍ଡନ,
ଶତ ମୂର୍ଖପୁତ୍ରେ ତା'ର କିବା ପ୍ରୟୋଜନ ?"

ଏହିପରି ଦୁଃଖିତ ମନରେ କାଳଯାପନ କରୁଥିବା ସମୟରେ ଥରେ ମୋତିଲାଲ ନେହେରୁ ତାଙ୍କର ବନ୍ଧୁ ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ସହିତ ବନାରସ ନିକଟସ୍ଥ ଗଙ୍ଗାତୀରରେ ତାଙ୍କର ସନ୍ତାନ ସନ୍ତତି ଲାଭ ନ ହେଉଥିବା ସମ୍ବନ୍ଧରେ କଥାବାର୍ତ୍ତା ହୋଇ ଯାଉଥାଆନ୍ତି । ହଠାତ୍ ଏକ ବଟବୃକ୍ଷ ତଳେ ଧ୍ୟାନରେ ବସିଥିବା ଜଣେ ସାଧୁଙ୍କ ଉପରେ ତାଙ୍କର ଦୃଷ୍ଟି ପଡ଼ିଲା । ତାଙ୍କ ସମ୍ମୁଖରେ ବିଦ୍ୟୁତ ରେଖା ସମ ଏକ ଆଲୋକ ରେଖା ଝଲକି ଉଠିଲା । ଦୁଇବନ୍ଧୁ ଏ ଅଲୌକିକ ଦୃଶ୍ୟ ଦେଖି ବିସ୍ମିତ ହୋଇ ସେହି ସାଧୁଙ୍କ ନିକଟକୁ ଗଲେ । ସାଧୁ ଧ୍ୟାନରେ ବସିଥିବାରୁ ସେ ଦୁହେଁ କିଛି ସମୟ ସେଠାରେ ପ୍ରତୀକ୍ଷା କଲେ । ସାଧୁଙ୍କର ଧ୍ୟାନ ଭାଙ୍ଗିବାରୁ ସାଧୁ ସେ ଦୁହିଁଙ୍କୁ କୃପା ଦୃଷ୍ଟିରେ ଚାହିଁଲେ । ଦୁହେଁ ସାଷ୍ଟାଙ୍ଗ ପ୍ରଣାମ କରି ସାଧୁଙ୍କ ପଦଦେଶରେ ବସିଲେ । ସାଧୁ ସେ ଦୁହିଁଙ୍କୁ ଆଗମନର କାରଣ ପଚାରିବାରୁ ମୋତିଲାଲ ନିଜର ଦୁଃଖ ତାଙ୍କୁ ଜଣାଇଲେ । ସାଧୁ କିଛି ସମୟ ଧ୍ୟାନସ୍ଥ ହୋଇ କହିଲେ— "ଆପଣଙ୍କ ଭାଗ୍ୟରେ ପୁତ୍ରମୁଖ—ଦର୍ଶନ ଯୋଗ ନାହିଁ ।" ଏଥିରେ ମୋତିଲାଲ ଅତ୍ୟନ୍ତ ମର୍ମାହତ ହେଲେ । ପଣ୍ଡିତ ମାଲବ୍ୟ ବନ୍ଧୁଙ୍କର ଏ ଅବସ୍ଥା ଦେଖି ସେହି ସାଧୁଙ୍କୁ ବାରମ୍ବାର ପ୍ରାର୍ଥନା କରି ତାଙ୍କଠାରୁ ଆଶୀର୍ବାଦ ଭିକ୍ଷା କଲେ, ଯେପରିକି ମୋତିଲାଲଙ୍କର ଏକ ପୁତ୍ର ସନ୍ତାନ ଲାଭ ହେବ । ସାଧୁ ଏଥର ମୋତିଲାଲଙ୍କ ଆଡ଼କୁ ଥରେ ଅପଲକ ନୟନରେ ଚାହିଁ ହସ୍ତ ପ୍ରସାରଣ ପୂର୍ବକ ତାଙ୍କୁ ଆଶୀର୍ବାଦ କଲେ ଓ ବିଦାୟ ସଙ୍କେତ ଦେଇ ସଙ୍ଗେସଙ୍ଗେ ଦେହ ତ୍ୟାଗ କଲେ । ହଠାତ୍ ଏକ ଜ୍ୟୋତି ତାଙ୍କ ଶରୀରରୁ ବାହାରି ଶୂନ୍ୟରେ ଅଦୃଶ୍ୟ ହୋଇଗଲା । ଦୁଇ ବନ୍ଧୁ ଏହା ଦେଖି ଅତ୍ୟନ୍ତ ବିସ୍ମିତ ହେଲେ ଓ ସାଧୁଙ୍କର ଶବ ସତ୍କାରାଦି କରାଇ ନିଜନିଜ ଗନ୍ତବ୍ୟ ପଥରେ ଚାଲି ଗଲେ । ଏହି ଘଟଣାର କେତେକ ଦିନ ପରେ ଦେବୀ ସ୍ୱରୂପରାଣୀଙ୍କର ଗର୍ଭୋଦୟ ହେଲା । ଯଥା ସମୟରେ ସିଂହ ରାଶିରେ ପୂର୍ବୋକ୍ତ ଦିବସରେ ଜବାହର ଜନ୍ମଗ୍ରହଣ କଲେ । ଯୋଗର ଫଳ ସ୍ୱରୂପ ସେ ଏହି ଉଚ୍ଚ ବଂଶରେ ଜନ୍ମ ଗ୍ରହଣ କରିଥିଲେ (ଆଧ୍ୟାତ୍ମ ଜ୍ୟୋତିଷ ବିଚାର ଦ୍ରଷ୍ଟବ୍ୟ) । ଜବାହରଲାଲ ନେହେରୁଙ୍କ ଶରୀରରେ କେତେକ ଦେବ ଲକ୍ଷଣ ରହିଥିବାରୁ ସେ ମହାତ୍ମାଗାନ୍ଧୀଙ୍କ ସାନିଧ୍ୟ ଲାଭ କରି ପାରିଥିଲେ । ତୁଳସୀ ଦୁଇପତ୍ରରୁ ବାସିଲାପରି ପିଲାଦିନରୁ ତାଙ୍କର ଅନେକ ସଦ୍‌ଗୁଣ ଜଣା ପଡ଼ିଥିଲା । ସେ ପିତୃଭକ୍ତ, ମେଧାବୀ, ସହିଷ୍ଣୁ, କର୍ମତତ୍ପର, ନିର୍ମଳ ନିଷ୍କପଟ ହୃଦୟ, ସଦାଚାରୀ, ସତ୍‌ସଙ୍ଗୀ, ଦେଶପ୍ରେମୀ ଓ ସୁଶାସକ ତଥା ରାଜନୀତିଜ୍ଞ ଥିଲେ । ପିଲାଦିନେ ଶୀକାର କରିବାକୁ ସେ ଭାରିଭଲ ପାଉଥିଲେ । କିନ୍ତୁ ଥରେ ତାଙ୍କ ଗୁଳିସ୍ପୋଟରେ ଗୋଟିଏ ହରିଣୀର କରୁଣ ମୃତ୍ୟୁଚିତ୍ର ଦର୍ଶନକରି ସେ ମର୍ମାହତ ହୋଇ ସେହି ଦିନଠାରୁ ଆଉ ଶିକାର ନ କରିବା ପାଇଁ ଶପଥ ନେଇଥିଲେ ।

ମୋତିଲାଲ୍ ଅତ୍ୟନ୍ତ ରାଗିଲୋକ ଥିଲେ । ଜବାହର ଲାଲ୍‌ଙ୍କୁ ଯେତେବେଳେ ମାତ୍ର ପାଞ୍ଚ ବର୍ଷ ବୟସ, ସେତେବେଳେ ସେ ବାପାଙ୍କ ଟେବୁଲ ଉପରୁ ଗୋଟିଏ ଫାଉଣ୍ଟେନ୍ ପେନ ନ କହି ନେଇଯାଇଥିଲେ । ସେଦିନ ଘରେ ଘରି ଖୋଜା ଖୋଜି ଚାଲିଲା । ଶେଷକୁ ଜଣା ପଡ଼ିଲା ଯେ, ତାହା ଜବାହରଲାଲ ନେଇଛନ୍ତି । ମୋତିଲାଲ୍ ଏ ଘଟଣାରେ ଭୀଷଣ

ରଗିଯାଇ ତାଙ୍କ ଗାଲରେ ଜୋର କରି ଦୁଇ ଚାପୁଡ଼ା ଦେଲେ । ସେ ନିଜ ଭୁଲ ପାଇଁ କେବଳ ଅନୁତାପ କଲେ ସିନା, ମାଡ଼ ଖାଇ ଥିବାରୁ ନିଜକୁ ଅପମାନିତ ବୋଧ କଲେ ନାହିଁ । ତାଙ୍କୁ ଦଶବର୍ଷ ବୟସ ହେବା ସମୟରେ ତାଙ୍କ "ଆନନ୍ଦ ଭବନ" ବାସଗୃହ ତିଆରି ହୋଇ ସାରିଥିଲା । ତାହା ଠିକ୍ ଗୋଟିଏ ବିରାଟ ରାଜପ୍ରାସାଦ ଭଳି ଗଠିତ । ଏହି ରାଜ ପ୍ରାସାଦ ସମ୍ମୁଖସ୍ଥ ଉଦ୍ୟାନରେ ଜବାହରଲାଲ୍ ଗୋଲାପ ଫୁଲର ଅନେକ ଗଛ ଆଣି ଲଗାଇବାର ବଗିଚା କରି ବିଭିନ୍ନ ରଙ୍ଗର ଗୋଲାପ ଫୁଲ ଫୁଟାଇ ପାରିଥିଲେ । ସେ ପିଲାଦିନୁ ଗୋଲାପ ଫୁଲକୁ ଅତି ଭଲ ପାଉଥିଲେ ଓ ତାଙ୍କ ଗୁଣ , ରୂପ ଏବଂ ହସ ଗୋଲାପ ପରି ସୁନ୍ଦର ଥିଲା । ଏହା ବ୍ୟତୀତ ପକ୍ଷୀ ପାଳନ କରିବା, ଘରେ ଭଲ ଭଲ ଫଟୋ ସଜାଇବା, ଉପାଦେୟ ପୁସ୍ତକମାନ ଅଧ୍ୟୟନ କରିବା ଓ ସେଗୁଡ଼ିକର ଯତ୍ନନେବା ଏବଂ ଖେଳ କସରତ କରିବାକୁ ସେ ଆଗ୍ରହ ପ୍ରକାଶ କରୁଥିଲେ । ୧୧ ବର୍ଷ ବୟସ ବେଳେ ସେ ଅଧ୍ୟବସାୟର ସହିତ ପାଠ ପଢ଼ିବାକୁ ଆରମ୍ଭ କଲେ । ସେତେବେଳେ ତାଙ୍କୁ ପାଠ ପଢ଼ାଇବା ପାଇଁ 'ବ୍ରୁକ୍ସ' ନାମକ ଜଣେ ସାହେବ ତାଙ୍କର ଗୃହ ଶିକ୍ଷକ ଭାବରେ ନିଯୁକ୍ତ ହୋଇଥିଲେ । ଜଣେ ପଣ୍ଡିତ ତାଙ୍କୁ ସଂସ୍କୃତ ଓ ହିନ୍ଦି ପଢ଼ାଉଥିଲେ । ବାଳକ ନେହେରୁ ସେତେବେଳେ ସଂସ୍କୃତ ପଢିବାକୁ ଆଗ୍ରହ ପ୍ରକାଶ କରୁଥିଲେ । ମାତୃଭାଷା (ହିନ୍ଦି), ଇଂରଜୀ, ଗଣିତ, ଇତିହାସ ଓ ଭୂଗୋଳ ଆଦିରେ ସେ ସର୍ବଦା ଅଧିକ ନମ୍ବର ରଖି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉ-ଥିଲେ । "ଆଲ୍ଲାଉଦ୍ଦୀନ୍ ଓ ମ୍ୟାଜିକ୍ ଲ୍ୟାମ୍ପ" ପ୍ରଭୃତି ଆରବୀୟ ଗଳ୍ପମାନ ପଢ଼ିବାକୁ ସେ ସୁଖ ପାଉଥିଲେ । ତାଙ୍କୁ ଯେତେବେଳେ ମାତ୍ର ୧୫ ବର୍ଷ ବୟସ, ସେତେବେଳେ ସେ ତାଙ୍କ ପିତାମାତାଙ୍କ ସହିତ ବିଲାତ ଯାଇଥିଲେ ଓ ସେଠାରେ "ହାରୋ" ସ୍କୁଲରେ ତାଙ୍କର ନାମ ଲେଖା ହୋଇଥିଲା । ତାଙ୍କୁ ପ୍ରଥମେ ପ୍ରଥମେ ସେଠାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଭାରତରେ ଥିବା ତାଙ୍କ ସାଙ୍ଗ ସାଥୀଙ୍କ କଥା ସେ ସେଠାରେ ସର୍ବଦା ମନେ ପକାଉଥିଲେ । ମାତ୍ର ପରେ ତାଙ୍କର ସମସ୍ତ ଅସୁବିଧା ଓ ମନର ଦୁଃଖ ଦୂର ହୋଇଥିଲା । ସବୁ ଦୁଃଖ କଷ୍ଟ ତାଙ୍କର ଦେହସୁହା ହୋଇ ଯାଇଥିଲା । ସେଠାରେ ଶ୍ରେଣୀରେ ସେ ସବୁ ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରି ସୁନାମ ଅର୍ଜନ କରିଥିଲେ ।

ଅବସର ସମୟରେ ସେ ଲାଇବ୍ରେରୀରୁ "ଗାରିବାଲଡ଼ି ଓ ମାଜିନୀ" ଆଦିଙ୍କ ସମ୍ବନ୍ଧରେ କେତେକ ପୁସ୍ତକ ପଢ଼ିବାର ସୁଯୋଗ ପାଇଥିଲେ । ସେଥିରୁ କେତେକ ଘଟଣା ପାଠକରି ତାଙ୍କ ମନରେ ସେତେବେଳେ ବିଦ୍ରୋହ ବୀଜ ବପନ ହୋଇ ଥିଲା । ସେ ଭାରତ ବର୍ଷକୁ କିପରି ସ୍ୱାଧୀନ କରିବେ, ସେହିଦିନୁ ହିଁ ମନେମନେ ସ୍ଥିର କରି ଉପାୟ ଚିନ୍ତା କରୁଥିଲେ । ତାହା ହିଁ ତାଙ୍କ ଜୀବନର ବ୍ରତ ହୋଇଥିଲା । ପରାଧୀନତାର ଶୃଙ୍ଖଳରୁ କିପରି ଭାରତୀୟମାନଙ୍କୁ ମୁକ୍ତ କରାଯିବ, ସେ ଏହି କଥା ସର୍ବଦା ଚିନ୍ତା କରୁଥିଲେ । ସେ ସେଠାରୁ କୃତିତ୍ୱ ସହକାରେ ଉତ୍ତୀର୍ଣ୍ଣ ହୋଇ କେମ୍ବ୍ରିଜ ମହାବିଦ୍ୟାଳୟରେ ଅଧ୍ୟୟନ କଲେ । ଇତିହାସ ଚର୍ଚ୍ଚାପ୍ରତି ପଣ୍ଡିତ ନେହେରୁଙ୍କର ପ୍ରବଳ ଆଗ୍ରହ ଥିଲା । ସେଠାରେ ତାଙ୍କର ବଡ଼ବଡ଼ ରାଜନୀତିଜ୍ଞଙ୍କ ସହିତ ନାନାଦି ସମସ୍ୟା ସମ୍ବନ୍ଧରେ ଆଲୋଚନା ହେଉଥିଲା । ସେ ପ୍ରଥମେ ଭଲ ଭାଷଣ ଦେଇ ପାରୁ ନ ଥିବାରୁ ଡିବେଟିଂ କ୍ଲାସରେ ତାଙ୍କୁ ଜରିମାନା ଦେବାକୁ ପଡୁଥିଲା । ମାତ୍ର ସେ ଅଭ୍ୟାସ କରି ଏପରି ଭାବରେ ବକ୍ତୃତା ଦେଲେ ଯେ, ତାହା ସମସ୍ତଙ୍କ ବକ୍ତୃତା ଅପେକ୍ଷା ଉତ୍କୃଷ୍ଟ ବିବେଚିତ ହେଲା । ସେ ଇଂଲଣ୍ଡରେ ସାତବର୍ଷ ରହିବା ପରେ ୧୯୧୨ ମସିହାରେ ଭାରତବର୍ଷକୁ ଫେରି ଆସିଥିଲେ । ଏହି ସମୟରେ ସେ ମହାତ୍ମାଗାନ୍ଧୀଙ୍କ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ଭାରତକୁ ସ୍ୱାଧୀନ କରିବା ପାଇଁ ପ୍ରାଣପଣେ ଲଢ଼ିଥିଲେ । ଏଥିପାଇଁ ସେ ଅନେକ ଥର କାରାବରଣ କରିଥିଲେ ଓ ବହୁ କଷ୍ଟ ସହିଥିଲେ । ସେ ଶିଶୁମାନଙ୍କୁ ଅତି ଭଲ ପାଉଥିଲେ ।


ପଣ୍ଡିତ ନେହେରୁ ଜଣେ ଉଚ୍ଚକୋଟୀର ରାଜନୀତିଜ୍ଞ ଥିଲେ । ଦେଶପାଇଁ ସେ ତାଙ୍କର ସବୁକିଛି ତ୍ୟାଗକରି ଯାଇଛନ୍ତି । ତାଙ୍କର ଭାଷଣ ଥିଲା ଅଗ୍ନିବର୍ଷୀ । ଭାରତର ସ୍ୱାଧୀନତା ପାଇଁ ଲଢ଼ି ସେ ଏକାଦିକ୍ରମେ ଦିନକୁ ୨୦ଟାରୁ ଅଧିକ ଓଜସ୍ୱିନୀ ଭାଷଣ ଦେଇ ପାରୁଥିଲେ । ସ୍ୱାଧୀନତା ସୂର୍ଯ୍ୟ ଉଦୟ ହେବାକ୍ଷଣି ସେ ଭାରତର ସର୍ବପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ । ସୁଶାସନ ଓ ଦେଶସେବା କରି ସେ ଦେଶ ବାସୀଙ୍କର ଶ୍ରଦ୍ଧାଭାଜନ ହୋଇ ପାରିଥିଲେ । ବିଶ୍ୱ ରାଜ ନୀତିରେ ତାଙ୍କର ଭୂମିକା ଥିଲା ଅତି ଗୁରୁତ୍ୱପୂର୍ଣ୍ଣ । ଆନ୍ତର୍ଜାତିକ ବିଭିନ୍ନ ସମସ୍ୟାବଳୀ ଉପରେ ତାଙ୍କର ସମୋୟୋପଯୋଗୀ ସୁଚିନ୍ତିତ ପରାମର୍ଶ ଅନେକ ବିଶ୍ୱନାୟକଙ୍କ ମାର୍ଗଦର୍ଶକ ହୋଇ ପାରିଥିଲା । ଆଦର୍ଶ ଦେଶ ସେବକ ଭାବରେ ସେ ବିଶ୍ୱ ଦରବାରରେ ଭାରତର ମର୍ଯ୍ୟାଦାକୁ ବହୁଗୁଣରେ ବଢ଼ାଇ ପାରିଥିଲେ । ଏଥିପାଇଁ ସେ ସର୍ବଦା ଆନନ୍ଦିତ ହେଉଥିଲେ । କାରଣ ଯେଉଁ ପୂର୍ବ ବାସନା ଘେନି ତାଙ୍କର ଆବିର୍ଭାବ ହୋଇଥିଲା, ତାହା ସେ ପୂରଣ କରି ପାରିଥିଲେ । ୭୫ ବର୍ଷ ବୟସରେ ମଧ୍ୟ ସେ ଆନନ୍ଦରେ ଡେଇଁଡେଇଁ ପାହାଡ ପର୍ବତ ଆରୋହଣ କରି ପାରୁଥିଲେ । ଶେଷ ସମୟ ପର୍ଯ୍ୟନ୍ତ ତାଙ୍କ ସ୍ୱାସ୍ଥ୍ୟ ଅତୁଟଥିଲା । ଅନ୍ତିମ ସମୟକୁ ତାଙ୍କର ଆଉ ଟିକିଏ ହେଲେ କାମନା ନ ଥିବାରୁ ସେ ଅତି ଶାନ୍ତ ବାତାବରଣ ମଧ୍ୟରେ ତାଙ୍କର ଇହଲୀଳା ସମ୍ବରଣ କରିଥିଲେ । ତାଙ୍କର ତିରୋଧାନ ହୋଇଥିଲା । ୧୯୬୪ ମସିହା ମେ' ମାସ ୨୭ ତାରିଖ ସୁଦଶାବ୍ରତ ତିଥିରେ ।

ପିତା ପଣ୍ଡିତ ଜବହାରଲାଲ ନେହେରୁଙ୍କ ପୂଣ୍ୟ ବଳରୁ ତଥା ଜନ ସେବା ଜନିତ ସୁକୃତ ଯୋଗୁଁ ପିଲାଟିଦିନୁ ତାଙ୍କରି ଆଦର୍ଶରେ ଅନୁପ୍ରାଣୀତ ହୋଇ ସ୍ୱକୀୟ ସାଧନା ବଳରେ ୬ଇନ୍ଦିରାଗାନ୍ଧୀ ଭାରତବର୍ଷ ପ୍ରତି ପରି ବିଶାଳ ଧର୍ମ ନିରପେକ୍ଷ ରାଷ୍ଟ୍ରର ପ୍ରଧାନମନ୍ତ୍ରୀ ହୋଇ ପିତାଙ୍କର ଉତ୍ତରଦାୟିତ୍ୱ ସୁସ୍ୱରୂପେ ତୁଲାଇ ଦେଶ ବିଦେଶରେ ସୁନାମ ଅର୍ଜନ କରି

ଯାଉଛନ୍ତି । ପଣ୍ଡିତ ନେହେରୁଙ୍କର ଦୂରଦୃଷ୍ଟି ଓ ତାଙ୍କର ସୁଯୋଗ୍ୟା କନ୍ୟା ଇନ୍ଦିରାଗାନ୍ଧୀଙ୍କ ବିକାଶମୁଖୀ ଚିନ୍ତାଧାରା ଏ ଦେଶର ପ୍ରତି ମଣିଷକୁ ଅନୁପ୍ରାଣୀତ କରି ଆସୁଅଛି ତାଙ୍କରି ଆଦର୍ଶରେ ଅନୁପ୍ରାଣୀତ ହୋଇ ପଣ୍ଡିତ ନେହରୁଙ୍କର ନାତି ତଥା ଇନ୍ଦିରା ଗାନ୍ଧୀଙ୍କର ସୁଯୋଗ୍ୟ ସନ୍ତାନ ରାଜୀବ ଗାନ୍ଧୀ ବିଗତ ଚାରି ବର୍ଷ ହେଲା ଭାରତର ପ୍ରଧାନ ମନ୍ତ୍ରୀରୂପେ ନେତୃତ୍ୱ ଦେଇ ଆସୁଛନ୍ତି ଓ ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରାଣପଣେ ଉଦ୍ୟମ କରି ଆସୁଛନ୍ତି । ସ୍ୱର୍ଗତଃ ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ, ପଣ୍ଡିତ ଲାଲବାହାଦୁର ଶାସ୍ତ୍ରୀ, ଇନ୍ଦିରା ଗାନ୍ଧୀ ଓ ସ୍ୱାଧୀନ ଭାରତ ପାଇଁ ସଂଗ୍ରାମ ଚଳାଇ ଦେଶକୁ ସ୍ୱାଧୀନ କରିଥିବା ପ୍ରତ୍ୟେକ ଜନ ନାୟକଙ୍କର ଆଶୀର୍ବାଦ ବହନ କରି ରାଜୀବ ଦୀର୍ଘଜୀବୀ ହୁଅନ୍ତୁ ଓ ସମସ୍ତ କାର୍ଯ୍ୟରେ ଜୟଯୁକ୍ତ ହୁଅନ୍ତୁ । ଏ ଦେଶ ସମୃଦ୍ଧ ହେଉ । ଓ ଦେଶରେ ଚାରିଆଡେ ଦେଖା ଦେଇଥିବା ହିଂସାଦ୍ୱେଷ, ବିପଦର ଆଶଙ୍କା ଓ ଅଶାନ୍ତି ଦୂର ହେଉ । ବିଶ୍ୱରେ ଚିରଶାନ୍ତି ପ୍ରତିଷ୍ଠା ଓ ଭାରତରେ ରାମରାଜ୍ୟ ପ୍ରତିଷ୍ଠା ହେବାର ମହାତ୍ମାଗାନ୍ଧୀଙ୍କର ଚିନ୍ତାଧାରା ଆଶୁ ଫଳବତୀ ହେଉ । ପଣ୍ଡିତ ନେହେରୁଙ୍କର ପୁଣ୍ୟ ଜନ୍ମ ତିଥି ଏହି ଶିଶୁ ଦିବସରେ ତାଙ୍କର ଅମର ଆତ୍ମା ପ୍ରତି ଆମର ଶ୍ରଦ୍ଧାଞ୍ଜଳି ଓ ଶୁଭ କାମନା ।

---

ସଂପାଦକ, ବିଶ୍ୱସଂସ୍କୃତ ପ୍ରତିଷ୍ଠାନମ୍
କ୍ୱାଟର ନଂ IV-3/4 ୟୁନିଟ-୧ ଭୁବନେଶ୍ୱର ।





# ଭଳିକି ଭଳି

ଶ୍ରୀ ରାମ ପ୍ରସାଦ ମହାନ୍ତି

ସିଏତ ଗୋରା          ଇଏ ତ କଳା
ହଳଦୀବନ କିଏ
କେଉଁ ପିଲାଟି          ବାଦାମୀ ଦିଶେ
ଗୋଲାପୀ ଦିଶେ କିଏ ।
ରଙ୍ଗ ସିନା          ଭଳିକି ଭଳି
ଢଙ୍ଗ ଏକା ପରି
ସଭିଏଁ ପିଲା          ଦୁନିଆ ସାରା
ରହିବୁ ଆମେ ଭରି ।

ଖାଏ କେ ଭାତ          ଖାଏ କେ ମାଛ
ମାଉଁସ ଅବା ରୁଟି
ଖିରୀ ପାଇଁକି          କରଇ ଅଳି
ସକାଳୁ କିଏ ଉଠି ।
ଖାଇବା ସିନା          ଭଳିକି ଭଳି
ସଭିଏଁ ଏକା ପରି
ହସିଲେ ପିଲେ          ଦୁନିଆଁ ହସେ
ସରଗ ସୁଖ ଭରି ।

କୁଡ଼ିଆ ଘରେ          ରହୁଛି କିଏ
ରହେ କେ କୋଠା ଘରେ
ଗଛରେ କିଏ          ତୋଳଇ ଘର
କିଏ ବା ନାଆ ପରେ ।
ଘରଟା ସିନା          ଭଳିକି ଭଳି
ରହଣି ଏକା ପରି
ସଭିଏଁ ପିଲା          ସବୁରି ମନ
କଅଁଳ କଢ଼ି ପରି ।

ରହିମ୍ ଅବା          ରୋହିତ କିଏ
କିଏ ପରଶୁରାମ
ଜାକ୍ ଜିଲ୍          ଚୁଆଙ୍ଗ୍ କିଏ
ନାମରେ କେଉଁ କାମ ?
ନାଁଟି ସିନା          ଭଳିକି ଭଳି
ଖେଳ ତ ଏକା ପରି
ହିଁଆଁ ଟେଇଁରେ          ନାଚ କୁଦରେ
ଦୁନିଆଁ ଉଠେ ଥରି ।

କିଏ ସେ କହେ          'ୟେସ୍', 'ହିଁ'
କିଏ ସେ କହେ 'ଜୀ'
କିଏ ସେ କହେ          'ୟା' 'ଓକେ'
କିଏ ସେ 'ଓୟ' 'ସି' ।
ଭାଷାଟି ସିନା          ଭଳିକି ଭଳି
ମନ ତ ଏକା ପରି
କହିଲେ କଥା          କଅଁଳ ଓଠୁ
ପଡ଼ଇ ମହୁ ଝରି ।

କେଉଁ ପିଲାର          ରେଶମୀ ଜାମା
ପଶମ ଜାମା କାର
ନାଇଟି କିଏ          ଚଡେଇ ଠାରୁ
ଛଡେଇ ଆଣି ପର
କାହାର ମୋଟେ          ପୋଷାକ ନାହିଁ
କାହାର ଗଲା ଚିରି
ପୋଷାକ ସିନା          ଭଳିକି ଭଳି
ପିଲା ତ ଏକା ପରି ।

ରାଇଜ ଯାକ          ପିଲାଏ ଆମେ
ବସିବା ଯଦି ମିତ
ହସି ଖେଳିବା          ନାଚି ନାଚିବା
ଗାଇବା ଯଦି ଗୀତ
ମିଳାଇ ହାତ          ଚାଲିବା ଆମେ
ଗୋଟିଏ ବାଟ ଧରି
ଏଇ ଧରାରେ          ସରଗ ସୁଧା
ପଡ଼ିବ ସିନା ଝରି ।

୨/ଏ, ୫ ଆର୍ (ଏଫ୍)
ୟୁନିଟ୍-୯, ଭୁବନେଶ୍ୱର-୭ ।

# ଜବାହରଙ୍କ ବାହୁବନ୍ଧନରେ ଗୋଟିଏ ମୁହୂର୍ତ୍ତ

ଡଃ ସୁଧାଂଶୁ କୁମାର ନାୟକ

ପ୍ରାୟ ତିନି ଦଶନ୍ଧି ତଳର କଥା । ୧୯୬୦ ମସିହା ହେବ ପରା । ଶୀତ ଦିନ ହେବ ନା କ'ଣ । ସେତେବେଳେ ଏ ସବୁ ବିବରଣୀ ମନେ ରଖିବାର ଶକ୍ତି ମୋର ନ ଥିଲା । ଅବଶ୍ୟ ପରେ ଚେଷ୍ଟା କରିଥିଲେ ଠିକ୍ ତାରିଖ ଓ ସମୟ ଜାଣି ପାରିଥାନ୍ତି । କିନ୍ତୁ ସେଇଥି ପାଇଁ ମୁଁ କେବେ ପ୍ରୟାସୀ ହୋଇ ନାହିଁ । ଶୈଶବର ସେଇ କାଳଜୟୀ ମୁହୂର୍ତ୍ତଟିକୁ ସମୟର ମୋହରରେ ମୁଦ୍ରିତ କରି ସୀମାବଦ୍ଧ କରି ପକାଇବାକୁ ଏବେ ବି ମୋର ଇଚ୍ଛା ନାହିଁ ।

ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ସେନାପତି ଭାରତର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ଜବାହରଲାଲ୍ ନେହେରୁ ଓଡ଼ିଶା ଆସୁଛନ୍ତି । ଜଣେ ଛ'ବର୍ଷୀୟ ମୋପରି ପିଲା ପାଇଁ ଏହାର ଅର୍ଥ ବା କ'ଣ ହୋଇ ପାରେ ! କିନ୍ତୁ ଗୁରୁଜୀଙ୍କ ଓଜସ୍ୱୀ ଭାଷଣ ଓ ଗ୍ରାମବାସୀଙ୍କର ଉତ୍ସାହପୂର୍ଣ୍ଣ ପ୍ରସ୍ତୁତିରୁ କିଛି ଗୋଟାଏ କୌତୁହଳପୂର୍ଣ୍ଣ ଘଟଣା ଘଟିବ ବୋଲି ମନେ ହେଉଥିଲା । ଯାହା ଠାରୁ ଶୁଣିବ 'ଜହରଲାଲ୍ ଆସୁଛନ୍ତି' । ସମସ୍ତଙ୍କ ମନରେ ଉତ୍ସାହ ଓ ଉଦ୍ଦୀପନା ।

ଜବାହରଲାଲ୍‌ଙ୍କ କୋଣାର୍କ ଯିବାର ଥିଲା । ଆମ ଗାଁ ଶୁକୁଗୋରଡ଼ି, ପିପିଲି ଓ ନିମାପଡ଼ା ମଝିରେ ଧନୁଆ ନଈ କୂଳରେ ମୁଖ୍ୟ ସଡ଼କ ଠାରୁ ପ୍ରାୟ ପାଞ୍ଚ କିଲୋମିଟର୍ ଦୂରରେ ଅବସ୍ଥିତ । ସେତେବେଳେ ମୋ ଭଲାପା (ବାପାଙ୍କ ବଡ଼ଭାଇ) ସ୍ୱର୍ଗତ ସଚ୍ଚିଦାନନ୍ଦ ନାୟକଙ୍କ 'କଳାମନ୍ଦିର'ର ପ୍ରସିଦ୍ଧି ଆଖ-ପାଖ ଗାଁରେ ଖୁବ୍ ବ୍ୟାପି ଯାଇଥାଏ । ଗାଁରେ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ—ମଧ୍ୟ ଇଂରାଜୀ ବିଦ୍ୟାଳୟ, ସମବାୟ ସେବା ସମିତି, ମହିଳା ସମିତି, ଯୁବକ ସଙ୍ଘ, ପାଠାଗାର, କମ୍ୟୁନିଟି ସେଣ୍ଟର୍—ତାଙ୍କରି ପୌରୋହିତ୍ୟରେ ଚାଲିଥାଏ । ଆମ ଗାଁକୁ ସେ ନିମାପଡ଼ା ବ୍ଲକ୍‌ର ଗୋଟିଏ ଆଦର୍ଶ ଗ୍ରାମ ରୂପେ ଗଢ଼ିଥାନ୍ତି । ତେଣୁ, ଧନୁଆ ଛକ ଠାରେ ପ୍ରଧାନମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ଜଣାଇବାରେ ତାଙ୍କର ଭୂମିକା ବହୁତ ବେଶୀ ଥାଏ । ସେହି ପରିବାରର ସଦସ୍ୟଭାବରେ ମୋର ଉତ୍ସାହ ଅତ୍ୟଧିକ ହେବା ସ୍ୱାଭାବିକ ।

କଳାମନ୍ଦିରର ମଞ୍ଚ ଉପକରଣ ନେଇ ପୂର୍ବ ଦିନ ଠାରୁ ଗୋଟିଏ ସୁନ୍ଦର ତୋରଣ ନିର୍ମାଣ କରାଗଲା । କାଗଜ ପଟାରେ ଆଦର୍ଶ ଗ୍ରାମ ଶୁକୁଗୋରଡ଼ି ବୋଲି ଲେଖାଯାଇ ତୀର ଚିହ୍ନ ଅଙ୍କିତ କରାଗଲା । ସକାଳେ ରାସ୍ତା ସଫା କରି ଦୁଇ କଡ଼ରେ ବ୍ଲିଚିଙ୍ଗ୍ ପାଉଡ଼ର୍‌ର ଚିତା ପଡ଼ିଲା ।

ସ୍କୁଲ୍ ପିଲାମାନଙ୍କୁ ଶୋଭାଯାତ୍ରାରେ ଧନୁଆ ଛକକୁ ନେବାର ଦାୟିତ୍ୱ ନ୍ୟସ୍ତ ଥିଲା ଆମର ସ୍ୱର୍ଗୀୟ ଗୁରୁଜୀ ରାଜ କିଶୋର ନାୟକଙ୍କ ଉପରେ । ତାଙ୍କର ତତ୍ପରତା କହିଲେ ନ ସରେ । ଗୁରୁମା ପ୍ରଧାନ ଶିକ୍ଷୟିତ୍ରୀ କାଞ୍ଚନ ଦେଈଙ୍କର ପହଞ୍ଚିବାରେ ବିଳମ୍ବ ହେବାରୁ ସେ ଯେପରି ବ୍ୟସ୍ତ ହୋଇ ପଡୁଥାନ୍ତି ତାହା ଏବେବି ମୋ ଆଖି ଆଗରେ ଦିଶି ଯାଉଛି । ଗୁରୁମା ଆସୁଛନ୍ତି ବୋଲି କେହି ଜଣେ କହିବାରୁ ତାଙ୍କ ପାଟିରୁ କ୍ରୋଧରେ ବାହାରି ପଡ଼ିଲା—''କ'ଣ ଗୁରୁମା'ଙ୍କ ପାଦରେ ବେଙ୍ଗ ବନ୍ଧା ହୋଇଛି'' ।

ତିନି-ତିନିଜଣିଆ ଧାଡ଼ିକରି ଆମେ ଶୋଭାଯାତ୍ରାରେ ଚାଲିଲୁ । ଆଗରେ ପଞ୍ଚମ ଶ୍ରେଣୀର ଜଣେ ପିଲା ଜାତୀୟ ପତାକା ଧରିଥାଏ । ଆମେ ସବୁ କୌଣସି ରାଷ୍ଟ୍ରୀୟ ଗୀତ ଗାଉଥାଉ । ତାହା ଏବେ ମୋର ମନେ ପଡୁ ନାହିଁ । କିନ୍ତୁ ମିଝିରେ ମଝିରେ 'ଭାରତ ମାତା କୀ ଜୟ', 'ମହାତ୍ମା ଗାନ୍ଧି କୀ ଜୟ', 'ଜବାହରଲାଲ୍ ନେହେରୁ କୀ ଜୟ'ର ଧ୍ୱନିମାନ ଆମେ ଦେଉଥାଉ । ଭାରି ଖୁସି ଲାଗୁଥାଏ ।

ହେଲେ ଚାଲି ଚାଲି ପାଞ୍ଚ କିଲୋମିଟର୍ ରାସ୍ତା ଅତିକ୍ରମ କରିବା ବେଳକୁ ମୁଁ ଭାରି ହାଲିଆ ହୋଇ ପଡ଼ିଲି । ପ୍ରଧାନମନ୍ତ୍ରୀ କେତେବେଳେ ଆସିବେ ? ସେହି କଳ୍ପନା-ଜଳ୍ପନା ଓ ଆଲୋଚନାରେ ସମସ୍ତେ ସମୟ କାଟୁଥାଆନ୍ତି । କାଳେ କେତେବେଳେ ପ୍ରଧାନମନ୍ତ୍ରୀ ଚାଲି ଆସିବେ । ସେଥିପାଇଁ ଗୁରୁଜୀ ଆମକୁ ସଦା ପ୍ରସ୍ତୁତ ଅବସ୍ଥାରେ ରଖିଥାନ୍ତି ।

ଛକରେ ବେଶ୍ ଭିଡ଼ ଜମି ଯାଇଥାଏ । ଭଲାପା ଗ୍ରାମବାସୀମାନଙ୍କୁ ସୁଶୃଙ୍ଖଳିତ କରି ବାରମ୍ବାର ବିଭିନ୍ନ ପ୍ରକାର ନିର୍ଦ୍ଦେଶ ଦେଉଥାନ୍ତି । ଆଉ ଗୁରୁଜୀ, କିପରି ଜବାହରଲାଲ୍‌ଙ୍କୁ ସ୍ୱାଗତ କରିବାକୁ ହେବ, କିପରି ଧ୍ୱନିମାନ ଦେବାକୁ ହେବ ସେ ବିଷୟରେ ଆମକୁ ଚେତାଇ ଦେଉଥାନ୍ତି । ପଞ୍ଚମ ଶ୍ରେଣୀର ଝିଅମାନେ ପ୍ରଧାନମନ୍ତ୍ରୀଙ୍କୁ ଦେବା ପାଇଁ ଫୁଲ ହାରଟିଏ ଅତି ଯତ୍ନର ସହିତ ଧରିଥାନ୍ତି ।

ହେଇ ଆସିବେ, ହେଇ ଆସିବେ ବୋଲି ତିନି-ଚାରି ଘଣ୍ଟା ବିତିଗଲା । ଆମ ସମସ୍ତଙ୍କୁ ହାଲିଆ ଲାଗୁଥାଏ । ମୁଁ ତ ସହଜେ ଛୋଟ । ଟିକିଏ ଟିକିଏ ଭୋକ ବି ଲାଗୁଥାଏ । ଗୁରୁଜୀଙ୍କ ତତ୍ପରତା ଆମ ପାଇଁ ଦଣ୍ଡରେ ପରିଣତ ହୋଇ ସାରିଥିଲା । ପ୍ରଧାନମନ୍ତ୍ରୀଙ୍କ ସ୍ୱାଗତ ପାଇଁ ଯେଉଁ ଆଗ୍ରହ ବେଳକୁ ବେଳ ବଢୁଥିଲା ତାହା କ୍ରମେ ହ୍ରାସ ପାଇବାକୁ ଆରମ୍ଭ କଲା । ସମସ୍ତେ ବିକଳ ହୋଇ ରାସ୍ତାକୁ ଚାହିଁଥାଉ ।

ଶେଷରେ ସେହି ଶୁଭ ମୁହୂର୍ତ୍ତ ଆସିଲା । ପାଇଲଟ୍ ଗାଡ଼ିର ଧ୍ୱନି ପଛେ ପଛେ ଜବାହରଲାଲ୍‌ଙ୍କ କାର୍ ଆସି ପହଞ୍ଚିଲା । ସମସ୍ତଙ୍କ ଆନନ୍ଦ କହିଲେ ନ ସରେ । ଆମେ ଯେଉଁଠି ଠିଆ ହୋଇଥିଲୁ ସେହିଠାରେ

ପ୍ରଧାନମନ୍ତ୍ରୀ କାର୍‌ରୁ ବାହାରି ଆସିଲେ । ତାଙ୍କ ଗଳାରେ ଫୁଲ ହାର ଲମ୍ବାଇ ଦିଆଗଲା । ସେ ସହାସ୍ୟ ବଦନରେ ସମସ୍ତଙ୍କୁ ପ୍ରତି ନମସ୍କାର ଜଣାଉଥାନ୍ତି । ହେଲେ ମୁଁ ମୋର କ୍ଷୁଦ୍ରକାୟ ଶରୀର ଯୋଗୁଁ ଭଲ ଭାବରେ ଦେଖିପାରୁ ନ ଥାଏ । ବଡ଼ ପିଲାମାନେ ଆଗରେ ଠିଆ ହୋଇ ଯାଉଥାନ୍ତି । ଜବାହରଙ୍କର ଦର୍ଶନ ଲାଳସା ଗ୍ରାମବାସୀଙ୍କ ମଧ୍ୟରେ ଶୃଙ୍ଖଳା ଜ୍ଞାନ ମଧ୍ୟ ହ୍ରାସ କରି ଦେଇଥିଲା । ତେଣୁ, ମୋ ଭଳି ଛୋଟ ପିଲାମାନଙ୍କୁ ଅସୁବିଧା ହେବା ସ୍ୱାଭାବିକ । ମୁଁ ଯେତେ ଗୋଡ଼ ଟେକି ଦେଖିବାକୁ ଚେଷ୍ଟା କଲେ ବି ସେ ବିଶାଳକାୟ ପୁରୁଷଙ୍କର ଟୋପି ଛଡ଼ା ବେଶୀ କିଛି ଦେଖି ପାରୁ ନ ଥାଏ । ହଠାତ୍ ତାଙ୍କର କୃପା ଦୃଷ୍ଟି ଏହି ନିରୀହ ଶିଶୁଟି ଉପରେ ପଡ଼ିଲା । ଅନ୍ୟମାନଙ୍କୁ ଆଡ଼େଇ ଦେଇ ସେ ହାତରେ ମୋତେ ଟେକି ନେଲେ ତାଙ୍କ ଛାତିକୁ । ସେ ମହାପୁରୁଷଙ୍କ କର କମଳରେ ବନ୍ଦୀ ହୋଇ ମୁଁ ସେତେବେଳେ କି ପ୍ରକାର ସ୍ୱର୍ଗ ସୁଖ ଅନୁଭବ କରିଥିଲି ତାହା ଭାଷାରେ ବର୍ଣ୍ଣନା କରି ହେବ ନାହିଁ । ଯାହାଙ୍କ ଦର୍ଶନ ପାଇଁ ସବୁ ଭାରତବାସୀ ଏତେ ଲାଳାୟିତ ତାଙ୍କ ସ୍ନେହ ପାଶରେ ମୁଁ ନିଜକୁ ପୁରାପୁରି ହଜାଇ ଦେଲି । ସେ ମୋତେ ତଳକୁ ଓହ୍ଲାଇ ଦେଇ ତାଙ୍କ ଗଳାର ଫୁଲମାଳଟି ମୋ ବେକରେ ଲମ୍ବାଇ ଦେଲେ । ମାଳଟି ମୋର ପାଦ ଯାଏଁ ପଡୁଥାଏ ।

ସମସ୍ତଙ୍କୁ ଅପାର ସ୍ନେହ ପସରା ଅଜାଡ଼ି ଦେଇ ଜବାହରଲାଲ୍ ଗାଡ଼ି ଭିତରକୁ ପଶିଗଲେ । ତା'ପରେ କାର୍‌ଗୁଡ଼ିକ କୋଣାର୍କ ଅଭିମୁଖେ ପ୍ରସ୍ଥାନ କଲେ । ପିଲାମାନେ କାର୍‌ଗୁଡ଼ିକର ସଂଖ୍ୟା ଗଣିବାରେ ଲାଗିଥାନ୍ତି । ହେଲେ ମୁଁ ଥାଏ ଅନ୍ୟ ଜଗତରେ । ନିର୍ବାକ୍ ନିଷ୍ପନ୍ଦ ଭାବରେ ନିର୍ନିମେଷ ନୟନରେ ଚାହିଁ ରହିଥାଏ ଅପସରନ୍ତି ଗାଡ଼ିଗୁଡ଼ିକୁ । କେତେବେଳେ ସବୁ ଉଭାନ୍ ହୋଇଗଲା ତାହା ମୁଁ ଜାଣି ପାରିଲି ନାହିଁ । ହଠାତ୍ କାହାର ଆଲିଙ୍ଗନରେ ମୋର ତନ୍ଦ୍ରା ଭାଙ୍ଗିଗଲା ।

ପ୍ରଧାନମନ୍ତ୍ରୀ ଚାଲିଯିବା ପରେ ମୁଁ ସମସ୍ତଙ୍କର ଆଗ୍ରହର ପାତ୍ର ହୋଇଗଲି । ତାଙ୍କ ଫୁଲମାଳରେ ପରିଶୋଭିତ ମୋର କ୍ଷୁଦ୍ର ଶରୀରଟି କୋଳରୁ କୋଳକୁ ସ୍ଥାନାନ୍ତରିତ ହେବାରେ ଲାଗିଲା । ଏତେ ବଡ଼ ମହାପୁରୁଷଙ୍କ ସାନିଧ୍ୟର ଗୁରୁତ୍ୱ ମୁଁ ସେତେବେଳେ ପୂର୍ଣ୍ଣମାତ୍ରାରେ ଉପଲବ୍ଧି କରି ପାରି ନ ଥିଲେ ବି ଏତକ ମୋର ଭଲ ଭାବରେ ମନେ ଅଛି ଯେ ସେ ପରମ ଶିଶୁ ବତ୍ସଳଙ୍କ ସ୍ନେହର ପାତ୍ର ହୋଇଥିବା ଯୋଗୁଁ ମୋତେ ଘରକୁ ଫେରିବା ବେଳେ ଆଉ ଚାଲିଚାଲି ଆସିବାକୁ ପଡ଼ି ନ ଥିଲା । ସମସ୍ତଙ୍କର ସ୍ନେହଭାଜନ ହୋଇ ମୁଁ ଭୋକ ଶୋଷ ଭୁଲି ଯାଇଥିଲି । ମୋ ଜେଜେମା'ଙ୍କ ପାଇଁ ଜବାହରଲାଲ୍‌ଙ୍କର ଏହି ସ୍ପର୍ଶ ଥିଲା ଐଶ୍ୱରୀୟ ସ୍ପର୍ଶ । ମୋ ଜୀବନର ପ୍ରତିଟି ସୋପାନରେ ସେ ମୋତେ ଏହି ପ୍ରସଙ୍ଗଟି ସ୍ମରଣ କରାଇ ଦିଅନ୍ତି । ସବୁ ସେଇ ଜବାହରଲାଲ୍‌ଙ୍କ ଆଶୀର୍ବାଦର ଫଳ ବୋଲି କହନ୍ତି ।

ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀଙ୍କର ପ୍ରତ୍ୟାବର୍ତ୍ତନ କାର୍ଯ୍ୟକ୍ରମ ଥିଲା । ଦିନ ସାରାର ବାଧା ଯୋଗୁଁ ପୁଣି ଥରେ ସଡ଼କ ପାଖକୁ ନ ଯିବା ପାଇଁ ମୋତେ ବାରଣ କରାଯିବା ସତ୍ତ୍ୱେ ମୁଁ ଭାଇମାନଙ୍କ ପିଛା ଛାଡ଼ିଲି ନାହିଁ । ସନ୍ଧ୍ୟା କ୍ରମେ ରାତ୍ରୀରେ ଆଚ୍ଛନ୍ନ କଲା । କେତେବେଳେ କେଜାଣି ମୋତେ ସେଠାରେ ନିଦ ହୋଇ ଯାଇଛି । ହଠାତ୍ "ହେଇ ଆସିଗଲେ" ଚିତ୍କାର ଶୁଣି ମୁଁ ପୁଣି ଚେଇଁ ଉଠିଲି । ରାତି ବୋଧେ ସାତଟା ହେବ । ଗାଡ଼ିଗୁଡ଼ିକର ଆଲୁଅ ଦେଖାଗଲା । ମାତ୍ର ପ୍ରଧାନମନ୍ତ୍ରୀ ସେଠାରେ ଆଉ ଅଟକିଲେ ନାହିଁ । 'ଜବାହରଲାଲ୍ କୀ ଜୟ', 'ଭାରତ ମାତା କୀ ଜୟ' ଧ୍ୱନୀରେ ଚଉଦିଗ କମ୍ପିଗଲା । ମୁଁ ନିର୍ନିମେଷ ନୟନରେ ଲୁଚି ଯାଉଥିବା ଗାଡ଼ିଗୁଡ଼ିକର ଆଲୁଅକୁ ଚାହିଁ ରହିଥାଏ । ସକାଳର ସେହି ସ୍ନେହଭରା ମୁହୂର୍ତ୍ତ ମୋ ଆଖି ଆଗରେ ନାଚି ଯାଉଥାଏ, ଯାହା ଏବେ ବି ମୋ ମାନସ ପଟରେ ଅମ୍ଳାନ ରହିଛି ।

ଆଶା ନିବାସ
ଭୁବନେଶ୍ୱର-୭୫୧୦୦୨



କଟକ ସେଣ୍ଟ ଜୋସେଫ୍ ସ୍କୁଲର ବାର୍ଷିକ ଉତ୍ସବରେ ମୁଖ୍ୟମନ୍ତ୍ରୀ

# ଜବାହରଙ୍କ ବାଲ୍ୟ ଓ କୈଶୋର ଜୀବନ

ଡକ୍ଟର ଜଗନ୍ନାଥ ମହାନ୍ତି

ଆଜିକୁ ଶହେ ବର୍ଷ ତଳେ ଗୋଟିଏ ପିଲା ଆହ୍ଲାବାଦର ନେହେରୁ ପରିବାରରେ କୁଆଁକୁଆଁ କରିଥିଲା । ଅତି ଶ୍ରଦ୍ଧାରେ ପିତାମାତା ତାର ନାମ ଦେଇଥିଲେ ଜବାହର । ଆରବୀ ଭାଷାରେ ଜବାହର ଅର୍ଥ ଅମୂଲ୍ୟ ମଣିମାଣିକ୍ୟ । ବଡ଼ ହେଲାରୁ ସେଇ ପିଲା ହୋଇଥିଲା ସତରେ ଦେଶର ମୂଲ୍ୟବାନ୍ ମଣିମାଣିକ୍ୟ, ଭାରତ ରତ୍ନ ।

ଜବାହରଙ୍କର ବାପା ଥିଲେ ମୋତିଲାଲ୍, ସେକାଳର ଜଣେ ବଡ଼ ଧନୀମାନୀ ଓକିଲ । ସେ ଖୁବ୍ ରୋଜଗାର କରୁଥିଲେ । ପୁଣି ଜବାହର ଏକମାତ୍ର ପୁଅ ହୋଇଥିବାରୁ ତାଙ୍କୁ ଅତି ଗେହ୍ଲାରେ ସେ ବଢ଼ାଇଥିଲେ । ସାହେବୀ କାଇଦାରେ ପୁଅର ଖିଆପିଆ, ପିନ୍ଧାପଟା ଆଉ ପାଠପଢ଼ା ହୋଇଥିଲା । ଖୁବ୍ ଆଡ଼ମ୍ବର ଭିତରେ ସେ ବଢ଼ିଥିଲେ । କିନ୍ତୁ ପରେ ସେ ସବୁ ସୁଖ ଶାନ୍ତିକୁ ମାତୃଭୂମି ପାଇଁ ବଳି ଦେଇଥିଲେ ।

ବିଳାସର କେନ୍ଦ୍ର ଆନନ୍ଦ ଭବନ ପରେ ହୋଇଥିଲା ସ୍ୱାଧୀନତା ସଂଗ୍ରାମର ପୀଠ ସ୍ୱରାଜ ଭବନ । ମୋତିଲାଲ୍ ନିଜର ଏହି ପ୍ରିୟ ବାସଭବନକୁ ଦେଶ ପାଇଁ ଉତ୍ସର୍ଗ କରିଦେଇଥିଲେ । ଜବାହର ହୋଇଥିଲେ ଅନ୍ୟତମ ସ୍ୱାଧୀନତା ସଂଗ୍ରାମୀ, ଯେ ଇଂରେଜ ସରକାରଙ୍କଠାରୁ ଦଶଥର ଜେଲ ଦଣ୍ଡ ପାଇଥିଲେ ଏବଂ ଜେଲ୍‌ରେ ମୋଟ ତେରଦ ବର୍ଷ କାଳ କଟାଇଥିଲେ । ପୋଲିସ୍‌ଠାରୁ ଲାଠିମାଡ଼ ବି ଖାଇଥିଲେ । ସାରା ଦେଶରେ ସ୍ୱାଧୀନତାର ବାର୍ତ୍ତା ପ୍ରସ୍ତର କରି ନିଜେ ନିଃସ୍ୱ ଓ ଦରିଦ୍ର ହୋଇ ପଡ଼ିଥିଲେ, ଯାହା ଫଳରେ ସମୟରେ ସ୍ୱ' କପେ ପିଇବାକୁ ମଧ୍ୟ ତାଙ୍କ ପକେଟ୍‌ରେ ପଇସା ନଥିଲା ।

ଜବାହର ହୋଇଥିଲେ ସ୍ୱାଧୀନତା ସଂଗ୍ରାମର ସେନାପତି, ମହାତ୍ମା ଗାନ୍ଧିଙ୍କର ପଟ୍ଟଶିଷ୍ୟ । ବିଲାତରେ ବାରିଷ୍ଟରି ପାସ୍ କରି ମଧ୍ୟ ପାଇନଜୀବୀ ବୃତ୍ତି ଗ୍ରହଣ କରି ପାରିନଥିଲେ । ସମଗ୍ର ଭାରତରେ ସ୍ୱାଧୀନତା ଆନ୍ଦୋଳନକୁ ସେ ଦୃଢ଼ୀଭୂତ କରିଥିଲେ । ଶକ୍ତିଶାଳୀ ବ୍ରିଟିଶ୍ ସାମ୍ରାଜ୍ୟକୁ ଥରହର କରିଥିଲେ । ତାଙ୍କର ନେତୃତ୍ୱ ସମସ୍ତ ମୁକ୍ତି ସଂଗ୍ରାମୀଙ୍କୁ ପ୍ରେରଣା ଓ ଶକ୍ତି ସାମର୍ଥ୍ୟ ଯୋଗାଇଥିଲା । ବାପୁଜୀଙ୍କ ଭାଷାରେ ସେ ଥିଲେ "ଭାରତର ମୁକୁଟହୀନ ସମ୍ରାଟ ।"

ସେ ପୁଣି ହୋଇଥିଲେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ । ଦେଶ ବିଭାଜନଜନିତ ସମସ୍ୟା, ଦୁଇଶହ ବର୍ଷର ବିଦେଶୀ ଶାସନଜନିତ ଅର୍ଥନୈତିକ ଦୈନ୍ୟ, ପରମ୍ପରାଗତ ଅନ୍ଧ ବିଶ୍ୱାସ, କୁସଂସ୍କାର ଓ ଶୋଷଣର ସମସ୍ୟାଗୁଡ଼ିକୁ ସେ ସଫଳ ଭାବରେ ସମାଧାନ କରିଥିଲେ । ନିଜ ଦେଶରେ ଗଣତନ୍ତ୍ରର ଭିତ୍ତି ଭୂମିକୁ ସୁଦୃଢ଼ କରିବା ସଙ୍ଗେସଙ୍ଗେ ସମଗ୍ର ପୃଥିବୀରେ ସ୍ୱାଧୀନତା ଓ ଗଣତାନ୍ତ୍ରିକ ଆନ୍ଦୋଳନର ପ୍ରମୁଖ ଅଗ୍ରଦୂତ ହୋଇଥିଲେ । ଉନ୍ନତିକାମୀ ଓ ମୁକ୍ତିକାମୀ ଦେଶଗୁଡ଼ିକର ସେ ଥିଲେ ନିର୍ଭୀକ ଓ ସମର୍ଥ ସାରଥୀ । ଏସିଆ ଓ ଆଫ୍ରିକାର ଗୋଷ୍ଠୀ ନିରପେକ୍ଷ ଓ ବିକାଶଶୀଳ ଦେଶଗୁଡ଼ିକ ମଧ୍ୟରେ ଐକ୍ୟ ଓ ମୈତ୍ରୀର ସନ୍ଧାନ କରିଥିଲେ । ବିଶ୍ୱ ସଭାମଞ୍ଚରେ ଭାରତକୁ ସେ ଏକ ପ୍ରମୁଖ ଆସନ ଦେବାରେ ସଫଳ ପ୍ରୟାସ କରିଥିଲେ ।

କିନ୍ତୁ ଏହି ବିଚକ୍ଷଣ ଜନନାୟକଙ୍କ ବାଲ୍ୟ ଓ କୈଶୋର ଜୀବନର କାହାଣୀ ସତେ କେଡ଼େ ଚିତ୍ତାକର୍ଷକ । ସେଗୁଡ଼ିକ ତାଙ୍କ ପରବର୍ତ୍ତୀ ଜୀବନର କେତେ ସାର୍ଥକ ସୂଚକ ତଥା ଦିଗ୍‌ଦର୍ଶକ !! ଇଂରେଜିରେ ଗୋଟିଏ କଥା ଅଛି "ପ୍ରଭାତ ଦିବସର ସୂଚନା ଦିଏ" (Morning shows the day) । ସେମିତି ଆମେ କହୁ "ହୁଳଣା ଦୁଇ ପତ୍ରରୁ ବାସେ" । ଜବାହରଲାଲ୍‌ଙ୍କ ଆଦ୍ୟ ଜୀବନର କେତୋଟି ଘଟଣା ତାଙ୍କ ପରବର୍ତ୍ତୀ ଜୀବନର ମହତ୍ତ୍ୱ ଓ ଚାରିତ୍ରିକ ବିଶେଷତ୍ୱର ସମ୍ୟକ୍ ସୂଚନା ଦେଇଥିଲା ।

ପିଲାଦିନେ ଜବାହରଙ୍କ ଘରକୁ ଆସୁଥିଲେ ଜଣେ ମୁସଲମାନ୍ ବୁଢ଼ା । ତାଙ୍କ ନାଁ ମୁନ୍‌ସି ମୁବାରକ୍ । ତାଙ୍କ ନିଶଦାଢ଼ି ସବୁ ପାଚି ଧୋବ ଫରଫର । ମୋତିଲାଲ୍ ତାଙ୍କୁ ଖାତିର କରୁଥିଲେ । ଜବାହର ତାଙ୍କୁ ଅଜା ବୋଲି ଡାକୁଥିଲେ । ବୁଢ଼ା ମୁନ୍‌ସି ମଧ୍ୟ ଜବାହରଙ୍କୁ ନିଜର ନାତି ଭଳି ସ୍ନେହ କରୁଥିଲେ ।

ଶିଶୁ ଜବାହର ଏହି ଅଜାଙ୍କ କୋଳରେ ବସି ଗପ ଶୁଣୁଥିଲେ । ବୁଢ଼ା ଅସୁରୁଣୀଠାରୁ ଆଲାଉଦ୍ଦିନ୍ ଦୀପର ଅଜବ କାହାଣୀ ଯାଏ ସବୁ ଶୁଣନ୍ତି । ମନ ପବନ ଘୋଡାର କଥା ଶୁଣି ନିଜର ମନ ଉଡେ, ନିଜର ରଙ୍ଗୀନ ଆଶାରେ କେତେ ଡେଣା ଲାଗେ । ସବୁଠୁଁ ତାଙ୍କୁ ମଜା ଲାଗେ ବୁଢ଼ା ଯେତେବେଳେ ସିପାହି ବିଦ୍ରୋହର କାହାଣୀକୁ କହିଯାନ୍ତି ।

ସିପାହି ବିଦ୍ରୋହର କାହାଣୀ ତାଙ୍କ ଅଙ୍ଗଭିଭା ଅନୁଭୂତିର କଥା । ମୁନ୍‌ସି ଯେତେବେଳେ ଦିଲ୍ଲୀରେ ଥିଲେ ଜଣେ ମୁସଲମାନ୍ ମୌଲବୀ । ଫିରିଙ୍ଗି ସୈନ୍ୟମାନେ ତାଙ୍କ ଘରଦ୍ୱାର ପୋଡ଼ିଦେଲେ । ଧନସମ୍ପତ୍ତି ମଧ୍ୟ ଲୁଟି ନେଲେ । ତାଙ୍କ ଆଖି ଆଗରେ ତାଙ୍କ କୁଟୁମ୍ବର କେତେଜଣଙ୍କୁ ଦିଲ୍ଲୀ ଛକି ମାରିଦେଲେ ମଧ୍ୟ । ମୁବାରକ୍ ବଡ଼ ଦୁଃଖ କଷ୍ଟ ମଧ୍ୟରେ ଦିଲ୍ଲୀ ଛାଡ଼ି ଆହ୍ଲାବାଦ ପଳାଇ ଆସିଲେ । ଲୋକମାନଙ୍କୁ ଡରାଇବା ପାଇଁ, ଧମକାଇ

ରଖିବା ପାଇଁ ଫିରିଙ୍ଗି ଫଉଜ ମନମୁଖୀ ଅତ୍ୟାଚାର କରିଥିଲେ । ଚଉଦିଗରେ କୋହୁଆ ଭୟ ଖେଳିଯାଇଥିଲା ।

ଏହିସବୁ ଅନୁଭୂତିର କଥା ଯେତେବେଳେ ବୁଢ଼ା ଜବାହରଙ୍କୁ କହନ୍ତି, ସେତେବେଳେ ତାଙ୍କ ମୁହଁ ଖୁବ୍ ଉଜ୍ଜ୍ୱଳ ହୋଇ ଉଠେ । ଥରେଥରେ ଆଖିରେ ଲୁହ ଜକାଇ ଆସେ । କେତେବେଳେ କୋହରେ ପାଟିରୁ କଥା ବାହାରେ ନାହିଁ । ଥରେଥରେ ସେ ବଡ଼ବଡ଼ ଆଖିକୁ ଲାଲ୍‌ଲାଲ୍ କରି ଦିଅନ୍ତି । ଜବାହରଙ୍କ ମନରେ ଭାରି ଦୁଃଖ ହୁଏ । ତାଙ୍କ କଅଁଳ ମନରେ ଗଭୀର ଦାଗ ଆଙ୍କି ହୋଇଯାଏ ।

ଜବାହରଙ୍କ ଜନ୍ମଦିନ ଖୁବ୍ ଆଡ଼ମ୍ବରରେ ପାଳନ କରାଯାଏ । ସେଦିନ ସକାଳୁ ତାଙ୍କୁ ତରାଜୁର ଗୋଟିଏ ପଲାରେ ବସାଇ ଦିଆଯାଏ । ଅନ୍ୟ ପଲାଟିରେ ମିଠାଇ, ଗହମ, ଲୁଗାପଟା ଆଦି ରଖାଯାଏ । ଦୁଇଟି ପଲା ସମାନ ଅବସ୍ଥାରେ ରହିଲେ ସେସବୁ ଜିନିଷ ଦୁଃଖୀ ଓ ଗରିବ ଲୋକମାନଙ୍କୁ ବାଣ୍ଟି ଦିଆଯାଏ । ଏହା ଜବାହରଙ୍କୁ ଖୁବ୍ ଭଲ ଲାଗେ । ତରାଜୁରେ ବସି ଓଜନ ହେବା ଆଉ ଖାଇବା ଜିନିଷ ଗରିବମାନଙ୍କୁ ଦେବାରେ ତାଙ୍କର ଭାରି ଆନନ୍ଦ ! ପୁଣି ସେଦିନ ତାଙ୍କର ଭାଇଭଉଣୀ, ବନ୍ଧୁବାନ୍ଧବମାନେ କେତେ ଉପହାର ଦିଅନ୍ତି । କି ମଜା !

ଜବାହରଙ୍କୁ ଦଶବର୍ଷ ହେଲାବେଳେ ମୋତିଲାଲ୍‌ଙ୍କ ଆନନ୍ଦ ଭବନ ନିର୍ମିତ ହେଲା ଏବଂ ତାଙ୍କ ପରିବାର ସେଠାକୁ ଆସି ରହିଲେ । ମୋତିଲାଲ୍ ତାଙ୍କ ଗେଲବସର ପୁଅ ପାଇଁ ଗୋଟିଏ ଟଟୁଘୋଡା କିଣିଦେଲେ । ଭାଗ୍ୟକୁ ତାହା ପୁଣି ଥିଲା ଆରବ ଦେଶର ଜାତିଆ ଘୋଡା । ଜବାହର ଭାବିନେଲେ ତାହା ହେଉଛି ଆରବ ଦେଶର ମନପବନ ଘୋଡା । ତାର ନାଁ ଦେଲେ "ରକ୍ଷ" । ତାଙ୍କୁ ଘୋଡାଚଢ଼ା ଶିଖାଇବା ପାଇଁ ଆଉ ଘୋଡାର ଯତ୍ନ ନେବା ସକାଶେ ଜଣେ ଘୋଡା ସବାର ରହିଲେ ।

ପ୍ରତିଦିନ ଘୋଡା ସବାର ଜବାହରଙ୍କୁ ସାଥିରେ ନେଇ ଯାଉଥିଲେ । ଘୋଡା ଚଢ଼ା ଶିଖିଗଲା ପରେ ଦିନେ ସେ ଏକୁଟିଆ ଘୋଡା ଉପରେ ଚଢ଼ିଲେ । ଖୁବ୍ ଜୋରରେ ଚାବୁକଟିଏ ମାରିଦେଲେ । ଜବାହରଙ୍କର ମନରେ ମନପବନ ଘୋଡାର ନିଶା । କିନ୍ତୁ ସେ ଚାବୁକ ମାଡ଼ ଖାଇ 'ରକ୍ଷ'ର ଅବସ୍ଥା ଅସମ୍ଭାଳ ! ସେ ବିଜୁଳି ବେଗରେ ଛୁଟିଲା ଯେ ଛୁଟିଲା । ଜବାହର ଘୋଡା ପିଠିରୁ ଖସିଗଲି ପଡ଼ିଗଲେ । ଘୋଡା ଏଣେ ଧାଇଁଧାଇଁ ଆନନ୍ଦ ଭବନରେ ହାଜର ।

ତାକୁ ଦେଖି ସମସ୍ତେ ଆବାକାବା ! ଜବାହର ଗଲେ କୁଆଡେ ? ସବୁ ଆଡ଼କୁ ଲୋକ ଧାଇଁଲେ । ନିଜେ ମୋତିଲାଲ୍ ମଧ୍ୟ ଟେନିସ୍ ଖେଳ ଛାଡ଼ି ପୁଅକୁ ଖୋଜିବାକୁ ବାହାରିଲେ । କିଛି ବାଟ ଯାଇଛନ୍ତି ସେମାନେ ଦେଖିଲେ ଜବାହର ଧୂଳିଧୂସର ହୋଇ ଆସୁଛନ୍ତି । ତାଙ୍କୁ ଧରି ସେମାନେ ଘରକୁ ଫେରିଲେ । ପରେ ଜବାହର ଭଲ ଘୋଡ଼ା ଚଢ଼ାଳି ହୋଇଥିଲେ ।

ଆନନ୍ଦ ଭବନରେ ଗୋଟିଏ ଭଲ ପୋଖରୀ ଥାଏ । ସେଠାରେ ଜବାହର ପହଁରିବାକୁ ଭଲ ପାଉଥିଲେ । ଅନ୍ୟମାନଙ୍କୁ ମଧ୍ୟ ପହଁରା ଶିଖାଇବାକୁ ଚେଷ୍ଟା କରୁଥିଲେ । ଜବାହର ଥରେ ପୋଖରୀରେ ପହଁରୁଥାନ୍ତି । ତେଜ୍‌ବାହାଦୁର ସାପ୍ରୁ ନାମକ ଜଣେ ନେତା ସେଇ ପୋଖରୀ କୂଳରେ ବସି ପଡ଼ିଲେ । ପାଣି ଭିତରେ ଗୋଡ଼ ହଲାଇବାରେ ଲାଗିଲେ । ଜବାହର ଏକ ମଜା କରିବାକୁ ସ୍ଥିରିଲେ । ସେ ଆସି ତାଙ୍କ ଗୋଡ ଦୁଇଟିକୁ ଟାଣି ନେଲେ । ତେଜ୍‌ବାହାଦୁର ବ୍ୟସ୍ତ ହୋଇ ପାଟି କରୁଥାନ୍ତି । କିନ୍ତୁ ଜବାହର ହସିହସି କହୁଥାନ୍ତି— ଆପଣ ଆସନ୍ତୁ ମୁଁ ପହଁରା ଶିଖାଇ ଦେବି ।" ପୋଖରୀ ହୁଡାରେ କେତେ ଲୋକ ଠିଆ ହୋଇ ମଜା ଦେଖୁଥାନ୍ତି ।

ଜବାହର ପିଲାଦିନେ ଘରେ ପାଠ ପଢୁଥିଲେ । ଜଣେ ମେମ୍ ତାଙ୍କୁ ପାଠ ପଢାଉଥିଲେ । ଇଂରେଜି ଭାଷାରେ ପିଲାଦିନୁ ଶିକ୍ଷା ଆରମ୍ଭ ! ଜବାହରଙ୍କୁ ଯେତେବେଳେ ଏଗାର ବର୍ଷ, ଜଣେ ସାହେବ ତାଙ୍କୁ ଘରେ ପାଠ ପଢ଼ାଉଥିଲେ । ତାଙ୍କ ନାଁ ବ୍ରୁକ୍‌ସ । ସେ ଜବାହରଙ୍କୁ ମନ ଲଗାଇ ସବୁ ପାଠ ପଢାଉଥିଲେ । ଇଂରେଜି ଭାଷାରୁ ବିଜ୍ଞାନ ପାଠ ଯାଏ ସବୁ ସେ ଭଲ ଭାବରେ ବୁଝାଇ ଦେଉଥିଲେ ।

ସେ ବିଜ୍ଞାନ ପାଠକୁ ପରୀକ୍ଷା ପ୍ରମାଣ କରି ପଢ଼ାଉଥିଲେ । ଜବାହରଙ୍କ ଘରେ ଗୋଟିଏ ଛୋଟ ପରୀକ୍ଷାଗାର ଗଢ଼ି ଉଠିଥିଲା । ବ୍ରୁକ୍‌ସ ସାହେବଙ୍କ ବିଜ୍ଞାନ ପଢ଼ା ଜବାହରଙ୍କ ମନକୁ ଛାରି ପାଇଥିଲା । ବିଜ୍ଞାନ ପାଠରେ ତାଙ୍କୁ ଖୁବ୍ ଆଗ୍ରହୀ କରିଥିଲା । ଏଥିପାଇଁ ସେ ବ୍ରୁକ୍‌ସ୍ ସାହେବଙ୍କ ପାଖରେ ଋଣୀ ବୋଲି କହୁଥିଲେ ।

ଏଠାରେ ଆଉ ଗୋଟିଏ ମାତ୍ର କଥା କହିବା ଉଚିତ । ତା'ହେଲା ଜବାହର ଯେତେବେଳେ କିଶୋର ହେଲେ ସେ ଶିକାର କରିବାକୁ ଭଲ ପାଉଥିଲେ । ଥରେ ସେ ବଣକୁ ଯାଇଛନ୍ତି ଶିକାର କରିବାକୁ । ଦେଖିଲେ ଅଳ୍ପ ଦୂରରେ ଗୋଟିଏ ହରିଣୀ ଘାସ ଚରୁଛି । ସଙ୍ଗେସଙ୍ଗେ ତାକୁ ଲକ୍ଷ୍ୟ କରି ଗୁଳି ମାରିଦେଲେ । ହରିଣୀଟି ତଳେ ପଡ଼ି ଛଟପଟ ହେଲା । ତା ପାଖକୁ ଧାଇଁ ଆସିଲେ ଜବାହର । ମନରେ ସଫଳତାର ଗର୍ବ । ହେଲେ ନିରୀହ ପ୍ରାଣୀଟିର ଅଶ୍ରୁଳ ନୟନ ଦେଖି ସେ ଖୁବ୍ ମ୍ରିୟମାଣ ହେଲେ । ସେଦିନଠୁ ଆଉ ଶିକାର କରିବେ ନାହିଁ ବୋଲି ଶପଥ ନେଲେ ।

ଏବେ ଆମର ଆଲୋଚ୍ୟ ବିଷୟ ଜବାହରଙ୍କ ପିଲାଦିନର ଏଇସବୁ ଘଟଣା ବଡ଼ ଦିନେ କିପରି ପ୍ରଭାବ ପକାଇ ଥିଲା ? ସିପାହି ବିଦ୍ରୋହର ପ୍ରତ୍ୟକ୍ଷଦର୍ଶୀ ବୃଦ୍ଧ ମୁନ୍‌ସି ମୁବାରକ୍‌ଙ୍କ ଅର୍ଗଳିଭା ଅନୁଭୂତି ଶୁଣି ଜବାହର ଇଂରେଜ ଶାସନ ଉପରେ କ୍ଷୁବ୍ଧ ହୋଇ ପଡ଼ିଥିଲେ ଏବଂ ସେମାନଙ୍କୁ ଏ ଦେଶରୁ ତଡ଼ିଦେବାକୁ ବଦ୍ଧପରିକର ହୋଇଥିଲେ । ସ୍ୱାଧୀନତା ଆନ୍ଦୋଳନରେ ତାଙ୍କର ଯୋଗଦାନ ଓ ନେତୃତ୍ୱ ପ୍ରଦାନ ଏହି ପିଲାଦିନର ସ୍ୱପ୍ନକୁ ସାର୍ଥକ କରିଥିଲା ।

ବାଲ୍ୟ ଓ ଶୈଶବ କାଳରେ ବିଶେଷତଃ ଜନ୍ମଦିନମାନଙ୍କରେ ଗରିବ ଲୋକମାନଙ୍କୁ ଜବାହରଙ୍କ ଦାନ କରିବାର ଅଭ୍ୟାସ ଓ ପ୍ରବୃତ୍ତି ବଡ଼ ହେଲା ପରେ ଏବଂ ପ୍ରଧାନମନ୍ତ୍ରୀ କାଳରେ, ଦେଶ ଭିତରେ ଓ ବାହାରେ ଦୁର୍ଦ୍ଦଶା ଓ ଦୁର୍ଘଟଣାଗ୍ରସ୍ତ ଜନସାଧାରଣଙ୍କ ସାହାଯ୍ୟ ଦାନରେ ପ୍ରତିଫଳିତ ହୋଇଥିଲା । ସେ ସେତେବେଳେ ଭାବୁଥିଲେ— "ମୋର ଏମିତି ଜନ୍ମଦିନ ବରାବର ଲାଗିଥାନ୍ତା କି !" ସତକୁ ସତ ତାଙ୍କର ଜନ୍ମଦିନ ଶିଶୁ ଦିବସ ରୂପେ ଦେଶବିଦେଶରେ ପାଳିତ ହେଉଛି ।

ଜବାହରଲାଲ୍ ପିଲାମାନଙ୍କୁ ପ୍ରାଣଭରି ଭଲ ପାଉଥିଲେ । କର୍ମକ୍ଳାନ୍ତ ଜୀବନ ଜଞ୍ଜାଳ ମଧ୍ୟରେ ସେମାନଙ୍କ ସହିତ ହାସ୍ୟ ପରିହାସ କରିବାରେ ସେ ସର୍ବାଧିକ ଆନନ୍ଦ ଅନୁଭବ କରୁଥିଲେ । ପିଲାମାନେ ମଧ୍ୟ ତାଙ୍କୁ ଚାଚାନେହେରୁ ବୋଲି ଡାକୁଥିଲେ । ସେ ଥରେ ଲେଖିଥିଲେ— "ପିଲାଙ୍କ ସାଙ୍ଗରେ ରହି ଗପ କରିବା ଏବଂ ଖେଳିବାକୁ ମୋତେ ଭାରି ଭଲ ଲାଗେ । ମୁଁ ଯେ ଅତି ବୁଢ଼ା ହୋଇଗଲିଣି, ସେତେବେଳେ ସେ କଥା ଭୁଲି ଯାଏ ।" ଶିଶୁ ସମାଜର କଲ୍ୟାଣ, ତାଙ୍କ ଦେଶ ଶାସନର ଧ୍ୟେୟ ଥିଲା । ସେମାନଙ୍କ ଉନ୍ନତିରେ ଜାତିର ଉନ୍ନତି ହୋଇପାରିବ, ଏଥିରେ ତାଙ୍କର ଥିଲା ଦୃଢ଼ ବିଶ୍ୱାସ । ତେଣୁ ସେ ଥରେ କହିଥିଲେ— ଭାରତ ଯଦି ଦେହ ହୁଏ, ତେବେ ପିଲାମାନେ ତାର ଆତ୍ମା । ତେଣୁ ପିଲାମାନଙ୍କ ପ୍ରତି ଅବହେଳା କରିବା ଅସହ୍ୟ ।

ପିଲାଦିନର ଟଟୁଘୋଡ଼ାକୁ ସେ ମନପବନ ଘୋଡ଼ା ବୋଲି ଭାବିବା ସେ ଅନ୍ତର୍ନିହିତ ଥିଲା ତାଙ୍କର କଳ୍ପନା ପ୍ରବଣତା । ପରେ ସେ ବିଜ୍ଞାନର ଛାତ୍ର ହେଲେବି ସ୍ୱାଧୀନତା ସଂଗ୍ରାମ ଏବଂ ପରେ ଦେଶ ଶାସନ ଘନଘଟା ମଧ୍ୟରେ ତାଙ୍କର କଳାତ୍ମକ ଓ କବିତ୍ୱପୂର୍ଣ୍ଣ ପ୍ରାଣ ଅନେକ ସମୟରେ ଆତ୍ମପ୍ରକାଶ କରୁଥିଲା । ତାଙ୍କର ଦୁର୍ଦ୍ଦଶତା, ଦୁଃସାହସିକତା ଓ କାଳ୍ପନିକତା ଜୀବନର ବହୁ ଘଟଣାରେ ପ୍ରତିଫଳିତ ହୋଇଥିଲା ।


କୈଶୋର ଜୀବନରେ ଜବାହର ବିଜ୍ଞାନରେ ଯେପରି ଆଗ୍ରହୀ ହୋଇଥିଲେ, ପରେ ତାଙ୍କୁ ବିଜ୍ଞାନରେ ଅଧିକ ଜ୍ଞାନ ଅର୍ଜନ କରିବାରେ ଓ ବୈଜ୍ଞାନିକ ମନୋବୃତ୍ତି ଗଠନରେ ସହାୟକ ହୋଇଥିଲା । ପ୍ରଧାନମନ୍ତ୍ରୀ

ଥିଲାବେଳେ ସେ ଦେଶକୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାରେ ଆଗେଇ ନେବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ତାଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ଭାରତୀୟ ବିଜ୍ଞାନର ଭିତ୍ତିଭୂମି ସୁଦୃଢ଼ ହୋଇ ପାରିଥିଲା ।

କୈଶୋର କାଳରେ ହରିଣକୁ ଶିକାର କରି ସେ ଉତ୍‌ଫୁଲ୍ଲ ହୋଇ ପଡ଼ିଥିଲେ । ମାତ୍ର ହରିଣୀର ନୟନରେ ଅଶ୍ରୁଧାର ଦେଖି ତାଙ୍କର ସ୍ୱର୍ଣ୍ଣକାତର ପ୍ରାଣ ବିକଳ ହୋଇ ପଡ଼ିଥିଲା । ସେ ସେଇଦିନଠାରୁ ଶିକାର ତ୍ୟାଗ କରିବାକୁ ପ୍ରତିଜ୍ଞାବଦ୍ଧ ହୋଇଥିଲେ । ପରେ ଯୁଦ୍ଧ ବିଗ୍ରହ ବିରୁଦ୍ଧରେ ତାଙ୍କର ବଜ୍ର ଘୋଷଣା ଓ ଶାନ୍ତି ମୈତ୍ରୀର ଜୟଗାନ କରିବାରେ ତାଙ୍କର ଆନ୍ତରିକତା ପଛରେ ଏହି କୈଶୋର ସ୍ମୃତି ଓ ଶପଥ ସତେ ଯେମିତି ପ୍ରତିଫଳିତ ହୋଇଥିଲା ।

ଜବାହରଲାଲ୍ ଆଜି ନାହାନ୍ତି । ମାତ୍ର ତାଙ୍କ ବାଲ୍ୟ ଓ କୈଶୋର ଜୀବନର ସ୍ମୃତି ଏବଂ ବୟସ୍କ ଜୀବନରେ ସେଗୁଡ଼ିକର ପ୍ରତିଫଳନ ଦେଶର ଆବାଳବୃଦ୍ଧବନିତାଙ୍କୁ ମୁଗ୍ଧ କରେ ଏବଂ ଅନୁପ୍ରାଣିତ କରେ । ତାଙ୍କର ଦରଦୀ ଓ କର୍ଣ୍ଣକାତର ହୃଦୟ, ତାଙ୍କର ବୈଜ୍ଞାନିକ ମନୋଭାବ, ଶାନ୍ତି ମୈତ୍ରୀ ପ୍ରତି ତାଙ୍କର ପ୍ରଗାଢ଼ ନିଷ୍ଠା, ଶିଶୁ ସମାଜ ପ୍ରତି ତାଙ୍କର ଅନାବିଳ ଶ୍ରଦ୍ଧା, ଦେଶ ଓ ଦଶ ପ୍ରତି ତାଙ୍କର ଗଭୀର ଅନୁରାଗ, ସର୍ବୋପରି ମଣିଷ ସମାଜ ପ୍ରତି ତାଙ୍କର ନିବିଡ଼ ଆତ୍ମବିଶ୍ୱାସ ଓ ଆତ୍ମପ୍ରତ୍ୟୟ ତାଙ୍କୁ ଚିର ସ୍ମରଣୀୟ ଓ ଚିର ବନ୍ଦନୀୟ କରି ରଖିବ ।

କ୍ୱାଟରସ୍ ନଂ ୩୧/୨, ୫-ଏ, ୟୁନିଟ୍-୨
ଭୁବନେଶ୍ୱର-୯



ସୋଭିଏତ୍ ରାଷ୍ଟ୍ରପତି ବର୍ଣ୍ଣଟିଙ୍କୁ ସମ୍ବର୍ଦ୍ଧନା





# ଶିଶୁମନ କାଚ ଆଇନା

ଶ୍ରୀମତୀ କ୍ଷୀରମଣି ପ୍ରଧାନ

"The best leader however is one who 'leads like the baby'. The baby though apparently depending on evrey one, is the king of the house hold."

(Vivekananda)

"ଜନ୍ତୁନାଂ ନରଜନ୍ମ ଦୁର୍ଲ୍ଲଭମ୍"—ଏହି ଶାସ୍ତ୍ର ବଚନଟି ସତ୍ୟ । ସୃଷ୍ଟିର ଅଗଣିତ ଜନ୍ତୁମାନଙ୍କ ମଧ୍ୟରେ ମନୁଷ୍ୟ ଜନ୍ମ ଏକ ଦୁର୍ଲ୍ଲଭ ଜନ୍ମ । ମନୁଷ୍ୟ ଶିଶୁକୁ ହିଁ ଅମୃତର ସନ୍ତାନ (Son of Immortality) ବା ବାଇବଲ୍ ଭାଷାରେ 'Children of God' ବୋଲି କୁହାଯାଇଥାଏ ।

ଏ ଭଳି ପବିତ୍ର ମାନବ ଜୀବନ ପାଇଁ ସମସ୍ତ ବିଦ୍ୟା ବୁଦ୍ଧି ଓ ଦୈବଗୁଣର ଅଧିକାରୀ ହୋଇମଧ୍ୟ ଆଧୁନିକ ସଭ୍ୟ ଶିକ୍ଷିତ ମଣିଷ ତେବେ କାହିଁକି ନିଜର ମାନସିକ ଭାରସାମ୍ୟ ହରାଇ ପଶୁତୁଲ୍ୟ ଜୀବନ ଯାପନ କରି, ମାନବିକତାକୁ କଳୁଷିତ କରୁଛି? ଯେଉଁ ସ୍ୱର୍ଗୀୟ ଆନନ୍ଦ ଓ ଶାନ୍ତି ଆଶାରେ ମନୁଷ୍ୟ ବିଜ୍ଞାନ ବଳରେ ବାହ୍ୟ ପ୍ରକୃତିକୁ ଜୟକରି, ଅକ୍ଳେଶରେ ଅନ୍ତରୀକ୍ଷକୁ ଅତିକ୍ରମ କରି ଚନ୍ଦ୍ରଲୋକରେ ପହଞ୍ଚି ବିଜୟ ଧ୍ୱଜା ଉଡ଼ାଇ ପାରୁଛି, ସେଇ ଶ୍ରେଷ୍ଠ ମନୁଷ୍ୟ ଜୀବ କାହିଁକି ଅନ୍ତର୍ଜଗତର ଶାନ୍ତି ପ୍ରତିଷ୍ଠା ନ କରିପାରି ରାଗ, ଦ୍ୱେଷ, ହିଂସା, ସ୍ୱାର୍ଥପରତା ଓ ହତାଶାର ପ୍ରଜ୍ଜ୍ୱଳିତ ଅଗ୍ନି ଶିଖାରେ ପଡ଼ି ଛଟପଟ ହେଉଛି? କାହିଁକି ବିବେକି ଓ ବିଶ୍ୱଭବନ୍ତ ମନୁଷ୍ୟ ଏ ସୁନ୍ଦର ଧରା ବକ୍ଷରେ ଲୁହ ଲହୁର ଉତ୍ତପ୍ତ ପ୍ରଖର ସ୍ରୋତରେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉବୁଟୁବୁ ହୋଇ ଅଣ ନିଶ୍ୱାସୀ ହୋଇ ବଞ୍ଚିବାର ଆପ୍ରାଣ ଚେଷ୍ଟା କରି ବିଶ୍ୱଶାନ୍ତିର ଚିତ୍କାର କରୁଛି ?

ମନୁଷ୍ୟ ହିଁ " Epitome of the Universe ", ବାହ୍ୟ ଜଗତରେ (Macrocosm) ଯେଉଁସବୁ ଶକ୍ତି କାର୍ଯ୍ୟ କରୁଅଛି, ମନୁଷ୍ୟ (Microcosm) ମଧ୍ୟରେ ମଧ୍ୟ ଅନୁରୂପ ସମସ୍ତ ଶକ୍ତିର କାର୍ଯ୍ୟ ଚାଲୁଅଛି—All the powers that are manifested by human beings, are also to be found in the universal mind —ବିଶ୍ୱଚେତନା ସହିତ ବ୍ୟକ୍ତି ଚେତନା ସମ୍ପର୍କ ଅତି ଘନିଷ୍ଠ । ସେଥିପାଇଁ ଶାସ୍ତ୍ରରେ କୁହାଯାଇଅଛି "ମନୋମୂଳମ୍ ଇଦଂ ଜଗତ୍", ଅର୍ଥାତ୍‌ 'ମନର ମୂଳେ ଏ ଜଗତ' । The mind is the basis of the cosmos ମନ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ । ମନୁଷ୍ୟ ମନୋଭାବ ଉପରେ ତାର ସୁଖ ଓ ଦୁଃଖର ସଂସାର ନିର୍ଭର କରେ । ଉପନିଷଦରେ କୁହାଯାଇଅଛି—"ମନ ଏକ ମନୁଷ୍ୟାଣାଂ କାରଣଂ ବନ୍ଧ ମୋକ୍ଷୟୋଃ" । ମନୁଷ୍ୟର ମନହିଁ ତା ସୁଖ, ଦୁଃଖ, ବନ୍ଧନ ଓ ମୁକ୍ତିର କାରଣ । ଗୀତା ଷଷ୍ଠ ଅଧ୍ୟାୟର ପଞ୍ଚମ ଶ୍ଳୋକରେ ଶ୍ରୀକୃଷ୍ଣ କହିଛନ୍ତି—"

"ଉଦ୍ଧରେଦାତ୍ମନାତ୍ମାନଂ ନାତ୍ମାନମ ବସାଦୟେତ୍
ଆତ୍ମୈବ ହ୍ୟାତ୍ମନୋ ବନ୍ଧୁରାତ୍ମୈ ରିପୁରାତ୍ମନଃ" (୬ । ୫)

ମନୁଷ୍ୟର ଆତ୍ମା ତା'ର କେବଳ ଏକ ମାତ୍ର ବନ୍ଧୁ, ଏବଂ ସେହି ଆତ୍ମା ମଧ୍ୟ ତାର ଶତ୍ରୁ । ମନୁଷ୍ୟ ଚାହିଁଲେ ଉର୍ଦ୍ଧ୍ୱକୁ ଉଠି ପାରିବ

ନଚେତ୍ ନିମ୍ନଗାମୀ ହୋଇଯିବ । ଏଣୁ ମନୁଷ୍ୟ ଉପରେ ହିଁ ତାର ସମସ୍ତ ଉନ୍ନତି ଓ ଅବନତି ନିର୍ଭର କରେ । ମନୁଷ୍ୟ ଯେତେ ଜ୍ଞାନ ଅର୍ଜନ କଲେ ମଧ୍ୟ, ଯେତେ ଜ୍ଞାନୀ, ଗୁଣୀ, ସଂପତ୍ତିର ଅଧିକାରୀ ହେଲେ ମଧ୍ୟ ଆତ୍ମଜ୍ଞାନ ଶୂନ୍ୟ ହେଲେ ଅର୍ଥାତ୍ ଜୀବନର ମୌଳିକ ସତ୍ୟକୁ ଉପଲବ୍ଧି ନକରି ପାରିଲେ ସେ ଜୀବନର ମହତ୍ ଲକ୍ଷ୍ୟ ସାଧନ କରି ପାରିବନାହିଁ । ଏଣୁ ଜୀବନ ନିରର୍ଥକ ହୋଇଯିବ ।

Erwin Schroedinger, ନୋବେଲ ପୁରସ୍କାର ପାଇଥିବା ବିଶିଷ୍ଟ ବୈଜ୍ଞାନିକ କହିଥିଲେ ଯେ ମନୁଷ୍ୟ ଯେତେସବୁ ଜ୍ଞାନର ଅଧିକାରୀ ହେଲେମଧ୍ୟ, 'ମୁଁ କିଏ'– What am I? ଏଇ ମୌଳିକ ସମସ୍ୟାର ସମାଧାନ ଯଦି ନକରେ, ତେବେ ତା'ର ସମସ୍ତ ଜୀବନ ବୃଥା ହୋଇଯିବ । ମଣିଷ ଜାତି ଯେତେସବୁ ଜ୍ଞାନ ଅର୍ଜନର ସଫଳତା ହାସଲ କଲେମଧ୍ୟ, ମାନବିକ ମୂଲ୍ୟବୋଧ ଶିକ୍ଷାର ଅଭାବ ରହିଲେ ଏବଂ ଆତ୍ମାର ସ୍ୱରୂପ ବିଷୟରେ ଜ୍ଞାନ ନରହିଲେ ତାର ଜୀବନ ବିଫଳ ହେବ । ଆଜିର ସମାଜରେ ମନୁଷ୍ୟର ଯେଉଁ ଦୟନୀୟ ଅବସ୍ଥା ତା'ର ପ୍ରମାଣ ଦେଉଛି ।

ଏଣୁ ମନୁଷ୍ୟକୁ ତା'ର ସଫଳ ଜୀବନ ଯାପନ ପାଇଁ ତା'ର ମନକୁ ଚିହ୍ନିବା ଉଚିତ୍ । ବିଶ୍ୱବ୍ରହ୍ମାଣ୍ଡ ଓ ମଣିଷ ମଧ୍ୟରେ ଯେତେବେଳେ ସୁସଂପର୍କ ରହିଛି ଏବଂ ଶିଶୁ ଅବସ୍ଥାରେ ହିଁ ମନୁଷ୍ୟ ବ୍ୟକ୍ତିତ୍ୱର ମୂଳଦୁଆ ପଡ଼ିଥାଏ, ଯେତେବେଳେ ଆମର 'ଶିଶୁମନ' ଆଲୋଚନାର ବିଶେଷ ବିଷୟ । ଇଂରାଜୀରେ କୁହାଯାଇଛି " The child is the father of man " ଆଜିର ଶିଶୁ, ଆସନ୍ତା କାଲିର ମଣିଷ" । ପାଶ୍ଚାତ୍ୟ କବି Alexander Pope ଙ୍କ ଭାଷାରେ । The proper study of man kind is man", ଅର୍ଥାତ୍ ମଣିଷ ହେଉଛି ମଣିଷ ଜାତିର ଉପଯୁକ୍ତ ଅଧ୍ୟୟନର ବିଷୟ' ।

ଶିଶୁହିଁ ଏସୃଷ୍ଟିର ଭଷା । ସୃଷ୍ଟିର ଅନବଦ୍ୟ ଆନନ୍ଦର ଭଣ୍ଡାଘର । ଅମୂଲ୍ୟରତ୍ନ କହିଲେମଧ୍ୟ ଭୁଲ୍ ହବନାହିଁ । ଯାହା ସ୍ୱଚ୍ଛ, ସରଳ, ପବିତ୍ର, ନିଷ୍ପାପ ତାହାହିଁ ସାର୍ଥକ ଓ ସୁନ୍ଦର । ସେଠାରେ ନୈସର୍ଗିକ ଆନନ୍ଦ ଥିବାରୁ ସ୍ୱର୍ଗୀୟ ଶାନ୍ତି ମିଳିଥାଏ । ଏଣୁ ଶିଶୁ ଅମୃତବୋଳା । ଜୀବନ ସର୍ବସ୍ୱ । ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମର ପ୍ରତୀକ । ଦେଶ ଓ ଜାତୀୟ ଜୀବନର ଉତ୍ସ । ପ୍ରଗତିର ଜାଗ୍ରତ ସୈନିକ । କବି ପ୍ରାଣର ପ୍ରେରଣା ଓ ପରଶମଣି ଏଇଶିଶୁ । ଏଠାରେ କବି ବୈକୁଣ୍ଠନାଥଙ୍କର 'ଶିଶୁସୃଷ୍ଟି' କବିତାର ଭାବ ଉଦ୍ଦୀପକ ଅଂଶଟିଏ ମନପଡ଼େ–

"ଜଗତରଶିଶୁ ଆସଆସ ମୋର କୋଳେ
ଆସ ଏ ବକ୍ଷେ ପୀରତି ସେନେହ ଭେଳେ
ଆସ ଆନନ୍ଦ । ଆସରେ ଜୀବନ ଭରି
ସୃଷ୍ଟିର ଭଷା । ସକଳଜୀର୍ଣ୍ଣ
ହସିହସି ଯାଅ ଜୁଇଁ ।"

ହିଁ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କଠାରୁ ଆରମ୍ଭ କରି ମହାତ୍ମାଗାନ୍ଧୀ ଓ ସ୍ୱର୍ଗୀୟ ନେହେରୁଙ୍କ ପରି ଦେଶ, ବିଦେଶର ବହୁ ଜନନାୟକ ଅକପଟ ପବିତ୍ର ଶିଶୁର ମନ ଦ୍ୱାରା ଆକୃଷ୍ଟ ହୋଇ ତାଙ୍କ ଗହଣରେ ସମୟ ଅତିବାହିତ କରି ଆନନ୍ଦ ଉପଭୋଗ କରୁଥିଲେ । ଶିଶୁର ହୃଦୟ ଆଇନା କାଚ ପରି ନିର୍ମଳ, ସ୍ୱଚ୍ଛ ଓ ପୁଷ୍ପ ପରି କୋମଳ ହୋଇଥିବାରୁ ନେହେରୁ ଶିଶୁ ମନର ବିକାଶ ଦିଗରେ ଏବଂ ସେମାନଙ୍କୁ ସୁନାଗରିକ କରି ଗଢ଼ିବା ଦିଗରେ ସର୍ବାଧିକ ଗୁରୁତ୍ୱ ଦେଉଥିଲେ । ନେହେରୁ ବ୍ୟବହାର କରୁଥିବା ଗୋଲାପ ଫୁଲହିଁ ଶିଶୁ ହୃଦୟର ସ୍ୱଚ୍ଛ, ପବିତ୍ର ଓ କୋମଳତାର ପ୍ରତୀକ । ସେ କହିଥିଲେ "ଜାତିର ନିଧି ହେଉଛନ୍ତି ଶିଶୁ' ଏବଂ ଆମର ଭବିଷ୍ୟତ, ଆମରି ଶିଶୁଙ୍କ ପ୍ରତି କର୍ତ୍ତବ୍ୟ ସାଧନ ଉପରେହିଁ ନିର୍ଭର କରେ ।" ଶିଶୁ ପ୍ରିୟ ନେହେରୁ ତାଙ୍କ ଜନ୍ମ ଦିବସ ନଭେମ୍ବର ୧୪ ତାରିଖକୁ 'ଶିଶୁ ଦିବସ' ଉଦ୍ଦେଶ୍ୟରେ ଉତ୍ସର୍ଗ କରି ଯାଇଅଛନ୍ତି । ଶିଶୁମାନଙ୍କର ସମସ୍ତ କାର୍ଯ୍ୟକ୍ରମରେ ସେ ସହାୟ ହଉ- ଦେଉଥିଲେ । ସେ କହୁଥିଲେ–ଶିଶୁମାନଙ୍କର କାର୍ଯ୍ୟରେ ସେମାନଙ୍କର ମନର ନିର୍ମଳତା ପ୍ରକାଶିତ ହୁଏ । ଏଣୁ ତାହା ହୃଦୟଗ୍ରାହୀ ହୋଇଥାଏ । ପଣ୍ଡିତ ନେହେରୁଙ୍କ ଶିଶୁ ପ୍ରାଣତା ଓ ଗଭୀର ସଂବେଦନଶୀଳତା ତାଙ୍କ ଲେଖାରୁ ସ୍ପଷ୍ଟ ଭାବେ ଅନୁମେୟ ।

ପ୍ରକୃତରେ ଶିଶୁର ଶୁଭ୍ର ଶୀତଳ ଚନ୍ଦ୍ର ପରି ଶାନ୍ତ ମନ ହିଁ ସମସ୍ତଙ୍କ ହୃଦୟକୁ ସହଜରେ ଜୟ କରିଥାଏ । ବେଦର 'ପୁରୁଷ ସୂକ୍ତ'ରେ କୁହାଯାଇଅଛି "ଚନ୍ଦ୍ରମା ମନସୋଜାତଃ" । ମନର ଚନ୍ଦ୍ର ସହିତ ଘନିଷ୍ଠ ସଂପର୍କ । କାରଣ ମନର ଅଧିଷ୍ଠାତା ଦେବତାହିଁ ଚନ୍ଦ୍ର । ଯେପରି ଶୀତଳ ଜ୍ୟୋତ୍ସ୍ନା ପ୍ଳାବିତ ରଜନୀ ପ୍ରତ୍ୟେକ ବ୍ୟକ୍ତିଙ୍କ ହୃଦୟକୁ ସ୍ପର୍ଶ କରିଥାଏ, ଠିକ୍ ସେହିପରି ଶିଶୁ ସମସ୍ତଙ୍କ ହୃଦୟକୁ ସ୍ପର୍ଶ କରିପାରେ କେବଳ ତାର ପବିତ୍ର ମାନସିକ ସ୍ୱଭାବ ଯୋଗୁଁ । ଶିଶୁହିଁ ଆତ୍ମାର ସ୍ୱରୂପ ।

ପାଶ୍ଚାତ୍ୟ ଅନୁଭବବାଦୀ ଦାର୍ଶନିକ ଲକ୍ (Loche)ଙ୍କ ଭାଷାରେ ମନ ହେଉଛି ଏକ "ଟାବୁଲରେଜା ।" (Tabularasa) ଏକ ଅଲେଖାଧଳା କାଗଜ; ଆଲେକ ଚିତ୍ର ଉତ୍ତୋଳନ ପାଇଁ ଏକ ଅଲେଖାଧଳା କାଗଜ; ଆଲେକ ଚିତ୍ର ଉତ୍ତୋଳନ ପ୍ରସ୍ତୁତ ଏକ ସମ୍ବେଦନଶୀଳ ଫଳକ । ତାଙ୍କ ମତରେ ବସ୍ତୁ ଜଗତର ବିମ୍ବକୁ ଧାରଣ କରିବା ପାଇଁ ମନ ଏକ ନିର୍ମଳ ଦର୍ପଣ ବା କାଚ ଅଇନା । ଯୋଗ ଦର୍ଶନରେ ମଧ୍ୟ ମନକୁ ଅଇନା ପରି ଗ୍ରହଣ କରଯାଇଅଛି । ପାତଞ୍ଜଳି, ଯୋଗଶାସ୍ତ୍ରର ପ୍ରଥମ ଶ୍ଳୋକରେ ସୂଚନା ଦେଉଛନ୍ତି ଯେ ଯୋଗହିଁ 'ଚିତ୍ତବୃତ୍ତିନିରୋଧ' ପାଶ୍ଚାତ୍ୟ ଦାର୍ଶନିକ Haisenberg ଯୋଗ ଶାସ୍ତ୍ରର ମହତ୍ ଗୁପ୍ତତଥ୍ୟ ଆବିଷ୍କାର କରି କହିଥିଲେ– 'Master the mind, be a master mind'. ଯେପରି ଅଇନା ଉପର ଧୂଳିକୁ ପରିଷ୍କାର କରିଦେଲେ ତାର ନିର୍ମଳ ସ୍ୱଭାବ ଦେଖାଯାଇଥାଏ ଠିକ୍ ସେପରି ମନ ମଧ୍ୟରୁ କାମନା, ବାସନା ଇତ୍ୟାଦିକୁ ଦୂରେଇ ଦେଲେ ମନର ସ୍ୱାଭାବିକ ସ୍ୱଭାବ,

ସ୍ବଚ୍ଛତା ମଧ୍ୟ ପରିଲକ୍ଷିତ ହୋଇଥାଏ; ମନ ପ୍ରକୃତରେ ସ୍ବଚ୍ଛ ଓ ପବିତ୍ର । ଯୀଶୁଖ୍ରୀଷ୍ଟ କହିଥିଲେ—"Blessed are the pure in heart, for they shall see God" ଅର୍ଥାତ୍ ପ୍ରେମପୂର୍ଣ୍ଣ ସ୍ବଚ୍ଛ ପବିତ୍ର ହୃଦୟରେ ହିଁ ଭଗବାନଙ୍କର ପ୍ରତିବିମ୍ବ ସହଜରେ ପ୍ରତିଫଳିତ ହୁଏ । ଅନ୍ୟ ଭାବରେ କହିଲେ ଯେଉଁ ହୃଦୟ ଶିଶୁର କୋମଳ ପବିତ୍ର ମନ ସଦୃଶ ସ୍ବଚ୍ଛ ଓ ନିର୍ମଳ ଅର୍ଥାତ୍ କାମନା ବାସନା ଶୂନ୍ୟ, ସେଇ ହୃଦୟହିଁ ପ୍ରଭୁଙ୍କର ଆସ୍ଥାନ । ଏପରି ଅନେକ ମତବାଦ ଅଛି ଯେଉଁମାନେ ବିଶ୍ୱାସ କରନ୍ତି ମନ ମଧ୍ୟରୁ ସାଂସାରିକ କାମନା ବାସନାକୁ ଦୂରେଇ ଦେଲେ ମନର ସ୍ୱାଭାବିକ ଗୁଣ ଅର୍ଥାତ୍ ସ୍ୱଚ୍ଛ ପବିତ୍ରତା ଅନୁଭବ କରି ହେବ ଏବଂ ତାହା ଜୀବନରେ ଶାନ୍ତି ପ୍ରଦାନ କରିବ ।

ଏଠାରେ ସ୍ମରଣ କରାଯାଇ ପାରେ ଯେ ଶିଶୁର ମନ କାଚ-ପରି ସ୍ୱଚ୍ଛ ପବିତ୍ର ସତ ! ଅଇନା ପରି ପ୍ରତିବିମ୍ବ ଧର୍ମୀ ହେଲେ ମଧ୍ୟ "ବୋରୋସେଲିକେଟ୍ କାଚ" ନୁହେଁ । ଅଣୁବୀକ୍ଷଣ, ଦୂରବୀକ୍ଷଣ ଯନ୍ତ୍ରଠାରୁ ଆରମ୍ଭକରି ଫଟୋ ଉଠା କ୍ୟାମେରା, ସ୍ପେକ୍ଟ୍ରୋସ୍କୋପ ପର୍ଯ୍ୟନ୍ତ ଯାବତୀୟ ବୈଜ୍ଞାନିକ ଯନ୍ତ୍ରପାତିରେ ବ୍ୟବହୃତ କାଚ (ଲେନସ୍) ଓ ଦର୍ପଣ (ମିରର) ପ୍ରଭୃତି ସାଧାରଣତଃ ଏହି ବୋରୋସିଲିକେଟ୍ କାଚରୁ ତିଆରି । ଏଥିରେ ବାଲି ଶତକରା ୮୦ ଭାଗ, ବୋରନ୍ ଅକ୍ସାଇଡ୍ ୧୩ ଭାଗ, କ୍ଷାର ୪ ଭାଗ ଓ ଅନ୍ୟାନ୍ୟ ୩ ଭାଗ ଥାଏ । କିନ୍ତୁ 'ମନ' ଏପରି ଏକ କାଚ ଅଇନା ବା ଦର୍ପଣ' ଯାହା ସାଧାରଣ ମନୁଷ୍ୟ ଦ୍ୱାରା ସୃଷ୍ଟି ହୋଇନାହିଁ । ଏହା ବିଶ୍ୱ ଚେତନାର ଅଂଶ ସତ୍-ଚିତ-ଆନନ୍ଦର ସ୍ୱରୂପ, ପ୍ରେମର ସ୍ୱରୂପ । ଅଚେତନ ଜଡ ପଦାର୍ଥ ନୁହେଁ । ଏହା ସଚେତନ ଦିବ୍ୟ ସୃଷ୍ଟି । ଏଇଥିପାଇଁ ମନୁଷ୍ୟର ସ୍ୱତନ୍ତ୍ରତା ରହିଛି ଅନ୍ୟ ଜୀବଜନ୍ତୁଙ୍କଠାରୁ । ମନୁଷ୍ୟ ସେଇଥିପାଇଁ ଏକ ଉତ୍କୃଷ୍ଟ ଓ ଶ୍ରେଷ୍ଠ ଜୀବ ରୂପେ ପରିଗଣିତ । ସୃଷ୍ଟିର ଅନବଦ୍ୟ ଶିଶୁ, ଅମୃତ ସନ୍ତାନ ।

ଶିଶୁର ସ୍ୱଚ୍ଛ ପବିତ୍ର ମନଯେ ଠିକ୍ କାଚ ଅଇନା ପରି ତାର ସମ୍ମୁଖସ୍ଥିତ ସମସ୍ତ ପଦାର୍ଥର ନିଖୁଣ ପ୍ରତିବିମ୍ବ ଧାରଣ କରିପାରେ । ଏଥିରେ ଦାର୍ଶନିକ ଓ ପାଶ୍ଚାତ୍ୟ ମନସ୍ତତ୍ୱବିତ୍‌ମାନେ ଏକମତ । ଶିଶୁ ଅବସ୍ଥାରୁ ତା' ମନରେ ଯେଉଁ ପ୍ରକାର ଚେତନାର ଛାପା ଦିଆ ହୋଇଥାଏ ତାର ସମସ୍ତ ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ । ଇଂରାଜୀରେ କଥା ଅଛି, "ଫାଷ୍ଟ ଇମ୍‌ପ୍ରେସନ ଇଷ୍ଟ ଲଙ୍ଗ' ଓଡ଼ିଆରେ ଅନୁରୂପ କଥା ମଧ୍ୟ ରହିଛି—"ବାଳକେ ମୋର ବୋଲ କର, ବେଳହୁଁ ଗୋବିନ୍ଦ ସୁମର", "ଯାହା ହୋଇ ନାହିଁ ବାଳକାଳେ, ତାହା ନୋହିବ କାଳେକାଳେ" ଇତ୍ୟାଦି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ 'ଲୋକ ବିକାଶ' ବା ପରିପୂର୍ଣ୍ଣ ବ୍ୟକ୍ତିତ୍ୱର ବିକାଶହିଁ ଶିଶୁବିକାଶ ଉପରେ ପୂର୍ଣ୍ଣ-ମାତ୍ରାରେ ନିର୍ଭର କରେ । ମନସ୍ତତ୍ୱବିତ୍‌ମାନେ ଆହୁରିମଧ୍ୟ ଚେତାଇ ଦେଇଛନ୍ତି ଯେ ଶିଶୁ ସନ୍ତାନର ମାନସିକ ପ୍ରକ୍ରିୟା ତା ମା'ର ଗର୍ଭାବସ୍ଥାରୁହିଁ ଆରମ୍ଭ ହୋଇଥାଏ । ମାଟିରେ ଯେପରି କୁମ୍ଭାର ନାନାପ୍ରକାର ରୂପ ଓ ରଙ୍ଗ କଞ୍ଚା ଅବସ୍ଥାରୁହିଁ ଦେଇଥାଏ ଠିକ୍ ସେମିତି ଗର୍ଭାବସ୍ଥାରେ ମାର ସଂସାର ଗର୍ଭସ୍ଥ ସନ୍ତାନଠାରେ କିପରି ପ୍ରତିଫଳିତ ହୁଏ ତାହାର ଦୃଷ୍ଟାନ୍ତ ବହୁଳ ଭାବରେ ରହିଛି ଏବଂ ବିଜ୍ଞାନ ସମ୍ମତ ମଧ୍ୟ । ସୈନ୍ୟ ବାହିନୀର ସମର ସଙ୍ଗୀତ ନେପୋଲିୟନଙ୍କ ମା'ଙ୍କ ହୃଦୟରେ ଯେଉଁ ବୀର ଭାବନା ଉଦ୍ରେକ କରାଇଥିଲା, ତାହାର ପ୍ରଭାବ ତାଙ୍କ ଗର୍ଭସ୍ଥ ସନ୍ତାନକୁ ପ୍ରଭାବିତ କରିଥିବାରୁ ନେପୋଲିୟନ କାଳକ୍ରମେ ମହାବୀର ହୋଇ ପାରିଥିଲେ । ଜର୍ମାନ ଦେଶର ନିର୍ମାତା ବିସ୍‌ମାର୍କଙ୍କ ବିଷୟରେ ମଧ୍ୟ ଠିକ ଏପରି କଥା କୁହାଯାଏ । ଏହା ବ୍ୟତୀତ ଭାରତୀୟ ପୁରାଣରେ ମଧ୍ୟ ଏ ସଂପର୍କରେ ଉଦାହରଣ ରହିଛି ଯଥା ବାଳକ ଅଭିମନ୍ୟୁ ଓ ଶୁକଦେବ ଇତ୍ୟାଦି ।

ଏଠାରେ ଆମେରିକାର ପ୍ରଖ୍ୟାତ ବୈଜ୍ଞାନିକଙ୍କ କଥା ଆଲୋଚନା କରିବା ସେଠା **Carolina University** ର ଗୋଟିଏ ଅନୁଷ୍ଠାନ "**The Insitute of Child Health and Human Development** ର ବିଜ୍ଞାନିକ ଅଂଥୋନି କାସ୍‌ପେର ତାଙ୍କ ଗବେଷଣାର ନୂତନ ତଥ୍ୟ ୧୯୮୪ ମସିହା ଜାନୁୟାରୀ ମାସ ୩ ତାରିଖରେ ବୈଜ୍ଞାନିକ-ମାନଙ୍କ ସମ୍ମେଳନୀରେ ପ୍ରକାଶ କରିଥିଲେ—ସେ କହିଥିଲେ ଯେ ଗର୍ଭବତୀ ମାର ଚିନ୍ତା, ଖାଦ୍ୟ ଇତ୍ୟାଦି ତାର ଗର୍ଭସ୍ଥ ସନ୍ତାନ ଉପରେ ପ୍ରଭାବ ପକାଇଥାଏ । ଏପରିକି ମା ଶୁଣୁଥିବା ଶବ୍ଦର ପ୍ରତିଧ୍ୱନି ପିଲା ମନରେ ପ୍ରଭାବ ପକାଇ ଥାଏ । ସେ ଆହୁରି ମଧ୍ୟ କହିଥିଲେ ଯେ ଶ୍ରୀକୃଷ୍ଣ ଯାହାସବୁ କହିଛନ୍ତି ତାହା ସବୁ ସତ୍ୟ ।

ଏଠାରେ ସ୍ମରଣ କରିବା ମହାଭାରତର ଶିଶୁପୁତ୍ର 'ପରୀକ୍ଷିତ'ଙ୍କ କଥା, ଅନାବିଳ, ନିଷ୍ପାପ, କପଟଶୂନ୍ୟ ଶିଶୁପ୍ରାଣ ଜନ୍ମ ପରଠାରୁ ଖୋଜିବୁଲୁଥିଲା ତାର ପ୍ରିୟ ପାତ୍ରକୁ । ସିଏ ସମସ୍ତଙ୍କୁ ପରୀକ୍ଷା ଦୃଷ୍ଟିରେ ଦେଖୁଥିଲା । କିନ୍ତୁ ଶ୍ରୀକୃଷ୍ଣଙ୍କୁ ଦର୍ଶନ କଲା ପରେ ତାଙ୍କ ବ୍ୟତୀତ ସେ ଅନ୍ୟ କୌଣସି ଦ୍ରବ୍ୟ ପ୍ରତି ଆକୃଷ୍ଟ ହୋଇ ନ ଥିଲା ଶ୍ରୀକୃଷ୍ଣ ନାନାଭାବରେ ତାକୁ ପରୀକ୍ଷା କରିଥିଲେ । କିନ୍ତୁ ଅବଶେଷରେ ଶ୍ରୀକୃଷ୍ଣ, ଯୁଧିଷ୍ଠିରଙ୍କୁ ଚାହିଁ କହିଲେ "ଏଶିଶୁ ଅସାଧାରଣ" । ମୋର ସମସ୍ତ ପରୀକ୍ଷା ବିଫଳ ହୋଇଛି । ଶିଶୁର 'ପରୀକ୍ଷିତ ନାମ କରଣ ଯଥାର୍ଥ ହେବ ।"

ସତରେ ଏକି ବିଚିତ୍ର ! ଯୁଧିଷ୍ଠିର ଶିଶୁ ପୁତ୍ରର ଆଚରଣ ବିଷୟରେ ଜାଣିବାକୁ ଇଚ୍ଛା କରି ବ୍ୟାସଦେବଙ୍କୁ ପ୍ରାର୍ଥନା କରିଥିଲେ । ବ୍ୟାସଦେବ କହିଲେ "ଧର୍ମରାଜ", ଶିଶୁପୁତ୍ର ତାର ମା ଉତ୍ତରାଙ୍କ ଗର୍ଭରେ ଥିବା କାଳରେ ଅଶ୍ୱତ୍ଥାମାଙ୍କ ମାରଣାସ୍ତ୍ର ତାର ସମୀପସ୍ଥ ହେବା ସମୟରେ ପରମାତ୍ମା ଶ୍ରୀକୃଷ୍ଣ ଗର୍ଭରେ ପ୍ରବେଶ କରି ବାଳକକୁ ରକ୍ଷା କରିଥିଲେ । ଗର୍ଭରେ ଦେଖିଥିବା ସେଇ ଦିବ୍ୟକାନ୍ତି ପୁରୁଷ କେଉଁଠି ଅଛନ୍ତି ତାଙ୍କୁ ପୁନର୍ବାର ଦର୍ଶନ କରିବା ନିମନ୍ତେ ସେହି ମୁହୂର୍ତ୍ତରୁ ସେ ପଲକହୀନ ଦୃଷ୍ଟିରେ ଖୋଜୁଥିଲା । ବର୍ତ୍ତମାନ ସେ ଦିବ୍ୟ ସ୍ୱରୂପ ପ୍ରତ୍ୟକ୍ଷ କରି ତାଙ୍କୁ ଚିହ୍ନିପାରିଲା ଓ ତାଙ୍କ ନିକଟକୁ ଗଲା ।" ଏଥିରୁ ସ୍ପଷ୍ଟ ଅନୁମେୟ ଯେ ମାତୃ ଗର୍ଭରୁହିଁ ଶିଶୁ ତାର ଶିକ୍ଷା ଲାଭ କରୁଥାଏ । ଶିଶୁ ସନ୍ତାନକୁ ଆମେ ଯେଉଁପରି ଗଢିବାର ସଂକଳ୍ପ ଗ୍ରହଣ କରିବା, ମାତୃ-

ଘରେଁରୁ ମାନେ ଓ ଅନ୍ୟ ଗୁରୁଜନମାନଙ୍କୁ ସେପରି ଅନୁକୂଳ ପରିବେଶ ସୃଷ୍ଟି କରିବାକୁହିଁ ପଡ଼ିବ । ମାଟି ମା ପରି ମନୁଷ୍ୟ ଶିଶୁର ମା ତା ଶିଶୁ ବୃକ୍ଷକୁ ଅନାବିଳ ସ୍ୱର୍ଗୀୟ ପ୍ରେମର ପରିପୁଷ୍ଟ ଖାଦ୍ୟ ସାର ଯୋଗାଇ ଶିଶୁର କୋମଳ ମନକୁ ପ୍ଲାବନ କରିବା ଉଚିତ । ଶିଶୁ ଅବସ୍ଥାରୁ ହିଁ ଶିଶୁର ସଦ୍‌ଗୁଣ ବିକାଶ ଲାଭ କରାଇବା ସହଜ ।

ଯେଉଁ ସତ୍ୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଗୋଟିଏ ଯାହା ସର୍ବଜନ ଆଦୃତ ଏବଂ ଯାହା ଦାର୍ଶନିକ, ବୈଜ୍ଞାନିକ, ପୁରାଣ, ପୋଥି ଦ୍ୱାରା ଅନୁମୋଦିତ ଓ ଗୃହୀତ ତାହା ହେଲା– "ମନ ମୋହର ନିଜ ଗୁରୁ........" । ଇଂରାଜୀରେ କହିଲେ– "ଦି ହାଟ୍ ଇଜ୍ ଦ୍ ଟେମ୍ପଲ ଅଫ୍ ଗଡ୍" । ସତ୍ୟସାଇ ବାବା ମଧ୍ୟ କହିଛନ୍ତି ଆମ ପିଲାମାନଙ୍କର ଭବିଷ୍ୟତ ଆମରିମାନଙ୍କ ଉପରେ ହିଁ ନିର୍ଭର କରୁଛି । ଶିଶୁ ମନରେ ସଦ୍‌ଗୁଣର ବୀଜ ବୁଣିଲେ ତାହାର ବ୍ୟକ୍ତିତ୍ୱର ଉପଯୁକ୍ତ ବିକାଶ ହୋଇ ପାରିବ । କିନ୍ତୁ ସେମାନଙ୍କ ମନରେ ଭଲ ଚିନ୍ତାର ବୀଜ ବପନ କରିବା ପୂର୍ବରୁ ଆମ ମନକୁ ସଂଯତ କରିବା ଆମର କର୍ତ୍ତବ୍ୟ । ସେଥିପାଇଁ ସେ କହନ୍ତି–

"Sow a thought and reap an act
Sow an act and reap a habit
Sow a habit and reap a character
Sow a character and reap a destiny'

ମାତୃଭୂମିର ସମ୍ମାନ ରକ୍ଷା କରିବାକୁ ହେଲେ ତାର ସନ୍ତାନମାନଙ୍କ ଅବସ୍ଥାକୁ ସୁଧାରିବା ପାଇଁ ହେବ । ଭାରତବର୍ଷରେ ଆଜ ପ୍ରାୟ ୨୪.୬୪ କୋଟି ଶିଶୁ ଅଛନ୍ତି । ସେମାନେହିଁ ଆମର ଭବିଷ୍ୟତ ବଂଶଧର । ଏଣୁ ସେମାନଙ୍କୁ ଶିଶୁ ଅବସ୍ଥାରୁହିଁ ଦେବ "ପ୍ରୀତି ଓ ପାପ ଭୀତି"ର ମନ୍ତ୍ର ଶିଖାଇ ସୁନାଗରୀକ ଭାବରେ ପ୍ରସ୍ତୁତ କରାଇବାକୁ ହେବ । ଏହା ଆମ ସମସ୍ତଙ୍କର ଦାୟିତ୍ୱ ।

---

ଅଧ୍ୟାପିକା, ଦର୍ଶନବିଭାଗ,
ରମାଦେବୀ ମହିଳା ମହାବିଦ୍ୟାଳୟ
ଭୁବନେଶ୍ୱର



ସଂଗୀତର ତାଳେତାଳେ ...



# ମହାମାନବର ଶିଶୁପ୍ରେମ

ଶ୍ରୀମତୀ ମନୋରମା ମିଶ୍ର

ଶିଶୁ ଚିର ସୁନ୍ଦର, ମନୋହର, ଆନନ୍ଦଦାୟକ । ତାରି ଭିତରେ ସ୍ୱର୍ଗୀୟ ଆନନ୍ଦ ପ୍ରୀତି ରହିଥାଏ । ତାର ଖେଳ, ନାଚ, କୁଦ ଗୁଲୁଗୁଲିଆ କଥା, ଚଗଲାମି ଭିତରେ ଲୁଚି ରହିଥାଏ ଅପୂର୍ବ କଳା ଓ ପ୍ରତିଭା । ସେଇ ଖେଳ ଓ ଚଗଲାମି ଭିତରେ ସେ ନିଜକୁ ସଜାଡ଼ି ପାରେ ଓ ସମାଜରୁ ବିଭିନ୍ନ ଉପାଦାନ ନେଇ ନିଜକୁ ମାର୍ଜିତ, ପରିପୁଷ୍ଟ ଓ ବଳିଷ୍ଠ କରେ । ସେ ହିଁ ଭବିଷ୍ୟତରେ ହୁଏ ଜଣେ ଆଦର୍ଶ ଜନନାୟକ ।

× × × × × × × × ×

ଆଜି ସମଗ୍ର ଭାରତବର୍ଷରେ ଶିଶୁଦିବସ ମହା ଆଡ଼ମ୍ବର ସହକାରେ ପାଳନ କରାଯାଉଛି । ବିଭିନ୍ନ ସ୍ଥାନରେ ସଭାସମିତିମାନ କରାଯାଇ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟା ଯାଉଅଛି । ବିଭିନ୍ନ ସ୍ଥାନରେ ତର୍କ, ସଙ୍ଗୀତ, ନାଟକ, ପ୍ରବନ୍ଧ, ଖେଳ, ବକ୍ତୃତା, ଆବୃତ୍ତି, ସାଧାରଣଜ୍ଞାନ ଇତ୍ୟାଦିରେ ପ୍ରତିଯୋଗିତାମାନ କରାଯାଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ସହ ପୁରସ୍କାରମାନ ପ୍ରଦାନ କରାଯାଉଅଛି । ଏହା ଜାତିର ଭବିଷ୍ୟତ ବଂଶଧରମାନଙ୍କୁ ନୂତନ ପ୍ରେରଣା ଦେଉଅଛି ଏବଂ ସେମାନଙ୍କର ପ୍ରତିଭାର ବିକାଶରେ ସାହାଯ୍ୟ କରୁଅଛି । ଆଜିର ଶିଶୁ ଯେ କି ଆଗାମୀ କାଲିର ପ୍ରତିନିଧି, ଦେଶର ଜନନାୟକ, ଭବିଷ୍ୟତରେ କର୍ଣ୍ଣଧାର ତଥା ଦେଶର ସବୁ କିଛି, ସେହି ଶିଶୁ ଜାତିର ସର୍ବାଙ୍ଗୀନ ବିକାଶ ଓ ପରିପ୍ରକାଶ ନିମିତ୍ତ ଯେଉଁ ମହାମାନବର ହୃଦୟ ବିଗଳିତ ହୋଇ ଉଠିଥିଲା, ସେ ହେଉଛନ୍ତି ଆଦର୍ଶ ଶିଶୁପ୍ରେମୀ ''ପଣ୍ଡିତ ଜବାହରଲାଲ୍ ନେହେରୁ'' । ଶିଶୁ ପାଇଁ ତାଙ୍କ ହୃଦୟରେ ପ୍ରବାହିତ ହୋଇଥିଲା ପ୍ରେମର ଫଲ୍‌ଗୁ । ସ୍ନେହର ଅବାରିତ ଧାରା । ସମଗ୍ର ଶିଶୁଜାତି ପାଇଁ ତାଙ୍କର ସ୍ନେହ, ପ୍ରେମ, ତ୍ୟାଗ ଅବିସ୍ମରଣୀୟ ।

ନେହେରୁ ଏକାଧାରରେ ଥିଲେ ଜଣେ ଜାତିପ୍ରାଣ, ବକ୍ତା, ନେତା, ପଣ୍ଡିତ, ଲେଖକ, ସଂଗଠକ, ସାମ୍ବାଦିକ, ବୈଜ୍ଞାନିକ, ଶାନ୍ତିଦୂତ, ବ୍ୟବସ୍ଥାପକ ଓ ରାଜନୀତିଜ୍ଞ । ମାତ୍ର ସବୁଠୁଁ ବଳି ତାଙ୍କର ଶିଶୁପ୍ରେମ ସମଗ୍ର ଭାରତର ଶିଶୁସମାଜକୁ ଆକୃଷ୍ଟ ଓ ପ୍ରଭାବିତ କରିଥିଲା । ଜବାହରଙ୍କ ଶିଶୁପ୍ରେମର ନିଦର୍ଶନ ସ୍ୱରୂପ ତାଙ୍କର ଜନ୍ମଦିନ ନଭେମ୍ବର ୧୪ ତାରିଖ ''ଶିଶୁଦିବସ'' ରୂପେ ଭାରତ ଇତିହାସରେ ଏକ ଆନନ୍ଦ ଓ ଗୌରବର ଦିନ । ଏହି ଦିନ ସମଗ୍ର ଭାରତରେ ''ଚାଚା ନେହେରୁ''ଙ୍କର ଜୟଧ୍ୱନି ଗୁଞ୍ଜରିତ ହେବା ସଙ୍ଗେସଙ୍ଗେ ଶିଶୁମାନେ ଆନନ୍ଦ ଉତ୍ସବ କରି ସମୟ କଟାନ୍ତି ।

ନେହେରୁ ଥିଲେ ଶିଶୁମାନଙ୍କର ପ୍ରାଣର ବନ୍ଧୁ ଏବଂ ଶିଶୁମାନେ ଥିଲେ ନେହେରୁଙ୍କର ହୃଦୟର ବନ୍ଧୁ । ସେ ସବୁବେଳେ କହୁଥିଲେ—

''ମରିବାକୁ ଚାହେଁନା ମୁଁ ସୁନ୍ଦର ଭୁବନେ,
ବଞ୍ଚିବାକୁ ଚାହେଁ ମୁହିଁ ଶିଶୁଙ୍କ ଗହଣେ ।''

ଶିଶୁମାନଙ୍କ ସହିତ ଆଳାପ ଆଲୋଚନା କରିବାକୁ, ଗଳ୍ପ କରିବାକୁ, ଖେଳ ଖେଳିବାକୁ ସେ ଭାରି ଭଲ ପାଉଥିଲେ । ବିଶାଳ ଭାରତବର୍ଷର ଶାସନ ଦାୟିତ୍ୱ ତୁଲାଇବା ଭାର ଯେଉଁ ନେତାଙ୍କ ଉପରେ, ଯେଉଁ ନେତା ଦେଶର ଜଟିଳ ସମସ୍ୟା ସମାଧାନ ନିମିତ୍ତ ବଡ଼ବଡ଼ ରାଷ୍ଟ୍ରନେତାମାନଙ୍କ ସହିତ ଆଲୋଚନା କରନ୍ତି, ସେ ପୁଣି ଟିକିଏ ସମୟ ପାଇଲେ ଛୁଟି ଆସୁଥିଲେ ଶିଶୁମାନଙ୍କ ଗହଣକୁ । ସେମାନଙ୍କ ମଧ୍ୟରେ ସେ ନିଜକୁ ସମ୍ପୂର୍ଣ୍ଣରୂପେ ହଜାଇ ଦେଉଥିଲେ । ସେମାନଙ୍କ ହସରେ ନିଜର ହସ ମିଶାଇ, ସେମାନଙ୍କ ଲୁହରେ ନିଜର ଲୁହ ମିଶାଇ ସେ ଆନନ୍ଦରେ ନାଚୁଥିଲେ । ଦୁଃଖରେ କାନ୍ଦୁଥିଲେ । ସେତେବେଳେ ସେ ନିଜକୁ ଭୁଲି ଯାଉଥିଲେ ଯେ ସେ ବିରାଟ ଭାରତଜାତିର ମଉଡ଼ମଣି । ଜାତିର ପଥପୁରୋଧା ବିଶ୍ୱବନ୍ଦ୍ୟ ନେହେରୁ ।

ଶିଶୁମାନଙ୍କ ପ୍ରତି ତାଙ୍କର ବିପୁଳ ସ୍ନେହ, ଶ୍ରଦ୍ଧା ଥିଲା । ଶିଶୁଙ୍କ ମେଳରେ ରହି ସେ ନିଜର ସବୁ ସୁଖଦୁଃଖ ଭୁଲି ଯାଉଥିଲେ । ସେ ସବୁବେଳେ ଶିଶୁମାନଙ୍କୁ କହୁଥିଲେ— ''ତୁମମାନଙ୍କ ସହିତ ଗପ କଲେ ମୁଁ ଜୀବନର ସବୁ ଦୁଃଖ ଭୁଲିଯାଏ । ମୁଁ ମୋର ବାର୍ଦ୍ଧକ୍ୟ ମଧ୍ୟ ଭୁଲିଯାଏ । ମୋର ସ୍ୱପ୍ନ-ସରସ-ସୁନ୍ଦର ଶୈଶବ ପୁଣି ମୋ ପାଖକୁ ଫେରିଆସେ । ମୋର ସୁଦୂର ଅତୀତ ବର୍ତ୍ତମାନ ଭଳି ମୋ ଆଗରେ ପ୍ରତୀୟମାନ ହୁଏ । ତୁମମାନଙ୍କ ଗହଣରେ ମୁଁ ପ୍ରକୃତିର ଫୁଲ, ଫଳ, ଗଛ, ଲତା, ପଶୁ, ପକ୍ଷୀ, ବନ, ପର୍ବତ ପ୍ରଭୃତି ସହିତ ଜଡ଼ିତ ହୋଇ ଅପାର ଆନନ୍ଦ ଲାଭ କରେ ।''

ନେହେରୁ ବାସ୍ତବରେ ଥିଲେ ଜଣେ ଅଦ୍ଭୁତ ମଣିଷ । ସେ ପିଲାମାନଙ୍କ ସହିତ ପିଲା ହୋଇ ଖେଳି ପାରୁଥିଲେ । କାରଣ, ଶିଶୁର ହୃଦୟ ପରି ତାଙ୍କର ହୃଦୟ ଥିଲା ସ୍ୱଚ୍ଛ । ଥରେ ଗାନ୍ଧିଜୀ କହିଥିଲେ—

''ନେହେରୁ ସ୍ଫଟିକ ପରି ସ୍ୱଚ୍ଛ ।''

"**Nehru is just like crystal**" ବ୍ରିଟିଶ ଶାସନର ଶ୍ରେଷ୍ଠ କୂଟନୀତିଜ୍ଞ ଉଇନଷ୍ଟନ୍ ଚର୍ଚ୍ଚିଲ୍ ଜବାହରଲାଲ୍ ନେହେରୁଙ୍କ ଚରିତ୍ରବତ୍ତା ସମ୍ବନ୍ଧରେ କହିଥିଲେ— ''ମନୁଷ୍ୟ ସ୍ୱଭାବରେ ଯେଉଁ ଦୁଇଟି ଗୁଣ ହେଉ

ତାର ଘୋର ପତନ ହୋଇଥାଏ, ତାହା ସେ ଏଡାଇ ପାରିଥିଲେ । ''ଭୟ ଓ ହିଂସା'' କ'ଣ ସେ ଜାଣିନଥିଲେ । ପ୍ରକୃତରେ ତାଙ୍କ ମନରେ ସଂକୀର୍ଣ୍ଣତା ଟିକିଏ ହେଲେ ସ୍ଥାନ ପାଇ ନଥିଲା । ସେ ଥିଲେ ଜଣେ ଉଦାରମନା, ଶାନ୍ତ ସରଳ ପ୍ରକୃତିର ଲୋକ ।

ନେହେରୁ ବୁଝିଥିଲେ–ଶିଶୁହିଁ ସରଳ, କୋମଳ, ନିଷ୍ପାପ । ତାରି ଭିତରେ ମିଳିପାରେ ପ୍ରକୃତ ଶାନ୍ତି, ନୈସର୍ଗିକ ଆନନ୍ଦର ଫଲ୍‌ଗୁ ଓ କର୍ମ ପ୍ରେରଣାର ଉତ୍ସ । ତେଣୁ ସେ ନିଜକୁ ଶିଶୁ ପରି ନିଷ୍ପାପ, କୋମଳ କରି ଗଢ଼ିଥିଲେ ଓ ସେମାନଙ୍କୁ ପ୍ରାଣଭରି ଭଲ ପାଉଥିଲେ ।


ସେ ଭଲଭାବରେ ବୁଝିଥିଲେ ଯେ–''ଆଜିର ଶିଶୁ କାଲିର ଜନକ । ସେ ହେଉଛି ଦେଶର ଭବିଷ୍ୟତ ନାଗରିକ । ତାରି ଉପରେ ଜାତିର ଭବିଷ୍ୟତ ନିର୍ଭର କରେ ।'' ତେଣୁ ଦେଶର ମୂଳଦୁଆ ଦୃଢ଼ କରିବାକୁ ହେଲେ, ଦେଶକୁ ଉନ୍ନତ, ସମୃଦ୍ଧ ଓ ଶକ୍ତିଶାଳୀ କରି ଗଢ଼ିବାକୁ ହେଲେ ଶିଶୁ ସମାଜକୁ ଆଦର୍ଶ, ବଳିଷ୍ଠ ଓ ମଜବୁତ କରି ଗଢ଼ି ତୋଳିବାକୁ ହେବ । ସେ ସବୁବେଳେ କହୁଥିଲେ–

''ଜାତିର ଭବିଷ୍ୟତ ନାଗରିକ ଶିଶୁମାନଙ୍କ ପ୍ରତି ଅବହେଳା ଏକ ଅକ୍ଷମଣୀୟ ଅପରାଧ ।'' ତେଣୁ ଶିଶୁ ସମାଜର କଲ୍ୟାଣ ନିମିତ୍ତ ବହୁ ଶିଶୁ କଲ୍ୟାଣ ଯୋଜନାମାନ କାର୍ଯ୍ୟକାରୀ କରିଥିଲେ । ଏ ଦେଶର ଅଗଣିତ ଦୁସ୍ଥ, ଦୁର୍ବଳ, ଅଭିଭାବକହୀନ, ଦରିଦ୍ର, ଅସହାୟ ଶିଶୁମାନଙ୍କୁ ସୁସ୍ଥ, ସୁନ୍ଦର, ବଳିଷ୍ଠ ଓ ଆଦର୍ଶ ନାଗରିକ କରି ଗଢ଼ିବା ଦିଗରେ ସେ ବହୁ ଚେଷ୍ଟା କରିଥିଲେ । ଶିଶୁର ଉନ୍ନତିକଳ୍ପେ ବହୁ କଲ୍ୟାଣକର ଯୋଜନା କାର୍ଯ୍ୟକାରୀ କରି ସେ ଶିଶୁମାନଙ୍କ ନିକଟରେ ପୂଜ୍ୟ, ଚାଚା ନେହରୁ ହୋଇପାରିଛନ୍ତି ।

ନେହେରୁ ଆଜି ନାହାନ୍ତି ସତ, ମାତ୍ର ଶିଶୁସମାଜ ପ୍ରତି ତାଙ୍କର ବିପୁଳ ଅବଦାନ ଯୋଗୁଁ ଆଜିର ଶିଶୁସମାଜ ତାଙ୍କ ନିକଟରେ ଚିର ଋଣୀ । ତାଙ୍କର ଅମ୍ଳାନ ବ୍ୟକ୍ତିତ୍ୱ ଓ ପ୍ରତିଭା କେବଳ ଯେ ଶିଶୁସମାଜକୁ ପ୍ରଭାବିତ କରିଥିଲା, ତାହା ନୁହେଁ, ତାଙ୍କର ବ୍ୟକ୍ତିତ୍ୱ, ପ୍ରତିଭା, ଉତ୍ତମ ଚରିତ୍ରବଳ ସମଗ୍ର ପୃଥିବୀ ଅନୁଭବ କରିଥିଲା । ତାଙ୍କର ଅମ୍ଳାନ ପ୍ରତିଭା ଯୁଗଯୁଗ ପାଇଁ ନୂତନ ପଥ ଓ ନୂତନ ପ୍ରେରଣାର ଉତ୍ସ ହୋଇ ରହିଥିବ ।

ରାଜଭବନ ଉ:ପ୍ରା: ବିଦ୍ୟାଳୟ,
ୟୁନିଟ-୮, ଭୁବନେଶ୍ୱର ।





# ପାଷାଣର ପ୍ରତିମା ଓ ଫଳକରେ.....

ଭାରତର ପ୍ରିୟ ପ୍ରଧାନମନ୍ତ୍ରୀ ମାନ୍ୟବର ରାଜୀବଜୀ, ରାଜ୍ୟପାଳ ଶ୍ରୀଯୁକ୍ତ ପାଣ୍ଡେଜୀ, ଉପସ୍ଥିତ ଭଦ୍ରମଣ୍ଡଳୀ ଓ ଛାତ୍ରଛାତ୍ରୀଗଣ;

ଆଜି ଆମମାନଙ୍କର ପରମ ସନ୍ତୋଷ, ଇନ୍ଦିରାଜୀଙ୍କର ଆତ୍ମବଳୀଦାନର ଚତୁର୍ଥ ବାର୍ଷିକ ଦିବସରେ ତାଙ୍କର ପ୍ରିୟ ସ୍ମୃତି ଉଦ୍ଦେଶ୍ୟରେ ଏଠାରେ ତାଙ୍କର ଏକ ପ୍ରତିମୂର୍ତ୍ତି ଏବଂ ଉଦ୍ୟାନ ଆମେ ପ୍ରସ୍ତୁତ କରିପାରିଚୁ ଏବଂ ଏହାକୁ ଉନ୍ମୋଚନ କରିବା ପାଇଁ ଆମର ପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କୁ ଏଠାକୁ ଆଣି ପାରିଚୁ । ୧୯୮୪ ମସିହା ଅକ୍ଟୋବର ୩୦ ତାରିଖ ଦିନ ଇନ୍ଦିରାଜୀ ତାଙ୍କର ଶେଷ ଓଡ଼ିଶା ଗସ୍ତରେ ଆସି ଏଇଠାରେ ତାଙ୍କର ଜୀବନର ଅନ୍ତିମ ଭାଷଣ ଦେଇଥିଲେ ଏବଂ କହିଥିଲେ— ମୁଁ ଆଜି ଅଛି, କାଲି ନ ଥାଇ ପାରେ— କିନ୍ତୁ ମୋର ଜୀବନର ଶେଷ ରକ୍ତବିନ୍ଦୁ ଏ ଦେଶର ଐକ୍ୟ ଏବଂ ସଂସ୍କୃତିକୁ ମଜ୍‌ଭୁତ୍ କରିବ । ଯେପରିକି ମୃତ୍ୟୁ ନିକଟ ବୋଲି ସେ ଜାଣିପାରି ସେ ଭୟଭୀତ ନୁହନ୍ତି— ଜୀବନସାରା ସେ ଯେପରି ଦେଶର ସେବାରେ ନିଜକୁ ସମ୍ପୂର୍ଣ୍ଣ ଅର୍ପଣ କରିଛନ୍ତି, ମୃତ୍ୟୁରେ ମଧ୍ୟ ସେହିପରି ତାଙ୍କର ପ୍ରତି ରକ୍ତବିନ୍ଦୁ ଦେଶର ସେବାରେ ଲାଗିବ— ଦେଶକୁ ଐକ୍ୟବଦ୍ଧ ଓ ଶକ୍ତିଶାଳୀ କରିବ । ତାଙ୍କର ଏହି ବାଣୀ ଆଜି ଇତିହାସର ପୃଷ୍ଠାରେ ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ ହୋଇ ଯାଇଚି— ଯେଉଁ ମୁହୂର୍ତ୍ତରେ ସେ ଏହି ଭାଷଣ ଦେଇଥିଲେ, ତାହା ଚିରସ୍ମରଣୀୟ ହୋଇ ରହିବ ଏବଂ ଯେଉଁ ସ୍ଥାନକୁ ସେ ଏଥିପାଇଁ ବାଛି ନେଇଥିଲେ, ତାହା ମଧ୍ୟ ଏକ ତୀର୍ଥ ସ୍ଥାନ ଭାବରେ ବିବେଚିତ ହେବ । ପାଷାଣର ପ୍ରତିମା ଓ ଫଳକରେ ସେହି ମୁହୂର୍ତ୍ତଟିକୁ ଧରି ରଖିବା ପାଇଁ ଆମେ ଏହି ଉଦ୍ୟମ କରିଚୁ ଏବଂ ଘାସ, ପୁଷ୍ପ ଓ ସବୁଜିମା ଯାହାକି ଇନ୍ଦିରା ଗାନ୍ଧୀଙ୍କ ଅତି ପ୍ରିୟ ଥିଲା, ତାହାକୁ ରୂପାୟିତ କରିବା ପାଇଁ ଏହି ଉଦ୍ୟାନଟିର ବିନ୍ୟାସ କରାଯାଇଚି । ଆମର ସୌଭାଗ୍ୟ ଗାନ୍ଧୀ—ନେହେରୁ—ଇନ୍ଦିରାଙ୍କର ଉଜ୍ଜ୍ୱଳ ଐତିହ୍ୟ ଓ ପରଂପରାର ଦାୟାଦ ଶ୍ରୀ ରାଜୀବ ଗାନ୍ଧୀ ଜାତିର ଉଦ୍ଦେଶ୍ୟରେ ଆଜି ତାହା ଅର୍ପଣ କରିବେ ।



Here at this particular place Indiraji uttered her last words in a message to the Indian people that she was ready to make the supreme sacrifice for the cause of national unity and integrity. These words of martyrdom spoken here came true the next day and passed unto immortality and into the golden pages of our history. Like the Gettysburg speech of Abraham Lincoln spoken to hold a divided nation together this Bhubaneswar speech of Indiraji would be a source of inspiration to millions of people of our country for ages to come. It would be a part of the text books of our schools and colleges. It will give faith and strength to the flagging spirit of the nation at moments of crisis. Indiraji loved greenery all around. She loved trees and flowers. We have tried in our humble way to give them shape and a form in this park; which henceforth would be known as "Indira Gandhi National Park".

Lastly my prayer to Indiraji in the words of Adi Shankaracharya in his "Devyaparadha Kshyamapana" Stotram :

ନ ମନ୍ତ୍ରଂ ନ ଯନ୍ତ୍ରଂ ତଦପିଚ ନ ଜାନେ ସ୍ତୁତିମହୋ,
ତଦେତତ୍ କ୍ଷନ୍ତବ୍ୟଂ ଜନନୀ ସକଳୋଦ୍ଧାରିଣୀ ଶିବେ ।

Oh mother, excuse us if we are guilty of your proper worship.

[ଭୁବନେଶ୍ୱରରେ ନବନିର୍ମିତ 'ଇନ୍ଦିରା ଗାନ୍ଧୀ ଜାତୀୟ ଉଦ୍ୟାନ'ର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ଭାଷଣ ।]

# ଏ ମାଟିର ଶିଶୁ

ଡକ୍ଟର କୁଶ ନନ୍ଦ

'ଶିଶୁ' ଶବ୍ଦଟି ଯେତିକି ସ୍ୱର୍ଗୀୟ ସେତିକି ଆକର୍ଷଣୀୟ । କାରଣ ଶିଶୁର ଅନ୍ତର୍ନିହିତ ପ୍ରକୃତିରେ ସ୍ୱର୍ଗୀୟ ଭାବ ବିଦ୍ୟମାନ । ସେ ନିଷ୍ପାପ, ସରଳ, ସୁନ୍ଦର । ଠିକ୍ ପଦ୍ମ ପତ୍ରରେ ପାଣି ପରି ଢଳଢଳ ସ୍ୱଚ୍ଛ ଓ ନିର୍ମଳ । ଏହାର କାରଣ ସେ ମାୟା ମୋହିତ ସଂସାରରେ ଥାଇ ମଧ୍ୟ ନିର୍ଲିପ୍ତ, ଅନାସକ୍ତ । ନିବିଡ ମାୟାଜାଲ ଫାନ୍ଦରେ ସେ ଆବଦ୍ଧ ହୋଇ ନ ଥାଏ । ମାୟା ମୋହର ଗ୍ରନ୍ଥି ତା ଭିତରେ ଖୋଲି ନ ଥାଏ । ଦେବତ୍ୱର ପରିବେଶରେ ଶିଶୁ ବର୍ଦ୍ଧିତ ହୋଇ ଥିବାରୁ ତାହା ପ୍ରତି ସମସ୍ତଙ୍କର ଅହେତୁକ ଆକର୍ଷଣ ଜନ୍ମେ । ଏଥିପାଇଁ ପିତା, ମାତା, ଭାଇ, ବନ୍ଧୁ ଏବଂ ଯେ କେହି ହେଉ ନା କାହିଁକି ଶିଶୁ ପ୍ରତି ଅନାବିଳ ବାତ୍ସଲ୍ୟପ୍ରେମ ଦେଖାଇ ଥାଆନ୍ତି ।

ମଣିଷ କାହିଁକି, ମାନବେତର ପ୍ରାଣୀ ଠାରେ ମଧ୍ୟ ପରମେଶ୍ୱର ପ୍ରେମ ମନ୍ଦାକିନୀ ଧାରା ବୁହାଇ ଦେଇ ସୃଷ୍ଟିକୁ ମହନୀୟ କରାଇଅଛନ୍ତି । ଧେନୁ ତା'ର ଦୁଗ୍ଧ ପୋଷ୍ୟ ବତ୍ସକୁ ସ୍ତନ୍ୟ ପାନ କରାଇ ଉଲ୍ଲାସରେ ଲେହନ କରେ, ବାଘୁଣୀ ତା'ର ଶିଶୁ ଶାବକକୁ ପାଖେପାଖେ ଧରି ଜଗି ରହେ, ବିହଙ୍ଗ ଦମ୍ପତି ସେମାନଙ୍କର ଶାବକକୁ ଆହାର ଯୋଗାଇ ନୀଡକୁ ଜଗି ରହନ୍ତି, ମାର୍ଜାରୀ ତାହାର ଚକ୍ଷୁବନ୍ଦ ଶାବକଗୁଡ଼ିକୁ ଲୋକଲୋଚନର ଅଗୋଚରରେ ଗୋପନ ରଖି ପାଳନ କରିବାରେ ଖୁବ୍ ଆନନ୍ଦ ପାଏ । ପୁନଶ୍ଚ ବାନରୀ ତାହାର ଶିଶୁ ସନ୍ତାନକୁ ନିବିଡ ପ୍ରେମାଲିଙ୍ଗନ ଦେଇ ଯେପରି ବଞ୍ଚାଇ ରଖେ, ସେ-ପ୍ରେମର ଯେପରି ଆଉ ପଟାନ୍ତର ନାହିଁ । ସୃଷ୍ଟିର ଏ ସବୁ ରହସ୍ୟ ମଧ୍ୟରେ ବାତ୍ସଲ୍ୟ ପ୍ରେମହିଁ ପରିଦୃଷ୍ଟ ହୋଇଥାଏ । ହାୟ ! ନିଖିଳ ପ୍ରାଣମୟ ସୃଷ୍ଟିକୁ ଚିରନ୍ତନ କରି ବଞ୍ଚାଇ ରଖିବା ପାଇଁ ମହିମାମୟଙ୍କର ଅନନ୍ତଲୀଳା ମଧ୍ୟରେ ଯେଉଁ ଅବିନାଶୀ ପ୍ରେମର ଫଲ୍‌ଗୁଧାରା ପ୍ରବାହିତ ତାହା ଅନୁଧ୍ୟାନ କଲେ ମନ ଓ ହୃଦୟ ତାଙ୍କ ପ୍ରତି ସ୍ୱତଃ ଅବନମିତ ହୋଇଯାଏ । ପ୍ରେମମୟ ଭଗବାନଙ୍କର ଅନନ୍ତ ପ୍ରେମର ଅଚିନ୍ତନୀୟ ମହିମା ନିଖିଳ ବିଶ୍ୱରେ ଓତଃପ୍ରୋତ ହୋଇ ପରିବ୍ୟାପ୍ତ ହୋଇ ନ ଥିଲେ, ମୁଁ, ତୁମେ ଓ ସେ ନ ଥାନ୍ତେ କି ଏହି ବୈଚିତ୍ର୍ୟପୂର୍ଣ୍ଣ ସୃଷ୍ଟି ସମ୍ଭବପର ହୋଇ ନ ଥାନ୍ତା । ଜଳ, ସ୍ଥଳ, ସମୀର, ଆକାଶ, ଚନ୍ଦ୍ର, ସୂର୍ଯ୍ୟ ଇତ୍ୟାଦିର କଲ୍ୟାଣକର ସୃଷ୍ଟି ମଧ୍ୟ ସମ୍ଭବ ହୋଇ ନ ଥାନ୍ତା ।

ସକଳ ପ୍ରାଣୀ ଜଗତ ମଧ୍ୟରେ ମାନବ ହିଁ ଶ୍ରେଷ୍ଠ ପ୍ରାଣୀ । ସେ ଏକ ମନୋମୟ ଜୀବ । ଏଇ ମନନ ଶକ୍ତି ତାହାକୁ ମାନବୀୟ ଚେତନାକୁ ଅତିକ୍ରମ କରି ଦେବତ୍ୱ ଭୂମିରେ ଅବତୀର୍ଣ୍ଣ ହେବା ପାଇଁ ଉନ୍ମେଷ ଯୋଗାଉଛି । ସେଥି ପାଇଁ "ନରତ୍ୱଂ ଦୁର୍ଲ୍ଲଭଂ ଲୋକେ" ବୋଲି ସୁଧୀବୃନ୍ଦ ସ୍ୱୀକାର କରିଅଛନ୍ତି । ପ୍ରେମମୟଙ୍କ ସେ ପ୍ରେମ ଦାନରୁ ମଣିଷ ମଧ୍ୟ ବଞ୍ଚିତ ହୋଇ ନାହିଁ । ମଣିଷ ଠାରେ ମଧ୍ୟ ଅପତ୍ୟ ସ୍ନେହର ଆବେଗପ୍ରାଣତା ପରିଦୃଷ୍ଟ ହୋଇଥାଏ । ଏଥି ପାଇଁ ପ୍ରତ୍ୟେକ ଦମ୍ପତି ଶିଶୁ ସନ୍ତାନଟିଏ କୋଳରେ ଧରି ସେଇ କରୁଣାମୟଙ୍କର ପ୍ରେମର ଅନୁଭୂତିକୁ ଲାଭ କରି କୃତକୃତ୍ୟ ହେବାକୁ ଅବାରିତ ଉତ୍କଣ୍ଠା ପ୍ରକାଶ କରି ଥାଆନ୍ତି ।

ଦୀର୍ଘକାଳ ଧରି ଶିଶୁ ସନ୍ତାନଟିଏ ରାଜା ଦିଲ୍ଲୀପ ଓ ରାଣୀ ସୁଦକ୍ଷିଣାଙ୍କର କୋଳ ମଣ୍ଡନ କରି ନ ଥିବାରୁ ରାଜ ଦମ୍ପତି କୁଳଗୁରୁ ବଶିଷ୍ଠଙ୍କ ଆଶ୍ରମରେ ପହଞ୍ଚି ତାହାର କାରଣ ଜିଜ୍ଞାସା କରିଥିଲେ । ରାଜା ଦିଲ୍ଲୀପ ବଡ ବିନୟରେ, ବଡ ଆବେଗରେ, ବଡ ନ୍ୟାୟୋଚିତ ଭାବରେ ବଶିଷ୍ଠଙ୍କୁ ପଚାରିଛନ୍ତି:

"ତସ୍ମା ହୀନଂ ବିଧାତର୍ମାଂ କଥଂ ? ପଶ୍ୟନ୍ନଦୂୟସେ
ସିକ୍ତଂ ସ୍ୱୟମିବ ସ୍ନେହାତ୍ ବନ୍ଧ୍ୟମାଶ୍ରମ ବୃକ୍ଷକମ୍ ।"
(ରଘୁବଂଶ—ପ୍ରଥମ ସର୍ଗ—୭୦ ଶ୍ଳୋକ)

ଦିଲ୍ଲୀପ ବଶିଷ୍ଠଙ୍କୁ ପଚାରିଛନ୍ତି ହେ ତପୋଧନ ! ଏଇ ଆଶ୍ରମସ୍ଥ ଫୁଲ ଫଳହୀନ ବନ୍ଧ୍ୟ ତରୁଟିଏ ପରି ଆପଣଙ୍କ କରୁଣା ଓ ପ୍ରେମବାରି ପ୍ରଦାନରୁ ମୁଁ ବଞ୍ଚିତ ହୋଇ ନ ଥିଲେ ହେଁ କେଉଁ କାରଣରୁ ଶିଶୁ ପୁତ୍ରଟିଏ ମୋର କୋଳ ମଣ୍ଡନ କରି ନାହିଁ ? ବନ୍ଧ୍ୟ ତରୁଟିର ଅବସ୍ଥା ପରି ମୋର ଅବସ୍ଥା ଦେଖି ଏଥିଜନିତ ମନୋବେଦନାରେ ଆପଣ କ'ଣ ଦରଦୀ ନୁହନ୍ତି ?

ଏହାପରେ ବଶିଷ୍ଠଙ୍କ ପରାମର୍ଶ ଅନୁସାରେ ରାଜା ଦିଲ୍ଲୀପ ଓ ରାଣୀ ସୁଦକ୍ଷିଣା ନନ୍ଦିନୀଙ୍କର ସେବା କରି ପୁତ୍ର ସନ୍ତାନଟିଏ ଲାଭ କରିଥିଲେ । ଏଇ ଶିଶୁ ପୁତ୍ର ପରେ ରାଜା ରଘୁ ନାମରେ ପରିଚିତ ଥିଲେ । ତାଙ୍କରି ନାମାନୁସାରେ ରଘୁବଂଶର ଖ୍ୟାତି ଦିଗ୍‌ବିଦିଗ ବ୍ୟାପି ଯାଇଥିଲା । ରଘୁଙ୍କ ପରି ଦେବୋପମ ପରାକ୍ରମଶାଳୀ ରାଜା ସୂର୍ଯ୍ୟ ବଂଶରେ ଆଉ କେହି ନ ଥିଲେ ।

କ୍ଷୁଦ୍ର ବୀଜଟିରେ ବିରାଟ ବୃକ୍ଷ ହେବାର ମୌଳିକ ସତ୍ତା ଲୁଚି ରହିବା ପରି ଶିଶୁ ଭିତରେ ବିରାଟ ପ୍ରତିଭାର ଉନ୍ମେଷ ପ୍ରଚ୍ଛନ୍ନ ରହିଥାଏ । ଅସ୍ଫୁଟ କଳିକାଟି ତାହାର ପାଖୁଡା ମେଲାଇ ଫୁଟିଉଠି ସୁଗନ୍ଧ ଢାଳିଲା ପରି ସୁକୁମାର ଶିଶୁର ଜୀବନ-କଳିକା ବିକଶିତ ହୋଇ ଉଠେ ପ୍ରତିଭାର ମହକ ଛୁଟାଇ ।

ଶିଶୁ ବଡ ବାସ୍ତବବାଦୀ, ବଡ ପ୍ରକୃତିପ୍ରାଣ । ଆମ ନିକଟରେ ଯାହା ଅବାସ୍ତବ, ଅସମ୍ଭବ, ଆକାଶ କୁସୁମ ତୁଲ୍ୟ, ଶିଶୁ ପାଖରେ ତାହା ଅତି ସମ୍ଭବ, ଅତି ଆପଣାର, ଅତି ପରିଚିତ । ବିଶ୍ୱକବି ରବୀନ୍ଦ୍ରନାଥ ଶିଶୁର ମନସ୍ତତ୍ତ୍ୱ ସୁନ୍ଦର ଲେଖିଛନ୍ତି:

''ଯାରା ଆମାଦେର କାଛେ ନୀରବ ଗମ୍ଭୀର ଆଛେ
ଆଶାର ଅତୀତ ଯାରା ସବେ,
ଖୋକାରେ ତାହାରା ଏସେ ଧରା ଦିତେ ବ୍ୟସ୍ତହେସେ
କତ ରଙ୍ଗେ କତ କଲରବେ ।''

ବୋଧକରି ଏଇଥି ପାଇଁ ଅବୋଧ ଶିଶୁ ଆକାଶର ଚନ୍ଦ୍ରକୁ ଦେଖି ହାତ ବଢାଏ ଧରିବା ପାଇଁ, ସେ ପୁଣି ଇନ୍ଦ୍ର ଧନୁକୁ ଅନାଇଁ ଆତ୍ମହରା ହୁଏ । ପ୍ରଜାପତିର ବିଚିତ୍ର ରଙ୍ଗର ଡେଣାକୁ ଦେଖି ତାକୁ ଧରି ରଖିବା ପାଇଁ ଆନନ୍ଦ ଉତ୍‌ଫୁଲ୍ଲ ହୋଇ ତା'ପଛରେ ଗୋଡାଏ । ସତେ ଅବା ବିଶ୍ୱ ପ୍ରକୃତି ଶିଶୁ ନିକଟରେ ତା'ର ମାୟା ମୋହିତ ରୂପଟିକୁ ପାଶୋରି ଦେଇ ତାକୁ ଡାକେ....ଆ...., ମୋ କୋଳକୁ ଧାଇଁ ଆ, ତୁ ପରା ଦେବ ଶିଶୁ, ତତେ ଛାଡ଼ି ମୁଁ ରହିବି କିପରି ? ସ୍ରଷ୍ଟା ମୋ ଭିତରେ ଯେଉଁ ସୌନ୍ଦର୍ଯ୍ୟାମୃତ ରସ ଲୁଚାଇ ରଖିଛି, ତୋ ଭିତରେ ପରା ସେ ସେଇ ସୌନ୍ଦର୍ଯ୍ୟାମୃତ ଭରି ଦେଇଛି । ମୁଁ ତୋର ଅତି ଆପଣାର । ସ୍ରଷ୍ଟା ଆମ ଭିତରେ ଗୋଟାଏ ଯୋଗସୂତ୍ର ଘଟାଇଛି ।

ସେଥି ପାଇଁ ଆକାଶର ଅନନ୍ତ ନୀଳିମାକୁ ଅନାଇଁ ଶିଶୁ ହସିଲା ବେଳେ ମହାକାଶ ଯେପରି ତା'ସହିତ ହସିଥାଏ ତାହାର ନିର୍ମଳ ଭାବ ପ୍ରକାଶ ଘଟାଇ । ଇଂରେଜ କବି 'ୱାର୍ଡସ୍‌ୱାର୍ଥ' ଏପରି ଅନୁଭୂତିକୁ ପ୍ରକାଶ କରି ଲେଖିଛନ୍ତି:

"The heaven laugh with you
in your Jubilee;
My heart is at your festival."
[From the recollections
of early childhood]

ଶିଶୁ ସହିତ ତାଦାତ୍ମ୍ୟଭାବ ପ୍ରକାଶ ଘଟାଇ କବି କହିଛନ୍ତି, ତୋର ଉତ୍ସାହବମୟ ଜୀବନ ସମାରୋହର ଆନନ୍ଦ ଉଲ୍ଲାସରେ ଭାଗ ନେଇ ଏଇ ମହାକାଶ ଯେ ହସୁଛି, ଆଉ ମୋର ହୃଦୟରେ ତାହାର ଆନନ୍ଦ ଲହରୀ ଉଦ୍‌ବେଳିତ ହୋଇ ଉଠୁଛି ।

ସ୍ୱର୍ଗ ଓ ମର୍ତ୍ତ୍ୟର ମିଳନ ସ୍ଥଳରେ ଶିଶୁର ପବିତ୍ର ଜୀବନ ତାହାର ଲୀଳା ରଚନା କରିବାକୁ ପ୍ରୟାସୀ । ମର ଭୂମିରେ ଆଉ ସେ ସ୍ୱର୍ଗର ଆହ୍ୱାନ ଶୁଣେ, ସ୍ୱର୍ଗୀୟ ଭାବରେ ଉଦ୍‌ବୁଦ୍ଧ ହୁଏ । ପ୍ରକୃତିର ପକ୍ଷପୁରୋଧା କବି 'ୱାର୍ଡସ୍‌ୱାର୍ଥ' ଏଇ ମନସ୍ତତ୍ତ୍ୱଟିକୁ ଉପସ୍ଥାପନା କରି ଲେଖିଛନ୍ତି:

"Heaven lies about 'us in our
infancy!
Shades of the prison-house
begin to close upon the growing
boy,
But he beholds the light,
and whence it flows,
He sees it in his joy;"
[From the recollections
of early childhood]

ଆମର ବାଲ୍ୟ ଜୀବନରେ ସ୍ୱର୍ଗୀୟ ଭାବର ସତ୍ତା ନିହିତ ଥାଏ । କ୍ରମେ ବୃଦ୍ଧିପ୍ରାପ୍ତ ଶିଶୁର ଜୀବନକୁ ମାୟା ସଂସାରର ତମୋମୟ ସଙ୍କୋଚ ଆବଦ୍ଧ କରାଇ ସେଇ ସ୍ୱର୍ଗୀୟ ଚେତନାର ବିଚ୍ୟୁତି ଘଟାଇ ଥାଏ ।

କିନ୍ତୁ ଅବୋଧ ବାଳକ ସେ ଚେତନାମୟ ଆଲୋକକୁ ଦେଖିବା ପାଇଁ ସମର୍ଥ ହୋଇଥାଏ । ଯେତେବେଳେ ଏଇ ଆଲୋକ ତା'ଆଗରେ ଉଛୁଳି ଉଠେ ସେତେବେଳେ ସେ ତାହାକୁ ଅବଲୋକନ କରେ ଆନନ୍ଦ ବିଭୋର ହୋଇ । ଏହାର ମନସ୍ତାତ୍ତ୍ୱିକ ତଥା ଦାର୍ଶନିକ ଆଲେଖ୍ୟ ପ୍ରଦାନ କରି କବି ପୁନଶ୍ଚ ସୁନ୍ଦର ଅଙ୍କିଛନ୍ତି:

"Earth fills her lap with pleasures
of her own;
Yearnings she hath in her own
natural kind,
And even with something of a
mother's mind, And no unworthy
aim,
The homely nurse doth all
she can,
To make her foster-child,
her inmate, Man,
Forget the glories he hath
known,
And that imperial palace
whence he came."
[From the recollections
of early childhood]

ଏହାର ସାରାଂଶ ଏଇ ଯେ, ପ୍ରକୃତି ସ୍ୱରୂପା ଧରଣୀ ନିଜର ଆନନ୍ଦ ଉଲ୍ଲାସ ପାଇଁ ନିଜର ସ୍ନେହାସ୍ପୃତ ରୂପକୁ ପରିପୂର୍ଣ୍ଣ କରି ରଖିଛି । ଅକଳନ ବଳବତୀ ଇଚ୍ଛାହିଁ ତାହାର ମାୟାମୋହିତ ପ୍ରକୃତି ଯେଉଁଥିରେ ମାତୃତ୍ୱର ମମତା ସହିତ ମହତ୍ ଉଦ୍ଦେଶ୍ୟ ନିହିତ ଅଛି । ଜୀବନ ଧାତ୍ରୀ ବସୁଧା ସବୁ କିଛି ସମାହିତ କରେ ତା'ର ପାଳିତ ସନ୍ତାନ ସହ ସହାବସ୍ଥାନ କରି । ଫଳତଃ ମାନବ ସେଇ ଅମର ସତ୍ତାକୁ କେବଳ ନିଜ ଭିତରେ ହଜାଇ ବସେ ନା, ଅଧିକନ୍ତୁ ସେଇ ଅମର ଧାମର ସ୍ମୃତିକୁ ପୁରାପୁରି ବିସ୍ମୃତ ହୁଏ ।

ବାଲ୍ୟାବସ୍ଥା ପରିଣତ ଜୀବନାବସ୍ଥାର ଏକ ବ୍ୟତିକ୍ରମ । ଏହି ଅବସ୍ଥାରେ ଏକ କ୍ଷୀଣ ଚେତନାପୂର୍ଣ୍ଣ ଅନୁଭୂତି ଶିଶୁର ହୃଦୟରେ କମ୍ପନ ଜାତ କରି ତାହାକୁ ଅଭିଭୂତ କରାଏ ।

"Of childhood, whether busy
or at rest with new-fledged
hope still fluttering in his
breast."
[From the recollections
of early childhood]

'ୱାର୍ଡସ୍‌ୱାର୍ଥ'ଙ୍କ କଳ୍ପନାରେ ବାଲ୍ୟ ଜୀବନର ଦର୍ଶନ ଚିନ୍ତା ଅସାଧାରଣ ଭାବ ପ୍ରକାଶ ଘଟାଇଛି । ଇଂରେଜୀ ଭାଷା ଓ ସାହିତ୍ୟର ଏହା ଅଦ୍ୱିତୀୟ ପରିକଳ୍ପନା । ଶିଶୁ ସମାଜ ପ୍ରତି କବି ଯେ କେତେ ଗଭୀର ଶ୍ରଦ୍ଧାବାନ୍ ତାହା ସହଜରେ ଅନୁମେୟ । ଶିଶୁ ଭିତରେ ଥିବା ଆଧ୍ୟାତ୍ମିକ ଚେତନାଲୋକକୁ ସେ ଅନୁଭବ କରି ନିଜର ଅନୁଭୂତିକୁ ଯେତିକି ଅତୀନ୍ଦ୍ରିୟ କରାଇଛନ୍ତି ସେତିକି ସ୍ୱର୍ଗୀୟ ଭାବରେ ରସମୟ କରି ପାରିଛନ୍ତି ।

ଶିଶୁ ଭବ ସମୁଦ୍ରର ବେଳାଭୂମିରେ ତାହାର ନିରାତଙ୍କ ଆନନ୍ଦମୟ ଲୀଳା ରଚନା କରିଥାଏ । ତା'ର ସମ୍ମୁଖରେ ଫେନକୂଟ ମାୟା ମୋହିତ ସାଗରର ଅବାରିତ ତରଙ୍ଗ ନୃତ୍ୟ । କିନ୍ତୁ ସେ ତା'ର ମୋହଗ୍ରସ୍ତ ରୂପଟିକୁ ଦେଖିବାକୁ ପାଏ ନାହିଁ । ଜାଗତିକ ମାୟାବଦ୍ଧ ଜୀବ ପରି ସେ ଭବ ସିନ୍ଧୁରେ ସନ୍ତରଣ କରି ଜାଣେ ନାହିଁ କି ଜାଲ ପକାଇ ଲାଳସା ଚରିତାର୍ଥ





କରିବାକୁ ପ୍ରୟାସୀ ହୁଏ ନାହିଁ । ସେ ବେଳା ତଟରେ ଖେଳେ, ହସେ, ନାଚେ ଓ ଦଉଡେ ଗୋଟାଏ ଚେତନାମୟ ଆନନ୍ଦରେ ଉତ୍‌ଫୁଲ୍ଲ ହୋଇ । ବିଶ୍ୱକବି ରବୀନ୍ଦ୍ରନାଥ ଛାୟାବାଦୀ କଳ୍ପନାକୁ ବଡ ରସମୟ କରି 'ଗୀତାଞ୍ଜଳି' ଗୀତିକାବ୍ୟରେ ଲେଖିଛନ୍ତି :

''ଜଗତ୍ ପାରାବାରେର୍ ତୀରେ,
ଛେଲେରା କରେ ମେଲା,
ଜାନ୍‌ନା ତାରା ସାଁତାର୍ ଦେଓୟା,
ଜାନ୍‌ନା ଜାଲ୍ ଫେଲା ।''

'ୱାର୍ଡସ୍‌ୱାର୍ଥ୍' ମାୟାବଦ୍ଧ ମଣିଷକୁ ସଚେତନ କରାଇ କହିଛନ୍ତି:

"And see the children sport upon
the shore,
And here the mighty waters
rolling evermore."
[From recollections of
early childhood.]

ରେ ମାୟାବଦ୍ଧ ଜୀବନ ! ଉପସିନ୍ଧୁ ତଟରେ ସେଇ ଶିଶୁମାନଙ୍କର ଆନନ୍ଦମୁଖର ଲୀଳାକୁ ଅବଲୋକନକର । ଏଇ ଶୁଣ, ସେଇ ଫେନବୃତ ସାଗରର ଚପଳ ତରଙ୍ଗମାଳାର ଉଚ୍ଛ୍ୱାସକୁ । ସେ କିପରି ତା'ର ମାୟାଲୁବ୍ଧ-କାୟା ରଚନା କରି ମଣିଷକୁ ଅଭିଭୂତ କରାଉଛି ।

ମାତ୍ର ଶିଶୁ ଯେପରି ଅନାସକ୍ତ । ସେ ସେଇ ସାଗରର ତରଙ୍ଗ ନୃତ୍ୟର ଉଚ୍ଛ୍ୱାସରେ ଶୁଣେ ଚିରନ୍ତନର ବାଣୀ ଏବଂ ଅନନ୍ତ ସାଗରର ସୀମାହୀନ ବିସ୍ତୃତିରେ ଦେଖେ ଅଖଣ୍ଡ ଚେତନାଲୋକ ।

ଶିଶୁ ଜୀବନର ଏ ମହନୀୟତାକୁ ଅନୁଭବ କରି ତାହା ଭିତରେ ଥିବା ଦେବତ୍ୱ ଓ ମାନବିକତାକୁ ଜାଗ୍ରତ କରାଇବାରେ ଆମ ଜାତି ଓ ଦେଶର ଭୂମିକା ଗୁରୁତ୍ୱପୂର୍ଣ୍ଣ ହେବା ବାଞ୍ଛନୀୟ ।

"The child is the father
of the man."

ଆଜିର ଶିଶୁ ଭିତରେ ପିତୃତ୍ୱର ମହିମା ଅବଲୁପ୍ତ । ସେଥିପାଇଁ ବିଶ୍ୱର ମାନବ ସମାଜ ଶିଶୁ ସମାଜକୁ ସମସ୍ତ ସୁବିଧା ସୁଯୋଗ ଦେଇ ଗଠନ କରିବା ଆବଶ୍ୟକ । ଏଇ ଶିଶୁ ସମାଜର ସର୍ବାଙ୍ଗୀଣ ଉନ୍ନତି ପାଇଁ ସୋଭିଏତ୍ ସରକାର ଯେଉଁପରି ସଚେତନ ବୋଧହୁଏ ଅନ୍ୟ କୌଣସି ଦେଶ ଓ ଜାତିର ଇତିହାସରେ ତାହା ପରିଦୃଷ୍ଟ ହୁଏ ନାହିଁ ।

୧୯୧୭ ମସିହାର ଋଷ ବିପ୍ଳବ ପରେ ଯେତେବେଳେ ସେ ଦେଶ ଓ ଜାତି ଘୋର ସଙ୍କଟରେ, ସେତେବେଳେ ବିଶ୍ୱବିଖ୍ୟାତ ନେତା ଲେନିନ୍ ଦେଶବାସୀଙ୍କୁ ଆହ୍ୱାନ ଜଣାଇ କହିଥିଲେ :

''ଆମେ ବୟସ୍କ ଲୋକ କଷ୍ଟରେ ଚଳିଯାଇ ପାରିବା ଏବଂ ଆମର ଶେଷ ଲହୁଣୀ ଟିକକ, ଶେଷ ଚିନି ଏବଂ ଅଟା ମୁଠିକ ଆମ ପିଲାଙ୍କୁ ଦେବାକୁ ହେବ ।

('ସେ ଦେଶର ଶିଶୁ', ଡକ୍ଟର୍ ରାଧାନାଥ ରଥ)

ଋଷ ସାମ୍ରାଜ୍ୟରେ ସବୁଠାରୁ ସୁବିଧାବାଦୀ ଗୋଷ୍ଠୀ ହେଉଛନ୍ତି ଏଇ ଶିଶୁ ସମାଜ । ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଓ ପ୍ରତିଭାର ଉନ୍ମେଷ ପାଇଁ ସେ ଦେଶର ସରକାର ସର୍ବଦା ସଚେତନ ।

''ଗର୍କିଙ୍କ ଭାଷାରେ ଶିଶୁମାନେ ଜୀବନର ପୁଷ୍ପଗୁଚ୍ଛ । ପୁଷ୍ପଗୁଚ୍ଛର ସୌରଭ ପାଇବାକୁ ହେଲେ ଉଦ୍ୟାନର ମାଳିକୁ ଅକ୍ଳାନ୍ତ ପରିଶ୍ରମ କରିବାକୁ ପଡେ'' ।

'' ଶିଶୁମାନଙ୍କର ଗଭୀର ସୃଜନଶୀଳ ପ୍ରତିଭାର ବିକାଶ ପାଇଁ ସୋଭିଏତ୍ ସମାଜ ନିଜର ପ୍ରତ୍ୟେକ ଅଂଶକୁ ଶିଶୁ ଉପଯୋଗୀ ଭାବରେ ସଜାଡ଼ି ପାରିଛି'' ।

('ସେ ଦେଶର ଶିଶୁ'—ଡକ୍ଟର୍ ରାଧାନାଥ ରଥ)

କେବଳ ଏଇଥି ପାଇଁ ସୋଭିଏତ୍ ସମାଜ ପ୍ରତିଭାର ଦିଗନ୍ତପ୍ରସାରୀ ଗୌରବରେ ଉଜ୍ଜ୍ୱଳି ଉଠିଛି ଏହା ଯେ କେହି ସ୍ୱୀକାର କରିବ ନିଶ୍ଚୟ ।

ଆମ ଦେଶରେ ଆଜିବି ଶିଶୁ ବଧ ଦୃଷ୍ଟାନ୍ତର ଅଭାବ ନାହିଁ । ଏସବୁ ଘଟଣାବଳୀ ବିଭିନ୍ନ ପତ୍ର ପତ୍ରିକାରୁ ପାଠ କଲେ ମନ ଓ ପ୍ରାଣ ବିସ୍ମୟାଭିଭୂତ ହୋଇଯାଏ । ଆମ ଦେଶର ଶିଶୁ ସବୁଠାରୁ ଅବହେଳିତ, ନିଷ୍ପେଷିତ । ରୋଗ ଓ ବୁଭୁକ୍ଷାରେ ଶିଶୁର ଜୀବନ ଆଲୋକ ଏ ଦେଶରେ କେତେ ନିର୍ବାପିତ ହୋଇଥାଏ । ରାଜପଥରେ ଦୀନ ଦରିଦ୍ର ଶିଶୁର ରୋଗଗ୍ରସ୍ତ, ଅନାହାରକ୍ଳିଷ୍ଟ ରୂପ ଦେଖିଲେ ପ୍ରାଣରେ ଦାରୁଣ ଯାତନା ଆସେ । ଏ କଅଣ ଅଭିଶାପ ! ଏମାନେ ତେବେ କଅଣ ଅଭିଶପ୍ତ ! ଏଥିପାଇଁ କଅଣ ଆମ ଦେଶ, ଜାତି ଓ ସମାଜ ଦାୟୀ ?

''ସ୍ତିରୀ, ଗର୍ଭିଣୀ, ଶିଶୁ ବଧ
ଏ ବଧ, ବଧରେ ପ୍ରମାଦ ।''

(ଭାଗବତ)

ଏ ମହାନ୍ ଉପଦେଶ ଆମ ସମାଜରେ କୌଣସି ପ୍ରଭାବ ପକାଇ ପାରିଛି କି ? କେହି ଅନ୍ତଃସତ୍ତ୍ୱା ନାରୀକୁ ସ୍ୱାର୍ଥ ସିଦ୍ଧି ପାଇଁ ବିନା ଦ୍ୱିଧାରେ ହତ୍ୟା କରେ ତ, କେହି ନାରୀ ଧର୍ଷଣ କରି ତାହାର ମୃତ୍ୟୁ ଘଟାନ୍ତି ନିଃସଙ୍କୋଚରେ । କେହି ଅବା ତାନ୍ତ୍ରିକର ତନ୍ତ୍ର ସାଧନରେ ସିଦ୍ଧି ଲାଭ କରିବାକୁ ଯାଇ ଶିଶୁ ସନ୍ତାନକୁ ଦେବୀ ନିକଟରେ ବଳି ଦେଇଥାଏ ପଶୁ ଠାରୁ ଅଧିକ ହିଂସ୍ର ଆଚରଣ ଦେଖାଇ । ପୁନଶ୍ଚ କୌଣସି ଅନ୍ନକ୍ଳିଷ୍ଟ ଦରିଦ୍ର ପରିବାର ତାହାର ଶିଶୁ ସନ୍ତାନ ମୁଖରେ ଅନ୍ନ ଦେଇ ନ ପାରି ଅନ୍ଧକାର କୂପରେ ସେମାନଙ୍କୁ ନିକ୍ଷେପ କରି ମାରିଥାଏ ଓ ନିଜେ ତାହାର ପ୍ରାୟଶ୍ଚିତ କରି ଆତ୍ମହତ୍ୟା ଘଟାଇ ମୃତ୍ୟୁ ବରଣ କରିଥାଏ । ଏ ସବୁର ଏକମାତ୍ର କାରଣ ଚେତନାର ଅଭାବ, ଶିକ୍ଷାର ଅଭାବ ଓ ମାନବିକତାର ଅଭାବ ।

ବିଷୟାସକ୍ତ ମାନବ ବିଷୟବାସନାର ମୋହରେ ଆଜି ଆଧ୍ୟାତ୍ମିକ ଦିଗଟିକୁ ପୁରାପୁରି ଭୁଲି ଯାଇଛି । ସେ ଅନ୍ଧ ଭାବରେ ସ୍ୱୀକାର କରୁଛି ଧର୍ମ ନାହିଁ, ସତ୍ୟ ନାହିଁ କି ଈଶ୍ୱର ନାହିଁ । କେବଳ ଅଛି ଅର୍ଥର ବଳବତୀ ପିପାସା ଓ ବାସନାର ଚରମ ଉଚ୍ଛ୍ୱାସ । ''ସ୍ୱାର୍ଥେନ ସର୍ବେ ବଶଃ'' । ଏ ଅର୍ଥର ନିଶା ପାଖରେ ଆଧ୍ୟାତ୍ମିକତା ଉପହସିତ ହେଉଛି, ପ୍ରତିଭା ମଉଳି ଯାଉଛି, ସାଧୁ ପ୍ରକୃତିପ୍ରାଣ ଚୋର ରୂପେ ପରିଗଣିତ ହେଉଛି ।

"Our so called civilization and
culture appear to be only the
thin Veneer which conceals the
rooted savage in man."
[Commun sence about joga,
page 27]

ଅଧୁନା ଆମର ତଥାକଥିତ ଶିକ୍ଷା ଓ ସଭ୍ୟତା ତାହାର ମନ ଭୁଲାଣିଆ ରୂପ ଭିତରେ ହିଂସ୍ର ଓ ଆଦିମ ବଣ୍ୟ ପ୍ରବୃତ୍ତିକୁ ଲୁଗ୍ଇ ରଖିଛି ।

ଆମ ଦେଶରେ ସ୍କୁଲ୍, କଲେଜ, ଡାକ୍ତରଖାନା, ପୋଲ, ବନ୍ଧ, ବାଡ଼, କଲକାରଖାନା ସବୁ ଗଢ଼ି ଉଠିଛି । ମାନବକୁ ଚେତନାଶୀଳ କରାଇବା ପାଇଁ ଦୂରଦର୍ଶନର ପ୍ରସାର ଓ ପ୍ରସ୍ତର ସ୍ଥଳିଛି, ଶିକ୍ଷାର ଗୁଣାତ୍ମକ ବିକାଶ ଘଟିଛି । ମାତ୍ର ଏସବୁ ହୃଦୟର କୌଣସି ପରିବର୍ତ୍ତନ ଘଟାଉ ନାହିଁ, ମନରେ ଚେତନାଲୋକ ସଞ୍ଚାର କରୁ ନାହିଁ, କିମ୍ବା ଆଧ୍ୟାତ୍ମିକ ଚେତନାରେ ପ୍ରକୃତ ମଣିଷର ଆନ୍ତରିକତାପୂର୍ଣ୍ଣ ହୃଦୟକୁ ସ୍ୱଚ୍ଛ ଓ ନିର୍ମଳ କରି



ପାରୁ ନାହିଁ । ଫଳତଃ ମଣିଷର ହୃଦୟ ଥାଇ ସେ ହୃଦୟହୀନ, ପ୍ରାଣ ଥାଇ ସେ ପ୍ରାଣହୀନ ପରି ଦୁର୍ଗନ୍ଧ ବିସ୍ତାର କରୁଛି ଓ ମନନଶକ୍ତି ଥାଇ ସେ ତାହାକୁ ବିବେକାନୁମୋଦିତ କରିବାକୁ ସମ୍ପୂର୍ଣ୍ଣ ପଶ୍ଚାତ୍‌ପଦ ହୋଇଛି ।

ପୁଣି ଶିଶୁ ସମାଜର ଚାରିତ୍ରିକ ବିକାଶ ଘଟାଇବା ପାଇଁ, ସେମାନଙ୍କର ସୁକୋମଳ ପ୍ରାଣରେ ଆଧ୍ୟାତ୍ମିକ ଚେତନାକୁ ଜାଗରୁକ କରିବା ପାଇଁ ଆମର ବେତାର କିମ୍ବା ଦୂରଦର୍ଶନର ଭୂମିକା ଆଦୌ ଗୁରୁତ୍ୱପୂର୍ଣ୍ଣ ନୁହେଁ ।

ଆମ ସମାଜକୁ ପରିପୁଷ୍ଟ କରିବାକୁ ହେଲେ, ଦେଶ ଓ ଜାତିକୁ ପ୍ରଗତି ପଥରେ ଅଗ୍ରସର କରାଇବାକୁ ହେଲେ ଏପରି ଶିଶୁ ସମାଜ ଗଠନ କରିବାକୁ ହେବ, ଯେଉଁ ସମାଜ ସତ୍ୟ, କ୍ଷମା, ଦୟା, ସହିଷ୍ଣୁତା ଓ ଆଦର୍ଶ ମାନବିକତା ଇତ୍ୟାଦିର ଗୁଣାବଳୀରେ ଅଳଙ୍କୃତ ହୋଇ ପ୍ରତିଭାର ବିକାଶ ସାଧନ ଘଟାଇବ । ଆଧ୍ୟାତ୍ମିକ ଚେତନାରେ ଅନୁପ୍ରାଣିତ ହୋଇ ଜାତୀୟ ଚେତନାବୋଧରେ ଉଦ୍‌ବୁଦ୍ଧ ହେବ । ତା'ହେଲେ ସେଇ ଶିଶୁ ସମାଜ ଭିତରେ ବହୁ ଗାନ୍ଧି, ଗୋପବନ୍ଧୁ, ଶାସ୍ତ୍ରୀ, ସୁଭାଷ, ନେହେରୁ ଓ ବିବେକାନନ୍ଦଙ୍କର ଅଭ୍ୟୁଦୟ ଘଟିବ ।

ସ୍ୱର୍ଗତ ନେହେରୁଙ୍କର ଶିଶୁପ୍ରୀତି ଅନନ୍ୟ ସାଧାରଣ ଥିଲା । ଶିଶୁକୁ ସେ ସୁରଭିତ ପୁଷ୍ପର କଳିକାଟିଏ ବୋଲି ମନେ କରୁଥିଲେ । ତାଙ୍କ ସ୍ମୃତିକୁ ସ୍ମୃତିମୟ କରି ଆଜି ସର୍ବତ୍ର ଶିଶୁ ଦିବସ ପାଳିତ ହେଉଛି । ଏହା ତାଙ୍କର ଅନ୍ତିମ ବାସନା ଥିଲା । ନେହେରୁ ପ୍ରକୃତିପ୍ରାଣ ଥିବାରୁ ଶିଶୁ ପ୍ରକୃତିକୁ ଅତ୍ୟନ୍ତ ଶ୍ରଦ୍ଧା କରୁଥିଲେ । **ମହାତ୍ମା** ଗାନ୍ଧି ମଧ୍ୟ ଶିଶୁମାନଙ୍କ ସହିତ ନିଜକୁ ଶିଶୁ ପରି ମିଶାଇ **ଦେଉଥି**ଲେ । ସେମାନେ ଶିଶୁର ଜୀବନ ଭିତରେ ଅପୌରୁଷେୟ ଶକ୍ତି ଓ ପ୍ରତିଭାର ଉନ୍ମେଷକୁ ଅନ୍ୱେଷଣ କରୁଥିଲେ ।

ଆଜିର ଶିଶୁ ବିଶ୍ୱର ବୈଜ୍ଞାନିକ, ବିଶ୍ୱର ନାଗରିକ ଅଥବା ବିଶ୍ୱର ମହାମାନବ ହୋଇ ପାରେ । ଏଇ ଧରଣୀର ଶିଶୁ, ଏଇ ମାଟିର ଶିଶୁ ବିଶ୍ୱବିଶ୍ରୁତ କୀର୍ତ୍ତିର ଅଧିକାରୀ ହୋଇ ପାରେ । ଏପରି ବହୁ ସତ୍ୟ ବହୁ ଶିଶୁଙ୍କ ଜୀବନରେ ରୂପାୟିତ ହୋଇଛି । ଏଇ ପୃଥିବୀର ଶିଶୁ ପୃଥିବୀର ଇତିହାସରେ ଲିଙ୍କନ୍, ଚର୍ଚ୍ଚିଲ, ଆଲେକ୍‌ଜାଣ୍ଡର, ନେପୋଲିୟନ୍ ରୂପେ ପରିଚିତ ହୋଇଛି, ପୁଣି ନିଉଟନ୍, ଆଇନ୍‌ଷ୍ଟାଇନ୍, ମାଡାମ୍‌କ୍ୟୁରୀ, ହାବିମାନ୍, କେଣ୍ଡ ରୂପେ ଆଲୋଡନ ସୃଷ୍ଟି କରିଛି ।

ସୁତରାଂ ପ୍ରତ୍ୟେକ ଦେଶ ଓ ଜାତି ତାହାର ସକଳ ଉଦ୍ୟମ ଭିତରେ ଶିଶୁ ସମାଜକୁ ସମୁନ୍ନତ କରିବା ପାଇଁ ସଚେତନ ହେଲେ ଆମ ଦେଶ କାହିଁକି ବିଶ୍ୱ ମଧ୍ୟ ଶତଗୁଣରେ ଆଜିର ଶୃଙ୍ଖଳାହୀନ ବାତାବରଣକୁ ବଦଳାଇ ଆନନ୍ଦର ନିକେତନ ହୋଇ ଉଠିବ ।

ମଣିଷକୁ ଚେତନାର ବାଣୀ ଶୁଣାଇ ସ୍ୱାମୀ ବିବେକାନନ୍ଦ କହିଛନ୍ତି:—

"If all this vast of effort had been spent in making men purer, gentler, more forbearing, this world would have a thousand fold more happiness than it has today."

[C.W., Vol.I, page 405]

କେବଳ ମଣିଷ ସମାଜ ପାଇଁ ଏ ଆଦର୍ଶବାଣୀ ପ୍ରଯୁଜ୍ୟ ନୁହେଁ, ଶିଶୁ ସମାଜ ପାଇଁ ଅପରିହାର୍ଯ୍ୟ ଅଟେ ।

ଯାହାହେଉ, ସୁଖର କଥା ଆମ ଓଡ଼ିଶା ସରକାର ଶିଶୁ ସମାଜର ସର୍ବବିଧ ଉନ୍ନତିକଳ୍ପେ କେତେକ ପଦକ୍ଷେପ ନେଇ ଅଛନ୍ତି ଓ ତାହାର ଭୂୟୋବିକାଶ ପାଇଁ ପ୍ରଚେଷ୍ଟା ଅବ୍ୟାହତ ରଖିଛନ୍ତି ।

(୧) ଓଡ଼ିଶାର ଅନେକ ସହରମାନଙ୍କରେ ଶିଶୁ ମନୋରଞ୍ଜନ ନିମିତ୍ତ (ପାର୍କ) ପ୍ରମୋଦ ଉଦ୍ୟାନ ସୃଷ୍ଟି କରାଯାଇଛି ଓ ତହିଁରେ କ୍ରୀଡ଼ା କୌଶଳର ବ୍ୟବସ୍ଥା ରହିଛି ।

(୨) ଅଧୁନା ପ୍ରତି ବ୍ଳକ୍ ସ୍ତରରେ ଅନୁଷ୍ଠିତ ହେଉଥିବା "ଅଙ୍ଗନବାଡ଼ି" ମାନଙ୍କରେ ଶିଶୁମାନଙ୍କର ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଲାଗି ଶିକ୍ଷୟିତ୍ରୀମାନେ ନିଯୁକ୍ତି ପାଇଅଛନ୍ତି ।

(୩) ଶିଶୁର କଳ୍ପନା ଶକ୍ତିକୁ ଜାଗରୁକ କରିବା ପାଇଁ ଓ ତାହାର ସୃଜନୀଶକ୍ତିର ଅନୁକୂଳ ବାତାବରଣ ସୃଷ୍ଟି କରିବା ନିମିତ୍ତ ବହୁ 'ଶିଶୁ ପତ୍ରିକା'ର ଆକର୍ଷଣୀୟ ସଂକଳନ କରାଯାଉଛି ।

(୪) ଶିଶୁମାନଙ୍କର ଜଳଯୋଗର ବ୍ୟବସ୍ଥା ପାଇଁ "ଚିଲ୍‌ଡ୍ରେନସ୍ କେୟାରପିଡ଼ି"'ର ବ୍ୟବସ୍ଥା ସ୍ୱାଗତଯୋଗ୍ୟ ହୋଇଛି ।

(୫) ପ୍ରାଥମିକ ଶିକ୍ଷାର ଗୁଣାତ୍ମକ ବିକାଶ ପାଇଁ ବିବିଧ ଯୋଜନା କାର୍ଯ୍ୟକାରୀ ହେଉଛି ଯାହା ଶିଶୁର ସର୍ବାଙ୍ଗୀଣ ଉନ୍ନତିରେ ସହାୟକ ହେବ ।


(୬) ଏତଦ୍‌ବ୍ୟତୀତ ସର୍ବତ୍ର ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ଶିଶୁମାନଙ୍କୁ ଟୀକା ଦେବା ଓ ପୋଲିଓର ପ୍ରତିଷେଧକ ଦେଇ ସେମାନଙ୍କୁ ବିକଳାଙ୍ଗ ହେବାକୁ ନ ଦେଇ ମୃତ୍ୟୁ ମୁଖରୁ ବଞ୍ଚାଇବା ପାଇଁ ବିହିତ ପଦକ୍ଷେପ ନିଆ ଯାଉଛି ।

(୭) ପ୍ରାଥମିକ ସ୍ତରରେ ଶିଶୁ ବୃତ୍ତିର ବ୍ୟବସ୍ଥା ଯୋଗୁଁ ଶିଶୁ ସମାଜକୁ ଶିକ୍ଷାଦାନରେ ଉଦ୍‌ବୁଦ୍ଧ କରିବା ସମାଜରେ କଲ୍ୟାଣକର ହୋଇଛି । ଅନେକ ସ୍ଥଳରେ ଗରିବ ଓ ମେଧାବୀ ଶିଶୁଙ୍କୁ ପାଠ୍ୟ ପୁସ୍ତକ ବିତରଣ କରାଯାଉଛି ।

ଏସବୁ ବ୍ୟବସ୍ଥା ଶିଶୁ ସମାଜ ପାଇଁ ଯେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏଥିରେ ସନ୍ଦେହର ଅବକାଶ ନାହିଁ ।

ଶିକ୍ଷକ, ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିର
ପୋ: ଅ: ରଘୁନାଥପୁର
ଜି : କଟକ—୭୫୪୧୩୨

I thought of the vast army of chidlren all over the world, outwardly different in many ways, speaking different languages, wearing different kinds of clothes and yet so very like one another. If you bring them together, they play or quarrel. But even their quarrelling is some kind of play. They do not think of differences amongst themselves, differences of class or caste or colour or status. They are wiser than their fathers and mothers.







# ନେହେରୁଙ୍କ କାରାବାସ ସାଥୀ

ଶ୍ରୀ ନୃସିଂହ ପ୍ରସାଦ ଦେବ

ପଣ୍ଡିତ ଜବାହରଲାଲ ନେହେରୁ ଜଣେ ମାନବଧର୍ମୀ ଓ ଶିଶୁ ପ୍ରେମୀ ଥିଲେ । ତେଣୁ, ତାଙ୍କର ଜନ୍ମତିଥି ନଭେମ୍ବର ୧୪ ତାରିଖଟି ଶିଶୁ ଦିବସ ରୂପେ ଆମ ଦେଶରେ ସର୍ବତ୍ର ପାଳିତ ହୋଇଆସୁଛି । ଶିଶୁମାନଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ସେ ବହୁବିଧ ନୂତନ ଶିଶୁ କଲ୍ୟାଣ କାର୍ଯ୍ୟକ୍ରମ ଆରମ୍ଭ କରି ଯାଇଛନ୍ତି । ଶିଶୁମାନଙ୍କ ସରଳତା, ସ୍ୱାଭାବିକ ସୌନ୍ଦର୍ଯ୍ୟ ଓ ସେମାନଙ୍କ ମଧ୍ୟରେ ଥିବା ପରସ୍ପର ସୌହାର୍ଦ୍ଦ୍ୟରେ ବିମୁଗ୍ଧ ହୋଇ ସେ କହିଥିଲେ–"I thought of the vast army of children all over the world., out wardly different in many ways, speaking different languages, wearing different Kinds of clothes and yet so very like each other. If you bring them together, they play or they quarrel. But even their quarreling is some kind of Play. They do not think of differences amongst themselves, differences of class or colour or status. ..I have travelled about great deal in this country and yet I have not seen many parts or this Country that we love so much that we seek to serve. I wish I had more time to visit the odd nooks and corners of India. I would like to go there in the Company of bright young Children whose minds are opening out with wonder and curiousity as they make new discoveries.

We in India feel to day that children who are the future of the nation should be wise". କେବଳ ଯେ ମାନବ ଶିଶୁମାନଙ୍କ ପାଇଁ ନେହେରୁଙ୍କ ହୃଦୟରୁ ବାତ୍ସଲ୍ୟ ସ୍ନେହର ମନ୍ଦାକିନୀ ଝରିପଡ଼ିଥିଲା, ତା'ନୁହେଁ ପରନ୍ତୁ ସୃଷ୍ଟିର ସମସ୍ତ ଜୀବଜନ୍ତୁ ଓ ବୃକ୍ଷଲତାଦିର ଶୈଶବ ଅବସ୍ଥା ପ୍ରତି ତାଙ୍କ ହୃଦୟରେ ଅକପଟ ସ୍ନେହ ଭରି ରହିଥିଲା ।

ଦେଶ ମାତୃକାକୁ ପରାଧୀନତାର ନାଗପାଶରୁ ମୁକ୍ତ କରିବା ପାଇଁ ଏକୋଇରବର୍ଷା ଜବାହରଲାଲ ସୁଖର ପ୍ରାଚୁର୍ଯ୍ୟ ଠାରୁ ଦୂରେଇ ଯାଇ ମହାନ୍ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ-ଥିଲେ । ସେଥିପାଇଁ ତାଙ୍କୁ ଦେଶର ବିଭିନ୍ନ ଜେଲରେ ବନ୍ଦୀ ଜୀବନ କଟାଇବାକୁ ପଡ଼ିଥିଲା । ତନ୍ମଧ୍ୟରୁ ଡେରାଡୁନ ଜେଲ ଅନ୍ୟତମ । ପଣ୍ଡିତ ନେହେରୁ ଡେରାଡୁନ୍ ଜେଲ୍‌ରେ ଗୋଟିଏ ଛୋଟିଆ କୋଠରୀରେ ଦୀର୍ଘ ଚଉଦ ମାସ ପନ୍ଦର ଦିନ କାରାବାସ ଜୀବନ ବିତାଇଥିଲେ । ଗୋଟିଏ ସ୍ଥାନରେ ବହୁକାଳ ରହିବା ଫଳରେ ସେ ନିଜକୁ ଜେଲ୍ ପରିସର ଠାରୁ ଭିନ୍ନ ବୋଲି କଦାପି ଭାବୁ ନଥିଲେ । ଏପରିକି, ଜେଲ୍‌ର ପ୍ରରିକାଛ ସହିତ ସେ ଏତେ ଘନିଷ୍ଠ ହୋଇଯାଇଥିଲେ ଯେ କାନ୍ଥ, ବାଡ଼, ଛାତ ବା ଚଟାଣରେ କେଉଁଠି କ'ଣ ଚିହ୍ନ ଅଛି, ସେ ସବୁ ତାଙ୍କର ଖୁବ୍ ଭଲ ଭାବରେ ମନେ ରହି ଯାଇଥିଲା । ନେହେରୁଙ୍କୁ ଅନ୍ୟାନ୍ୟ ଜେଲ୍‌ରେ ଥିଲାବେଳେ ତାଙ୍କୁ ଭଲ ପ୍ରକୋଷ୍ଠଟିଏ ମିଳୁଥିଲା । କିନ୍ତୁ ଡେରାଡୁନ୍ ଜେଲ୍‌ର ପ୍ରକୋଷ୍ଠ ଛୋଟ ହେଲେ ସୁଦ୍ଧା, ସେଥିପ୍ରତି ସେ ଆଦୌ ଚିନ୍ତିତ ନଥିଲେ । କାରଣ, ଡେରାଡୁନ୍‌ର ପ୍ରକୃତ ଜେଲ ପରିସରଟି ଖୁବ୍ ଛୋଟ । ତେଣୁ, ତାଙ୍କୁ ଜେଲର ପାଚେରୀ ବାହାରେ ତାଲଦିଆ ଛୋଟିଆ ପ୍ରକୋଷ୍ଠଟିଏ ମିଳିଥିଲା ।

ସେ ସ୍ଥାନଟି ପୁଣି ଏତେ ସଂକୀର୍ଣ୍ଣ ଯେ ଘର ଭିତରେ ଟିକେ ହେଲେ ବୁଲାଚଲା କରି ହେବନାହିଁ । ତେଣୁ ସନ୍ଧ୍ୟା ଓ ସକାଳେ ଜେଲ୍ ଫାଟକ ଠାରୁ ଶହେ ଗଜ ଦୂରତା ଭିତରେ ଚଲାବୁଲା କରିବା ପାଇଁ ତାଙ୍କୁ ଅନୁମତି ମିଳିଥିଲା । ନେହେରୁ ଅନେକ ଦିନ ପର୍ଯ୍ୟନ୍ତ ଡେରାଡୁନ୍ ଜେଲରେ ବନ୍ଧୁହୀନ ହୋଇ ପଡ଼ିଥିଲେ । କିନ୍ତୁ ବନ୍ଦୀ ଜୀବନର ନିଃସଙ୍ଗତା ଓ ବ୍ୟାକୁଳତାକୁ ପାଶୋରିବା ପାଇଁ ତାଙ୍କ ସମ୍ମୁଖରେ ଏକମାତ୍ର ମନୋରମ ଦୃଶ୍ୟ ଥିଲା ନଗାଧିରାଜ ହିମାଳୟ ପର୍ବତ । କେବଳ ହିମାଳୟକୁ ଦେଖିଦେଖି ସେ ସବୁକିଛି ଭୁଲି ଯାଉଥିଲେ ।

ଡେରାଡୁନ ଜେଲରେ ନେହେରୁଙ୍କ ରହଣୀ କାଳରେ ବସନ୍ତ ଋତୁ ଅତୀବ ରମଣୀୟ ଶୋଭାଶ୍ରୀ ଧାରଣ କରିଥିଲା । ଶୀତ ଋତୁରେ ବୃକ୍ଷଗୁଡ଼ିକ ପତ୍ରଝଡ଼ା ଦେଇ କେବଳ ଶୁଷ୍କ କଳେବର ଧାରଣ କରି ରହନ୍ତି । ଜେଲ୍ ସମ୍ମୁଖରେ ଥିବା ଏମିତି ଗୋଟେଟି ଅଶ୍ୱତ୍ଥ ବୃକ୍ଷରୁ ଆସ୍ତେଆସ୍ତେ ସମସ୍ତ ପତ୍ର ଝଡ଼ି ଯାଇ ଗଛଗୁଡ଼ିକ ଶ୍ରୀହୀନ ହୋଇ ପଡ଼ିଲେ । ପତ୍ର ଶୂନ୍ୟ ବୃକ୍ଷଗୁଡ଼ିକର କରୁଣତାକୁ ନେହେରୁ ହୃଦୟରେ ଅନୁଭବ କରିଥିଲେ । ନବ ବସନ୍ତର ନବ କୋମଳ କିଶଳୟରେ ସୂର୍ଯ୍ୟ ରଶ୍ମିର ଚିକ୍‌ମିକ୍ ଖେଳ ଓ ମନ୍ଦ ହିଲ୍ଲୋଳର ସିହରଣ ତାଙ୍କ ମନରେ ଗଭୀର ଭାବାନ୍ତର ସୃଷ୍ଟି କରିଥିଲା । ସେ ଖୁବ୍ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଇଥିଲେ ।

ଡେରାଡୁନ ପ୍ରତି ଇନ୍ଦ୍ର ଦେବତାଙ୍କର ଦୟା ଅସୀମ । ବର୍ଷା ଋତୁ ଆଗମନର ମାସେ ଦେଢ଼ ମାସ ମଧ୍ୟରେ ପ୍ରାୟ ପଚାଶ ଷାଠିଏ ଇଞ୍ଚ ବର୍ଷା ହୁଏ । ସଜଳ ମେଘ, ଘଡ଼ଘଡ଼ି ସାଙ୍ଗକୁ ଖୁବ୍ ଜୋରରେ ଥଣ୍ଡା ପବନ ବହେ । ଲୋକେ ଘରୁ ବାହାରି ପାରନ୍ତି ନାହିଁ କି ଶୀତ ବସ୍ତ୍ର ଛାଡ଼ି ରହି ପାରନ୍ତି ନାହିଁ ।

ନେହେରୁ ଜଣେ ରାଜନୈତିକ ବନ୍ଦୀ ହୋଇ ଥିବାରୁ ଜେଲ୍‌ରେ ସାଧାରଣ କାର୍ଯ୍ୟରେ ଭାଗ ନେଇ ପାରନ୍ତି ନାହିଁ । କେବଳ ପ୍ରକୃତିକୁ ଉପଭୋଗ କରିବା ତାଙ୍କ ପକ୍ଷେ ସାର ହୋଇଥାଏ । ତାଙ୍କୁ ଯେତେବେଳେ ଏକୁଟିଆ ଏକୁଟିଆ ଲାଗେ, ସେତେବେଳେ ଜେଲ ପାଖ ପଡ଼ିଆରେ ଝିଣ୍ଟିକା ଓ ଉଡ଼ା ପୋକମାନଙ୍କୁ ସେ ନିରେଖି ଦେଖନ୍ତି । ମନ ଟିକେ ହାଲୁକା ଲାଗେ । ନିଃସଙ୍ଗତା ଭୁଲି ହୋଇଯାଏ । ଏଣେ ଜେଲ ପ୍ରକୋଷ୍ଠରେ ମଶା, ମାଛି ଓ ଛାରପୋକଙ୍କ ପ୍ରାଦୁର୍ଭାବ ଖୁବ୍ ବେଶୀ । ବସା ବାନ୍ଧି ରହିଥିବା ବିରୁଡ଼ି ଓ ଭଅଁରମାନଙ୍କ କଥା କହିଲେ ନସରେ । କାଳେ ବିରୁଡ଼ି ଓ ଭଅଁର ମାରିଦେବେ, ସେହି ଭୟରେ ନେହେରୁ ସେମାନଙ୍କୁ ନିପାତ କରିଦେବା ପାଇଁ ଅନେକ ଥର ଚେଷ୍ଟା କରିଛନ୍ତି କିନ୍ତୁ ଶେଷରେ ସେଥିରୁ ବିରତ ହୋଇଛନ୍ତି । ସେ ଭାବନ୍ତି ଯେ ଏଇମାନେ ହିଁ ଜେଲର ପ୍ରକୃତ ଅଧିବାସୀ । ଜେଲ ଭିତର ସେମାନଙ୍କର ଘର ।

ଜେଲ ଭିତରେ ଅନେକ ଚିମିଣୀ ଚଢ଼େଇ ରହୁଥାଆନ୍ତି । ଚିମିଣୀମାନଙ୍କୁ ନେହେରୁଙ୍କର ଭାରି ଡର ଥାଏ । ସନ୍ଧ୍ୟା ସମୟରେ ସେମାନେ ଏତେ ସଂଖ୍ୟାରେ ନିର୍ବିଘ୍ନରେ ଉଡ଼ି ବୁଲନ୍ତି ଯେ ତାକୁ କଳନା କରିହେବ ନାହିଁ । ମୁଣ୍ଡ ଉପର ଦେଇ ମାତ୍ର ଇଞ୍ଚେ ବିଇଞ୍ଚ ଉଚ୍ଚତାରେ ଏତେ ଜୋରରେ ଘୁରି ବୁଲନ୍ତି ଯେ କାଳେ ସେମାନେ କାମୁଡ଼ି ଦେବେ, ସେଥିପାଇଁ ନେହେରୁଙ୍କର ଭାରି ଭୟ ଲାଗେ । ପିମ୍ପୁଡ଼ି, ଉଇ ଓ ଝିଟିପିଟି ମାନଙ୍କ କାର୍ଯ୍ୟକଳାପ ଓ ଗତିବିଧି ନିରେଖି ଲକ୍ଷ୍ୟ କରିବାରେ ତାଙ୍କର ଘଣ୍ଟା ଘଣ୍ଟା ବିତି ଯାଉଥିଲା । ସେମାନେ କିପରି ଖାଦ୍ୟ ସଂଗ୍ରହ କରନ୍ତି, ତାହା ଦେଖି ସେ ବେଶ୍ ଆନନ୍ଦ ଅନୁଭବ କରୁଥିଲେ ।

ବଡ଼ବଡ଼ ଗଛଗୁଡ଼ିକରେ ରହୁଥିବା ଗୁଣ୍ଡୁଚି ମୂଷାଙ୍କ ସଂଖ୍ୟା ଗଣି ହେବନାହିଁ । ଗୁଣ୍ଡୁଚି ମୂଷା ଦେଖିଲେ ନେହେରୁଙ୍କୁ ଭାରି ଖୁସି ଲାଗୁଥିଲା । ସେ ଲକ୍ଷ୍ନୌ ଜେଲରେ ଥିଲା ବେଳେ ନିଶବ୍ଦ ଭାବରେ ବହୁ ସମୟ ବସି ପଢ଼ାପଢ଼ି କରନ୍ତି । ଥରେ ଏମିତି ପଢ଼ୁଥିବା ସମୟରେ ଗୋଟିଏ ଗୁଣ୍ଡୁଚି ମୂଷା ଆସି ତାଙ୍କ ଉପରେ ଚଢ଼ିଯାଇ ସ୍ଥିରଭାବରେ ଲକ୍ଷ୍ୟ କଲା । ଏପରିକି ନେହେରୁଙ୍କ ମୁହଁକୁ କିଛି ସମୟ ଚାହିଁ ରହି ହଠାତ୍ ତଳକୁ ଡେଇଁ ପଡ଼ିଲା । ସେ ବୋଧହୁଏ ଭାବୁଥିଲା ଯେ ଗଛ ଉପରେ ନଚଢ଼ି ଅନ୍ୟ କେଉଁ ସ୍ଥାନରେ ଆସି ଚଢ଼ି ଯାଇଛି । କେବେ କେବେ ଗୁଣ୍ଡୁଚି ମୂଷା ଛୁଆ-ମାନେ ଗଛରୁ ତଳେ ପଡ଼ି ଯାଆନ୍ତି । ସାଙ୍ଗେସାଙ୍ଗେ ମାଆ ଗୁଣ୍ଡୁଚି ମୂଷା ଗଛରୁ ଓହ୍ଲାଇ ଆସି ଛୁଆଟିକୁ ଟେକି ନେଇ ଗଛ ଉପରକୁ ଗ୍ଲାଲିଯାଏ । ଥରେ ନେହେରୁଙ୍କର ଜଣେ ସହବନ୍ଦୀ ଏମିତି ତିନୋଟି ଗୁଣ୍ଡୁଚିମୂଷା ଛୁଆ ଆଣିଥିଲେ । ଛୁଆଗୁଡ଼ିକ ଅତି ଛୋଟ ହୋଇଥିବାରୁ ସେମାନଙ୍କୁ ଖୁଆଇବା ଭାରି କଷ୍ଟକର ହୋଇ ପଡ଼ିଲା । ନେହେରୁ ସେଥିପାଇଁ ଖୁବ୍ ଚିନ୍ତିତ ହୋଇ ପଡ଼ିଲେ । ଶେଷକୁ ସେ ଗୋଟିଏ ବୁଦ୍ଧି ପାଞ୍ଚିଲେ । ଫାଉଣ୍ଟେନ୍ ପେନ୍‌ର କାଳି ପକା ଫିଲରରେ ଗୋଟିଏ ପାଖେ ତୁଳା ଦେଇ ଫିଡ଼ିଂ ବୋତଲ ତିଆରି କରି ଗୁଣ୍ଡୁଚି ମୂଷା ଛୁଆମାନଙ୍କୁ ଖୁଆଇଲେ ।

ନେହେରୁ ଅନେକ ଜେଲରେ ନିଜର ବନ୍ଦୀ ଜୀବନ ବିତାଇଛନ୍ତି । ସବୁ ଜେଲରେ ପାରମାନଙ୍କ ସଂଖ୍ୟା ଅକଳନୀ । କେବଳ ଆଲ୍‌ମୋରା ଜେଲରେ ପାର ନଥିଲେ । ଅନ୍ୟାନ୍ୟ ଜେଲ ନିକଟରେ ପାରମାନେ ସନ୍ଧ୍ୟାବେଳେ ଆକାଶରେ ହଜାର ହଜାର ସଂଖ୍ୟାରେ ଘୁରି ବୁଲନ୍ତି । ଆକାଶର ରୂପ ବଦଳି ଯାଏ । ଏହି ଦୃଶ୍ୟ ଦେଖିବାକୁ ନେହେରୁଙ୍କୁ ଖୁବ୍ ଭଲ ଲାଗେ । ଡେରାଡୁନ୍ ଜେଲ୍‌ରେ ନେହେରୁ ରହୁଥିବା କୋଠରୀର ଠିକ୍ ଉପରେ ହଳେ ମଇନା ଚଢ଼େଇ ବସା ବାନ୍ଧି ରହିଥିଲେ । ନେହେରୁ ପ୍ରତିଦିନ ସେ ଦୁହିଁଙ୍କୁ ଖାଇବାକୁ ଦିଅନ୍ତି । ସେମାନେ କ୍ରମେ ବନ୍ଧୁ ହେବା ପରେ ଏପରି ହେଲା ଯେ ସନ୍ଧ୍ୟା ଓ ସକାଳେ ଖାଇବାକୁ ଦେବାରେ ଟିକେ ଡେରି ହୋଇଗଲେ ମଇନା ଦୁଇଟି ତାଙ୍କ ପାଖକୁ ଆସି ଚେଁ ଚଁର କରି ବୋବାଇ ଖାଇବାକୁ ମାଗନ୍ତି ।

ବରେଲି ଜେଲ୍‌ରେ ବହୁତ ମାଙ୍କଡ଼ ରହୁଥାନ୍ତି । ନେହେରୁ ବରେଲି ଜେଲ୍‌ରେ ରହିଲା ବେଳେ ମାଙ୍କଡ଼ଙ୍କ

କାର୍ଯ୍ୟକଳାପ ଦେଖିବାକୁ ତାଙ୍କୁ ଭାରି ଭଲ ଲାଗୁଥିଲା । ଥରେ ଗୋଟିଏ ମାଙ୍କଡ଼ ଛୁଆ ନେହେରୁଙ୍କ ପ୍ରକୋଷ୍ଠ ପର୍ଯ୍ୟନ୍ତ ଡେଇଁ ଡେଇଁ ପଳେଇ ଆସିଲା କିନ୍ତୁ ଫେରିବା ବେଳକୁ ଜେଲ୍‌ର ପାଚେରୀ ଚଢ଼ି ପାରିଲା ନାହିଁ । କେତେକ ବନ୍ଦୀ ଓ ଓ୍ୟାର୍ଡେନ୍ ମାଙ୍କଡ଼ ଛୁଆଟିକୁ ଧରି ପକେଇ ତା'ବେକରେ ଦଉଡ଼ିଟିଏ ବାନ୍ଧି ପକେଇଲେ । ଛୁଆ ମାଙ୍କଡ଼ଟିର ବାପ ମା ଗଛ ଉପରୁ ଏହା ଦେଖି ଖୁବ୍ ରାଗିଲେ । ହଠାତ୍ ବଳିଷ୍ଠ-କାୟ ବାପା ମାଙ୍କଡ଼ ସାହାସ କରି ତଳେ ଜମା ହୋଇଥିବା ଲୋକଙ୍କ ପାଖକୁ ଉପରୁ ଭୁସ୍‌କିନା ଡେଇଁ ପଡ଼ିଲା । ଏହା ଦେଖି ତଡ଼ାବାଡ଼ି ଧରି ଜମା ହୋଇଥିବା ଲୋକେ ଡରରେ ଯିଏ ଯୁଆଡ଼େ ଦୌଡ଼ିଲେ । ସାଙ୍ଗେ ସାଙ୍ଗେ ବାପା ମାଙ୍କଡ଼ଟି ଛୁଆଟିକୁ ଟେକି ଗଛ ଉପରକୁ ଚଢ଼ିଗଲା ଓ ମା ମାଙ୍କଡ଼କୁ ଦେଇଦେଲା । ଏହି କୌତୂହଳ ଘଟଣାଟି ଦେଖି ନେହେରୁ ଯେତିକି ବିସ୍ମିତ ହେଲେ ସେତିକି ଆନନ୍ଦିତ ହେଲେ ।

ସେତେବେଳେ ବିଛା, କଙ୍କଡ଼ା ବିଛା ଓ ସାପ ପ୍ରଭୃତି ଜୀବମାନେ ମଧ୍ୟ ଜେଲରେ ଦେଖିବାକୁ ମିଳୁଥିଲେ । ଡେରାଡୁନ ଜେଲ୍‌ରେ ଥିବା ବେଳେ ନେହେରୁ ଗୋଟିଏ ନୂଆ ଜୀବ ଦେଖିଥିଲେ, ଯାହାକି ସେ ଆଗରୁ କେବେ ଦେଖି ନଥିଲେ । ଜୀବଟିକୁ ଦେଖି ସେ ଖୁବ୍ ଆଶ୍ଚର୍ଯ୍ୟ ହେଲେ । ଏହି ଜୀବଟି ଦେଖିବାକୁ ଝିଟିପିଟି ଓ କୁମ୍ଭୀର ସଦୃଶ । ଲମ୍ବ ପ୍ରାୟ ଦୁଇଫୁଟ ହେବ । ଗୋଡ଼ରେ ନଖ ଓ ଦେହରେ କାତି । ପରେ ସେ ଜାଣିଥିଲେ ସେ ଯେ ଏହି ଜୀବଟି ହେଉଛି Pangolin.


ଦୀର୍ଘକାଳ କାରାଦଣ୍ଡ ଭୋଗୁଥିବା ବନ୍ଦୀମାନେ ପୋଷା ଜୀବଜନ୍ତୁ ରଖୁଥିଲେ । ସେଗୁଡ଼ିକ ମଧ୍ୟରେ ଗୁଣ୍ଡୁଚି ମୂଷା ଓ ନେଉଳ ପ୍ରଧାନ । ଜେଲ ପରିସରରେ କୁକୁର ରଖିବା ମନା ଥିଲା । କେତେକ ବନ୍ଦୀ ବିଲେଇ ପୋଷି ଥିଲେ । ନେହେରୁଙ୍କ ସହ ଗୋଟିଏ ବିଲେଇ ଛୁଆର ଅତି ଘନିଷ୍ଠତା ଜନ୍ମିଥିଲା । ବିଲେଇ ଛୁଆଟି ଜଣେ ଜେଲ କର୍ମଚାରୀ ରଖିଥିଲେ କିନ୍ତୁ ସେ ଚାକିରୀରୁ ବଦଳି ହୋଇ :ଗଲାବେଳେ ସାଙ୍ଗରେ ନେଇ ଯାଇଥିଲେ । ସେଥିପାଇଁ ନେହେରୁଙ୍କ ମନ ବହୁତ ଦୁଃଖ ହୋଇଥିଲା । ଆଉ ଜଣେ ଜେଲ କର୍ମଚାରୀ ମାଈ କୁକୁରଟିଏ ଛାଡ଼ି ଦେଇ ଯାଇଥିଲେ । ବିଚରା ଏହି ନିରୀହ ଜୀବଟି ରହିବାକୁ ଯାଗା ନପାଇ ଏଣେତେଣେ ବୁଲିଲା ଏବଂ ଖାଇବାକୁ ମଧ୍ୟ ପାଇଲାନି । । ନେହେରୁ ଜେଲର ବାହାର ପଟେ ରହୁଥିବାରୁ ମାଈ କୁକୁରଟି ଖାଇବା ଆଶାରେ ସଦାବେଳେ ତାଙ୍କ ପାଖକୁ ଆସେ । ସେ ଦୟା ପରବଶ ହୋଇ ପ୍ରତିଦିନ ତାକୁ ଖାଇବାକୁ ଦେଉଥିଲେ । କିଛିଦିନ ପରେ ମାଈ କୁକୁରଟି ଗୋଟିଏ ଛୋଟ ପୋଲ ତଳେ ଛୁଆ ଜନ୍ମ କଲା । ଲୋକେ କେତୋଟି ଛୁଆ ସେଥିରୁ ନେଇଗଲେ ଏବଂ ବାକି ତିନୋଟି ଛୁଆ ମାଆ ପାଖରେ ଥାଆନ୍ତି । ନେହେରୁ ସମସ୍ତଙ୍କୁ ଖାଇବାକୁ ଦିଅନ୍ତି । ଥରେ ଗୋଟିଏ କୁକୁର ଛୁଆର ଦେହ ଭୀଷଣ ଖରାପ ହେଲା । ନେହେରୁ ବଡ଼ ବ୍ୟସ୍ତ ହୋଇ ପଡ଼ିଲେ । ତା'ର ସେବା ଶୁଶ୍ରୂଷା ମଧ୍ୟ କଲେ । ଏପରିକି, ରାତିରେ ଦଶ ବାରଥର ଉଠି ଛୁଆଟିର ଦେଖାଶୁଣା କରନ୍ତି । କିଛିଦିନ ପରେ କୁକୁର ଛୁଆଟି ସଂପୂର୍ଣ୍ଣ ଆରୋଗ୍ୟ ହୋଇଗଲା । ନିଜେ ସେବା କରି କୁକୁର ଛୁଆଟିକୁ ସୁସ୍ଥ କରି ପାରିଥିବାରୁ ନେହେରୁ ଖୁବ୍ ଆନନ୍ଦ ଅନୁଭବ କରିଥିଲେ ।

ପଣ୍ଡିତ ନେହେରୁ ଯେପରି ଉଦାରମନା ଥିଲେ, ତାଙ୍କର ହୃଦୟ ସେହିପରି ବିଶାଳ ଥିଲା । ଜୀବନରେ ଖୁବ୍ ବଡ଼ ମଣିଷ ହୋଇ ସୁଦ୍ଧା ସେ ପିଲାଙ୍କ ନିକଟରେ ପିଲାଙ୍କ ପରି ଏବଂ ବଡ଼ଙ୍କ ନିକଟରେ ବଡ଼ଙ୍କ ପରି ହୋଇ ପାରିଥିଲେ । ସୃଷ୍ଟି ତାଙ୍କ ନିକଟରେ ଥିଲା ଚିର ସୁନ୍ଦର, ଆନନ୍ଦମୟ । ଏହା ତାଙ୍କ ଚରିତ୍ରର ଅନ୍ୟତମ ବୈଶିଷ୍ଟ୍ୟ ରୂପେ ପ୍ରତିଭାତ ହୁଏ ।

( ପଣ୍ଡିତ ଜବାହରଲାଲ ନେହେରୁଙ୍କ ଆତ୍ମ ଜୀବନୀର 'ପ୍ରିଜନ୍ ଫ୍ରେଣ୍ଡ' ଛାୟାରେ ରଚିତ ।।)

ଘର ନଂ—୨୧
ଟାଇପ୍—ଇ
ୟୁନିଟ୍—୮, ଭୁବନେଶ୍ୱର—୧୨





୧୮୮୯ - ୧୯୬୪



୧୯୧୭ - ୧୯୮୪

# ସାର୍ଥକ ସ୍ୱପ୍ନ



## ସାବାସ୍ କୃପାସିନ୍ଧୁ

ବାପ ମା' ଛେଉଣ୍ଡ ପିଲାଟିଏ । ନାଆଁ ତାର କୃପାସିନ୍ଧୁ ପ୍ରଧାନ । ସତେ ଯେପରି ଦୟାର ସାଗର । ତାର ସାହସିକ କାମଟି ତା ନାମର ଯଥାର୍ଥତା ପ୍ରତିପାଦନ କରିପାରିଛି । ଅନୁଗୋଳ ସହରଠାରୁ ୨୫ କିଲୋମିଟର ଦୂରରେ ଅବସ୍ଥିତ ଗାଁ ରାଉତାଳ ତାରି ଘର । ସେଠାରେ ସେ ରହେ । ପ୍ରତିଦିନ ସାଙ୍ଗମାନଙ୍କ ସହ ଜଙ୍ଗଲକୁ ମଇଁଷି ଚରାଇ ନିଏ । ୧୫ ବର୍ଷ ବୟସର ପିଲା । ହେଲେ କ'ଣ କରିବ । ଯେମିତି ହେଲେ ପେଟ ପୋଷିବାକୁ ହେବ । ତା ପକ୍ଷରେ ଅନ୍ୟ ଉପାୟ କିଛି ନଥିଲା ।

ଦିନକର ଘଟଣା । ତା୫. ୨. ୧୯୮୮ ରିଖ । ସମୟ ପ୍ରାୟ ପୂର୍ବାହ୍ଣ ୧୧ ଘଟିକା । କୃପାସିନ୍ଧୁ ସାଥୀ ଅନନ୍ତ ପ୍ରଧାନ ଏବଂ ଶରତ ପ୍ରଧାନଙ୍କ ସହିତ ଶାଳଝାଡ଼ ଜଙ୍ଗଲ ମଧ୍ୟରେ ମଇଁଷି ଚରାଉଥାଏ । ଅନନ୍ତ ଓ ଶରତର ବୟସ ଯଥାକ୍ରମେ ୧୦ ଓ ୭ ବର୍ଷ । ଠିକ୍ ସେହି ସମୟରେ ଜଙ୍ଗଲ ମଧ୍ୟରୁ ହଠାତ୍ ଏକ ବାଘ କୁଆଡୁ ଆସି ସାଥୀ ଅନନ୍ତକୁ ଆକ୍ରମଣ କଲା । ଶରତ ପ୍ରାଣ ବିକଳରେ ଗୋଟିଏ ଗଛରେ ଚଢ଼ିଗଲା । ହେଲେ କୃପାସିନ୍ଧୁ କରେ କ'ଣ ? ସେ ହଠାତ୍ କୌଣସି ଉପାୟ ନପାଇ ଟାଙ୍ଗିଆ ସାହାଯ୍ୟରେ ବାଘକୁ ପ୍ରତି ଆକ୍ରମଣ କଲା । ଫଳରେ ବାଘ ଅନନ୍ତକୁ ଛାଡ଼ି କୃପାସିନ୍ଧୁକୁ ଆକ୍ରମଣ କଲା । କିଛି ସମୟ ଧରି ବାଘ ଓ କୃପାସିନ୍ଧୁଙ୍କ ମଧ୍ୟରେ ଲଢ଼େଇ ଚାଲିଲା, ଫଳରେ କୃପାସିନ୍ଧୁ ବାଘ ଦ୍ୱାରା ଖଣ୍ଡିଆ ଖାବରା ହେଲା । ସାଥୀମାନଙ୍କ ପାଟି ଶୁଣି କିଛି ଦୂରରେ ଅନ୍ୟ କାମରେ ବ୍ୟସ୍ତ ଲୋକମାନେ ଦୌଡ଼ିଲେ । ଲୋକମାନଙ୍କ ପାଟି ଶୁଣି ବାଘ ପଳାଇଗଲା । ସଙ୍ଗେସଙ୍ଗେ କ୍ଷତ ବିକ୍ଷତ ଅବସ୍ଥାରେ କୃପାସିନ୍ଧୁକୁ ଅନୁଗୋଳ ଡାକ୍ତରଖାନାକୁ ଅଣାଗଲା । ଚିକିତ୍ସିତ ହେବାରେ କୃପାସିନ୍ଧୁ ଭଲ ହୋଇ ତା୨୮. ୨. ୧୯୮୮ ରିଖରେ ଘରକୁ ଫେରିଗଲା । ହେଲେ ମୁହଁଟି ବଙ୍କା ହୋଇ ରହିଗଲା । କିନ୍ତୁ ବାପ ମା' ଛେଉଣ୍ଡ ପିଲାଟି ନିଜେ ପୋଷି ହେବାତ ଦୂରର କଥା ଟଙ୍କା ବା ପାଇବ କେଉଁଠୁ । ସରକାରୀ ସାହାଯ୍ୟ ପାଇବା ପାଇଁ ସେ ଅପେକ୍ଷାରତ । ହେଲେ ତାର ସାହସିକତା ପାଇଁ ସାଥୀ ଅନନ୍ତ ବଞ୍ଚିଗଲା ।

ଶ୍ରୀ ଜୟକୃଷ୍ଣ ସାହୁ,
ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ ।



# ନୂଆ ସକାଳ...ନୂଆ ଜୀବନ

କେନ୍ଦୁଝର ଜିଲ୍ଲାର ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ 'ପାଣ୍ଡପୋଖରିଆ' ଗୋଟିଏ ଗାଁ, ଯେଉଁଠି ମହାନ୍ତ, ଗିରି, ଆଦିବାସୀ ଓ ହରିଜନ ସମେତ ପ୍ରାୟ ୧୨୦ଟି ପରିବାର ବାସ କରନ୍ତି । ଏହି ଗାଁର ରାମ ନାୟକ ଜଣେ ଆଦିବାସୀ ଲୋକ । ବୟସ ପ୍ରାୟ ୫୦ ବର୍ଷ । ପରିବାର କହିଲେ ସ୍ତ୍ରୀ, ସ୍ୱ ଓ ଦୁଇ ଝିଅ । ଜମି ବାଡ଼ି ମୋଟେ ନାହିଁ । ସମ୍ପତ୍ତି କେବଳ ଦୁଇ ବଖରା ଘର, ତାହା ପୁଣି ଝାଟି ମାଟିରେ । ଅଭାବ ଅନାଟନ ମଧ୍ୟରେ ମଜୁରି ଲାଗି ଦିନ କଟାନ୍ତି ।

ବୟସ ବଢ଼ିବାରୁ ବୁଢ଼ା ଆଉ ପରର କାମଧନ୍ଦା କରି ପାରିଲେ ନାହିଁ । ବୁଢ଼ା ବୁଢ଼ି ଚିନ୍ତା କଲେ ଯେ, ଯଦି ବଡ଼ ଝିଅକୁ ବାହା ଦେଇ ଜ୍ୱାଇଁକୁ ଘର ଜ୍ୱାଇଁଆ କରନ୍ତେ ତାହା ହେଲେ ତାହାର ଉପାର୍ଜନରେ ଅବଶ୍ୟ ଚଳି ହୁଅନ୍ତା ଏବଂ ଦୁଃଖ କେତେକାଂଶରେ ଲାଘବ ହୁଅନ୍ତା । ବଡ଼ ଝିଅର ବୟସ ମଧ୍ୟ ହୋଇ ଯାଇଥିଲା । ତେଣୁ ଏକା ବେଳକେ ଦୁଇଟି କଥା ହୋଇ ପାରିବ ବୋଲି ମନେମନେ ଆନନ୍ଦ ହେଲେ । ବଡ଼ ଝିଅକୁ ବିରଞ୍ଚିଲାଲ୍ ନାମରେ ଜଣେ ଯୁବକକୁ ବାହା ଦେଇ ଘର ଜ୍ୱାଇଁଆ କରି ରଖିଲେ ।

କଥାରେ କହନ୍ତି ''ଭଗବାନ ଯାହା କରନ୍ତି ପ୍ରାଣୀର ମଙ୍ଗଳ ପାଇଁ'' । ଇତି ମଧ୍ୟରେ ରାମ ନାୟକ ଜୀବନରେ ଆସିଲା ନୂଆ ସକାଳ । ସେ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଚମ୍ପୁଆଙ୍କ ଦୃଷ୍ଟିରେ ପଡ଼ିଲା । ପୂର୍ବରୁ ତ ରାମ ନାୟକ କିଛି ରଖି ପାଳିବ ବୋଲି ଭାବୁଥିଲା । କାରଣ ତାର ଘର ପାଖରେ ଜଣେ ମେଣ୍ଢା ରଖି ଖୁବ୍ ଦିʼପଇସା କମାଉଥିଲା । ନିଜ ହାତରେ ପଇସା ନଥିବାରୁ ତାହା ସେ କରି ପାରୁନଥିଲା । ସେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ମନର କଥା କହିଲା । ସେ ତାହାର ମନର କଥା ଓ ଆର୍ଥିକ ଅବସ୍ଥା ଦେଖି ତାହାକୁ ଆଇ.ଆର୍.ଡ଼ି.ପି. ଯୋଜନାରେ ଅନ୍ତର୍ଭୁକ୍ତ କରାଇଲେ ଏବଂ ତାର ଦରଖାସ୍ତଟିକୁ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ଚମ୍ପୁଆ ଶାଖାକୁ ସୁପାରିଶ କଲେ । ବ୍ୟାଙ୍କ୍ ଅଫ୍ ଇଣ୍ଡିଆରୁ ତାଙ୍କୁ ୧,୭୬୨ ଟଙ୍କା ମିଳିଲା ଏବଂ ସେହି ଟଙ୍କାରେ ସେ ଗୋଟିଏ ମେଣ୍ଢା ସମେତ ୧୧ଟି ମେଣ୍ଢି କିଣିଲେ । ସେତେବେଳେ ରାମ ନାୟକର ଆନନ୍ଦ ଦେଖେ କିଏ ?

ସକାଳୁ ସଞ୍ଜ ସେହି ମେଣ୍ଢା ଜଗା ରଖାରେ ଲାଗିଯାଏ । ମନେମନେ ସରକାରଙ୍କ କାର୍ଯ୍ୟକ୍ରମକୁ ତାରିଫ କରେ । ପିଲା ଛୁଆ ତଥା ନିଜର ଯତ୍ନ ଫଳରେ ମେଣ୍ଢାଗୁଡ଼ିକର ସଂଖ୍ୟା ଆପେଆପେ ବଢ଼ିବାକୁ ଲାଗିଲା । ସେଥିରୁ ୨୫ଟି ମେଣ୍ଢା ବିକ୍ରି କରି ୩ବର୍ଷ ମଧ୍ୟରେ ସରକାରଙ୍କ ଋଣ ସୁଝି ଦେଲା ।

ଏହା ମଧ୍ୟରେ ସେ ନିଜର ଘର କରଣା ଅନେକ ଜିନିଷ କରି ପାରିଛନ୍ତି । ମେଣ୍ଢାର ସଂଖ୍ୟା ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ଯେ ନିଜ ପାଇଁ ଖଣ୍ଡେ ଧୋତି କରି ପାରୁନଥିଲା, ସେ ପରିବାର ପାଇଁ ଆଜି ସମସ୍ତ ଲୁଗାପଟା ଚମ୍ପୁଆ ହାଟରୁ କିଣି ପାରୁଛି । ସାନ ଝିଅ ପାଇଁ ଏହା ମଧ୍ୟରେ କେତେ ଖଣ୍ଡ ଗହଣା କରି ସାରିଲାଣି ଏବଂ ତାର ବାହାଘର ପାଇଁ କିଛି ପଇସା ସଞ୍ଚୟ କରି ସାରିଲାଣି । ଦୁଇ ବଖରା ଖପର ଘର ଆନୁମାନିକ ୪ ହଜାର ଟଙ୍କାର ସମେତ ଏକ ବଡ଼ ଗୁହାଳ ମେଣ୍ଢା ରଖିବା ପାଇଁ କରିଛି ।

ଏବେ ନିଜର ପରିବାର ସହିତ ବେଶ୍ ହସ ଖୁସିରେ ଅଛି । ପୂର୍ବ ଅପେକ୍ଷା ତାର ଆର୍ଥିକ ଅନାଟନ ବହୁ ଭାବରେ ବଦଳିଛି । ଏବେ ରାମ ନାୟକକୁ ପଚାରିଲେ ସେ କହନ୍ତି ସରକାରଙ୍କ ଯୋଜନା ମାଧ୍ୟମରେ ସେ ଆଜି ନିଜ ଗୋଡ଼ରେ ନିଜେ ଠିଆ ହୋଇ ପାରିଛି ଓ ଗଣ୍ଡେ ଖାଇ ଖଣ୍ଡେ ପିନ୍ଧି ସେ ନିଜକୁ ଓ ନିଜ ପରିବାରକୁ ସୁଖୀ କରି ପାରିଛି ।

ଶ୍ରୀ ରବୀନ୍ଦ୍ର କୁମାର ନାୟକ,
ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ,
ଚମ୍ପୁଆ, କେଉଁଝର ।

# ଚନ୍ଦ୍ରମଣି ଜୀବନରେ ଚନ୍ଦ୍ରଉଦିଆ

ଏଇ ଆମ ଭାରତ ବର୍ଷ । ପଲ୍ଲୀମାଳିନୀ ଶସ୍ୟ-ଶ୍ୟାମଳିନୀ, ସୁଜଳା ସୁଫଳା କୃଷିର ରାଷ୍ଟ୍ର । ପଲ୍ଲୀର ସୁଖୀ ମନ ସରାଗେ ବସୁନ୍ଧରା ସହ ସୁଖ ଦୁଃଖେ ଲାଗି ପଡ଼ିଥାନ୍ତି । ଏଇ ମାଟିର ସନ୍ତାନ ଲୋକ ପେଟରେ ହେଉ କିମ୍ବା ଦୁର୍ଦ୍ଦିନ ସମୟେ ହେଉ ଏ ସବୁକୁ ଚିନ୍ତା ନ କରି ଧାନ କ୍ଷେତରେ, ଗୋ-ଗୋଷ୍ଠରେ ଲଗାଇ ଦିଏ ଗୀତ ''ରାମ ଯେ ଲକ୍ଷଣ ହୋ, ଗଲେ ମୃଗ ମାରି, ହଅ...କି...କି...କି ।'' ସେହି ସୁଖୀ ଓ ଗୌଡ଼ ପଲ୍ଲୀ କୁଟୁରେ, ପଲ୍ଲୀ ଜୀବନରେ ଆନନ୍ଦ ପାଏ । ସେ ଜାଣେ ଗୋ-ଗୋଷ୍ଠ ତାର ନୁହେଁ, ଶଗଡ଼ ହଳ ତାର ନୁହେଁ, ଧାନ ଢ଼ୁଆର ଫଳ ମଧ୍ୟ ତାଙ୍କୁ ମିଳିବନି, ତଥାପି ତାର ଦୁଃଖ ନାହିଁ । ବୁଭୁକ୍ଷା ଭିତରେ ହସି ପାରିବାର ଉଦାହରଣ ଆମ ପଲ୍ଲୀରେ ବିରଳ ନୁହେଁ ।

ଅର୍ଥାଟନ ଓ ପେଟ ପୁରା ଖାଇବାକୁ ନ ମିଳିଲେ କେତେ ଦିନ ବା କଷ୍ଟ ସ୍ୱୀକାର ପୂର୍ବକ ପଢ଼ା ଚାଲିବ । ଏଣୁ ପ୍ରାକ୍ ବିଶ୍ୱବିଦ୍ୟାଳୟ ବିଜ୍ଞାନ ଶିକ୍ଷା ଅଧାରେ ଅଟକି ଗଲା । ଗ୍ରାମ୍ୟ ଜୀବନରୁ ଦାରିଦ୍ର୍ୟ ଜୀବନ ହିଁ ତା ନିମନ୍ତେ ଅଭିଶପ୍ତ ହୋଇ ଉଠିଲା । ଏଣୁ ଚନ୍ଦ୍ରମଣି ଗୌଡ଼ ନିଜର ୫୫ ବର୍ଷ ବୟସ୍କ ବାପା ସୋମନାଥ ଗୌଡ଼, ମାଆ ଓ ଦୁଇ ଭଉଣୀ, ଗୋଟିଏ ଛୋଟ ଭାଇର ବୁଭୁକ୍ଷୁ ଜୀବନ ସହ କୋଦଳା ବ୍ଲକ୍‌ର ସୁମଣ୍ଡଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭାଲିଆଝର ଗ୍ରାମରେ ବଣଫୁଲ ପରି ମଉଳି ଯିବାକୁ ବସିଲା । କିନ୍ତୁ ପ୍ରଗତିଶୀଳ ଓ ଅଭ୍ୟୁତ୍ଥାନମୂଳକ ବିଂଶସୂତ୍ରୀ କାର୍ଯ୍ୟକ୍ରମ ସ୍ୱାଧୀନ ଭାରତରେ ବିଜୟ ଘୋଷ ସଦୃଶ ଦୂରଦୂରାନ୍ତ ପଲ୍ଲୀ କୋଳରେ ଶୁଣାଇ ଦେଲା ୧୯୮୦-୮୧ ରେ । ମେଧାବୀ ଛାତ୍ର ବୃତ୍ତି ପାଉଥିବା, ବିଜ୍ଞାନ ଛାତ୍ର ଚନ୍ଦ୍ରମଣି ଗୌଡ଼ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଚଳଚିତ୍ର ପ୍ରଦର୍ଶନ ବେଳେ ଏହି ବିଂଶସୂତ୍ରୀ କାର୍ଯ୍ୟକ୍ରମର ''ସମନ୍ୱିତ ଗ୍ରାମ୍ୟ ବିକାଶ ଯୋଜନା'' (ଆଇ.ଆର୍.ଡ଼ି.ପି.), ଦରିଦ୍ରତମ ପରିବାରକୁ ଅର୍ଥନୈତିକ ସ୍ତରରେ ଥଇଥାନ ଯୋଜନା (ଇ.ଆର୍.ଆର୍.ପି.) ଉପରେ ଶୁଣିବା ପରେ, ନିଜର ଭବିଷ୍ୟତ ଗଠନ ନିମନ୍ତେ ସରକାରୀ ଦ୍ୱାର ଉନ୍ମୁକ୍ତ ଥିବା ଜାଣି କୋଦଳା ବ୍ଲକ୍‌ର ବି.ଡ଼ି.ଓ.ଙ୍କ ସହାୟତା ପାଇଁ ଗଲେ । ନିଜର ୩ ଏକର ସ୍ୱର୍ଗ ଅଶ୍ରୁ ଅଣଜଳସେଚିତ ଜମି ଉପରେ ପିତାଙ୍କର ଭାଗ୍ୟ ନିର୍ଦ୍ଧାରଣ ସହ ନିଜର ଉଜ୍ଜ୍ୱଳ ଭବିଷ୍ୟତ ନିମନ୍ତେ ଗୌଡ଼ ବଂଶାନୁକ୍ରମିକ ଦୁଗ୍ଧ ଉତ୍ପାଦନକାରୀ ଗୋପାଳନ ଯୋଜନାରେ ସ୍ୱାବଲମ୍ବନଶୀଳ ହେବାକୁ ସ୍ଥିର କରି ଚନ୍ଦ୍ରମଣି ଆଇ.ଆର୍.ଡ଼ି.ପି. ଦ୍ୱାରା ଦୋରଙ୍ଗୀ ମଇଁଷି ପାଇବାକୁ ଦରଖାସ୍ତ କରିଲେ ୧୯୮୨ରେ । କୋଦଳା ବ୍ଲକ୍ ଅଧିକାରୀଙ୍କ ସୁପାରିଶ କ୍ରମେ ୬ ହଜାର ଟଙ୍କାର ଋଣ ସହାୟତା ଯୋଜନା ମଞ୍ଜୁର ହେଲା । ବେଗୁନିଆପଡ଼ାସ୍ଥିତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ୍ ମାଧ୍ୟମରେ ପ୍ରଥମ କିସ୍ତିରେ ୩ ହଜାର ଟଙ୍କା ମୂଲ୍ୟରେ ଦୁଧିଆଳୀ ଦୋରଙ୍ଗୀ ମଇଁଷିଟିଏ ପ୍ରଥମେ ଯୋଗାଇ ଦିଆଗଲା । ଏହାର ୫ ଲିଟର କ୍ଷୀର ପ୍ରଥମେ ପ୍ରଥମେ ଚନ୍ଦ୍ରମଣି ହୋଟେଲରେ ବିକ୍ରି କରିଲେ । ଏହି ମଇଁଷି ପାଇବାର ୬ ମାସ ମଧ୍ୟରେ ଦ୍ୱିତୀୟ ଦୋରଙ୍ଗୀ (ହୋଏ ବ୍ରିଡ଼ିଙ୍ଗ୍) ଦୁଧିଆଳୀ ମଇଁଷି ୩ ହଜାର ଟଙ୍କା ମୂଲ୍ୟରେ କିଣି ଯୋଗାଇ ଦିଆଗଲା । ଏହି ୬ ହଜାର ଟଙ୍କା ଋଣ ସହାୟତା ମଧ୍ୟରୁ ଚନ୍ଦ୍ରମଣି ଗୌଡ଼ଙ୍କୁ ୨ ହଜାର ଟଙ୍କା ରିହାତି ମିଳିଲା । ମାସିକ କିସ୍ତିରେ କ୍ରମଶଃ ଋଣ ପରିଶୋଧ ବ୍ୟାଙ୍କ୍‌ରେ କରିବାକୁ ଲାଗିଲେ ଓ ୧୯୮୬ ବେଳକୁ ଚନ୍ଦ୍ରମଣି ସମ୍ପୂର୍ଣ୍ଣ ଋଣମୁକ୍ତ ହୋଇ ପାରିଲେ ।

ଇତି ମଧ୍ୟରେ ଚନ୍ଦ୍ରମଣିର, ଉଜ୍ଜ୍ୱଳ ଓ ସ୍ୱଚ୍ଛଳ କାରବାର ଦେଖି ସୁମଣ୍ଡଳର ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖା ସେପ୍ଟେମ୍ବର, ୧୯୮୨ରେ ୧୫ ଶହ ଟଙ୍କାର ଋଣ ସହାୟତା ମଧ୍ୟ ଯୋଗାଇ ଦେଇଥିଲେ । ଏହି ଟଙ୍କାରେ ମଧ୍ୟ ସେ ଅନ୍ୟ ଏକ ଦୁଧିଆଳୀ ମଇଁଷି କିଣି ଦେଇଥିଲେ । ବର୍ତ୍ତମାନ ଏହି ସଦ୍‌ଦ୍ୱାରା ଦୈନିକ ୧୫ ଲିଟର ଯାଏଁ କ୍ଷୀର ବିକ୍ରି ହୁଏ । ଋଣ ଧନ ମଧ୍ୟ ସେ ପରିଶୋଧ କରି ଦେଇଛନ୍ତି ।

ଚନ୍ଦ୍ରମଣିଙ୍କ ଭାଷାରେ ଗୋଡ଼ି ଘରେ କ୍ଷୀର ବନ୍ୟା ଭାଗ୍ୟରେଖା ବଦଳାଇ ଦିଏ । ଯଦ୍ବାରା ନିଜ ବାପାଙ୍କର ଅଣଜଳସେଚିତ ୩ ଏକର ଜମିର ଧାନ ୧୯୮୪ ଓ ୧୯୮୭ ମରୁଡ଼ିରେ ବିକଟାଳ ସମସ୍ୟା ସୃଷ୍ଟି କରିଥିଲେ ମଧ୍ୟ ଚନ୍ଦ୍ରମଣିଙ୍କ ଶିକ୍ଷିତ ଆତ୍ମନିର୍ଭରଶୀଳ ଏହି ଆଇ.ଆର୍.ଡ଼ି.ପି. ଯୋଜନା ଅଦୈ ଭୋକରେ ରହିବାକୁ କିମ୍ବା ଦାଦନ ଶ୍ରମିକ ହୋଇ ବାହାରକୁ ଯିବାକୁ ଦେଇ ନଥିଲା ।

ଇତି ମଧ୍ୟରେ ନିଜ ଘରର ସ୍ୱଚ୍ଛଳତା ବୃଦ୍ଧି ସଙ୍ଗେସଙ୍ଗେ ସମାଜରେ, ଜାତିରେ ଆତ୍ମସମ୍ମାନ ବୃଦ୍ଧି ପାଉଥିବା ପ୍ରକାଶ କରିଲେ । ମରୁଡ଼ି ସହ ୧୯୮୪ରେ ଘରପୋଡ଼ି ଦ୍ୱାରା ନିଜର ପିତୃପୁରୁଷର ଛପର ଘରଟିକୁ ହରାଇବାକୁ ପଡ଼ିଥିଲା । କିନ୍ତୁ ଚନ୍ଦ୍ରମଣିଙ୍କର ଆଇ.ଆର୍.ଡ଼ି.ପି. ସହାୟତା ଯୋଜନା ସେମାନଙ୍କୁ ବେଘର କରାଇ ନ ଦେଇ ଏକ ସୁନ୍ଦର ସିମେଣ୍ଟ ଚଦର ଘର କରିବାକୁ ସକ୍ଷମ କରି ପାରିଥିଲା । କ୍ଷୀର ବିକ୍ରୀ ସହ ଏ ମଧ୍ୟରେ ଚନ୍ଦ୍ରମଣି ନିଜର ବାର୍ଷିକ ଆୟ ବୃଦ୍ଧି ଉପରେ ସନ୍ତୋଷଜନକ ଟିପ୍ପଣୀ ଦେବାକୁ ଯାଇ କହିଲେ ଯେ, ଖର୍ଚ୍ଚ ବାଦେ ମାସିକ ପ୍ରାୟ ୫୦୦ ଟଙ୍କା ଯାଏଁ କ୍ଷୀର ବିକ୍ରୀରେ ମିଳିଛି । ବର୍ତ୍ତମାନ ସୁଦ୍ଧା ବାର୍ଷିକ ୩ ହଜାରରୁ ୪ ହଜାର ଟଙ୍କା ଯାଏଁ ଲାଭାଂଶ ପାଉଛନ୍ତି ।

ଚନ୍ଦ୍ରମଣି ପ୍ରଥମ ଦୁଧିଆଳୀ ମଇଁଷୀର ଛୁଆଟିକୁ ୭୫୦ ଟଙ୍କାରେ ପୋଢ଼ ଭାବେ ବିକ୍ରୀ କରିଛନ୍ତି ୧୯୮୩ ଶେଷ ବେଳକୁ । ୧୯୮୪ରେ ଦ୍ୱିତୀୟ କିସ୍ତି ମଇଁଷୀର ଓ ବ୍ୟାଙ୍କ୍ ଋଣ ଜନିତ ଅନ୍ୟ ମଇଁଷୀର ୨ଟି ଛୁଆକୁ ପୋଢ଼ ହଳ କରି ୧,୬୦୦ଟଙ୍କାରେ ବିକ୍ରୀ କରିଛନ୍ତି । ପୁଣି ୧୯୮୫ରେ ଆଉ ହଳେ ଛୁଆକୁ ପୋଢ଼ କରି ବିକ୍ରୀ କରିବାରେ ୨,୫୦୦ ଟଙ୍କା ପାଇଥିଲେ ।

ଗୁରି ଭଉଣୀଙ୍କ ମଧ୍ୟରୁ ତିନି ଭଉଣୀଙ୍କର ବିବାହ ଏ ବ୍ୟବସାୟ ଲାଭରେ କରି ପାରିଛନ୍ତି । ସାନ ଭଉଣୀଟିକୁ ୭ମ ଯାଏଁ ପଢ଼ାଇଲେଣି । ୧୯୮୪ର ଘରପୋଡ଼ି ବାବଦକୁ ୫୦୦ ଟଙ୍କା ସରକାରୀ ସାହାଯ୍ୟ ମିଳିଥିଲେ ମଧ୍ୟ ଘରର ସମସ୍ତ ଆସବାବ ସାମଗ୍ରୀ, ଉପକରଣ ଜଳି ଯାଇଥିବାରୁ ଏହି ଅର୍ଥ ଯଥେଷ୍ଟ ହୋଇ ନଥିଲା । ଏଣୁ ମଇଁଷୀ କ୍ଷୀର ଓ ପାଳନ ଜନିତ ଅର୍ଥରେ ଆଲ୍‌ବେଷ୍ଟସ୍ ଘର କରି ସମସ୍ତ ଗୃହ ଉପକରଣ କରି ପାରିଲେ ।

ଛୋଟ ଭାଇଟିକୁ ଶିକ୍ଷା ଦାନ ନିମନ୍ତେ ଆପ୍ରାଣ ଚେଷ୍ଟା କରିଲେ । କିନ୍ତୁ ସେ ପାଠ ପଢ଼ା ପ୍ରତି ଆଗ୍ରହୀ ନହେବାରୁ ନିଜର ଏହି ବ୍ୟବସାୟ ସହ ଅନ୍ୟ ଧନ୍ଦାରେ ନିଯୁକ୍ତି କରିବାକୁ ସକ୍ଷମ ହୋଇଛନ୍ତି । ଚନ୍ଦ୍ରମଣି ଶିକ୍ଷାପ୍ରେମୀ, ମେଧାବୀ ଛାତ୍ର ଥିଲା । ଏଣୁ ଏ ଅଞ୍ଚଳ ନିମନ୍ତେ ଖବର କାଗଜର ପ୍ରତିନିଧି ଭାବେ ଦୈନିକ କାଗଜ ଯଥାକ୍ରମେ–ସମାଜ, ସମ୍ବାଦ, ପ୍ରଜାତନ୍ତ୍ର, ପ୍ରଗତିବାଦୀ ପ୍ରାୟ ପ୍ରତିଦିନ ୧୦୦ ଖଣ୍ଡ ଆଣି ବଣ୍ଟନ କରୁଛନ୍ତି । ଅନ୍ୟାନ୍ୟ ମାସିକ ଓ ସାପ୍ତାହିକ ମାଗାଜିନ୍ ୧୦୦ ଖଣ୍ଡ ବଣ୍ଟନ କରୁଛନ୍ତି ।ଏ କାମରେ ନିଜ ଭାଇକୁ ଲଗାଇ ମାସିକ ପ୍ରାୟ ୩୦୦ ଟଙ୍କା ଯାଏଁ ପାଉଛନ୍ତି । ଆର୍ଥିକ ସ୍ୱଚ୍ଛଳତା ବଢ଼ିବା ନିମନ୍ତେ ଆଇ.ଆର୍.ଡ଼ି.ପି. ଦୁଧିଆଳୀ ମଇଷୀ ପାଳନ ଯୋଜନା ଯଥେଷ୍ଟ ସହାୟକ ହୋଇ ପାରିଛି । ଆର୍ଥିକ ମାନଦଣ୍ଡର ବିକାଶ ସଙ୍ଗେସଙ୍ଗେ ନୂତନ ପ୍ରତିଭାର ବିକାଶ ଘଟି ପାରୁଛି । ଅଞ୍ଚଳର ପଲ୍ଲୀବାସୀ ଆଜି ଚନ୍ଦ୍ରମଣିର ଜୀବନ ବିକାଶ ଉପରେ ଆଶ୍ଚର୍ଯ୍ୟ ହେବା ସହ ଆତ୍ମସନ୍ତୋଷ ଲାଭକରି ପାରୁଛନ୍ତି । ସମସ୍ତଙ୍କର ସହାୟତା ଦିଗରେ ଚନ୍ଦ୍ରମଣି ନିଜକୁ ଉତ୍ସର୍ଗ କରି ପାରୁଥିବା ପ୍ରକାଶ । କୋଦଳା ବ୍ଲକ୍‌ର ଏ ଅଞ୍ଚଳର ୧୦ ଖଣ୍ଡ ଗ୍ରାମ ପଞ୍ଚାୟତ ମଧ୍ୟରେ ସେ ହେଉଛନ୍ତି ପ୍ରଥମ ଆଇ.ଆର୍.ଡ଼ି.ପି. ହିତାଧିକାରୀ । ଜୈବିକ ବାଷ୍ପ ଚୁଲା ୩ କ୍ୟୁବିକ୍‌ର ସ୍ଥାପନା ନିଜ ଘରେ କରି ଜାଳେଣି ଓ ଆଲୋକ ସମସ୍ୟାର ସମାଧାନ କରି ପାରିଛନ୍ତି । ୨୯ ବର୍ଷ ବୟସ୍କ ଚନ୍ଦ୍ରମଣି ବିଳମ୍ବିତ ବିବାହ ଜୀବନକୁ ପସନ୍ଦ କରି ଏଯାଏଁ ବାହା ହୋଇ ନାହାନ୍ତି । ଏକ ଶିକ୍ଷିତ ସହଧର୍ମିଣୀ ବିନା ଯୌତୁକରେ ବିବାହ କରିବାକୁ ଏବେ ମନସ୍ଥ କରିଛନ୍ତି । ଭାରତ ସ୍ୱାଧୀନତା ପାଇବାର ୪୦ ବର୍ଷ ପୂର୍ତ୍ତିରେ ଚନ୍ଦ୍ରମଣି ଅର୍ଥନୈତିକ, ସାମାଜିକ ତଥା ମାନସିକ ସ୍ତରରେ ପୂର୍ଣ୍ଣ ସ୍ୱାଧୀନତା ପାଇ ପାରିଛନ୍ତି ।

## କ୍ଷେତ ହସିଲା...ହସ ଫୁଟିଲା

ଗଞ୍ଜାମ ଜିଲ୍ଲାର ଦିଗପହଣ୍ଡି ବ୍ଲକ୍ ଅନ୍ତର୍ଗତ ଭ୍ରମରପୁର ଗ୍ରାମପଞ୍ଚାୟତର ଦେ଼ପାପେଣ୍ଡ ଗ୍ରାମରେ ୪୫୦ ଜଣ କୃଷକ ବର୍ଷାଜଳ ଉପରେ ନିର୍ଭର କରି କୃଷି କରି ଆବାହମାନ କାଳରୁ ଚଳି ଆସୁଥିଲେ । ଯେଉଁବର୍ଷ ବର୍ଷା ନ ହୋଇ ବ୍ୟତିକ୍ରମ ଘଟେ ସେହି ବର୍ଷ ଫସଲ ପାଇ ନପାରି ହତାଶ ହୋଇ ପଡ଼ୁଥିଲେ । ୧୯୮୭ର ମରୁଡ଼ିରେ ଗଞ୍ଜାମ ଜିଲ୍ଲା କ୍ଷତିଗ୍ରସ୍ତ ହେବା ଅବସରରେ ଏ ଅଞ୍ଚଳବାସୀ ବିଶେଷଭାବେ ଶ୍ରୀହୀନ ହୋଇ ପଡ଼ିଥିଲେ । ଗ୍ରାମର ୫ ଜଣଙ୍କର ସେଚକୂପ ଥିଲା କିନ୍ତୁ ମନୁଷ୍ୟବଳରେ ଜଳସେଚନ ସମ୍ଭବ ହୋଇ ପାରିଲା ନାହିଁ । ଏଣୁ ଏହି ଗ୍ରାମର ୩୦ଟି ପରିବାର ମଧ୍ୟରୁ ୫ଜଣ ନାମମାତ୍ର କୃଷକ ବିଦ୍ୟୁତ ଚାଳିତ ସେଚକୂପ କରିବା ପାଇଁ ସ୍ଥିର କରିଲେ । ଭ୍ରମରପୁର ଗ୍ରାମପଞ୍ଚାୟତ ମଣ୍ଡଳର ଏହି ଗ୍ରାମର ପଶ୍ଚିମପଟର ଜମି ମାଲିକ ଛଡା ୧୧ଜଣ ନାମମାତ୍ର କୃଷକ ବିଦ୍ୟୁତ ଚାଳିତ ସେଚକୂପ ବସାଇବାକୁ ମଧ୍ୟ ସ୍ଥିର କରିଥିଲେ । ସମୁଦାୟ ୧୭ଟି ବିଦ୍ୟୁତଚାଳିତ ଉଠାଜଳସେଚନ ସେଚକୂପ ଏ ଅଞ୍ଚଳରେ କରିବାକୁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଛତ୍ରପୁରକୁ ଆବେଦନ କରିଥିଲେ । ଯଦ୍ବାରା ଋଷିକୁଲ୍ୟା ଗ୍ରାମ୍ୟ ବ୍ୟାଙ୍କର ଖାରିଆଗୁଡା ଶାଖା ମାଧ୍ୟମରେ ଅର୍ଥଲଗାଣ ପାଇଁ ଗଞ୍ଜାମ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଛତ୍ରପୁର ସବ୍‌ସିଡ଼ି ଏହି ବ୍ୟାଙ୍କକୁ ପ୍ରଦାନ କରିଲା । ଜାନୁୟାରୀ, ୧୬ ତାରିଖ, ୧୯୮୮ରେ ଏହି ଋଣ ମଞ୍ଜୁର ହେଲା ଓ ଜାନୁୟାରୀ, ୧୮ ତାରିଖ, ୧୯୮୮ରେ ଋଣ ଉଠାଇବା ନିମନ୍ତେ ପଦକ୍ଷେପ ନିଆଗଲା । ୩ ଏଚ୍.ପି. ପମ୍ପସେଟ୍ ଯୋଗାଇବା ସହ ପାଇପ୍ ଯୋଗାଇବା ଓ ବିଦ୍ୟୁତ୍ ସଂଯୋଗ କରିବାକୁ ଏଗ୍ରୋ ଇଣ୍ଡଷ୍ଟ୍ରି କର୍ପୋରେସନ୍, ବ୍ରହ୍ମପୁର ଶାଖା ପ୍ରତ୍ୟେକଙ୍କର ଋଣ ସହାୟତା ଅର୍ଥରୁ ୯,୪୩୨ ଟଙ୍କା ଋଷିକୁଲ୍ୟା ଗ୍ରାମ୍ୟ ବ୍ୟାଙ୍କ, ଖାରିଆଗୁଡା ଶାଖା ମାଧ୍ୟମରେ ପାଇଲେ । ପମ୍ପ ହାଉସ୍ ତିଆରି କରିବା ନିମନ୍ତେ ପ୍ରତ୍ୟେକ ହିତାଧିକାରୀ କୃଷକଙ୍କୁ ୩,୫୦୦ ଟଙ୍କାର ଋଣ ସହାୟତା ଯୋଗାଇ ଦିଆ ଯାଇଥିଲା । ସମୁଦାୟ ୧୩,୪୨୩ ଟଙ୍କା ଲେଖାଏଁ ପ୍ରତ୍ୟେକ ବିଦ୍ୟୁତ ଚାଳିତ ପମ୍ପସେଟ୍ ସ୍ଥାପନା କରିବାକୁ ଖର୍ଚ୍ଚ ହୋଇଥିବା ସ୍ଥଳେ ପ୍ରତ୍ୟେକ ନାମ ମାତ୍ର କୃଷକ ୪,୪୭୪ ଟଙ୍କା ଲେଖାଏଁ ରିହାତି ପାଇଲେ । ବଳକା ୮,୯୪୯ ଟଙ୍କାର ଋଣ ଦୀର୍ଘମିଆଦୀ ସୁଧ ହାରରେ ପରିଶୋଧ କରିବେ । ସୁଧର ପରିମାଣ ଶତକଡା ୧୦ ଟଙ୍କା । ବାସ୍ତବରେ ନାମମାତ୍ର କୃଷକ ଶତକଡା ୩୩ ଭାଗ ରିହାତି ପାଇ ଅକ୍ଳେଶରେ ଫସଲ ଜମି ପାଇଁ ବିଦ୍ୟୁତଚାଳିତ ସେଚକୂପ ସ୍ଥାପନା କରି ପାରିଲେ । ପୂର୍ବରୁ ସରକାରୀ ଉଠାଜଳସେଚନ ପଏଣ୍ଟ ଦ୍ୱାରା ବାହୁଦା ନଦୀରୁ ଜଳ ଉଠାଇ ଏହି ଗ୍ରାମର ୫୦ ଏକର ଜମିକୁ ଜଳସେଚନର ସୁବିଧା ଯୋଗାଇ ଦିଆଯାଇଥିଲା । ବର୍ତ୍ତମାନ ଏ ଅଞ୍ଚଳରେ ୯୦ ଏକର ଯାଏଁ ଜମି ବର୍ଷସାରା ଜଳସେଚନର ସୁବିଧା ପାଇବ । ବର୍ଷକରେ ୨ ରୁ ୩ଟି ଯାଏଁ ଫସଲ, ପନିପରିବା ଉତ୍ପାଦନ ହେବ । ବର୍ଷା ବିହୁନେ ଫସଲ ନଷ୍ଟ ନହୋଇ ସୁଜଳା-ସୁଫଳା ଶସ୍ୟ ଶ୍ୟାମଳିମା ଭରାକ୍ଷେତ ଏ ଅଞ୍ଚଳର କୃଷକମାନେ ଚିରଦିନ ପାଇଁ ଉପକୃତ ହୋଇ ପାରିଛନ୍ତି । ଓଡ଼ିଶା ସରକାରଙ୍କର ଘୋଷିତ ଜଳସେଚନର ବର୍ଷ ଭାବରେ ଚଳିତ ଓ ଆସନ୍ତା ଆର୍ଥିକ ବର୍ଷ ମଧ୍ୟରେ ଯେଉଁ କେତୋଟି ଜଳସେଚନ ପ୍ରକଳ୍ପ ସୃଷ୍ଟି ହେବାକୁ ଯାଉଛି । ସେ ମଧରେ ଏ ଭ୍ରମରପୁର ଗ୍ରାମପଞ୍ଚାୟତର ଶ୍ରେଣୀ ଟିକରପଡା ଅଞ୍ଚଳର ବିଦ୍ୟୁତଚାଳିତ ଉଠାଜଳସେଚନ ପମ୍ପସେଟ୍ ଅନ୍ୟତମ ।

ବେପାପେଣ ଗ୍ରାମର ୫ ଜଣ ନାମମାତ୍ର ଚାଷୀ ନିଜ ଜମି ନିମନ୍ତେ ଦ୍ୟୁତ୍ ଚାଳିତ ସେଚକୂପ ପ୍ରତିଷ୍ଠା କରିଛନ୍ତି । ଏମାନଙ୍କ ମଧ୍ୟରେ ୩୫ ର୍ଷ ବୟସ୍କ ନାମମାତ୍ର ଚାଷୀ ଶ୍ରୀ ଗୋପୀନାଥ ସାହୁ ନିଜର ୨.୪୦ କର ଜମିରେ ଏ ଧରଣର ସେଚକୂପରେ ବିଦ୍ୟୁତ୍ ଚାଳିତ ପମ୍ପ ସେଟ୍ ବସାଇଛନ୍ତି । କେବଳ ଧାନ, ମୁଗ ଫସଲ ଆଦାୟ ହୁଏ । କିନ୍ତୁ ତ ବର୍ଷ ମରୁଡ଼ି ଯୋଗୁଁ ଧାନ ଫସଲ ପାଇ ନଥିଲେ । ବର୍ତ୍ତମାନ ବର୍ଷ ମାମ ବିଭିନ୍ନ ଧରଣର ପନିପରିବା କରିବାକୁ ପ୍ରସ୍ତୁତ ହୋଇ କାର୍ଯ୍ୟ ରିଛନ୍ତି । ରାଶି ସମୁଦାୟ ୨.୪୦ ଏକର ଜମିରେ ବୁଣିଛନ୍ତି । ଗତ ର୍ଷ ୨୨ଶହ ଟଙ୍କାର ରାଶି ବିକ୍ରୀ କରିଥିଲେ । କିନ୍ତୁ ଚଳିତ ବର୍ଷ ୫ ଜାର ଟଙ୍କାର ରାଶି ବଜାରରେ ବିକ୍ରୀ କରିପାରିବେ ବୋଲି ଆଶା ରିଛନ୍ତି । ବିଦ୍ୟୁତ୍ ଚାଳିତ ପମ୍ପ ସେଟ୍ ଦ୍ୱାରା ଜଳସେଚନ ବର୍ଷ ତମାମ ହଜି ଆରାମରେ ଫସଲ ଆଦାୟ କରିବାର ନମୁନା ହେଲା ଏହି ରାଶି ଫସଲର ଆଦାୟ ଓ ବିକ୍ରୀ । ନିଜେ ପରିବାର ଅସ୍ତୋପଚାର କରି ଅଛନ୍ତି । ୩ ପୁଅ, ୩ ଝିଅ ଓ ସ୍ୱାମୀ ସ୍ତ୍ରୀ ମିଶାଇ ଆଠ ଜଣ ପରିବାର ନିମନ୍ତେ ଭବିଷ୍ୟତ ଅନ୍ଧକାର ଦେଖାଯିବାରୁ ପରିବାର ନିୟନ୍ତ୍ରଣ କରିବାକୁ ଧ୍ୟ ହୋଇଛନ୍ତି । ପୁଅମାନଙ୍କୁ ପାଠ ପଢ଼ାଇବାକୁ ଛାଡ଼ିଛନ୍ତି । ଏଣିକି ଅ ଏ ଧରଣର ଅଭାବ ଅସୁବିଧା ନହୋଇ ମାଟିର ମଣିଷ ମୂଲିଆ ଚାଷୀ ନରେ ସୁଖ-ସମୃଦ୍ଧିର ସ୍ୱପ୍ନକୁ ପାତାଳ ଗଙ୍ଗାର ଜଳ ସୁନାର ଫସଲ ଭରି ପାରିଛି । ସମସ୍ତଙ୍କ ଓଠରେ ଆଜି ହସର ଲହରୀ ।

ଦାମୋଦର ପାଢ଼ୀ,
ଲ ସଂଗଠକ, ଛତ୍ରପୁର ।

## ନୁଆଁପୁଟ ଗାଁର ରଘୁ ଭୂମିଆ

କୋରାପୁଟ ଜିଲ୍ଲା ଜୟପୁର ସବ୍‌ଡିଭିଜନ୍ ଅନ୍ତର୍ଗତ ନୁଆଁପୁଟ ର ଶ୍ରୀ ରଘୁ ଭୂମିଆ ଜାତିରେ ଭୂମିଆ ଆଦିବାସୀ । ଖୁବ୍ ଗରିବ ଲୋକ ଏ । ଚଳିବା ଅତି କଷ୍ଟ । ନିଜର ପରିବାର ସହିତ ଶାଶୁ ଶ୍ୱଶୁରଙ୍କୁ ମଧ୍ୟ ଇବାକୁ ହୁଏ । ଘର ଖଣ୍ଡିକ ବ୍ୟତୀତ ଜମିବାଡ଼ି ଆଉ କିଛି ନାହିଁ । ଗାଁ ସାହୁକାର ପାଖରେ ଗୋଟି ଖଟିଛି, ଝୁଲି ମଜୁରିଆ ମଧ୍ୟ ଛି । ହେଲେ ପାଞ୍ଚ ପ୍ରାଣୀ କୁଟୁମ୍ବଙ୍କୁ ଭଲରେ ଚଳେଇ ପାରିନି । ବେଳ ଅନ୍ନ ଚିନ୍ତାରେ ଆଖିରେ ନିଦ ଆସେନି । ମନ କଥା ମନରେ ଦିନ ମଜୁରୀ ଲାଗି କାମ କରେ ।

ତା'ର ସୌଭାଗ୍ୟକୁ ଆମ ଲୋକପ୍ରିୟ ସରକାରଙ୍କ ସମନ୍ୱିତ ଗ୍ରାମ୍ୟ ନୟନ ଯୋଜନା ଅନୁଯାୟୀ ରଘୁ ଭୂମିଆ ମନୋନୀତ ହେଲା । ୧୯୮୩ ଜୁନ୍ ମାସ ୯ ତାରିଖ ଦିନ ଜୟପୁରସ୍ଥ ଭାରତୀୟ ଷ୍ଟେଟ୍ ଙ୍କରୁ ଅଧା ରିହାତି ସୂତ୍ରରେ ନଗଦ ୫୦୦ ଟଙ୍କା ଋଣ ପାଇଲା । ଥିରେ ରଘୁର ଆନନ୍ଦ କହିଲେ ନସରେ । ସେହି ଟଙ୍କାରେ ନିଜର ଡ଼ିଆ ଘରଟି ଟିକେ ସମ୍ପ୍ରସାରଣ କରି ଗୁଆ ଦୋକାନଟିଏ ଆରମ୍ଭ କଲା । ପେଆପେ ଦୋକାନଟି ଖୁବ୍ ଭଲ ଚାଲିଲା । ବ୍ୟାଙ୍କରୁ ୨୦୦—୪୦୦ ରି ଟଙ୍କା ଋଣ ନେବା ଆଣିବା କଲା । ଏପରିକି ୨ ହଜାର ଟଙ୍କା ଋଣ ମଧ୍ୟ ବ୍ୟାଙ୍କରୁ ଆଣି ପାରିଲା ବିଶ୍ୱାସ ବଳରେ । ପୁନର୍ବାର ୧୯୮୬ ମାସ ୧୮ ତାରିଖ ଦିନ ପୁଣି ରଘୁଆକୁ ଏକକାଳୀନ ୨,୫୦୦ ଙ୍କା ଭତ୍ତା ଯୋଜନାରେ ଋଣ ଦିଆଗଲା । ଏଥର ସିଏ ବଖରାଟିଏ ଘର ଦେଇ ଖୁଚୁରା ଚାଲି ଗୁଡାଳ ଦୋକାନଟିଏ କଲା । ଗୁଆ ଦୋକାନ ଙ୍କୁ ଟେକରାଟି ଦୋକାନଟି ମଧ୍ୟ ଭଲ ଭାବରେ ଚାଲିଲା । ବେଶ୍ ପଇସା ଲାଭ ମିଳିଲା । କ୍ରମେ ବ୍ୟାଙ୍କ୍ ଋଣ ପରିଶୋଧ କରିବା ସହିତ ଜର ପରିବାରକୁ ମଧ୍ୟ ରୁଚି ମୁତାବକ ଦାନା ଓ କନା ଯୋଗାଇ ରିଲା । ବଳକା ପଇସାରେ ନିଜେ ଖଣ୍ଡିଏ ସାଇକେଲ ଓ ରେଡ଼ିଓ ଣିଛି ।

ଆଜି ଆଉ ତାର ପୂର୍ବର ଦୁଃଖ କଷ୍ଟ ନାହିଁ । ମୂଳଧନ ଦୋକାନରେ । ଲାଭରେ ବେଶ୍ ଚଳି ଯାଉଛି । ସେ ହୋଇଛି ଗାଁର ଜଣେ ଆଦର୍ଶ ଦୋକାନୀ । ସୁଖ ଶାନ୍ତିରେ ପାଞ୍ଚ ପ୍ରାଣୀ କୁଟୁମ୍ବଙ୍କୁ ନେଇ ସଂସାର ଚଳେଇବାରେ ସକ୍ଷମ ହୋଇ ପାରିଛି ।

## ବଞ୍ଚିବାର ରାହା

ରଘୁରାମ ହରିଜନର ଘର କୋରାପୁଟ ଜିଲ୍ଲା ଜୟପୁର ପଞ୍ଚାୟତ ସମିତିର କୁତୁରୁଖାଲ ଗାଁରେ । ସ୍ତ୍ରୀ, ଦିଂପୁଅ ଓ ଦିଂଝିଅଙ୍କୁ ନେଇ ନିଜର ପରିବାର । ନିଜର କୁଡ଼ିଆ ଖଣ୍ଡେ ଏବଂ ମାତ୍ର ୬୩ ଡେସିମିଲ୍ ଜମି ବ୍ୟତୀତ ଆଉ କିଛି ନାହିଁ । ବଡ଼ ଦୁଃଖ କଷ୍ଟରେ ତେଲ ଲୁଣର ସଂସାର ଚଳାଉଥାଏ ।

ଭାଗ୍ୟକୁ ଜୟପୁର ମଣ୍ଡଳ ଉନ୍ନୟନ ଅଧିକାରୀ ସରକାରଙ୍କ ଆଇ.ଆର୍.ଡ଼ି. ଯୋଜନାରେ ରଘୁରାମକୁ ତାଲିକାଭୁକ୍ତ କଲେ । ଶଗଡ଼ ଓ ବଳଦ କିଣିବା ପାଇଁ ଜୟପୁର ଷ୍ଟେଟ୍ ବ୍ୟାଙ୍କରୁ ସେ ପାଇଲା ରିହାତି ସୂତ୍ରରେ ୩,୩୦୦ ଟଙ୍କା ୧୯୮୨ ଅପ୍ରେଲ୍ ୨ ତାରିଖରେ । ମନରେ ଅସୀମ ଆନନ୍ଦ ଭରିଗଲା । ବଞ୍ଚିବାର ରାହା ତାକୁ ମିଳିଗଲା । ଭଡ଼ାରେ ଶଗଡ଼ ବୋହି ଦୈନିକ ୩୦—୩୫ ଟଙ୍କା ରୋଜଗାର କଲା । ନିଜେ ପରିବାର ଚଳେଇ ବ୍ୟାଙ୍କ୍ ଋଣ ଆପେଆପେ ପରିଶୋଧ କରିବାକୁ ଲାଗିଲା । ୧୯୮୪ ମସିହାରେ ଗୋଟିଏ ବଳଦ ତା'ର ମରିଗଲା । ଆଗରୁ ବଳଦ ଦୁଇଟିର ଜୀବନ ବୀମା ହୋଇ ଥିବାରୁ କ୍ଷତିପୂରଣ ପାଇଁ ୧,୦୦୦ ଟଙ୍କା ପାଇ ଆଉ ଗୋଟିଏ ବଳଦ କିଣି ଭଡ଼ା ବୋହିଲା । ପୁଣି ରୋଜଗାର ଠିକ୍ ଚାଲିଲା ଆଗ ଭଳି । ଋଣ ବାବଦର ୨,୨୦୦ ଟଙ୍କା ବ୍ୟାଙ୍କକୁ ଶୁଝି ଦେଇ ଟେକରାଟି ଦୋକାନ କରିବାକୁ ପୁଣି ବ୍ୟାଙ୍କକୁ ଋଣ ପାଇଁ ଆବେଦନ କଲା ।

ବ୍ୟାଙ୍କ୍ କର୍ତ୍ତୃପକ୍ଷ ରଘୁ ରାମର ସଚ୍ଚୋଟ ପଣିଆ ଯୋଗୁ ୧୯୮୮ ଜାନୁଆରୀ ୨୩ ତାରିଖ ଦିନ ଦୋକାନ ପାଇଁ ୩ ହଜାର ଟଙ୍କା ରିହାତି ସୂତ୍ରରେ ଦେଲେ । ରଘୁ ରାମ ନିଜ ଘରେ ଗୁଆ ମସଲା ଦୋକାନଟିଏ ଆରମ୍ଭ କରିଦେଲା । ବାଣିଜ୍ୟେ ବସତି ଲକ୍ଷ୍ମୀ । ଦୋକାନ ଭଲ ଚାଲିଲା । ଲାଭ ବେଶ୍ ଦିଂପଇସା ମିଳିଲା । ଏଣେ ଶଗଡ଼ ଭଡ଼ା ଆୟକୁ ତେଣେ ଦୋକାନ ଆୟ । ଆଜି ସେ ଖୁବ୍ ସ୍ୱଚ୍ଛଳ ହୋଇ ପାରିଛି । ବ୍ୟାଙ୍କ୍ ଋଣ ଶୁଝି ଚାଲିଛି ଓ ନିଜ ପରିବାରକୁ ଭଲରେ ଚଳେଇ ପାରୁଛି । ତା'ର ଅବସ୍ଥା ସମ୍ପୂର୍ଣ୍ଣ ବଦଳି ଯାଇଛି । ଆଇ.ଆର୍.ଡ଼ି. ଯୋଜନାରେ ସେ ଆଜି ଶଗଡ଼, ବଳଦ ଓ ଦୋକାନର ମାଲିକ ହୋଇ ପାରିଛି ।

ବ୍ରଜସୁନ୍ଦର କରସୁଧା ପଟ୍ଟନାୟକ,
ମଣ୍ଡଳ ସଂଗଠକ,
ପଲ୍ଲୀଶ୍ରୋତା ମଣ୍ଡଳୀ, ଜୟପୁର ।

## ପାଣିର ଦୁଃଖ ହେଲା ପାଣି

ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ପୁଇଁତଲା ବ୍ଲକ୍‌ର ଗଇଁତଲା ଏକ କ୍ଷୁଦ୍ର ଗ୍ରାମ । ବଲାଙ୍ଗୀରଠାରୁ ପ୍ରାୟ ୭ କି.ମି. ଦୂରରେ ଏହି ଗ୍ରାମର ଗିରିଗୋବର୍ଦ୍ଧନଙ୍କ ମନ୍ଦିର ସନ୍ନିକଟରେ ପ୍ରଧାନ ରାସ୍ତା କଡ଼ରେ ଏକ କୁଟୀର । ଗିରିଗୋବର୍ଦ୍ଧନ ମନ୍ଦିର ପରିସରରୁ ଅଳ୍ପ କିଛି ଯାଗାରେ ଏହି କୁଟୀର କରି ନିଜର ଦୈନନ୍ଦିନ ଜୀବିକା ନିର୍ବାହ କରନ୍ତି ଶ୍ରୀମତୀ ପାର୍ବତୀ କୁମାରୀ-ପଟେଲ । ବୟସ ୨୪ ବର୍ଷ ଖଣ୍ଡେ ହେବ । ପାଖରେ ବାପା, ମାଆ, ଆଉ ବୁଢ଼ୀ, ନିଜର ସ୍ୱାମୀ ଏବଂ ପାଞ୍ଚ ବର୍ଷର ଏକ ପୁତ୍ର ସନ୍ତାନ । ପାରିବାରିକ ଜମିଜମା କିଛି ନଥିବା ତାଙ୍କଠାରୁ ପ୍ରକାଶ । ଆଉ ବୁଢ଼ା ବହୁତ ଦିନ ପୂର୍ବରୁ ଏକ ଛୋଟ ଗୃହ ହୋଟେଲ କରି ପରିବାର ପ୍ରତିପୋଷଣ

କରି ଆସୁଥିଲେ । ବାପା, ମାଆ କୌଣସି ପ୍ରକାର ଅନ୍ୟର ଦ୍ୱାରସ୍ଥ ହୋଇ କିଛି ରୋଜଗାର କରି କୁଟୁମ୍ବ ପୋଷଣରେ କିଛିଟା ଆର୍ଥିକ ସହାୟତା କରୁଥିଲେ । ଭାଇମାନେ ଅଲଗା ହୋଇ ଅନ୍ୟତ୍ର ନିଜର ପରିବାର ପୋଷଣ କରନ୍ତି । ଆଜିକାର ଏହି ଛୋଟିଆ ଗୁହା ହୋଟେଲରେ ଶ୍ରୀମତୀ ପଟେଲ ନିଜକୁ ନିୟୋଜିତ କରି ଉକ୍ତ ଧନ୍ଦାକୁ ନିଜେ ଆଦରି ନେଲେ । ଏହି ହୋଟେଲ କାମରେ ନିଜର ପରିବାରବର୍ଗ ମଧ୍ୟ ସାମୟିକ ସାହାଯ୍ୟ କରିବାକୁ ଲାଗିଲେ । ଲୋକମାନଙ୍କଠାରୁ ସରକାରଙ୍କ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ଋଣ ପ୍ରଦାନ କରାଯାଉଥିବା ବିଷୟ ଶୁଣି ସେ ମଧ୍ୟ ଗ୍ରାମ ସେବକଙ୍କ ଜରିଆରେ ପୁଇଁତଲା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଗୁହା କଲଖିଆ ଦୋକାନ କରିବା ପାଇଁ ଋଣ ସହାୟତା ସକାଶେ ଆବେଦନ କଲେ । ତାଙ୍କର ଆବେଦନ ପତ୍ରରେ ଆବଶ୍ୟକ ତନଖି କାର୍ଯ୍ୟ ପଶ୍ଚାତ୍ ତାଙ୍କର ଋଣ ଦରଖାସ୍ତକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଲାଙ୍ଗୀରସ୍ଥିତ ଷ୍ଟେଟ୍ ବ୍ୟାଙ୍କର କୃଷି ଉନ୍ନୟନ ଶାଖାକୁ ନିଜର ସୁପାରିଶ ସହ ଅର୍ଥ ଋଣଦାନ ପାଇଁ ପଠାଇଲେ । ଗତ ୧୯୮୫-୮୬ ଆର୍ଥିକ ବର୍ଷରେ ଏକ ସମାବେଶରେ ଅନ୍ୟାନ୍ୟ ଋଣ ଗ୍ରହୀତା ହିତାଧିକାରୀଙ୍କ ସହ ଶ୍ରୀମତୀ ପାଣିବୃତୀ କୁମାରୀ ପଟେଲ ମଧ୍ୟ ୩,୦୦୦ ଟଙ୍କାର ଋଣ ପାଇବାକୁ ବିବେଚିତ ହୋଇଥିଲେ । ତାଙ୍କୁ ନଗଦ ୧,୫୦୦ ଟଙ୍କା ଏବଂ ବେସନ, ଚିନି, ଗୁହା ଇତ୍ୟାଦି ହୋଟେଲ ପାଇଁ ଆବଶ୍ୟକ ସାମଗ୍ରୀ ୧,୫୦୦ ଟଙ୍କାର ପ୍ରଦାନ କରାଗଲା । ସେଥିମଧ୍ୟରୁ ସେ ୧,୦୦୦ ଟଙ୍କାର ରିହାତି ପାଇଥିଲେ, ଅବଶିଷ୍ଟ ୨,୦୦୦ ଟଙ୍କା ଋଣକୁ ସେ କ୍ରମଶଃ କିସ୍ତି ହିସାବରେ ସୁଝିବାକୁ ଆରମ୍ଭ କଲେ । ଇତି ମଧ୍ୟରେ ସେ ସମସ୍ତ ଋଣ ପରିଶୋଧ କରିଦେଇ ସାରିଛନ୍ତି । ନିଜର କୁଟୀରକୁ ଭଲକରି ସଜାଡ଼ିଛନ୍ତି । ଋଣ ଗ୍ରହଣ ପୂର୍ବରୁ ବହୁତ କଷ୍ଟେମଷ୍ଟେ ସେ ଦୋକାନ ଚଳାଉଥିଲେ ଏବଂ ପରିବାର ପୋଷଣରେ ଅନେକ ଆର୍ଥିକ ସଙ୍କଟ ଦେଖା ଯାଉଥିଲା । ବର୍ତ୍ତମାନ ସେ ଦୈନିକ ୮୦ ଟଙ୍କାରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରି ଅର୍ଥ ଉପାର୍ଜନ କରୁଛନ୍ତି । କିଛି ପାଠ ପଢ଼ି ନଥିଲେ ମଧ୍ୟ ସେ ବେଶ୍ ଶିକ୍ଷିତାଙ୍କ ଭଳି ଆସ୍ଥାର ବ୍ୟବହାର ପ୍ରଦର୍ଶନ କରି ନିଜର ଦୋକାନକୁ ଭଲ ଭାବରେ ଚାଳନା କରନ୍ତି । ନିଜର ଏକମାତ୍ର ପାଞ୍ଚ ବର୍ଷର ପୁଅକୁ ଆନନ୍ଦରେ ସ୍କୁଲକୁ ପାଠ ପଢ଼ାଇବା ପାଇଁ ପଠାନ୍ତି । ତାଙ୍କୁ ଭବିଷ୍ୟତରେ ଉଚ୍ଚ ଶିକ୍ଷିତ କରିବାର, ସ୍ୱପ୍ନ ତାଙ୍କର ଅଛି । ତେଣୁ ଦ୍ୱିଗୁଣ ଉତ୍ସାହିତ ହୋଇ ସେ ଦ୍ୱିତୀୟ ବାର ଋଣ ସାହାଯ୍ୟ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଆବେଦନ କରିଥିବା ପ୍ରକାଶ କରନ୍ତି । ଏହି ଦାରିଦ୍ର୍ୟ ଦୂରୀକରଣ ଯୋଜନା ଦ୍ୱାରା ସେ ବେଶ୍ ଉପକୃତ ହୋଇ ନିଜର ଦାରିଦ୍ର୍ୟ ଦୂରୀଭୂତ ହୋଇଥିବାରୁ ଆନନ୍ଦିତ ।

ଶ୍ରୀ ଈଶ୍ୱର ପ୍ରସାଦ ସିଂହ,
ଅନୁବିଭାଗୀୟ ସୂଚନା ଓ ଲୋକ ସମ୍ପର୍କ
ଅଧିକାରୀ, ବଲାଙ୍ଗୀର ।






## ସାହାଯ୍ୟ-ନିଯୁକ୍ତି-ଜମି

ଚଳିତ ଆର୍ଥିକ ବର୍ଷର ଗତ ଅଗଷ୍ଟ ମାସ ଶେଷ ସୁଦ୍ଧା ସମନ୍ୱିତ ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟକ୍ରମ ଦ୍ୱାରା ରାଜ୍ୟର ୪୭,୫୯୬ ପରିବାର ଉପକୃତ ହୋଇଛନ୍ତି । ଏଥିରେ ତପସିଲଭୁକ୍ତ ଜାତିର ୧୦,୭୪୬ ଓ ଉପଜାତିର ୧୨,୭୦୮ ପରିବାର ଅନ୍ତର୍ଭୁକ୍ତ । ପୂର୍ବରୁ ଥରେ ଆଇ. ଆର. ଡ଼ି. ପି. ସାହାଯ୍ୟ ପାଇ ମଧ୍ୟ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିପାରି ନଥିବା ୨,୦୨୫ ପରିବାରକୁ ସେହି ସମୟ ମଧ୍ୟରେ ପୁଣି ଥରେ କାର୍ଯ୍ୟକ୍ରମର ପରିସରଭୁକ୍ତ କରାଯାଇଛି । ଏଥିରେ ୧,୪୮୪ ତପସିଲଭୁକ୍ତ ଜାତି ଓ ୧,୫୪୫ ଉପଜାତି ପରିବାର ଅନ୍ତର୍ଭୁକ୍ତ । ଏଥିରେ ଉଭୟ ଶ୍ରେଣୀର ପରିବାରକୁ ମିଶାଇଲେ ଆଇ. ଆର. ଡ଼ି. ପି. ଦ୍ୱାରା ଗତ ଅଗଷ୍ଟମାସ ଶେଷ ସୁଦ୍ଧା ମୋଟ ୫୩,୬୨୧ ପରିବାର ଉପକୃତ ହୋଇଛନ୍ତି । ଏ କ୍ଷେତ୍ରରେ ଲକ୍ଷ୍ୟ ପୂରଣ ହାର ହେଲା ଶତକଡ଼ା ୩୨.୧୬ ଭାଗ ।

ଜାତୀୟ ଗ୍ରାମାଞ୍ଚଳ କର୍ମସଂସ୍ଥାନ କାର୍ଯ୍ୟକ୍ରମ ଅଧୀନରେ ଗତ ଅଗଷ୍ଟ ମାସ ଶେଷ ସୁଦ୍ଧା ୫୬ ଲକ୍ଷ ୯୨ ହଜାର ଶ୍ରମ ଦିବସର ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପାରିଛି । ଏ କ୍ଷେତ୍ରରେ ଚଳିତ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟର ଶତକଡ଼ା ୨୯.୯୫ ଭାଗ ସଫଳତା ହାସଲ ହୋଇଛି । ଅନ୍ୟ ଏକ କର୍ମସଂସ୍ଥାନ ମୂଳକ ଯୋଜନା ଗ୍ରାମାଞ୍ଚଳ ଭୂମିହୀନଙ୍କ ନିଶ୍ଚିତ କର୍ମଯୋଗାଣ କାର୍ଯ୍ୟକ୍ରମ ଅଧୀନରେ ୪୬ ଲକ୍ଷ ୮୪ ହଜାର ଶ୍ରମଦିବସ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ଏବଂ ଏ କ୍ଷେତ୍ରରେ ଲକ୍ଷ୍ୟ ପୂରଣ ହାର ହେଲା ଶତକଡ଼ା ୩୦.୯୨ ଭାଗ ।

ଗତ ଅଗଷ୍ଟ ମାସ ଶେଷସୁଦ୍ଧା ରାଜ୍ୟର ୧,୦୧୮ ଜଣ ଭୂମିହୀନଙ୍କ ମଧ୍ୟରେ ୯୩୭ ଏକର ବଳକା ଜମି ବଣ୍ଟନ କରାଯାଇଛି । ଏହି ସମୟ ମଧ୍ୟରେ ୬,୬୨୮ ଜଣ ବାସହୀନ ଘରଡ଼ିହ ପାଇଛନ୍ତି ଏବଂ ୩୮୯ ଜଣଙ୍କୁ ନିଜ ନିଜର ଘର ତିଆରି ପାଇଁ ସହାୟତା ଯୋଗାଇ ଦିଆଯାଇଛି । ଇନ୍ଦିରା ଆବାସ ଯୋଜନା ଅଧୀନରେ ୧,୨୮୯ ଜଣ ତପସିଲଭୁକ୍ତ ଜାତି ଓ ଉପଜାତି ଲୋକ ବାସଗୃହ ପାଇଛନ୍ତି । ଆଲୋଚ୍ୟ ସମୟ ମଧ୍ୟରେ ୧୫୩ ଜଣ ଗୋତିମୁକ୍ତ ଶ୍ରମିକଙ୍କୁ ଥଇଥାନ କରାଯାଇଛି ।

## ଜଳ ଅମଳ ପ୍ରକଳ୍ପ ପାଇଁ କେନ୍ଦ୍ରୀୟ ସାହାଯ୍ୟ

କଳାହାଣ୍ଡି ଜିଲ୍ଲା ନୂଆପଡ଼ା ସବ୍‌ଡିଭିଜନ ଅନ୍ତର୍ଗତ ନୂଆପଡ଼ା କୋମନା, ସିନାପାଲି, ଖଡ଼ିଆଳ ଓ ବୋଡ଼େନ ବ୍ଲକର ବିଭିନ୍ନ ଅଞ୍ଚଳରେ ୪୦୦ଟି ଜଳ ଅମଳ ପ୍ରକଳ୍ପ ନିର୍ମାଣ କରି ସମ୍ପୃକ୍ତ ଅଞ୍ଚଳର ଚାଷୀମାନଙ୍କୁ ଜଳସେଚନ ସୁବିଧା ଯୋଗାଇ ଦେବା ଲାଗି କେନ୍ଦ୍ର ସରକାର ୬ କୋଟି ଟଙ୍କା ଯୋଗାଇ ଦେଇଛନ୍ତି । ଆସନ୍ତା ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଧାରିତ ହୋଇଥିବା ଏହିସବୁ ପ୍ରକଳ୍ପ ମଧ୍ୟରୁ ଚଳିତ ଆର୍ଥିକ ବର୍ଷ ମଧ୍ୟରେ ୨୨୮ଟି ପ୍ରକଳ୍ପ ନିର୍ମାଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ତନ୍ମଧ୍ୟରୁ ଆଜି ସୁଦ୍ଧା ୫୯ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ତ୍ୱରାନ୍ୱିତ ପଦକ୍ଷେପ ନିଆଯାଇଛି । ଏ ବାବଦରେ ୩୦ ଲକ୍ଷ ୨୫ ହଜାର ଟଙ୍କା ବିନିଯୋଗ କରାଯାଇ ଉକ୍ତ ୫ଟି ବ୍ଲକର ଗ୍ରାମାଞ୍ଚଳରେ ୨ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରାଗଲାଣି । ଏହା ବ୍ୟତୀତ ୨କୋଟି ୧୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଆଉ ୧୩୯ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ବ୍ୟବସ୍ଥା କରାଯାଇଛି । ଅବଶିଷ୍ଟ ୨୦୨ ଟି ପ୍ରକଳ୍ପ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ଲାଗି ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ଉଦ୍ୟମ କରାଯାଉଛି ।

ବର୍ତ୍ତମାନ ନିର୍ମାଣାଧୀନ ଥିବା ଉକ୍ତ ୫୯ଟି ପ୍ରକଳ୍ପ ମଧ୍ୟରେ ନୂଆପଡ଼ା ବ୍ଲକରେ ୧୩ଟି, କୋମନାରେ ୧୫ଟି, ସିନାପାଲିରେ

୧୦ଟି, ଖଡ଼ିଆଳରେ ୧୨ଟି ଏବଂ ବୋଡ଼େନ ବ୍ଲକରେ ୯ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ ।

କେନ୍ଦ୍ରୀୟ ସହାୟତାରେ ନିର୍ମାଣ କରାଯାଉଥିବା ୪୦୦ଟି ପ୍ରକଳ୍ପ ବ୍ୟତୀତ ଆସନ୍ତା ଆର୍ଥିକ ବର୍ଷ ମଧ୍ୟରେ ଗୋଇମୁଣ୍ଡା, ଲକ୍ଷ୍ମୀଗଡ଼ ଓ ଥୁଆମୂଳ – ରାମପୁର ବ୍ଲକରେ ଅଧିକ ୧୮୫ ଟି ଜଳ ଅମଳ ପ୍ରକଳ୍ପ ନିର୍ମାଣ କରିବାକୁ ପ୍ରସ୍ତାବ ରହିଛି । ଏ ବାବଦରେ ୨କୋଟି ୫୭ ଲକ୍ଷ ୮୬ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

## ବୈଷୟିକ ଶିକ୍ଷାର ପ୍ରସାର

ଓଡ଼ିଶାରେ କ୍ରମବର୍ଦ୍ଧମାନ ଶିଳ୍ପ କାରଖାନା ଓ ଅନ୍ୟାନ୍ୟ ବୈଷୟିକ ସଂସ୍ଥାରେ ଅଧିକ ସଂଖ୍ୟକ ବୈଷୟିକ ଜ୍ଞାନ ସଂପନ୍ନ ବ୍ୟକ୍ତି ଆବଶ୍ୟକ ହେଉଥିବାରୁ ରାଜ୍ୟ ସରକାର ଗତ ଷଷ୍ଠ ଯୋଜନାରୁ ଆଜିସୁଦ୍ଧା ବୈଷୟିକ ଶିକ୍ଷା ପ୍ରସାର ପାଇଁ ବିଭିନ୍ନ ସୁବିଧା ସୁଯୋଗ ଦେଇଛନ୍ତି । ତଦନୁଯାୟୀ ବିଭିନ୍ନ ବୈଷୟିକ ତାଲିମ୍ ଅନୁଷ୍ଠାନରେ ସ୍ଥାନ ସଂଖ୍ୟା ବୃଦ୍ଧି କରାଯିବା ସଙ୍ଗେସଙ୍ଗେ ଇଲେକ୍‌ଟ୍ରୋନିକ୍ ଏବଂ କଂପ୍ୟୁଟର ବିଜ୍ଞାନ ପ୍ରଭୃତି କେତେକ ନୂତନ ପାଠ୍ୟକ୍ରମ ପ୍ରଚଳନ କରାଯାଇଛି ।

ଚଳିତବର୍ଷ ରାଜ୍ୟ ସରକାର ବୈଷୟିକ ଶିକ୍ଷାର ପ୍ରସାର ଦିଗରେ ୪ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ବ୍ୟବସ୍ଥା କରିଛନ୍ତି । ତନ୍ମଧ୍ୟରୁ ୧ କୋଟି ୪୮ ଲକ୍ଷ ୨୮ ହଜାର ଟଙ୍କା ମଞ୍ଜୁର କରାଯାଇ ଗତ ଜୁଲାଇ ମାସ ଶେଷ ସୁଦ୍ଧା ୧ କୋଟି ୨୦ ଲକ୍ଷ ୯୩ ହଜାର ଟଙ୍କା ବ୍ୟୟ କରାଯାଇଛି । ସମୁଦାୟ ବ୍ୟୟ ଅଟକଳର ଏହା ହେଉଛି ଶତକଡ଼ା ୨୫.୭ ଭାଗ ବୋଲି ସଚିବାଳୟ ଠାରେ ଶିଳ୍ପ ବିଭାଗର ଚଳିତ ବର୍ଷର ଯୋଜନା ବାବଦ୍ ଖର୍ଚ୍ଚ ସମୀକ୍ଷା ଲାଗି ଅନୁଷ୍ଠିତ ଏକ ଉଚ୍ଚ ସ୍ତରୀୟ ବୈଠକରେ ପ୍ରକାଶ ପାଇଛି ।

ଯୋଜନା ଓ ସମନ୍ୱୟ ବିଭାଗ ତରଫରୁ ଅନୁଷ୍ଠିତ ଏହି ବୈଠକରେ ଅର୍ଥ ମନ୍ତ୍ରୀ ଶ୍ରୀ ଯୁଗଳ କିଶୋର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ । ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ ଡକ୍ଟର ବୈଦ୍ୟନାଥ ମିଶ୍ର, ଅତିରିକ୍ତ ଉନ୍ନୟନ କମିଶନର ତଥା ଯୋଜନା ବିଭାଗ ଶାସନ ସଚିବ ଶ୍ରୀ ଏସ୍.ସୁନ୍ଦରାଜନ୍, କୃଷି କମିଶନର ଶ୍ରୀ ଏସ୍. କେ ପାଲିତ୍, ଅର୍ଥ ବିଭାଗ ଶାସନ ସଚିବ ଶ୍ରୀ ରବିନାରାୟଣ ଦାସଙ୍କ ସମେତ ଶିଳ୍ପ ବିଭାଗର ଉଚ୍ଚ କର୍ମକର୍ତ୍ତାମାନେ ଏହି ବୈଠକରେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ଡାଲି ଜାତୀୟ ଫସଲ

ଚଳିତ ଖରିଫ ଋତୁରେ ସମଗ୍ର ରାଜ୍ୟର ୫ ଲକ୍ଷ ୮୬ ହଜାର ହେକ୍‌ଟର ଜମିରେ କୋଳଥ, ମୁଗ, ବିରି, ଓ ହରଡ଼ ସମେତ ୩ ଲକ୍ଷ ୪୦ ହଜାର ମେ: ଟନ୍ ବିଭିନ୍ନ ଡାଲି ଜାତୀୟ ଫସଲ ଉତ୍ପାଦନ କରିବାକୁ ଉଦ୍ୟମ ହେଉଛି ।

ଓଡ଼ିଶାରେ ଡାଲି ଜାତୀୟ ଫସଲର ଉତ୍ପାଦନ ହାର ବହୁତ କମ୍ (ହେକ୍‌ଟର ପ୍ରତି ମାତ୍ର ୫ କ୍ୱିଣ୍ଟାଲ) ହୋଇଥିବାରୁ ଉନ୍ନତ ଚାଷ ପ୍ରଣାଳୀ (ରାଇ ଜୋବିୟମ୍) ଅବଲମ୍ବନ ଏବଂ ଉନ୍ନତ ବିହନର ବ୍ୟାପକ ବ୍ୟବହାର କରି ଉତ୍ପାଦନ ବୃଦ୍ଧି କରିବା ପାଇଁ ସରକାର ବିଭାଗୀୟ ଓ ଜିଲ୍ଲା କର୍ତ୍ତୃପକ୍ଷମାନଙ୍କୁ ପରାମର୍ଶ ଦେଇଛନ୍ତି । ଉତ୍ପାଦନ ଓ ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି କରିବା ପାଇଁ ବାଲେଶ୍ୱର, ବଲାଙ୍ଗିର, କଟକ, କେନ୍ଦୁଝର, ଗଞ୍ଜାମ, କୋରାପୁଟ ଓ ପୁରୀ ଜିଲ୍ଲାରେ ଜାତୀୟ ଡାଲି ଉନ୍ନୟନ ଯୋଜନା' କାର୍ଯ୍ୟକାରୀ ହେଉଛି । ତଦନୁଯାୟୀ ଚାଷୀମାନଙ୍କ ଜମିରେ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ, ଅଧିକ ଅମଳକ୍ଷମ ବିହନ ପୁଡ଼ିଆ ବଣ୍ଟନ ଏବଂ ଗବେଷଣା କାର୍ଯ୍ୟ ହାତକୁ ନିଆଯାଇଛି ।

ଉପରୋକ୍ତ ଧାର୍ଯ୍ୟଲକ୍ଷ ଅନୁସାରେ ସମ୍ବଲପୁର ଜିଲ୍ଲାରେ ସର୍ବାଧିକ ୮୨,୩୦୦ ହେକ୍‌ଟର, କଳାହାଣ୍ଡିରେ ୭୯,୦୦୦ ହେକ୍‌ଟର ଏବଂ କୋରାପୁଟ ଜିଲ୍ଲାରେ ୭୨,୦୦୦ ହେକ୍‌ଟର ଜମିରେ ଏହିସବୁ ଫସଲ ଚାଷ କରାଯିବ । ସେହିପରି ଢେଙ୍କାନାଳ ଜିଲ୍ଲାରେ ୬୯,୫୦୦ ହେକ୍‌ଟର, ବଲାଙ୍ଗିରରେ ୫୮,୦୦୦, ଫୁଲବାଣୀରେ ୪୨,୦୦୦ ହେକ୍‌ଟର, ସୁନ୍ଦରଗଡ଼ ଓ ଗଞ୍ଜାମ ଜିଲ୍ଲାରେ ଯଥାକ୍ରମେ ୩୭,୩୦୦ ହେକ୍‌ଟର ଓ ୩୭,୦୦୦ ହେକ୍‌ଟର ଜମିରେ ଚାଷ କରାଯିବ । ମୟୂରଭଞ୍ଜ, କେନ୍ଦୁଝର, କଟକ, ପୁରୀ ଓ ବାଲେଶ୍ୱର ଜିଲ୍ଲାରେ ଯଥାକ୍ରମେ ୩୧,୫୦୦ ହେକ୍‌ଟର, ୩୦,୦୦୦ ହେକ୍‌ଟର, ୧୬,୭୦୦ ହେକ୍‌ଟର ୧୮,୨୦୦ ହେକ୍‌ଟର ଏବଂ ୧୨,୭୦୦ ହେକ୍‌ଟର ଜମିରେ ଡାଲି ଜାତୀୟ ଫସଲ ଚାଷ ପାଇଁ ଲକ୍ଷ୍ୟ କରାଯାଇଛି ।

ଉତ୍ପାଦନର ଲକ୍ଷ୍ୟ ଅନୁସାରେ କଳାହାଣ୍ଡିରେ ଚଳିତ ଖରିଫ ଋତୁରେ ସର୍ବାଧିକ ୫୦ ହଜାର ହେକ୍‌ଟର ଏବଂ ତା' ପଛକୁ ଢେଙ୍କାନାଳରେ ୪୮ ହଜାର ୩୮୦ ମେ: ଟନ୍ ଡାଲି ଉତ୍ପାଦନ ପାଇଁ ଉଦ୍ୟମ ହେଉଛି ।

## ଖାରିପାଣିରେ ଚିଙ୍ଗୁଡ଼ି ଚାଷ

ଚିଙ୍ଗୁଡ଼ି ମାଛ ଚାଷର ବିକାଶ ପାଇଁ ରାଜ୍ୟରେ ବିପୁଳ ଖାରିପାଣି ଅଞ୍ଚଳ ଥିବା ସତ୍ତ୍ୱେ ଏହାର ସମ୍ପୂର୍ଣ୍ଣ ଉପଯୋଗ ହୋଇପାରୁ ନ ଥିବାରୁ ଏ ଦିଗରେ ବିଭିନ୍ନ ପଦକ୍ଷେପ ନେବା ଏବଂ ଚିଙ୍ଗୁଡ଼ି ଚାଷର ଉତ୍ପାଦନ ବୃଦ୍ଧି କରିବା ଲାଗି ରାଜ୍ୟ ସରକାର ଏକ ରାଜ୍ୟସ୍ତରୀୟ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଗଠନ କରିଛନ୍ତି ।

ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏହି ଦଶଜଣିଆ କମିଟିରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଅର୍ଥ ବିଭାଗ, ରାଜସ୍ୱ ବିଭାଗ ଓ ମତ୍ସ୍ୟ ବିଭାଗର ଶାସନ ସଚିବମାନେ ଏହାର ସଭ୍ୟ ରହିଛନ୍ତି । ଏହା ବ୍ୟତୀତ କେନ୍ଦ୍ର, ବାଣିଜ୍ୟ ଓ କୃଷି ମନ୍ତ୍ରଣାଳୟର ପ୍ରତିନିଧି ଦ୍ୱୟ, ନାବାର୍ଡ଼ ଓ ସାମୁଦ୍ରିକ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷର ଦୁଇଜଣ

ପ୍ରତିନିଧିଙ୍କୁ ମଧ୍ୟ ସଦସ୍ୟ ଭାବରେ ମନୋନୀତ କରାଯାଇଛି । ରାଜ୍ୟ ମତ୍ସ୍ୟ ନିର୍ଦ୍ଦେଶକ କମିଟିର ସଭ୍ୟ ତଥା ସମ୍ପାଦକ ଭାବେ କାର୍ଯ୍ୟ ସମ୍ପାଦନ କରିବେ ।

ଖାରିପାଣିର ସଦୁପଯୋଗ କରି ଚିଙ୍ଗୁଡ଼ି ମାଛ ଚାଷ ଜରିଆରେ ଦାରିଦ୍ର୍ୟ ଦୂରୀକରଣ, ଶିକ୍ଷିତ ବେକାରଙ୍କୁ ଆତ୍ମନିଯୁକ୍ତି ପ୍ରଦାନ, ଆଭ୍ୟନ୍ତରୀଣ ଚିଙ୍ଗୁଡ଼ି ଚାହିଦା ପୂରଣ ଏବଂ ଚିଙ୍ଗୁଡ଼ି ରପ୍ତାନୀ ପରିମାଣ ବୃଦ୍ଧି ଦ୍ୱାରା ମୂଲ୍ୟବାନ ବୈଦେଶିକ ମୁଦ୍ରା ଉପାର୍ଜନ କରିବା ଦିଗରେ ଏହି କମିଟି ମୁଖ୍ୟତଃ ଧ୍ୟାନ ଦେବେ । ଏଥିପାଇଁ ଏହି କମିଟି କେତେକ ମଧ୍ୟମ ଓ ଦୀର୍ଘକାଳୀନ ଯୋଜନା ଉପରେ ବିଚାର କରି ଖାରିପାଣି ଅଞ୍ଚଳରେ ଚିଙ୍ଗୁଡ଼ି ଉତ୍ପାଦିକା ଶକ୍ତି ବଢ଼ାଇବା ଦିଗରେ ବିଭିନ୍ନ ପଦକ୍ଷେପ ନେବେ । ଏହା ବ୍ୟତୀତ ଏହି କମିଟି ଖାରିପାଣି ଜମିକୁ ଶିକ୍ଷିତ ବେକାରମାନଙ୍କୁ ଲିଜ ସୂତ୍ରରେ ଦେବା, ଅର୍ଥ ବ୍ୟବସ୍ଥା କରିବା, ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କୁ ଏ ଦିଗରେ ସହାୟତା ଦେବା, ଆଧୁନିକ ଉନ୍ନତ ଜାଆଁଳ ଉତ୍ପାଦନ କେନ୍ଦ୍ର ସ୍ଥାପନ ଏବଂ ଚିଙ୍ଗୁଡ଼ି ମାଛର ଖାଦ୍ୟ ଚାହିଦା ପୂରଣ ପାଇଁ ଖାଦ୍ୟ ଉତ୍ପାଦନ କାରଖାନା ସ୍ଥାପନ କରିବା ଇତ୍ୟାଦି କାର୍ଯ୍ୟକ୍ରମଗୁଡ଼ିକୁ କାର୍ଯ୍ୟକାରୀ କରିବେ । ଏହି କମିଟିର ବୈଠକ ବର୍ଷକୁ ଅନ୍ତତଃ ପକ୍ଷେ ଦୁଇଥର ବସିବ ।

## ନାମମାତ୍ର ଚାଷୀ ଓ କ୍ଷୁଦ୍ରଚାଷୀ

ପ୍ରଧାନମନ୍ତ୍ରୀଙ୍କ ବ୍ୟାପକ କାର୍ଯ୍ୟକ୍ରମ ଦ୍ୱାରା ଓଡ଼ିଶାରେ ଚଳିତ ଆର୍ଥିକ ବର୍ଷର ଜୁନମାସ ଶେଷସୁଦ୍ଧା ୬ ହଜାର କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ୧,୯୬୭ ଜଣ ଆଦିବାସୀ ଓ ୧,୧୦୧ ଜଣ ହରିଜନ ଶ୍ରେଣୀର ଚାଷୀ ଅଛନ୍ତି ।

ଏହି ଶ୍ରେଣୀ ଚାଷୀମାନଙ୍କର ଆର୍ଥିକ ଉନ୍ନତି ପାଇଁ ଭୂ-ଉନ୍ନୟନ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏ ବାବଦରେ ସରକାରଙ୍କ ପକ୍ଷରୁ ୯୦ ଲକ୍ଷ ୧୪ ହଜାର ଟଙ୍କା ସବ୍‌ସିଡ଼ି ଆକାରରେ ସାହାଯ୍ୟ ପ୍ରଦାନ କରାଯାଇଛି ଓ ସମନ୍ୱୟ ବ୍ୟାଙ୍କ ଓ ଜାତୀୟକରଣ ବ୍ୟାଙ୍କଗୁଡ଼ିକ ଦ୍ୱାରା ୨୯ ଲକ୍ଷ ୧୫ ହଜାର ଟଙ୍କା ଋଣ ସହାୟତା ପ୍ରଦାନ କରାଯାଇଛି । ସବ୍‌ସିଡ଼ି ବାବଦ ବ୍ୟୟ ହୋଇଥିବା ଅର୍ଥ ମଧ୍ୟରୁ ଜଳସେଚନ ପ୍ରକଳ୍ପ ପାଇଁ ୩୨ ଲକ୍ଷ ୫୦ ହଜାର ଟଙ୍କା ଓ ଭୂ-ଉନ୍ନୟନ ପାଇଁ ୫୭ ଲକ୍ଷ ୬୪ ହଜାର ଟଙ୍କା ମଞ୍ଜୁର କରାଯାଇଥିଲା । ଏହି ଅର୍ଥରୁ ହରିଜନ ଶ୍ରେଣୀର ଚାଷୀମାନେ ୧୫ ଲକ୍ଷ ୫୯ ହଜାର ଟଙ୍କା ଓ ଆଦିବାସୀ ଚାଷୀମାନେ ୨୯ ଲକ୍ଷ ୧୫ ହଜାର ଟଙ୍କା ସବ୍‌ସିଡ଼ି ଆକାରରେ ସାହାଯ୍ୟ ପାଇଛନ୍ତି ।

ଗତ ଅପ୍ରେଲରୁ ଜୁନମାସ ଶେଷସୁଦ୍ଧା ୨୮୭ଟି ସେଚକୂପ, ୧୯ଟି ପୁଷ୍କରିଣୀ ଖନନ ୧,୦୯୪ଟି ଗୋଷ୍ଠୀ ସେଚକୂପ, କାର୍ଯ୍ୟ ସମାପ୍ତ କରାଯିବା ସହିତ ୭୪ଟି ଡିଜେଲ ପମ୍ପ ଓ ୩୮ଟି ବିଦ୍ୟୁତ୍‌ଚାଳିତ ପମ୍ପ ମେସିନ ଯୋଗାଇ ଦିଆଯାଇଥିଲା ।

## ଖଣି ଶ୍ରମିକଙ୍କ ପାଇଁ କେନ୍ଦ୍ରୀୟ ସାହାଯ୍ୟ

ରାଜ୍ୟ ସଚିବାଳୟଠାରେ ଅନୁଷ୍ଠିତ ଲୁହା, ମାଙ୍ଗାନିଜ୍ ଓ କ୍ରୋମ୍ ପଥର ଖଣି ଶ୍ରମିକ-କଲ୍ୟାଣ-ପାଣ୍ଠି ପରାମର୍ଶଦାତା କମିଟି ବୈଠକରେ ପାନୀୟ ଜଳ ଯୋଗାଣ, ଗୃହ ନିର୍ମାଣ ସମେତ ବିଭିନ୍ନ ଶ୍ରମ ମଙ୍ଗଳ କାର୍ଯ୍ୟକ୍ରମ ସଂପର୍କରେ ସବିଶେଷ ଆଲୋଚନା କରାଯାଇଥିଲା । କମିଟିର ଅଧ୍ୟକ୍ଷ ତଥା ଶ୍ରମ ଓ ନିଯୋଜନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଭୂପାଳ ଚନ୍ଦ୍ର ମହାପାତ୍ର ବୈଠକରେ ପୌରହିତ୍ୟ କରିଥିଲେ ।

ଆଲୋଚନାରୁ ପ୍ରକାଶ ଯେ ଖଣି ଶ୍ରମିକମାନଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା ପାଇଁ କେନ୍ଦ୍ର ସରକାରଙ୍କ ଶ୍ରମ ମନ୍ତ୍ରଣାଳୟ ୧୯୮୮-୮୯ ଆର୍ଥିକ ବର୍ଷରେ ୯୯.୮୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଅନ୍ୟାନ୍ୟ ଶ୍ରମ ମଙ୍ଗଳ ଯୋଜନା କାର୍ଯ୍ୟକାରୀ କରାଯାଉଥିବା ଯୋଗୁଁ ପ୍ରସ୍ତାବିତ ବ୍ୟୟ ଅଟକଳ ୨.୧୨ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଅଟକଳ କରାଯାଇଛି । ଏହି ବର୍ଦ୍ଧିତ ଅଟକଳ ମଧ୍ୟରେ କାଳିଆପାଣି, ଗୋରୁମହିଷାଣି ଓ କୋଇଡାଠାରେ ତିନୋଟି ଡାକ୍ତରଖାନା ସ୍ଥାପନ, ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ କିରିବୁରୁଠାରେ ଟି. ଭି. ରିଲେ କେନ୍ଦ୍ର ପ୍ରତିଷ୍ଠା, ଖଣି ଶ୍ରମିକମାନଙ୍କ ପାଇଁ ୬୪୩ଟି ଟାଇପ୍‌–୧ ଓ ୩୦୯ଟି ଟାଇପ୍‌–୨ ଗୃହ ନିର୍ମାଣ, ବଡ଼ବିଲ କଲେଜ ଓ ଜାରୋଲିସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପାଇଁ ଶିକ୍ଷା ଉପକରଣ ଓ ଯନ୍ତ୍ରପାତି କ୍ରୟ ବାବଦ ଅର୍ଥ ସାହାଯ୍ୟ ଏବଂ ଯୋଡ଼ାଠାରେ ୨.୮୮ କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ସମନ୍ୱିତ ପାନୀୟ ଜଳ ଯୋଗାଣ ଯୋଜନା ସଂପୂର୍ଣ୍ଣ କରିବା କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ।

ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ 'ସେଲର୍' ଜେନେରାଲ ମ୍ୟାନେଜର ଶ୍ରୀ ଆର. ପି. ମହାନ୍ତି, ଖଣି ମାଲିକ ଶ୍ରୀ ଆର. ଏନ୍. ପଟ୍ଟନାୟକ, 'ଟିସ୍କୋ'ର ଡିଭିଜନାଲ ମ୍ୟାନେଜର ମହମ୍ମଦ ଫସିଉଦ୍ଦିନ୍, ଇ. ଏସ୍. ଆଇ. ନିର୍ଦ୍ଦେଶକ ଓ କେନ୍ଦ୍ର ଶ୍ରମ ମଙ୍ଗଳ କମିଶନର ଶ୍ରୀ ଆର. କେ. ଶାହା ପ୍ରମୁଖ ଯୋଗ ଦେଇଥିଲେ ।

## ଜାତୀୟ ପୁରସ୍କାର ଯୋଜନା

ଦେଶରେ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ ମଙ୍ଗଳ ବିଧାନ ପାଇଁ ଯେଉଁ ସବୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ନିରବଚ୍ଛିନ୍ନ ଭାବେ ଉଦ୍ୟମ କରି ଆସୁଛନ୍ତି, ସେମାନଙ୍କୁ ଏ ଦିଗରେ ପୁରସ୍କୃତ କରି ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତୀୟ ପୁରସ୍କାର ପ୍ରଦାନ ପାଇଁ ଏକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି ।

ପ୍ରତିବର୍ଷ ଏହି ଜାତୀୟ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ବ୍ୟକ୍ତି ବିଶେଷଙ୍କ ଓ ଅନୁଷ୍ଠାନ ପାଇଁ ସମାଜିକ ଓ ପ୍ରଶଂସା ପତ୍ର ସହ ଯଥାକ୍ରମେ ୨୦ ହଜାର ଟଙ୍କା ଓ ଏକ ଲକ୍ଷ ଟଙ୍କା ପୁରସ୍କାର ମିଳିବାର ବ୍ୟବସ୍ଥା କରଯାଇଛି ।

ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ ସେବା କ୍ଷେତ୍ରରେ ନିୟୋଜିତ ଯେଉଁ ଅନୁଷ୍ଠାନମାନେ ସଂପୂର୍ଣ୍ଣ ସରକାରୀ ସାହାଯ୍ୟ ପାଇ ନଥିବେ, ସରକାରୀ ସାହାଯ୍ୟ ପାଇ ଅନ୍ୟୁନ ପାଞ୍ଚବର୍ଷ ସେବା କାର୍ଯ୍ୟ କରି ଅକ୍ଷମ ବ୍ୟକ୍ତିଙ୍କ ହିତ ସାଧନ କରିଥିବେ ସେମାନଙ୍କର ଦରଖାସ୍ତ ବିଚାରକୁ ନିଆଯିବ । ସେହିପରି କୌଣସି ସରକାରୀ ଚାକିରିରେ ନଥାଇ ଅନ୍ୟୁନ ୫ ବର୍ଷ ସେବାକାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷ ମଧ୍ୟ ଏହି ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହେବେ ।

ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ ନିଯୁକ୍ତି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଶିଷ୍ଟ ନିଯୁକ୍ତିକାରୀଙ୍କ ପାଇଁ ୧୫ଟି ଓ ଅଫିସରଙ୍କ ପାଇଁ ୨ଟି ପୁରସ୍କାର ସିଲ୍ଡ୍ ଓ ପ୍ରମାଣ ପତ୍ର ଆକାରରେ ଦିଆଯିବ । ଚାକିରି କ୍ଷେତ୍ରରେ ଓ ଆତ୍ମ ନିଯୁକ୍ତି କାର୍ଯ୍ୟକ୍ରମରେ ଦକ୍ଷତା ପ୍ରତିପାଦନ କରିଥିବା ବିକଳାଙ୍ଗ ବ୍ୟକ୍ତିଙ୍କ ପାଇଁ ୩୦ଟି ପୁରସ୍କାର ପ୍ରମାଣ ପତ୍ର ସହ ପ୍ରତ୍ୟେକଙ୍କୁ ଏକ ହଜାର ଟଙ୍କା ପ୍ରଦାନ ପାଇଁ ଭାରତ ସରକାର ଏକ ତରଙ୍ଗ୍ୟ ଯୋଜନା ପ୍ରସ୍ତୁତ କରିଛନ୍ତି ।

ରାଜ୍ୟ ସରକାରଙ୍କ ପକ୍ଷରୁ ଉଭୟ ପୁରସ୍କାର ଯୋଜନାରେ ନାମ ସୁପାରିଶ ପାଇଁ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇଛି । କେନ୍ଦ୍ରରେ ସମାଜ କଲ୍ୟାଣ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ ଜାତୀୟ କମିଟି ଏହି ସମସ୍ତ ସୁପାରିଶ ବିଚାର କରି ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ ।

## ବଲାଙ୍ଗୀର ଜିଲ୍ଲାରେ ବିହନ ପୁଡ଼ିଆ ବଣ୍ଟନ

ବଲାଙ୍ଗୀର ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରଧାନ ମନ୍ତ୍ରୀଙ୍କ ବ୍ୟାପକ କାର୍ଯ୍ୟକ୍ରମ ଅନୁଯାୟୀ ୧୯୮୩ ମସିହା ଠାରୁ ଚାଷୀମାନଙ୍କୁ ସମୁଦାୟ ୩୦,୬୩୮ଟି ବିଭିନ୍ନ ବିହନ ପୁଡ଼ିଆ ଯୋଗାଇ ଦିଆଯାଇଛି । ସେହି ସବୁ ବିହନ ମଧ୍ୟରେ ମୁଖ୍ୟତଃ ମୁଗ, ବିରି, ହରଡ଼, ଚିନାବାଦାମ, ସୋରିଷ ଓ ରାଶି ପ୍ରଭୃତି ଅନ୍ତର୍ଭୁକ୍ତ ।

ଏହି ସବୁ ବିହନ ପୁଡ଼ିଆ ମଧ୍ୟରୁ ୧୯୮୫-୮୬ ମସିହା ସୁଦ୍ଧା ଚାଷୀମାନଙ୍କୁ ୨୧,୯୩୮ ପୁଡ଼ିଆ ମାଗଣାରେ ବଣ୍ଟନ କରଯାଇଥିଲା । ଅଧ ଏକର ଜମି ପାଇଁ ଆବଶ୍ୟକ ହେଉଥିବା ତୈଳବୀଜ ଓ ଡାଲି ଜାତୀୟ ବିହନ ପୁଡ଼ିଆ ସବୁ ଓଡ଼ିଶା ରାଜ୍ୟ ବିହନ ନିଗମ ଓ ଜାତୀୟ ବିହନ ନିଗମଙ୍କଠାରୁ କିଣାଯାଇ ସଂପୃକ୍ତ ଚାଷୀ ମାନଙ୍କୁ ମାଗଣାରେ ଯୋଗାଇ-ଦିଆଯାଇଥିଲା

୧୯୮୬-୮୭ ଠାରୁ ଆଜି ସୁଦ୍ଧା ବିହନ ପୁଡ଼ିଆ ଯୋଗାଣ ବାବଦରେ ଚାଷୀମାନଙ୍କଠାରୁ ସ୍ୱଳ୍ପ ପରିମାଣର ଅର୍ଥ ଆଦାୟ କରଯାଇଛି ।

## ସର୍ବପ୍ରଥମ ପାର୍ଟିକ୍ଲ ବୋର୍ଡ ପ୍ରକଳ୍ପ

ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାର ପଟାଙ୍ଗୀ ନିକଟରେ ୨୬ କୋଟି ଟଙ୍କା ବିନିଯୋଗରେ ଓଡ଼ିଶାର ସର୍ବପ୍ରଥମ ପାର୍ଟିକ୍ଲ ବୋର୍ଡ ପ୍ରକଳ୍ପ ପ୍ରତିଷ୍ଠା କରାଯାଉଛି । ଇପିକଲ ସଂସ୍ଥା ଓ ଶ୍ରୀ ଜି. ଭି. କ୍ରିଷ୍ଣରେଡ୍ଡିଙ୍କ ମିଳିତ ସହଯୋଗରେ ଏହି ପ୍ରକଳ୍ପଟି ସଂପୂର୍ଣ୍ଣ ହେବା ପରେ ଏଠାରୁ ଦୈନିକ ୮୦ ଘନଫୁଟ ଅତ୍ୟାଧୁନିକ ପ୍ରିଲାମିନେଟେଡ୍ ଏବଂ ପ୍ଲେନ ପାର୍ଟିକ୍ଲ ବୋର୍ଡ ଉତ୍ପାଦିତ ହେବ ଓ ଏହା ମାଧ୍ୟମରେ ୧୫୦୦ ଲୋକଙ୍କୁ ପ୍ରତ୍ୟକ୍ଷ ତଥା ପରୋକ୍ଷ ଭାବେ କର୍ମ ଯୋଗାଣ ସମ୍ଭବ ହୋଇପାରିବ । ପ୍ରକଳ୍ପର ଚେୟାରମ୍ୟାନ ଏବଂ ମ୍ୟାନେଜିଂ ଡାଇରେକ୍ଟର ଶ୍ରୀ ଜି. ଭି. କ୍ରିଷ୍ଣରେଡ୍ଡି ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ଭେଟି ରାଜ୍ୟ ସରକାରଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରିବା ସଙ୍ଗେସଙ୍ଗେ ୧୯୯୦ ସୁଦ୍ଧା ଏହି ପ୍ରକଳ୍ପ ଉତ୍ପାଦନକ୍ଷମ ହୋଇପାରିବ ବୋଲି ସୂଚନା ଦେଇଥିଲେ । ପ୍ରିଲାମିନେଟେଡ୍ ଏବଂ ପାର୍ଟିକ୍ଲ ବୋର୍ଡ ଶିଳ୍ପରେ ଦେଶ ଏବଂ ବିଦେଶରେ ଖ୍ୟାତି ଅର୍ଜନ କରିଥିବା ନୋଭୋପ୍ୟାନ୍ ଇଣ୍ଡିଆ ଲିମିଟେଡ୍ ପ୍ରକଳ୍ପ ପାଇଁ ବୈଷୟିକ ଜ୍ଞାନ କୌଶଳ ଯୋଗାଇ ଦେବେ । ଏହି ପ୍ରକଳ୍ପ ପ୍ରତିଷ୍ଠା ହେବା ପରେ ଏହାର ଆଖପାଖରେ ଘରୋଇ ଆସବାବ (ଫର୍ଣ୍ଣିଚର) ଏବଂ ରସାୟନ ପ୍ରକଳ୍ପ ପ୍ରଭୃତି ଆନୁଷଂଗିକ ଶିଳ୍ପ ପ୍ରତିଷ୍ଠିତ ହୋଇପାରିବ ।

## ଗୋବରଗ୍ୟାସ ପ୍ଲାଣ୍ଟ ସ୍ଥାପନ

ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ୪ ହଜାର ଗୋବର ଗ୍ୟାସ ପ୍ଲାଣ୍ଟ ସ୍ଥାପନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଗତ ୪ ମାସ ମଧ୍ୟରେ ଅର୍ଥାତ୍ ଜୁଲାଇ ମାସ ଶେଷ ସୁଦ୍ଧା ୩,୯୨୫ ଟି ଗୋବର ଗ୍ୟାସ ପ୍ଲାଣ୍ଟ ସ୍ଥାପନ କରାଯାଇ ଏ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟର ଶତକଡ଼ା ୯୮ ଭାଗ ସାଫଲ୍ୟ ଅର୍ଜନ କରାଯାଇ ପାରିଛି ବୋଲି ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ଅଗ୍ରଗତି ସମ୍ବନ୍ଧୀୟ ବିବରଣୀରୁ ପ୍ରକାଶ ।

ଏହି ବିବରଣୀରୁ ଆହୁରି ମଧ୍ୟ ପ୍ରକାଶ ଯେ ଗ୍ରାମାଞ୍ଚଳ ଗୃହହୀନ ଲୋକଙ୍କୁ ଚଳିତ ଆର୍ଥିକ ବର୍ଷରେ ୨୦ ହଜାର ଘରଡିହ ଯୋଗାଇ ଦେବା ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ୫,୫୫୫ ଜଣ ଲୋକଙ୍କୁ ଘରଡିହ ଯୋଗାଇ ଦିଆଯାଇଛି ଏବଂ ୩୦୬ ଜଣଙ୍କୁ ଗୃହ ନିର୍ମାଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିପରି 'ଇନ୍ଦିରା ଆବାସ' ଯୋଜନା ଅନୁଯାୟୀ ୪,୮୦୦ ଆଦିବାସୀ—ହରିଜନଙ୍କୁ ବାସଗୃହ ଯୋଗାଇବାକୁ ଲକ୍ଷ୍ୟ ରହିଥିବା ସ୍ଥଳେ ଗତ ଜୁଲାଇ ମାସ ଶେଷ ସୁଦ୍ଧା ୧୫୫୧ ଜଣ ଉପକୃତ ହୋଇଛନ୍ତି । ଏହା

ବ୍ୟତୀତ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ୨,୫୦୦ ଗୃହ ଏବଂ ନିମ୍ନ ଆୟକାରୀ ବ୍ୟକ୍ତିଙ୍କ ପାଇଁ ୫୦୦ ଟି ଗୃହ ନିର୍ମାଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ସେହି ମାସ ଶେଷ ସୁଦ୍ଧା ଯଥାକ୍ରମେ ୨୩୪ ଟି ଏବଂ ୨୮୨ ଟି ଗୃହ ନିର୍ମିତ ହୋଇଛି ।

ଚଳିତ ବର୍ଷ ୧୦ ହଜାର ବସ୍ତିବାସିନ୍ଦାଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇ ଦେବାକୁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା, ଗତ ଜୁଲାଇ ମାସ ଶେଷ ସୁଦ୍ଧା ୩,୬୭୬ ଜଣ ଏହି କାର୍ଯ୍ୟକ୍ରମରେ ଉପକୃତ ହୋଇଛନ୍ତି । ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଯାୟୀ ୩୦ ଲକ୍ଷ ବୃକ୍ଷ ରୋପଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସ୍ଥଳେ ଗତ ଚାରିମାସ ମଧ୍ୟରେ ୮ ଲକ୍ଷ ୬୩ ହଜାର ବୃକ୍ଷ ରୋପଣ କରାଯାଇଛି । ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ଗତ ଜୁଲାଇ ମାସ ଶେଷ ସୁଦ୍ଧା ୧୯୩ଟି ଗ୍ରାମକୁ ବିଦ୍ୟୁତ ଯୋଗାଣ, ୧୦୩୧ ଟି ପମ୍ପସେଟ୍‌କୁ ବିଦ୍ୟୁତ ସଂଯୋଗ, ୯୨୯୨ ଟି ଉନ୍ନତ ଧରଣର ଚୁଲି ଯୋଗାଣ, ୩୯୧ ଟି କ୍ଷୁଦ୍ର ଶିଳ୍ପ ସ୍ଥାପନ ଓ ୧୯ଟି ସୁଲଭ ମୂଲ୍ୟ ଦୋକାନ ଖୋଲାଯାଇଛି ।

## କୁଟୀର ଶିଳ୍ପ ମାଧ୍ୟମରେ ଲୋକଙ୍କୁ କାମ

ଗତ ଆର୍ଥିକ ବର୍ଷ ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ ୧୧,୩୫୨ଟି କୁଟୀର ଶିଳ୍ପ ପ୍ରତିଷ୍ଠା କରାଯାଇ ସେଥି ମାଧ୍ୟମରେ ୧୬,୧୫୨ ଜଣଙ୍କୁ କାମ ଯୋଗାଇ ଦିଆଯାଇ ପାରିଛି । ଏଥିପାଇଁ ୨ କୋଟି ୯ ଲକ୍ଷ ୩୪ ହଜାର ଟଙ୍କା ବିନିଯୋଗ କରାଯାଇଛି । ଉଲ୍ଲେଖଯୋଗ୍ୟ ଘଟଣା ହେଉଛି ଯେ ଗତ ଆର୍ଥିକ ବର୍ଷରେ ବାଲେଶ୍ୱର ଜିଲ୍ଲାରେ ୬,୯୦୦ ଟି କୁଟୀର ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଏହାର ପ୍ରାୟ ଦୁଇଗୁଣ, ଅର୍ଥାତ୍ ୧୧,୩୫୨ଟି କୁଟୀର ଶିଳ୍ପ ପ୍ରତିଷ୍ଠିତ ହୋଇପାରିଛି ।

କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ମଧ୍ୟ ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟ ଅପେକ୍ଷା ଅଧିକ ପ୍ରକଳ୍ପ ପ୍ରତିଷ୍ଠିତ ହୋଇଛି । ଗତବର୍ଷ ଜିଲ୍ଲାରେ ୧୫୫ଟି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ବର୍ଷ ଶେଷ ବେଳକୁ ୧୮୦ଟି ପ୍ରତିଷ୍ଠିତ ହୋଇପାରିଛି ଏବଂ ଏଥି ମାଧ୍ୟମରେ ୯୪୦ ଜଣଙ୍କୁ କାମ ମିଳିଛି । ଏହିସବୁ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ୪ କୋଟି ୯୮ ଲକ୍ଷ ୧୮ ହଜାର ଟଙ୍କା ବିନିଯୋଗ କରାଯାଇଛି ।

## - ମତ୍ସ୍ୟଜୀବୀଙ୍କ ପାଇଁ ବାସଗୃହ

ଗଭୀର ସମୁଦ୍ରରେ ମାଛ ଧରି ନିଜ ଜୀବିକା ନିର୍ବାହ କରୁଥିବା ଗରିବ ମତ୍ସ୍ୟଜୀବୀମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦୁଇଶହଟି ବାସଗୃହ, ୧୧ଟି ନଳକୂପ, ଦୁଇଟି ଗୋଷ୍ଠୀ ସାଂସ୍କୃତିକ କେନ୍ଦ୍ର ଏବଂ ଦୁଇଟି ସମବାୟ ଋଣ ସମିତି ସ୍ଥାପନ କରାଯାଇଛି । ଗତବର୍ଷ ୧୦୦ଟି ସ୍ୱଳ୍ପ ମୂଲ୍ୟର ବାସଗୃହ ନିର୍ମାଣ, ୬ଟି ନଳକୂପ ଏବଂ ଗୋଟିଏ ଋଣ ସମବାୟ ସମିତି ସ୍ଥାପନ ପାଇଁ ମଞ୍ଜୁରୀ ମିଳିଥିଲା । ସେଥିମଧ୍ୟରୁ ବାଲେଶ୍ୱର ଜିଲ୍ଲା ତାଳପଦା ଗ୍ରାମରେ ୨୫ଟି ବାସଗୃହ ଓ ୬ଟି ନଳକୂପ ନିର୍ମାଣ ଏବଂ ଗୋଟିଏ ଋଣ ସମବାୟ ସମିତି ସ୍ଥାପନ ପାଇଁ ବିହିତ ବ୍ୟବସ୍ଥା କରାଯାଇଛି । ଚଳିତ ବର୍ଷ ପୁରୀ ଜିଲ୍ଲାର ମଲୋ ଓ ଗଞ୍ଜାମ ଜିଲ୍ଲାର ଗୋଖାଚକୁଡ଼ା ଗ୍ରାମରେ ପ୍ରତ୍ୟେକ ୧୨ ଲକ୍ଷ ୮୨ ହଜାର ୪୦୦ ଟଙ୍କା ବ୍ୟୟ ଅଟକଳରେ ୧୦୦ଟି ଲେଖାଏଁ ସ୍ୱଳ୍ପମୂଲ୍ୟ ବାସଗୃହ, ୫ଟି ଲେଖାଏଁ ନଳକୂପ, ଗୋଟିଏ ଲେଖାଏଁ ଗୋଷ୍ଠୀ ସାଂସ୍କୃତିକ କେନ୍ଦ୍ର ଏବଂ ଗୋଟିଏ ଲେଖାଏଁ ଋଣ ସମବାୟ ସମିତି ସ୍ଥାପନର ପରିକଳ୍ପନା ରହିଛି ।

ଗତ ୧୯୮୭-୮୮ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ "ମତ୍ସ୍ୟଜୀବୀମାନଙ୍କ ଜାତୀୟ କଲ୍ୟାଣ ପାଣ୍ଠି" ପ୍ରଥମ କରି ସୃଷ୍ଟି କରାଯାଇଥିଲା । ଏହି ପାଣ୍ଠିର ଶତକଡ଼ା ୫୦ ଭାଗ ଅର୍ଥ କେନ୍ଦ୍ର ସରକାରଙ୍କ ପକ୍ଷରୁ ସାହାଯ୍ୟ ଆକାରରେ ମିଳିବ । ଦରିଦ୍ର ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ଏହି ପାଣ୍ଠିରୁ ଅର୍ଥ ବିନିଯୋଗ କରାଯାଇ ଉପରୋକ୍ତ କାର୍ଯ୍ୟମାନ କାର୍ଯ୍ୟକାରୀ କରାଯାଉଛି ।

## ସରକାରୀ ସହାୟତାରେ କଦଳୀ ଚାଷ

କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରା ପିପିଲି ବ୍ଲକ୍‌ର ଜଗନ୍ନାଥପୁର ଗ୍ରାମରେ ହେଉଥିବା ୮୦ ଏକର ଜମିରେ ଏବଂ ଖୋର୍ଦ୍ଧା ବ୍ଲକ୍‌ର ଡ଼ଙ୍ଗରପଡ଼ା ଗ୍ରାମରେ ୪୫ ଏକର ଜମିରେ କଦଳୀ ଚାଷ ପରିଦର୍ଶନ କରିଥିଲେ । ସରକାରଙ୍କ ଉଦ୍ୟାନ ବିଭାଗର ସହାୟତାରେ ଏବଂ ବିଶେଷଜ୍ଞମାନଙ୍କ ବୈଷୟିକ ପରାମର୍ଶ କ୍ରମେ କରାଯାଉଥିବା ଏହି ଚାଷ ବିଶେଷ ଲାଭଜନକ ହେଉଥିବା ବିଷୟରେ କୃଷି ମନ୍ତ୍ରୀ ଅବଗତ ହୋଇଥିଲେ ।

ଜଗନ୍ନାଥପୁର ଗ୍ରାମର ଅଗ୍ରୁଆ ତଥା ଉତ୍ସାହୀ ଚାଷୀ ସର୍ବଶ୍ରୀ ବିଶ୍ୱନାଥ ବିଶ୍ୱାଳ, କପିଳ ବେହେରା, ଧୋବେଇ ଚରଣ ପାଣ୍ଡେ ଏବଂ ଫକୀର ବେହେରା ପ୍ରମୁଖ ୩୦ ଜଣ ଚାଷୀ ଗ୍ରାମର ୮୦ ଏକର ଗହୀର ଜମିରେ କରିଥିବା କଦଳୀ ଚାଷ କୃଷିମନ୍ତ୍ରୀଙ୍କୁ ବୁଲାଇ ଦେଖାଇଥିଲେ । ସରକାରଙ୍କ ଉଦ୍ୟାନ ବିଭାଗରୁ ପୁଆ ପ୍ରତି ୧୫ ପଇସା ସବ୍‌ସିଡ଼ି ହାରରେ ପୁଆ ନେଇ ସେମାନେ ଏକ ଏକର ଜମିରେ ପ୍ରାୟ ୧,୦୦୦ଟି ପୁଆ ଲଗାଇଛନ୍ତି । ବର୍ଷକୁ ୨ ଥର (କାର୍ତ୍ତିକ ଓ ଜ୍ୟେଷ୍ଠ ମାସରେ) ସେମାନେ ପୁଆ ଲଗାଇ ବୈଜ୍ଞାନିକ ପଦ୍ଧତିରେ କଦଳୀ ଗଛର ରକ୍ଷଣାବେକ୍ଷଣ କରୁଛନ୍ତି । ପ୍ରତ୍ୟେକ କଦଳୀ ଗଛ ପାଇଁ ପ୍ରାୟ ୫ ଟଙ୍କା ମାତ୍ର ଖର୍ଚ୍ଚ କରି ପ୍ରତ୍ୟେକ କଦଳୀ କାନ୍ଦିକୁ ୩୦।୩୫ ଟଙ୍କାରେ ବିକ୍ରୟ କରୁଛନ୍ତି ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି । ଗଛବକଳ, ଛୁଞ୍ଚୀ ଓ ପାଉଁଶିଆ ବକଳ ସମେତ ରନ୍ଧନୋପଯୋଗୀ କଦଳୀ କାନ୍ଦିଗୁଡ଼ିକୁ ସେମାନେ ମୁଖ୍ୟତଃ ଲିଙ୍ଗରାଜ ମନ୍ଦିର ଓ ଶ୍ରୀ ଜଗନ୍ନାଥ ମନ୍ଦିରକୁ ବିକ୍ରୟ ସୂତ୍ରରେ ଯୋଗାଇ ଦେଇ ଯଥେଷ୍ଟ ଲାଭବାନ ହେଉଥିବାର ପ୍ରକାଶ । ଏପରିକି ଧାନଚାଷ ତୁଳନାରେ କଦଳୀ ଚାଷ ଦ୍ୱାରା ୪ ଗୁଣ ଅଧିକ ଲାଭ ହେଉଥିବା ବିଷୟରେ ଚାଷୀମାନେ ପ୍ରକାଶ କରିଥିଲେ ।

ସେହିପରି ଖୋର୍ଦ୍ଧା ବ୍ଲକ୍ ଡ଼ଂଗରପଡ଼ା ଗ୍ରାମର ଦୁଇଭାଇ ଶ୍ରୀ ହରିହର ପାଇକରାୟ ଏବଂ ଶ୍ରୀ ଦିବାକର ପାଇକରାୟଙ୍କର ଚାଷ ପ୍ରତି ଉତ୍ସାହ ଓ ଉଦ୍ୟମ ଉଲ୍ଲେଖନୀୟ। ସେମାନେ ଗତବର୍ଷ ଖୋର୍ଦ୍ଧାର ଉଦ୍ୟାନବିତ୍ ଶ୍ରୀ ଜନାର୍ଦ୍ଦନ ପଣ୍ଡା ଓ ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଗୋପୀନାଥ ପରିଡ଼ାଙ୍କ ସହାୟତାରେ ୧୦ ହଜାର ପାଟଲ କଦଳୀ ପୁଆ ସଦ୍‌ସିଦ୍ଧି ସୂତ୍ରରେ ସଂଗ୍ରହ କରି ସେଗୁଡ଼ିକର ସଂଖ୍ୟା ବୃଦ୍ଧି କରିଥିଲେ। ବର୍ତ୍ତମାନ ସେମାନେ ୪୫ ଏକର ଜମିରେ ପ୍ରାୟ ୩୫,୦୦୦ ପୁଆ ଲଗାଇବା ପରେ ଗଛସବୁ କାନ୍ଧି ଧରିଲେଣି। ଆଜିସୁଦ୍ଧା ସେମାନେ ପ୍ରାୟ ୧୦୦ଟି କାନ୍ଧି ପାଟଲ କଦଳୀ ୧୭ ଟଙ୍କା ଦରରେ ଖୋର୍ଦ୍ଧା ବଜାରରେ ବିକ୍ରୟ କରିଛନ୍ତି। କଦଳୀ ଜମି ମଧ୍ୟରେ ସେମାନେ ୫ ହଜାର ଆମ୍ବ ଚାରା ଲଗାଇ ୨ ବର୍ଷରେ ସେଗୁଡ଼ିକୁ କଲମୀ କରିବାର ଯୋଜନା କରିଛନ୍ତି। ଏହା ବ୍ୟତୀତ ୫ ଏକର ଜମି ରେ ଉନ୍ନତ ଧରଣର ଅମୃତଭଣ୍ଡା ଚାଷ କରି ୧ ଲକ୍ଷରୁ ଅଧିକ ଟଙ୍କା ଆୟ କରିପାରିଛନ୍ତି ବୋଲି ସେମାନେ ପ୍ରକାଶ କରିଥିଲେ। ସେହି ଜମିରେ ସେମାନେ କଖାରୁ, ବାଇଗଣ, ଓ ଖଡ଼ାଆଳୁ ମଧ୍ୟ ଚାଷ କରୁଛନ୍ତି। ଜମିରେ ଜଳସେଚନ କରିବା ଲାଗି ସେମାନେ ପୁରୀ ଗ୍ରାମ୍ୟ ବ୍ୟାଙ୍କରୁ ୬୦ ହଜାର ଟଙ୍କା ଋଣ ଉଠାଇ ପୁଷ୍କରିଣୀ ଖନନ କରିଛନ୍ତି। ତାଙ୍କର ଏହି ବିସ୍ତୃତ 'ବିମଳା ବିହାର ସବୁଜ ଉଦ୍ୟାନ'ରେ ସ୍ଥାନୀୟ ଅଞ୍ଚଳର ୧୦୦ଟି ଆଦିବାସୀ ପରିବାର ଶ୍ରମିକ ଭାବରେ ନିଯୁକ୍ତି ପାଇ ଜୀବିକାର୍ଜନ କରୁଛନ୍ତି।

## ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ବ୍ୟାପକ ଉନ୍ନତି

ପାନୀୟ ଜଳ ପାଇଁ ପ୍ରଥମ ପାଣି ଲାଇନ୍ ନେଲେ ବ୍ରହ୍ମପୁର ସହରବାସୀଙ୍କୁ ଏଣିକି ୩ ହଜାର ଟଙ୍କା ପରିବର୍ତ୍ତେ ମାତ୍ର ୫୦୦ ଟଙ୍କା ଦେବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ନଗର ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବଟକୃଷ୍ଣ ଜେନା ଘୋଷଣା କରିଛନ୍ତି।

ବ୍ରହ୍ମପୁର ପୌରପାଳିକା ପକ୍ଷରୁ ପାଳିତ ସ୍ୱାୟତ୍ତ ଶାସନ ସପ୍ତାହର ଉଦ୍‌ଯାପନ ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ଜେନା କହିଲେ ଯେ ବ୍ରହ୍ମପୁର ଭଳି ଏକ କ୍ରମବର୍ଦ୍ଧିଷ୍ଣୁ ସହରକୁ ସନ୍ତୁଳିତ ସୁନ୍ଦର କରି ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ବାସ୍ତବରେ ରୂପାୟିତ କରାଯାଉଛି। ବ୍ରହ୍ମପୁର ସହରରେ ଥିବା ୮ ହଜାର ଶୁଷ୍କ ପାଇଖାନାକୁ ଜଳମୁଦ୍ର ପାଇଖାନାରେ ପରିଣତ କରିବା ପାଇଁ କେନ୍ଦ୍ର ସରକାର ୪୩ ଲକ୍ଷ ଟଙ୍କା ଅନୁଦାନ ଦେଇଥିବା ଶ୍ରୀ ଜେନା ପ୍ରକାଶ କରି କହିଲେ ଯେ ଏହି ଯୋଜନା ସଂପୂର୍ଣ୍ଣ କରିବାକୁ ଅବଶିଷ୍ଟ ୪୩ ଲକ୍ଷ ଟଙ୍କା ବ୍ରହ୍ମପୁର ପୌରପାଳିକା 'ହୁଡ୍‌କୋରୁ' ଋଣସୂତ୍ରରେ ଆଣୁଛନ୍ତି। ଆସନ୍ତା ୩ ବର୍ଷ ମଧ୍ୟରେ ଏହି ଯୋଜନା ସଂପୂର୍ଣ୍ଣ କରାଯିବ। ପୌର କର୍ମଚାରୀମାନଙ୍କ ବିଭିନ୍ନ ଦାବୀ ସଂପର୍କରେ ସୂଚନା ଦେଇ ଶ୍ରୀ ଜେନା କହିଲେ ଯେ ସେମାନଙ୍କୁ ଅବସରକାଳୀନ ଭତ୍ତା ଦେବା ସଂପର୍କରେ ରାଜ୍ୟ ସରକାର ଆବଶ୍ୟକୀୟ ଆଇନ ପ୍ରଣୟନ କରୁଛନ୍ତି ଏବଂ ଖୁବ୍‌ଶୀଘ୍ର ତାହା କାର୍ଯ୍ୟକାରୀ କରାଯିବ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୩ ଜଣ ମୁଖ୍ୟ ଅଧ୍ୟାପକ ଡ଼ଃ ଉପେନ୍ଦ୍ର ପଟ୍ଟନାୟକ, ଡ଼ଃ ନନ୍ଦ କିଶୋର ଓ ଡ଼ଃ ରାଧାକ୍ରିଷ୍ଣ ମୂର୍ତ୍ତିଙ୍କୁ ବିଜ୍ଞାନ କ୍ଷେତ୍ରରେ ସେମାନଙ୍କର ପ୍ରଶଂସନୀୟ କୃତିତ୍ୱ ପାଇଁ ମନ୍ତ୍ରୀ ଉପଢୌକନ ପ୍ରଦାନ କରିଥିଲେ।

ଏହି ଉତ୍ସବରେ ଜିଲ୍ଲାପାଳ ତଥା ପୌରପାଳ ଶ୍ରୀ ରଘୁଭାଇ ଜାମୁଡ଼ା ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ବିଧାୟକ ଶ୍ରୀ ଶିବ ଶଙ୍କର ସାହାଣୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବ୍ରହ୍ମପୁର ପୌରପାଳିକା ବିଭିନ୍ନ ହାଇସ୍କୁଲର ପରିଚାଳନା ପାଇଁ ଯେଉଁ ୪୫ ଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି, ତାହା ରାଜ୍ୟ ସରକାର ବହନ କରିବା ପାଇଁ ଦାବୀ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ନିର୍ଦ୍ଦେଶକ ଶ୍ରୀ କାଳୀ ଚରଣ ମିଶ୍ର ଓ ଡ଼ଃ ପ୍ରହଲ୍ଲାଦ ପଣ୍ଡା ପ୍ରମୁଖ ଏହି ଉତ୍ସବରେ ଉଦ୍‌ବୋଧନ ଦେଇଥିଲେ।

ପୂର୍ବରୁ ମନ୍ତ୍ରୀ ଶ୍ରୀ ଜେନା ବ୍ରହ୍ମପୁର ସହରରେ ପାନୀୟ ଜଳ ଯୋଗାଣ ସଂପର୍କରେ ଜନସ୍ୱାସ୍ଥ୍ୟ ମୁଖ୍ୟଯନ୍ତ୍ରୀ ଶ୍ରୀ ଏସ୍. ଏମ୍. ପଟ୍ଟନାୟକ ଓ ବିଭାଗୀୟ ଅଫିସରମାନଙ୍କ ସହ ଆଲୋଚନା କରିଥିଲେ ଏବଂ ସ୍ଥାନୀୟ ମେହେନ୍ତର ସଂଘ ଓ ଘରୋଇ ମଟର କର୍ମଚାରୀ ସଂଘର ବାର୍ଷିକ ଉତ୍ସବରେ ଯୋଗ ଦେଇଥିଲେ।

## ତୁଷୁରା ତହସିଲ୍‌ର ହରିଜନ ପରିବାର

ବଲାଙ୍ଗୀର ଜିଲ୍ଲା ତୁଷୁରା ତହସିଲ ଅନ୍ତର୍ଗତ କୁଲିଆ ବାହାଲ ଗ୍ରାମର ୪୯ ଗୋଟି ହରିଜନ ପରିବାର ଉପକୃତ ହୋଇଥିବା ଜଣାଯାଇଅଛି। ଗତ ଜୁନ୍ ମାସରେ ହରିଜନ ବସ୍ତିର ଉକ୍ତ ପରିବାରଙ୍କ ୮୬ ବଖରା ସମସ୍ତ ଗୃହ ନିଆଁ ଲାଗି ଭସ୍ମୀଭୂତ ହୋଇଯାଇଥିଲା। ବଲାଙ୍ଗୀର ଜିଲ୍ଲାପାଳ ଶ୍ରୀ ରମେଶ ବେହେରା ଏବଂ ତୁଷୁରା ତହସିଲଦାର ଶ୍ରୀ ଫକିର ମୋହନ ପ୍ରଧାନ ଉକ୍ତ ଗ୍ରାମ ପରିଦର୍ଶନ କରି ସେମାନଙ୍କ ଦୁର୍ଦ୍ଦଶା ଅନୁଧ୍ୟାନ କରିଥିଲେ ଏବଂ ସେମାନଙ୍କୁ କ୍ଷତି ପୂରଣ ବାବଦରେ ଜିଲ୍ଲାପାଳ ଶ୍ରୀ ବେହେରା ନଗଦ ୧୯,୬୦୦ ଟଙ୍କା ସାହାଯ୍ୟ ପ୍ରଦାନ କରିଥିଲେ। ପ୍ରତ୍ୟେକ ପରିବାରକୁ ୨ ଟି ଲେଖାଏଁ ଥାଳି ଏବଂ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଧୋତି, ଶାଢ଼ି, ଲୁଗାପଟା ଇତ୍ୟାଦି ବିତରଣ କରାଯାଇଥିଲା। ଗତ ଅଗଷ୍ଟ ମାସରେ ଜିଲ୍ଲାପାଳ ସେମାନଙ୍କ ମଧ୍ୟରୁ ୨୩ ଗୋଟି ପରିବାରଙ୍କୁ ଇନ୍ଦିରା ଆବାସ ଯୋଜନା ମାଧ୍ୟମରେ ଅଇଥାନ ପାଇଁ ବାସଗୃହ ଯୋଗାଣର ବ୍ୟବସ୍ଥା କରି ଜମିପଟ୍ଟା ପ୍ରଦାନ କରିଛନ୍ତି। ଅନ୍ୟ ପରିବାରଙ୍କୁ ମଧ୍ୟ କ୍ଷୁଦ୍ର ଓ ନାମ ମାତ୍ର କୃଷକଙ୍କୁ ପ୍ରଦତ୍ତ ଭତ୍ତା ଯୋଜନାରେ ଅନ୍ତର୍ଭୁକ୍ତ କରି ଉପକୃତ କରାଯାଇଥିବା ତହସିଲଦାର ଶ୍ରୀ ପ୍ରଧାନଙ୍କ ଠାରୁ ପ୍ରକାଶ।

## ଗହୀର ମଥାର ସମୁଦ୍ର କଇଁଛ

ଗତବର୍ଷ ଜାନୁଆରୀ ଓ ମାର୍ଚ୍ଚ ମାସ ମଧ୍ୟରେ ୩୫ କି.ମି. ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ଅନ୍ତର୍ଭୁକ୍ତ ଗହୀର ମଥାକୁ ୬ ଲକ୍ଷରୁ ଊର୍ଦ୍ଧ୍ୱ ଅଲିଭ ରିଡ୍‌ଲେ ସମୁଦ୍ର କଇଁଛ ଅଣ୍ଡା ଦେବା ପାଇଁ ଆସିଥିଲେ । ଭିତର କନିକା ଅଭୟାରଣ୍ୟରେ ସମୁଦ୍ର କଇଁଛଙ୍କ ସୁରକ୍ଷା ଓ ସଂରକ୍ଷଣ ସଂପର୍କରେ ଆଲୋଚନା ସଚିବାଳୟଠାରେ ଅନୁଷ୍ଠିତ ଏକ ବୈଠକରେ ପ୍ରକାଶ ପାଇଛି । ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ ଓ ଅନ୍ୟମାନଙ୍କ ମଧ୍ୟରେ ଜଙ୍ଗଲ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଚକ୍ରଧର ଭଲିକା, ମୁଖ୍ୟ ଶାସନ ସଚିବ ଶ୍ରୀ ନଳିନୀକାନ୍ତ ପଣ୍ଡା, ଉପକୂଳ ସୁରକ୍ଷା ଦାୟିତ୍ୱରେ ଥିବା ନୌ-ବାହିନୀର କେତେକ ଅଫିସର, ଜଙ୍ଗଲ ଓ ମତ୍ସ୍ୟ ବିଭାଗର ଉଚ୍ଚ ପଦାଧିକାରୀମାନେ ଯୋଗ ଦେଇଥିଲେ । ସମୁଦ୍ର କଇଁଛ ଚୋରୀ ରୋକିବା ଦିଗରେ ଦୃଢ଼ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ପ୍ରତି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ । କଇଁଛମାନଙ୍କର ଅଣ୍ଡା ଦେବା ଋତୁରେ ସେମାନଙ୍କର ସୁରକ୍ଷା ପାଇଁ ୩୦ କି. ମି. ବ୍ୟାପୀ ସମୁଦ୍ର ଉପକୂଳକୁ ନୌ-ବାହିନୀର ଉପକୂଳରକ୍ଷୀମାନଙ୍କ ଦ୍ୱାରା ହେଲିକପଟର ଯୋଗେ ବ୍ୟାପକ ପହରା ବ୍ୟବସ୍ଥା କରିବାକୁ ସେ ପରାମର୍ଶ ଦେଇଥିଲେ । ଏହା ବ୍ୟତୀତ ଅଣ୍ଡା ଦେବା ସମୟରେ କଇଁଛ ଚୋରୀ ରୋକିବା ଲାଗି ଏହି ଅଞ୍ଚଳରେ ନୌ-ଜାହାଜ ମୁତୟନ କରାଯିବ । ରାଜ୍ୟ ଜଙ୍ଗଲ ଓ ମତ୍ସ୍ୟ ବିଭାଗ ସମୁଦ୍ର କଇଁଛ ସୁରକ୍ଷା ଓ ସଂରକ୍ଷଣ ବ୍ୟବସ୍ଥାକୁ ଦୃଢ଼ୀଭୂତ କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ମତ୍ସ୍ୟ ବିଭାଗ ତରଫରୁ ଦ୍ରୁତଗାମୀ ନୌକା ଓ ଜଗୁଆଳୀ ମୁତୟନ କରାଯାଇ ସମୁଦ୍ର ଭିତରେ ୫ କି. ମି. ପର୍ଯ୍ୟନ୍ତ ବ୍ୟାପକ ପହରା ବ୍ୟବସ୍ଥା କରାଯାଇଛି । ଚୋରା କାରବାର ରୋକିବା ଦିଗରେ ଜଙ୍ଗଲ ବିଭାଗ ତରଫରୁ ଅଧିକ କର୍ମଚାରୀ ମୁତୟନ କରାଯାଇ ସେସବୁ ଅଞ୍ଚଳରେ ଦୃଢ଼ ପହରା ବ୍ୟବସ୍ଥା ଗ୍ରହଣ କରାଯିବ । ବର୍ଷକୁ ଦୁଇଥର ଅଣ୍ଡା ଦେବା ସମୟରେ ରୋଟାରୀ ଏବଂ ବନ୍ୟଜନ୍ତୁ ସଂରକ୍ଷଣ ସୋସାଇଟିର କେତେକ ସ୍ୱେଚ୍ଛାସେବୀଙ୍କୁ ଏହି ସୁରକ୍ଷା କାର୍ଯ୍ୟରେ ନିୟୋଜିତ କରାଯିବ ।

ଭିତର କନିକାକୁ ଜାତୀୟ ପାର୍କ ଏବଂ ନିକଟସ୍ଥ ସମୁଦ୍ର କୂଳବର୍ତ୍ତୀ ଅଞ୍ଚଳକୁ ଅଭୟାରଣ୍ୟ ରୂପେ ଘୋଷଣା କରିବା ପାଇଁ ମୁଖ୍ୟମନ୍ତ୍ରୀ ଆଗ୍ରହ ପ୍ରକାଶ କରି ଏ ଦିଗରେ ତୁରନ୍ତ ଯୋଜନା ପ୍ରସ୍ତୁତ କରିବାକୁ ଜଙ୍ଗଲ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ଜାତୀୟ ପାର୍କ ଓ ଅଭୟାରଣ୍ୟ ଘୋଷିତ ହେବାକୁ ଯାଉଥିବା ଅଞ୍ଚଳର ମତ୍ସ୍ୟଜୀବୀମାନଙ୍କର ସ୍ୱାର୍ଥ ଯେପରି ବ୍ୟାହତ ନହୁଏ, ଏବଂ ଜୀବିକାର୍ଜ୍ଜନରୁ ସେମାନେ ଯେପରି ବଞ୍ଚିତ ନହୁଅନ୍ତି, ସେ ଦିଗରେ ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

## ଗ୍ରାମ୍ୟ ଅର୍ଥନୀତିର ବିକାଶ କ୍ଷେତ୍ରରେ ସମବାୟ

ଓଡ଼ିଶା ପରି କୃଷି ପ୍ରଧାନ ରାଜ୍ୟର ଗ୍ରାମ୍ୟ ଅର୍ଥନୀତିକୁ ବିକାଶ କରିବା କ୍ଷେତ୍ରରେ ସମବାୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ସରକାର ସମବାୟ ସଙ୍ଗଠନଗୁଡ଼ିକୁ ସୁଦୃଢ଼ ଓ ଅଧିକ କାର୍ଯ୍ୟକ୍ଷମ କରିବା ଲାଗି କେତେକ ପ୍ରଗତିଶୀଳ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରୁଛନ୍ତି ବୋଲି କୃଷି ଓ ସମବାୟ ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରା ପ୍ରକାଶ କରିଛନ୍ତି ।

ରାଜ୍ୟ ସମବାୟ ବାଣିଜ୍ୟ ଫେଡ଼େରେସନ୍‌ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସମବାୟ ପରିଷଦର ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ବେହେରା କହିଲେ ଯେ କୃଷିଋଣ ସମବାୟ ସମିତି, ଲ୍ୟାଂପ୍ ସମିତି, ପ୍ରାଥମିକ ଭୂ-ଉନ୍ନୟନ ବ୍ୟାଙ୍କ୍ ଓ କେନ୍ଦ୍ର ସମବାୟ ବ୍ୟାଂକ୍ ପରି ସମବାୟ ଋଣ ଲଗାଣକାରୀ ଅନୁଷ୍ଠାନଗୁଡ଼ିକରେ ସରକାର ୫ କୋଟି ୬୧ ଲକ୍ଷ ଟଙ୍କାର ଅଂଶ କ୍ରୟ କରିଛନ୍ତି । ପ୍ରାଥମିକ କୃଷିଋଣ ସମିତି ଓ ଲ୍ୟାଂପ ସମିତି ସବୁ ସ୍ୱଳ୍ପକାଳୀନ କୃଷିଋଣ ଯୋଗାଉଥାନ୍ତି ବୋଲି ସୂଚନା ଦେଇ ଶ୍ରୀ ବେହେରା କହିଲେ ଯେ ପୂର୍ବରୁ ଏପରି ଋଣ ଉପରେ ଶତକଡ଼ା ୧୨·୫୦ ଭାଗ ସୁଧ ଧାର୍ଯ୍ୟ ହେଉଥିବା ସ୍ଥଳେ ଗତ ମାର୍ଚ୍ଚ ମାସଠାରୁ ୭,୫୦୦ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପକାଳୀନ ଋଣ ଉପରେ ସୁଧର ହାର ଶତକଡ଼ା ୧୦ ଭାଗକୁ ହ୍ରାସ କରାଯାଇଛି । କୃଷିର ବିକାଶ ଓ କୃଷକଙ୍କ ଉନ୍ନତି ପ୍ରତି ଦୃଷ୍ଟି ରଖି ଏହା କରାଯାଇଛି ବୋଲି ଶ୍ରୀ ବେହେରା କହିଥିଲେ । ଯେଉଁ ଋଣଗ୍ରହୀତାମାନେ ସେମାନଙ୍କର ଖିଲାପି ଋଣକୁ ସଂପୂର୍ଣ୍ଣ ଭାବେ ଅକ୍ଟୋବର ମାସ ଶେଷ ସୁଦ୍ଧା ପରିଶୋଧ କରିଦେବେ, ସେମାନଙ୍କୁ ଶତକଡ଼ା ୫ ହାରରେ ସୁଧ ରିହାତି ଦିଆଯିବ ବୋଲି ସରକାର ଘୋଷଣା କରିଛନ୍ତି । ଆଦିବାସୀ ସଭ୍ୟମାନଙ୍କ ଉପରୁ ଋଣ ଛାଡ଼ ସଂପର୍କରେ ଉଲ୍ଲେଖ କରି କୃଷିମନ୍ତ୍ରୀ କହିଲେ ଯେ ଆଦିବାସୀ ଉପ-ଯୋଜନା ଅନ୍ତର୍ଗତ ୨୨୩ ଟି ଲ୍ୟାଂପ୍ ସମିତିରେ କେତେକ ଆଦିବାସୀ ଋଣ ପରିଶୋଧ କରିନଥିବାରୁ ସେମାନେ ନୂତନ ଋଣ ପାଇବାରୁ ବଞ୍ଚିତ ହେଉଛନ୍ତି । ତେଣୁ, ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ଯେଉଁ ଆଦିବାସୀଙ୍କର ୨୫୦ ଟଙ୍କା ପର୍ଯ୍ୟନ୍ତ ଖିଲାପ ଥିବ, ସେମାନଙ୍କର ସେ ଦେୟ ଛାଡ଼ କରିଦିଆଯିବ । ଋଣ ପରିଶୋଧ କ୍ଷେତ୍ରରେ ସୁଧହାର ହ୍ରାସ କରିବା, ରିହାତି ଦେବା ଏବଂ ଆଦିବାସୀଙ୍କ ଉକ୍ତ ଖିଲାପି ଋଣ ଛାଡ଼ କରିବା ଫଳରେ ସମୁଦାୟ ଖିଲାପି ଋଣର ପରିମାଣ ହ୍ରାସ ପାଇବା ସଙ୍ଗେସଙ୍ଗେ ଉତ୍ସାହୀ ଚାଷୀଙ୍କୁ ଋଣ ଦେବା ସୁବିଧାଜନକ ହୋଇପାରିବ ବୋଲି କୃଷିମନ୍ତ୍ରୀ ଆଶା ପ୍ରକାଶ କରିଥିଲେ ।

ପୂର୍ବରୁ ସମବାୟ ସମିତି ସମୂହର ନିବନ୍ଧକ ଶ୍ରୀ ଏଲ୍. ଡିଶୋ ଗତ ୨ ଟି ସମବାୟ ବର୍ଷରେ ସମବାୟ ସଂସ୍ଥାଗୁଡ଼ିକର କାର୍ଯ୍ୟାବଳୀ ସନ୍ତୋଷଜନକ ହୋଇଛି ବୋଲି ସୂଚନା ଦେଇ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସମ୍ୟକ୍ ବିବରଣୀ ପ୍ରଦାନ କରିଥିଲେ ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ଶ୍ରୀ ରାଧାକାନ୍ତ ପଣ୍ଡା ଓ ଶ୍ରୀ ରାଧାଗୋବିନ୍ଦ ସାହୁ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଂକର ସଭାପତି ଶ୍ରୀ ସୁରେନ୍ଦ୍ର ନାଥ ପଟ୍ଟନାୟକ, ସୁନ୍ଦରଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଶ୍ରୀ ଏନ୍. ସି. ନାୟକ, କୃଷି ଓ ଗ୍ରାମ୍ୟ ଉନ୍ନୟନ କମିଶନର ଶ୍ରୀ ଏସ୍. କେ.

ପାଲିତ୍, ଆପେକ୍ସର ଏମ୍. ଡ଼ି. ଶ୍ରୀ ଶକ୍ତି ପ୍ରସାଦ ମିଶ୍ର, ଯୁଗ୍ମ ଶାସନ ସଚିବ ଶ୍ରୀ ବାବୁଲାଲ ଅଗ୍ରୱାଲ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ଏମ୍. ଡ଼ି. ଓ ଖାଉଟି ଫେଡେରେସନ୍‌ର ଏମ୍. ଡ଼ି.ଙ୍କ ସମେତ ବିଭାଗୀୟ ବହୁ ପଦସ୍ଥ ଅଫିସର ଯୋଗ ଦେଇଥିଲେ ।

## ହରିଜନ-ଆଦିବାସୀଙ୍କ ମଧ୍ୟରେ ଶିକ୍ଷା ପ୍ରସାର

ରାଜ୍ୟର ହରିଜନ–ଆଦିବାସୀମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର କରିବା ଉପରେ ସରକାର ଗୁରୁତ୍ୱ ଆରୋପ କରୁଛନ୍ତି ଏବଂ ତଦନୁଯାୟୀ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିବାକୁ ବୃତ୍ତି ଆକାରରେ ସାହାଯ୍ୟ ଦିଆଯାଉଛି ବୋଲି ବିଭାଗୀୟ ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରା ପ୍ରକାଶ କରିଛନ୍ତି ।

ପବିତ୍ର ଗାନ୍ଧୀ ଜୟନ୍ତୀ ଉତ୍ସବ ପାଳନ ଉପଲକ୍ଷେ ବାଲେଶ୍ୱର ଜିଲ୍ଲା ତିହିଡ଼ି ବ୍ଲକ୍‌ର ଦହପାଣିଆ ଆଶ୍ରମ ସ୍କୁଲ ପାଇଁ ଏକ ଛାତ୍ରାବାସର ଶିଳାନ୍ୟାସ କରି ସେଠାରେ ଏକ ଜନ ସମାବେଶରେ ଶ୍ରୀବେହେରା କହିଲେ ଯେ ସମାଜର ଦୁର୍ବଳ ଶ୍ରେଣୀ ଲୋକଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ହେଲେ ସେମାନେ ସରକାରଙ୍କର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ତାର ଉପାଦେୟତା ସଂପର୍କରେ ସଚେତନ ହୋଇପାରିବେ । ବ୍ଲକ୍‌ର ହରିଜନ ବହୁଳ ଅଞ୍ଚଳରେ ନିର୍ମିତ ଏହି ଆଶ୍ରମ ସ୍କୁଲରେ ଛାତ୍ରାବାସ ନିର୍ମିତ ହେଲେ ଏହା ଛାତ୍ର ଛାତ୍ରୀମାନଙ୍କ ଅଧ୍ୟୟନ ଦିଗରେ ସହାୟକ ହେବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଥିଲେ । ସମଗ୍ର ଜିଲ୍ଲାରେ ହରିଜନ–ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ବର୍ତ୍ତମାନ ବିଭିନ୍ନ ଶିକ୍ଷାନୁଷ୍ଠାନ ଚାଲୁଛି ବୋଲି ସୂଚନା ଦେଇ ଶ୍ରୀ ବେହେରା କହିଲେ ଯେ ଗତ ଅଗଷ୍ଟ ମାସ ଶେଷ ସୁଦ୍ଧା ପ୍ରାକ୍‌ମାଟ୍ରିକ୍ ଶିକ୍ଷାବୃତ୍ତି ବାବଦରେ ୩୨ ଲକ୍ଷ ୫୦ ହଜାର ୧୦୦ ଟଙ୍କା ବଣ୍ଟନ କରାଯାଇଥିଲା । ଏ ବାବଦରେ ଆଉ ୧୪ ଲକ୍ଷ ଟଙ୍କା ଯୋଗାଇ ଦିଆଯାଇଛି । ସେହିପରି ପ୍ରବେଶିକୋତ୍ତର ବୃତ୍ତି ବାବଦରେ ଚଳିତ ବର୍ଷ ହରିଜନ ଓ ଆଦିବାସୀ ଛାତ୍ର ଛାତ୍ରୀମାନଙ୍କ ପାଇଁ ସମୁଦାୟ ୧୭ ଲକ୍ଷ ୪୦ ହଜାର ଟଙ୍କା ମଞ୍ଜୁର କରାଯାଇଛି ବୋଲି ଶ୍ରୀ ବେହେରା ପ୍ରକାଶ କରିଥିଲେ । ଚଳିତ ବର୍ଷ ବାଲେଶ୍ୱର ଜିଲ୍ଲାରେ ୮୪,୫୦୦ଟି ଜାତୀୟକରଣ ପାଠ୍ୟ ପୁସ୍ତକ ଓ ୧୮,୯୦୦ଟଙ୍କାର ପଠନ ଓ ଲିଖନ ଉପକରଣ ବଣ୍ଟନ କରାଯାଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ ।

ହରିଜନ–ଆଦିବାସୀମାନଙ୍କ ଆର୍ଥିକ ଉନ୍ନତି କଳ୍ପେ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ମଧ୍ୟ ଶ୍ରୀ ବେହେରା ସୂଚନା ଦେଇଥିଲେ । ସେ କହିଲେ ଯେ ସେମାନଙ୍କ ଜଳସେଚନ ଚାହିଦା ପୂରଣ ଲାଗି ରାଜ୍ୟରେ ସମୁଦାୟ ୨୫ ହଜାର ସେଚକୂପ ଖନନ ବାବଦରେ ସଂପୂର୍ଣ୍ଣ ଅର୍ଥ ରିହାତି ଆକାରରେ ସାହାଯ୍ୟ ଦେବାକୁ ସରକାର ନିଷ୍ପତ୍ତି କରିଛନ୍ତି । ଏହା ବ୍ୟତୀତ ୪୮ ହଜାର ଅଗଭୀର ନଳକୂପ ବସାଯାଇ ଚାଷୀମାନଙ୍କୁ ଜଳସେଚନ ସୁବିଧା ଯୋଗାଇ ଦିଆଯିବ ।

ଶ୍ରୀ ଧର୍ମାନନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଧାୟକ ଶ୍ରୀ ନେତ୍ରାନନ୍ଦ ମଲ୍ଲିକ ମଧ୍ୟ ଉଦ୍‌ବୋଧନ ଦେଇଥିଲେ ।

## ନିମ୍ନ ଆୟକାରୀଙ୍କୁ ବାସଗୃହ ଯୋଗାଣ

ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରୁ ୧୪ଟିରେ ଗତ ଅଗଷ୍ଟ ମାସରେ ଉଲ୍ଲେଖନୀୟ ସଫଳତା ହାସଲ କରାଯାଇଛି । ଏ ଗୁଡ଼ିକ ମଧ୍ୟରେ ସମନ୍ୱିତ ଗ୍ରାମ୍ୟଉନ୍ନୟନ ଯୋଜନା, ଜାତୀୟ ନିଯୁକ୍ତି କାର୍ଯ୍ୟକ୍ରମ, ଗ୍ରାମ୍ୟ ଭୂମିହୀନ ଶ୍ରମିକ ନିଯୁକ୍ତି ନିର୍ଭରତା କାର୍ଯ୍ୟକ୍ରମ, ଭୂମିହୀନଙ୍କୁ ସିଲିଂ ଉଦ୍‌ବୃତ୍ତ ଜମି ବଣ୍ଟନ, ସମୂହ ଟୀକାଦାନ କାର୍ଯ୍ୟକ୍ରମ, ହରିଜନ ଓ ଆଦିବାସୀ ପରିବାରଙ୍କୁ ସହାୟତା ପ୍ରଦାନ, ବାସହୀନଙ୍କୁ ଘରଡ଼ିହ ଯୋଗାଣ, ବସ୍ତି ଉନ୍ନୟନ, ବୃକ୍ଷ ରୋପଣ, ନିମ୍ନ ଆୟକାରୀ ବ୍ୟକ୍ତିଙ୍କୁ ବାସଗୃହ ଯୋଗାଣ, ଗ୍ରାମ୍ୟ ବିଦ୍ୟୁତକରଣ, ଉନ୍ନତ ଚୁଲି ଯୋଗାଣ ଓ ଜୈବିକ ଗ୍ୟାସ୍ ପ୍ରକଳ୍ପ ପ୍ରତିଷ୍ଠା ଅନ୍ତର୍ଭୁକ୍ତ ।

ଚଳିତ ଆର୍ଥିକ ବର୍ଷର ଅଗଷ୍ଟ ମାସ ଶେଷ ସୁଦ୍ଧା ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଯେଉଁ ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଥିଲା ସେଥିମଧ୍ୟରୁ ନିମ୍ନ ଆୟକାରୀ ବ୍ୟକ୍ତଙ୍କ ପାଇଁ ବାସ ଗୃହ ଯୋଗାଣ ଓ ଜୈବିକ ଗ୍ୟାସ୍ ପ୍ରକଳ୍ପ ପ୍ରତିଷ୍ଠା କ୍ଷେତ୍ରରେ ନିର୍ଦ୍ଧାରିତ ଲକ୍ଷ୍ୟ ଠାରୁ ଯଥାକ୍ରମେ ୬ଗୁଣ ଓ ୪ ଗୁଣ ଅଧିକ ସଫଳତା ଉକ୍ତ ସମୟ ମଧ୍ୟରେ ହାସଲ କରାଯାଇଛି ବୋଲି ଏକ ସମୀକ୍ଷାରୁ ପ୍ରକାଶ ।

## କଳାହାଣ୍ଡି ଜିଲ୍ଲାରେ କପାଚାଷ

କଳାହାଣ୍ଡି ଜିଲ୍ଲାରେ ଗତ ଖରିଫରେ ୧୮୭୦ ହେକ୍ଟରରେ କପାଚାଷ ସମେତ ୪ ଲକ୍ଷ ୭୨ ହଜାର ହେକ୍ଟର ଜମିରେ ଖରିଫ୍ ଚାଷ କରାଯାଇଛି । ତନ୍ମଧ୍ୟରୁ ଅଧିକ ଅମଳକ୍ଷମ ଧାନ ପ୍ରାୟ ୮୫ ହଜାର ହେକ୍ଟର ଜମିରେ ପ୍ରବର୍ତ୍ତନ କରାଯାଇଛି । ଧର୍ମଗଡ ବ୍ଲକ୍‌ର ତାରପୁର ଗ୍ରାମରେ ୯୮ ଏକର ଏକ ସଂହତି କ୍ଷେତ୍ରରେ ଚଳିତ ବର୍ଷ କଲ୍‌ଟର (କଳିଙ୍ଗ–୩) ଧାନ ଚାଷ ମଧ୍ୟ କରାଯାଇଛି । ଗତ ବର୍ଷ ୪୪୨ ହେକ୍ଟର ଜମିରେ କପାଚାଷ କରାଯାଇଥିବା ବେଳେ ଚଳିତ ବର୍ଷ ଏହା ୧,୮୭୦ ହେକ୍ଟରକୁ ଉନ୍ନୀତ କରାଯାଇଛି । ସେହିପରି ଗତବର୍ଷ ୨୬୭ ହେକଟରରେ ସୋୟାବିନ୍ ଚାଷ କରାଯାଇଥିବା ବେଳେ ଚଳିତ ବର୍ଷ ଏହା ୫,୦୩୪ ହେକ୍ଟରରେ ଚାଷ କରାଯାଇଛି । ଆସନ୍ତା ବର୍ଷ ୪ହଜାର ହେକ୍ଟରରେ କପାଚାଷ କରିବା ପାଇଁ ସ୍ଥିର କରାଯାଇଛି ବୋଲି ସଂପ୍ରତି ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କଳାହାଣ୍ଡି ଜିଲ୍ଲା ଉନ୍ନୟନ କମିଟି ବୈଠକରେ ପ୍ରକାଶ ପାଇଛି । ଏହି ବୈଠକରେ ବିଂଶସୂତ୍ରୀ କାର୍ଯ୍ୟକ୍ରମ ସମେତ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ ଯୋଜନା ସଂପର୍କରେ ଆଲୋଚନା କରାଯାଇଛି । ବିଂଶସୂତ୍ରୀ କାର୍ଯ୍ୟକ୍ରମ ସମୀକ୍ଷାରୁ ପ୍ରକାଶ ଯେ ଗତବର୍ଷର ଏହି ସମୟ ଅପେକ୍ଷା ଚଳିତ ବର୍ଷ ଲକ୍ଷ୍ୟ ହାସଲ ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ଯଥେଷ୍ଟ ଅଧିକ ହୋଇଛି ।

## ହରିଜନ-ଆଦିବାସୀଙ୍କ କଲ୍ୟାଣ ଦିଗରେ

ରାଜ୍ୟ ଓ କେନ୍ଦ୍ରୀୟ ଯୋଜନା, କେନ୍ଦ୍ରୀୟ ପୋଷିତ ଯୋଜନା ଏବଂ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ପାଣ୍ଠିରୁ ହରିଜନଙ୍କ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଉପାଂଶ ଯୋଜନା ଅଞ୍ଚଳ ଓ ଆଦିବାସୀ ଉପ-ଯୋଜନା ଅଞ୍ଚଳରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ଗତ ଷଷ୍ଠ ଯୋଜନା କାଳରେ ବିନିଯୋଗ କରାଯାଇଥିବା ଅର୍ଥ ତୁଳନାରେ ଚଳିତ ସପ୍ତମ ଯୋଜନାରେ ଅଧିକ ପରିମାଣର ଅର୍ଥ ବିନିଯୋଗ କରାଯାଉଛି । ଷଷ୍ଠ ଯୋଜନା କାଳ ମଧ୍ୟରେ ସେହିସବୁ ପାଣ୍ଠିରୁ ହରିଜନମାନଙ୍କ କଲ୍ୟାଣ ଲାଗି ସମୁଦାୟ ମାତ୍ର ୧୮୯ କୋଟି ୬୫ ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିବା ସ୍ଥଳେ ଚଳିତ ଯୋଜନାର ପ୍ରଥମ ୩ଟି ବର୍ଷରେ ବ୍ୟୟ ପରିମାଣ ୨୧୪ କୋଟି ୮୨ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ଏହା ବ୍ୟତୀତ ଚଳିତ ବର୍ଷ ଏ ବାବଦରେ ୯୬ କୋଟି ୧୫ ଲକ୍ଷ ଟଙ୍କା ବ୍ୟୟ ହୋଇ ସପ୍ତମ ଯୋଜନା ଶେଷ ସୁଦ୍ଧା ବ୍ୟୟର ପରିମାଣ ୪୦୭ କୋଟି ୧୨ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବ ବୋଲି ଅଟକଳ କରାଯାଇଛି ।

ସେହିପରି ଆଦିବାସୀ ଉପ-ଯୋଜନା ଅଞ୍ଚଳରେ ଗତ ଷଷ୍ଠ ଯୋଜନା କାଳ ମଧ୍ୟରେ 'ସର୍ବମୋଟ ୬୪୦ କୋଟି ୭୭ ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିବା ସ୍ଥଳେ ଚଳିତ ସପ୍ତମ ଯୋଜନାର ପ୍ରଥମ ୩ ବର୍ଷ ମଧ୍ୟରେ ୬୯୨ କୋଟି ୮୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଲାଣି । ଏହାବ୍ୟତୀତ ଚଳିତ ଆର୍ଥିକ ବର୍ଷରେ ଆଉ ୨୭୦ କୋଟି ଟଙ୍କା ବ୍ୟୟ ହୋଇ ଯୋଜନା କାଳ ଶେଷ (୧୯୮୯-୯୦) ସୁଦ୍ଧା ବ୍ୟୟ ପରିମାଣ ୧,୨୩୨ କୋଟି ୮୦ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବ ବୋଲି ଏବେ ସଚିବାଳୟଠାରେ ଅନୁଷ୍ଠିତ ବିଭାଗୀୟ ଅଣ-ଆନୁଷ୍ଠାନିକ ପରାମର୍ଶଦାତା କମିଟି ବୈଠକରେ ପ୍ରକାଶ ପାଇଛି । ହରିଜନ ଓ ଆଦିବାସୀ ମଙ୍ଗଳ ବିଭାଗ ମନ୍ତ୍ରୀ ଶ୍ରୀ ରାସବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ ଉପମନ୍ତ୍ରୀ ଶ୍ରୀମତୀ ପରମା ପୂଜାରୀ, ଲୋକସଭା ସଦସ୍ୟ ଶ୍ରୀ ଅନାଦି ଚରଣ ଦାସ, କମିଶନର ତଥା ଶାସନ ସଚିବ ଡଃ ଜେ. କେ. ଭଟ୍ଟାଚାର୍ଯ୍ୟ, ନିର୍ଦ୍ଦେଶକ ଶ୍ରୀ ଫଣୀ ଭୂଷଣ ଦାସ, ନିର୍ଦ୍ଦେଶକ ଶ୍ରୀ ଜି. ଏନ୍. ପେଗୁ, ଉପଶାସନ ସଚିବ ଶ୍ରୀ ଉମାଶଙ୍କର ପାଣ୍ଡେଯୋଶୀ ଓ ଶ୍ରୀ ରଜେନ୍ଦ୍ର କୁମାର ପଟ୍ଟନାୟକଙ୍କ ସମେତ ସଂପୃକ୍ତ ନିଗମଗୁଡ଼ିକର ଏମ୍. ଡ଼ି. ଏବଂ ପଦସ୍ଥ ଅଫିସରମାନେ ଯୋଗ ଦେଇଥିଲେ ।

ବୈଠକରେ ଦାରିଦ୍ର୍ୟ ଦୂରୀକରଣ ଯୋଜନାରେ ହରିଜନ-ଆଦିବାସୀଙ୍କୁ ସହାୟତା ପ୍ରଦାନ, ଆଦିବାସୀ ଉପ-ଯୋଜନାର ପରିସର ଓ କାର୍ଯ୍ୟକାରିତା, ପୋଡୁଚାଷର ନିରାକରଣ ଓ ସଂପୃକ୍ତ ଲୋକଙ୍କ ଥଇଥାନ, ସ୍ୱଳ୍ପ ଋଣ ପରିଶୋଧ କରିନଥିବା ଦରିଦ୍ର ଆଦିବାସୀଙ୍କ ଋଣ ଛାଡ଼, ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡ଼ିକରେ ଗମନାଗମନ ଓ ଶିକ୍ଷାର ପ୍ରସାର, ଶିକ୍ଷିତ ଆଦିବାସୀ-ହରିଜନଙ୍କ ପାଇଁ ଆତ୍ମ ନିଯୁକ୍ତି ଯୋଜନା, ଆଦିବାସୀ ଉନ୍ନୟନ ସମବାୟ ନିଗମ, ଜୀବନଧାରା ଯୋଜନା, ଦଙ୍ଗା ଓ ଲୋଧା ସଂପ୍ରଦାୟର କଲ୍ୟାଣ ଏବଂ କାଶୀପୁର ଆଦିବାସୀ ଉନ୍ନୟନ ଇତ୍ୟାଦି ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ବିଶଦ ଆଲୋଚନା କରାଯାଇଛି ।

ଆଲୋଚନାରୁ ପ୍ରକାଶ ଯେ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ଆଇ : ଆର: ଡି: ଓ ଇ: ଆର : ଆର : ପି : ପରି ୨ଟି ମୁଖ୍ୟ କାର୍ଯ୍ୟକ୍ରମ ଅନୁଯାୟୀ ଗତ ଷଷ୍ଠ ଯୋଜନା କାଳରେ ୪ ଲକ୍ଷ ୯୭ ହଜାର ୯୩୮ ଜଣ ଆଦିବାସୀ ଓ ୪ ଲକ୍ଷ ୬୪ ହଜାର ୮୧ ଜଣ ହରିଜନ ପରିବାର ଉପକୃତ ହୋଇଥିଲେ । ଚଳିତ ସପ୍ତମ ଯୋଜନାର ପ୍ରଥମ ୩ ବର୍ଷରେ ୪ ଲକ୍ଷ ୫୯ ହଜାର ୧୩୬ ଜଣ ଆଦିବାସୀ ଓ ୩ ଲକ୍ଷ ୩୮ ହଜାର ୭୪୧ ଜଣ ହରିଜନ ପରିବାର ଉପକୃତ ହେଲେଣି । ଆଦିବାସୀ ଉପ-ଯୋଜନା ଅଞ୍ଚଳ ମଧ୍ୟରେ ରାଜ୍ୟର ୧୧୮ଟି ବ୍ଲକ୍, ୧୭ଟି ପୌରପାଳିକା ଓ ୯ଟି ଏନ୍: ଏ: ସି: ଅନ୍ତର୍ଭୁକ୍ତ ଏବଂ ଏହି ଉପ-ଯୋଜନା ଅଞ୍ଚଳଟି ୨୧ ଟି ଆଇ : ଟି : ଡି : ଏ : ରେ ବିଭକ୍ତ ହୋଇଛି । ଆଦିବାସୀଙ୍କ ଋଣଛାଡ଼ ନିଷ୍ପତ୍ତି ଅନୁଯାୟୀ ଗତବର୍ଷରେ ୪୯,୮୬୩ ଜଣ ଆଦିବାସୀ ଉପକୃତ ହୋଇଛନ୍ତି ଏବଂ ଏ ବାବଦରେ ସରକାର ୬୦ ଲକ୍ଷ ଟଙ୍କା ବ୍ୟୟ ବହନ କରିଥିଲେ । ଆଦିମ ଆଦିବାସୀ ବାସ କରୁଥିବା ଅଞ୍ଚଳରେ ରାସ୍ତା ଯୋଗାଯୋଗର ବିକାଶ ଲାଗି କେନ୍ଦ୍ର ସରକାର ଗତବର୍ଷ ୧ କୋଟି ୨୮ ଲକ୍ଷ ୮୦ ହଜାର ଟଙ୍କା ମଞ୍ଜୁର କରିଛନ୍ତି ବୋଲି ବୈଠକରେ ପ୍ରକାଶ ।

## କାଜୁବାଦାମ ଚାଷ

କୃଷି ବିଭାଗ ଅଧୀନସ୍ଥ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶାଳୟ ଉଦ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସମୁଦାୟ ୭୩ ହଜାର ୨୩୬ ହେକ୍ଟର ଜମିରେ କାଜୁ ବାଦାମ ଚାଷ କରାଯାଇଛି । ତନ୍ମଧ୍ୟରୁ ରାଜ୍ୟ କାଜୁ ଉନ୍ନୟନ ନିଗମକୁ ୧୪ ହଜାର ୭୬୧ ହେକ୍ଟର କାଜୁ ବଗିଚା ହସ୍ତାନ୍ତର କରାଯାଇଛି । ଏହା ବ୍ୟତୀତ ବିଭିନ୍ନ ବ୍ଲକ୍‌ର ଦରିଦ୍ରତମ ପରିବାରଙ୍କ ମଧ୍ୟରେ ଇ: ଆର: ଆର: ପି: ଅନୁଯାୟୀ ସମୁଦାୟ ୨୦ ହଜାର ୧୮୮ ହେକ୍ଟର ଏବଂ ଆଇ: ଟି: ଡି: ଏ. ଅଂଚଳର ଆଦିବାସୀମାନଙ୍କୁ ୨ ହଜାର ୭୯୪ ହେକ୍ଟର କାଜୁ ବଗିଚା ଯୋଗାଇ ଦିଆଯାଇଛି । ପ୍ରାୟ ୨ ଏକର ଲେଖାଏଁ ଦିଆଯାଇଥିବା କାଜୁ ବଗିଚାରୁ ସଂପୃକ୍ତ ହିତାଧିକାରୀମାନେ ରକ୍ଷଣାବେକ୍ଷଣ କରି ସେଥିରୁ ଜୀବିକାର୍ଜ୍ଜନ କରୁଛନ୍ତି ।

ସେହିପରି ମୃତ୍ତିକା ସଂରକ୍ଷଣ ସଂସ୍ଥା ତରଫରୁ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧ ଲକ୍ଷ ୨୬ ହଜାର ୪୮୪ ହେକ୍ଟର ଜମିର ଉନ୍ନୟନ ୫୧ ହଜାର ୪୪୭ ହେକ୍ଟର ଜମିରେ ବୃକ୍ଷ ରୋପଣ, ୪ ହଜାର ୩୦୪ ହେକ୍ଟର ଜମିରେ କଫି ଚାଷ ଓ ୧୩୨୨ ହେକ୍ଟର ଜମିରେ ମୁର୍ଗାଘାସ ବିଭିନ୍ନ ଜିଲ୍ଲାରେ ସମୁଦାୟ କରାଯାଇଛି । ଏହାବ୍ୟତୀତ ଜଳଭଣ୍ଡାର ନିର୍ମାଣ, ୨୦୧୨ କି: ମି: ୪୭୩୮ଟି ଜଳ ଅମଳ ପ୍ରକଳ୍ପ

ଦେଶୀୟର ନଦୀ ତଟ କ୍ଷୟ ନିରୋଧ ଓ ୬୩୯୪ଟି ଅନ୍ୟାନ୍ୟ ମୃତ୍ତିକା ସଂରକ୍ଷଣ ଯାନ୍ତ୍ରିକ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି ।

## କଟକ ଜିଲ୍ଲାରେ ଦୁଇଟି ନୂଆ ସେତୁ

କଟକ ଜିଲାର ସାଲେପୁର-ଛତିଆ ରାସ୍ତାର, କଇଥା-ଚଂପାପୁରଠାରେ ସାନଗେଂଗୁଟି ନଦୀ ଉପରେ ଏବଂ କୁଆଁପାଳ-ବାଲିଚନ୍ଦ୍ରପୁର ଲଳିତଗିରି ରାସ୍ତାର କୁଆଁପାଳଠାରେ ପଟ୍ଟାମୁଣ୍ଡାଇ କେନାଲ ଉପରେ ଦୁଇଟି ନୂତନ ସେତୁ ନିର୍ମାଣ ପାଇଁ ପୂର୍ତ୍ତ ଓ ଗୃହନିର୍ମାଣ ରାଷ୍ଟ୍ରମନ୍ତ୍ରୀ ମହମ୍ମଦ ମୁଜାଫର ହୁସେନ୍ ଖାଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

ସାନଗେଂଗୁଟି ସେତୁ ନିର୍ମାଣପାଇଁ ୩୦ ଲକ୍ଷ ୭ ହଜାର ଟଂକା ଏବଂ ପଟ୍ଟାମୁଣ୍ଡାଇ କେନାଲ ସେତୁପାଇଁ ୧୨ ଲକ୍ଷ ୫୪ ହଜାର ୫୦୦ ଟଂକା ବ୍ୟୟ ଅଟକଳ କରାଯାଇଛି । ଏହି ଦୁଇଟି ସେତୁ ସଂପୂର୍ଣ୍ଣ ହେଲେ କଟକ ଜିଲାର ସାଲେପୁର, ବାଲିଚନ୍ଦ୍ରପୁର, କୁଆଁପାଳ, ମାହାଂଗା, ଲଳିତଗିରି, ତେଗକିଣ୍ଡା, କାନପୁର, ନହାଙ୍ଗ, ଅଚ୍ୟୁତପୁର, ଖଣ୍ଡାଇ, ନୃତାଂଗ, କୁରୁଡ଼ି, କଣ୍ଡରଜ ଏବଂ ଛତିଆପ୍ରଭୃତି ବିସ୍ତୀର୍ଣ୍ଣ ଜନବହୁଳ ଗ୍ରାମାଂଚଳସହ ସ୍ଥାୟୀ ଗମନାଗମନର ସୁଯୋଗ ସୃଷ୍ଟି ହୋଇପାରିବ । ଏହା ଫଳରେ ସ୍ଥାନୀୟ ଲୋକମାନଙ୍କର ବହୁଦିନର ଅଭାବ ପୂରଣ ହୋଇପାରିବ । ସପ୍ତମ ଯୋଜନାକାଳ ମଧ୍ୟରେ ଏହିସେତୁ ଦୁଇଟିର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣହେବ ।

## ଓଡ଼ିଶାରେ ଅଧିକ ଦୂରଦର୍ଶନ କେନ୍ଦ୍ର

ସପ୍ତମ ଯୋଜନା କାଳରେ ଓଡ଼ିଶାରେ ନିର୍ମିତ ହେବାକୁ ଥିବା ଦୂରଦର୍ଶନ କେନ୍ଦ୍ର ଏବଂ ଆକାଶବାଣୀ କେନ୍ଦ୍ରଗୁଡ଼ିକୁ ନିର୍ଦ୍ଦିଷ୍ଟ ସମୟସୀମା ସମୟ ମଧ୍ୟରେ ସ୍ଥାପନ କରାଯିବ । ଏହା ବ୍ୟତୀତ ଖାସ ପ୍ରୋଗ୍ରାମରେ ମଧ୍ୟ ଅଧିକ ଦୂରଦର୍ଶନ କେନ୍ଦ୍ର ସ୍ଥାପନ କରାଯିବ ବୋଲି କେନ୍ଦ୍ର ସୂଚନା ମନ୍ତ୍ରୀ ଶ୍ରୀ ହରିକିଶନଲାଲ ଭଗତ ରାଜି ହୋଇଥିବା ବିଷୟ ଏଠାରେ ବିଭାଗୀୟ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ପ୍ରକାଶ କରିଛନ୍ତି ।

ନୂଆଦିଲ୍ଲୀଠାରେ ରାଜ୍ୟ ସୂଚନା ଓ ସେଚ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ସିଂହ ଶ୍ରୀ ଭଗତଙ୍କ ସହିତ ଏସଂପର୍କରେ ଆଲୋଚନା କରିବା ବେଳେ ରାଜ୍ୟରେ ଅଧିକ ସଂଖ୍ୟକ ଦୂରଦର୍ଶନ ଓ ଆକାଶବାଣୀ କେନ୍ଦ୍ର ଖାସପ୍ରୋଗ୍ରାମ ଜରିଆରେ ପ୍ରତିଷ୍ଠା କରିବା ଲାଗି ଦାବୀ କରିଥିଲେ । ଫୁଲବାଣୀ ଓ ବାଲେଶ୍ୱରଠାରେ ଦୂରଦର୍ଶନ ରିଲେ କେନ୍ଦ୍ର ଅନୁଷ୍ଠାନିକଭାବେ ଉଦ୍‌ଘାଟନ କରିବା ଲାଗି ଶ୍ରୀ ଭଗତ ଶୀଘ୍ର ଓଡ଼ିଶା ଗସ୍ତରେ ଆସିବାଲାଗି ମଧ୍ୟ ଶ୍ରୀ ସିଂହ ଅନୁରୋଧ କରିଥିଲେ । ଏହି ଆଲୋଚନା ବେଳେ କେନ୍ଦୁଝରର ରେଡ଼ିଓ ଷ୍ଟେସନ ଓ ରାଜନଗରଠାରେ ଦୂରଦର୍ଶନର ଏଲ୍. ପି. ଟି. କେନ୍ଦ୍ର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ମଧ୍ୟ ଶ୍ରୀ ସିଂହ ଗୁରୁତ୍ୱ ଆରୋପ କରିଥିଲେ ।

କଟକ ଦୂରଦର୍ଶନ କେନ୍ଦ୍ରକୁ ଅଧିକ ସଂଖ୍ୟକ ଟି. ଭି. କେମେରା ୟୁନିଟ୍ ଯୋଗାଇ ଦେବା ଏବଂ ଓଡ଼ିଶାର ଗ୍ରାମାଂଚଳରେ ସମ୍ବାଦ, ଲୋକନୃତ୍ୟ, କଳା ଓ ପର୍ବପର୍ବାଣୀର କାର୍ଯ୍ୟକ୍ରମ ଚିତ୍ରମାନଙ୍କର ଟି. ଭି. ଟିମ୍‌ଦ୍ୱାରା ସଂଗ୍ରହ କରାଯାଇ ଆଂଚଳିକ ଏବଂ ଜାତୀୟ କାର୍ଯ୍ୟକ୍ରମରେ ପ୍ରସାରଣ କରିବା ନିମନ୍ତେ ଶ୍ରୀ ସିଂହ ଦାବୀ କରିଥିଲେ ।

ଏହି ଆଲୋଚନା ବେଳେ ଆକାଶବାଣୀ ମହାନିର୍ଦ୍ଦେଶକ ଶ୍ରୀ ସିଂଧେ, ଦୂରଦର୍ଶନ ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଶର୍ମା ଓ ଇଂଜିନିୟର ଇନ୍ ଚିଫ୍ ଏବଂ ସୂଚନା ମନ୍ତ୍ରଣାଳୟର ଯୁଗ୍ମ ଶାସନ ସଚିବ ଶ୍ରୀ କୁଶ ଉପସ୍ଥିତ ଥିଲେ । କେନ୍ଦ୍ର ସୂଚନା ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ଓଡ଼ିଶାରେ ଦୂରଦର୍ଶନ ପ୍ରସାର କ୍ଷେତ୍ରରେ ସ୍ୱତନ୍ତ୍ର ସୁବିଧା ଦେବାକୁ ଆଗ୍ରହ ପ୍ରକାଶ କରିଥିବା ହେତୁ ଶ୍ରୀ ସିଂହ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି ।

## ରବି ଋତୁରେ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ

ଗତ ବର୍ଷର ମରୁଡ଼ି ପରିସ୍ଥିତି ଏବଂ ଚଳିତ ବର୍ଷର ଖରିଫ୍ ଋତୁରେ ସର୍ବତ୍ର ଆଶାନୁରୂପ ବୃଷ୍ଟିପାତର ଅଭାବ ଦୃଷ୍ଟିରୁ ଚଳିତ ରବି ଋତୁରେ (ଅକ୍ଟୋବରଠାରୁ) ୭ ଲକ୍ଷ ହେକ୍ଟର ଜଳସେଚିତ ଜମି ସମେତ ସମୁଦାୟ ୨୯ ଲକ୍ଷ ୮୯ ହଜାର ହେକ୍ଟର ଜମିରେ ବିଭିନ୍ନ ରବି ଫସଲ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଅଧିକାଂଶ ରବି ଫସଲ ଅଣ-ଜଳସେଚିତ ଜମିରେ ମାଟିର ବତରକୁ ଉପଯୋଗ କରି ଚାଷ କରାଯିବ ।

ରବି ଫସଲ ଚାଷପାଇଁ ନିର୍ଦ୍ଧାରିତ ହୋଇଥିବା ଉପରୋକ୍ତ ଜମି ମଧ୍ୟରୁ ୨୪ ଲକ୍ଷ ୨୫ହଜାର ହେକ୍ଟର ଜମିରେ ଧାନ, ଗହମ, ଡ଼ାଲିଜାତୀୟ ଫସଲ, ତୈଳବୀଜ ଓ ଆଖୁପରି ମୁଖ୍ୟ ଫସଲ ଚାଷ କରାଯିବ । ତନ୍ମଧ୍ୟରେ ସର୍ବାଧିକ ୧୪ ଲକ୍ଷ ୫୪ ହଜାର ହେକ୍ଟର ଜମିରେ ବିଭିନ୍ନ ଡ଼ାଲି ଜାତୀୟ ଫସଲ ଚାଷପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ତଦନୁଯାୟୀ ସବୁଜିଲାର ଚାଷୀଙ୍କୁ ୪,୨୦୦ କୁଇଣ୍ଟାଲ ମୁଗ ଓ ୧୮୫୦ କୁଇଣ୍ଟାଲ ବିରି ବିହନ ଯୋଗାଇ ଦେବାର କାର୍ଯ୍ୟକ୍ରମ ରହିଛି । ସେହିପରି ୧ ଲକ୍ଷ ୫୨ ହଜାର ହେକ୍ଟର ଜମିରେ ଚିନାବାଦାମ ସମେତ ସମୁଦାୟ ୬ ଲକ୍ଷ ୪ ହଜାର ହେକ୍ଟର ଜମିରେ ବିଭିନ୍ନ ତୈଳବୀଜ ଚାଷ କରାଯିବ । ତଦନୁସାରେ ଚାଷୀମାନଙ୍କୁ ୩୦ ହଜାର କୁଇଣ୍ଟାଲ ଚିନାବାଦାମ ଓ ୯୦୦ କୁଇଣ୍ଟାଲ ସୋରିଷ ବିହନ ଯୋଗାଇ ଦିଆଯିବାକୁ ବ୍ୟବସ୍ଥା ହେଉଛି । ଏହିଋତୁରେ ୨ ଲକ୍ଷ ୩୦ ହଜାର ହେକ୍ଟର ଜମିରେ ଧାନ ଓ ୭୮ ହଜାର ହେକ୍ଟର ଜମିରେ ଗହମ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ଚାଷୀଙ୍କୁ ୧,୯୧,୬୬୫ କୁଇଣ୍ଟାଲ ଧାନ ଓ ୧୪,୬୦୦ କୁଇଣ୍ଟାଲ ଗହମ ବିହନ ଯୋଗାଇ ଦିଆଯିବ ।

ବିଭିନ୍ନ ରବିଫସଲ ଚାଷ କରିବାକୁ ସରକାରଙ୍କ ତରଫରୁ ସମଗ୍ର ରାଜ୍ୟରେ ୧ ଲକ୍ଷ ୩୦ ହଜାର ମେଟ୍ରିକ୍ ଟନ୍ ଉଦ୍ଭିଦ ଖାଦ୍ୟସାର ଯୋଗାଇ ଦେବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ।

# ପିଲାଙ୍କ ପାଇଁ ଡାକ ଟିକଟ ସଂଗ୍ରହ

ଶ୍ରୀ ସହଦେବ ସାହୁ

ସାନ ବଡ ଅନେକ ପସ୍ତରନ୍ତି ଟିକଟ ସଂଗ୍ରହ କାହିଁକି କରୁଛନ୍ତି ? ଏଥିରେ ଲାଭ କ'ଣ ? ଯେଉଁମାନେ ଆଗରୁ ସଂଗ୍ରହ କରିଲେଣି ସେମାନେ ତ ସବୁବେଳେ ଆଗୁଆ ରହିବେ, ଆମେ ଏବେ ଆରମ୍ଭ କଲେ କେବେ ସେମାନଙ୍କ ସମକକ୍ଷ ହୋଇ ପାରିବୁ ?

ଏମାନଙ୍କୁ ଦୁଇଟି କଥା ବୁଝାଇବାକୁ ପଡେ (କ) ସଉକ କ'ଣ ଓ (ଖ) ସଉକ ହିସାବରେ ଟିକଟ ସଂଗ୍ରହକୁ କାହିଁକି ବେଶୀ ଲୋକ ଆଦରୁଛନ୍ତି ? ସମସ୍ତଙ୍କର ଗୋଟିଏ ମୂଳ ଧନ୍ଦା ବା ପେଶା ଥାଏ: ପିଲାଙ୍କ ପାଠ ପଢା ଓ ବଡଙ୍କ ଚାକିରୀ ବାକିରୀ । ଆମର ଅଧିକାଂଶ ସମୟ ଏହି ମୂଳ ଧନ୍ଦାରେ କଟିଲେ ମଧ୍ୟ ଅବସର ସମୟ ବିତାଇବା ପାଇଁ ଆମର ଗୋଟିଏ ଗୋଟିଏ ସଉକ ଥାଏ । ଇଂରାଜୀରେ ଏହାକୁ 'ହବି' କହନ୍ତି । ତାସ୍ ଖେଳିବା, ବଣ ପାହାଡରେ ବୁଲିବା (ହାଇକିଙ୍ଗ୍), ସିନେମା ଦେଖିବା, ନଭେଲ୍ ପଢିବା, ମୁଦ୍ରା ସଂଗ୍ରହ କରିବା, ରକମ ରକମର ପଥର ଗୋଟି ସଂଗ୍ରହ କରିବା, ଫଟୋ ଉଠାଇବା ଆଦି ଏମିତି ଗୋଟିଏ ଗୋଟିଏ ସଉକ । ସଉକଟା ଯଦି ଆମ ଜୀବନକୁ ସରସ, ସମୃଦ୍ଧ ନକଲା, ସେ ସଉକକୁ ରଖି ଲାଭ କ'ଣ ? ସଉକଟା ଯଦି ଆମକୁ ବେଶି ଖର୍ଚ୍ଚାନ୍ତ କରାଇଲା, ତାକୁ ରଖି ଲାଭ କ'ଣ ? ଅବସର ସମୟକୁ ଲାଭଜନକ ଉପାୟରେ କଟାଇବାକୁ ଟିକଟ ସଂଗ୍ରହଠାରୁ ବଳି ଆଉ ସଉକ ନାହିଁ । ବେଶୀ ଖର୍ଚ୍ଚ ଦରକାର ନାହିଁ, ଯେଉଁଠି ସେଇଠି ଟିକଟ ମିଳି ପାରିବ, ଗୋଟିଏ ଗୋଟିଏ ଖୋଳରେ ଶହ ଶହ ଟିକଟ ନେଇ ହେବ; ଓଜନ ନାହିଁ, ଶବ୍ଦ ନାହିଁ, ସ୍ୱେର ସହଜରେ ଜାଣି ପାରିବ ନାହିଁ କୋଉଠି ଆମେ ରଖିଛୁ । ଟିକଟ ଆଲ୍‌ବମ୍ ଅନ୍ୟ ବହି ଭଳି ରଖାଯାଇଥାଏ । ପୁଣି ଟିକଟ ସଂଗ୍ରହ ହେଉଛି ଜ୍ଞାନ ଲାଭର ସବୁଠାରୁ ସହଜ ଉପାୟ ।

ବହୁତ ଲୋକ ଡାକ ଟିକଟ ସଂଗ୍ରହ କରନ୍ତି, କିନ୍ତୁ ପ୍ରଚାର କରନ୍ତି ନାହିଁ । ଆମ ଦେଶରେ ଜବାହରଲାଲ୍ ନେହେରୁ ଓ ହେନେରାଲ୍ କାରିଆପ୍ପା, ବିଲାତର ରାଣୀ ଏଲିଜାବେଥ୍, ଯୁକ୍ତରାଷ୍ଟ୍ର ଆମେରିକାର ଭୂତପୂର୍ବ ରାଷ୍ଟ୍ରପତି ଏଫ୍: ଡି: ରୁଜ୍‌ଭେଲ୍ଟ ଓ ଡ୍ୱାଇଟ୍ ଡି. ହାଇଜେନ୍ ହାୱାରଙ୍କ ଭଳି ବହୁତ ବଡବଡ ଲୋକ ଟିକଟ ସଂଗ୍ରହ ପାଇଁ ପ୍ରସିଦ୍ଧ । ବିଭିନ୍ନ ସରକାରୀ ବେସରକାରୀ କର୍ମରେ ନିଯୁକ୍ତ ବଡବଡ ଅଧିକାରୀମାନେ ମଧ୍ୟ ଏହି ସଉକରେ ମାତିଥା'ନ୍ତି । କେବଳ ଖୁସି ପାଇଁ ନୁହେଁ, ଏଥିରୁ ମିଳୁଥିବା ଜ୍ଞାନ କାମରେ ଆସେ । ଏଥି ପାଇଁ ପ୍ରେସିଡେଣ୍ଟ ରୁଜ୍‌ଭେଲ୍ଟଙ୍କ ଜୀବନରୁ ଗୋଟିଏ ଉଦାହରଣ ଦେଲେ ଭଲ ହେବ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର କଥା । ପାର୍ଲ ହାର୍ବର୍‌ଠାରେ ଥିବା ବହୁତ ମାର୍କିନ୍ ଜାହାଜକୁ ଜାପାନ ନଷ୍ଟ କରି ଦେଇଥାଏ । ତେଣୁ ଯୁକ୍ତରାଷ୍ଟ୍ର ଆମେରିକା ମିତ୍ର ଶକ୍ତିମାନଙ୍କ ସାଙ୍ଗରେ ମିଶି ଜର୍ମାନୀ, ଜାପାନ ଓ ଇଟାଲୀ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥାଏ । ପ୍ରଶାନ୍ତ ମହାସାଗରରେ କେଉଁଠି ଘାଟି ବସାଗଲେ ଜାପାନ ଉପରେ ସହଜରେ ବୋମା ବର୍ଷଣ କରିହେବ, ତାହାର ଆଲୋଚନା ଚାଲିଥାଏ । କଥା ପ୍ରସଙ୍ଗରେ ରୁଜ୍‌ଭେଲ୍ଟ ପରାମର୍ଶ ଦେଲେ ହାୱାଇର ସିଧା ଦକ୍ଷିଣକୁ ଟୋଙ୍ଗାରେଭା ଦ୍ୱୀପ ପୃଷ୍ଠରେ ଘାଟି ବସାଯାଉ । ନ୍ୟୁଜିଲାଣ୍ଡର ତତ୍‌କାଳିନ ଉପପ୍ରଧାନମନ୍ତ୍ରୀ ଓ୍ୱାଲ୍‌ଟର୍ ନାସ୍ ଆଶ୍ଚର୍ଯ୍ୟ ହୋଇଗଲେ । ଏମିତିକା ନାଁ ସେ'ତ ଶୁଣି ନାହାନ୍ତି; ମାର୍କିନ୍ ରାଷ୍ଟ୍ରପତି କେତେ ବ୍ୟସ୍ତ ଲୋକ, ସେ ପୁଣି ଜାଣିଲେ କିପରି ? ରୁଜ୍‌ଭେଲ୍ଟ ଯାହା କହିଲେ ତାର ମର୍ମ ହେଲା: ସେ ବ୍ୟବହାର ହୋଇଥିବା ଡାକ ଟିକଟ ସଂଗ୍ରହ କରନ୍ତି; ଟିକଟ ଉପରେ ମରା ଥିବା ଡାକ ମୋହର ପଢନ୍ତି ଏବଂ ମୋହରରେ ନାମିତ ସହରଟି ଆଟ୍‌ଲାସ୍ (ମାନଚିତ୍ର ବହି)ରେ କେଉଁଠି ଅଛି ଠାବ କରନ୍ତି ।

ଏଥିରୁ ବୁଝି ହୁଏ ଟିକଟ କିପରି ରୁଜ୍‌ଭେଲ୍ଟଙ୍କ ଭୌଗଳିକ ଜ୍ଞାନ ବଢାଇ ଥିଲା । ଆମେ ଯଦି ମେଞ୍ଚାଏ ଟିକଟ ଆଣି ଖୋଳ ଭିତରେ ପୂରାଇ ରଖିଦେବା, ତାକୁ ଦେଖିବା ନାହିଁ କି ପଢିବା ନାହିଁ, ତେବେ ଆମକୁ କେହି ଟିକଟ ସଂଗ୍ରାହକ କହିବ ନାହିଁ । ମୁଁ ଯଦି ଗୁଡିଏ ବହି ଆଣି ଆଲ୍‌ମିରା ଭିତରେ ସାଇତି ରଖେ, ଯେତେ ବହି ଥିଲେ ବି ମୋର ଜ୍ଞାନ ବଢିବ କି ? ବରଂ କିଛି ଦିନ ପରେ ମୁଁ ବହି ଗୁଡିକର ନାଁ ବି ଭୁଲିଯିବି । ଟିକଟଟିଏ କାଗଜ ଟୁକୁରା ହେଲେ କ'ଣ ହେବ, ପ୍ରତ୍ୟେକ ଟିକଟ ଗୋଟିଏ ଗୋଟିଏ ବହି ଭଳି ।

ବିଭିନ୍ନ ରଙ୍ଗର ବିଭିନ୍ନ ଛବିର ଓ ବିଭିନ୍ନ ଆକାରର ଟିକଟକୁ ଆଲ୍‌ବମ୍‌ରେ ପୃଷ୍ଠା ପରେ ପୃଷ୍ଠା ସଜାଇ ରଖିଲେ ଆଖିକୁ ବଢିଆ ଦିଶେ, ଦୁଃଖ ପାଶୋରି ହୋଇଯାଏ । କେତେକ ସଂଗ୍ରାହକ ବିରୋଳ ସମୟରେ ବା ବୁଢା ବୟସରେ ଟିକଟ ବିକିଦିଅନ୍ତି, ନୂଆ ସଂଗ୍ରାହକମାନେ ସେଗୁଡିକୁ କିଣି ନିଅନ୍ତି । ତେଣୁ ଟିକଟ ସଂଗ୍ରହର ତିନୋଟି ଉପକାର ଅଛି: ଆମକୁ ଖୁସି କରାଇବ, ଆମର ଜ୍ଞାନ ବଢାଇବ ଓ ଦରକାର ପଡ଼ିଲେ ଆମର ପୁଞ୍ଜି ଭଳି କାମ କରିବ ।

ଟିକଟ ସଂଗ୍ରହରେ ଆରମ୍ଭେଇବା ପୂର୍ବରୁ ଟିକଟରେ କ'ଣ ଅଛି ଜାଣିବା ଉଚିତ । ଟିକଟରେ ଦେଶର ନାମ ଥିବ ଦାମ ଦେଶ ଚିହ୍ନ ଥିବ ।

ଇଂଲଣ୍ଡ ଟିକଟରେ ଇଉନାଇଟେଡ୍ କିଙ୍ଗଡମ୍ ଲେଖା ନଥାଏ, କିନ୍ତୁ ରାଣୀଙ୍କ ଛବିରୁ ଦେଶ ଜାଣି ହୁଏ । ଟିକଟରେ ସେ ଦେଶର ମୁଦ୍ରାରେ ଡାକ ମାହାସୁଲ ଲେଖା ଥିବ । ଆଜିକାଲି ଦଶମିକ ମୁଦ୍ରା ବ୍ୟବସ୍ଥା ଯୋଗୁଁ ବେଳେବେଳେ ମୁଦ୍ରାର ନାମ ଲେଖା ହେଉ ନାହିଁ । ସବୁ ଟିକଟର ମଝିରେ ଗୋଟିଏ ଛବି ଥିବ; ଘୁରି ପଟେ ଧଡ଼ି ବା ଅଳଙ୍କାର ଭଳି ଛବି ଥିବ । କେଉଁ ବର୍ଷ ଛପା ଯାଉଥାଏ ମଧ୍ୟ ବେଳେବେଳେ ଲେଖା ଯାଇଥାଏ । ଦେଶର ଭାଷାରେ ଟିକଟଟି କାହିଁକି ଓ କେବେ ପ୍ରକାଶ ପାଇଲା ତା ମଧ୍ୟ ଲେଖା ଥାଇପାରେ । ଟିକଟର ପଛ ଆଡେ ଅଠା ଥିବ । ଏହି ଅଠା ବିଭିନ୍ନ ପ୍ରକାରର ହୋଇପାରେ: ଡେକ୍ସଟ୍ରିନ୍, ପଲିଭିନାଇଲ୍ ଆଲ୍‌କୋହଲ୍, ଗମ୍ ଆରବିକ୍ ଇତ୍ୟାଦି । ଅଠା ରଙ୍ଗ ଧଳା ହୋଇପାରେ, ଈଷତ୍ ସବୁଜ ହୋଇପାରେ ବା ମାଟିଆ ହୋଇପାରେ । ଟିକଟର ଚାରିପଟେ ଟିକଟକୁ ଛଡାଇବା ପାଇଁ ଛିଦ୍ର ଥାଏ । ଛିଦ୍ରର ମାପ ଅଛି, ପ୍ରତି ଦୁଇ ସେଣ୍ଟିମିଟରରେ ଯେତୋଟି ଦାନ୍ତ ବା ଛିଦ୍ର ଅଛି ତାହା ସେହି ଧାରର ମାପ । ବିଭିନ୍ନ ସମୟର ଛାପାରେ ବିଭିନ୍ନ ଛିଦ୍ର ମାପ ଥାଏ । ଟିକଟ ଛପା ହେବାର ପ୍ରଣାଳୀ ବିଭିନ୍ନ ପ୍ରକାରର । ଅକ୍ଷର ଯୋଡ଼ି ଛପାଯାଇ ପାରେ(ଟାଇପୋଗ୍ରାଫି) କିମ୍ବା ଫଟୋ ଉଠାଇ ଛପା ଯାଇପାରେ (ଫଟୋଗ୍ରାଭିଓର୍); ଉପର ତଳେଣାରୁ ଛପା ଯାଇପାରେ (ଅଫ୍‌ସେଟ୍) କିମ୍ବା ଖୋଦେଇ କରା ଯାଇଥିବା ପଥର ସ୍ତରରୁ ଛପା ଯାଇପାରେ (ପ୍ରେସେସ୍) । ଟିକଟଗୁଡ଼ିକର ରଙ୍ଗ ବିଭିନ୍ନ ହୋଇ ପାରେ । ଟିକଟର କାଗଜ ବିଭିନ୍ନ ପ୍ରକାରର ମଧ୍ୟ ହୋଇ ପାରେ । ଆଲୁଅ ଆଗରେ ଦେଖିଲେ ଯଦି କାଗଜରେ ଧଳାଧଳା ଗାର ଦେଖାଯାଏ ତାକୁ ଲେଡ୍ ପେପର୍ କୁହାଯାଏ । ଯଦି ଆଲୁଅରେ କାଗଜଟିର ସବୁ ଅଂଶ ସମାନ ଦେଖାଯାଏ ତାକୁ ଓଭ୍ ପେପର୍ କୁହାଯାଏ । କାଗଜ ପତଳା ବା ମୋଟା ହୋଇପାରେ; ଧଳା ଧୂସର ବା ଅନ୍ୟ ରଙ୍ଗର ହୋଇପାରେ; ପିଆଜ ପାଖୁଡ଼ା ଭଳି (ପେଲୁଅର୍) ହୋଇପାରେ । କେବଳ ସେତିକି ନୁହେଁ, କେହି ଯେପରି ଜାଲ୍ କରି ନପାରେ ସେଥିପାଇଁ କାଗଜ ତିଆରି ବେଳେ ତହିଁରେ ଜଳ ଚିହ୍ନ (ୱାଟରମାର୍କ) ଦିଆ ଯାଇଥାଏ । ଯେ କୌଣସି ନୋଟ୍‌ଟିଏ ଦେଖିଲେ ଅଶୋକସ୍ତମ୍ଭ ଜଳ ଛବି ଜଳଜଳ ହୋଇ ଦେଖାଯାଏ । କିନ୍ତୁ ଟିକଟଟିକୁ ଆଲୁଅରେ ଧରିଲେ ବା ଜଳରେ ବୁଡାଇ ଦେଲେ ଚିହ୍ନ ଦିଶିଯାଏ । ଜଳରେ ଏହି ଚିହ୍ନ ସ୍ପଷ୍ଟ ହୋଇ ଯାଉଥିବାରୁ ଏହାର ନାମ ଜଳ ଚିହ୍ନ । ଯଦି ଟିକଟଟିର ବିଚାର ଏତେ ଦିଗରୁ କରାଯାଏ, ତେବେ କୌଣସି ଦୁଇଟି ଟିକଟ ଏକା ରକମର ଦେଖାଗଲେ ବି ସବୁ ଦିଗରୁ ସମାନ ନହେଲେ କୌଣସିଟିକୁ ନକଲ କହିହେବ ନାହିଁ ।

ଟିକଟଟି ପାଇଲା କ୍ଷଣି ତା ବିଷୟରେ ଆହୁରି କିଛି ଜାଣିବାକୁ ଇଚ୍ଛା ହୁଏ । ଟିକଟରେ ଥିବା ଛବିକୁ କିଏ ଆଙ୍କିଛି; ଚିତ୍ରଟି ଯଦି ଖୋଦେଇ ପ୍ରଣାଳୀରେ ଛପା ଯାଇଥାଏ, ତେବେ କିଏ ଖୋଦେଇ କରିଛି । ଟିକଟର ମୁଲ୍ୟ କେଉଁ ପ୍ରକାରର ଡାକ ପାଇଁ ମାହାସୁଲ ଓ ଚିଠିଟି କେଉଁ କେଉଁ ବାଟେ ଆସିଛି, ଏ କଥା ଡାକରେ ମିଳିଥିବା ଚିଠିରୁ ଜଣାଯାଏ । ଟିକଟ ଜରିଆରେ ସେ ଦେଶର ଲୋକଙ୍କ ଇତିହାସ, ଭୂଗୋଳ, ରୀତିନୀତି, ଚାଲିଚଳନ, ମେଳା ମହୋତ୍ସବ ଆଦି ଜାଣିହୁଏ । ଅର୍ଥାତ୍ ଟିକଟଟି ସେ ଦେଶର ଗୋଟିଏ ଛୋଟ ଝରକା ଭଳି ।

ଆମ ଦେଶ ଟିକଟକୁ ସଜାଇ ରଖିଲେ ତହିଁରୁ ଆମ ଦେଶର ଭୌଗଳିକ, ଐତିହାସିକ ଓ ସାଂସ୍କୃତିକ ତଥ୍ୟମାନ ମିଳିବା ସଙ୍ଗେସଙ୍ଗେ ଅର୍ଥନୈତିକ, ସାମାଜିକ ଓ ବିଜ୍ଞାନ ଦିଗରେ ଆମ ଦେଶ କେତେ ଦୂର ଆଗେଇଛି, ତାହା ମଧ୍ୟ ଜାଣିହେବ ।

ଆମ ଦେଶର ଟିକଟ ରଖୁଥିବା ପିଲାମାନେ ସିଧାସଳଖ କହିଦେବେ ଯେ ଇଷ୍ଟଇଣ୍ଡିଆ କମ୍ପାନୀ ଶାସନ କେବେ ସରିଲା, ଭିକ୍ଟୋରିଆ, ସପ୍ତମ ଏଡ୍‌ୱାର୍ଡ୍, ପଞ୍ଚମ ଓ ଷଷ୍ଠ ଜର୍ଜଙ୍କ କାର୍ଯ୍ୟକଳାପ କେତେ ଦିନ ଥିଲା, ଆମର ସ୍ୱାଧୀନତା ପ୍ରାପ୍ତି, ସାଧାରଣତନ୍ତ୍ର ପ୍ରତିଷ୍ଠା, ପଞ୍ଚବାର୍ଷିକ ଯୋଜନା, ଜରୁରୀ ପରିସ୍ଥିତି, ବାଙ୍ଗ୍‌ଲାଦେଶ ସୃଷ୍ଟି ଆଦି ଘଟଣା । ପୃଥିବୀ ବିଷୟରେ ସାଧାରଣ ଜ୍ଞାନ ଖୁବ୍ ବଢିଯିବ । ଯଦି କେହି ପଚ୍ଚାରେ ପୃଥିବୀରେ ଭାରତ ଛଡ଼ା ଆଉ କେଉଁ କେଉଁ ଦେଶରେ ରୁପି ମୁଦ୍ରା ରୂପେ ବ୍ୟବହାର ହେଉଛି, ବିଭିନ୍ନ ଦେଶର ଡାକ ଟିକଟ ସଂଗ୍ରହ କରୁଥିବା ଲୋକ ସାଙ୍ଗେସାଙ୍ଗେ ଉତ୍ତର ଦେବ: ପାକିସ୍ଥାନ, ନେପାଳ, ଶ୍ରୀଲଙ୍କା, ମାଲଦ୍ୱିଭ୍ । ସେ ଦେଶଗୁଡ଼ିକର ଟିକଟ ସଂଗ୍ରାହକ ପାଖରେ ଏହା ନଖ ଦର୍ପଣରେ ଥିବ । ପୃଥିବୀରେ ଯେପରି ସ୍ତରିଟିରୁ ଅଧିକ ରୁପି ଅଛି, ସେହିପରି ଦଶଟିରୁ ଅଧିକ ଡଲାର୍, ଅଧ ଡଜନରୁ ଅଧିକ ପାଉଣ୍ଡ ଅଛି । କୌଣସି ଦୁଇଟିର ମୁଲ୍ୟ ସମାନ ନୁହେଁ । ପ୍ରତ୍ୟେକର ବୈଦେଶିକ ବିନିମୟ ମୁଲ୍ୟ ବିଭିନ୍ନ । ତେଣୁ ଜଣେ ଡାକ ଟିକଟ ସଂଗ୍ରାହକର ବିଦେଶୀ ମୁଦ୍ରା ଜ୍ଞାନ ଗୋଟିଏ ବ୍ୟାଙ୍କର କିରାଣୀଠାରୁ ବେଶି ।

ଯେଉଁମାନେ ଡାକଟିକଟରୁ ବିଶେଷ ଜ୍ଞାନ ପାଇବାକୁ ଚାହାନ୍ତି, ସେମାନେ ବିଷୟ ଅନୁଯାୟୀ ଟିକଟ ସଂଗ୍ରହ କରିବା ଉଚିତ । କୁମ୍ଭିଠାରୁ ଆରମ୍ଭ କରି ହାତୀ ପର୍ଯ୍ୟନ୍ତ, ଅତଳ ସମୁଦ୍ରରୁ ଆରମ୍ଭ କରି ଅନନ୍ତ ମହାକାଶ ପର୍ଯ୍ୟନ୍ତ, ସବୁ ବିଷୟରେ ଟିକଟ ଅଛି । ଟିକଟରୁ ଇଙ୍ଗିତ ମିଳିଗଲା ପରେ ଜ୍ଞାନକୋଷରୁ ଆବଶ୍ୟକୀୟ ତଥ୍ୟ ଖୋଜି ଗୋଟିଏ ସଂକ୍ଷିପ୍ତ ବିବରଣୀ ଲେଖି ରଖିଲେ, ଯେତେବେଳେ ଟିକଟ ଦେଖିବ ସେତେବେଳେ ସେହି ପାଠ ପୁନରାବୃତ୍ତି ହୋଇଯିବ । ଫଳରେ କଥାଟି ଆପେଆପେ ମନେ ରହିଯିବ ।

ଟିକଟ ରଖିବାର ଗୋଟିଏ କାଇଦା ଅଛି । ଆଲ୍‌ବମ୍‌ରେ ପ୍ରତି ପୃଷ୍ଠାର ଗୋଟିଏ ପାଖରେ ଟିକଟ-ଲଗା କବ୍‌ଜା ଦେଇ ଟିକଟ ରଖାଯାଏ । ଏହି କବ୍‌ଜାକୁ ଇଂରାଜୀରେ ହିଞ୍ଜ୍ କୁହାଯାଏ । ପ୍ରତି ଟିକଟ ତଳେ ବିଶେଷ ଜ୍ଞାନର ସଂକ୍ଷିପ୍ତ ଟିପ୍ପଣୀ ଲେଖାଯାଏ । ଟିକଟ ଓ ଟିପ୍ପଣୀଗୁଡ଼ିକୁ ଏପରି ସଜାଇବ, ପୃଷ୍ଠାଗୁଡ଼ିକ ଯେପରି ଗୋଟିଏ ବହିର ପୃଷ୍ଠା ଭଳି ଦେଖାଯିବ । ମନେ ରଖିବାକୁ ପଡ଼ିବ ଯେ ଏହା ଏକ ପ୍ରବନ୍ଧ ନୁହେଁ । ତେଣୁ ଟିକଟଗୁଡ଼ିକର ପ୍ରାଧାନ୍ୟ ରଖିବ; ପୃଷ୍ଠାଟିକୁ ଲେଖାରେ ଭାରାକ୍ରାନ୍ତ କରିବ ନାହିଁ ।

ଟିକଟ ଯେତେ ବେଶୀ ହେବ ତେତେ ବେଶୀ ଜ୍ଞାନ ମିଳିବ । ଭଲଭାବରେ ସଜାଇ ବହିଭଳି ରଖିଲେ ଆଲ୍‌ବମ୍‌ଟି ଗୋଟିଏ ଜ୍ଞାନକୋଷ ଭଳି କାମ କରିବ । ମନେ ରଖିବାକୁ ପଡ଼ିବ ଯେ ଆମ ପାଖରେ ପ୍ରଥମରୁ ଯେଉଁସବୁ ବିଷୟରେ ବେଶୀ କିଛି ଟିକଟ ଅଛି ସେହିଥିରୁ ଗୋଟିଏ ବାଛିବା । ତାହାହିଁ ମୂଳଦୁଆ ହେବ । ପକ୍ଷୀ, ପ୍ରଜାପତି, ସାଇକେଲ୍, ମଟର, ଜାହାଜ, ଖେଳିବା ଢଙ୍ଗ, ଉପଗ୍ରହ ଆଦି ଯେ କୌଣସି ବିଷୟ ନିର୍ବାଚନ କରିହେବ । ଏପରିକି ହସ, ସୁହାଣୀର ଭଙ୍ଗୀ, କିମ୍ବା ନିଶ ଭଳି ଅନ୍ୟମାନେ ଭାବି ନଥିବା ବିଷୟ ବାଛିଲେ, ସଂଗ୍ରହଟି ଜ୍ଞାନ ସହିତ ମନୋରଞ୍ଜନ ଦେଇଥାଏ । ବିଷୟଟିକୁ ଗୋଟିଏ ବହି ଭାବି ଅଧ୍ୟାୟ ଠିକ୍ କର ।

ଅଧ୍ୟାୟ ଅନୁଯାୟୀ ଭାଗ କରି ପ୍ରତି ଅଧ୍ୟାୟରେ ଯେଉଁଯେଉଁ କଥା ରହନ୍ତା ସେହି କଥାକୁ ବୁଝାଇଲା ଭଳି ଛବିଥିବା ଟିକଟକୁ ରଖିବାକୁ ପଡ଼ିବ ।

ଏଭଳି ବିଷୟମୂଳକ ସଂଗ୍ରହ କଲେ ସଂଗ୍ରାହକ ନିଜେ ଉକ୍ତ ବିଷୟରେ ଜଣେ ଓସ୍ତାଦ୍ ପାଲଟି ଯିବ ଏବଂ ଟିକଟକୁ ଛବିଭାବରେ ବ୍ୟବହାର କରି ଜଣେ ଖାଣ୍ଟି ଅଧ୍ୟାପକ ଭଳି କଥାବସ୍ତୁ ବୁଝାଇ ପାରିବ ।

ଟିକଟ ବିଷୟରେ ଏତେ ବିଷୟ ଆମେ ଜାଣିବା କିପରି ? ପ୍ରତି ଟିକଟ ବାହାରିବା ସଙ୍ଗେସଙ୍ଗେ ଟିକଟ ବିଷୟରେ ବିବରଣୀ ଥାଇ ଗୋଟିଏ ପ୍ରଚାରପତ୍ର କିଣିବାକୁ ମିଳେ । ବିଦେଶର ପ୍ରଚାରପତ୍ର ପାଇବା କଷ୍ଟ । ଟିକଟ ବିଷୟରେ କାଟ୍‌ଲଗ୍ ମିଳେ; ଏଥିରେ ପୃଥିବୀର ପ୍ରତି ଟିକଟର ସଂକ୍ଷିପ୍ତ ବିବରଣୀ ଥାଏ । ଟିକଟକୁ କାଟ୍‌ଲଗ୍‌ରେ ଠାବ କଲା ପରେ ଜ୍ଞାନକୋଷ ଖୋଜି ଓ ସଂକ୍ଷିପ୍ତ ବିବରଣୀ ତିଆରି କରିନେବା ଉଚିତ । ବେଶୀ ଜାଣିବା ପାଇଁ ଟିକଟ ସଂଗ୍ରାହକମାନଙ୍କ କ୍ଲବ୍‌ରେ ମେମ୍ବର୍

ହୋଇଯିବା ଦରକାର । ବଡ଼ ସଂଗ୍ରାହକଠାରୁ ବିଭିନ୍ନ କଥା ବୁଝିହେବ, ବନକା ଟିକଟ ବଦଳେଇହେବ ।

ଟିକଟ ତଳେ ଥିବା ଲେଖା ବାରମ୍ବାର ଦେଖୁ ଦେଖୁ ସେହି କଥାଗୁଡ଼ିକ ମନେ ରହିଯିବ । ଆଲବମ୍‌ରେ ଆଖି ବୁଲାଇବା ଦେଶ ବିଦେଶ ଭ୍ରମଣ ସାଙ୍ଗରେ ସମାନ; ତେଣୁ ଟିକଟରୁ ମିଳୁଥିବା ଜ୍ଞାନ ମନେ ରହିଯାଏ । ବହି ପାଠ ଘୋଷିବା ଦରକାର ପଡ଼େ ନାହିଁ ।

ଅବସର ମିଳିଲେ ଆମେ ଖରାପ ସାଙ୍ଗରେ ପଡ଼ିଥାଉ, ବାଜେ ଖେଳରେ ମାତିଯାଉ କିମ୍ବା ଯାଙ୍କ ସାଥିଙ୍କ ବିରୁଦ୍ଧରେ ଚୁଗୁଲି କରୁ । ଗୋଟିଏ ସଉକ ଧରିନେଲେ, ବାଜେ କଥାକୁ ମନ ଯିବ ନାହିଁ । ସବୁ ସଉକ ଭିତରେ ଟିକଟ ସଉକ ରଜା । ଛୁଆ ବୁଢ଼ା ସମସ୍ତେ ଟିକଟ ସଂଗ୍ରହ କରନ୍ତି । ତାକ ଟିକଟ ସଂଗ୍ରାହକମାନେ ଦେଶ ବିଦେଶରେ ଟିକଟ ବିନିମୟ କରିବା ଲାଗି ପତ୍ରବନ୍ଧୁ କରିଥାନ୍ତି । ଏହା ଯୋଗୁଁ ଦେଶ ବିଦେଶରେ ବୁଝାମଣା ବଢ଼େ, ଶାନ୍ତିର ବାତାବରଣ ତିଆରି ହୁଏ । ଆଲ୍‌ବମ୍ ପୃଷ୍ଠାରେ ଯେପରି ସବୁ ଦେଶର ଟିକଟ ଶାନ୍ତିରେ ଥାଆନ୍ତି, ପୃଥିବୀରେ ସବୁ ଦେଶ, ସବୁ ଜାତି ସେହିପରି ଶାନ୍ତିରେ ରହନ୍ତୁ, ଟିକଟ ସଂଗ୍ରହ ସଉକଟି ପ୍ରଚାର କରେ । ଏହି ସଉକରେ ଆଉ ଗୋଟିଏ ଚିତ୍ତାକର୍ଷକ ଜିନିଷ ଅଛି । ଯଦି ତୁମ ସଂଗ୍ରହରେ ଗୋଟିଏ ଦୁଇଟା ଭୁଲ୍ ଛପା ହୋଇଥିବା ଟିକଟ ବାହାରିଲା ଓ ତାହା ଦୁନିଆରେ ଗୋଟିଏ କି ଦୁଇଟି ମାତ୍ର ଅଛି ବୋଲି ପ୍ରମାଣ ହୋଇଗଲା ତେବେ ସେଟା ଅମୂଲ୍ୟମୂଲ ହୋଇଯିବ । କେତେ ଖୁସି ଲାଗିବ ନୁହେଁ ?

ବଡ଼ବଡ଼ ମଣିଷଙ୍କ ସାଙ୍ଗରେ ଲଢ଼ି ନପାରିଲେ କଣ ହେଲା, ଜାତୀୟ ପ୍ରଦର୍ଶନୀରେ ପଦକ ନମିଳିଲେ କଣ ହେଲା, ଟିକଟ ସଉକଟି ଅବସର ସମୟରେ ଯେଉଁ ଖୁସି ଦିଏ ତାକୁ ତ କେହି ଛଡ଼ାଇ ନେଇ ପାରିବ ନାହିଁ, ଯେଉଁ ଜ୍ଞାନ ବଢ଼ାଏ ତାକୁ ତ କେହି ଚୋରି କରି ନେଇ ପାରିବ ନାହିଁ ? ଯେଉଁ ଟିକଟ ସଂଗ୍ରହ ସଉକ ଜ୍ଞାନ, ଖୁସି ଓ ଲାଭର ଗୋଟି ଗନ୍ତାଘର, ତାକୁ ଆଜି କାହିଁକି ଆରମ୍ଭ ନ କରିବା ଏବଂ ଅଳସୁଆ ମନର ଭୂତ କାରଖାନାକୁ ହଟାଇ ଦେଇ ବିଦ୍ୟାର୍ଥୀ ମନର ଚଳନ୍ତା ଜ୍ଞାନ କୋଷ କାହିଁକି ନ ଗଢ଼ିବା ?



ଭାରତରେ ଆଣବିକ ଶକ୍ତି କେନ୍ଦ୍ର ପ୍ରତିଷ୍ଠା ସମ୍ପର୍କରେ ରାଜିନାମା

# ଶିଶୁରୋଗ 'ହୁପିଙ୍ଗ୍ କାଶ'

ଡାକ୍ତର ଚତୁର୍ଭୁଜ ନାୟକ

'ଲିଟାକାଶ' ବା 'ହୁପିଙ୍ଗ୍ କାଶ' ଏକ ମାରାତ୍ମକ ସଂକ୍ରାମକ ରୋଗ ଓ ବି. ପର୍ଟୁସିସ୍ ନାମକ ଜୀବାଣୁ ଦ୍ୱାରା ଏହାର ସୃଷ୍ଟି । ଏହା ବିଶେଷତଃ ଶିଶୁ ଓ ଛୋଟ ପିଲାଙ୍କୁ ଆକ୍ରମଣ କରିଥାଏ । ଶରୀରରେ ଜୀବାଣୁ ପ୍ରବେଶ କରିବାର ୬ ରୁ ୨୦ ଦିନ (ହାରାହାରି ୭ ଦିନ) ପରେ ସାଧାରଣତଃ ରୋଗ ଲକ୍ଷଣ ପ୍ରକାଶ ପାଇଥାଏ । ପ୍ରଥମେ ଛିଙ୍କ, ସର୍ଦ୍ଦି, କାଶ ସହ ଅଳ୍ପ ଜ୍ୱର ହୁଏ । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଦୀର୍ଘ ସମୟ ପାଇଁ ଲାଗ୍‌ଲାଗ୍ କାଶ ହୁଏ । କାଶିବା ଶେଷରେ ଏକ ପ୍ରକାର ଶବ୍ଦ (ହୁପ୍) ସୃଷ୍ଟି ହୁଏ । ଅନେକ ସମୟରେ କାଶିକାଶି ବାନ୍ତି ହୋଇଯାଏ । ଏହାଦ୍ୱାରା ରୋଗୀ ବହୁତ ଦିନ ପାଇଁ ଆକ୍ରାନ୍ତ ହେଉଥିବାରୁ ସ୍ୱାସ୍ଥ୍ୟହାନୀ ସହ ଶରୀରରେ ଜଳୀୟ ଅଂଶ କ୍ଷୟଜନିତ ଲକ୍ଷଣ ଦେଖାଯାଏ ।

ଉପଯୁକ୍ତ ଚିକିତ୍ସା ଅଭାବରୁ ରୋଗ ସାଂଘାତିକ ଆକାର ଧାରଣ କଲେ ନାକ ବା ଗଳାରୁ ରକ୍ତସ୍ରାବ, ନିମୋନିଆ ଅଥବା ସ୍ନାୟବିକ ଉପସର୍ଗମାନ ହୋଇପାରେ ।

**ହୋମିଓପ୍ୟାଥି ଚିକିତ୍ସା :**

ଅନ୍ୟାନ୍ୟ ଚିକିତ୍ସା ଶାସ୍ତ୍ର ପରି ହୋମିଓପ୍ୟାଥି ଚିକିତ୍ସା ଦ୍ୱାରା ଲଟାକାଶର ଚିକିତ୍ସା କରାଯାଇ ପାରିବ । କିନ୍ତୁ ଅନ୍ୟ ଚିକିତ୍ସକମାନେ ରୋଗର ନାମକୁ ଭିତ୍ତିକରି ଚିକିତ୍ସା କରୁଥିବା ବେଳେ ହୋମିଓପ୍ୟାଥି ଡାକ୍ତରମାନେ ପ୍ରତ୍ୟେକ ରୋଗର ନିର୍ଣ୍ଣାୟକ ଲକ୍ଷଣାବଳୀକୁ ଭିତ୍ତିକରି ଔଷଧ ପ୍ରୟୋଗ କରିଥାନ୍ତି ।

ଏହି ପ୍ରବନ୍ଧରେ ହୁପିଙ୍ଗ୍ କାଶ ପାଇଁ ବିଶେଷଭାବେ ବ୍ୟବହୃତ କେତେକ ଔଷଧର ଲକ୍ଷଣାବଳୀ ବର୍ଣ୍ଣିତ ହୋଇଛି । କୌଣସି ନିର୍ଦ୍ଦିଷ୍ଟ ରୋଗୀର ଲକ୍ଷଣଗୁଡ଼ିକ ସଂଗ୍ରହ କଲା ପରେ ତାହା ସହ ନିମ୍ନ ବର୍ଣ୍ଣିତ ଯେଉଁ ଔଷଧ (ଲକ୍ଷଣ)ର ସର୍ବାଧିକ ସାମଞ୍ଜସ୍ୟ ଥିବ, ତାହାହିଁ ଉକ୍ତ ରୋଗୀ ପାଇଁ ସୂଚିତ ଔଷଧ ।

**(୧) ବେଲାଡୋନା :**

ଏହା ହୁପିଙ୍ଗ୍ କାଶର ପ୍ରଥମାବସ୍ଥାରେ ବ୍ୟବହୃତ ହୁଏ । ତଣ୍ଟି ସଲ୍‌ସଲ୍ ଯୋଗୁଁ ଖୁବ୍ ଜୋରରେ କାଶ ହୋଇ ମୁହଁ ଓ ଆଖି ଲାଲ୍ ପଡ଼ି ଯାଉଥିଲେ, ନିଦରୁ ଉଠିବା ପରେ ଓ ରାତିରେ ଅଧିକ କାଶ ହେଉଥିଲେ ଓ କାଶ ସମୟରେ ପ୍ରବଳ ମୁଣ୍ଡବ୍ୟଥା ହୋଇ ପରେ ଛିଙ୍କ ହେଉଥିଲେ ଏହି ଔଷଧ ସେବନ କରିବା ଉଚିତ ।

**(୨) ଡ୍ରସେରା :**

ତଣ୍ଟି ଗଡଗଡ ହୋଇ ବା ଶୁଖିଯାଇ ଅଳ୍ପ ବ୍ୟବଧାନରେ ବହୁ ସମୟ ପର୍ଯ୍ୟନ୍ତ ପ୍ରବଳ କାଶ ହେବା ଫଳରେ ରୋଗୀ ଅଣନିଶ୍ୱାସୀ ହୋଇ ପଡୁଥିଲେ, ବିଛଣାରେ ଶୋଇବା ସଙ୍ଗେସଙ୍ଗେ କାଶ ହେଉଥିଲେ ଓ ରାତି ଅଧପରେ ଏବଂ ଭୋର୍ ସମୟରେ କାଶର ବେଗ ବୃଦ୍ଧି ପାଉଥିଲେ ତଥା କାଶିବା ଦ୍ୱାରା ଖାଦ୍ୟ ବା ଲାଳ ବାନ୍ତି ହେଉଥିଲେ ଏହା ବିଶେଷ ଫଳପ୍ରଦ । ଅଧିକ କାଶିବା ଦ୍ୱାରା ପାଟି ଓ ନାକରୁ ରକ୍ତସ୍ରାବ ହୋଇପାରେ ।

**(୩) କ୍ୟୁପ୍ରମ୍ ମେଟ୍ :**

ରୋଗୀ ଦୀର୍ଘ ସମୟ ପର୍ଯ୍ୟନ୍ତ କାଶିବା ଦ୍ୱାରା ମୁହଁ ନୀଳ ବା କଳା ପଡ଼ିଯାଇ ସମସ୍ତ ଶରୀର ଶକ୍ତ ହୋଇ କଫ ଯୋଗୁଁ ଛାତିରେ ଘଡ଼ଘଡ଼ ଶବ୍ଦ ହେଉଥିଲେ ଏବଂ ଥଣ୍ଡା ପାଣି ପିଇବା ଦ୍ୱାରା କାଶର ସାମୟିକ ଉପଶମ ହେଉଥିଲେ ଏହି ଔଷଧ ପ୍ରଯୁଜ୍ୟ । ଅତ୍ୟଧିକ କାଶ ଫଳରେ ବାନ୍ତି ହୋଇ ଯାଇପାରେ ଅଥବା ଦେହର ମାଂସପେଶୀ ସଙ୍କୁଚିତ ଓ ପ୍ରସାରିତ ହୋଇ ବାତ ମାରିପାରେ ।

**(୪) ଇପିକାକ୍ :**

ଲଟାକାଶ ସହ ସର୍ବଦା ବାନ୍ତିଭାବ ରହି ପ୍ରଚୁର କଫ ଯୋଗୁଁ ତଣ୍ଟିରେ ଘଡ଼ଘଡ଼ ଶବ୍ଦ ହୋଇ ରୋଗୀ ଅଣନିଶ୍ୱାସୀ ହୋଇ ପଡୁଥିଲେ, କାଶ ସମୟରେ ଲାଲ ସହ ଧଳା ରଙ୍ଗର କଫ ବାନ୍ତି ହେଉଥିଲେ ଏବଂ ଜିଭ ପରିଷ୍କାର ରହି ପାଟିରୁ ପ୍ରଚୁର ଲାଳସ୍ରାବ ସହ ତୃଷାହୀନତା ଥିଲେ ଏହା ଉତ୍ତମ ଫଳ ଦିଏ ।

**(୫) କୋକ୍‌କସ୍ କାକ୍ଟି :**

ତଣ୍ଟି ଗଡଗଡ ହୋଇ କଫ ନ ବାହାରିବା ପର୍ଯ୍ୟନ୍ତ କାଶ ଲାଗି ରହୁଥିଲେ ଓ କାଶିବା ଦ୍ୱାରା ପରିଷ୍କାର ଅଠାଳିଆ ଲାଳ ବାହାରି ସହଜରେ ଛିଡୁ ନ ଥିଲେ, ସକାଳେ ଶଯ୍ୟା ତ୍ୟାଗ ପରେ, ଦାନ୍ତ ଘଷିବା ସମୟରେ ଘରର ଉଷ୍ଣତା ଯୋଗୁଁ ଓ ଘୋଡ଼େଇ ହେବା ଦ୍ୱାରା କାଶ ବୃଦ୍ଧି ପାଇ ଥଣ୍ଡା ପାଣି ପିଇବା ଦ୍ୱାରା ଓ ଖୋଲା ପବନରେ ହ୍ରାସ ପାଉଥିଲେ ଏହାକୁ ପ୍ରୟୋଗ କରା ଯାଇଥାଏ ।

### (୬) ମେଫାଇଟିସ୍

ଦମାକାଶ ଅତି ପ୍ରବଳ ହୋଇ କମ୍ ପରିମାଣରେ କଫ ବାହାରି ରୋଗୀର ମୁହଁ ନୀଳ ବର୍ଣ୍ଣ ଧାରଣ ପୂର୍ବକ ପ୍ରତିଥର ପ୍ରାଣବାୟୁ ଉଡ଼ିଯିବା ପରି ଲାଗୁଥିଲେ, ନିଶ୍ୱାସ ତ୍ୟାଗ ସମୟରେ ଅଧିକ କଷ୍ଟ ଅନୁଭୂତ ହେଉଥିଲେ, କାଶିକାଶି ସମସ୍ତ ଖାଦ୍ୟ ବାନ୍ତି ହୋଇ ଯାଉଥିଲେ ଏବଂ ଶୋଇବା ଅବସ୍ଥାରେ ତଥା ରାତିରେ ଅଧିକ କାଶ ହେଉଥିଲେ ଏହି ଔଷଧ ପ୍ରଯୁଜ୍ୟ ।

### (୭) କୋରାଲିୟମ୍ ରୁବ୍ରମ୍

ରୋଗର ପରବର୍ତ୍ତୀ ଅବସ୍ଥାରେ ଏହାକୁ ସାଧାରଣତଃ ପ୍ରୟୋଗ କରାଯାଏ । ସ୍ୱଳ୍ପ ବ୍ୟବଧାନରେ ପ୍ରବଳ କାଶ ହେବା ଦ୍ୱାରା ରୋଗୀ ନିଶ୍ୱାସ ନେଇ ପାରୁ ନଥିଲେ, କାଶ ଯୋଗୁ ମୁହଁ ନୀଳ ବା କଳା ପଡ଼ି ଅଠାଳିଆ ବାନ୍ତି ହୋଇ ରୋଗୀ ଅତ୍ୟନ୍ତ ଦୁର୍ବଳ ହୋଇ ପଡ଼ିଥିଲେ ଓ ରାତିରେ ଶେଷ ପ୍ରହର ବେଳକୁ କାଶର ବେଗ ବୃଦ୍ଧି ପାଉଥିଲେ ଏହା ବ୍ୟବହାର୍ଯ୍ୟ ।

### (୮) ପର୍ଟୁ୍ୟସିନ୍

ସୂଚିତ ଔଷଧ ଦ୍ୱାରା ଆଶାଜନକ ଫଳ ନ ମିଳିଲେ ଏହାକୁ ବ୍ୟବହାର କରାଯାଇ ପାରେ । ସର୍ଦ୍ଦି ଓ ଅଣନିଶ୍ୱାସୀ ଭାବ ସହ ପ୍ରବଳ କାଶ ହୋଇ ଚିକ୍କଣ ଅଠାଳିଆ କଫ ବାହାରୁଥିଲେ ଏହା ପ୍ରଯୁଜ୍ୟ । ଅନେକ ଚିକିତ୍ସକ ମଧ୍ୟ ଏହାକୁ ହୁପିଙ୍ଗ୍ କାଶର ପ୍ରତିଷେଧକ ରୂପେ ବ୍ୟବହାର କରିଥାନ୍ତି । ଏହାକୁ ସାଧାରଣତଃ '୩୦' ବା ତଦୁର୍ଦ୍ଧ୍ୱ ଶକ୍ତିରେ ସେବନ କରିବା ଉଚିତ୍ ।

ଉପରୋକ୍ତ ଔଷଧ ବ୍ୟତୀତ ବ୍ରାୟୋନିଆ, ସିନା, ଆଣ୍ଟିମ୍‌ଟାର୍ଟ, ମ୍ୟାଗ୍‌ଫସ୍ ଓ କାର୍ବୋଭେଜ୍ ଇତ୍ୟାଦି ଔଷଧକୁ ଲକ୍ଷଣ ଭିତ୍ତିରେ ବ୍ୟବହାର କରାଯାଇ ପାରେ ।

### ଔଷଧ ସେବନ ପ୍ରଣାଳୀ

ନିର୍ଦ୍ଦିଷ୍ଟ ରୋଗୀ ପାଇଁ ସ୍ଥିର ହୋଇଥିବା ଔଷଧର '୬', '୩୦' ବା '୨୦୦' ଶକ୍ତି (ପୋଟେନ୍ସି)କୁ ବୟସ ଅନୁପାତରେ ଥରକେ ୨ଟାରୁ ୫ଟାଗୁଳି (୨୦ ନମ୍ବର) ରୋଗର ପ୍ରକୋପ ଅନୁଯାୟୀ ପ୍ରତି ୨, ୪, ବା ୬ ଘଣ୍ଟା ବ୍ୟବଧାନରେ ପ୍ରୟୋଗ କରାଯାଇ ପାରେ ।

### ଆନୁଷଙ୍ଗିକ ଚିକିତ୍ସା

ହୁପିଙ୍ଗ୍ କାଶ ପିଲାମାନଙ୍କର ଏକ ସାଙ୍ଘାତିକ ରୋଗ ହେଲେହେଁ ଯେ କୌଣସି ଚିକିତ୍ସା ଦ୍ୱାରା ତତ୍‌କ୍ଷଣାତ୍ ଫଳ ଆଶା କରିବା ଅନୁଚିତ୍ । କାରଣ ନିଦାନ ଦୃଷ୍ଟିରୁ ଏହାର ଚିକିତ୍ସା ସମୟ ସାପେକ୍ଷ । ତେଣୁ ଉଭୟ ଚିକିତ୍ସକ ଓ ରୋଗୀର ଶୁଶ୍ରୂଷାକାରୀଙ୍କୁ ଧୈର୍ଯ୍ୟ ସହ ଚିକିତ୍ସା କରିବାକୁ ପଡ଼ିବ ।

ଚିକିତ୍ସା ସମୟରେ ଔଷଧ ବ୍ୟତୀତ ନିମ୍ନଲିଖିତ କେତେକ ବିଷୟ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ ।

(କ) ରୋଗୀକୁ ତରଳ ଖାଦ୍ୟ ଖାଇବାକୁ ଦେବା ଉଚିତ ।

(ଖ) କାଶିବା ଯୋଗୁ ବାନ୍ତି ହେବା ଫଳରେ ଶରୀରରୁ ଜଳୀୟ ଓ ଲବଣ ଅଂଶ ନଷ୍ଟ ହେଉଥିବାରୁ ଇଲେକ୍‌ଟ୍ରାଲ୍ ପାଉଡରରେ, ଆବଶ୍ୟକୀୟ ପାଣି ମିଶାଇ ରୋଗୀକୁ ପିଇବାକୁ ଦେବା ଉଚିତ୍ ।

(ଗ) ପାଟି ବା ତଣ୍ଟିରେ ଅତ୍ୟଧିକ କଫ ଥିଲେ ତାକୁ ବାହାର କରିବା ପାଇଁ ବ୍ୟବସ୍ଥା କରିବା ଆବଶ୍ୟକ ।

(ଘ) ଶ୍ୱାସ ପ୍ରଶ୍ୱାସରେ ଅତ୍ୟଧିକ କଷ୍ଟ ହେଲେ ରୋଗୀକୁ ଅମ୍ଳଜାନ ଦେବା ବ୍ୟବସ୍ଥା କରିବା ଉଚିତ୍ ।

(ଙ) ସୁସ୍ଥ ପିଲାମାନଙ୍କୁ ରୋଗୀମାନଙ୍କଠାରୁ ଦୂରରେ ରଖିବା ବାଞ୍ଛନୀୟ ।

ଆସୋସିଏଟ୍ ପ୍ରଫେସର,
ଅଭିନଚନ୍ଦ୍ର ହୋମିଓପାଥିକ୍
ଚିକିତ୍ସା ମହାବିଦ୍ୟାଳୟ, ଭୁବନେଶ୍ୱର ।



# ଶିଶୁ ଶ୍ରମିକ ସୁରକ୍ଷା ଆଇନ୍

ଜେନାମଣି ଲକ୍ଷ୍ମୀକାନ୍ତ

ଆଜିର ଶିଶୁ ଆଗାମୀର ଭାଗ୍ୟଧର । ଶୈଶବର ସୁରକ୍ଷା ଓ ଉପଯୁକ୍ତ ପରିପାଳନ ଏକ ସର୍ବକାଳୀନ ସମସ୍ୟା । ରାଷ୍ଟ୍ର ନିର୍ମାଣ ତଥା କାର୍ଯ୍ୟକ୍ଷମ ମାନବୀୟ ସମ୍ପଦର ବିକାଶ ପରିପ୍ରେକ୍ଷୀରେ ଲୁଣ୍ଠିତ ଓ ଶୋଷିତ ଶୈଶବର ମୁକ୍ତି ଓ ଉତ୍ଥାନ ପ୍ରସଙ୍ଗଟି କି ଭଳି ତାତ୍ପର୍ଯ୍ୟପୂର୍ଣ୍ଣ ତାହା ସହଜରେ ଅନୁମେୟ । ଶୈଶବାବସ୍ଥା ଏକ ଅଙ୍କୁରୋଦ୍‌ଗମ ଭଳି । ଅଙ୍କୁରୋଦ୍‌ଗମ କେବଳ ଯଥେଷ୍ଟ ନୁହେଁ, କ୍ରମବିକାଶ ଓ ଉତ୍ତରଣ ପାଇଁ ଗୁରାଗଛଟି ପର୍ଯ୍ୟାପ୍ତ ବାୟୁ, ଆଲୋକ ଓ ମାଟିରୁ ରସ ଲୋଡ଼େ । ପଥର ତଳେ ଚାପି ହୋଇ ଥିବା ଗୁରାଗଛଟିର ଏବଂବିଧ ବିକାଶ ଧାରା ବିପର୍ଯ୍ୟସ୍ତ ଓ ସ୍ୱତଃ ବିଘ୍ନିତ ହୁଏ—ଏହା ତର୍କଣାଠାରୁ ଉପଲବ୍ଧିର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ।

ଶୋଷିତ ଶୈଶବ ଏକ ଶୋଷଣ ସର୍ବସ୍ୱ ଅନୁଦାର ପ୍ରକ୍ରିୟା ସାମ୍ପ୍ରତିକ ପୃଥିବୀର । ଏହା ଦେଶକାଳ ଭେଦରେ ଯେଉଁଭଳି ଭିନ୍ନ ରୂପରେ ସଂଜୀବିତ ସେହିଭଳି ପର୍ଯ୍ୟାପ୍ତ ମଧ୍ୟ । ୧୯୮୭ ମସିହା ସୁଦ୍ଧା ଆନ୍ତର୍ଜାତୀୟ ଶ୍ରମ ସଂସ୍ଥା ( I. L. O. ) ଦ୍ୱାରା ସମାହିତ ଏକ ଅନ୍ୱେଷଣରୁ ସମଗ୍ର ବିଶ୍ୱରେ ଏଭଳି ପାଞ୍ଚକୋଟି ପିଲା ଥିଲେ ଯେଉଁମାନଙ୍କର ବୟସ ୧୫ ବର୍ଷରୁ କମ । ଏମାନଙ୍କ ମଧ୍ୟରେ ତିନିକୋଟି ୭୫ ଲକ୍ଷ ଶୋଷିତ ଶିଶୁ ହେଉଛନ୍ତି ଏସିଆ ମହାଦେଶର । ଭାରତ ଏହାର ବ୍ୟତିକ୍ରମ ନୁହେଁ । ଶିଶୁ ଶ୍ରମିକଙ୍କ ଶୋଷଣ ଓ ତାର ନିରାକରଣ ସ୍ୱାଧୀନତା ପ୍ରାପ୍ତି ପରେ ରାଷ୍ଟ୍ର ଓ ରାଜ୍ୟର ମିଳିତ ସାମ୍ବିଧାନିକ ଦାୟ ରୂପେ ଆମ ସମ୍ବିଧାନ ଅଙ୍ଗୀକୃତ । ସମ୍ବିଧାନର ୩୯ ଧାରାନୁଯାୟୀ ୧୪ ବର୍ଷରୁ କମ ବୟସ ବାଳ ଶ୍ରମିକଙ୍କର ଖଣିଖାଦାନ କାରଖାନା କିମ୍ବା ବିପଦ ସଙ୍କୁଳ କାମରେ ନିୟୋଜିତ ନିଷିଦ୍ଧ କରାଯାଇଛି । ଏହା ବ୍ୟତୀତ ଶିଶୁ ଶ୍ରମିକ ନିଯୁକ୍ତି ଆଇନ ୧୯୩୮, କାରଖାନା ଆଇନ, ୧୯୪୮, ଖଣି ଆଇନ ୧୯୫୨, ବାଗାନ ଶ୍ରମିକ ଆଇନ ୧୯୫୫ ଆଦି କତିପୟ ସ୍ୱତନ୍ତ୍ର ଶ୍ରମ ଆଇନ ଓ ତତ୍ ପ୍ରଣିତ ନିୟମାବଳୀ ଅନୁଯାୟୀ ଶିଶୁ ଶ୍ରମିକଙ୍କ ସୁରକ୍ଷା ଓ ସ୍ୱାଧୀକାର ବ୍ୟବସ୍ଥା ସ୍ୱତନ୍ତ୍ରଭାବେ ଅନ୍ତର୍ଭୁକ୍ତ ।

ଏବଂବିଧ ପ୍ରତିରୋଧକ ବ୍ୟବସ୍ଥା ଶିଶୁ ଶ୍ରମିକଙ୍କ ଶୋଷଣର ନିୟନ୍ତ୍ରଣ କ୍ଷେତ୍ରରେ ନୂତନ ପଦକ୍ଷେପ ରୂପେ ଦେଖା ଦେଇଥିଲେହେଁ ଆଶାନୁରୂପ ନିରାକରଣରେ ସଫଳ ଓ ସମର୍ଥ ନ ହୋଇଥିବା କଥା ଏକ ନିଛକ ସତ୍ୟ । ଏଥିପାଇଁ ଦୋଷାରୋପ ନିରର୍ଥକ ମଧ୍ୟ । ବାସ୍ତବରେ ଏ ପ୍ରଥା ଏକ ଦିଗରୁ ଅର୍ଥନୈତିକ ତାଡ଼ନାର ଉପଯୁକ୍ତ ଅଥଚ ଅପର ଦିଗରୁ ଏକ ଶୋଷଣ ସର୍ବସ୍ୱ ସାମାଜିକ ବ୍ୟାଧିଭଳି ଦାରିଦ୍ର୍ୟ ନିପୀଡ଼ିତ ବାପା ମାଙ୍କ ଆର୍ଥିକ ସହାୟତା ଓ ନିଯୋକ୍ତାଙ୍କ ପାଇଁ ବହୁକ୍ଷେତ୍ରରେ ତୁଳନା କ୍ରମେ ବାଳ ଶ୍ରମିକ ନିଯୁକ୍ତି ଲାଭ ଜନକ ଆଦି ବହୁ କାରଣ ଏହି ପ୍ରଥାକୁ କ୍ରମଶଃ ଉଦ୍‌ଜୀବିତ କରିବାରେ ଲାଗିଛି ଆମ ଦେଶରେ । କାରଖାନା ଓ ଖଣି ଖାଦାନରେ ଶିଶୁ ଶ୍ରମିକ ଶୋଷଣର ନିୟନ୍ତ୍ରଣ ଏବଂ ନିରାକରଣ ପାଇଁ ଆଇନତଃ ବ୍ୟବସ୍ଥା ଏବଂ ପ୍ରତିକାର ପାଇଁ ଆନୁଷ୍ଠାନିକ ନିରୀକ୍ଷଣ ବ୍ୟବସ୍ଥା ଉଦ୍ଦିଷ୍ଟ ଥିଲାବେଳେ ଅନ୍ୟାନ୍ୟ ବିବିଧ ବୃତ୍ତି ଓ ପ୍ରତିଷ୍ଠାନର ବାଳଶ୍ରମିକମାନେ ଅସହାୟ ଭାବେ ଶୋଷିତ ହେଉଥିଲେ । ସେମାନଙ୍କ ପାଇଁ ସ୍ୱତନ୍ତ୍ର ଓ ଫଳପ୍ରଦ ସୁରକ୍ଷା କବଚ ସେ ଭଳି ମଧ୍ୟ ନ ଥିଲା ।

ସୁଖର କଥା ଆଇନ ପରିସରର ବାହାରେ ବିଶେଷକରି ଅନ୍ୟ ଔଦ୍ୟୋଗିକ ଓ ବାଣିଜ୍ୟିକ ପ୍ରତିଷ୍ଠାନ, ଘରୁଆ ସମ୍ପର୍କିତ କର୍ମଶାଳା, ଆଦି ବିବିଧ ବୃତ୍ତି ଓ ସଂସ୍ଥାରେ ଶୋଷିତ ନିଷ୍ପାପ ବାଳଶ୍ରମିକଙ୍କ ସୁରକ୍ଷା ପାଇଁ ୧୯୮୬ ମସିହା ଡିସେମ୍ବର ମାସରେ ଲୋକସଭା, ଶିଶୁ ଶ୍ରମିକ (ନିଷିଦ୍ଧ ନିୟନ୍ତ୍ରଣ) ନାମିତ

ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିଅଛନ୍ତି । ଏହି ଆଇନର ବିବିଧ ବ୍ୟବସ୍ଥା ଯେଉଁଭଳି ସୁସ୍ପଷ୍ଟ ଓ ଶାସ୍ତି ବିଧାନ, କଲ୍ୟାଣ ପ୍ରକ୍ରିୟା ସେହିଭଳି କ୍ରାନ୍ତିକାରୀ । ଏହି ଆଇନାନୁଯାୟୀ ୧୪ ବର୍ଷ ପୂରି ନ ଥିବା ବାଳକ ବାଳିକା ଶିଶୁ ଶ୍ରମିକ ସଂଜ୍ଞା ପରିସରଭୁକ୍ତ । ପ୍ରତିଷ୍ଠାନ ଅର୍ଥରେ ଦୋକାନ, ବାଣିଜ୍ୟ ପ୍ରତିଷ୍ଠାନ, ହୋଟେଲ, ରେସ୍ତୋରାଁ, ପ୍ରେକ୍ଷାଳୟ, ଔଦ୍ୟୋଗିକ କର୍ମଶାଳା କ୍ଷେତ୍ର ସମେତ ୩ ଧାରା ଦ୍ୱିତୀୟ ଅଧ୍ୟାୟର ୨ୟ ଭାଗ ପରିଶିଷ୍ଟରେ ଅନୁସୂଚିତ ଯଥାକ୍ରମେ ୫+୧୧=୧୬ଟି ତଥା, ରେଲବାଇ ଯାତ୍ରୀ ମାଲ, ଡାକ ପରିବହନ, ଅଙ୍ଗାର ଗୋଟାଇବା, ପାଉଁଶ ଖାତ, ସଫେଇତି, ରେଲଷ୍ଟେସନ ଓ ଡ଼ବାରେ ଖାଦ୍ୟାଦି ପରିବେଷଣ, ରୋଷଶାଳାରୁ ପ୍ଲାଟଫର୍ମ ଏବଂ ଡ଼ବାଯାଏ ଘୁରାଫେରା, ରେଲଷ୍ଟେସନ, ପରିସରର ନିର୍ମାଣକାର୍ଯ୍ୟ, ବନ୍ଦର ସଂଜ୍ଞା ପରିସରଭୁକ୍ତ ଅଞ୍ଚଳ ବ୍ୟତିତ ବିଡ଼ିମୋଡ଼ା, ଗାଲିଚ୍‌ବୁଣା, ଲୁଗା ଛପେଇ ରଙ୍ଗ ଓ ବୁଣାକାମ, ଦିଆସିଲି ତିଆରି, ଫୋଟକା, ବାଣକାମ, ଅଭ୍ରକଟେଇ ଫୁଟେଇ, ଲାଖ ପ୍ରଭୃତି ସାବୁନ ତିଆରି, ଚମଡ଼ାକଷା, ପଶମ ସଫେଇ ଏବଂ ସୌଧ ଓ ନିର୍ମାଣ କାମରେ ୧୪ ବର୍ଷରୁ କମ ବୟସ୍କ ଶିଶୁ ଶ୍ରମିକଙ୍କ ନିଯୁକ୍ତି ନିଷିଦ୍ଧ କରାଯାଇଅଛି । ୧୪ ବର୍ଷରୁ କମ ଅପ୍ରାପ୍ତ ଶିଶୁ ଶ୍ରମିକଙ୍କୁ ଲଗାତାର ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ନ ଖଟାଇବାର କଟକଣା, ବିରତି ସହ କାର୍ଯ୍ୟ ସମୟରେ ବିସ୍ତୃତି ୬ ଘଣ୍ଟାରେ ସିମାବଦ୍ଧ କରାଯାଇଅଛି । ସେହିଭଳି ସନ୍ଧ୍ୟା ୭ଟାରୁ ସକାଳ ୮ଟା ମଧ୍ୟରେ ଶିଶୁ ଶ୍ରମିକଙ୍କ ନିୟୋଜନ, ବଳକା ସମୟ ନିୟୋଜନ, ଗୋଟିଏରୁ ଦୁଇଟି ପ୍ରତିଷ୍ଠାନରେ ଏକାଦିନେ ନିୟୋଜନ, ଖଟାଇବା ଏବଂ ଲଗାତାର ୬ ଦିନ କାମପରେ ୭ମ ଦିନ ମଜୁରୀ ସହିତ ବିଶ୍ରାମ ଦିନ ପ୍ରଦାନର କଟକଣା ଅନ୍ତର୍ଭୁକ୍ତ ।

ବାଳଶ୍ରମିକଙ୍କ ଦୈହିକ ଓ ଆର୍ଥିକ ଶୋଷଣ ଏକ ଅମାନୁଷିକ ପ୍ରକ୍ରିୟା । ଏଣୁ ଏଇ ନୂଆ ଆଇନର ଶାସ୍ତି ବିଧାନ ବ୍ୟବସ୍ଥା ଯେଉଁଭଳି କଠୋର ସେଉଁଭଳି କ୍ରାନ୍ତିକାରୀ ମଧ୍ୟ । ଉପରୋକ୍ତ ୧୬ଟି ନିଷିଦ୍ଧ ବୃତ୍ତିରେ ଶିଶୁ ଶ୍ରମିକ ନିୟୋଜନ ଅପରାଧ ପାଇଁ ଅନ୍ୟୁନ ୩ ମାସରୁ ବର୍ଷେ କାରାଦଣ୍ଡ କିମ୍ବା ଦଶ ହଜାରରୁ ୨୦ ହଜାର ଟଙ୍କା ଜୋରିମାନା ବ୍ୟବସ୍ଥା ରହିଛି । ସେହିଭଳି ଶିଶୁ ଶ୍ରମିକଙ୍କ ନିଯୁକ୍ତି ଓ ନିୟନ୍ତ୍ରଣ ସମ୍ପର୍କୀତ ଏହି ଆଇନ ବର୍ଣ୍ଣିତ କୌଣସି ବ୍ୟବସ୍ଥାର ଖିଲାପ ବା ଉଲଂଘନ ପାଇଁ ୬ ମାସରୁ ୨ ବର୍ଷ ଜେଲଦଣ୍ଡ ଏବଂ କ୍ଷମତାପ୍ରାପ୍ତ ପରିଦର୍ଶକଙ୍କୁ ନିରୀକ୍ଷଣ ପାଇଁ ବାଧା ଦେବା, ଖାତା ପତ୍ର, ନ ରଖିବା, ନ ଦେଖାଇବା ଆଦି ତ୍ରୁଟି ପାଇଁ ଏକମାସ ଜେଲ କିମ୍ବା ୧୦ ହଜାର ଟଙ୍କା ଅର୍ଥ ଦଣ୍ଡ ନତୁବା ଉଭୟ ଦଣ୍ଡରେ ଦୋଷଦୁଷ୍ଟ ନିଯୁକ୍ତା ବା ମାଲିକଙ୍କୁ ଦଣ୍ଡିତ କରିବାର ଶାସ୍ତି ବିଧାନ ବ୍ୟବସ୍ଥା ଏହି ନୂଆ ଆଇନର ଅନ୍ତର୍ଭୁକ୍ତ ।

ଆଇନତଃ ନିବାରଣ ଓ ବାସ୍ତବ ପରିପାଳନ ଏକ କଥା ନୁହେଁ । ଯେଣୁ ଆଇନ ଏକ ପଥର ପିତୁଳାଉଳି । ଯାହାକୁ ମାନିଲେ ଦିଅଁ ନ ମାନିଲେ ପଥର । ପ୍ରସଙ୍ଗ କ୍ରମେ ଏହା ଭୁଲିଯିବା ଅନୁଚିତ ଶିଶୁ ଶ୍ରମିକ ଶୋଷଣ ପ୍ରଥା ଏକ ଜଟିଳ ଓ ଜ୍ୱଳନ୍ତ ପ୍ରସଙ୍ଗ । ଏକ ଦିଗରୁ ଏହା ଆର୍ଥିକ, ସାମାଜିକ ସମସ୍ୟା ଆଧାରିତ, ଅପର ଦିଗରୁ ଶୋଷିତ ଶୈଶବର ସୁରକ୍ଷା ଓ ଅଭ୍ୟୁତ୍ଥାନ ଏକ ବହୁମୁଖୀ ପ୍ରୟାସ ଓ ପ୍ରକ୍ରିୟା ମଧ୍ୟ । ସମସ୍ୟାର ବହୁଳତା ଏବଂ ଅଲଂଘନୀୟ ଅନ୍ତରାୟକୁ ଆଖିରେ ରଖି ଯେଉଁ ୩ଟି ଦିଗରେ କେନ୍ଦ୍ର ସରକାରଙ୍କ ପ୍ରୟାସ ଓ ପ୍ରକ୍ରିୟା ଏବେ ପ୍ରଗତି ପଥରେ ତାହା ହେଉଛି (୧) ଆଇନତଃ କାର୍ଯ୍ୟକ୍ରମ (୨) କଲ୍ୟାଣ ଓ ବିକାଶ କାର୍ଯ୍ୟକ୍ରମ ଏବଂ (୩) ପ୍ରକଳ୍ପ ଭିତ୍ତିକ ସୁରକ୍ଷା ଓ ଅଭ୍ୟୁତ୍ଥାନ ଅଭିଯାନ । କେବଳ ଏହି ନୂଆ ଆଇନ ନୁହେଁ, କାରଖାନା ଆଇନ. ୧୯୪୮, ଖଣି ଆଇନ, ୧୯୫୦, ବାଗାନ ଆଇନ, ୧୯୫୧ ଜୀବନକ୍ଷମ ଓ ପର୍ଯ୍ୟାପ୍ତ ପରିପାଳନ ସର୍ବାଦୌ କରଣୀୟ । ତାଛଡ଼ା ଶିଶୁ ଶ୍ରମିକ ଓ ତାର ପରିବାର ଉନ୍ନୟନ ପ୍ରକ୍ରିୟା ପରିପ୍ରେକ୍ଷୀରେ ଶିକ୍ଷା, ସ୍ୱାସ୍ଥ୍ୟ, ସୁଷମ ଖାଦ୍ୟ, ସୁସଂହତ ଶିଶୁ କଲ୍ୟାଣ, ଆୟ ଓ ନିଯୁକ୍ତି ସୃଷ୍ଟି ଆଦି ସମେତ ଯେଉଁ ଯେଉଁ କାରଣ ଓ ପରିସ୍ଥିତିର ତାଡ଼ନାରେ ଶିଶୁ ଶ୍ରମିକ ପ୍ରଥା ଉଦ୍‌ଜୀବିତ ଏବଂ ଶୋଷଣ ସର୍ବସ୍ୱ ହୋଇଛି ତାର ପ୍ରତିକାର ଅନୁରୂପ ଭାବେ ଅପରିହାର୍ଯ୍ୟ । ଦାରିଦ୍ର୍ୟ ବିମୋଚନ କାର୍ଯ୍ୟକ୍ରମରେ ଏହାର ପ୍ରାଧାନ୍ୟ ସର୍ବାଦୌ କରଣୀୟ । ସ୍ଥାୟୀ ପ୍ରତିକାର ପାଇଁ ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ଶିଶୁ ଶ୍ରମିକଙ୍କ ପାଇଁ ଶିକ୍ଷା ଓ ପିତା ମାତାଙ୍କପାଇଁ ପ୍ରୌଢ଼ ଶିକ୍ଷା କାର୍ଯ୍ୟକ୍ରମ, ଶୋଷଣ ମୁକ୍ତ ଶିଶୁ ଶ୍ରମିକଙ୍କ ଶିକ୍ଷା ପାଇଁ ବୃତ୍ତି ବା ଭତ୍ତା ପ୍ରଦାନ ସମେତ ଏ ବିଷୟରେ ଜନ ଜାଗରଣ ଓ ଗଣ ଚେତନା ସୃଷ୍ଟି ଏକାନ୍ତ ଅପରିହାର୍ଯ୍ୟ ।

ଏବେ ଅୟମାରମ୍ଭ ପର୍ବ :— ଅବଶ୍ୟ କେନ୍ଦ୍ର ସରକାର ଏ ଦିଗରେ ସଚେତ ଏବଂ ସଚେଷ୍ଟ । ପ୍ରଥମ ପର୍ଯ୍ୟାୟରେ ପ୍ରକଳ୍ପ ଭିତ୍ତିକ ୧୦ଟି ଶିଶୁ ଶ୍ରମିକ ଶୋଷିତ ବୃତ୍ତିରୁ ଶୋଷଣର ନିରାକରଣ ଓ ନିୟନ୍ତ୍ରଣ ପ୍ରୟାସୀ, ସେଗୁଡ଼ିକ ହେଉଛି :— (୧) ତାମିଲନାଡୁର ଶିବକାଶୀର ଦିଆସିଲି ଶିଳ୍ପ, (୨) ଗୁଜୁରାଟ ପ୍ରଦେଶର ସୁରାଟସ୍ଥିତ ହୀରା କଟେଇ ଓ ଘସେଇ ଶିଳ୍ପ, (୩) ରାଜସ୍ଥାନ ଜୟପୁରର ମୂଲ୍ୟବାନ ପଥର ଗଢେଇ ବୃତ୍ତି, (୪) ଉତ୍ତର ପ୍ରଦେଶର ଫିରୋଜାବାଦର କାଚ କାରଖାନା, (୫) ମୋରାଦାବାଦର ପିତଳ ବାସନ ତିଆରି ଶିଳ୍ପ, (୬) ଭାଦୋଇର ହାତବୁଣା ଗାଲିଚ୍ ଶିଳ୍ପ, (୭) ଆଲିଗଡ଼ର ଲାଖ ପ୍ରଭୃତି ଶିଳ୍ପ, (୮) ଜାମୁ କାଶ୍ମୀରର ଗାଲିଚ୍‌ବୁଣା ପ୍ରକଳ୍ପ (୯) ଆନ୍ଧ୍ର ପ୍ରଦେଶର ମାରାଖାପୁରର ସିଲଟ ଶିଳ୍ପ ଏବଂ (୧୦) ମଧ୍ୟପ୍ରଦେଶର ମନ୍ଦସୌରର ସିଲଟ କାରଖାନା । ଉପରୋକ୍ତ ୧୦ଟି ନିର୍ବାଚିତ ପ୍ରକଳ୍ପ ମୁଖ୍ୟତଃ ଶୋଷଣ ସର୍ବସ୍ୱ କେତୋଟି ସ୍ୱତନ୍ତ୍ର ସଂସ୍ଥାରେ ସୀମିତ ଓ ତହିଁରୁ ଏକା ଉତ୍ତର ପ୍ରଦେଶରେ ୪ଟି ପ୍ରକଳ୍ପ ଅନ୍ତର୍ଭୁକ୍ତ ଓ ତାହା ସମୁଦ୍ରକୁ ଶଙ୍ଖେ ।

କହିବା ଓ ସମାଲୋଚନା କରିବାଠାରୁ ଶିଶୁ ଶ୍ରମିକ ନିୟୋଜନ ଭଳି ଏକ ପ୍ରମାଦ ପୂର୍ଣ୍ଣ ଶୋଷଣ-ସର୍ବସ୍ୱ ପ୍ରଥାର ସଂପୂର୍ଣ୍ଣ ବିଲୋପନ ଦୁରୂହ ଓ ଏକ ଜାଟିଳର ବ୍ୟାପାର । ଏହା ଯେତିକିଠି ଗୁଣାତ୍ମକ ହେବା ଆବଶ୍ୟକ ସେ ଭଳି ପର୍ଯ୍ୟାପ୍ତ ହେବା ସ୍ପୃହି । ପ୍ରୟାସ ପ୍ରକ୍ରିୟାଠାରୁ ଏକ୍ଷେତ୍ରରେ ବିପଦାଳୁକା ଅନ୍ତରାୟ ତତୋଧିକ । ପ୍ରଥମେ କେଉଁକେଉଁ ରାଜ୍ୟ କେନ୍ଦ୍ର ଶାସିତ ଅଞ୍ଚଳରେ କେଉଁ କେଉଁ କ୍ଷେତ୍ରରେ ଶିଶୁ ଶ୍ରମିକ ପ୍ରଥା ବହୁଳ ଭାବେ ପ୍ରଚଳିତ, ତାର ସଠିକ ଚିହ୍ନଟକରଣ ଆବଶ୍ୟକ ଓ ସେହି କ୍ଷେତ୍ରରେ ବ୍ୟାପକ ଗଣଚେତନା ଜାଗରଣ ଯୁଦ୍ଧଭିତ୍ତିରେ ହେବା ସ୍ପୃହି । ଏହି ମାର୍ଗରେ ସ୍ଥାନୀୟ ସ୍ପୃହିଦାକୁ ତଥା ସାମାଜିକ ଏବଂ ଆର୍ଥିକ ସ୍ପୃହିଦାଦିକୁ ସଂପୂର୍ଣ୍ଣ ଏଡ଼ିଦେବାର ନୁହେଁ । ଏହା ସ୍ୱୀକାର୍ଯ୍ୟ ଯେ ଆମଦେଶର ସାଏମୋଟ ୧୭.୫୮ ନିୟୁତ ଶୋଷିତ ଶିଶୁ ଶ୍ରମିକଙ୍କ ମଧ୍ୟରେ ୯୦ ଭାଗ ମୁଖ୍ୟତ କୃଷି ଓ ତତ୍ ସଂଶ୍ଳିଷ୍ଟ ସଂସ୍ଥାରେ ଶ୍ରମନିରତ । ସେମାନଙ୍କୁ ରାତାରାତି ନିଯୁକ୍ତିରୁ ଅପହୃତ କରିବା ଏକ ଦୁଃସାଧ୍ୟ ବ୍ୟାପାର । ସେମାନଙ୍କର ବିକଳ୍ପ ଥଇଥାନ ଯେଉଁଭଳି ବ୍ୟୟବହୁଳ ସେଉଳି ଜଟିଳ ପ୍ରସଙ୍ଗ ମଧ୍ୟ । ଏହାର ସ୍ଥାୟୀ ପ୍ରତିକାର ଏକ ଦୀର୍ଘ ମିଆଦୀ ପ୍ରକ୍ରିୟାରେ ସୀମିତ ରହିବା ସ୍ପୃହଣୀୟ । ପ୍ରାଥମିକ ପଦକ୍ଷେପ ସ୍ୱରୂପ ପ୍ରଥମେ ସେମାନଙ୍କ ସର୍ବେକ୍ଷଣ, ଦାରିଦ୍ର୍ୟ ବିମୋଚନ କାର୍ଯ୍ୟକ୍ରମ ସଂପ୍ରସାରଣ ପାଇଁ ଚିହ୍ନଟକରଣ ଏକ ଜରୁରୀ ସ୍ପୃହିଦା । କେବଳ ଦୂରଦର୍ଶନ, ବେତାର, ସଂବାଦପତ୍ର ନୁହେଁ ତଥ୍ୟଭିତ୍ତିକ ପ୍ରାମାଣିକ ଚଳଚିତ୍ର ପ୍ରଦର୍ଶନ, ଡ୍ରାକବାକ୍ସି ଯନ୍ତ୍ରଦ୍ୱାରା ପରିପ୍ରସ୍ଥର, ଯାତ୍ରା, ଦାସକାଠିଆ, ନାଟକାଦି ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଶିଶୁ ଶ୍ରମିକ ପ୍ରଥାର କୁପରିଣତି ସଂପର୍କରେ ବାଳାଶ୍ରମ ଅଧ୍ୟୁଷିତ ସଂପୃକ୍ତ ସହର ଓ ଗ୍ରାମାଞ୍ଚଳରେ ବ୍ୟାପକ ପ୍ରଚାର କାର୍ଯ୍ୟକ୍ରମ ହାତକୁ ନିଆଯିବା ଉଚିତ । ଶିଶୁକଲ୍ୟାଣ, ବିକାଶ, ଗୋଷ୍ଠୀଉନ୍ନୟନ ଓ ଗ୍ରାମ୍ୟ ପୁନର୍ଗଠନ, ହରିଜନ ଓ ଆଦିବାସୀ କଲ୍ୟାଣ ଏବଂ ଶ୍ରମ ଏବଂ ନିଯୁକ୍ତି ସହ ସଂପୃକ୍ତ ବିଭିନ୍ନ ବିଭାଗ, ଲୋକପ୍ରତିନିଧି, ସମାଜ ସେବୀ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ଏହି କାର୍ଯ୍ୟକ୍ରମ ସଂପର୍କରେ ସଚେତନ ଓ ସମନ୍ୱିତ କରିବା ଉଚିତ । ସଂପୃକ୍ତ ଶିଶୁଶ୍ରମିକ, ପିତାମାତା, ନିଯୋକ୍ତାଙ୍କୁ ଏ ସଂପର୍କରେ ସଚେତ କରିବା ଉଦ୍ଦେଶ୍ୟରେ କ୍ରମାଗତ ଆଲୋଚନା ଚକ୍ର, ପାଠଚକ୍ର ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ପ୍ରାଧାନ୍ୟ ଦିଆଯିବା ବିଧେୟ । ଶିକ୍ଷା ଓ ବିକାଶକୁ ବିପର୍ଯ୍ୟସ୍ତ କରି ଶିଶୁ ଶ୍ରମ ନିଷ୍କାସନ ପ୍ରଥାକୁ ଉଦ୍‌ଜୀବିତ କଲା ଫଳରେ ଶିଶୁର ଭବିଷ୍ୟତ ଆଜୀବନ କବଳିତ ଓ ବନ୍ଧକ ପଡ଼ିରହୁଛି । ଏକଥା ସେମାନଙ୍କର ହୃଦବୋଧ କରାଇବା ସର୍ବାଦୌ କରଣୀୟ । ନିରକ୍ଷରତା, ଅଜ୍ଞତା ଓ ଆର୍ଥିକ କ୍ଷଣ ନିରାକରଣ ଏହି କାର୍ଯ୍ୟକ୍ରମର ପ୍ରାଧାନ୍ୟ ଲକ୍ଷକରିବା ଦରକାର ।

ଶିଶୁ ଶ୍ରମ ପ୍ରଥା ଅର୍ଥନୈତିକ ତାଡ଼ନାରେ ପରିପ୍ରକାଶ । ଏଣୁ ଏହାର ସଂପୂର୍ଣ୍ଣ ବିଲୋପନ ପାଇଁ ପ୍ରୟାସ ଅବ୍ୟାହତ ରଖିବା ସଙ୍ଗେସଙ୍ଗେ ବିପଦ ଶୂନ୍ୟ ହାଲୁକା କାମ ବା ବୃତ୍ତିରେ ଶିଶୁଶ୍ରମିକଙ୍କ ପ୍ରଶିକ୍ଷଣାତ୍ମକ ନିୟୋଜନ ନିମିତ୍ତ ସ୍ଥାନ ସଂରକ୍ଷଣ ଅନ୍ୟ ବିକଳ୍ପ ଓ ଅନ୍ତରବର୍ତୀକାଳୀନ ପନ୍ଥା ରୂପେ ବିମୃଷ୍ୟ । ସମ୍ଭବ ସ୍ଥଳେ ବାପ ମାଆଙ୍କ ହେପାଜତରେ ଏଭଳି ନିୟୋଜନ ଶିଶୁ ଶ୍ରମିକଙ୍କ ଦୈହିକ ଓ ଆର୍ଥିକ ଶୋଷଣର ନିରାକରଣ ଏବଂ ନିୟନ୍ତ୍ରଣରେ ସହାୟ ହୋଇପାରେ । ଶିଶୁ ଶ୍ରମିକଙ୍କ ଶୋଷଣର ନିରାକରଣ ତଥା ଥଇଥାନ ନିମିତ୍ତ ସ୍ୱତଂତ୍ର ଅଭିଯୋଜନା ବା ଶ୍ରମସତ୍ତା ପ୍ରଭୃତି ଏବେ ଏକାନ୍ତ ଜରୁରୀ । ଏଥି ନିମିତ୍ତ ବ୍ୟୟ ବରାଦର ସଦୁପଯୋଗ ପାଇଁ ସଠିକ ଓ ଅଗ୍ରାଧିକାର ଭିତ୍ତିକ ଅଟକଳ ମଧ୍ୟ ଅପରିହାର୍ଯ୍ୟ । ଏ କାର୍ଯ୍ୟ କେବଳ କେନ୍ଦ୍ର ବା ରାଜ୍ୟ ସରକାରଙ୍କର ନୁହେଁ । ଏହା ଏକ ସାମୁହିକ ଗୁରୁଦାୟ । କେନ୍ଦ୍ର ସରକାର ଇତ୍ୟବସରରେ ଏହି ନୂଆ ଆଇନର ସଫଳ ପରିପାଳନ ପାଇଁ ବୈଷୟିକ ପରାମର୍ଶଦାତା କମିଟି ଗଠନ କରାଇବା ଜାତୀୟ ଶିଶୁ ଶ୍ରମିକ ନୀତି ପ୍ରଣୟନ କରି ଚଳିତ ବର୍ଷ ଅଗଷ୍ଟ ୧୨ ତାରିଖ ଦିନ ଲୋକ ସଭାରେ ଆଗତ କରି ଅଛନ୍ତି । ଏହା ଏକ ସମୟୋଚିତ ପଦକ୍ଷେପ । ଏହି କେନ୍ଦ୍ରୀୟ ଆଇନାନୁଯାୟୀ ସଂବିଧି ପ୍ରଣୟନ ଓ ପ୍ରଚଳିତ ରାଜ୍ୟ ଶ୍ରମ ଆଇନରେ ଶିଶୁ ଶ୍ରମିକ ନିୟୋଜନ ସଂପର୍କିତ ବ୍ୟବସ୍ଥାର ଆବଶ୍ୟକୀୟ ସଂଶୋଧନ, ପରିଦର୍ଶକଙ୍କ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶନ, ସର୍ବନିମ୍ନ ମଜୁରୀ ଆଇନ, ୧୯୪୮ ପରିପ୍ରେକ୍ଷୀରେ ବିବିଧ ବୃତ୍ତିରେ ଶ୍ରମନିରତ ଶିଶୁ ଶ୍ରମିକଙ୍କ ପାଇଁ କାର୍ଯ୍ୟ ସମୟ, ବିରତୀ ଓ ଆନୁପାତିକ ଦୈନିକ ନ୍ୟୁନତମ ମଜୁରୀ ନର୍ଦ୍ଧାରଣ ଆଦି କାର୍ଯ୍ୟକ୍ରମ ଯେଉଁଭଳି ଉପାଦେୟ ସେଭଳି ଅପରିହାର୍ଯ୍ୟ । ଶିଶୁ ଶ୍ରମିକ ନିଯୁକ୍ତି ଓ ନିଷିଦ୍ଧ ଆଇନ ୧୯୮୬, ସମେତ, କାରଖାନା, ଖଣି, ବାଗାନ ଓ ଅନ୍ୟ ଆଇନର ବାଳ ଶ୍ରମିକ ନିଯୁକ୍ତି ବ୍ୟବସ୍ଥାର କଠୋର ପରିପାଳନ ସବୁଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ । ଏବର ସୀମିତ ଶାସନ କାଳର ପର୍ଯ୍ୟାପ୍ତ ପୁନର୍ବିନ୍ୟାସ ଏବଂ ଏହାକୁ ଗୁଣାତ୍ମକ କରିବା ପାଇଁ ଆବଶ୍ୟକୀୟ ପାଣ୍ଠି ମଞ୍ଜୁରୀକରଣ ମଧ୍ୟ ଅନୁରୂପ ଭାବେ ଲୋଡ଼ା । ୭ମ ଯୋଜନାରେ ଦାରିଦ୍ର୍ୟ ବିମୋଚନ କାର୍ଯ୍ୟକ୍ରମ ପାଇଁ ଉଦ୍ଦିଷ୍ଟ ଅର୍ଥର ସମତୁଲ ଅଂଶ ଶିଶୁଶ୍ରମିକ ଓ ତାଙ୍କର ପରିବାର ବର୍ଗଙ୍କ କଲ୍ୟାଣାର୍ଥେ ସଦୁପଯୋଗ କରାଯିବା ବିଧେୟ ।

ରାଜ୍ୟ ସ୍ତରୀୟ ବୈଷୟିକ ପରାମର୍ଶଦାତା କମିଟିର ଗଠନ ସମେତ ଏହି ମର୍ମରେ ଗୃହୀତ ପଦକ୍ଷେପର ପ୍ରକୃତ ରୂପାୟନର ପର୍ଯ୍ୟବେକ୍ଷଣ ଏବଂ ମୂଲ୍ୟାୟନକୁ ଭିତ୍ତିକରି ପରିଲକ୍ଷିତ ଦୋଷ ତ୍ରୁଟିର ସଠିକ ଓ ସମୟୋଚିତ ସଂଶୋଧନ ପ୍ରତି ସମୁଚିତ ପ୍ରାଧାନ୍ୟ ଦିଆଯିବା ଉଚିତ । କେବଳ ସଚେତନତା ନୁହେଁ ସହାୟତା ପାଇଁ କ୍ଷେତ୍ର ପ୍ରସ୍ତୁତି ଏଭଳି ଏକ ଜଟିଳ କାର୍ଯ୍ୟକ୍ରମର ସାଫଲ୍ୟତା ପାଇଁ ଏକାନ୍ତ ଅପରିହାର୍ଯ୍ୟ । ଶୋଷଣ ମୁକ୍ତ ଶିଶୁ ଶ୍ରମିକଙ୍କ ପ୍ରଶିକ୍ଷଣ ଓ ଥଇଥାନ ପାଇଁ ସ୍ୱତନ୍ତ୍ର ଶିକ୍ଷାୟତନ ପ୍ରତିଷ୍ଠା, ସେମାନଙ୍କର ମାନସିକ ଓ ଦୈହିକ ସ୍ୱାସ୍ଥ୍ୟ ସୁରକ୍ଷା ସମେତ ଖିଲପକାରୀ ସ୍ୱାର୍ଥାନ୍ଧ ମାଲିକଙ୍କ ପ୍ରତି କଠୋର ଶାସ୍ତିବିଧାନ ଆବଶ୍ୟକ ସ୍ଥଳେ ଏଡ଼ିବାର ନୁହେଁ । ବିଳମ୍ବରେ ହେଲେହେଁ ପ୍ରାରବ୍ଧ ପଦକ୍ଷେପ ଆଶାସଂଗ୍ରାରୀ ଯଦିଓ "ଅଳ୍ପ ପଥ ଅତିକ୍ରାନ୍ତ : ବାକି ବହୁପଥ ଏବଂ କଲ୍ୟାଣର ପଥ ବିଘ୍ନଶତଶତ" । ଯେକୌଣସ କାରଣରୁ ହେଉନା କାହିଁକି ବାଳଶ୍ରମିକ ପ୍ରଥା ଏକ ଶୋଷଣ ସର୍ବସ୍ୱ କୁତ୍ସିତ ପ୍ରସଙ୍ଗ । ଏହା ଅପ୍ରାପ୍ତ ବୟସରେ ଅକାଳ ହତ୍ୟା

ଖାମ ବଉଳକୁ ପୋଡ଼ିଜାଳି ଝାଳି ଦେଲା ଭଳି ଶିଶୁ ଶ୍ରମିକଙ୍କର ମାନସିକ ଓ ଦୈହିକ ବିକାଶକୁ ଅପୂରଣୀୟ କ୍ଷତିରେ ବିପର୍ଯ୍ୟସ୍ତ କରେ; ଏହା ନିଃସନ୍ଦେହ । କେବଳ ଆଇନତଃ ସୁରକ୍ଷା କବଚ ମୂଲ୍ୟାୟନ ନୁହେଁ ପରନ୍ତୁ ଏଭଳି ଘୃଣ୍ୟ ପ୍ରଥାକୁ ଉଜ୍ଜୀବିତ କରୁଥିବା ଉପରୋକ୍ତ ସମସ୍ତ କାରଣଗୁଡ଼ିକର ନିରାକରଣ ତଥା ନିବାରଣ ନିମିତ୍ତ ସଂପୃକ୍ତ ସକଳ ବର୍ଗଙ୍କର ସମନ୍ୱିତ ଓ ସାମୁହିକ ଆବେଦନ ଆଜି ସବୁଠୁ ବେଶୀ ଜରୁରୀ । ଶୋଷିତ ଶୈଶବର ମୁକ୍ତି, ସୁରକ୍ଷା ବା ଥଇଥାନ, ବିଡମ୍ବନା ନତୁବା ଅବହେଳାର ପ୍ରସଙ୍ଗ ନୁହେଁ ପରନ୍ତୁ ଏହା ଏକ ରାଷ୍ଟ୍ରୀୟ ଚ୍ୟାଲେଞ୍ଜ । ଏଭଳି ଜଟିଳ ସମସ୍ୟାର ସଫଳ ସାମ୍ମୁଖ୍ୟ ପାଇଁ ରାଷ୍ଟ୍ରପୁରୁଷ ଆମର ସହାୟ ହୁଅନ୍ତୁ । ଏ ଅଗ୍ନିପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ନିମିତ୍ତ ବୈଦିକ ପ୍ରାର୍ଥନାର ଅଗ୍ନିସୂକ୍ତର ସେଇ କାଳଜୟୀ ସୂକ୍ତି ହିଁ ଆମର ଆଗାମୀ ପାଇଁ ଧ୍ୟେୟ ହେଉ ଶୋଷିତ ଓ ଲୁଣ୍ଠିତ ଶୈଶବର ସୁରକ୍ଷା ଏବଂ କଲ୍ୟାଣାର୍ଥେ :

"ସନଃ ପିତେବ ସୂନ କେଁଗ୍ନେ ସୁପାୟନୋ ଭବ ସଚସ୍ୱା ନଃ ସ୍ୱସ୍ତୟେ" ଅର୍ଥାତ୍ ହେ ଅଗ୍ନି ଦେବ ! ଦୁଷ୍ଟାଗତ ପୁତ୍ର, ପିତାମାତାଙ୍କ ଗହଣରେ ଯେପରି ନିର୍ବିଘ୍ନ ଓ ଆଶ୍ୱସ୍ତି ବୋଧକରେ ; ସେହିପରି ତୁମେ ଆମର ଅଧିଗମ୍ୟ ହୁଅ– ଆଶ୍ୱସ୍ତି ଏବଂ ମଙ୍ଗଳମୟ ହୁଅ–କୋମଳମତି ଅଧମ ସନ୍ତାନ ସନ୍ତତିଙ୍କ ପ୍ରତି ଏତିକି ପ୍ରାର୍ଥନା ।

ଶ୍ରମ ନିର୍ଦ୍ଦେଶାଳୟ,
୮୮–ଖାରବେଳନଗର
ଭୁବନେଶ୍ୱର–୧



ପ୍ରଦର୍ଶନୀ ଫୁଟବଲ୍ ମ୍ୟାଚରେ ବିଜୟୀ ପୋଲିସ୍ ଟିମ୍‌କୁ ପୁରସ୍କାର



# ଶିଶୁଙ୍କ ପାଇଁ 'ପୁଷ୍ଟି ଶିକ୍ଷା'

ଶ୍ରୀମତୀ ଅନ୍ନପୂର୍ଣ୍ଣା ପ୍ରଧାନ

ସାଧାରଣତଃ ୫ ବର୍ଷରୁ ୧୨ ବର୍ଷ ବୟସ ମଧ୍ୟରେ ପ୍ରାଥମିକ ବିଦ୍ୟାଳୟ ଶିଶୁମାନେ ଅନ୍ତର୍ଭୁକ୍ତ । ଏହି ସମୟରେ ସେମାନଙ୍କର ଶାରୀରିକ ବୃଦ୍ଧି ବାଲ୍ୟ ଓ ବୟସ୍କ ତୁଳନାରେ ଅପେକ୍ଷାକୃତ କମ୍ ହେଲେବି ଉଚ୍ଚତା ଓଜନର କ୍ରମଶଃ ବୃଦ୍ଧି ଘଟିଥାଏ ଏବଂ ଖାଦ୍ୟରେ ପୁଷ୍ଟି ଉପାଦାନର ଆବଶ୍ୟକତା ଥାଏ । ମାତ୍ର ପିତା, ମାତା, ଗୁରୁଜନ ଏବଂ ଶିକ୍ଷକ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ଖୁବ୍ କମ୍ ଉପଲବ୍ଧି କରିଥାନ୍ତି । ଖୁବ୍ କମ୍ ସ୍କୁଲକୁ ଛାଡ଼ିଦେଲେ ନିୟମିତ ଡାକ୍ତରୀ ପରୀକ୍ଷା ପ୍ରାୟ ହୁଏ ନାହିଁ । ପିଲାମାନେ ଏ ବୟସରେ ଖେଳାଖେଳି ଓ କସରତ୍ ଇତ୍ୟାଦିକୁ ଖୁବ୍ ଆଗ୍ରହ ପ୍ରକାଶ କରନ୍ତି । ତେଣୁ ସେମାନଙ୍କର ଅପେକ୍ଷାକୃତ ବେଶୀ ଶକ୍ତି ଦରକାର । ତା' ବ୍ୟତୀତ ଏ ସମୟରେ ସେମାନଙ୍କର ମୂଳଦୁଆ ଗଢ଼ାଯାଏ । ତେଣୁ ମାନସିକ ଶକ୍ତିର ବିକାଶ ପାଇଁ ଗୁଣାତ୍ମକ ଖାଦ୍ୟର ଯଥେଷ୍ଟ ଆବଶ୍ୟକତା ଥାଏ । ଅବଶ୍ୟ; ପୁଷ୍ଟିକର ଖାଦ୍ୟ ସମସ୍ତ ପିତାମାତା ପିଲାମାନଙ୍କୁ ସବୁ ସମୟରେ ଦେବା ସମ୍ଭବ ନୁହେଁ । ''ଆବଶ୍ୟକତା'' ଓ ''ଅଭାବ' ଏକ ଆପେକ୍ଷିକ ଶବ୍ଦ । କାରଣ ''ଆବଶ୍ୟକତା''– ଅଭାବର କାରଣ ହେଲେବି ସବୁ ''ଆବଶ୍ୟକତା'' ଅଭାବ ନୁହେଁ । ଏ ପରିପ୍ରେକ୍ଷୀରେ ଆବଶ୍ୟକତା ପୂରଣ ପାଇଁ ପୁଷ୍ଟି ଶିକ୍ଷା ଏକାନ୍ତ ଆବଶ୍ୟକ । କାରଣ ପଚ୍ଚିଶ ପଇସା ଦେଇ ଅଣ୍ଡାଟିଏ କିଣିବା ଅଭାବ ହେଲେବି ଦଶ ପଇସା ଦେଇ ଶାଗ ବିଡ଼ାଟିଏ ତା'ର ନିକଟତମ ଚାହିଦା ପୂରଣ କରିବ । ଖାଦ୍ୟାଭ୍ୟାସ ତଥା ଖାଦ୍ୟ ରୁଚିର ପରିବର୍ତ୍ତନ ହେଲେ, ଖାଦ୍ୟର ଅନେକ ଆବଶ୍ୟକତା ସମାନଭାବରେ ପୂରଣ କରିହେବ ।

**ବିଦ୍ୟାଳୟ ଶିଶୁଙ୍କ ଖାଦ୍ୟାଭ୍ୟାସ :**

ଏହି ଅବସ୍ଥା ପୂର୍ବରୁ ଅର୍ଥାତ୍ ପ୍ରାକ୍ ବିଦ୍ୟାଳୟ ଶିଶୁମାନଙ୍କର (୩ ବର୍ଷରୁ ୫ ବର୍ଷ) ଖାଦ୍ୟ ଚାହିଦା ବେଶୀ ଏବଂ ଭୋକ ହେବାକ୍ଷଣି ଏମାନେ ଖାଇବାକୁ ମାଗିବେ । ସ୍କୁଲକୁ ଯିବା ଆରମ୍ଭ ହେବା ମାତ୍ରେ ଏହି ଅଭ୍ୟାସ ହଠାତ୍ ପରିବର୍ତ୍ତନ ହୋଇଯାଏ । ସ୍କୁଲକୁ ଗୋଟିଏ ନିର୍ଦ୍ଦିଷ୍ଟ ସମୟରେ ଯାଇ ଆସିବାକୁ ହୁଏ । ସ୍କୁଲକୁ ଯିବା ପୂର୍ବରୁ ଖେଳା ଖେଳିରେ ବ୍ୟସ୍ତ ଥାଇ ସ୍କୁଲ୍ ବେଳା ହେବାକ୍ଷଣି ତରବରରେ ଗାଧୋଇପଡ଼ି, ଗଣ୍ଡେ ଖାଇ, ବହି ବସ୍ତାନି ଧରି ସ୍କୁଲକୁ ପାର୍ । ଏମିତି ବି ଖାଇବା ବେଳେ ଖାଦ୍ୟକୁ ଭଲଭାବେ ନ ଚୋବାଇ ଗିଳି ଦେଇଥାଆନ୍ତି । ପୁନଶ୍ଚ ସ୍କୁଲରୁ ଫେରିବା ପରେ ମଧ୍ୟ ସେଇ କଥା । ତା'ବ୍ୟତୀତ ପୁଷ୍ଟି ବିଷୟରେ ଏ ବୟସରେ ଆଦୌ ଧାରଣା ନ ଥାଏ । ତେଣୁ, ଏ ସମୟରେ ପିତା ମାତା, ଗୁରୁଜନ, ପାଳନକର୍ତ୍ତା/କର୍ତ୍ତ୍ରୀ ତଥା ଶିକ୍ଷକ ସ୍କୁଲକୁ ଯିବା ପୂର୍ବରୁ ଏବଂ ଫେରିବା ପରେ ସେମାନଙ୍କର ଖାଦ୍ୟ ଓ ଖାଇବା ପ୍ରଣାଳୀ ପ୍ରତି ଯଥେଷ୍ଟ ଧ୍ୟାନ ଦେବା ଉଚିତ ଯାହା ଶିଶୁମାନଙ୍କର ନୂତନ ପରିବେଷ୍ଟନୀ ସହିତ ଖାପ ଖାଉଥିବା ଦରକାର । ସାଧାରଣତଃ ଅଧିକାଂଶ ପ୍ରାକ୍ ବିଦ୍ୟାଳୟ ଶିଶୁ, ଦୁର୍ବଳ, ଅନ୍ଧାରକଣା ଓ ଅନ୍ୟ କୌଣସି ଜୀବସାର 'କ' ଜନିତ ରୋଗଗ୍ରସ୍ତ । ତା'ବ୍ୟତୀତ 'ବି' କମ୍ପ୍ଲେକ୍ସ ଅଭାବ ହେତୁ ଜିଭରେ ଚୁଣ୍ଟୁ ଘା', କଣ୍ଠଖିଆ, ପାଟି ଘା' ଇତ୍ୟାଦି ଏକ ସାଧାରଣ ଦୃଶ୍ୟ । ଅନେକଙ୍କର ଭଲ ଭୋକ ହୁଏ ନି ଏବଂ ରକ୍ତ ଶୂନ୍ୟତା (ଆନେମିଆ) ଦେଖାଦେଇଥାଏ ଏବଂ ଏ ସବୁର ମୁଖ୍ୟ କାରଣ ହେଉଚି ପୁଷ୍ଟିହୀନତା । 'ପୁଷ୍ଟିହୀନତା' ଏକ ଗୁରୁତର ସମସ୍ୟା । ଖାଦ୍ୟାଭାବ, ଖାଦ୍ୟ ଖାଇବାରେ କେତେକ କୁ ପ୍ରଥା ଓ କୁଅଭ୍ୟାସ, ସମାଜର ସ୍ୱାସ୍ଥ୍ୟରକ୍ଷା ବିଷୟରେ ଅଜ୍ଞତା ଓ ଉପଯୁକ୍ତ ପରିମାଣରେ ଚିକିତ୍ସାର ଅଭାବହିଁ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ । ତେଣୁ, ଏ ସମୟରେ ବିଦ୍ୟାଳୟରେ ପୁଷ୍ଟିଶିକ୍ଷା ଏକାନ୍ତ ଅପରିହାର୍ଯ୍ୟ ।

**ସୁଷମ ଖାଦ୍ୟ :**

ତରଳ ହେଉ ବା କଠିନ ହେଉ, ଯେଉଁ ଭକ୍ଷଣୀୟ ପଦାର୍ଥ ଉପଯୁକ୍ତ ପରିମାଣରେ ଖାଇଲେ ଶରୀରର ବୃଦ୍ଧି ସଙ୍ଗେସଙ୍ଗେ ଶକ୍ତି ଯୋଗାଏ, ରୋଗ କ୍ଳେଶରୁ ରକ୍ଷା କରିଥାଏ ଓ ଶରୀରରେ ହେଉଥିବା କ୍ଷୟ କ୍ଷତି ପୂରଣ କରି ଶରୀରକୁ ସଂରକ୍ଷଣ କରିଥାଏ, ତାହାକୁ ଆପାତତଃ ସୁଷମ ଖାଦ୍ୟ କୁହାଯାଏ । ଖେଳ କସ୍‌ରତ୍‌ରେ ଅଧିକାଂଶ ସମୟ ଅତିବାହିତ ହେଉଥିବାରୁ ଏଥିରେ ନଷ୍ଟ ହେଉଥିବା ଶକ୍ତି (ଏନରଜି)ର ପୁନରୁଦ୍ଧାର ନ କଲେ ପିଲାମାନଙ୍କର ଓଜନ କମିଯିବ ଏବଂ ସେମାନେ କ୍ରମଶଃ ଦୁର୍ବଳ ହୋଇ ପଡ଼ିବେ । ତେଣୁ ଖାଦ୍ୟରେ ଆବଶ୍ୟକତା ମୁତାବକ ଚାଉଳ, ଗହମ, ଜଅର, ବାଜରା ଏବଂ ପ୍ରୋଟିନ୍ ପାଇଁ ପ୍ରଚୁର ଡାଲିଜାତୀୟ ଖାଦ୍ୟ ଦେବା ଉଚିତ୍ । ସାଧାରଣତଃ ପିଲାମାନେ ଚିନାବାଦାମ ଖାଇବାକୁ ଖୁବ୍ ଭଲ ପାଆନ୍ତି ଏବଂ ଏହା ଏକ ଉତ୍ତମ ପ୍ରୋଟିନ୍‌ଜାତୀୟ ଓ ଶକ୍ତିକାରକ ଖାଦ୍ୟ । ଏହା ଅପେକ୍ଷାକୃତ ଶସ୍ତା ହେତୁ ନିର୍ବିଘ୍ନରେ ପିଲାମାନଙ୍କୁ ଦିଆ ଯାଇପାରେ । ଆବଶ୍ୟକ ସ୍ଥଳେ ପ୍ରତିଦିନ ଏକ ଗ୍ଲାସ୍ 'କ୍ଷୀର' ଦେବା ଦରକାର ଏବଂ ଆଦର୍ଶ ପୁଷ୍ଟି ଯୋଜନା ଅନୁଯାୟୀ ଦିନେ ଛଡ଼ା ଦିନେ ଗୋଟିଏ ଅଣ୍ଡା ବା ସପ୍ତାହକୁ ମାଛ ମାଂସ ଦୁଇ ଥର ଦେବା ଉଚିତ । ଦାନ୍ତ ଓ ହାଡ଼କୁ ସୁସ୍ଥ, ସବଳ ରଖିବା-ପାଇଁ କାଲ୍‌ସିୟମ୍ ଦରକାର । ତେଣୁ କ୍ଷୀର ବ୍ୟତୀତ ମାଣ୍ଡିଆ ଓ ପ୍ରଚୁର ଶାକ୍‌ସବ୍‌ଜି ତଥା ସବୁଜ ଟଟକା ପରିବା ଇତ୍ୟାଦି ଦେବା ଉଚିତ । ବିଭିନ୍ନ ପ୍ରକାର ଭିଟାମିନ୍ ପାଇଁ ଅମୃତଭଣ୍ଡା, ଆମ୍ବ, ମୂଳା, ପାଳଙ୍ଗ ଶାଗ, ସଜନା ପତ୍ର, କାଗଜୀ ଲେମ୍ବୁ, କମଳା, ଗଜାମୁଗ ଓ ବୁଟ ଇତ୍ୟାଦି ଦେବା ଉଚିତ ।



**ପିତାମାତାଙ୍କ କର୍ତ୍ତବ୍ୟ :**

(୧) ଉପଯୁକ୍ତ ପରିମାଣର ତଥା ଉତ୍ତମ ମାନର ଖାଦ୍ୟ ଠିକ୍ ସମୟରେ ଖାଇବାକୁ ଦେବା ।

(୨) ପିଲାଙ୍କ ରୁଚିକୁ ଚାହିଁ ମା' ଯଥାସମ୍ଭବ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ କରିବା ।

(୩) ଖାଇବା ସମୟରେ ପିଲାଙ୍କୁ ସ୍ନେହରେ କରି ଖାଇବାକୁ ଅଭ୍ୟାସ କରିବା ।

(୪) ମୁଖ୍ୟ ଭୋଜନ ପୂର୍ବରୁ ସାମାନ୍ୟ ଜଳଯୋଗ ନିଷେଧ କରିବା, କାରଣ ଏହା ଭୋକ ମାରିଦିଏ ।

(୫) ବଜାରର ଶସ୍ତା ଟିଫିନ୍, ଯଥା–ଘୁଗୁନି, ମଟର ଭଜା, ଚଣା, ଚନାଚୁର୍ ଇତ୍ୟାଦି ଖାଇବାକୁ ପଇସା ନ ଦେବା ଏବଂ ସେମାନଙ୍କୁ ହୃଦୟଙ୍ଗମ କରାଇବା ଯେ ଏହା କ୍ଷତିକାରକ ।

(୬) ବ୍ୟକ୍ତିଗତ ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବା, ଯଥା–ଖାଇବା ପୂର୍ବରୁ ଓ ପରେ ପ୍ରଚୁର ପାଣି ପିଇବା ଓ ଖାଇବା ବେଳେ ମାଛି ଖାଦ୍ୟରେ ବସାଇ ନ ଦେବା ଇତ୍ୟାଦି ।

**ଶିକ୍ଷକମାନଙ୍କର କର୍ତ୍ତବ୍ୟ :**

ପିଲାମାନଙ୍କୁ ପୁଷ୍ଟିଶିକ୍ଷା ବିଷୟରେ ସଚେତନ କରାଇବାରେ ଶିକ୍ଷକମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି, ଯଥା–

(୧) ସ୍କୁଲ୍ ସ୍ତରରେ ଚାଲୁଥିବା ବିଭିନ୍ନ 'ପୁଷ୍ଟି ଯୋଜନା' ବିଷୟରେ ସକ୍ରିୟ ଉତ୍ସାହ ।

(୨) ତଥ୍ୟମୂଳକ (ଥିଓରି) ତଥା ବ୍ୟବହାରିକ (ଆପ୍ଲାଏଡ୍) ।

ବିଦ୍ୟାଳୟରେ ଚାଲୁଥିବା "ଖାଦ୍ୟଯୋଜନା" ଏକ ପରିପୂରକ (ସପ୍ଲିମେଣ୍ଟାରି) ଯୋଜନା । ଅର୍ଥାତ୍ ପିଲାମାନଙ୍କ ଘରୋଇ ଖାଦ୍ୟର ପୁଷ୍ଟି ଅଭାବ ପୂରଣ କରିବା ଏହାର ପ୍ରଥମ ଲକ୍ଷ୍ୟ । ତେଣୁ ପିଲାମାନଙ୍କ ଅଭିଭାବକମାନଙ୍କୁ ଜଣାଇବା ଉଚିତ ଯେ–ବିଦ୍ୟାଳୟରେ ଯେଉଁ ଖାଦ୍ୟ ଦିଆଯାଉଛି ତାହା ପିଲାମାନେ ଖାଉଥିବା ଖାଦ୍ୟର ପରିପୂରକ (ସପ୍ଲିମେଣ୍ଟ) ମାତ୍ର, ବଦଳି (ସବ୍‌ଷ୍ଟିଚ୍ୟୁଟ୍) ଖାଦ୍ୟ ନୁହେଁ । ସାଧାରଣତଃ ସି.ଏସ୍.ଏମ୍., ସୋୟାବିନ୍ ତେଲ, ବଲ୍‌ଗର୍ ଗହମ ଖାଦ୍ୟ ରୂପେ ସ୍କୁଲ୍‌ରେ ଦିଆଯାଇଥାଏ । ଏହି ଭୋଜନରେ ପ୍ରଚୁର ପରିମାଣରେ ପ୍ରୋଟିନ୍, ଖାଦ୍ୟପ୍ରାଣ ଓ ଅନ୍ୟାନ୍ୟ ଆବଶ୍ୟକ ଉପାଦାନ ଥାଏ ଓ ଏହା ପୂର୍ଣ୍ଣ ଶାରୀରିକ ଓ ମାନସିକ ବୃଦ୍ଧି ପାଇଁ ଆବଶ୍ୟକତା ପୂରଣ କରେ । ଏ ପ୍ରକାର ଖାଦ୍ୟ ସହିତ ଅଧିକାଂଶ ପିଲା ଅଭ୍ୟସ୍ତ ନୁହନ୍ତି । ତେଣୁ ରନ୍ଧନ ବେଳେ ଏହାକୁ ସୁସ୍ୱାଦୁ ତଥା ସ୍ୱାସ୍ଥ୍ୟକର କରିବାର ଦାୟିତ୍ୱ ଶିକ୍ଷକମାନଙ୍କ ଉପରେ ନିର୍ଭର କରେ । ଏହା ବ୍ୟତୀତ ପୁଷ୍ଟି ଯୋଜନାକୁ ଆହୁରି ସାଫଲ୍ୟ କରିବା ନିମିତ୍ତ ପ୍ରତି ସ୍କୁଲ୍‌ରେ ପୁଷ୍ଟି ବଗିଚା (ନିଉଟ୍ରିସନ୍‌ଗାର୍ଡେନ୍) ଓ ପାକ ବଗିଚା (କିଚେନ୍ ଗାର୍ଡେନ୍) ସୃଷ୍ଟି କରିବା ଉଚିତ । ଏଥିରେ ଆମ୍ବ, ଅମୃତଭଣ୍ଡା, ପିଜୁଳି ମୂଳା, ସଜନା, ଟମାଟୋ ଓ ବିଭିନ୍ନ ପ୍ରକାର ଶାଗ ଲଗାଇବା ଉଚିତ । ଏହା ପିଲାମାନଙ୍କ ପୁଷ୍ଟି ଅଭାବ ମେଣ୍ଟାଇବା ସଙ୍ଗେସଙ୍ଗେ କୃଷି ବିଷୟରେ ସମ୍ୟକ୍ ଧାରଣା ଦେବ ଏବଂ ଶାରୀରିକ ପରିଶ୍ରମ ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହିବ । "ସ୍କୁଲ୍ ସ୍ୱାସ୍ଥ୍ୟ ଯୋଜନା" ଯେତେଦୂର ସମ୍ଭବ ପ୍ରତି ସ୍କୁଲ୍‌ରେ କାର୍ଯ୍ୟକାରୀ କରାଇବାରେ ଶିକ୍ଷକମାନଙ୍କ ଭୂମିକା ଅନୁରୂପ । ପିଲାମାନଙ୍କ ପରିଚ୍ଛନ୍ନତା ଦେଖିବା ତଥା ପ୍ରାଥମିକ ଚିକିତ୍ସା ବିଷୟରେ ସମ୍ୟକ୍ ଧାରଣା ଦେବା ଉଚିତ ।


'ପୁଷ୍ଟିଶିକ୍ଷା' ଏକ ଗୌଣ ଶିକ୍ଷା ନ ହୋଇ ଏହା ସ୍କୁଲ୍‌ରେ ପଢ଼ାଯାଉଥିବା ଭୂଗୋଳ, ଇତିହାସ, ଗଣିତ ଓ ବିଜ୍ଞାନ ଭଳି ଏକ ମୁଖ୍ୟ ଶିକ୍ଷା ହେବା ଉଚିତ । ଏହା ବ୍ୟତୀତ ଶିକ୍ଷକମାନେ ପୁଷ୍ଟିଶିକ୍ଷା ସମ୍ପର୍କୀୟ କେତେକ ବିଷୟବସ୍ତୁ, ଯଥା–ଖାଦ୍ୟର ଭୂମିକା, ପୁଷ୍ଟି ଓ ଖାଦ୍ୟ, ଭିଟାମିନ୍‌ର ଆବଶ୍ୟକତା, ସୁଷମ ଖାଦ୍ୟ, ରନ୍ଧନ ପ୍ରସ୍ତୁତିକରଣ ଆଦି ବିଷୟରେ ଲେସନ୍ ପ୍ଲାନ୍ କରି ଭିଜୁଆଲ୍ ସହାୟକ (ଭିଜୁଆଲ୍ ଏଡ୍) ସାହାଯ୍ୟରେ ପଢ଼ାଇବା ଉଚିତ । ଭିଜୁଆଲ୍ ସହାୟକ ସ୍କୁଲ୍ ପିଲାଙ୍କ ପୁଷ୍ଟି ଶିକ୍ଷାରେ ଏକ ମୁଖ୍ୟ ଅଂଶ । ଏ ଗୁଡ଼ିକ ହେଲା ଫ୍ଲାସ୍ କାର୍ଡ, ଛବି (ପିକ୍‌ଚର୍) ଫ୍ଲିପ୍ ଚାର୍ଟସ୍, ମଡ଼େଲ୍, ଅଣୁ ସ୍ଲାଇଡ୍ (ମାଇକ୍ରୋସ୍ଲାଇଡ୍) ଏବଂ ଫିଲ୍ମସ୍ ଇତ୍ୟାଦି । ଏହି ଭିଜୁଆଲ୍ ସହାୟକ ପ୍ରସ୍ତୁତି କରିବାରେ ପିଲାମାନଙ୍କୁ ସକ୍ରିୟ ଭାଗ ନେବାକୁ ଉତ୍ସାହିତ କରିବା ଦରକାର ।

ସ୍ଥାନୀୟ ସୁବିଧା ସୁଯୋଗ ଅନୁସାରେ ଶିକ୍ଷକମାନେ ବ୍ୟବହାରିକ (ପ୍ରାକ୍‌ଟିକାଲ୍) ଶିକ୍ଷା ଦ୍ୱାରା ପୁଷ୍ଟିଶିକ୍ଷା ଦେବା ପିଲାମାନଙ୍କ ପାଇଁ ସୁଗମ ଅଟେ । ଏ ବିଷୟରେ ସବୁଠୁ ସୁବିଧା ହେଉଛି ପ୍ରାଣୀମାନଙ୍କ ଉପରେ ପୁଷ୍ଟିର ପରୀକ୍ଷା । ଧଳା ମୂଷା, ଠେକୁଆ, ବେଙ୍ଗ, ପାରା ଓ ସହଜରେ ମିଳୁଥିବା ପ୍ରାଣୀମାନଙ୍କୁ ନେଇ ସୁଷମ ଖାଦ୍ୟ ଓ ଭିଟାମିନ୍ ଅଭାବ ହେତୁ ଏହାର ପ୍ରଭାବ ସହଜରେ ବୁଝାଇ ହେବ । ପିଲାମାନେ ମଧ୍ୟ ଏ ପ୍ରାଣୀମାନଙ୍କୁ ଦେଖିଲେ ଖୁସି ହେବେ ଏବଂ ଏ ସମ୍ପର୍କୀୟ ଜ୍ଞାନ ନିକଟସ୍ଥ ପଶୁ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଉଚ୍ଚ ଶ୍ରେଣୀ ବିଜ୍ଞାନ ପୁସ୍ତକ ବା ପୁଷ୍ଟି ଓ ଔଷଧ ବିଜ୍ଞାନାଗାରରୁ ମିଳି ପାରିବ ।

ଏହା ବ୍ୟତୀତ ପୁଷ୍ଟିଶିକ୍ଷାତ୍ମକ ନାଟକ, ନାଚ, ଗୀତ, ପ୍ରତିଯୋଗିତା ଓ ଆଲୋଚନା ମାଧ୍ୟମରେ ପିଲାମାନଙ୍କୁ ସକ୍ରିୟ କରିବାକୁ ହେବ । ମିଳିତ ଜାତିସଂଘର ଆନ୍ତର୍ଜାତୀୟ ଶିଶୁ ଆପଦ ପାଣ୍ଠି (ୟୁନିସେଫ୍) ଏବଂ ଭାରତୀୟ ଫିଲ୍ମସ୍ ଡ଼ିଭିଜନ୍‌ରୁ ମିଳୁଥିବା ପୁଷ୍ଟିଶିକ୍ଷାତ୍ମକ ସାମାଜିକ ଚଳଚ୍ଚିତ୍ର ଅନୁରୋଧ କ୍ରମେ ମଗାଇ ପିଲାମାନଙ୍କୁ ଦେଖାଇଲେ ସେମାନେ ଉତ୍ସାହିତ ହେବେ ।

ଶିଶୁ ବିକାଶ ଯୋଜନା ଅଧିକାରୀ
ଦଶରଥପୁର, କଟକ

"Grown ups have a strange way of putting themselves in compartments and groups. They build up barriers and then they think that those outside their particular barrier are strangers whom they must dislike. There are barriers of religion, of caste, of colour, of party, of nation, of province, of language, of customs and of rich and poor. Thus they live in prisons of their own making. Fortunately children do not know much about these barriers which separate. They play or work with each other, and it is only when they grow up that they begin to learn about these barriers from their elders."



# ଓଡ୍ରଦେଶର ବନ୍ଦର ‘ଚେଲିତାଲୋ’

ଶ୍ରୀ ଆଶୁତୋଷ ପ୍ରସାଦ ପଟ୍ଟନାୟକ

‘ଚେଲିତାଲୋ’ (ଚେ-ଲି-ତା-ଲୋ) ନାମ ସହିତ ଓଡ଼ିଶାର ପ୍ରତ୍ୟେକ ଶିକ୍ଷିତ ଲୋକେ ଉଣା ଅଧିକେ ପରିଚିତ । ପ୍ରସିଦ୍ଧ ଚୀନ୍ ପରିବ୍ରାଜକ ହୁଏନ୍‌ସାଂ ସପ୍ତମ ଶତାବ୍ଦୀରେ ଉଡ୍ରଦେଶ ଭ୍ରମଣ କାଳରେ, ଏହି ଦେଶର ଏକ ସ୍ଥାନର ନାମକୁ ଯେପରି ଉଚ୍ଚାରଣ କରିଥିଲେ, ଆଜି ତାହା ତାଙ୍କ ଭ୍ରମଣ କାହାଣୀର ଇଂରାଜୀ ଅନୁବାଦ ମାଧ୍ୟମରେ ଆମ ନିକଟରେ ସେପରି ଆତ୍ମପ୍ରକାଶ କରିଛି । ଗୋଟିଏ ଇଂରାଜୀ ଶବ୍ଦକୁ, ଜଣେ ଇଂରାଜୀ ଜାଣି ନଥିବା ବ୍ୟକ୍ତିଙ୍କୁ ଉଚ୍ଚାରଣ କରିବାକୁ କହିଲେ, ତାଙ୍କ ଉଚ୍ଚାରଣରେ ଯେପରି ସେହି ବ୍ୟକ୍ତିଙ୍କର ମାତୃଭାଷାର ପ୍ରଭାବ ରହିଯାଏ, ଠିକ୍ ସେହିପରି ଏହି ‘ଚେଲି ତାଲୋ’ ଶବ୍ଦରେ ହୁଏନ୍‌ସାଂଙ୍କ ମାତୃଭାଷା, ଅର୍ଥାତ୍ ତତ୍‌କାଳୀନ ଚୀନ୍ ଦେଶର ଭାଷାର ପ୍ରଭାବ ରହି ଯାଇଛି । ଏହି ପ୍ରଭାବ ଯୋଗୁଁ ଏହି ଓଡ଼ିଆ ଶବ୍ଦଟି ଏପରି ରୂପାନ୍ତରିତ ହୋଇଯାଇଛି ଯେ, ଆଜି ତାକୁ ସହଜରେ ଚିହ୍ନି ହେଉନାହିଁ । ଚୀନ୍ ଦେଶର ଭାଷାରେ ପ୍ରଚଳିତ କେତେକ ନିର୍ଦ୍ଦିଷ୍ଟ ଉଚ୍ଚାରଣ ନିୟମ ଅନୁସାରେ ବୈଦେଶିକ ଶବ୍ଦଗୁଡ଼ିକରୁ ପରିପ୍ରକାଶ (Transcription) କରା ଯାଇଥାଏ ଓ ତାହା ପୁଣି ସେହି ଦେଶର ବିଭିନ୍ନ ଯୁଗରେ ବଦଳି ଯାଏ । ଏ କ୍ଷେତ୍ରରେ ଗୋଟିଏ ମାତ୍ର ଉଦାହରଣ ଦେଖିଲେ ଯଥେଷ୍ଟ ହେବ । ‘କଳିଙ୍ଗ’ ଶବ୍ଦଟିକୁ ଦକ୍ଷିଣ ପୂର୍ବ ଏସିଆର ଇତିହାସରେ ଚୀନ୍ ଲୋକେ ବିଭିନ୍ନ ଯୁଗରେ ଭିନ୍ନଭିନ୍ନ ଭାବରେ ପ୍ରକାଶ କରିଛନ୍ତି: ଯଥା– ହୋଲିଙ୍ଗ୍, କ୍ଲିଙ୍ଗ୍, କେଲିଙ୍ଗ୍, କୋଲିଙ୍ଗ୍, କୁଲୁଙ୍ଗ୍, ଭାଲିଙ୍ଗ୍ ଓ ଓ୍ୱାଲିଙ୍ଗ୍ ଇତ୍ୟାଦି । ଏପରିକି ହୁଏନ୍‌ସାଂ ନିଜେ ଏହି ଶବ୍ଦଟିକୁ “କାଇ-ଲିଙ୍ଗ୍-କିଆ” (Kie-ling-kia) ବୋଲି କହିଛନ୍ତି । ଅନେକ ସମୟରେ, ସେ ଦେଶର ଉଚ୍ଚାରଣ ବିଧିରେ ରୂପାନ୍ତରିତ ଶବ୍ଦଟି ପ୍ରକୃତ ଶବ୍ଦଠାରୁ ବହୁ ଦୂରକୁ ଗ୍ରଳିଯାଏ । ‘ଚେଲିତାଲୋ’ କ୍ଷେତ୍ରରେ ତାହାହିଁ ହୋଇଛି । ବର୍ତ୍ତମାନ ‘ଚେଲିତାଲୋ’ଶବ୍ଦକୁ ଐତିହାସିକମାନେ କିପରି ବ୍ୟାଖ୍ୟା କରିଛନ୍ତି ଦେଖାଯାଉ ।

ପ୍ରଥମେ କନିଙ୍ଗହାମ୍ ତାଙ୍କ ରଚିତ ‘ଭାରତର ପୁରାତନ ଭୂଗୋଳ’ (Ancient Geography of India) ରେ ହୁଏନ୍‌ସାଂଙ୍କ ଉଚ୍ଚାରିତ ମୂଳ ଶବ୍ଦ ‘ଚେଲିତାଲୋଚିଙ୍ଗ୍’ (Che-li-ta-lo-ching) କୁ ‘ଚରିତ୍ରପୁର’ ବୋଲି ଗ୍ରହଣ କଲେ ଓ ଏହି ସହରକୁ ବର୍ତ୍ତମାନ ‘ପୁରୀ’ ସହିତ ଚିହ୍ନିତ କରିଥିଲେ । ଡକ୍ଟର୍ ଓ୍ୱାଟେଲ୍ ଏ ବ୍ୟାପାରରେ ଅଧିକ ଆଲୋଚନା କରି (Proceedings of A.S.B. December, 1982) ଏହାକୁ ‘ଚିତ୍ରତୋଲା’ ବା ‘ଚିତ୍ରୋତ୍ପଳା’ ବୋଲି ଗ୍ରହଣ କରିଥିଲେ । ମହାନଦୀର ଗୋଟିଏ ଧାରର କୂଳରେ ଥିବା ‘ନେଉ୍ରା’ ନାମକ ସ୍ଥାନର ଏକ ପ୍ରାଚୀନ ଦୁର୍ଗର ଅବଶେଷକୁ ସେ ‘ଚେଲିତାଲୋ’ ବୋଲି ଚିହ୍ନିତ କରିଛନ୍ତି । ଡକ୍ଟର୍ ନବୀନ କୁମାର ସାହୁ ଏହି ‘ଚରିତ୍ରପୁର’ ଓ ‘ଚିତ୍ରୋତ୍ପଳା’କୁ ‘ଚେଲିତାଲୋ’ ବୋଲି ଗ୍ରହଣ କରି ନାହାନ୍ତି । ତାଙ୍କ ମତରେ ‘ଚେଲି’ ହେଲା ‘ଶ୍ରୀ’ର ରୂପାନ୍ତର ଓ ‘ତାଲୋ’ ହେଲା ‘ତ୍ର’ର ରୂପାନ୍ତର । ଅର୍ଥାତ୍ ଶବ୍ଦଟି ହେଲା ‘ଶ୍ରୀତ୍ର’ । ଏହାର ବ୍ୟାଖ୍ୟା କରି ସେ କହିଛନ୍ତି, ଯେ ଶ୍ରୀକ୍ଷେତ୍ର ଶବ୍ଦରୁ ହୁଏନ୍‌ସାଂଙ୍କ ଉଚ୍ଚାରଣରେ ବୋଧହୁଏ ମଝି ଅକ୍ଷର ‘କ୍ଷେ’ଟି ବାଦ୍ ପଡ଼ିଯାଇଛି । ଏହା ସତ୍ୟ ଯେ, ଅନେକ ସ୍ଥଳରେ ଚୀନ୍ ଲୋକମାନେ ‘ଶ୍ରୀ’କୁ ‘ସେଲି’ ବା ‘ଚେଲି’ ଓ ‘ତ୍ର’କୁ ‘ତାଲୋ’ କହିଛନ୍ତି; କିନ୍ତୁ ମଝି ଅକ୍ଷର ‘କ୍ଷେ’ଟି ବାଦ୍ ପଡ଼ିଯିବା ଏକାନ୍ତ ଅସମ୍ଭବ ମନେହୁଏ । ଏହାଛଡ଼ା ଯେଉଁ ହୁଏନ୍‌ସାଂ ତତ୍‌କାଳୀନ ବର୍ମାର ‘ଶ୍ରୀକ୍ଷେତ୍ର’କୁ ‘ସେଲିଚ୍ଚତାଲୋ’ (She-li-cha-ta-lo) କହିଲେ, (G. Coades, Indianized States of S.E. Asia, P,77), ସେ ଓଡ଼ିଶାର ଶ୍ରୀକ୍ଷେତ୍ରକୁ ଚେଲିତାଲୋ କହିବାର କୌଣସି କାରଣ ନାହିଁ । ତେଣୁ ଚିହ୍ନିତ ଐତିହାସିକ ଡକ୍ଟର୍ ସାହୁଙ୍କ ମତ ମଧ୍ୟ ଏ କ୍ଷେତ୍ରରେ ଯୁକ୍ତିଯୁକ୍ତ ମନେ ହୁଏ ନାହିଁ । ଦକ୍ଷିଣ ପୂର୍ବ ଏସିଆ ଇତିହାସର ଜଣେ ବିଶିଷ୍ଟ ଗବେଷକ ଡକ୍ଟର୍

ହିମାଂଶୁ ଭୂଷଣ ସରକାରଙ୍କ ମତରେ 'ଟେଲିଟାଲୋ', ଛତ୍ର ଶବ୍ଦର ଚୀନ୍ ରୂପାନ୍ତର ଓ ଏହାକୁ ବର୍ତ୍ତମାନର 'ଛତ୍ରପୁର' ସହ ଚିହ୍ନିତ କରା ଯାଇପାରେ । ଶ୍ରୀ ସରକାର ଏହି ଛତ୍ରପୁରକୁ ଭୌଗୋଳିକ ଟଲେମିଙ୍କ ବର୍ଣ୍ଣିତ 'ପାଲୁର୍' ନିକଟର 'ଆଫେଟେରିଅନ୍' ବା 'ସମୁଦ୍ର ପ୍ରସ୍ଥାନ' ସ୍ଥାନ ରୂପେ ଗ୍ରହଣ କରିଛନ୍ତି । ଚୀନ୍ ଭାଷାର ବିସ୍ତାର ଦୃଷ୍ଟିରୁ 'ଟେଲି'କୁ 'କ୍ଷ'ଓ 'ଛ' ରୂପେ ମଧ୍ୟ ଗ୍ରହଣ କରା ଯାଇପାରେ । ତେଣୁ 'ଟେଲିଟାଲୋ' 'ଛତ୍ର' ହୋଇପାରେ । କିନ୍ତୁ ଛତ୍ରପୁର ନିକଟରେ କୌଣସି ବନ୍ଦରର ଅବଶେଷ ଦେଖିବାକୁ ମିଳେ ନାହିଁ । ଅବଶ୍ୟ ଏ କଥା ସତ ଯେ ଛତ୍ରପୁରର ଅଦୂରରେ 'ଗଞ୍ଜାମ' ଏକ ବନ୍ଦର ଥିଲା ଓ ଏହାର ନାମ ମଧ୍ୟ ସ୍ୱତନ୍ତ୍ର ଥିଲା । ତେଣୁ 'ଛତ୍ରପୁର' ଗ୍ରହଣଯୋଗ୍ୟ ମନେ ହୁଏ ନାହିଁ । ହୁଏନ୍‌ସାଂଙ୍କ ମୂଳ ଶବ୍ଦ 'ଟେଲିଟାଲୋ ଚିଙ୍ଗ୍'ର ସ୍ଥାନ ନିରୂପଣ କରିବାକୁ ଯାଇ ଐତିହାସିକମାନେ କେବଳ 'ଟେଲିଟାଲୋ'କୁ ବିଚାରକୁ ନେଇଥିବା ଭଳି ମନେ ହୁଏ । 'ଚିଙ୍ଗ୍' ଯେପରି ମୂଳରୁ ବାଦ୍ ପଡ଼ିଯାଇଛି । କନିଂହାମ୍'ପୁର' ଶବ୍ଦ କିପରି ପାଇଲେ ପ୍ରକାଶ କରି ନାହାନ୍ତି । ଏହି 'ପୁର' 'ଚିଙ୍ଗ୍'ର ପ୍ରତିଶବ୍ଦ ପରି ମନେ ହୁଏ ନାହିଁ । ଦୁର୍ଗ (Fortified city) )କୁ ଚୀନ୍‌ବାସୀମାନେ କେତେକ ସ୍ଥାନରେ 'ଚିଙ୍ଗ୍' କହିଛନ୍ତି । (Pauthier, Journal Asialique, 1839) । ତେଣୁ ଏକ୍ଷେତ୍ରରେ 'ଟେଲିଟାଲୋ ଚିଙ୍ଗ୍'ର ରୂପାନ୍ତର ଛତ୍ର ଦୁର୍ଗ ହୋଇପାରେ । ଆମ ଦେଶରେ ଦୁର୍ଗକୁ ସାଧାରଣତଃ 'ଗଡ଼' କୁହାଯାଏ । ତେଣୁ ଛତ୍ର ଦୁର୍ଗ 'ଛତ୍ରଗଡ଼' ହୋଇପାରେ । 'ଗଡ଼' ଏକ ପ୍ରାଚୀନ ଶବ୍ଦ । ଏପରିକି ଖାରବେଳଙ୍କ ରାଜଧାନୀ କଳିଙ୍ଗନଗରକୁ 'ଶିଶୁପାଳ ଗଡ଼' ନାମ ଦିଆ ଯାଇଥିଲା ବୋଲି କେତେକ ଐତିହାସିକ ବିଶ୍ୱାସ କରନ୍ତି । ଖ୍ରୀ:ଅ: ଦ୍ୱିତୀୟ ଶତାବ୍ଦୀରେ ଭାରତ ଉପକୂଳର ବନ୍ଦର ଓ ସହର ବର୍ଣ୍ଣନା କରିବାକୁ ଯାଇ ଭୌଗୋଳିକ ଟଲେମି ଏପରି କେତେକ ଗଡ଼ର ସୂଚନା ଦେଇଛନ୍ତି । ଓଡ଼ିଶାର ଉପକୂଳରେ ମଧ୍ୟ ଏପରି ଗଡ଼ ରହିଥିଲା । ଜଳଦସ୍ୟୁ କିମ୍ବା ଯୁଦ୍ଧରେ ଶତ୍ରୁମାନଙ୍କଠାରୁ ରକ୍ଷା କରିବା ପାଇଁ କେତେକ ବିଶିଷ୍ଟ ବନ୍ଦରକୁ ଦୁର୍ଗ ରୂପେ ସୁରକ୍ଷିତ କରାଯାଉଥିଲା । ଏ ସମସ୍ତ କଥା ବିଚାରକୁ ନେଲେ 'ଟେଲିଟାଲୋ ଚିଙ୍ଗ୍'ର ଭାରତୀୟ ପ୍ରତିଶବ୍ଦ 'ଛତ୍ରଗଡ଼' ହୋଇଥିବାର ସମ୍ଭାବନା ସବୁଠାରୁ ଅଧିକ । ଏପରି ଏକ ସ୍ଥାନ ଓଡ଼ିଶାରେ ଚିଲିକା ହ୍ରଦ କୂଳରେ ଦିନେ ରହିଥିଲା ଓ ମଧ୍ୟଯୁଗରେ ଏହା ଏକ ସୁଦୃଢ଼ ଦୁର୍ଗ ହୋଇଥିବାର କେତେକ ଐତିହାସିକ ପ୍ରମାଣ ମଧ୍ୟ ରହିଛି । ଆଜି 'ଛତ୍ରଗଡ଼' ନାମରେ କୌଣସି ମୌଜା ବା ଗ୍ରାମ ନାହିଁ; ବରଂ ଚିଲିକା କୂଳରେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳକୁ 'ଛତ୍ରଗଡ଼' କୁହାଯାଉଛି । ଏହି ଅଞ୍ଚଳରେ 'ଗଡ଼ଦ୍ୱାର' ନାମକ ଏକ ବଡ଼ ଗାଁଆ ଏବେ ରହିଛି । ଏହା ଛଡ଼ା ଏହାର ଉତ୍ତର ପଶ୍ଚିମକୁ ପ୍ରାୟ ଦୁଇ କିଲୋମିଟର୍ ଦୂରରେ ଭାଲେରୀ ପାହାଡ଼ର ପାଦଦେଶରେ 'ନୂଆଗଡ଼' ନାମକ ଏକ ଗ୍ରାମ ଅଛି । ବର୍ତ୍ତମାନ ଏହି ଛତ୍ରଗଡ଼ ଅଞ୍ଚଳରେ ପ୍ରାଚୀନ ବନ୍ଦରର କି କି ଅବଶେଷ ରହିଛି, ତାହାହିଁ ଦେଖିବା ଉଚିତ ।

ଦିନେ ପ୍ରାଚୀନ କଳିଙ୍ଗ ରାଜ୍ୟ ଗଙ୍ଗାନଦୀର ମୁହାଣଠାରୁ ଗୋଦାବରୀ ନଦୀର ମୁହାଣ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ମାଠରମାନଙ୍କ ରାଜତ୍ୱ କାଳରେ କଳିଙ୍ଗ କୃଷ୍ଣାନଦୀ ପର୍ଯ୍ୟନ୍ତ ମଧ୍ୟ ଲମ୍ବି ଯାଇଥିଲା । ଏହି ବିସ୍ତୃତ ଉପକୂଳରେ ବିଭିନ୍ନ ଯୁଗରେ ଶହଶହ ବନ୍ଦର ବିକାଶଲାଭ କରିଥିଲା । ଏଥିରୁ ଅଧିକାଂଶ ଥିଲା ନଦୀ ବନ୍ଦର । ଏହା ଛଡ଼ା କେତେକ ବଡ଼ବଡ଼ ସମୁଦ୍ର ବନ୍ଦର ଚିଲିକା ହ୍ରଦର ଉପକୂଳରେ ମଧ୍ୟ ଗଢ଼ି ଉଠିଥିଲା । ବୋଧହୁଏ, ପୂର୍ବ ତୀରରେ ପ୍ରାୟ ବନ୍ଦର ନଥିଲା କହିଲେ ଚଳେ । ଉପକୂଳର ପ୍ରବଳ ଝଡ଼ ବାତ୍ୟା ଯୋଗୁଁ ସେତେବେଳର କଳିଙ୍ଗନାବିକମାନେ ସମୁଦ୍ର ତୀରକୁ ନିରାପଦ ମନେ କରୁ ନଥିଲେ । ଚିଲିକା ହ୍ରଦ କିନ୍ତୁ ବନ୍ଦର ବା ହାର୍‌ବର୍ ପାଇଁ ଏକ ଚମତ୍କାର ସ୍ଥାନ ଥିଲା । ଏହାର ପ୍ରଶସ୍ତ ଓ ଗଭୀର ମୁହାଣ ଦେଇ ବଡ଼ବଡ଼ ଜାହାଜମାନ ଶହଶହ ସଂଖ୍ୟାରେ ଭିତରକୁ ଆସି ପାରୁଥିଲା । କେବଳ ଏହା ଯୋଗୁଁ 'ପାଲୁର' ଖ୍ରୀ:ଅ: ଦ୍ୱିତୀୟ ଶତାବ୍ଦୀରେ ଏକ ଆନ୍ତର୍ଜାତିକ ବନ୍ଦର ରୂପେ ଖ୍ୟାତି ଅର୍ଜନ କରିଥିଲା । ଅତି ପ୍ରାଚୀନ କାଳରୁ ଏହି ଚିଲିକା ତୀରରେ ବନ୍ଦରମାନ ରହିଥିଲା । ଆଜି ଏସବୁ ବନ୍ଦର ଥିବା ସ୍ଥାନରେ କେତେକ ନିର୍ଦ୍ଦିଷ୍ଟ ଚିହ୍ନ ବା ଲକ୍ଷଣ ଦେଖିବାକୁ ମିଳେ । ଏହି ଚିହ୍ନଗୁଡ଼ିକ ମଧ୍ୟରୁ ପ୍ରଥମ ଓ ପ୍ରଧାନ ଚିହ୍ନ ହେଲା, ପାହାଡ଼ ଗାତ୍ରରେ ଖୋଳା ଯାଇଥିବା ଏକ ପ୍ରଦୀପ । ପାହାଡ଼ ନଥିବା ସ୍ଥାନରେ, ସେତେବେଳେ ଏକ ଉଚ୍ଚ ସ୍ତମ୍ଭ ଗଠନ କରି ତା'ଉପରେ ଏକ ପ୍ରଦୀପ ରଖା ଯାଉଥିଲା । ଏପରି ପ୍ରମାଣ ଓଡ଼ିଶାର ଉପକୂଳରେ ଅନେକ ସ୍ଥାନରେ ଅଦ୍ୟାବଧି ରହିଛି । ଆମ ରାଜ୍ୟର ଆଧୁନିକ ବନ୍ଦର ପାରାଦୀପ, ପଞ୍ଚଦଶ ଶତାବ୍ଦୀରେ ଭାରତର ପୂର୍ବ ଉପକୂଳରେ ଏକ ପ୍ରଧାନ ବନ୍ଦର ହୋଇଥିଲା । ଏପରି କେତେକ ନିର୍ଦ୍ଦିଷ୍ଟ ପ୍ରମାଣ ପ୍ୟାରିସ୍‌ର ଏକ ଗ୍ରନ୍ଥାଳୟରେ ଥିବା ଜଣେ ଆରବୀୟ ନାବିକଙ୍କ ବୃତାନ୍ତରୁ ମିଳୁଛି । ବୋଧହୁଏ, ଏହି 'ପାରାଦୀପ' ନାମ 'ପ୍ରଦୀପ' ଶବ୍ଦରୁ ହିଁ ସୃଷ୍ଟି ହୋଇଥିଲା ।

ପ୍ରାଚୀନ ବନ୍ଦରର ଦ୍ୱିତୀୟ ଚିହ୍ନ ହେଲା—ଏହା ନିକଟରେ ଥିବା କଣ୍ଡରା ବା କେଉଟ ବସ୍ତି । ଏମାନେ ହିଁ ଥିଲେ ସେତେବେଳର ନାବିକ । ସାଧାରଣତଃ ଅତି ପ୍ରାଚୀନ ବନ୍ଦରଗୁଡ଼ିକ ନିକଟରେ କଣ୍ଡରା ବସ୍ତି ଓ ଅପେକ୍ଷାକୃତ କମ୍ ପ୍ରାଚୀନ ବନ୍ଦରଗୁଡ଼ିକ ନିକଟରେ କେଉଟ ବସ୍ତି ଦେଖାଯାଏ । କେତେକ ପ୍ରାଚୀନ ବନ୍ଦର ସ୍ଥାନରେ ଏହି ଉଭୟ ସମ୍ପ୍ରଦାୟର ଅଧିବାସୀ ଦେଖାଯାନ୍ତି । ଏମାନେ ସମସ୍ତେ ପ୍ରାଚୀନ ନାଗ ସମ୍ପ୍ରଦାୟର ବଂଶଧର । ସେତେବେଳେ ଏହି ନାଗ ସମ୍ପ୍ରଦାୟର ଲୋକେ ନୌକା ଓ ଜାହାଜ ଚଳାଇବାରେ ଧୁରନ୍ଧର ଥିଲେ । ପ୍ରାଚୀନ ବନ୍ଦରର ତୃତୀୟ ଚିହ୍ନ ହେଲା—ଏକ ଶିବ ମନ୍ଦିର କିମ୍ବା ବୌଦ୍ଧ ସ୍ତୂପ । ସେତେବେଳର କଳିଙ୍ଗ ବା ଉତ୍କଳ ନାବିକମାନେ ବିପଦ ପରିପୂର୍ଣ୍ଣ ସୁଦୀର୍ଘ ସମୁଦ୍ର ଯାତ୍ରା କରିବା ପୂର୍ବରୁ ଶିବ ମନ୍ଦିର କିମ୍ବା ବୌଦ୍ଧ ସ୍ତୂପରେ ଆରାଧନା କରୁଥିଲେ । ଆଜି ଏପରି ଶିବ ମନ୍ଦିର ଓଡ଼ିଶାର ବିଭିନ୍ନ ନଦୀ ତୀରରେ ବହୁ ସଂଖ୍ୟାରେ ରହିଛି । ବୌଦ୍ଧ ସ୍ତୂପଗୁଡ଼ିକ ମଧ୍ୟରୁ ଅଧିକାଂଶ ଅବଲୁପ୍ତ ହୋଇଥିଲେ ମଧ୍ୟ କେତେକର ଚିହ୍ନ ଏ ପର୍ଯ୍ୟନ୍ତ ରହିଛି । ପ୍ରାଚୀନ ବନ୍ଦରର ଚତୁର୍ଥ ଲକ୍ଷଣ ହେଲା—ଏହା ନିକଟରେ ରହିଥିବା ତନ୍ତୀ, ବୁଣାକାର, ବଢ଼େଇ ଓ କୁମାର ବସ୍ତି । ଏହା ଛଡ଼ା ଅନ୍ୟ କେତେକ ଗୋଷ୍ଠୀର ବ୍ୟବସାୟୀକ ବଂଶଧରଙ୍କୁ ମଧ୍ୟ ଏଠାରେ ଦେଖିବାକୁ ମିଳେ । ଏସବୁ ଲକ୍ଷଣ ବ୍ୟତୀତ କେତେକ ବନ୍ଦର ସ୍ଥାନରେ ପ୍ରାଚୀନ ବୈଦେଶିକ ବସତିର ମଧ୍ୟ ସୂଚନା ମିଳିଥାଏ । ଅଧିକାଂଶ କ୍ଷେତ୍ରରେ ବନ୍ଦରର ନାମକରଣରେ 'ପାଟଣା' ଶବ୍ଦଟି ରହିଥାଏ । ବୋଧହୁଏ, ସେତେବେଳର ଓଡ଼ିଆ ନାବିକମାନେ, 'ପାଟଣା' ଶବ୍ଦଟି ପୋର୍ଟ ଅର୍ଥରେ ବ୍ୟବହାର କରୁଥିଲେ । ଓଡ଼ିଶା ବାହାରେ ଏବେ ରହିଥିବା କେତେକ ପାଟଣା ବା ପତ୍ତନ ନାମଯୁକ୍ତ ପ୍ରାଚୀନ ବନ୍ଦରମାନ ଦିନେ ଓଡ଼ିଶା ବା କଳିଙ୍ଗ ସମ୍ରାଟଙ୍କର ଶାସନାଧୀନ ଥିଲା ।


ବର୍ତ୍ତମାନ ଦେଖାଯାଉ, ଏ ସମସ୍ତ ଚିହ୍ନ ବା ଲକ୍ଷଣ ଛତ୍ରଗଡ଼ ନିକଟରେ ଅଛି କି ନାହିଁ । ପ୍ରଥମ ଓ ପ୍ରଧାନ ଲକ୍ଷଣ, ପ୍ରଦୀପ, ନାରାୟଣୀ ଠାକୁରାଣୀଙ୍କ ପୀଠର ପଶ୍ଚିମ ଦିଗରେ ପାହାଡ଼ର ଶୀର୍ଷ ଦେଶରେ ରହିଛି । ପଥରରେ ଖୋଳା ଯାଇଥିବା ଏହି ପ୍ରଦୀପରେ, କୁଆଡ଼େ ୨୦ କିଲୋଗ୍ରାମରୁ ଅଧିକ ତେଲ ଧରିବ ବୋଲି, ଏ ଲେଖକ ଏହା ଦେଖିଥିବା ଲୋକଙ୍କଠାରୁ ଶୁଣିଛି । ବୋଧହୁଏ 'ଚିଲିକା' ସେତେବେଳେ ଛତ୍ରଗଡ଼ର ଦକ୍ଷିଣ ଦିଗରେ ଭାଲେରୀ ପାହାଡ଼ର ପାଦ ଦେଶ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହି ଛତ୍ରଗଡ଼ର ଅଳ୍ପ ଦୂରରେ କଣ୍ଡରା ଓ କେଉଟ ବସ୍ତି ରହିଛି । ଏଠାରେ ଚିଲିକା କୂଳରେ କୌଣସି ଶିବ ମନ୍ଦିର ନଥିଲେ ମଧ୍ୟ, ଏହାର ଅଦୂରରେ 'ଲଙ୍କେଶ୍ୱର' ଠାରେ ଏକ ପ୍ରାଚୀନ ଶିବ ମନ୍ଦିର ରହିଛି । ଏହା ଛଡ଼ା ଏହାର ନିକଟରେ ଅଚ୍ୟୁତରାଜପୁର ଠାରେ ମୃତ୍ତିକା ଗର୍ଭରୁ ପ୍ରାଚୀନ ବୌଦ୍ଧ ପୀଠର ସୂଚନା ମିଳିଛି । ଏ ଲେଖକ, ନାରାୟଣୀଙ୍କ ପୀଠକୁ ଯିବା ରାସ୍ତାର ବାମ ପାର୍ଶ୍ୱ ଆମ୍ବ ତୋଟା ଉହାଡ଼ରେ, 'ସାତଘରିଆ' ନାମକ ସ୍ଥାନରେ, ଗୋଟିଏ ପଥର ବେଦୀ ଉପରେ ଦୁଇ ତିନୋଟି ଖୁବ୍ ବଡ଼ବଡ଼ ପଥର ସ୍ତମ୍ଭ ଦେଖିବାକୁ ପାଇଥିଲା । ବୋଧହୁଏ ଏଗୁଡ଼ିକ କୌଣସି



ପ୍ରାଚୀନ ଡକ୍‌ର ଆଂଶିକ ଦୃଶ୍ୟ



ଦୀପ ପାହାଡ଼ର ଶିଖର



ଦୀପ



ମନ୍ଦିରାକୃତିର ଦୁଇଟି ସ୍ତମ୍ଭ

ପ୍ରାଚୀନ ବୌଦ୍ଧ ପୀଠର ଅଂଶ ବିଶେଷ । ହୁଏନ୍‌ସାଂ 'ଚେଲିଟାଲୋ' ନଗରର ବାହାରେ, ଯେଉଁ କେତୋଟି ବୌଦ୍ଧ ପୀଠର ବର୍ଣ୍ଣନା ଦେଇଛନ୍ତି, ସେଗୁଡ଼ିକର ଅବଶେଷ ବୋଧହୁଏ ବର୍ତ୍ତମାନର ଅଚ୍ୟୁତରାଜପୁର ଓ 'ସାତଘରିଆ' ଅଞ୍ଚଳରେ ରହିଛି । ଏହାଛଡ଼ା ଆଉ କେତୋଟି ବୋଧହୁଏ ଏହି ଛତ୍ରଗଡ଼ ଅଞ୍ଚଳର ମୃତ୍ତିକା ଗର୍ଭରେ ଲୁଚି ରହିଛି । ଛତ୍ରଗଡ଼ ଠାରୁ ଅଳ୍ପ ଦୂରରେ ରହିଥିବା ବାଲୁଗାଁ (ବୋଲିଗ୍ରାମ), କୁମାରୀଙ୍ଗ ଶାସନ (କର୍ମାରଙ୍ଗ), ପୁନ୍ନକିଆମା ଶାସନ (ପୁଙ୍କିଆମ) ପ୍ରଭୃତି ଗ୍ରାମ, ବୋଧହୁଏ ଏକଦା ଦକ୍ଷିଣ ପୂର୍ବ ଏସିଆ ଓ ଜାପାନ୍ ପ୍ରଭୃତି ଅଞ୍ଚଳରୁ ଆସିଥିବା ବୈଦେଶିକ ବଣିକମାନଙ୍କର ବସତି ହୋଇଥିଲା ।

ଛତ୍ରଗଡ ସପକ୍ଷରେ ସବୁଠାରୁ ବଡ ପ୍ରମାଣ ହେଲା ଏଠାରେ ଏବେ ସୁଦ୍ଧା ରହିଥିବା ଏକ ବିଶାଳ ଡକ୍‌ର ଅବଶେଷ । ଚିଲିକା କୂଳରୁ ଭାଲେରୀ ପର୍ବତ ପାଦଦେଶ ପର୍ଯ୍ୟନ୍ତ ପ୍ରାୟ ଦେଡ଼ କିଲୋମିଟର ପର୍ଯ୍ୟନ୍ତ ଏହି 'ଡକ୍' ବିସ୍ତୃତ । ଏହାର ମୁହାଣ ସମ୍ପୂର୍ଣ୍ଣ ପୋତି ହୋଇ ପଡ଼ିଥିଲେ ମଧ୍ୟ ଅନ୍ୟାନ୍ୟ କେତେକ ଅଂଶରେ ଏବେବି ଗଭୀରତା ରହିଛି । ଏହି ଡକ୍‌ର ଦକ୍ଷିଣ ଦିଗରେ ଥିବା ବିଶାଳ ବନ୍ଧର ଉଚ୍ଚତା ପ୍ରାୟ ୩୦ ଫୁଟରୁ ୪୦ ଫୁଟ ପର୍ଯ୍ୟନ୍ତ ହେବ ଓ କେତେକ ସ୍ଥଳରେ ଏହାର ଗଭୀରତା ୪୦ ଫୁଟ ଯାଏ ହୋଇପାରେ । ଗଡ଼ଦ୍ବାର ଗାଁର ଲୋକେ ଏହି ପ୍ରାଚୀନ ଡକ୍‌ରେ ବନ୍ଧ ପକାଇ ଏହାକୁ କେତୋଟି ବଡ଼ବଡ଼ ପୁଷ୍କରିଣୀରେ ପରିଣତ କରିଛନ୍ତି । କିନ୍ତୁ ଏହାକୁ ଦେଖିଲେ ଯେ କେହି ବର୍ତ୍ତମାନ କହିପାରିବ—ଦିନେ ଏହା ଏକ ଗଭୀର ଜଳ ପ୍ରଣାଳୀ ହୋଇଥିଲା । ସମଗ୍ର ପୂର୍ବ ଉପକୂଳରେ ଏତେ ବଡ଼ ଐତିହାସିକ 'ଡକ୍' ବୋଧହୁଏ ଅନ୍ୟ କୌଣସି ସ୍ଥାନରେ ନାହିଁ । ଅତି ଆଶ୍ଚର୍ଯ୍ୟର କଥା ଏହି ଯେ, ଏହି ପ୍ରଣାଳୀର ଖୁବ୍ ନିକଟରେ ବର୍ତ୍ତମାନ 'ଚିଲିକା ନୌଚାଳିମ କେନ୍ଦ୍ର' ଗଢ଼ି ଉଠୁଥିଲେ ସୁଦ୍ଧା, ଏହି ପ୍ରାଚୀନ କୀର୍ତ୍ତି ଏ ପର୍ଯ୍ୟନ୍ତ ଚିହ୍ନିତ ହୋଇନାହିଁ ।

ଏହି ପ୍ରାଚୀନ ଡକ୍‌ର କୂଳରେ ବର୍ତ୍ତମାନର 'ଗଡ଼ଦ୍ବାର' ଗ୍ରାମ ରହିଥିଲେ ସୁଦ୍ଧା, ଏ ଗାଆଁର ଲୋକଙ୍କଠାରୁ ଏହି ବନ୍ଦର ସମ୍ପର୍କରେ କୌଣସି କିମ୍ବଦନ୍ତୀ ଶୁଣିବାକୁ ମିଳେ ନାହିଁ । ବୋଧହୁଏ ଏ ଗାଆଁଟି ବନ୍ଦର ପରିତ୍ୟକ୍ତ ହେବାର ବହୁ ବର୍ଷ ପରେ ଏଠାରେ ପ୍ରତିଷ୍ଠିତ ହୋଇଥିଲା । ବର୍ତ୍ତମାନ ଗାଁର ଲୋକେ 'ଗଡ଼ଦ୍ବାର' ବୋଲି ଯେଉଁ ସ୍ଥାନକୁ ଦେଖାଇ ଦିଅନ୍ତି, ତାହା ହେଲା ଏହି ଜଳ ପ୍ରଣାଳୀ ବା ଡକ୍‌ର ମୁହାଣ । ଏହି ମୁହାଣ ଉପରେ ବର୍ତ୍ତମାନ ଏକ ବୃହତ୍ ବରଗଛକୁ ଦେଖିବାକୁ ମିଳେ, ଯାହାର ଆୟୁଷ ୫୦୦ ବର୍ଷରୁ କମ୍ ହେବ ନାହିଁ । ବୋଧହୁଏ ବନ୍ଦର ପରିତ୍ୟକ୍ତ ହେବାର ଦୁଇ ତିନି ଶହ ବର୍ଷ ପରେ ଏହି ବରଗଛ ସେଠାରେ ଜନ୍ମ ନେଇଥିବ । ଏପରି ହିସାବ କଲେ ଏହି ବନ୍ଦର ବା ଡକ୍ ଆଜିକୁ ୮୦୦ରୁ ୧,୦୦୦ ବର୍ଷ ପୂର୍ବରୁ ପରିତ୍ୟକ୍ତ ହେଲା ପରି ଅନୁମାନ ହୁଏ । ଐତିହାସିକ ହିମାଂଶୁ ଭୂଷଣ ସରକାର 'ଚେଲିଟାଲୋ' ସମ୍ପର୍କରେ ଲେଖିବାକୁ ଯାଇ ଏହା ଦ୍ବାଦଶ ଶତାବ୍ଦୀ ପରେ ପରିତ୍ୟକ୍ତ ହୋଇଥିଲା ବୋଲି ପ୍ରକାଶ କରିଛନ୍ତି ।

ଛତ୍ରଗଡ଼ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଚିଲିକା କୂଳରେ ଥିବା ଗ୍ରାମଗୁଡ଼ିକ ତନ୍ନତନ୍ନ କରି ଖୋଜିଲେ ଏଠାରେ ତିନୋଟି ପ୍ରଧାନ ବନ୍ଦରର ଅବଶେଷ ଦେଖିବାକୁ ମିଳେ । ଏଗୁଡ଼ିକ ଭିତରୁ ସବୁଠାରୁ ପ୍ରାଚୀନ ବନ୍ଦର ହେଲା 'ପଥରା' । ଜୈନ ଗ୍ରନ୍ଥ 'ଉତ୍ତରାଧ୍ୟାୟନ ସୂତ୍ର'ରୁ ସୂଚନା ମିଳେ ଯେ କଳିଙ୍ଗ ଉପକୂଳରେ 'ପିହୁଣ୍ଡ' ନାମକ ଏକ ବନ୍ଦର ଖ୍ରୀ:ପୂ: ୬ଷ୍ଠ ଶତାବ୍ଦୀରେ ରହିଥିଲା । ଐତିହାସିକ ସିଲ୍‌ଭାନ୍ ଲେଭି ଏହାକୁ ଖାରବେଳଙ୍କ ଶିଳାଲିପିରେ ବର୍ଣ୍ଣିତ 'ପିଥୁଣ୍ଡ' ଓ ଟଲେମିଙ୍କ ବର୍ଣ୍ଣିତ ପିଟୁଣ୍ଡ୍ର ସହ ସମାନ କରିଛନ୍ତି । ପ୍ଲିନିଙ୍କ ବର୍ଣ୍ଣିତ 'ପାର୍ଥଲିସ' ମଧ୍ୟ ଏହି ସ୍ଥାନ ହୋଇପାରେ । କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ପ୍ରାଚୀନ ଐତିହାସିକ ବନ୍ଦରଟି ଚିହ୍ନିତ ହୋଇପାରି ନାହିଁ । ହାତୀ ଗୁମ୍ଫା ଲିପି ଅନୁଯାୟୀ ଖାରବେଳଙ୍କ ରାଜତ୍ବର ୧୧୩ ବର୍ଷ ପୂର୍ବେ 'ପିଥୁଡ଼ା' ନଗରୀ ବିଧ୍ବସ୍ତ ହୋଇ ସେଠାରେ ତୃଣ ଜଙ୍ଗଲ ସୃଷ୍ଟି ହୋଇଥିଲା । ଡକ୍ଟର ସତ୍ୟନାରାୟଣ ରାଜଗୁରୁ ଚିଲିକା କୂଳର ଏହି 'ପଥରା' ଗ୍ରାମକୁ ପ୍ରାଚୀନ 'ପିଥୁଡ଼ା' ନଗରୀର ସ୍ଥାନ ବୋଲି ଅନୁମାନ କରିଛନ୍ତି । ଏ ଅନୁମାନ ବୋଧହୁଏ ଯଥାର୍ଥ, କାରଣ ଏହି ପଥରାରେ ଆଜି ପ୍ରାଚୀନ ବନ୍ଦରର ଅନେକଗୁଡ଼ିଏ ଲକ୍ଷଣ ଦେଖିବାକୁ ମିଳେ । ଏହା ଛଡ଼ା ଏହି 'ପଥରା' ଗାଁ ନିକଟରୁ ଏ ଲେଖକ ତିନୋଟି ଐତିହାସିକ ଉପାଦାନ ଆବିଷ୍କାର କରିଥିଲା । ଏଥିରୁ ଦୁଇଟିର ଚିତ୍ର ଏହି ପ୍ରବନ୍ଧରେ ଦିଆଯାଇଛି ଓ ଅନ୍ୟଟି ଏ ପର୍ଯ୍ୟନ୍ତ ମାଟିରେ ଅଧା ପୋତା ଅବସ୍ଥାରେ ରହିଛି । ପ୍ରଥମ ଚିତ୍ରଟିରେ ପଦ୍ମାସନରେ ବସିଥିବା ଜଣେ ସନ୍ନ୍ୟାସୀଙ୍କୁ ଦେଖିବାକୁ ମିଳେ । କିନ୍ତୁ ତାଙ୍କ ମୁଣ୍ଡରେ ମୁକୁଟ ବା ପଗଡ଼ି ରହିଛି । ଗୋଟିଏ ମନ୍ଦିରାକାର ପଥର ଖୁଣ୍ଟିରେ ଏହା ଖୋଳା ଯାଇଛି । ଏହି ମୂର୍ତ୍ତିର ତଳେ ଗୋଟିଏ ଶିଳାଲିପି ଥିଲା । ତାହା ଏବେ ପ୍ରାୟ ନଷ୍ଟ ହୋଇ ଯାଇଛି । ଦ୍ବିତୀୟଟିରେ ଗୋଟିଏ ଶିବଲିଙ୍ଗ ଖୋଳା ଯାଇଛି । ଏଥିରେ କୌଣସି ଲିପି ନାହିଁ ଓ ଏହାର ଚୂଡ଼ାଟି ଭାଙ୍ଗି ଯାଇଛି । ଏଗୁଡ଼ିକ ଅତି ପ୍ରାଚୀନ ମନେ ହେଲେ ମଧ୍ୟ, ପ୍ରକୃତରେ କ'ଣ ଓ କେଉଁ ସମୟର ସହଜରେ ନିର୍ଣ୍ଣୟ କରିହୁଏ ନାହିଁ । ଚିଲିକା କୂଳ ଅଞ୍ଚଳରେ ଏଗୁଡ଼ିକ ପଡ଼ି ରହିଥିବାରୁ ଏହା ଯେ ଦିନେ ସମୁଦ୍ର ଯାତ୍ରା ସହ ସଂପୃକ୍ତ ଥିଲା 'ଏହା ନିଃସନ୍ଦେହରେ କୁହାଯାଇପାରେ । ପ୍ରାଚୀନ ଯୁଗରେ ବଡ଼ବଡ଼ ଜାହାଜମାନଙ୍କରେ ପଥର ନିର୍ମିତ ଲଙ୍ଗର୍ ବ୍ୟବହାର କରାଯାଉଥିଲା । ଭାରତରେ ଏ ପର୍ଯ୍ୟନ୍ତ ତିନୋଟି ପଥର ନିର୍ମିତ 'ଲଙ୍ଗର୍' ଆବିଷ୍କୃତ ହୋଇଛି । ଏଥିରୁ ଦୁଇଟି ଗୁଜୁରାଟର 'ଦ୍ବାରକା' ନିକଟର ସମୁଦ୍ରରୁ ଓ ଅନ୍ୟଟି ରାମେଶ୍ବରମ୍ Gulf of manar ନିକଟର ସମୁଦ୍ରରୁ ମିଳିଛି । ପ୍ରାୟ ତିନି ହଜାର ବର୍ଷ ପୂର୍ବେ ଇଜିପ୍ଟର ଜାହାଜଗୁଡ଼ିକରେ ପଥର ନିର୍ମିତ ଲଙ୍ଗର୍ ବ୍ୟବହାର କରାଯାଉଥିଲା । ଏହି ଲଙ୍ଗରଗୁଡ଼ିକ ଦେଖିବାକୁ ପ୍ରାୟ ପଥର ଖୁଣ୍ଟି ପରି । ପଥରା ଗ୍ରାମ ନିକଟରେ ବାଲାଡର (ବେଳାଡର) ଗ୍ରାମ ପାର୍ଶ୍ବରେ ଧାନ ଜମିରେ ପଡ଼ି ରହିଥିବା ଏହି ମନ୍ଦିରାକୃତି ପଥର ଖୁଣ୍ଟି ତିନୋଟି ସେ ଯୁଗରେ ବ୍ୟବହାର କରାଯାଉଥିବା ଏକ ପ୍ରକାର 'ଲଙ୍ଗର୍' ହୋଇପାରେ । ଏ ବ୍ୟାପାରରେ ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚିବାକୁ ହେଲେ ଏହି ପଥର ସ୍ତମ୍ଭଗୁଡ଼ିକ ଉପରେ ଅଧିକ ଗବେଷଣା ଆବଶ୍ୟକ ।

କୌଣସି ପ୍ରାକୃତିକ ବା ମନୁଷ୍ୟଗତ କାରଣରୁ ପ୍ରାଚୀନ ପଥରା ବନ୍ଦର ଉପେକ୍ଷିତ ହେବା ପରେ, ସେଇ ଅଞ୍ଚଳର ଖୁବ୍ ନିକଟରେ 'ଛତ୍ରଗଡ଼' ବୋଧହୁଏ ବିକାଶଲାଭ କରିଥିଲା । ଏହି 'ଛତ୍ରଗଡ଼' ଅଞ୍ଚଳରେ ଚିଲିକା କୂଳର ଅସୁରୀପାଟନା, ଗଣପତିପାଟନା ଓ ସୁବୁଦ୍ଧିପାଟନା ନାମକ ତିନୋଟି ସ୍ଥାନ ଅଛି । ଏଗୁଡ଼ିକ ଏକଦା ବନ୍ଦର ଥିଲା । ଏହି ବନ୍ଦରମାନ ଛତ୍ରଗଡ଼ର ସମସାମୟିକ, କି ପରେ ବିକାଶଲାଭ କରିଥିଲା କହିବା ସମ୍ଭବ ନୁହେଁ । କିନ୍ତୁ ଏ ସମସ୍ତ ସ୍ଥାନ ପରସ୍ପରର ଏତେ ନିକଟବର୍ତ୍ତୀ ଯେ ଦିନେ ଏ ସମୁଦାୟ ଅଞ୍ଚଳକୁ 'ଛତ୍ରଗଡ଼' କୁହାଯାଉଥିବା ଅସମ୍ଭବ ନୁହେଁ । ଇଜିପ୍ଟର ଭୌଗୋଳିକ 'ଟଲେମି' ଖ୍ରୀ:ଅ: ଦ୍ବିତୀୟ ଶତାବ୍ଦୀରେ ଦକ୍ଷିଣ ପୂର୍ବ ଏସିଆର ବର୍ଣ୍ଣନା କଲାବେଳେ, ବର୍ମାର ଆରାକାନ୍ ଅଞ୍ଚଳର ଯେଉଁ କେତୋଟି ବନ୍ଦର ଓ ବଜାର (ମାର୍ଟ)ର ନାମ ଉଲ୍ଲେଖ କରିଛନ୍ତି, ସେଥିରୁ ଗୋଟିଏ ହେଉଛି 'ବଡ଼କୁର' । ଏହି ନାମ ବର୍ତ୍ତମାନର 'ଅସୁରୀପାଟନା' ନିକଟବର୍ତ୍ତୀ 'ବଡ଼କୁଳ' ନାମର ଅପଭ୍ରଂଶ ହୋଇପାରେ । ବୋଧହୁଏ ବଡ଼କୁଳ ଅଞ୍ଚଳର ଲୋକେ ଖ୍ରୀ:ଅ: ୨ୟ ଶତାବ୍ଦୀ ପୂର୍ବରୁ ବର୍ମା ଯାଇ ବସତି ସ୍ଥାପନ କରି ସାରିଥିଲେ । ଏହା ଯଦି ସତ୍ୟ ହୁଏ, ତେବେ ଏହି ଅଞ୍ଚଳରେ ଏହି ବନ୍ଦରଗୁଡ଼ିକ ନିଶ୍ଚୟ ଦୁଇ ହଜାର ବର୍ଷ ପୂର୍ବରୁ ରହିଥିଲା ।

ପଥରା-ଛତ୍ରଗଡ଼ ଅଞ୍ଚଳକୁ ବାଦ୍ ଦେଲେ ଏହି ଅଞ୍ଚଳରେ ଆଉ ଏକ ପ୍ରଧାନ ବନ୍ଦର ବୋଧହୁଏ "ଖଣ୍ଡୁଆଳ କୋଟ" ନିକଟରେ ରହିଥିଲା । ଏହା ନିକଟରେ ଚିଲିକା କୂଳରେ ଗୋଟିଏ ପାହାଡ଼ର ସର୍ବୋଚ୍ଚ ଚୂଡ଼ାରେ ଗୋଟିଏ ପଥର ଖୋଳା 'ପ୍ରଦୀପ' ରହିଛି । ଏହା ଛଡ଼ା ଏହି ପାହାଡ଼ ପାଦ ଦେଶରେ ଗୋଟିଏ ଶିବ ମନ୍ଦିର ଅଛି । ଏହି ଶୈବ ପୀଠକୁ ବର୍ତ୍ତମାନ ସ୍ଥାନୀୟ ଲୋକେ "କଳିଯୁଗେଶ୍ବର" କିମ୍ବା 'ଜଳେଶ୍ବର'

କହୁଛନ୍ତି । ବୋଧହୁଏ 'କଳିଙ୍ଗେଶ୍ୱର' ନାମ କ୍ରମେକ୍ରମେ ଅପଭ୍ରଂଶ ହୋଇ ଆଜି ଏପରି ହୋଇଛି । ଏହି ନାମ ଦୃଷ୍ଟିରୁ, ଏହା ଏକ ପ୍ରାଚୀନ ବନ୍ଦର ହୋଇଥିବା ଭଳି ମନେ ହୁଏ । ହୁଏନ୍‌ସାଂ 'ଚେଲିଟାଲୋ' ବନ୍ଦରରୁ ଅନ୍ଧକାର ରାତ୍ରୀରେ ଯେଉଁ ଆଲୋକ ଦେଖୁଥିଲେ, ତାହା ବୋଧହୁଏ ଏହି ଖଣ୍ଡୁଆଳ କୋଟ୍ ନିକଟସ୍ଥ ପାହାଡ଼ ଉପର ପ୍ରଦୀପ ଶିଖା । ଛତ୍ରଗଡ଼ ଠାରୁ ଏହା ଦେଖାଯିବା ନିଶ୍ଚିତ ଭାବରେ ସମ୍ଭବ ।

ଛତ୍ରଗଡ଼ ଅଞ୍ଚଳର ଆହୁରି ଏକ ଐତିହାସିକ ଗ୍ରାମ ହେଲା—ନୂଆଗଡ଼ । ଏହା ଭାଲେରୀ ପାହାଡ଼ର ପାଦଦେଶରେ ଅବସ୍ଥିତ । ବୋଧହୁଏ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଛତ୍ରଗଡ଼ ପରିତ୍ୟକ୍ତ ହେବା ପରେ, ଏହାର ବାସିନ୍ଦାମାନେ ଏହି ଉଚ୍ଚଭୂମିକୁ ଉଠିଯାଇ ବସବାସ ଆରମ୍ଭ କରିଥିଲେ । ବର୍ତ୍ତମାନ ଏ ଗାଁର ବିଭିନ୍ନ ସ୍ଥାନରେ ଅନେକଗୁଡ଼ିଏ ପଥର ମୂର୍ତ୍ତି ପଡ଼ି ରହିଥିବାର ଦେଖାଯାଏ । ମାତ୍ର ଦୁଇ ମାସ ତଳେ ଏ ଲେଖକ ଏଠାରେ ପ୍ରାୟ ୧୪/୧୫ଟି ଏପରି ମୂର୍ତ୍ତି ଦେଖିଥିଲା । ଅଧିକାଂଶ କ୍ଷେତ୍ରରେ ଏହି ମୂର୍ତ୍ତି ଖୋଳା ପଥରଗୁଡ଼ିକ ମାଟିରେ ଅଧା ପୋତା ଅବସ୍ଥାରେ ରହିଛି । ଏ ଗୁଡ଼ିକର ଆକାର ଏତେ ବଡ଼ ଯେ, ତାକୁ ଗୋଟିଏ ଉଠାଇବା ପାଇଁ ପ୍ରାୟ ୮/୧୦ ଜଣ ଲୋକ ଦରକାର ହେବେ । ଏଥିରୁ ଗୋଟିଏ ପରୀକ୍ଷା କରି ଦେଖାଗଲା ଯେ, ଏଥିରେ ଢାଲ ଓ ବର୍ଚ୍ଛା ଧରିଥିବା ଜଣେ ସୈନିକର ଅସ୍ପଷ୍ଟ ଛବି ଖୋଳାଯାଇଛି ; ଅନ୍ୟଗୁଡ଼ିକ ଠିକ୍ ସେହିପରି ହୋଇଥାଇ ପାରେ । 'ପଥରା' ଗାଁରେ ପଡ଼ି ରହିଥିବା ମନ୍ଦିରାକୃତି ପଥର ଖୁଣ୍ଟି ଠାରୁ ଏହା ଆକାରରେ ବଡ଼ ଓ ପୃଥକ ହୋଇଥିଲେ ବି, ଠିକ୍ ସେହି ଖୁଣ୍ଟି ପରି ଏହାର ଗୋଟିଏ ପାର୍ଶ୍ୱରେ ମୂର୍ତ୍ତି ଖୋଳାଯାଇଛି । ଏଗୁଡ଼ିକ ଲଙ୍ଗର୍ ରୂପେ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିଲା ଭଳି ମନେ ନହେଲେ ବି, ବୋଧହୁଏ ସୁଦୂର ଅତୀତରେ, ଏହା ନୌଯାତ୍ରା ସହିତ କୌଣସି ଭାବରେ ସମ୍ପୃକ୍ତ ଥିଲା । ସେପରି ହୋଇ ନଥିଲେ, ଏଗୁଡ଼ିକ ଏତେ ସଂଖ୍ୟାରେ ଏହି ଚିଲିକା କୂଳବର୍ତ୍ତୀ ଅଞ୍ଚଳରେ ଆଜି ପର୍ଯ୍ୟନ୍ତ ପଡ଼ି ରହି ନଥାନ୍ତା । ଏ ସମ୍ପର୍କରେ କୌଣସି ସ୍ଥିର ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ଏ ଗୁଡ଼ିକର ପ୍ରତ୍ନତାତ୍ତ୍ୱିକ ପରୀକ୍ଷା ହେବା ନିତାନ୍ତ ଆବଶ୍ୟକ ।

ଦକ୍ଷିଣ ପୂର୍ବ ଏସିଆର ଇତିହାସ ଅଧ୍ୟୟନ କଲେ ଦେଖାଯାଏ ଯେ—ସପ୍ତମ ଶତାବ୍ଦୀରେ ମଧ୍ୟ ଜାଭାରେ କଳିଙ୍ଗ (ହୋଲିଙ୍ଗ୍) ନାମକ ଏକ ଶକ୍ତିଶାଳୀ ରାଜ୍ୟ ସୃଷ୍ଟି ହୋଇଥିଲା । ତତ୍‌କାଳୀନ ଚୀନ୍ ରାଜଦରବାରକୁ ଏହି ରାଜ୍ୟରୁ ଖ୍ରୀ:ଅ: ୬୪୦, ୬୪୮ ଓ ୬୬୬ରେ ରାଷ୍ଟ୍ରଦୂତ ଯାଇଥିବା ବୃତ୍ତାନ୍ତ ଟାଙ୍ଗ୍ ବଂଶ (ଟାଙ୍ଗ୍ ଡାଇନେଷ୍ଟି)ର ଇତିହାସରେ ଉଲ୍ଲେଖ ଅଛି । ଏହି ରାଜ୍ୟର ଜ୍ଞାନଭଦ୍ର ନାମକ ଜଣେ ବିଖ୍ୟାତ ବୌଦ୍ଧ ପଣ୍ଡିତଙ୍କ ଅଧୀନରେ ରହି, ଚୀନ୍ ଦେଶର ପରିବ୍ରାଜକ 'ହୁଇ-ନିଂ' କେତେକ ବୌଦ୍ଧ ଧର୍ମଗ୍ରନ୍ଥକୁ ସଂସ୍କୃତରୁ ଚୀନା ଭାଷାକୁ ଅନୁବାଦ କରିଥିଲେ । ବୋଧହୁଏ ଖ୍ରୀଷ୍ଟାବ୍ଦ ଷଷ୍ଠ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ କିମ୍ବା ସପ୍ତମ ଶତାବ୍ଦୀର ପ୍ରଥମାର୍ଦ୍ଧରେ କଳିଙ୍ଗର ଅଧିବାସୀ ବହୁ ସଂଖ୍ୟାରେ ଯାଇ ଜାଭା ଦ୍ୱୀପରେ ବସତି ସ୍ଥାପନ କରିଥିଲେ । ସେଠାକାର ଭାରତୀୟ ନାବିକମାନଙ୍କ ମଧ୍ୟରେ କଳିଙ୍ଗର ଅଧିବାସୀଙ୍କ ସଂଖ୍ୟା ଅଧିକ ହୋଇଥିବାରୁ, ସେ ଦେଶର ଏହି ନୂତନ ରାଜ୍ୟକୁ 'କଳିଙ୍ଗ' ନାମ ଦିଆଯାଇଥିଲା ବୋଲି ଐତିହାସିକ ହିମାଂଶୁ ଭୂଷଣ ସରକାର ମନେ କରନ୍ତି । ଜାଭା ଦ୍ୱୀପରେ କଳିଙ୍ଗ ରାଜ୍ୟ ସୃଷ୍ଟିର କାରଣ ଯାହା ହେଉନା କାହିଁକି, ଏକ ସମୟରେ (ସପ୍ତମ ଶତାବ୍ଦୀରେ) 'ଚେଲିଟାଲୋ' ବନ୍ଦରର ଅଭିବୃଦ୍ଧି ଓ ବିଦେଶରେ 'କଳିଙ୍ଗ' ରାଜ୍ୟର ସୃଷ୍ଟି ସମ୍ଭବ ହୋଇଥିବାରୁ, ଏ ଦୁଇଟି ମଧ୍ୟରେ ଏକ ନିଶ୍ଚିତ ସମ୍ପର୍କ ରହିଥିବା ବିଶ୍ୱାସ କରାଯାଏ ।

---

ଉପ-ନିର୍ଦ୍ଦେଶକ,
ପରିବାର କଲ୍ୟାଣ, ଭୁବନେଶ୍ୱର ।

GP—MP-VI (I. & P. R.) 33—10,000—1-11-1988

जवाहरलाल नेहरू
जन्मशती

JAWAHARLAL NEHRU
CENTENARY

1889 – 1989

Regd. No. C-98/88
XLIV No. 4 UTKAL PRASANGA
Licence No. C. R. N. P. 5—Licensed to post without Pre-Payment

# ସର୍ବସାଧାରଣଙ୍କ ଗୋଚରାର୍ଥେ

ଓଡ଼ିଶା
ରାଜ୍ୟ ସଡ଼କ
ପରିବହନ ନିଗମ
ବସ୍ ଯାତ୍ରୀମାନଙ୍କର ଯାତାୟତର
ସୁବିଧା ନିମନ୍ତେ ରାଜ୍ୟ ମଧ୍ୟରେ
ତଥା ବାହାରେ ଦୈନିକ ୫୬୦ଟି ନିଜସ୍ୱ ବସ୍
ଚଳାଚଳ କରୁଅଛି । ଏହା ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ
ଯାତ୍ରୀଙ୍କୁ ଦୈନିକ ୧୩୧,୭୦୮ କିଲୋମିଟର ରାସ୍ତା
ନିରାପଦରେ ଗମନାଗମନ କରିବାର ସୁବିଧା ଯୋଗାଉଅଛି ।

ଜନସାଧାରଣଙ୍କ ଯାତାୟତର ସୁବିଧା ନିମନ୍ତେ କଟକ, ପୁରୀ,
ଭୁବନେଶ୍ୱର, ସମ୍ବଲପୁର, ଜୟପୁର ଏବଂ ସମସ୍ତ ଜିଲ୍ଲା
ମହକୁମାମାନଙ୍କରେ ସକାଳ ୮ଟା ଠାରୁ ରାତ୍ର ୮ଟା
ପର୍ଯ୍ୟନ୍ତ ଦ୍ରୁତଗାମୀ ବସ୍‌ମାନଙ୍କ ପାଇଁ ଅଗ୍ରୀମ
ଟିକେଟ୍ (ଏଡ୍‌ଭାନ୍‌ସ୍ ବୁକିଙ୍ଗ୍)
ବିକ୍ରି ବ୍ୟବସ୍ଥା
କରାଯାଇଅଛି ।

**ଓଡ଼ିଶାବାସୀଙ୍କ ସେବାରେ**

**ଓଡ଼ିଶା ରାଜ୍ୟ ସଡ଼କ ପରିବହନ**
**ନିଗମ**